# ଦିଗନ୍ତ

## ଜୁନ୍ ୨୦୨୩



**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**
**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ


ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବିଗତ ଏକ ବର୍ଷ ଧରି ୟୁକ୍ରେନ ଆଉ ରଷିଆ ମଧ୍ୟରେ ଯୁଦ୍ଧ ଲାଗି ରହିଛି । ନାଟୋ ଗୋଷ୍ଠୀ ଦେଶମାନଙ୍କ ପାଖରୁ ଅନେକ ପ୍ରକାର ଅସ୍ତ୍ରଶସ୍ତ୍ର ପାଇ ୟୁକ୍ରେନ ଯୁଦ୍ଧକୁ କିଛି ମାତ୍ରାରେ ଜିବୀତ ରଖିବାକୁ ସକ୍ଷମ ହୋଇପାରିଛି । ଅନେକ ସହର ସମ୍ପୂର୍ଣ୍ଣ ରୂପେ ଛାରଖାର ହୋଇସାରିଲାଣି ଆଉ ଅନେକ ଜନସାଧାରଣଙ୍କର ମୃତ୍ୟୁ ମଧ୍ୟ ହୋଇସାରିଲାଣି । ଯୁଦ୍ଧବନ୍ଦୀମାନଙ୍କ ସଂଖ୍ୟା ମଧ୍ୟ ଦିନକୁଦିନ ବଢ଼ିବାରେ ଲାଗିଛି । କିନ୍ତୁ ଦୁଇଦେଶ କେହି ପଛଘୁଞ୍ଚା ଦେଉନାହାନ୍ତି । ଆଉ ଏଥିରେ ଲାଭବାନ ହେବାରେ ଲାଗିଛନ୍ତି ଆମେରିକାରେ ଏବଂ ୟୁରୋପୀୟ ଦେଶମାନଙ୍କରେ ଥିବା ଅସ୍ତ୍ରଶସ୍ତ୍ର ବିକ୍ରେତାମାନେ । ଆମେରିକା ଏହି ଯୁଦ୍ଧରେ ନିଜ ଦେଶରେ ଥିବା ଅସ୍ତ୍ରଶସ୍ତ୍ର ଉଦ୍ୟୋଗ ମାନଙ୍କ ଜରିଆରେ ନିଜ ଦେଶର ଅର୍ଥନୀତି କୁ ବଢ଼ିବାପାଇଁ ଚେଷ୍ଟା କରୁଛି । ଅନ୍ୟ ନାଟୋ ଗୋଷ୍ଠୀର ଦେଶମାନେ ମଧ୍ୟ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ମଧ୍ୟ ପଛଉ ନାହାନ୍ତି । କିନ୍ତୁ ସାଧାରଣ ଜନତା ଯେଉଁମାନେ କି ଯୁଦ୍ଧ ଦ୍ୱାରା ହନ୍ତସନ୍ତ ହେଉଛନ୍ତି, ସେଥିପ୍ରତି କାହାର ଧ୍ୟାନ ନାହିଁ । ଏହି ଯୁଦ୍ଧ ଏବେ ପୃଥିବୀକୁ ପ୍ରାୟତଃ ଦୁଇ ଭାଗରେ ବିଭକ୍ତ କରିଦେଇଛି । ଗୋଟିଏ ପଟେ ନାଟୋ ଦେଶମାନେ ଏବଂ ଅନ୍ୟ ପକ୍ଷରେ

ISSN NO.
2582-208X

ରଷିଆକୁ ସାହାଯ୍ୟ କରୁଛନ୍ତି ଚୀନ, ଦକ୍ଷିଣ କୋରିଆ, ଇରାନ ଆଉ ବେଲାରଷ ପରି ଦେଶ । କିନ୍ତୁ ଅପରପକ୍ଷରେ ଭାରତ ଭଳି କିଛି ଦେଶ ନିରପେକ୍ଷ ରହିବା ହିଁ ଶ୍ରେୟ ଭାବୁଛନ୍ତି । ଭାରତର ପଦକ୍ଷେପ ହେଉଛି ତାହା, ଯାହା ହେଉଛି ତାର ଦେଶବାସୀଙ୍କ ପାଇଁ ଭଲ । ଆଉ ଏଥିପାଇଁ ନାଟୋ ଦେଶମାନଙ୍କ ସହ ଭଲ ସଂପର୍କ ରଖିବା ସହ ରଷିଆ ସହିତ ମଧ୍ୟ ଭଲ ସଂପର୍କ ରଖିଛି ଭାରତ । ଆଉ ଏହାର ଫଳ ମଧ୍ୟ ଦେଖିବାକୁ ମିଳିଛି । ଡଲାର କୁ ହଟାଇ ଭାରତ ଏବେ ରଷିଆ ସହିତ ରପୟା ମାଧ୍ୟମରେ ଲେଣଦେଣ କରୁଛି ଆଉ ଏହାଦ୍ୱାରା କିଛି ବିଦେଶୀ ମୁଦ୍ରାକୁ ମଧ୍ୟ ସଞ୍ଚୟ କରିବାରେ ଲାଗିଛି ।

ଯୁଦ୍ଧ କେବେ କୌଣସି ସମସ୍ୟାର ସମାଧାନ କରିନଥାଏ । କିନ୍ତୁ ତାହା ସତ୍ୱେ ଅନେକ ଦେଶ ନିଜର ଆଧିପତ୍ୟ ବିସ୍ତାର ପାଇଁ ଯୁଦ୍ଧର ଭୟ ଦେଖାଇବା ସହ ଯୁଦ୍ଧ କରିବାକୁ ମଧ୍ୟ ପଛାଇ ନଥାନ୍ତି । କିନ୍ତୁ ଏହା ମଧ୍ୟ ଜାଣିରଖିବା ଉଚିତ ଯେ ଯୁଦ୍ଧ କରୁଥିବା ଦେଶ କେବେ ଆଗେଇ ପାରିନାହିଁ ଆଉ ତାର ଜନସାଧାରଣ ମଧ୍ୟ ଶାନ୍ତିରେ ରହିପାରି ନଥାନ୍ତି । ତେଣୁ ଯୁଦ୍ଧକୁ ଏଡାଇ ଅନେକ ପ୍ରକାରର ବିକଳ୍ପ ମାଧ୍ୟମରେ ଶାନ୍ତି ସ୍ଥାପନ କରିବା ପାଇଁ ଚେଷ୍ଟା କରିବା ଦରକାର ।

ଅରବିନ୍ଦ ମିଶ୍ର

ISSN NO.
2582-208X

ବେଦାନ୍ତୀ

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୨ |
| ରଜ ସ୍ମୃତି ରେ | ପୁଷ୍ପାଞ୍ଜଳି ପଣ୍ଡା | ୨୨ |
| ଅଳସୀ ମୋ ପ୍ରିୟା | ପୁଷ୍ପାଞ୍ଜଳି ମିଶ୍ର | ୨୩ |
| କୋଟିଆ ସମସ୍ୟା | ଶଶଧର ମହାପାତ୍ର | ୨୫ |
| ନିକିମା ଦିନ | ଡକ୍ଟର ବିଜ୍ଞାନୀ ଦାସ | ୨୭ |
| ଖରା ଦିନ | ଡ. ପ୍ରସନ୍ନ କୁମାର ବଳ | ୩୬ |
| କୁକର୍ମର ଫଳ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୮ |
| ମେଘ ଉହାଡେ | ଶାନ୍ତିଲତା ମିଶ୍ର | ୪୦ |
| ତୋ ପଣତ କାନିରେ | ସସ୍ମିତା ପଟ୍ଟନାୟକ | ୪୫ |
| ଛୁପି ଛୁପି ଆସ ବସନ୍ତି ରାତି....! | ଇଂ. ସୁଶାନ୍ତ କିଶୋର ବଳ | ୪୭ |
| ପ୍ରେମ ଅପେକ୍ଷା | ସସ୍ମିତା ନାୟକ | ୫୧ |
| ଓଡିଶାର ଅଦ୍ୱିତୀୟ ବରପୁତ୍ର ମଧୁବାବୁ | ଗୁରୁକଲ୍ୟାଣ ମହାପାତ୍ର | ୫୩ |
| ଜହ୍ନ ଓ ତାରା | ଶୁଭ୍ରାଂଶୁ ଶେଖର ପାଢ଼ୀ | ୫୮ |
| ନାରୀ | ପ୍ରଣତୀ ରଥ | ୬୦ |
| କେବେ ସ୍ୱପ୍ନ ହେବ ସତ | ଲକ୍ଷ୍ମୀପ୍ରିୟା ମହାରଣା | ୬୨ |
| ପୂଜ୍ୟପୂଜା-ଗୋପବନ୍ଧୁ ଚୌଧୁରୀ | ଦିଲ୍ଲୀପ ମିଶ୍ର | ୬୪ |
| ବନ୍ଦୀଶାଳା | ଅଳକା ମହାନ୍ତି | ୬୭ |
| ଆପୂର୍ବ ମେଳ | ଆଶୁତୋଷ ମେହେର | ୬୯ |
| ପ୍ରତୀକ୍ଷା | ରଘୁନାଥ ତ୍ରିପାଠୀ | ୭୦ |

ISSN NO.
2582-208X


| | | |
|---|---|---|
| ଶାନ୍ତନୁ ଆଚାର୍ଯ୍ୟଙ୍କ ଉପନ୍ୟାସ: ଏକ ଶୈଳୀତାତ୍ତ୍ୱିକ ଅଧ୍ୟୟନ | ଡ. ହରିହର ପ୍ରଧାନ | ୭୨ |
| ମା' ସେ ମମତାମୟୀ | ଜୟଶ୍ରୀ ପଟ୍ଟନାୟକ | ୮୬ |
| ବାପା | ଦୀପାଳି ଦାସ | ୮୮ |
| ପ୍ରୟାସ | ଧୀରେନ୍ଦ୍ର କୁମାର ପ୍ରଧାନ | ୯୦ |
| ବିରାଟ ପର୍ବର ବିରାଟ କଥା | ଡା. ସୁଧାଂଶୁ ଭୂଷଣ ମେହେର | ୯୧ |
| ସାଇ ଦର୍ଶନ | କୀର୍ତ୍ତି ଦେବୀ | ୯୮ |
| ନିଷ୍ପ୍ରାପ୍ୟ ଦାମ୍ପତ୍ୟ | କୁଞ୍ଜବିହାରୀ ରାଉତ | ୯୯ |
| ସାମାଜିକ ପ୍ରାଣୀ | ନରେନ୍ଦ୍ର ପ୍ରସାଦ ବେହେରା | ୧୦୧ |
| ବାନପ୍ରସ୍ଥ | ଶାରଦା ପ୍ରସାଦ ପରିଡ଼ା | ୧୦୩ |
| ମାନବିକତା ହଜିଗଲା କେଉଁଠି ? | ବର୍ଷାରାଣୀ ମହାମଲ୍ଲିକ | ୧୨୦ |
| ଲାଗିଛି ଡୋରି ଯିବି ମୁଁ ପୁରୀ | ବିନୋଦିନୀ ଦାଶ | ୧୨୨ |
| ଦୁହିତା | ବାଙ୍କାବିହାରୀ ମହାକୁର | ୧୨୪ |
| ବନ୍ଦ ଝରକା | ବିନୟ ମହାପାତ୍ର | ୧୨୫ |
| ସମସ୍ୟା ଓ ତା'ର ସମାଧାନ | ସଂଯୁକ୍ତା ସାହୁ | ୧୩୬ |
| କାମନା ବିନାଶେ ଦୁଃଖ ବିନାଶ | ଛବି ରାଣୀ ପତି | ୧୩୮ |
| ରାତି | ଦିନେଶ ମେହେର | ୧୪୦ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୪୧ |
| ମଶାଣି ତୁଳସୀ | ଦଣ୍ଡାସି ପ୍ରଧାନ | ୧୪୮ |
| ଦେଶ ପରମ୍ପରା, ଶିକ୍ଷାର ପସରା | ଜୟ କୁମାର ମିଶ୍ର | ୧୫୧ |
| ଜଳ ହିଁ ଜୀବନ | ବାସନ୍ତୀ ଲତା ଜେନା | ୧୫୩ |
| ଦୋଷ ନେବ କିଏ | ବଦ୍ରୀ ମହାନ୍ତି | ୧୫୫ |
| ଯାହାକୁ ଯାହା | ଡ. ଜ୍ଞାନେଶ୍ୱର ମିଶ୍ର | ୧୫୯ |
| ଶ୍ରୀକର ଶୋଭନ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା) | ୧୬୧ |

ISSN NO.
2582-208X


| | | |
|---|---|---|
| ଚାହାଗଛର ଲୁହ | ପ୍ରତିଭା ଦାସ | ୧୭୨ |
| ତୁମେ | ମନୋରମା ମହାନ୍ତି | ୧୭୨ |
| ନିରବିଲା ରବି | ଡ. ଅର୍ଜୁନ ଚରଣ ବାରିକ୍ | ୧୭୩ |
| କୋରାପୁଟର ସୁଷମା | ଦିବାକର ନାୟକ | ୧୭୪ |
| ଚୁଡ଼ି | ମଧୁମିତା ମିଶ୍ର | ୧୭୫ |
| ନମାମି ଶ୍ରୀହରୀ | ଜୟନ୍ତୀ ଦେବୀ | ୧୭୯ |
| ଥରେ ଚିନ୍ତାକରି ଦେଖ | ଅଲେଖ ମେହେର | ୧୮୦ |
| ନାଟକ-ଭଲ ମଣିଷ ଖୋଜିବା ଆସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୮୨ |
| ଦାରୁବ୍ରହ୍ମ | ସତ୍ୟନାରାୟଣ ପ୍ରସାଦ ନାୟକ | ୧୮୬ |
| ଯେତେ ନ ଶୁଣିବ ସେତେ ଡାକୁଥିବି | ରାଜକିଶୋର ସ୍ୱାଇଁ | ୧୮୭ |
| ଶ୍ରୀକାନ୍ତ ନନ୍ଦ ସୁତ କଳାସାଆନ୍ତ | ଅଳକା ବାରିକ୍ | ୧୮୮ |
| କଳ୍ପନାର ଉତ୍ତୁଙ୍ଗ ଶିଖରୁ | ଶେଷଦେବ ପଣ୍ଡା | ୧୮୯ |
| ବାସ୍ତବ ଜୀବନ | କାଳିପ୍ରସାଦ ମହାପାତ୍ର | ୧୯୨ |
| ଲୁହର ଦୀପାଳି ଜାଳେ | ଜନ୍ମଜୟ ନାୟକ | ୧୯୩ |
| ଚାଷୀ ପୁଅ ଅପମାନ | ଚିତରଂଜନ ବେହେରା | ୧୯୪ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୧୯୫ |
| ନଇଁଆସେ ସଞ୍ଜ | ମାନସ ରଞ୍ଜନ ନାୟକ | ୨୦୪ |
| ଅଗ୍ନି ପୁଷ୍ପ | ଚିତ୍ତରଞ୍ଜନ ନାଏକ | ୨୦୬ |
| ଜାହାଜ ଲାଗିଲା ଯାଇ ଆଣ୍ଡାମାନ ଦେଶେ | ପ୍ରିୟବ୍ରତ ପାତ୍ର | ୨୦୭ |
| ନିଦାଘ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୨୧୨ |
| ସ୍ମୃତି ତୁମେ | ମୋନାଲିସା ପଣ୍ଡା | ୨୧୩ |
| ଖରା | ଭାରତୀ ମୁଦୁଲି | ୨୧୫ |
| ଭାଇଚାରାର ଉତ୍ସବ ଶୀତଳଷଷ୍ଠୀ | ହର ପ୍ରସାଦ ସୁଆର | ୨୧୬ |

ISSN NO.
2582-208X



| | | |
|---|---|---|
| ଆଡପ ମଣ୍ଡପ ଶିକ୍ଷା | ତ୍ରିପତି ପ୍ରଧାନ | ୨୨୦ |
| କୋହିନୂର ହୀରା | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୨୨୨ |
| ମୁସ୍କାନ୍ | ରାଧାମୋହନ ପୂଜାହାରୀ | ୨୨୪ |
| ହୃଦୟର କଷ୍ଟ | ଅଲିଭା ମେହେର | ୨୩୧ |
| ଅକ୍ଷୟ ତୃତୀୟା | ନନ୍ଦିନୀ ରାଉତ | ୨୩୩ |
| ବିଶ୍ୱ ରଙ୍ଗମଞ୍ଚ ଦିବସର ମହତ୍ୱ | ଅସିତ ମହାନ୍ତି | ୨୩୪ |
| ପ୍ରିୟାଗୋ ମୋର | ପ୍ରଶାନ୍ତ କୁମାର ଦାଶ | ୨୩୬ |
| ବସନ୍ତର କଢ଼ ଲେଉଟାଣି | ଦୀନବନ୍ଧୁ ବେଜ | ୨୩୯ |
| ହରି ବୋଲ ଭାଇ ହରି ହରି ବୋଲ | ବିଜୟ କୁମାର ସାହୁ | ୨୪୧ |
| ଫେରି ଆସନ୍ତା କି ପିଲାଦିନ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୪୩ |
| ନ୍ତକବି ଭୀମ ଭୋଇ | ପ୍ରଶାନ୍ତ କୁମାର ନାଥ | ୨୪୬ |
| ଆତ୍ମଲିପି | ଦୀପଙ୍କର ଜେନା | ୨୪୭ |
| ନିଶିଥିନୀର ନାୟିକା | ବିଶ୍ୱଜିତା ବରାଳ | ୨୪୯ |
| ସହଧର୍ମିଣୀ | ପ୍ରଦୀପ୍ତ କୁମାର ମିଶ୍ର | ୨୫୧ |
| ପାରିବ କି କହି ? | ଝରଣା ବାରିକ | ୨୫୪ |
| ରାଜଧାନୀରେ ବର୍ଷା | କୁଞ୍ଜ ବିହାରୀ ସାହୁ | ୨୫୫ |
| ଦାଦନର ଦୁଃଖ | ବେଣୁଧର ସୂତାର | ୨୫୯ |
| ଇଚ୍ଛାଭିଷାର | ଇଂ. ଆଶୋକ କୁମାର ପଟ୍ଟନାୟକ | ୨୬୧ |
| ଅଚିହ୍ନା ବନ୍ଧନ(ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୬୩ |
| ସକଳ ସମ୍ପଦ | ଅଭିଳାଶ ବାରିକ୍ | ୨୬୬ |
| ବନ୍ଧୁ | ସନାତନ ଦାସ | ୨୬୭ |
| ଭଲ ଲାଗେ | ଆଶିଷ କୁମାର ବଣିଆଁ | ୨୬୮ |
| ଇର୍ମେ | ବୈଶାଖୀ ଦୀପ | ୨୬୯ |

ISSN NO.
2582-208X


| | | |
|---|---|---|
| ପ୍ରେମ | ନମିତା ସା | ୨୭୫ |
| ବସୁନ୍ଧରା ର ସ୍ୱର | ସୁଶ୍ରୀ ଶୁଭସ୍ମିତା ମହାନ୍ତି | ୨୭୭ |
| ମାଆଙ୍କ ପାଇଁ ପଦେ | ମନୋଜ କୁମାର ଅଦା | ୨୭୮ |
| ଲୋକସଂସ୍କୃତି ପରମ୍ପରାରେ ପାରାଦ୍ୱୀପର କଳିଙ୍ଗ ବାଲିଯାତ୍ରା | ଆର୍ଯ୍ୟରଶ୍ମି ଦଳାଇ | ୨୭୯ |
| ପୂର୍ଣ୍ଣତା ଆଡକୁ ଗୋଟିଏ ପାଦ | ଶୁଭେନ୍ଦୁ ମେହେର | ୨୮୩ |
| ବ୍ୟାସକବି | ଅମରନାଥ ବାରିକ | ୨୮୫ |
| ମାନବ ଧର୍ମ | ଦେବଦତ୍ତା ଦେବୀ | ୨୮୬ |
| ଶ୍ରୀୟା ବର | ଡକ୍ଟର ଅଭିମନ୍ୟୁ କାନୁନଗୋ | ୨୯୨ |
| ଜିଲିପି | ଅଜୟ କୁମାର ମହାନ୍ତି | ୨୯୩ |
| ସମ୍ମୋହନ | ଅମୃତନାରାୟଣ ଶତପଥୀ | ୨୯୫ |
| ନଟବର | ଦେବଯାନୀ ବାରିକ୍ | ୨୯୬ |
| ମୋ ଗାଁ ଭୁଷଲାଡ | ଟିକେରାଜ ସାହୁ | ୨୯୭ |
| ଅତୀତର ରଜ | ଅମ୍ବିକା ସ୍ୱାଇଁ | ୨୯୯ |
| ପ୍ରେମ | ରଜନୀ ନାୟକ | ୩୦୩ |
| ମାଆ ମୋର ଅଟେ ସିଏ | ପ୍ରକାଶ କୁମାର ଚାନ୍ଦ | ୩୦୫ |
| ବିଜ୍ଞାନ ଯୁଗ ରେ ଆଧ୍ୟାତ୍ମିକତା ର ଭୂମିକା | ବିଶ୍ୱଜିତ୍ ନାଥ | ୩୦୬ |
| ଶ୍ରୀ ଜଗନ୍ନାଥ | ସଙ୍ଗୀତା ମହାନ୍ତି | ୩୧୦ |
| ଆତ୍ମଜୀବନୀ | ନିରଞ୍ଜନ ସାହୁ | ୩୧୧ |
| ଆମ ଭାଷା ଆମ ଅଦାଲତ ଆମ ଦେଶ | ଗଜାନନ ମିଶ୍ର | ୩୧୨ |
| ନାରୀ | ସ୍ମୃତି ରେଖା ନାୟକ | ୩୧୬ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ନାରୀ | ଦେବାର୍ଚ୍ଚନ ମେହେର | ୩୧୭ |
| ରାଜନୈତିକ ପଶାପାଲି ରେ ଚାଉଳ | ଅଳକା ରାୟ | ୩୧୯ |
| ନାସ୍ତିକ ଉବାଚ | ସିଦ୍ଧେଶ୍ୱର ତ୍ରିପାଠୀ | ୩୨୨ |
| ସ୍ମୃତି ଚିହ୍ନ | ସୁହଂସ ଭୋଇ | ୩୨୪ |
| ଛତରା ପ୍ରଫେସର | ଅରୁଣ କୁମାର ତ୍ରିପାଠୀ | ୩୨୫ |
| ଶ୍ରିଭୂଜେ ଦୟଣା | ମାଳତୀ ଦେବୀ | ୩୩୦ |
| ହେଲି ମୁଁ ହଟ ହଟା | ବିକାଶ କୁମାର ହୋତା | ୩୩୧ |
| ବିଲେଇର ବିଶ୍ୱରୂପ | ପ୍ରଦୀପ କୁମାର ପଣ୍ଡା | ୩୩୪ |
| ଭଗାରୀ | ଅପର୍ଣ୍ଣି ସେଠୀ | ୩୩୮ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୩୪୦ |
| କ୍ରାନ୍ତି | ଅଜିତ ପାଢ଼ି | ୩୪୪ |
| କର୍ତ୍ତବ୍ୟ | ଦୁଷ୍ମନ୍ତ ବେହେରା | ୩୪୫ |
| ପଲ୍ଲୀର ସୁରଭି "ସିଲି" | ରାମ ଚନ୍ଦ୍ର ପ୍ରଧାନ | ୩୪୬ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୪୯ |
| କ୍ରାନ୍ତିସୂର୍ଯ୍ୟ ଗୁରୁ ମହାତ୍ମା ଫୁଲେ | ବେଣୁଧର ସୁରୁଜାଳ | ୩୫୦ |
| ଆଧୁନିକ କବିତା ଲିଖନ-ଏକ ଅନୁଶୀଳନ | ପ୍ରତାପ ଚନ୍ଦ୍ର ସାହୁ | ୩୫୧ |
| ନେତାଜୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୫୪ |
| ପ୍ରେମକୁ କିଣନ୍ତି ବାଗ | ତାରାପ୍ରସାଦ ଜେନା | ୩୫୫ |
| ମୁଁ ଥୁଣ୍ଟା ବରଗଛ ଟିଏ | ଦ୍ରୌପଦୀ ମିଶ୍ର | ୩୫୬ |
| ସ୍ମୃତିର ଆଇନା | ପୂଜା ଷାଣ୍ଡ | ୩୫୮ |
| ପଟେ ପାଉଁଜି ଭିନ୍ନ ଏକ ପ୍ରେମ କାହାଣୀ | ଅନନ୍ତ କୁମାର | ୩୫୯ |
| ମଣିଷ ଓ ଭୂତର ବନ୍ଧୁତ୍ୱ | ଲକ୍ଷ୍ମଣ ଭୋଇ | ୩୬୨ |

ISSN NO.
2582-208X


| | | |
|---|---|---|
| ମୁଁ ଏକ ଅନାଥ ଟିଏ | ରାଧାରାଣୀ ରାଉଳ | ୩୬୪ |
| ଜୀମୂତବାହନ - ମଳୟବତୀ ବିବାହ | ନରେନ୍ଦ୍ର ପ୍ରସାଦ ବେହେରା | ୩୬୫ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଗ୍ରୀଷ୍ମ ଋତୁ ରେ ସ୍ୱାସ୍ଥ୍ୟ ର ଯତ୍ନ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୬୮ |
| ଅଣ୍ଡା ଠାରୁ ଅଧିକ ପୁଷ୍ଟିସାର ଏହି ତିନୋଟି ଖାଦ୍ୟ - ସ୍ୱାସ୍ଥ୍ୟ ପାଇଁ ହିତକର | ଡାକ୍ତର ଅଭିମନ୍ୟୁ କାନୁନଗୋ | ୩୭୨ |
| **ଆମ ହାଣ୍ଡିଶାଳ** | | |
| କର୍ଣ୍ଣ କଟଲେଟ୍ | ଜୟନ୍ତୀ ଦେବୀ | ୩୭୫ |
| ଭେଜିଟେରିଆନ୍ କିମା | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୭୬ |
| ସାହି ଟୁକୁଡା | ଅଳକା ବାରିକ୍ | ୩୭୭ |
| ଆଚାରି ଆଳୁ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା) | ୩୭୮ |
| **ଆଞ୍ଚଳିକ** | | |
| ନୀଲମାଧବ ସାହିତ୍ୟ : ଗୁଟେ ଆଲୋଚନା | ବ୍ରଜମୋହନ ମେହେର | ୩୮୦ |
| ଚାଷୀ' କୋଟି ମୁଡିଆ | ସୁନୀଲ କୁମାର ଅଗସ୍ତି | ୩୯୨ |
| ଖରା ମାସର୍ ଗୁଲ୍ ଗୁଲା ଇଟା ତ ଖରାମାସର୍ ଗୁଲ୍ ଗୁଲା | ମାନସ ରଂଜନ ସାହୁ | ୩୯୪ |
| ସତ କେଭେଁ ନାଇଁ ଲୁକେ | ସତ୍ୟନାରାୟଣ ମିଶ୍ର | ୩୯୬ |
| ପେରେମ୍ କଥାନୀ | ପ୍ରତିମା ମେହେର | ୩୯୮ |

ISSN NO.
2582-208X

# ଶିଶୁ ବିଭାଗ


| | | |
|---|---|---|
| ଖେଳ ପଣାର ମଜା | ଡ଼ଃ ରଞ୍ଜିତ କୁମାର ସାହୁ | ୪୦୦ |
| ଗପ ହେଲେ ବି ସତ | ଅମରନାଥ ବାରିକ | ୪୦୩ |
| ଦୋଳି ପରବ | ନୀଳମଣି ଗୃନ୍ଦ | ୪୦୫ |
| ଆଇସକ୍ରିମ ବାଲା | ମୀନାକ୍ଷି ପାଢ଼ୀ | ୪୦୬ |
| ଚାଲ ଆମେ ଇସ୍କୁଲ ଯିମା | ଆଲୋକ କୁମାର ପଣ୍ଡା | ୪୦୮ |
| ପେଟ | କାଳପ୍ରସାଦ ମହାପାତ୍ର | ୪୦୯ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୧୧ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୧୨ |
| ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୧୫ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୧୬ |


## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୧୨-ଚିହ୍ନା ପରିଜନ

"ସତରେ?"- ଅସୀମ ଆଶ୍ଚର୍ଯ୍ୟ ହୋଇ କେବଳ କହିପାରିଲେ ।

ଗ୍ରେସୀ ରଞ୍ଜ ସଂପ୍ରଦାୟର ମହିଳା ବୋଧେ । କ୍ୟାପଟେନ ମୁଥୁ ଅନ୍ୟ ଜାଗାର ଲୋକ । କିନ୍ତୁ ତାଙ୍କ ପୁଅ ଭଲପାଇ ଗ୍ରେସୀକୁ ବିବାହ କରିଥିଲା । ଗ୍ରେସୀ ଦେଖିବାକୁ ସେମିତି ଅତି ସୁନ୍ଦରୀ ଥିଲା ବୋଲି କହିହେବନି । କିନ୍ତୁ ତା'ର କାମକୁ କେହି ଖୁଣି ପାରିବେନି । ସେ ବହୁତ ପରିଷ୍କାର ପରିଚ୍ଛନ୍ନ ରୁହେ ଆଉ କାମ ତା'ର କରିବା ଶୈଳୀ ବେଶି ନିଖୁଣ । ଫାଇଲକୁ ଠିକ ଭାବେ ରଖିବା, ନିଜ କାମ ଜାଗାକୁ ପରିଷ୍କାର ତଥା ଆଖପାଖକୁ ପରିଷ୍କାର ରଖିବା, ନିଜ କାମ ଠିକ ସମୟରେ କରିବା, ଆଉ କାମରେ କିଛି ଭୁଲ ନଥିବା ଗ୍ରେସୀର ବହୁତ ଭଲ ଗୁଣ ଥିଲା । ଅସୀମଙ୍କୁ ଲାଗିଲା କ୍ୟାପଟେନ ମୁଥୁଙ୍କ କଥା ତଥା ବ୍ୟବାହାର ଓ ଶାଳୀନତା ଗ୍ରେସୀ ନିଜ ଆଚାର ବ୍ୟବହାରରେ ଆଣିପାରିଛି ।

"ଗ୍ରେସୀର ଶ୍ୱଶୁର ନିଶ୍ଚିତ ଭାବରେ ହେଉଛନ୍ତି କ୍ୟାପଟେନ ମୁଥୁ ।"- ଅସୀମ ମନକୁ ମନ କହିଲେ । ସେ ନିଜ ଭିତରେ କଥାକୁ ନିଶ୍ଚିତ କରିବାକୁ ଚାହୁଁଥିଲେ । ତାଙ୍କୁ ଲାଗୁଥିଲା ବିବାହ ପରେ ଉପଯୁକ୍ତ ଘରକୁ ଯାଇଛି ଗ୍ରେସୀ । ଭଲ ବ୍ୟବାହାର ଶିଖିପାରିଛି ଆଉ ନିଜ ଚାରିପାଖକୁ ସୁସଂଜତ ରଖିପାରିଛି ।

ISSN NO.
2582-208X

ସୁନ୍ଦରମ ଗ୍ଭଲିଗଲା । କିନ୍ତୁ ଅସୀମ ଭ୍ଭବିଲେ କେବଳ ଗ୍ରେସୀ କ୍ୟାପଟେନ ମୁଥୁଙ୍କ ବୋହୂ ହେବାଯୋଗୁ ଗର୍ବ ଅନୁଭବ କରୁଥିବ ନା ନିଜର ଗୁଣ ଆଉ ସମସ୍ତେ ତା'କୁ ପ୍ରଶଂସା କରୁଥିବା ହେତୁ ସନ୍ତୁଷ୍ଟ ଥିବ ନା ନିଜ କାମ କରୁଥିବା ଅଫିସ ପାଇଁ ନିଜକୁ ବଡ ଭ୍ଭବୁଥିବ। ଶେଷରେ ସେ ଭ୍ଭବିଲେ ଗ୍ରେସୀ କ୍ୟାପଟେନ ମୁଥୁଙ୍କ ବୋହୂ ହେବା ସତ୍ତ୍ୱେ ଏକ ଭଲ ଅଫିସରେ କାମ କରୁଥିବା ହେତୁ ନିଜ ସ୍ଥାନ ପାଇଁ ଗର୍ବ ଅନୁଭବ କରୁଥିବ । ତାଙ୍କୁ ଲାଗିଲା କାରଣଟା ତାଙ୍କ ଅଫିସର ମୁଖ୍ୟ ହଲରେ ଥିବା ଏକ ବଡ ଶିଲଡ । ସେଇଟା ଦେଖି ଗ୍ରେସୀ ନିଜକୁ ବଡ ଭ୍ଭବୁଥିବ । ସେ ସେହି ଶିଲଡକୁ ଯେମିତି ଆଖି ଆଗକୁ ନେଇଆସିଲେ ।

ଅଫିସରେ ଡି.ଏଫ.ଓ.ଙ୍କ ଗ୍ଭମ୍ବରର ଠିକ ବିପରୀତରେ ଥିଲା ଅଫିସର ବଡ ହଲ । ଏକ କରିଡର ଅଫିସ ପଛରେ ଯାଇ ଶେଷ ହେଉଥିଲା ଆଉ ସେଇଠି ଲାଗିଥିଲା ଏକ କବାଟ ଯାହା ଖୋଲା ରହୁଥିଲା । ଉଭୟ ବାମ ଡାହାଣରେ କିଛି କିଛି କୋଠରୀ ଥିଲା ଯାହା ଅଲଗା ଅଲଗା କାମ ପାଇଁ ବ୍ୟବହୃତ ହେଉଥିଲା । ଅଫିସର ମୁଖ୍ୟ ହଲରେ ବଡବାବୁ ନରେନ୍ଦର ଲାଲଙ୍କ ଟେବୁଲ ଥିଲା ସବୁଠାରୁ ବଡ । ତାଙ୍କ ଟେବୁଲ ଉପରେ ଫାଇଲମାନ ବୋଝେଇ ହୋଇ ରହୁଥିଲା । ଏତେ ଫାଇଲ ଥିବା ସତ୍ତ୍ୱେ ହଲରେ ଶୋଭ୍ଭପାଉଥିଲା ସେ ବଡ ଶିଲଡ ଯାହାର ଉଚ୍ଚତା ଯେକୌଣସି ଫାଇଲର ମୋଟାଇ ଠାରୁ ବହୁ ଅଧିକ ଥିଲା । ତେଣୁ ତା'କୁ ଷ୍ଟାଫମାନେ ଗର୍ବର ସହ ଅନାଇ ରୁହନ୍ତି । ଏହା ନିଶ୍ଚିତ ଭ୍ଭବେ କାଗଜର ଫାଇଲ ଠାରୁ ମୂଲ୍ୟବାନ ମନେ କରନ୍ତି । ଅନ୍ୟମାନେ ଯେତେ ନଅନାନ୍ତୁ, ଗ୍ରେସୀ ନିଶ୍ଚିତ ଭ୍ଭବେ ଶିଲଡକୁ ଅନାଇ ରୁହେ । ଏକ ଆର୍ମି ଅଫିସର ଘରେ ଶିଲଡର ମହତ୍ତ୍ୱ ଅଧିକ । ଏ ଶିଲଡ କଥା ଗ୍ରେସୀ ନିଶ୍ଚିତ ଭ୍ଭବେ ନିଜ ଶ୍ୱଶୁରଙ୍କୁ କହୁଥିବ ।

ବେଳେବେଳେ ଗ୍ରେସୀର ଏମିତି ନିଜ ପରିବେଶକୁ ସଫାସୁତୁରା ରଖିବା ଗୁଣ ଦେଖି ଆଉ କ୍ୟାପଟେନ ମୁଥୁଙ୍କ rank କଥା ମନେପକାଇ ଅସୀମ ଭ୍ଭବନ୍ତି କ୍ୟାପଟେନ ମୁଥୁ ଏଠି କ'ଣ ପାଇଁ ରହିଗଲେ ? ସେମିତି ତ ଏଠାକାର ଲୋକମାନେ ଏତେ ମାର୍ଜ୍ଜିତ ହୋଇପାରିନାହାନ୍ତି । ସେ ହୁଏତ ଏକ ବଡ ପରିବେଶକୁ ଯାଇ ଏହାଠାରୁ ଖୁସିରେ ରହିପାରିଥାନ୍ତେ । କ୍ୟାମ୍ପବେଲ ବେ ଯେ ସବୁଠୁ ଭୂକମ୍ପ ପ୍ରଭ୍ଭବିତ ଅଞ୍ଚଳ ମଧ୍ୟରେ ଅନ୍ୟତମ । ରିଙ୍ଗ ଅଫ ଫାୟାର ଏକ ଅଂଶ । ଏକଥା ସେ ଜାଣିଥିବେ । ଜିଓଲୋଜିକାଲ ଫର୍ମେସନ ଦୃଷ୍ଟିରୁ ଏତେ ଷ୍ଟେବଲ ବା ସ୍ଥିର ନୁହେଁ । ତଥାପି ଆର୍ମିର ଏକ ଅଫିସର ହୋଇ ସେ ଏଠାରେ ବସବାସ କରିବାକୁ ଆସିଗଲେ । ଅନ୍ୟ ସେନା କର୍ମଗ୍ଭରୀମାନେ ହୁଏତ ଭୌଗଳିକ ସ୍ଥିତି ଏତେ

ISSN NO.
2582-208X

ବୁଝିପାରିବେନ । ଏଠି ତ ସବୁ ହୁଏତ ଦିନେ ଅବ୍ୟବସ୍ଥିତ ହୋଇଯିବ । ସେ ଏଠାକୁ କେମିତି ଆଉ କାହିଁକି ଆସିଲେ ବୋଲି ପ୍ରଶ୍ନ କରିବାକୁ ଅସୀମଙ୍କ ଇଚ୍ଛା ହୁଏ । କ୍ୟାପଟେନ ମୁଥୁ ଅସୀମଙ୍କ ମନକଥା ବୁଝି ସିଧା ନକହିଲେ ମଧ୍ୟ ପରୋକ୍ଷରେ କୁହନ୍ତୁ । ସାମରିକ କର୍ମଚାରୀ, ସାମରିକ ଲୋକଙ୍କ ଗହଣରେ ରହିଲେ ଭଲ ଲାଗିବ । ସିଭିଲିଆନ ଅଞ୍ଚଳରେ ଏତେ ଡିସିପ୍ଲିନ ନାହିଁ । ଆର୍ମି ଲୋକ ହୋଇଥିବାରୁ ଦୂରଦୂରାନ୍ତର ଅଞ୍ଚଳ ନିଜ ଅଞ୍ଚଳ ଭଳି ଲାଗେ ।

"ଆପଣ ସେନାର ଜଣେ ଅଫିସର ୟର୍ଙ୍କର ବ୍ୟକ୍ତି । ବଡ ସ୍ଥାନରେ ରହିପାରିଥାନ୍ତେ ।"- ତଥାପି ଦିନେ ଅସୀମ ପ୍ରଶ୍ନ ପଚାରିଦେଲେ ।

"ଭବିତବ୍ୟ । କିଛି ବିଶ୍ୱାସ । କିଛି ଆକର୍ଷଣ । ଆର୍ମିରେ ଯେ ସବୁବେଳେ ନୂଆ ସ୍ଥାନକୁ ଯିବାକୁ ପଡେ । ସେଇଟା ଆକର୍ଷଣ ।"- ଏତିକି କହି କ୍ୟାପଟେନ ମୁଥୁ ହସିଥିଲେ ।

କ୍ୟାପଟେନ ମୁଥୁ ତା'ପରେ ଅସୀମଙ୍କ କୋଠରୀରେ ଥିବା ଶିଲଡକୁ ଅନାଇଲେ । ଡି.ଏଫ.ଓ.ଙ୍କ ପ୍ରକୋଷ୍ଠ ବଡ ଥିଲା । ସେଇ କାଠ ଘର । କାଠରେ ହଳଦିଆ ରଙ୍ଗ ଲାଗିଥିଲା । ଭିତରେ ପଡିଥିଲା ଏକ ବଡ ଗୋଲ ଟେବୁଲ ଆଉ ଆଗରେ ଥିଲା କେତେ ଚେଆର । ଫରେଷ୍ଟ ଡିପାର୍ଟମେଣ୍ଟରେ ଏମିତିଆ ଗୋଲ ଟେବୁଲ ପ୍ରାୟ ଦେଖାଯାଏ । ଏହା କନଭିନଏଣ୍ଟ ବା ସୁବିଧାଜନକ ବୋଧେ । ତାଙ୍କ ପଛରେ ଦୁଇଟା ଶିଲଡ, ତା' ଛଡା ଏକ ବହୁତ ବଡ କପ ଥିଲା । ଅସୀମଙ୍କ ଚେଆର ପଛରେ ଥିଲା ଦୁଇଟ ଝରକା ଆଉ କଡରେ ଥିଲା ଏକ ବଡ ମ୍ୟାପ । ମ୍ୟାପର ଆବଶ୍ୟକତା ପଡେ, ନିଜ ସ୍ଥାନର ଅବସ୍ଥିତି ଜାଣିବା ଦରକାର । କ୍ୟାମ୍ପବେଲ ବେର ଏକ ସ୍କେଚ ମ୍ୟାପ ଏକପଟେ ଲଗାଯାଇଥିଲା । ସେହି ମ୍ୟାପରୁ ଜଣାଯାଉଥିଲା କ୍ୟାମ୍ପବେଲ ବେ ବେଶ ଭିତରକୁ ପଶିଆସିଥିବା ଏକ ପ୍ରାକୃତିକ ଉପସାଗର ।

"ଏ ଶିଲଡ ଆଉ ମ୍ୟାପ, ଏଥିରୁ କ'ଣ ବୁଝୁଛନ୍ତି?"- କ୍ୟାପଟେନ ମୁଥୁ କହିଲେ । ଅସୀମ ସତରେ ହଠାତ୍ କିଛି ବୁଝିପାରିଲେନ ।

"ଅତୀତ ଜୀବନ୍ତ ଆଉ ଗୌରବମଣ୍ଡିତ । ଏ ଶିଲଡ ତ ସେଇଆ ମନେ ପକାଇଦିଏ, ନା କ'ଣ କହୁଛନ୍ତି ।"- କ୍ୟାପଟେନ ମୁଥୁ ପୁଣି କହିଲେ । ଅସୀମ ମୁଣ୍ଡ ହଲାଇଲେ । ଏ

ISSN NO.
2582-208X

ଶିଲଡ ନଥିଲେ ସେମାନେ କେଉଁ ସ୍ପୋର୍ଟସ ଇଭେଣ୍ଟରେ ବା ଖେଳ ପ୍ରତିଯୋଗୀତାରେ ଭାଗ ନେଇଥିବେ ବୋଲି କେହି ମନେ ରଖନ୍ତାନ । ସେମାନେ ଦିନେ କେଉଁଠି ଚମ୍ପିଆନ ଥିଲେ ।

"ଉପସାଗର ଏକ ଆଶ୍ରୟ, ମହାସାଗରର ବଡ ତରଙ୍ଗରୁ ରକ୍ଷାଦିଏ । ଆଉ ଆପଣଙ୍କର ସିଲଡ ଏକ ଗୌରବର ସ୍ମାରକ । ଏକ ଗୌରବାନ୍ୱିତ ଅତୀତ ସହ ଏଇ ସ୍ଥାନ ଶେଷ ଆଶ୍ରୟ ହୋଇଯାଇଛି ।"-କ୍ୟାପଟେନ ମୁଥୁ ନିଜ କଥା ଧିରେ କହି ପୁଣି ସାମାନ୍ୟ ହସିଥିଲେ । ବୁଢାଙ୍କର ଉଜ୍ଜ୍ୱଳ କଳା ମୁହଁରେ ଝରକା ଦେଇ ସାମାନ୍ୟ ଆଲୋକ ପଡିଥିଲା ।

୪-ଶିବପ୍ରସାଦ-ଜଣେ ଦୃଢନିଷ୍ଠ ରିସର୍ଚ୍ଚ ସ୍କଲାର

"ଏମିତି ଜାଗାରେ ଏକା ସମୟ କଟାଇବା ଅତ କଷ୍ଟକର ହେଉଥିବ ।"- ଶିବପ୍ରସାଦଙ୍କୁ ଅସୀମ କହୁଥିଲେ ।

ଶିବପ୍ରସାଦ ସେତେବେଳକୁ ସାକନ(SACON)ରେ କାମକରୁଥାନ୍ତି । ସାକନ ବା ସଲ୍ଲୀମ ଅଲ୍ଲୀଙ୍କ ପକ୍ଷୀ ଉପରେ କାମକରୁଥିବା ସଂସ୍ଥା ଆଣ୍ଡାମାନ ନିକୋବରରେ ଅନେକ ଜାଗାରେ ପକ୍ଷୀଙ୍କ ସଂରକ୍ଷଣ ଉପରେ କାମ କରୁଥିଲା । ଶିବପ୍ରସାଦ ମେଗାପଡ ଉପରେ ରିସର୍ଚ୍ଚ କରୁଛନ୍ତି ଆଉ ତାଙ୍କ କାମ କରିବା ଜାଗା ୪୧ କିମି ଓ ୫୧ କିମି ମଧ୍ୟରେ ଅଛି । ସେ ଜଣେ ପଢାଶୁଣା ରିସର୍ଚ୍ଚର । ତାମିଲନାଡୁର କେଉଁ ୟୁନିଭର୍ସିଟି ଅଧିନରେ ପିଏଚଡି କରୁଛନ୍ତି । ମେଗାପଡ ପକ୍ଷୀଟିର ଜୀବନ ଶୈଳୀ ଉପରେ ଭିନ୍ନ ଭିନ୍ନ ତଥ୍ୟ ସଂଗ୍ରହ କରାଯିବ । ଅସୀମ ଭାବନ୍ତି ଏ ରିସର୍ଚ୍ଚରମାନଙ୍କ ଜୀବନ ଅଦ୍ଭୁତ । କେଉଁ ଏକ ପର୍ଯ୍ୟବେକ୍ଷଣ କାମ ପାଇଁ ସେମିତି ପଡି ରହିଥିବେ । କାମଟି ଉପରେ ଟିକିନିଖି ତଥ୍ୟ ସଂଗ୍ରହ କରୁଥିବେ । ତା'ପରେ କେତେ କେତେ ବହି ପଢିବେ, ସନ୍ଦର୍ଭ ପଢିବେ ଆଉ ସେଥିରୁ ଏକ ନଜାଣିହେଥିବା ତଥ୍ୟ ବାହାର କରିବେ । ସେଇ ତଥ୍ୟକୁ ପୁଣି ଫିଲଡ କଣ୍ଡିସନରେ ପରୀକ୍ଷଣ କରିବେ ଆଉ ତା'ପରେ ତାଙ୍କର ଲେଖା ବାହାରିବ । ସେଇଟା ହେବ ତାଙ୍କର ପିଏଚଡି ଥେସିସ । ସେଇଥିରୁ ତାଙ୍କୁ ଡକ୍ଟରେଟ ମିଳିବ ।

ଶିବପ୍ରସାଦଙ୍କୁ ଦେଖିଲେ ଲାଗିବ ତାଙ୍କର ବୟସ ଏଇ ପଚିଶିରୁ ତିରିଶି ଭିତରେ ହୋଇଥିବ । ସାଧାରଣ ଶରୀର, ଖରା ତରାରେ ରହିରହି ବର୍ଣ୍ଣ କଳା ପଡିଗଲାଣି । ମୁହଁ ପ୍ରାୟ ଶିଝିଯାଇଛି । ସମୁଦ୍ରକୂଳରେ କ୍ୟାମ୍ପବେଲ ବେ ଅଞ୍ଚଳର ଖରାରେ ସବୁବେଳେ

ISSN NO.
2582-208X

ବୁଲିଲେ ତ ମୁହଁ ଜଳଯିବା କଥା । ଦେହରେ ସାଧାରଣ କପଡା, ପାଦରେ ଚପଲ ଆଉ ମୁଣ୍ଡରେ ଏକ ଟୋପୀ । ଏଇ ଶିବପ୍ରସାଦଙ୍କର ରୂପଭେକ । ଅବଶ୍ୟ କାନ୍ଧରେ ଏକ ବ୍ୟାଗ ପଡିଥିବ । ସେ ଭିତରେ ଖାତା, ବହି, କାଗଜ କଲମ ସବୁବେଳେ ଥିବ । କିଛି ନୂଆ ତଥ୍ୟ ମିଳଲେ ସେ ସେଥିରେ ଟିପି ନେଉଥିବେ ।

"ସାର୍, କଷ୍ଟ ଲାଗୁନ । – ଶିବପ୍ରସାଦ ହସ ହସ ମୁହଁରେ ଉତ୍ତର ଦେଲେ । ଶିବପ୍ରସାଦ ଏକ ନଇଁ ଯାଇଥିବା ନଡିଆ ଗଛର ଡାଳରେ ବସିଥିଲେ । ଗଛଟା ଉପୁଡି ପଡିଛି ଆଉ ଅଗ ମରିଗଲାଣି । ପଛକୁ ସମୁଦ୍ର । କିଛିଟା ସିଲହାଉଟ ଇଫେକ୍ଟ ଆସୁଥିଲା । ତାଙ୍କ ପଛରେ ବାଲୁଆ ବିଚ ଲମ୍ବିଥିଲା ଆଉ ତାଙ୍କର ବସିଥିବା ନଡିଆ ଗଛଟି ଆଶ୍ଚର୍ଯ୍ୟ ଭାବେ ବାଲିରୁ ମୋଟେ ୩-୪ ଫୁଟ ଉପରେ ଥିଲା । ତେଣୁ ବସିବାକୁ ସୁବିଧା । ଶିବପ୍ରସାଦ ଏକ ହାଫ ପ୍ୟାଣ୍ଟଆଉ ଗେଞ୍ଜି ପିନ୍ଧିଥିଲେ । ମୁଣ୍ଡରେ କ୍ୟାପ ଆଉ ପାଦରେ ସ୍ଲିପର ଥିଲା । ତାଙ୍କ ପଛପଟେ ଢେଉମାନ କୂଳକୁ ମାଡିଆସୁଥିଲା ।

ଅସୀମ ସାମାନ୍ୟ ହସିଲେ । ଶିବପ୍ରସାଦଙ୍କୁ ସେ ଏମିତି ବହୁ ବିଷୟ ପଗ୍ଭରନ୍ତି । କେମିତି ଅଛନ୍ତି, କ'ଣ କରୁଛନ୍ତି, କ କ ଜିନଷ ତାଙ୍କୁ ଦରକାର । ଏମିତି ବହୁ କିଛି । ସେଥିରୁ ଅସୀମଙ୍କର ନଜ ଜ୍ଞାନ ବୃଦ୍ଧି ହୁଏ । କ୍ୟାମ୍ପବେଲ ବେ ର ଜଙ୍ଗଲ ଜୀବଜନ୍ତୁଙ୍କ ଉପରେ ବହୁତ କମ ଲେଖା ହୋଇଛି । ରିସର୍ଚ୍ଚରମାନେ କାମ କରିବା ଫଳରେ ଅନେକ ତଥ୍ୟ ବାହାରକୁ ଆସୁଛି । ସେଥିରେ ପ୍ରକୃତିର ସଂରକ୍ଷଣ ଭଲ ଭାବରେ ହୋଇପାରିବ । ଫରେଷ୍ଟ ଡିପାର୍ଟମେଣ୍ଟରେ ରିସର୍ଚ୍ଚରମାନଙ୍କ ଉପଯୋଗୀତା ବହୁତ ବେଶି ବୋଲି ଅସୀମ ମନେକରନ୍ତି ଆଉ ସେମାନଙ୍କୁ ଯଥା ସମ୍ଭବ ସାହାର୍ଯ୍ୟ କରିଥାନ୍ତି ।

ଅସୀମ ସେଦିନ ଶିବପ୍ରସାଦଙ୍କ କ୍ୟାମ୍ପକୁ ବୁଲି ଆସିଥିଲେ । କିଛି ଗ୍ଭଲିବାକୁ ପଡିଲା । ପ୍ରାୟ ସମୁଦ୍ରକୁ ଲଗାଇ ଶିବପ୍ରସାଦ କ୍ୟାମ୍ପ କରିଛନ୍ତି । କ୍ୟାମ୍ପ ବୋଲିଲେ ଏକ ତମ୍ବୁ, ସେ ଭିତରେ କିଛି ସାଧାରଣ ଉପକରଣ ଆଉ ଏକ ଛୋଟ ଟେବୁଲ । ବାସ୍ ସେତିକ । ଖାଇବା ପିଇବା ପାଇଁ ଅତି ସାମାନ୍ୟ ବନ୍ଦୋବସ୍ତ ଅଛି । କ୍ୟାମ୍ପରେ ଭିନ୍ନ ଭିନ୍ନ ବୈଜ୍ଞାନକ ଉପକରଣମାନ ରଖାଯାଇଛି । ଅସୀମଙ୍କୁ ଶିବପ୍ରସାଦ ସେସବୁ ଉପକରଣ ବିଷୟରେ କହୁଥିଲେ । ସେମାନଙ୍କୁ ଏଠି ଆଦ୍ରତା, ତାପମାନ ଆଦି ସବୁବେଳେ ମାପିବାକୁ ପଡେ । ସାଉଣ୍ଡ ରେକର୍ଡିଙ୍ଗ ପାଇଁ ଟେପ ରେକର୍ଡର, ଲଙ୍ଗ ଡିଷ୍ଟାନ୍ସ ଫୋକସିଙ୍ଗ ପାଇଁ ବଡ ଲେନସ

ISSN NO.
2582-208X

ସହ କକନ କ୍ୟାମେରା, ବାଇନୋକୁଲାର ଆଦି ତାଙ୍କ ପାଖରେ ଥିଲା । ତାଛଡା କଛିଟା ସାଧାରଣ ମେଡିସିନ ମଧ୍ୟ ଥିଲା । ଏତିକରେ ଜଣେ ରିସର୍ଚ୍ଚ ସ୍କଲାର କଜ ରିସର୍ଚ୍ଚରେ ବ୍ୟସ୍ତ ରହିବେ । ସକାଳୁ ସକାଳୁ ସାରା ଦିନ ପାଇଁ ଏକ ମାଉଣ୍ଡ (ପ୍ରାୟ ବାଲୁଙ୍କା ଭଳ ବଡ ବାଲି ଗଦା) ସେମାନଙ୍କ କରୀକ୍ଷଣାଗାର ହୋଇଯିବ । କେତେବେଳେ ସେଠାକୁ ପକ୍ଷୀ ଆସୁଛି, କ'ଣ କ'ଣ ଜୀବ ଆସୁଛନ୍ତି, କ ପ୍ରକାରର ପୋକଜୋକ ଆସୁଛନ୍ତି, ଏମିତି ସବୁ ସେମାନେ ଦେଖିଗ୍ଲୁଥିବେ ଆଉ ତା'ର ରିଡିଙ୍ଗମାନ ନେଉଥିବେ । ଆଖ ପାଖର ଗଛମାନଙ୍କ ବିଷୟରେ ଆବଶ୍ୟକ ବିବରିଣୀ ରଖୁଥିବେ । ଜୀବ ବିଜ୍ଞାନର ବହୁ ତଥ୍ୟ ଋତୁ ଉପରେ ମଧ୍ୟ କର୍ଭର କରେ । ଜୈବମଣ୍ଡଳର ଭିନ୍ନ ଭିନ୍ନ ପରିବର୍ତ୍ତ ସେଇଥିରୁ ହୋଇଥାଏ । ସବୁ ତଥ୍ୟ ଅତି କଖୁଣ ଭାବେ ସଂଗ୍ରହ କରିବା ଏକ ଭଲ ରିସର୍ଚ୍ଚରର କାମ । ଏସବୁ କହିବାକୁ ବା ଲେଖିବାକୁ ସହଜ ଲାଗୁଥିଲେ ମଧ୍ୟ ଏତେ ସହଜ ନୁହେଁ । ତେଣୁ ଅସୀମ ଶିବପ୍ରସାଦଙ୍କ କଷ୍ଠାକୁ ମନେମନେ ପ୍ରଶଂସା କରନ୍ତି ।

ଅସୀମ ଯେତେବେଳେ ଜିକଷ ସବୁକୁ ଭଲ ଭାବେ ଦେଖୁଥିଲେ, ଶିବପ୍ରସାଦଙ୍କ ମୁହଁରେ ହସ ଫୁଟିଉଠୁଥିଲା । ଡି.ଏଫ.ଓ. ଏତେ ଧ୍ୟାନର ସହ ତାଙ୍କର ଜିକଷ ଆଉ କ୍ୟାମ୍ପକୁ ଦେଖିବେ ବୋଲି ସେ ଆଶା କରୁନଥିଲେ । ଡି.ଏଫ.ଓ.ଙ୍କର ହଜାରେ କାମ । ସେ ଭିତରେ ଏକ ରିସର୍ଚ୍ଚର ପାଇଁ ସମୟ ଦେବାକୁ ବେଳ କାହିଁ? ତେଣୁ ଶିବପ୍ରସାଦଙ୍କୁ ଅସୀମଙ୍କ ଆଗ୍ରହ ଭଲ ଲାଗୁଥିଲା । ସେ ପ୍ରତିଟି କଥା ଭଲ ଭାବରେ ବୁଝାଉଥିଲେ ।

"ସକାଳୁ ସଂଜଯାଏଁ ଏକ ମାଉଣ୍ଡ ଆଉ ତା'ର ଗ୍ଭରିପାଖ ଲକ୍ଷ୍ୟ କରିକରି ଜଣେ ବିରକ୍ତ ହୋଇଯିବ ଶିବପ୍ରସାଦ । ଅସୁବିଧା ଲାଗୁନ ତ ?"-ଅସୀମ ଶେଷରେ ପଗ୍ଭରିଲେ ।

"ସାର୍, ମୋତେ ଏ ପକ୍ଷୀକୁ ଲକ୍ଷ୍ୟ କରିବାକୁ ଭଲ ଲାଗେ । ପିଲାଦିନରୁ ଘରେ ଥିଲାବେଳଠୁ ମୁଁ ପଶୁପକ୍ଷୀଙ୍କୁ ଭଲ ପାଏ । ତାମିଲନାଡୁର ଏକ ଅଖ୍ୟାତ ପଲ୍ଲୀର ଗୋଟିଏ କୃଷକ ପରିବାରରୁ ମୁଁ ଆସିଛି । ତେଣୁ ପଶୁ ପକ୍ଷୀଙ୍କୁ ଦେଖିବାର ସୁଯୋଗ ମିଳଛି ।"-ଶିବପ୍ରସାଦ ଏକା ଗ୍ଭହାରେ କହିଲେ । ତାଙ୍କ ଢୋଲା ଗଞ୍ଜିଟି ପବନରେ ବେଙ୍ଗ ଭଳ ଫୁଲିଯାଇ ପୁଣି ଦେହରେ ଜଡି ହୋଇଯାଉଥିଲା ।

ଅସୀମ ମଧ୍ୟ କଥାଟା ଓଜନଆ ଥିବାଭଳ ମନେ କରୁଥିଲେ । ଏକ ଗାଁରୁ ଆସିଥିବା ତରୁଣ ପ୍ରଥମରୁ ଜୀବଜନ୍ତୁଙ୍କୁ ପାଖରୁ ଦେଖିଆସିଛି । ସେମାନେ କେମିତି ଖାଆନ୍ତି, ପିଅନ୍ତି,

ISSN NO.
2582-208X

ବିଚରଣ କରନ୍ତୁ, ସେମାନଙ୍କ ମଧ୍ୟରେ ମଣିଷ କେମିତିତ ରୁହେ ଏସବୁକୁ ଭଲଭାବେ ନରୀକ୍ଷଣ କରିଥିବେ । ଏଇ ନରୀକ୍ଷଣ କରିବା ପ୍ରକୃତି ତ ଅବଦୁଲ କଲାମଙ୍କୁ ଭାରତର ଶ୍ରେଷ୍ଠ ରକେଟ ସାଇଣ୍ଟିଷ୍ଟ ଆଉ ଶେଷରେ ଭାରତର ରାଷ୍ଟ୍ରପତି ବନାଇଦେଲା । ଅବୁଦଲ କଲାମ ଛୋଟବେଳୁ ପକ୍ଷୀମାନଙ୍କର ଉଡିବାର ଶୈଳୀ ଭଲଭାବରେ ଲକ୍ଷ୍ୟ କରୁଥିଲେ । ସେଇ ଲକ୍ଷ୍ୟ କରିବା ତାଙ୍କୁ ଏରୋଡାଇନାମିକ୍ସ ଉପରେ ଅଗାଧ ଜ୍ଞାନ ଦେଲା । ତା'ପରର ଆଗକୁ ଯାହା ବିଷୟରେ ସାରା ପୃଥିବୀ ଜାଣେ । ତେଣୁ ଅସୀମ ଶିବପ୍ରସାଦଙ୍କର ଏଇ ନରିକ୍ଷଣ କରିବା ଗୁଣକୁ ପ୍ରଶଂସା କରୁଥିଲେ ।

ସମୁଦ୍ର ଶିବପ୍ରସାଦଙ୍କ ପଛପଟେ ଉଜ୍ଜ୍ୱଳ ଦିଶୁଥିଲା । କୂଳରେ ସାମାନ୍ୟ ବାଲି ଥିଲା । ବାଲିଆ ସମୁଦ୍ର ଉପରେ ପାଣି ସର୍ଫ ପାଣି ଭଳ ନେଳଆ ଦିଶେ । ତେଣିକ କୋରାଲ ବେଡ ଉପରେ ଗଭୀର ନୀଳ ଦେଖାଯାଏ ଆଉ ଟିକଏ ଦୂରକୁ ନୀଳର ଘନତ୍ୱ ବଢିଯାଏ । ସମୁଦ୍ରକୂଳରେ ବହୁତ ଗଛ ଥିଲା । କଛିଟା ପାଣ୍ଡାନାସ, ଆଉ କଛିଟା ବାଦାମ ବା ଖାଡି କପାସ । ସେ ଭିତରେ କୂଳରୁ ଅଳ୍ପ କଛି ଦୂର ଆଡକୁ ତଥାପି ବାଲି ଥିଲା । ସେ ବାଲି ଉପରେ କଛି କଛି ପତ୍ର ପଡିଥିଲା । କ୍ୟାମ୍ପର ଧାରରେ ଶିବପ୍ରସାଦ ଏକ ଝୁଲା ଲଗାଇଥିଲେ । ସେଇଠି ଶୋଇ ବାହରକୁ ଦେଖିହେବ । ଏମିତି ଝୁଲାଟା ଏକ ମୋଟା ନାଇଲନ ସୂତା ତିଆରି ଜାଲ, ମଝିଟା ଚଉଡା ଆଉ ଦୁଇମୁଣ୍ଡ ଗଛରେ ଟାଙ୍ଗି ଦିଆଯାଇଥିବା। ଜଣେ ନଜର କ୍ଲାନ୍ତ ଶରୀରକୁ ସେ ଦୋଳାରେ ଝୁଲାଇ ଦେବ । ତଳର ବାଲି ଲାଗିବନ ବା ପୋକ ଜୋକ ଚଢିବେନ ।

"ଶିବପ୍ରସାଦ ଯଦି ପରୀକ୍ଷା ନରୀକ୍ଷାରେ କଛି ଅସୁବିଧା ହେଉଛି କହିବେ?"- ଅସୀମ ପଚାରିଲେ ।

ଶିବପ୍ରସାଦ ମୁଣ୍ଡ ହଲାଇଲେ । କଛି ଅସୁବିଧା ନାହିଁ । ପାଖରେ ତାଙ୍କର ସାହାର୍ଯ୍ୟକାରୀ ପିଲାଟିଏ ଠିଆ ହୋଇଥିଲା । ଦୁଇ ତିନଜଣକୁ ନେଇ ଶିବପ୍ରସାଦ ସେଇ କ୍ୟାମ୍ପରେ ଦିନ ନୁହେଁ ମାସ ମାସ କାଟଇଦେବେ । ମଝିରେ ମଝିରେ ଶିବପ୍ରସାଦ କ୍ୟାମ୍ପବେଲ ବେ ଆସନ୍ତୁ। କଛି ବେଳ ସାମାନ୍ୟ ସଭ୍ୟ ଦୁନଆ ସହ କଟାଇବା ଦରକାର । ରେସନ ଇତ୍ୟାଦି ସଂଗ୍ରହ କରନ୍ତୁ । ସନ୍ଧ୍ୟାରେ ନଜ କ୍ୟାମ୍ପକୁ ଫେରିଯାଆନ୍ତୁ ।

ISSN NO.
2582-208X

"ଏକ ରିସର୍ଚ୍ଚର ନିଜ ଗବେଷଣାରେ ସଫଳ ହେଉ ।"-ଅସୀମ ମନେମନେ କହିଲେ । ସେ ଫେରିଆସୁଥିଲେ । ତାଙ୍କ ଆଖି ଆଗରେ ଶିବପ୍ରସାଦଙ୍କ ଦ୍ୱାରା ନିରୀକ୍ଷଣ କରାଯାଉଥିବା ମାଉଣ୍ଡ ଯେମିତି ନାଚୁଥିଲା । ମେଗାପଡ ପକ୍ଷୀ ନିରନ୍ତର ଗୋଡରେ ବାଲି ଛାଟି ଏଡେ ବଡ ମାଉଣ୍ଡ ତିଆରି କରିଚାଲିଛି ।

୫-ଭଟ୍ଟବାବୁ – ଜଣେ ମେଳାପୀ ବ୍ୟାଙ୍କ ମ୍ୟାନେଜର

ଭଟ୍ଟବାବୁ ଏକ ବ୍ୟାଙ୍କର କେବଳ ନଥିଲେ । ପଇସା ଗଣିଗଣି ତାଙ୍କ ମୁହଁରୁ ଟଙ୍କା ଟଙ୍କା ଶବ୍ଦ ମୋଟେ ଆସୁନଥିଲା । ନହେଲେ ମରା ମରା ଶବ୍ଦରୁ ରାମ ହେଲାଭଳି ତାଙ୍କ ମୁହଁରୁ ପଇସା ପଇସା ହୋଇ ଟଙ୍କା ଟଙ୍କା ଶବ୍ଦ ବୋଧହୁଏ ଆସିବା କଥା । ତେଣୁ ଘୋଷିହେବା ପ୍ରକୃତିରୁ ଭଟ୍ଟବାବୁ ଟିକେ ବାହାରକୁ ଆସି ନିଜ ହିସାବରେ ଅଲଗା କିଛି କହିପାରୁଥିଲେ । କ୍ୟାମ୍ପବେଲ ବେର ଏକମାତ୍ର ବ୍ୟାଙ୍କର ମ୍ୟାନେଜର ହେବାହେତୁ ତାଙ୍କର ସବୁଠାରୁ ବେଶି କାମ ଥିଲା । ଆର୍ମି ସେଟଲରମାନଙ୍କ ପେନସନ କାମ ବହୁ ଅଧିକା ରହୁଥିଲା । ସବୁ ସରକାରୀ କର୍ମଚାରୀଙ୍କ ଦରମା ଆଉ ଡିପାର୍ଟମେଣ୍ଟର ପଇସାପତ୍ର ସେ ଦେଇଥାନ୍ତି । କ୍ୟାମ୍ପବେଲ ବେରେ ବୟାଙ୍କରୁ ଚେକ ବା ଡ୍ରାଫ୍ଟ ଲେଖି ପଇସା ଉଠାଇବାକୁ ପଡେ । ପ୍ରତିଦିନ ଠିକଭାବେ ହିସାବ ରଖିବାକୁ ହେବ । ଏଣୁ ଏକ ବ୍ୟାଙ୍କ ମ୍ୟାନେଜର ପାଖେ ଫୁରସତ ମିଳିବା କଥା ନୁହେଁ । ତଥାପି ସେ ସନ୍ଧ୍ୟା ବେଳକୁ ନିଜର ସମୟ ବାହାର କରିନିଅନ୍ତି ।

ବ୍ୟାଙ୍କ ଆଉ ଅସୀମଙ୍କ ଅଫିସ ଭିତରେ ଦୂରତା ବେଶି ନଥିଲା । ଅପରାହ୍ଣରେ ରାସ୍ତାରୁ ଭଟ୍ଟବାବୁଙ୍କ ହସହସ ମୁହଁ ଦେଖାଯାଏ । ଅସୀମଙ୍କୁ ଆକାଶ ତା'ପରେ ଲାଲ ଲାଲ ଲାଗେ । ସେ ବାହାରକୁ ବାହାରି ଆସି ଅଫିସ ଆଡକୁ ଅନାନ୍ତି । ଅନ୍ୟ ଘର ଭଳି ଡି.ଏଫ.ଓ. ଅଫିସ ମଧ୍ୟ ଟିଣ ଛାତର ଥିଲା । ଆଉ ଟିଣର ରଙ୍ଗ ଥିଲା ଲାଲ । ସେ ଭାବନ୍ତି ଅପରାହ୍ଣ ନିଶ୍ଚିତ ହୋଇଗଲାଣି । ସୂର୍ଯ୍ୟ ଗଛ ଭିତରେ ଟିକେ ଟିକେ ଦେଖାଗଲାପରି ଅଫିସ ଚାରିପଟେ ଥିବା ନଡିଆ ଆଉ ଝାଉଁଗଛ ଭିତରୁ ଲାଲ ଛାତ ଅଳ୍ପ ଅଳ୍ପ ଦିଶେ । ଭଟ୍ଟବାବୁ ଆସିଲାବେଳକୁ ସବୁବେଳେ ରାସ୍ତା ଧାରରେ ଥିବା ସାଇନବୋର୍ଡକୁ ଅନାନ୍ତି । ସେଥିରେ ଲାଲ, ସବୁଜ ରଙ୍ଗର ଡାଇଗୋନାଲ ପଟି ଲାଗିଥାଏ ଆଉ ଫରେଷ୍ଟ ଓ ୱାଇଲଡ ଲାଇଫ

ISSN NO.
2582-208X

ଡିପାର୍ଟମେଣ୍ଟ ନାମ ଲେଖାଯାଇଥିଲା । ତାଙ୍କୁ ବୋଧହୁଏ ପ୍ରଥମେ ଲାଲ ରଙ୍ଗଟା ଦିଶିଯାଉଥିବ । ତା'ପରେ ଭଟ୍ଟବାବୁ ନଷ୍ଟିତ ଆକାଶକୁ ଅନାଉଥିବେ ।

ବାହାରେ ରାସ୍ତାକୁ ଆସି ଅସୀମଙ୍କ ଆଖି ଗ୍ରରିଆଡକୁ ପ୍ରଥମେ ବୁଲିଯାଏ । କ୍ୟାମ୍ପସ ବାହାରେ ରାସ୍ତା ଧାରରେ ଅନେକ ଝାଉଁଗଛ ଲାଗିଥିଲା । ଫରେଷ୍ଟ କମ୍ପଲେକ୍ସରେ ରାସ୍ତା ଦାହକୁ ଥିଲା ଏକ ପଡିଆ ଯେଉଁଠାରେ ପିଲାଏ ଖେଳୁଥିଲେ ତଥା ବ୍ୟାଡମିଣ୍ଟନ ଖେଳ ହେଉଥିଲା । ପଡିଆ ପରେ ଆସୁଥିଲା ଏସିଏଫଙ୍କ ନୂଆ ଘର । ତା'ପରେ ଏକ ରାସ୍ତା ଆଉ ଶେଷ ଆଡକୁ ଥିଲା ଡି ଏଫଓଙ୍କ କ୍ୱାର୍ଟର୍ସ । ଏସିଏଫଙ୍କ କ୍ୱାର୍ଟର୍ସ ପରେ ପଛକୁ ଥିଲା ଫରେଷ୍ଟ ଷ୍ଟାଫଙ୍କ କ୍ୱାର୍ଟର୍ସ । କମ୍ପାଉଣ୍ଡରେ ଅନେକ ଅନେକ ନଡିଆ ଗଛ ଥିଲା । ନଡିଆଗଛମାନଙ୍କ ପାଖଦେଇ ଲମ୍ବିଯାଇଥିଲା ପାଦଚଲା ରାସ୍ତା ଆଉ ତାହା ପ୍ରତିଟି କ୍ୱାର୍ଟର୍ସରେ ଯାଇ ସରୁଥିଲା । ଯାଗାଏ ଯାଗାଏ ରାସ୍ତା ବେଶ ପରିଷ୍କାର ଥିଲା ଅର୍ଥାତ ସେ ଘରକୁ ଲୋକଙ୍କ ଯାତୟାତ ବେଶି ।

ଅସୀମ ଘରକୁ ଜଲଦି ଜଲଦି ଯାଇ ଫେରିଆସନ୍ତ ଆଉ ସେମାନଙ୍କ ବ୍ୟାଡମିଣ୍ଟନ ଖେଳର ଆସର କଛି ମିନଟ ମଧ୍ୟରେ ଜମିଯାଏ । ଭଟ୍ଟବାବୁ ପତଳା ଲୋକ । ଦେହରେ ସେମିତି ଶାରିରୀକ ସ୍ଫୂର୍ତ୍ତୀ ନାହିଁ । ସେ କେବଳ ଖେଳବା ପାଇଁ ଖେଳନ୍ତ, ଜିତିବା ହାରିବା ଖେଳରେ ଲାଗି ରହିଛି ବୋଲି ସେ ଭାବନ୍ତ । ପ୍ରସାଦ ବାବୁ, ଭଟ୍ଟବାବୁ, ଅସୀମ ଆଉ କେହି ଏକ ପାର୍ଟନର ହୋଇ ବ୍ୟାଡମିଣ୍ଟନ ଖେଳ ହୁଏ । ଧିରେ ଜାଗା ଉପଯୁକ୍ତ ନହେବାରୁ ତଥା ଆଉ ଏକ ଭଲ ଜାଗା ମିଳବାରୁ ସେମାନେ ଶେଷରେ ଏଏଲଏଚଡବ୍ଲୁ ବ୍ୟାଡମିଣ୍ଟନ କୋର୍ଟକୁ ଖେଳର ସ୍ଥାନ ବଦଳାଇଲେ । ଏହା ଏକ ଭଲ କୋର୍ଟ, ଆଉ ଏହା ଏକ ଅଡିଟୋରିଅମ ଭିତରେ ଥିଲା । ସେମାନଙ୍କ ସହ ଏକ ରାଜ୍ୟ ସ୍ତରୀୟ ଖେଳାଳୀ ଯୋଗଦେଲା । ତରୁଣଟିର ବୟସ ଏଇ ପଚଶି ଭିତରେ ହୋଇଥିବ । ସେମାନେ ତା'ର ପ୍ଲେସିଙ୍ଗ ସିନା ଠିକ ଭାବେ ଫେରାଇ ଦେଉଥିଲେ କନ୍ତ କ୍ରଶ ସ୍ମାଶ ସମ୍ଭାଳ ପାରୁନଥିଲେ । ପ୍ରସାଦବାବୁ କନ୍ତ କଛି ଟକ୍କର ଦିଅନ୍ତ । ତଥାପି ସ୍ମାଶକୁ ରିଟର୍ଣ କରିବା ତାଙ୍କ ପକ୍ଷେ କଷ୍ଟକର ହୋଇଉଠେ । ଖେଳରେ ହାର ଜିତ ଯାହାହେଉ ଅସୀମ ଆଉ ଭଟ୍ଟବାବୁ ଶେଷରେ ଝାଳ ନାଳ ହୋଇ ଫେରୁଥିଲେ । ସେମାନଙ୍କର ଉପଯୁକ୍ତ ବ୍ୟାୟାମ ହୋଇଯାଉଥିଲା । ଖେଳଠାରୁ ବୋଧେ ଶରୀରର ବ୍ୟାୟାମ ପାଇଁ ଆଉ କଛି ଭଲ ଉପାୟ ନାହିଁ ।

ISSN NO.
2582-208X

ଅସୀମ ଆଉ ଭଟ୍ଟବାବୁ ବହୁ ସମୟ ଅସୀମଙ୍କର ଘରେ ବସନ୍ତୁ । ଭଟ୍ଟବାବୁ ନିଜ କଥା କୁହନ୍ତୁ । କର୍ଣ୍ଣାଟକର ସୀମାନ୍ତରୁ ଆସିଛନ୍ତୁ । ଏଠି ଏକୁଟିଆ ରହୁଛନ୍ତୁ । ସେ ନିଜ ରୀତିନୀତି ବିଷୟରେ କୁହନ୍ତୁ । ମୁହଁ ତାଙ୍କର ସବୁବେଳେ ହସହସ ଥାଏ । ଅସୀମ ଆଉ ଭଟ୍ଟବାବୁ ଅନେକ ସମୟରେ ବାହରକୁ ବୁଲିବାକୁ ଯାଆନ୍ତୁ । ଭଟ୍ଟବାବୁ ସମସ୍ତଙ୍କ ସହ ମଧୁର ଭାବେ କଥାବାର୍ତ୍ତା ହୁଅନ୍ତୁ । ତାଙ୍କର ଅନୁସନ୍ଧିତ୍ସା କେବେ ସରେ ନାହିଁ । ଆଉ ଅସୀମ ତାଙ୍କ କଥାରୁ ବହୁ ନୂଆ ତଥ୍ୟ ପାଇଯାଆନ୍ତୁ ।

"ଏକ ମେଳାପି ବନ୍ଧୁର କଥାରେ ନୁଆ ସୁନ୍ଦର ଦୁନିଆ ଖୋଜିନେଲି ।"- ଅସୀମ ନିଜକୁ ନିଜେ କହୁଥାନ୍ତୁ ଆଉ ମନରେ ମନରେ ନୂଆ ଜଗତକୁ ଆବିଷ୍କାର କରୁଥାନ୍ତୁ ।

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ରଜ ସ୍ମୃତି ରେ



ପୁଷ୍ପାଞ୍ଜଳି ପଣ୍ଡା

ତୁମେ ଥିଲ
ମୁଁ ଥିଲି
ଥିଲା ଦେହେ କମ୍ପନ
ନିଦାଘ ଶେଷର ରଜ
ଲାଗୁଥିଲା ଫଗୁଣ ଫଗୁଣ ।।
ରଜ ଦୋଳି
ସାଙ୍ଗ ମେଳି
ମଜାଥିଲା ଦିଗୁଣ
ଲୁଚି ଲୁଚି
ଦେଖୁଥିଲି ତୁମକୁ ସେଦିନ
ଧିରେ ଧିରେ ଝୁଲୁଥିଲ ଝୁଲଣ ।।
ରଜ ପାନ
ପୋଡପିଠା
ସତେ ଥିଲା ପାର୍ବଣ
ଚାଲିଗଲେ ଆଡହୋଇ
ଆଖିରୁ ମୋ ଝରୁଥିଲା ବର୍ଷା ଭିଜା ଶ୍ରାବଣ ।

ସେଦିନ ର
ରଜ ସ୍ମୃତି
ଏବେ ଇତି ସବୁ ସତେ ବନ୍ଧନ
ସବୁ ବର୍ଷ
ଆସେ ଯାଏ , ମନ ଛୁଏଁ
ଝୁରେ ମନ ପରାଣ
ପ୍ରେମ ପରି ରଜ ବାଢେ
ଅତୀତ ର କଷଣ ।।

କେନ୍ଦ୍ରାପଡ଼ା

ISSN NO.
2582-208X

# ଅଳସୀ ମୋ ପ୍ରିୟା



ପୁଷ୍ପାଞ୍ଜଳି ମିଶ୍ର

ମିଠା ସପନର ଉଦାସୀ ଆଖିରେ
ଅଳସୀ ଗୋ ପ୍ରିୟା ମୋର
ଇନ୍ଦ୍ରଧନୁ ରଙ୍ଗେ ରଙ୍ଗୀନ କରୁଛ
ତୁମ ହାତ ତୁଳୀରଙ୍ଗେ
ମିଠା ଗୀତ ତୁମ ମହୁ ପରି ମିଠା
ଶୁଷ୍କ ଅଧରେ ହସ ବୁଣି ଦିଏ
ତୁମରି ମଧୁର ସ୍ପର୍ଶେ
ନୂଆ ନୂଆ ଆଶ ନିରାଶା ମନରେ
ଅସୀମ ଆନନ୍ଦେ
ଅବ୍ୟକ୍ତ କାରଣ ସ୍ୱପ୍ନ ସହରେ
ମଧୁର ସ୍ପର୍ଶ ଆଣେ
ପ୍ରାଣେ ପ୍ରାଣେ ମୋର
ଶିହରଣ ଖେଳେ ଅଜଣା ପୁଲକେ
ତୁମ ସେ ମିଠା ଛୁଆଁ ରେ
ଉଡି ଉଡି ବୁଲେ ଜହ୍ନ ରାଇଜରେ
ତୋଳେ ମୁଁ ସୁନ୍ଦର ଘର
ସାତ ଦରିଆକୁ ଆଞ୍ଜୁଳାରେ ଭରି
କରି ଦେବ ତୁମେ ସିନ୍ଧୁ

ISSN NO.
2582-208X

ପବନ ଭଅଁର ମହୁମାଛି ଫୁଲ
ଇନ୍ଦ୍ରଧନୁ ରଙ୍ଗ ତୋଳିମେଘ ସବାରୀରେ ସୌଦାମିନୀ ସାଙ୍ଗେ
ଛବି ଆଙ୍କି ଦିଏ ଆକାଶ ଛାତି ରେ
ମିଠା ମିଠା ସ୍ଵପ୍ନ ଆଣି
ସାଗର ବେଳାରେ ଶାମୁକା ବୁକୁରେ
ମୁକୁତାକୁ ଖୋଜି ଖୋଜି
ପ୍ରକୃତି ରାଣୀ ର ଅପରୂପ ଶୋଭା
କବିଟିଏ ଆଙ୍କୁଛି ତା
କଲମକୁ ଧରି
ମେଘ ଝୁଲଣା ରେ ଶବ୍ଦ ଖୋଜୁ ଥିଲି
କବିତା ମାଳାରେ ସଜାଇବି ବୋଲି
ମହକିତ ଫୁଲ ହାରେ
ଶବ୍ଦ ମୋ ଜୀବନ କବିତା ମୋ ପ୍ରାଣ
ଲେଖନୀ ଚାଲିଲେ
ଝରଇ ମହୁ ଭାବନା
ହୃଦୟରେ ଛାପି ଯାଏ

ସୁକନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
9556643921

ISSN NO.
2582-208X

# କୋଟିଆ ସମସ୍ୟା



ଶଶଧର ମହାପାତ୍ର

ଆନ୍ଧ୍ରରୁ ଆସେ କଦଳୀ, ଅଣ୍ଡା, ମାଛ
ବେଙ୍ଗଲରୁ ଆସେ ଆଳୁ
ତାଙ୍କ ପରିବା ଆମ୍ବ ଲେମ୍ବୁ ଖାଇ
ଆମେ ଓଡ଼ିଶାରେ ଚଳୁ ।
ଖାଇବାକୁ ଦେଇ ଗାଲରେ ଖୁନ୍ଦେ
ମାରୁଛନ୍ତି ଟାଣ କରି
ଓଡ଼ିଶାବାସୀଙ୍କ ସରଳତା ଦେଖି
ଭିଡୁଛନ୍ତି ହାତ ଧରି ।
ଆନ୍ଧ୍ର ନେଲାଣି କୋଟିଆ ଗାଁକୁ
ଶୋଇଛନ୍ତି ସରକାର
ଚିନ୍ତା ନଥିଲା ଚିନ୍ତା ବଢ଼ିଗଲା
ନିଦ ଭାଂଗିଲା ଏଥର ।
ଏପଟେ ଆନ୍ଧ୍ରକୁ ସେପଟେ ବେଙ୍ଗଲ
ମାଡ଼ି ବସିଲେଣି ଗାଁ
ଛତିଶଗଡ଼ରେ ପାଣି ଅଟକୁଛି
ମହାନଦୀ କରେ ଆଁ ।
ବିରୋଧୀ ନେତାଏ ହୁରି ଛାଡୁଛନ୍ତି
ଆନ୍ଧ୍ର କବଜା କଲା

ISSN NO.
2582-208X

ରାଜଧାନୀ ରାଜରାସ୍ତାରେ ବସି
ସ୍ଲୋଗାନ ଦେଲେ ଚେଲା ।
ପଡ଼ୋଶୀ ରାଇଜ ମାଡ଼ି ଆସିଲେଣି
ଅପାରଦର୍ଶିତା ଦେଖି
ସୀମା ସୁରକ୍ଷା ସରକାର କାମ
ଶାସକ ଖୋଜନ୍ତି ସାକ୍ଷୀ ।
କୋଟିଆରେ ଖଣି ହାତେଇବାପାଇଁ
ଆନ୍ଧ୍ରର ଅଛି ହାତ
ଶାସକ, ବିରୋଧୀ ସ୍ୱର ଉଠାଅ
ହୁଅ ଏବେ ଜାଗରତ ।
ବିଫଳ ହୋଇବ ନିଶ୍ଚେ ସରକାର
ଏଥିରେ ଦ୍ୱିମତ ନାହିଁ
ବିଧାନସଭାରେ ଖାଲି ପାଟିକଲେ
କିଛି ଫଳ ହେବନାହିଁ ।
ଦଳମତ ନିର୍ବିଶେଷରେ ବିରୋଧୀ
ଦାୟୀ କଲେ ପ୍ରଶାସନ
ସୁପ୍ରିମ୍‌କୋର୍ଟରେ ଆନ୍ଧ୍ର ବିରୁଦ୍ଧରେ
ଶୀଘ୍ର କର ପିଟିସନ ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ନକମା ଦିନ



ଡକ୍ଟର ବିଜ୍ଞାନୀ ଦାସ

ରାଣୀର ଘରେ ବିରାଟ ପାର୍ଟିର ଆୟୋଜନ ହେଉଛି । ସେଇ ଦିନଟା ହେଲା ୨୦୨୩ ମସିହା, ମେ' ମାସ, ୧୩ ତାରିଖ, ଶନିବାର । ଜଣେ ସାଜସଜ୍ଜା ବିଶେଷଜ୍ଞ କଂପାନୀକୁ ଦାୟିତ୍ୱ ଦିଆଯାଇଛି ଘରର ଭିତର ଓ ବାହାର ସଜେଇଦେବାକୁ । ସେମିତି ଏକ ଭାରତୀୟ ଭୋଜନାଳୟକୁ ଖାଦ୍ୟ ଦାୟିତ୍ୱରେ ରଖାଯାଇଛି । ଅତିଥିଙ୍କ ସ୍ୱାଗତ ଓ ସତ୍କାର ଦାୟିତ୍ୱରେ ଅଛନ୍ତି ଆଉ ଗୋଟିଏ କଂପାନୀର କର୍ମକର୍ତ୍ତା । ରାଣୀର ଘର ଓ ଘର ପଛପଟର ବଗିଚା ଯେମିତି ଉଠିବ, ପଡିବ, ସେଇ ଭଳି ବ୍ୟବସ୍ଥା କରାଯାଇଛି । ବଗିଚାର ବାମ ପଟରେ ସ୍ୱତନ୍ତ୍ର ତମ୍ବୁ ପଡିବାର ଓ ଚେୟାର, ଟେବୁଲ୍ ସଜା ହେବାର ସ୍ଥିର ହୋଇଛି । ବଗିଚାର ପ୍ରବେଶ ଦ୍ୱାର ମଧ୍ୟ ସୁସଜ୍ଜିତ କରାଯିବ ସତେ ଯେମିତି ଏକ ବିବାହ ଉତ୍ସବ ।

"ସତରେ କଣ ଚାଲିଛି ?'

ସାଙ୍ଗସାଥୀ ସମସ୍ତେ ବିସ୍ମିତ । ସମସ୍ତେ ଚମତ୍କୃତ । ଏ ରାଣୀର ମୁଣ୍ଡରେ କଣ ପଶିଗଲା ? କିଛି ଗୋଟିଏ କାରଣ ଜାଣିଲେ ସିନା ସେଇ ଅନୁଯାୟୀ ଉପହାର କିଣିବେ । ଅନ୍ଧାରରେ ବାଡି ବୁଲେଇ, କେତେଜଣ ସାଙ୍ଗ କଣ ରୋଷେଇ କରି ଆଣିବେ ବୋଲି ପଚାରିଥିଲେ । ରାଣୀ କହିଲା, "ନା, ଖାଇବା ଗୋଟିଏ ରେଷ୍ଟୁରାଣ୍ଟରୁ ଅର୍ଡର୍ କରାଯାଇଛି । ତମେମାନେ ଆସ, ସମୟକୁ ଉପଭୋଗ କର । ସାଙ୍ଗମାନଙ୍କୁ ଭେଟ । କଥାବାର୍ତ୍ତା କର । ଦୁଃଖସୁଖ ହୁଅ । ସେଇଟା ହିଁ ମଜା ।' କେହି ରାଣୀର କଥାରୁ କିଛି ଠଉରାଇ ପାରିଲେନି ।

ISSN NO.
2582-208X

ସେମାନେ ତ ଏତେଦିନ ହେଲା ରାଣୀଙ୍କୁ ଜାଣିଛନ୍ତି । ସେମାନେ ଜାଣିବାରେ ଏ ମେ' ମାସର କୌଣସି ତାରିଖରେ ରାଣୀର ପରିବାରରେ ସେମିତି କିଛି ସ୍ୱତନ୍ତ୍ର ବିଶିଷ୍ଟ ଦିନ ନଥାଏ । ସେମାନଙ୍କ ପିଲାମାନଙ୍କର ଜନ୍ମଦିନ ସବୁ ନଭେମ୍ବର, ଡିସେମ୍ବର ମାସରେ । ସେମାନଙ୍କ ବିବାହ ବାର୍ଷିକୀ ଜୁଲାଇରେ । ସେମାନଙ୍କର ନିଜର ଜନ୍ମଦିନ ମଧ୍ୟ ସବୁ ଜାନୁୟାରୀରେ । ଆଉ ଏ ମେ ମାସରେ କଣଟା ପଡିଗଲା ଯେ ?

ରାଣୀ ଯେତେବେଳେ ସମସ୍ତଙ୍କୁ ନିମନ୍ତ୍ରଣ ଦେଇଥିଲା, ଜଣେଇଥିଲା, "ଏଇଟା ଗୋଟିଏ ସ୍ୱତନ୍ତ୍ର ନିକମା ପାର୍ଟି । ଏହାର ପ୍ରକୃତ କାରଣ ପାର୍ଟିରେ ପହଞ୍ଚିବା ପରେ ଜଣେଇଦିଆଯିବ। ହେଲେ ତମମାନଙ୍କୁ ମୋର ସ୍ୱତନ୍ତ୍ର ଅନୁରୋଧ, ନିଶ୍ଚୟ ଆସିବ ।'

ସମସ୍ତେ ମଧ୍ୟ ଆସିବାକୁ ସମ୍ମତି ଦେଇଥିଲେ । କାରଣ ଏମିତିରେ ଏଇଟା ବୋଧହୁଏ ବହୁତ ଦିନ ପରେ ରାଣୀ ତରଫରୁ ଏକ ବଡ ପାର୍ଟି । ତାପରେ ମେ' ମାସର ଦ୍ୱିତୀୟ ଶନିବାରରେ ସେମିତି କିଛି ନଥିଲା । ସରସ୍ୱତୀ ପୂଜା ଇତ୍ୟାଦି ସରିଥିଲା ଫେବୃୟାରୀରୁ । ହୋଲି ସରିଥିଲା ମାର୍ଚ୍ଚରୁ । ଆଉ ଯିଏ ବି ସେମିତି ହୋଲି ପାର୍ଟି ସବୁ କରୁଥିଲେ, ସେମାନଙ୍କ ପାର୍ଟି ସବୁ ଏପ୍ରିଲ୍ ଭିତରେ ସରିଗଲା । ସେମିତିରେ ଏପ୍ରିଲ୍ ମାସଟା ବି ଅତ୍ୟନ୍ତ ବ୍ୟସ୍ତ ରହିଲା । ଉତ୍କଳ ଦିବସ, ରାମ ନବମୀ, ପଣା ସଂକ୍ରାନ୍ତି ଏମିତି ହୋଇ କେତେକେତେ ଓଡିଆ ଉତ୍ସବ, ମହୋତ୍ସବ ଲାଗିରହିଲା । ତାପରେ ଏ ଆମେରିକା ଦେଶରେ ଉତ୍ସବ, ମହୋତ୍ସବ ତ ତିଥିରେ ହୁଏନି । ତେଣୁ ଏମିତି କରି ତିନି, ଚାରିଟା ସପ୍ତାହ ଧରି ସେସବୁ ଉତ୍ସବ ପାଳିତ ହେବାରେ ଲାଗିଲା । ଗୋଟିଏ ଶନିବାର ଅନାମ ବାବୁଙ୍କ ଘରେ ହୋଲି ପାଳିତ ହେଲା ତ, ତା' ପରଦିନ ରବିବାରରେ ଶ୍ୟାମ ବାବୁଙ୍କ ଘରେ ହୋଲି ପାଳିତ ହେଲା। ଏମିତି ହୋଇ ସମସ୍ତେ ବହୁତ ବ୍ୟସ୍ତ ରହିଲେ । ହେଲେ ଏବେ ସମସ୍ତେ ଫାଙ୍କା ।

ପୁଣି ସବୁ ଉତ୍ସବ, ମହୋତ୍ସବ ଜୁନ୍‌ରୁ ଆରମ୍ଭ ହୋଇଯିବ । ଗ୍ରାଜୁଏସନ୍, ରଜ, ସ୍ନାନ ଯାତ୍ରା, ରଥଯାତ୍ରା, ବାହାଘର ଏମିତି କେତେ କଣ ଅଗଷ୍ଟ, ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ । ପୁଣି ତାପରେ ଦଶହରା, ଦୀପାବଳି, କୁମାର ପୂର୍ଣ୍ଣିମା, ଥ୍ୟାଙ୍କ୍ସ ଗିଭିଙ୍ଗ୍ ଆସିଯିବ ।

ISSN NO.
2582-208X

ଗ୍ରଣୀଙ୍କୁ ନିଜ ପିଲାମାନେ ବି ପଗ୍ଗରିଥିଲେ ତମର ଏ ନକମା ପାର୍ଟିର ତାତ୍ପର୍ଯ୍ୟ କଣ ? ଏତେ ଖର୍ଚ୍ଚ କରି ଏମିତି ଗୋଟିଏ ପାର୍ଟି କରିବାର କ ଆବଶ୍ୟକତା ? ତାପରେ ଏବେ ତ କଛି ସେମିତି ଓଡିଆ ପର୍ବପର୍ବାଣୀ ନାହିଁ । ସେ ଅର୍ଥ ଆମ ପାଇଁ ସଞ୍ଚୟ କରିଥିଲେ, ବରଂ ଆମର ନୂଆ ଘର କଣିବା ସମୟରେ ସାହାଯ୍ୟ କରିଥାନ୍ତା । ଖାଲିଟାରେ ଏତେ ଖର୍ଚ୍ଚ ।'

ଗ୍ରଣୀ ଉତ୍ତରରେ ହସିଦିଏ । କହେ, "ଜୀବନଟା ସାରା ଖାଲି ସଞ୍ଚୟ ପଛରେ ଧାଇଁଧାଇଁ ସବୁବେଳେ ମାନସିକ ଗ୍ରପରେ ରହିଲୁ । ଆଉ ସଞ୍ଚୟ କଣ ପାଇଁ ? ଏ କୋଭିଡ୍-୧୯ ଆସିଲାନ ଯେ, ବଡ ଶିକ୍ଷା ଦେଇଗଲା । ଜୀବନକୁ ଭଲ ପାଅ; ଉପଭୋଗ କର । ସମୟର ସଦ୍‌ବ୍ୟବହାର କର; ମିଳଥିବା ସମୟର ସୁଯୋଗ ନଅ । ଏବେ ଆମେ ସେ ଜୀବନର ନଚ୍ଛକ ସତ୍ୟ ଶିକ୍ଷାକୁ କାର୍ଯ୍ୟକାରୀ କରିବୁ । ତମମାନଙ୍କୁ ଉଚ୍ଚଶିକ୍ଷା ଦେବାରେ ସମୟ ଦେଇଛୁ, ଅର୍ଥ ଖର୍ଚ୍ଚ କରିଛୁ ଓ କରୁଛୁ ମଧ । ତମେମାନେ ଯୋଗ୍ୟ ହୋଇଛ । ଏବେ ନଜ ଦାୟିତ୍ୱ ନଜେ ସମ୍ଭାଳପାରିବ ।'

ଗ୍ରଣୀର ଏସବୁ ଆଶ୍ଚର୍ଯ୍ୟଜନକ ବ୍ୟବହାର ମଧ ତା' ସ୍ୱାମୀ ସତ୍ୟବ୍ରତଙ୍କୁ ବେଳେବେଳେ ଚମକାଇ ଦିଏ । ତା' ନଜର ଜନ୍ମଦିନ ସିଏ କେବେ ପାଳନ କରିବାକୁ ଦିଏନ । କହେ, "ମଲ୍ ଯା, ମୋର ପୁଣି ଗୋଟିଏ ଜନ୍ମଦିନ ପାଳନ କରାଯିବ । ଲାଜ ନାହିଁ ଯା' ତମମାନଙ୍କ ମୁହଁକୁ । ଦୁନଆକୁ ଚଲାଇକ କହିବି - ଦେଖ ଦେଖ, ମୁଁ ବୁଢୀ ହେବାକୁ ଯାଉଛି । ମୋ ବୟସ ଏବେ ପଗ୍ଗଶ ଟପିଲାଣି । ଆଉ କେଇଦିନ ପରେ ଚମ ସଙ୍କୁଚତ ହୋଇଯିବ; କଣ୍ଠ ବି ସେମିତି ସୁଲଳତ ରହିବନ; ଜୋରରେ ଗ୍ଲଲିପାରିବିନ; ଦୌଡିପାରିବିନ, ଗ୍ରେଷେଇବାସ ବି ବନ୍ଦ ହୋଇଯିବ । କେବେ ନୁହେଁ । ମୋର ଜନ୍ମଦିନ କେବେ ବି ପାଳତ ହେବନ ।'

ଆଉ ଏବେ ଖାଲିଟାରେ ତାର ଏତେ ଆଡମ୍ବରପୂର୍ଣ୍ଣ ପାର୍ଟି । ଅବଶ୍ୟ ଏ ଆଡମ୍ବରପୂର୍ଣ୍ଣ ପାର୍ଟିରେ ମାଦକଦ୍ରବ୍ୟ ପରିବେଷଣ ମନା । ଆମ୍ବ ପଣା, ଆମ୍ବ ଲସି, ଦହି ଲସି, କମଳା ଜୁସ୍, ଆପଲ୍ ଜୁସ୍, ଖଜୁରୀ ଜୁସ୍ ଯେତେ ଇଚ୍ଛା ପିଅ । ଗ୍ଲହା, କଫି ବି ମନ ଇଚ୍ଛା ପିଅ । ମସଲା ଗ୍ଲହା, ଅଦା ଗ୍ଲହା, ଲେମ୍ବୁ ଗ୍ଲହା, ଗୋଲାପ ଗ୍ଲହା, ଯେଉଁଭଳ ଗ୍ଲହା ପିଇବାକୁ ଗ୍ଲହୁଁଛ, ସବୁ ମିଳବ । ସତ୍ୟବ୍ରତଙ୍କ ଦାଦା ପୁଅ ଭାଇ ଦିଅର ପ୍ରିୟବ୍ରତ ନୟୁର୍କରେ ରୁହନ୍ତ।

ISSN NO.
2582-208X

ସିଏ ଥଟ୍ଟା କରି କହିଲେ, "ଏ ପାର୍ଟିରେ ତାହେଲେ ହବ କଣ ? ଯେହେତୁ ଏ ପାର୍ଟିର କାରଣ କଛି ନାହିଁ, ତେବେ ଏ ପାର୍ଟିର କାର୍ଯ୍ୟକ୍ରମ କଣ ?'

ରାଣୀ ବି ସେମିତି ଥଟ୍ଟା କରି କହିଲା, "କାର୍ଯ୍ୟକ୍ରମ ଜାଣିବା ପାଇଁ ତମ ଭଳ ବ୍ୟକ୍ତମାନେ ଯେଉଁମାନେ ସବୁବେଳେ ସବୁ ସ୍ଥାନକୁ ଡେରିରେ ଯାଇ ପହଞ୍ଚନ୍ତି, ସେମାନଙ୍କୁ ଠିକ୍ ସମୟରେ ପହଞ୍ଚିବାକୁ ପଡିବ ।'

ଏଇଟା ରାଣୀ ଓ ସତ୍ୟବ୍ରତଙ୍କର ପ୍ରଥମ ଥର ପାଇଁ ବଡ ଧରଣର ପାର୍ଟିର ଆୟୋଜନ । ଜୀବନରେ ଅନେକ ଝଡଝଞ୍ଜା ବହିଗଲା । ସେଥିପାଇଁ ସେମାନେ ଏଗାର ବର୍ଷ ଧରି ୨୦୦୭ରୁ ୨୦୧୮ ପର୍ଯ୍ୟନ୍ତ ସବୁ ପ୍ରକାରର ସାମାଜିକ ଉତ୍ସବ, ମହୋତ୍ସବ, ପର୍ବପର୍ବାଣୀରୁ ଦୂରେଇ ରହୁଥିଲେ । ଝିଅର ହାଇସ୍କୁଲ୍ ସରିଲା ୨୦୧୮ରେ । ତାପରେ ସେମାନେ ଟିକେଟିକେ ସାମାଜିକ କାର୍ଯ୍ୟକ୍ରମ, ପୂଜା ଇତ୍ୟାଦିରେ ଯୋଗଦେଲେ । ପିଲାମାନେ ହାଇସ୍କୁଲ୍ ପାସ୍ କରିବା ପରେ ଗ୍ରାଜୁଏସନ୍ ପାର୍ଟି କରିବାକୁ ମନା କରିଦେଲେ । ଝିଅଟା ତ ମନା କରିଦେଇଥିଲା । ଆଉ ପୁଅଟା ହାଇସ୍କୁଲ୍ ପାସ୍ କଲା ୨୦୨୦ରେ । ସେତେବେଳେ ତ ସାରା ପୃଥିବୀକୁ କରୋନା ଭୂତାଣୁ ନିଜ ଅକ୍ତିଆରକୁ ନେଇଯାଇଥିଲା । ଆଉ ପାର୍ଟି କଣ ହୋଇଥାନ୍ତା ?

ରାଣୀ ଜୀବନରେ ଅନେକ ଦୁଃଖ ସହିଛି । ସଂଘର୍ଷ କରିଛି । ଘରର ତୃତୀୟ ଝିଅ ହୋଇ ଜନ୍ମ ନେବା ସେ ସମୟରେ ଯେମିତି ଏକ ଅପରାଧ ଥିଲା । ଘରେ ତାର ସ୍ୱାଗତ ଏକ ଅବାଞ୍ଛିତ ସନ୍ତାନ ରୂପେ ହୋଇଥିଲା । ବାପା, ବୋଉ, ଜେଜେମା, ଜେଜେବାପା ସମସ୍ତେ ଚାହୁଁଥିଲେ ଦୁଇଟା ଝିଅ ପରେ ପୁଅଟିଏ ଜନ୍ମ ହୋଇଥାନ୍ତା କି ? ହେଲେ ଜନ୍ମ ହେଲା ରାଣୀ। ତାର ଲାଳନ ପାଳନ ବି ସେମିତି ହେଲା । ବଡ ଭଉଣୀ ରାଧାରାଣୀ, ତା' ତଳ ଭଉଣୀ ବୃନ୍ଦାରାଣୀ ଓ ରାଣୀର ନାମ ରଖା ଯାଇଥିଲା ଶୈଳରାଣୀ ଯେଉଁଟାକୁ ସିଏ ଆମେରିକାରେ ଛୋଟ କରିଦେଇ କେବଳ ରାଣୀ ନାମରେ ପରିଚିତ ହେଉଥିଲା । ଛୋଟ ବେଳରୁ ବଡ ଦୁଇ ଭଉଣୀଙ୍କର ସମସ୍ତ ଜାମାପଟା ପିନ୍ଧି ତାର ଶୈଶବ କଟିଛି। ସେମିତି ବହିପତ୍ର ସବୁ ବଡ ଦୁଇ ଭଉଣୀଙ୍କ ଦ୍ୱାରା ବ୍ୟବହୃତ ହୋଇ ତା' ପାଖକୁ ଆସୁଥିଲା । ଖାଇବା, ପିଇବା ବି ସେମିତି । ବଡ ଦୁଇ ଭଉଣୀଙ୍କ କଥା ପ୍ରଥମେ, ତାପରେ ଆସେ

ISSN NO.
2582-208X

ସାନର ପାଳ । ତେବେ ଗୋଟିଏ କଥା ଗ୍ରଣୀକୁ ସାନ ହୋଇଥିବାରୁ ଭଲ ଲାଗେ ଯେ, ତାକୁ ଘରେ କଏ ଏତେ ବିଶେଷତ୍ୱ ଦିଅନ୍ତୁନ । ସିଏ ଘରେ ଥିଲେ କେତେ, ନଥିଲେ କେତେ, କଏ ଏତେ ପଗ୍ଚରନ୍ତୁ ନ । ତେଣୁ ଗ୍ରଣୀ ଛୋଟବେଳୁ ସ୍ୱାଧୀନ । ମନ ଇଚ୍ଛା ଇଆଡେ ସିଆଡେ ବୁଲେ । ଯାହାର ଯେତେବେଳେ ଦରକାର ପଡେ, ସାହାଯ୍ୟ କରେ । ଚନ୍ଦ୍ର ସାଆନ୍ତ ଓ ମା' ଙ୍କ ପାଇଁ ସେମାନଙ୍କ କଟକରେ ରହୁଥିବା ପୁଅ ପାଖକୁ ଚଠି ଲେଖା କାମ ସିଏ କରେ ଓ ପୁଅ ପାଖରୁ ଚଠି ଆସିଲେ, ପଢିବା କାମ ମଧ୍ୟ ସିଏ କରେ । ସନା ପଠା କକାଙ୍କର ସ୍ତ୍ରୀ ସୁଲତା ଖୁଡୀ ଘରକୁ ଏକା, ଶାଶୁ, ଶ୍ୱଶୁର ନଥାନ୍ତି । ତାଙ୍କ ଘର ପାଇଟି ସିଏ କରୁଥିବା ବେଳେ ତାଙ୍କ ପିଲା ମାଧୁଆକୁ ବି ଗ୍ରଣୀ ଜଗି ରହେ । ଏମିତି ଯାହାର ଯେତେବେଳେ କଛି ଦରକାର ଥାଏ, ଆକୁ ତାକୁ ଡାକବା, ଦୋକାନରୁ ଟିକେ ଯାଇ ତେଲ, ଲୁଣ ନେଇ ଆସିବା, କଏ ଘରେ ନଥିଲେ ଘର ଜଗିବା, ଖଇରୁ ଧାନ ବାଛିଦେବା, ଇତ୍ୟାଦି ଅନେକ କାମ ସିଏ କରିଦିଏ । ସେଥିପାଇଁ ନଜ ଘରେ ଅବାଞ୍ଛିତ ହେଲେ ମଧ୍ୟ ସମସ୍ତଙ୍କ ଘରେ ଗ୍ରଣୀର ଅନେକ ଆଦର; ଅନେକ ଆବଶ୍ୟକତା ।

ଗ୍ରଣୀର ବାପା ମାଇନର୍ ସ୍କୁଲ୍ ରେ ଶିକ୍ଷକ ଥିଲେ । ଦରମା ଯେତେ ମିଳେ, ସେଥିରେ ବିଲ, ବାଡିର ଆୟ ମିଶି ଘର ଚଳଯାଏ ସିନା, ସଞ୍ଚୟ ରହେ ନାହିଁ । ସେଥିପାଇଁ ଘରେ ସମସ୍ତେ ସବୁବେଳେ ଚନ୍ତୁତ ରୁହନ୍ତି; ଦୁଃଖରେ ରୁହନ୍ତି; ତିନତିନଟା ଝିଅଙ୍କର ବାହାଘର କେମିତି ହେବ । ଏମିତିରେ ବାପା ବଡ ଭଉଣୀ ଗ୍ରଧାଗ୍ରଣୀର ବାହାଘର ସିଏ ମାଟ୍ରିକ୍ ପାସ୍ କରିବା ପରେ କରିଦେଲେ । ବାପା ଗ୍ରହୁଁଥିଲେ କଲେଜରେ ପଢେଇବାକୁ । ହେଲେ ସେତେବେଳେ ଗାଁରେ ତ କଲେଜ ନଥିଲା । ଆଉ କଟକରେ ରଖି କଲେଜରେ ପଢେଇବାର ସାହସ ସିଏ ଜୁଟେଇ ପାରିଲେନ । ପ୍ରଥମରେ ତ ଖର୍ଚ୍ଚ, ପୁଣି ତାପରେ ଏକାଟିଆ ଝିଅଟାକୁ ଏତେ ଦୂର ଛାଡିବେ । ଏମିତିରେ ଭିଣୋଇ ପାଖ ଗ୍ରାମର ଥିଲେ ଓ ହାଇସ୍କୁଲ୍ ରେ ଶିକ୍ଷକ ଭାବେ ନଯୁକ୍ତ ପାଇଥିଲେ । ଭଲ ପାତ୍ର; ହାତଛଡା କରିବାର ନୁହେଁ ।

ବୃନ୍ଦା ଦେଇ କନ୍ତୁ କଲେଜ ଗଲା । ବୃନ୍ଦା ଦେଇ ହାଇସ୍କୁଲ୍ ରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲା । ବାପା ଖୁସି ହୋଇଥିଲେ । ଗ୍ରଧା ଦେଇର ମାମୁ ଶ୍ୱଶୁର ସେତେବେଳେ କଟକରେ ରହୁଥିଲେ ଓ ସିଏ ସବୁ ବୁଝାବୁଝି କରି ବୃନ୍ଦା ଦେଇର କଲେଜ ଆଡ୍‌ମିଶନ୍ କରେଇ ଦେଇଥିଲେ । ହେଲେ ବୃନ୍ଦା ଦେଇ ପାଇଁ ଯେଉଁ ଖର୍ଚ୍ଚ ହେଉଥିଲା ଓ ଘରେ ଯେଉଁ

ISSN NO.
2582-208X

ଭଳ ଦ୍ୱନ୍ଦ୍ୱ ଓ ଅସନ୍ତୋଷ ଲାଗି ରହୁଥିଲା, ସେସବୁ ଦେଖି ରାଣୀ ବୁଝିଯାଇଥିଲା ଯେ, ତା' ପାଠପଢା ହୁଏତ ସମ୍ଭବ ହେବନାହିଁ । ତେବେ ଇଶ୍ୱରଙ୍କର ରାଣୀ ପାଇଁ ଆଶୀର୍ବାଦ ରହିଥିଲା । ସିଏ ସପ୍ତମ ଶ୍ରେଣୀରେ ବୃତ୍ତି ପାଇ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଥିଲା । ସ୍କୁଲ୍‌ର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ତାକୁ ସ୍ନେହ କରୁଥିଲେ । କେବଳ ଯେ ରାଣୀ ପାଠରେ ଭଲ କରୁଥିଲା ତାହା ନୁହେଁ; ସବୁ ବିଷୟରେ ସିଏ ଅଗ୍ରଣୀ ଥିଲା । ରାଣୀ ହାଇସ୍କୁଲ୍ ମଧ୍ୟ ବହୁତ ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲା । ତେଣୁ ସିଏ କଲେଜରେ ମଧ୍ୟ ବୃତ୍ତି ପାଇଲା ଓ ତା' ବଡ ଭିଣୋଇ ଯିଏ କି ନିଜେ ଜଣେ ଶିକ୍ଷକ ଥିଲେ, ରାଣୀର ପଢାପଢି ପାଇଁ ଦରକାର ବେଳେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ ।

ରାଣୀ କଟକରେ ହଷ୍ଟେଲରେ ରହି କଲେଜରେ ପଢିଲା । ତାର ପାଠପଢା ହିଁ ତାକୁ ପରିଚୟ ଆଣିଦେଲା । ତାକୁ ସବୁ ସମୟରେ ବୃତ୍ତି ମିଳିଲା ଓ ସିଏ ଆଉ ଖର୍ଚ୍ଚ ପାଇଁ କାହା ଉପରେ ନିର୍ଭର କଲାନି । କଲେଜ ସାରି ସିଏ ଦିଲ୍ଲୀ ଗଲା ମାଷ୍ଟରସ୍ କରିବା ପାଇଁ । ସେଇଠି ପରିଚୟ ହୋଇଥିଲା ସତ୍ୟବ୍ରତଙ୍କ ସହିତ । ଜୀବନରେ ଏପର୍ଯ୍ୟନ୍ତ ଏତେ ସ୍ନେହ ସିଏ କାହାଠାରୁ ପାଇନଥିଲା । ତେଣୁ ସତ୍ୟବ୍ରତଙ୍କର ଟିକିଏ ସ୍ନେହରେ, ଭଲ ପାଇବାରେ ସିଏ ତରଳିଗଲା ଓ ବୃନ୍ଦା ଦେଇର ବାହାଘର ନ ହେଉଣୁ ସିଏ ଘରେ ଖାଲି ଖବରଟିଏ ଦେଇ ସତ୍ୟବ୍ରତଙ୍କୁ ବାହା ହୋଇପଡିଲା । ସତ୍ୟବ୍ରତଙ୍କର ପରିବାର ବି ଅଲଗା ରକମର । ସେମାନେ ସମସ୍ତେ ସ୍ୱାଧୀନଚେତା । ତାଙ୍କ ଘରେ ତାଙ୍କ ବାପା, ମା' ପିଲାମାନଙ୍କ କାମରେ ହସ୍ତକ୍ଷେପ କରନ୍ତିନି । ତେଣୁ ପୁଅର ଯେଉଁଠି ମର୍ଜି, ଯେମିତି ମର୍ଜି, ବାହା ହୋଇଗଲା; ସେଥିରେ ସମସ୍ତେ ଖୁସି । ଝିଅର ବାପା, ମା'ଙ୍କୁ ଖୋଜା ଗଲାନି କି ଭେଜିଭାତ ହେଲାନି । ରେଜେଷ୍ଟ୍ରି ବାହାଘର ହୋଇଗଲା । ବାହାଘରର ଦୁଇବର୍ଷ ପରେ ସତ୍ୟବ୍ରତଙ୍କ କଂପାନୀ ତାଙ୍କୁ କାଲିଫର୍ଣ୍ଣିଆ ପଠେଇଥିଲା । ତାଙ୍କ ସହିତ ରାଣୀ ବି ଆସିଲା । ତାର ଠିକ୍‌ଠାକ୍ ଭିସା ନ ଥିବାରୁ ସିଏ କିଛିଦିନ କାମ କରୁନଥିଲା । ତାପରେ ସେମାନେ ମେରୀଲାଣ୍ଡ ଆସିଲେ । ସେଇଠି ତାର ବଡ ଝିଅ ଜନ୍ମ ହେଲା । ଝିଅକୁ ଦୁଇବର୍ଷ ହେବା ପରେ ରାଣୀ ମାଷ୍ଟରସ୍ କରିବ ବୋଲି ଭାବି କଲେଜରେ ନାମ ଲେଖେଇଲା । ସେତିକିବେଳେ ସିଏ ଶୈଳରାଣୀକୁ ବଦଳାଇ ନିଜ ନାଁ ଖାଲି ରାଣୀ କରିଦେଲା । ପ୍ରଥମରେ ତ ସିଏ ଭଲ ଛାତ୍ରୀ ଥିଲା । ତେଣୁ ଦୁଇବର୍ଷରେ ମାଷ୍ଟର୍‌ସ୍ ସାରିଦେଲା । ହେଲେ ସେଇ ସମୟରେ ଆଉ ଗୋଟିଏ ଜଟିଳତା ଆସିଲା । ସେମାନଙ୍କର ପୁଅଟିଏ ଜନ୍ମ ହେଲା ଓ ତା' ପରେପରେ ସତ୍ୟବ୍ରତଙ୍କ କଂପାନୀ

ISSN NO.
2582-208X

ଆଉ ଗୋଟିଏ କଂପାନୀକୁ ବିକ୍ରି ହୋଇଗଲା ଓ ସେଇଥିରେ ସତ୍ୟବ୍ରତଙ୍କର ଚାକିରି ଚାଲିଗଲା । ତାପରେ ଜୀବନ ଏମିତି କଠୋର ସମୟ ଦେଇ ପ୍ରବାହିତ ହେଲା ଯେ କହିହେବନି । ଛୋଟ ପିଲାକୁ ନେଇ କେମିତି କଣ କରିବେ; ଉଭୟଙ୍କର ତାଳୁକ ଶୁଖିଗଲା। ସେଇ ସମୟରୁ ହିଁ ଉଭୟ ସ୍ୱାମୀ, ସ୍ତ୍ରୀ ଓଡିଆ ସାମାଜିକ ଉତ୍ସବ, ମହୋତ୍ସବରୁ, ସବୁଠାରୁ ଦୂରେଇଗଲେ । ନିଜର ଦାନାପାଣିର ବ୍ୟବସ୍ଥା ଠିକ୍ ଥିଲେ ସିନା ସାଙ୍ଗସାଥୀ, ମେଳ, ସମାଜ, ଖୁସି, ପର୍ବପର୍ବାଣିର ଚିନ୍ତା ଆସିବ । ହେଲେ ନିଜର ଦାନାପାଣି ଯେତେବେଳେ ସଙ୍କଟରେ, ସେତେବେଳେ ଆଉ କିଏ ସେ ସାଙ୍ଗମେଳ, ସମାଜ, ପର୍ବପର୍ବାଣିକୁ ପଚାରେ । ପେଟକୁ ଦାନା, ପିନ୍ଧିବାକୁ କନା ଯୋଗାଡ କରିବା ଯେତେବେଳେ କଷ୍ଟକର ହୋଇଯାଏ, ସେତେବେଳେ ସ୍ନେହ, ମମତା ବି ସେମିତି କଠୋରତା ଓ ଉଦାସୀନତାରେ ପରିଣତ ହୋଇଯାନ୍ତି । ସେମିତି ପାଲଟି ଯାଇଥିଲେ ସତ୍ୟବ୍ରତ ଓ ରାଣୀ। ଟିକେଟିକେ କଥାରେ ମାନ, ଅଭିମାନ, ପ୍ରତିବାଦ ବାହାରୁଥିଲା ଓ ସେମାନଙ୍କ ସଂପର୍କ ଯେ ତିଷ୍ଠି ରହିବା କଷ୍ଟ ଏମିତି ମନେ ହେଉଥିଲା ।

ସମୟ ବଡ ବଳବାନ । ସେଠି କାହାର ଦୁଃଖ କି କାହାର ସୁଖ ଚିରସ୍ଥାୟୀ ରହେନାହିଁ । ସମୟ ବଦଳଯାଏ; ଭାଗ୍ୟ ବଦଳଯାଏ । ସତ୍ୟବ୍ରତ ଆଉ ରାଣୀ ସେ ସମୟ ପାର କରିଗଲେ । ସତ୍ୟବ୍ରତ କିଛି କୋର୍ସ କଲେ ଓ ଏକ ଅସ୍ଥାୟୀ ଚାକିରିରେ କାମ କରୁଥିଲେ । ପିଲାମାନେ ସ୍କୁଲ୍ ଯିବା ପରେ ରାଣୀ ମଧ୍ୟ କାମ ଖୋଜିବାରେ ଲାଗିଲା ଓ ଭାଗ୍ୟବଶତଃ ତାକୁ ଗୋଟିଏ ଭାରତୀୟ କଂପାନୀରେ ଚାକିରି ମିଳିଗଲା । ୨୦୧୫ ବେଳକୁ ସେମାନେ ନିଜନିଜର ଚାକିରିରେ ସ୍ଥାୟୀ ହୋଇଯାଇଥିଲେ, ଆମେରିକାର ନାଗରିକତ୍ୱ ପ୍ରାପ୍ତ କରିଥିଲେ ଓ ରୋଜଗାର ବି ଭଲ ଥିଲା । ତଥାପି ସେମାନେ କେବଳ ଅଳ୍ପ କେତେକ ସାଙ୍ଗସାଥୀଙ୍କ ସହିତ ମିଶୁଥିଲେ ଓ ନିଜକୁ ନିଜ ବ୍ୟବସାୟିକ କ୍ଷେତ୍ରରେ ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁଥିଲେ । ଏବେ ସେମାନେ ଭଡାଘର ବଦଳରେ ନିଜର ଘର କିଣିଲେ, ତାହା ପୁଣି ତିନି ଏକର ଜମିରେ । ସେମାନେ ଘର ପଛପଟେ ଏକ ସୁନ୍ଦର ବଗିଚା କରାଇଲେ । ଏବେ ସେମାନେ ଖୁସି । ଜୀବନରେ ଯାହା ପାଇବାର ଇଚ୍ଛା କରିଥିଲେ, ଏବେ ସବୁ ମିଳିଯାଇଛି । ରାଣୀର ବଡ ଇଚ୍ଛା ଥାଏ, ସବୁ ସାଙ୍ଗସାଥୀଙ୍କୁ ଡାକି ସେ ବଗିଚାରେ ଗୋଟିଏ ଅତି ସୁନ୍ଦର ଗାର୍ଡେନ୍ ପାର୍ଟି କରନ୍ତା । ରାଣୀର ଜୀବନରେ କେବେ ବି କିଛି ଜାକଜମକରେ ହୋଇନି । ଅବଶ୍ୟ ସେମାନେ ବାହାରକୁ ବୁଲି ଯାଇଛନ୍ତି, ବଡବଡ ହୋଟେଲ୍‌ରେ ରହିଛନ୍ତି,

ISSN NO.
2582-208X

ରିସୋର୍ଟରେ ରହିଛନ୍ତ, ତେବେ ସେଇଟା ବ୍ୟକ୍ତିଗତ ଭାବେ କି କାହାର ବାହାଘର କି କୌଣସି ଉତ୍ସବକୁ ନେଇ । ହେଲେ ନିଜ ପାଇଁ କିଛି ଉତ୍ସବ, ମହୋତ୍ସବ ଏପର୍ଯ୍ୟନ୍ତ ହୋଇନି ।

ଠିକ୍ ଯେତେବେଳେ ରାଣୀ ଓ ସତ୍ୟବ୍ରତ ଜୀବନରେ ସୁଖ ଅନୁଭବ କରିବା ପାଇଁ, ସମାଜିକ ଜୀବନର ସୁଖ ସ୍ୱାଦ ଚାଖିବା ପାଇଁ ଓ ସାଙ୍ଗସାଥୀ ଗହଣରେ ମଜା କରିବା ପାଇଁ ସବୁଥିରେ ସାମିଲ୍ ହେବାକୁ ବାହାରି ଆସିଲେ, କେଉଁଠି ଥିଲା କେଜାଣି ଆସିଗଲା କରୋନା। ଉଭୟ କିଛିଦିନ ସ୍ଥାଣୁ ପାଲଟିଗଲେ ଯେମିତି । ହେଲେ ଗୋଟିଏ କଥା ଭଲ ହେଲା । ସେ ସମୟରେ ସେମାନେ ସବୁ ସାଙ୍ଗସାଥୀ, ସଂପର୍କୀୟଙ୍କ ସହିତ ସଂପର୍କ ଯୋଡିଲେ । ଫୋନ୍ କରି ଡାକଲେ; ଗପିଲେ, ଯେଉଁ କିଛି ବର୍ଷ ସେମାନେ ସମସ୍ତଙ୍କ ଠାରୁ ଦୂରେଇ ଯାଇଥିଲେ, ସେ ସମୟର ସମସ୍ତ ବ୍ୟବଧାନକୁ ପୁଣି ଯୋଡିଦେଲେ । କରୋନା ଭୂତାଣୁ ନିୟନ୍ତ୍ରଣକୁ ଆସିବା ପରେ ସେମାନେ ଭାବିଥିଲେ ସମସ୍ତଙ୍କୁ ନିଜ ଘରକୁ ଡାକିବେ, ଟିକେ ଖୁସି କରିବେ, ଅନ୍ୟକୁ ଖୁସି ଦେବେ । ହେଲେ ସମୟ ଯେମିତି ସେମାନଙ୍କ ସହିତ ବାଦ ସାଧୁଥିଲା । ଆଜି ଅମୁକ, କାଲି ସମୁକ, ହୋଇ ସବୁ ମାସ, ସବୁ ସପ୍ତାହ ଶେଷର ଶନିବାର, ରବିବାର ବ୍ୟସ୍ତ । ଏ ମାସରେ କେଉଁ ସାଙ୍ଗ ଭାରତ ଗଲାଣି, ଆସନ୍ତା ମାସରେ କିଏ ୟୁରୋପ ବୁଲିବାକୁ ଯିବ । ଏ ମାସରେ ମକର ସଂକ୍ରାନ୍ତି ହେଲାଣି ତ, ଆସନ୍ତା ମାସରେ ସରସ୍ୱତୀ ପୂଜା ହେବ । ଏମିତି ହୋଇହୋଇ ମେ ମାସଟିକୁ ପାଇଲେ ସେମାନେ । ସେଥିପାଇଁ ଏ ଆୟୋଜନ ।

ସେଦିନ ପାର୍ଟି କିନ୍ତୁ ଖୁବ୍ ଜମିଲା । ଏତେ ସୁନ୍ଦର ଆୟୋଜନ । ହେଲେ କାହାକୁ କୌଣସି କଥା ପାଇଁ ତରତର ହେବାର ନାହିଁ । ମନଇଚ୍ଛା ଯିଏ ଯେଉଁଠି ବୁଲ, ଗପକର, ଫଟୋ ବୁଥ୍ ରେ ଫଟୋ ଉଠାଅ, ଖାଅ, ପିଅ, ଆନନ୍ଦ କର । ଡିନର୍ କିନ୍ତୁ ଠିକ୍ ସାତଟାରେ ପରିବେଷଣ କରାଯିବ ଓ ସେ ସମୟରେ ରହିବ ସେ ଅଜଣା କାର୍ଯ୍ୟକ୍ରମ । ରାଣୀ ସେଦିନ ରାଣୀ ଭଳି ସଜେଇ ହୋଇଥାଏ । ସତ୍ୟବ୍ରତ ବି ରାଜ ପୋଷାକରେ ସଜେଇ ହୋଇଥାନ୍ତି । ସାଙ୍ଗମାନେ ପଚାରିଲେ, "ରାଣୀ, ସତ କହିଲ, ଆଜି କଣ ? କିଛି ତ ଅଛି । ନହେଲେ ତମେ ଏମିତି ରାଜରାଣୀ ଭଳି ସଜେଇ ହୋଇଛ ଯେ ? ଆଉ ସତ୍ୟବ୍ରତ, ସିଏ ବି ଏମିତି ରାଜ ପୋଷାକରେ । କଥା କଣ ?'

ISSN NO.
2582-208X

ସେମାନଙ୍କ ପ୍ରଶ୍ନରେ ବଡ ଆମୋଦ ଅନୁଭବ କରୁଥାନ୍ତି ସତ୍ୟବ୍ରତ ଓ ଗ୍ରଣୀ । ଏମିତି କ ସେମାନଙ୍କ ପିଲ୍ମାନେ ବି କଛି କହୁନଥାନ୍ତି । ଯିଏ ଯାହାର ଯାହା ଉପହାର ସବୁ ଧରି ଆସିଥିଲେ, ଦେଲେ । ସତ୍ୟବ୍ରତ ଓ ଗ୍ରଣୀ ମଧ୍ୟ ଅତି ଆଦର ସହକାରେ ସେ ଉପହାର ସବୁ ଗ୍ରହଣ କଲେ । ସାତଟା ବେଳକୁ ଡିନର୍ ଦିଆଗଲ୍ । ରେଷ୍ଟୁରାଣ୍ଟ ଦ୍ୱାର୍ ନିୟୋଜିତ କର୍ମୀମାନେ ସେ ଦାୟିତ୍ୱ ନେଇଥାନ୍ତି । ଏହି ସମୟରେ ମଞ୍ଚରେ ପରିବେଷିତ ହେଲ୍ ଅର୍କେଷ୍ଟ୍ରା, ଗ୍ରଗ ଭୈରବୀ । ଏମିତି ଗୋଟି ଗୋଟି କରି ସାତଟି ଗ୍ରଗ ଓ ସାତଟି ଗ୍ରଗରେ ପରିବେଷିତ ହେଲ୍ ସାତଟି ଓଡିଆ ଗୀତ । ସମୟ କେମିତି ବିତିଗଲ୍, କାହାକୁ ଜଣାପଡିଲ୍ନି । ପ୍ରୋଗ୍ରାମ୍ ଶେଷରେ କେବଳ ତିନ ମିନଟ୍ ପାଇଁ ଗ୍ରଣୀ ଓ ସତ୍ୟବ୍ରତ କଛି କହିଲେ; ସମସ୍ତଙ୍କୁ ଧନ୍ୟବାଦ ଦେଲେ ଓ ଶୁଭଗ୍ରତ୍ରି ଜଣେଇଲେ । ପାର୍ଟିର କାରଣ ବିଷୟରେ ଦୁଇଟି ବାକ୍ୟ କହିଲେ; "ଏଇଟା ହେଲ୍ ଏକ ନିକମା ଦିନର ପାର୍ଟି । ଏ ନିକମା ଶବ୍ଦଟି ଆମ ବରୀ ଅଞ୍ଚଳର ଗାଉଁଲି ଶବ୍ଦ । ନିକମାର ଅର୍ଥ ହେଲ୍, ଯେଉଁ ଦିନ, ଯେଉଁ ସମୟର କଛି ବିଶେଷତ୍ୱ ନଥାଏ; ସେଦିନ ନା' କୌଣସି ତିଥିର ଦିନ, ନା କୌଣସି ଓସା, ବ୍ରତର ଦିନ କ କାହାର ଜନ୍ମଦିନ, ବାହାଘର ବାର୍ଷିକୀ କ ଶ୍ରାଦ୍ଧ । ଏ ପାର୍ଟିର କାରଣ ହେଲ୍, ଏମିତି ଏକ ବିଶେଷତ୍ୱ ବିହୀନ ଦିବସକୁ ବିଶେଷତ୍ୱ ଦେବା ଓ ସଂପୂର୍ଣ୍ଣ ଆନନ୍ଦ, ଖେଦ ବିହୀନ ଆନନ୍ଦ ଅନୁଭବ କରିବା ।'

ଫେରିବା ବେଳକୁ ସମସ୍ତଙ୍କ ପାଟିରେ ସେହି ଗୋଟିଏ କଥା, "ସତରେ ଗ୍ରଣୀଟା କେତେ ବୁଦ୍ଧିମତୀ । ଆଜି ପର୍ଯ୍ୟନ୍ତ ମୁଁ ଯେତେ ପାର୍ଟି ଯାଇଛି, ଗ୍ରଣୀର ନିକମା ପାର୍ଟି ସବୁ ପାର୍ଟି ଠାରୁ ନିଆର୍, ସବୁ ପାର୍ଟି ଠାରୁ ଆନନ୍ଦଦାୟକ ।'

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଖର୍ ଦିନ



ଡ. ପ୍ରସନ୍ନ କୁମାର ବଳ

ଗଠନ ମୂଳକ ଚିନ୍ତାଧାରା ଆସେ ମୁଣ୍ଡାଟିତ ଥଣ୍ଡା ଥିଲେ,
ମୁଣ୍ଡ ଥଣ୍ଡା ରହେ ଚାରିପାର୍ଶ୍ୱେ ଯେବେ ଥଣ୍ଡା ପରିବେଶ ଥିଲେ ।୧ ।
ଥଣ୍ଡା ପରିବେଶ ଅର୍ଥ ପୁଣି ଥାଏ ଦୁଇ ପ୍ରକାରରେ ଆହା,
ମାନସିକ ତଥା ପରିବେଶ ପୁଣି ଥଣ୍ଡା ତ ରହିବା କଥା ।୨ ।
ପରିବେଶ ପୁଣି ଥଣ୍ଡା ନ ରହିଲେ ବଢଇ ଉତ୍ତାପ କେତେ,
କାମ କରିବାଟା କେତେ କଷ୍ଟ ସତେ ମନେ ପକାଅନି ମୋତେ ।୩ ।
ଖରା ତ ଯେପରି କାୟା ମେଲି ଅଛି ଉତ୍ତାପ ବହୁ ଉପରେ,
କି କଷ୍ଟ ପାଆନ୍ତି କର୍ମଚାରୀ ସବୁ ବିନା ଏସି ରୁମରେ ୪ ।
ସ୍ଥାନ ପୁଣି ଯଦି ଥାଏ ତ ଉପର ମହଲା କଥା ସରିଲା,
ଅତି ବିକଳରେ, ଗରମ ମଧ୍ୟରେ କି କାମ କରିବେ ଭଲା ।୫ ।
ସେ ସବୁ ମଧ୍ୟରେ କର୍ମଚାରୀ ଟିଏ କାମ କରିଥାଏ ବସି,
ଆଗ ରାଜକାର୍ଯ୍ୟ, ପରେ ପିତୃକାର୍ଯ୍ୟ ଭାଳି ହେଉଥାଏ ବସି ।୬ ।
ରାସ୍ତାଘାଟ ସବୁ ଶୁନ୍ ଶାନ୍ ହୁଏ ଖରା ଟାଣ ଯେବେ ବଢେ,
ଅଂଶୁଘାତ ଭୟ ଜୀବନ ନାଶକ ମନେ ରଖିବାକୁ ପଡେ ।୭ ।
ଅଫିସ୍, ସ୍କୁଲ ମାନ ସବୁ ପୁଣି ସକାଳିଆ ହୋଇଯାଏ,
ନିରାପଦ ରାସ୍ତା ବାଛିକରୀ ପୁଣି ଖରାଦିନ କଟାଯାଏ ।୮ ।
ଲସି, ତରଭୁଜ, ଘୋଳଦହି ପୁଣି ଆହାର କରିବା ଆମେ,
ଦେହର ଜଳିଅ ଅଂଶକୁ ତ ପୁଣି ଭରଣା କରିବା ଆମେ ।୯ ।

ISSN NO.
2582-208X

ଖରା ଦିନ ସନ୍ଧ୍ୟା ବେଳର ପବନ କେତେ ଆରାମ ଦାୟକ ?
ଛାତ ଉପରର ପବନ ଖାଇଲେ ଏସି ଲାଗେନାହିଁ ସତ ।୧୦।
ପ୍ରାକୃତିକ ଉପାୟରେ ଯେତେ ସବୁ ଫଳ ଓ ପନିପରିବା,
ଗ୍ରହଣ କରିକି ସେ ସବୁକୁ ଆମେ ସ୍ୱାସ୍ଥ୍ୟବାନ ହିଁ ତ ହେବା ।୧୧।
ଖରାଦିନେ ଭଲ ପନି ଓ ପରିବା ପାଇବାଟା କଷ୍ଟ ହୁଏ,
ଘରଟିରେ ଆମ କ୍ଷୁଦ୍ର ବଗିଚାଟି ଆମକୁ ସାହସ ଦିଏ ।୧୨।
ବଗିଚାରେ ଟିକେ କାମ ତ କରିଲେ ଆନନ୍ଦ ମିଳଇ ମନେ,
ଚାରାଟି ବଢିଲେ ସତେ କି ଆମର ଜୀବନର ଆଶା ଜନ୍ମେ ।୧୩।
ରଙ୍ଗ ବିରଙ୍ଗର ଫୁଲ ଗଛ ସବୁ ଦିଅଇ ମନେ ଆନନ୍ଦ
ଆନନ୍ଦ ମନ ତ ସୁସ୍ଥ ଶରୀରର ଅଟଇତ ମୂଳ ମନ୍ତ୍ର ।୧୪।
ଠିକ୍ ସମୟରେ ଖରାଦିନ ଆସେ ପ୍ରକୃତି ନିୟମ ମାନି,
ଆମେ ସବୁ ଏତେ ଅମାନିଆଁ କିଆଁ ଦେଖାଇ ହୁଅନ୍ତି ଜ୍ଞାନୀ ।୧୫।
ଖରା ପରେ ବର୍ଷା, ବର୍ଷା ପରେ ଶୀତ ଏତ ପ୍ରକୃତି ନିୟମ,
ପ୍ରକୃତିକୁ ଆମେ ସମ୍ମାନ ହିଁ ଦେବା, ରଖିବା ତାହାର ମାନ ।୧୬।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# କୁକର୍ମର ଫଳ



ଭସ୍କର ଚନ୍ଦ୍ର ଖଣ୍ଡା

ଘନ ଅନ୍ଧକାର ଭିତରେ
ହୁଏ ନାହିଁ ଦେଖି ଯେମିତି କିଛି
ହୁଏ ନାହିଁ ଚିହ୍ନି ସେଇମିତି
ମୋହମାୟା ଭରା ଏ ସଂସାର ଭିତରେ
ସମ୍ମୁଖରେ ଥିବା ମଣିଷର ଚେହେରାଟିକୁ ।୧।

ଏମିତି ଚେହେରା କୁ ଦେଖି
ଜାଣି ହେବ ଅବା କଣ ?
କରି ସମସ୍ତ କୁକର୍ମ
ନିସୃତ ହୁଏ ସେମାନଙ୍କ ମୁଖରୁ ମଧ୍ୟ
କିଏ ବା ଅଛି ତାଙ୍କର ଏ ଦୁନିଆରେ
ସେମାନେ ବି କହନ୍ତି
ଅଛନ୍ତି ସାକ୍ଷୀ ଈଶ୍ୱର ତାଙ୍କ ପାଇଁ ।୨।

ଅଜ୍ଞତାରେ ପ୍ରକାଶ୍ୟ ହେଲେ ମଧ୍ୟ
ଏ ଉକ୍ତିଟି ଅବଶ୍ୟ ସତ୍ୟ
କରିଛନ୍ତି ଯେତେ ସବୁ କୁ କର୍ମ
କରିବାକୁ ଆତ୍ମସାତ ଅର୍ଥ ସମୂହକୁ
ଅଛନ୍ତି ଈଶ୍ୱର ସେଇଥିରେ ବି ସାକ୍ଷୀ

ISSN NO.
2582-208X

ହେବ ଭୋଗିବାକୁ
ଏଇ ଜନମରେ ତାଙ୍କୁ
ତାଙ୍କ କୃତ କୁକର୍ମର ଫଳ ।୩।

କରି ଦେଇ ଆଖି ବନ୍ଦ
ଅତି ଆନନ୍ଦ ସହକାରେ
ପିଉଥାଏ ବିରାଡି ଟି କ୍ଷୀର
ଭାବୁଥାଏ ଜାଣି ପାରୁନାହାନ୍ତି
କେହିବି ତାକୁ
ହେଲେ ଈଶ୍ୱରଙ୍କ ସହିତ
ଜାଣିଥାନ୍ତି ଅନ୍ୟମାନେ ମଧ୍ୟ ।୪।

ନେଇ ଯାଇ ପାରିବ ନାହିଁ ତ କିଛି
ଗଲାବେଳେ ସିଏ
ହେଲେ ଭୋଗିବ ଏଇଠି ସିଏ
ସବୁ କୁକର୍ମର ଫଳ ।୫।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡେନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ମେଘ ଉହାଡେ



ଶାନ୍ତିଲତା ମିଶ୍ର

ହଠାତ୍ ଏପରି ଭାବେ "ଅମିତା' ଆଜି "ଦେବୀକା' ପିଇସୀ ନାନୀଙ୍କୁ ଦେଖିବେ କେବେ ସ୍ୱପ୍ନରେ ଭାବି ନଥିଲେ । ଅମିତାଠୁ ପନ୍ଦର ବର୍ଷ ବଡ ହେବେ ବୟସରେ ନାନୀ । କିନ୍ତୁ ଦୁହେଁ ପୁରା ସାଙ୍ଗ ଭଳ ଥିଲେ ପିଲା ଦିନେ । ଦେବୀକା ନାନୀ କୋଡିଏ ବର୍ଷ ବୟସରେ ବାହା ହୋଇଥିଲେ ସତ କିନ୍ତୁ ତାଙ୍କ ସ୍ୱାମୀ ବାହାଘରର ତିନି ବର୍ଷ ପରେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ସେବେଠୁ ନାନୀ ଆସି ତାଙ୍କ ବାପ ଘରେ ଜେଜେ ବାପା, ଜେଜେ ମା, ବାପା ମାଙ୍କ ପାଖେ ରହୁଥିଲେ ।

ଅମିତାଙ୍କୁ ଓ ତାଙ୍କର ଅନ୍ୟ ଦୁଇ ଭାଇଙ୍କୁ ପାଳବାରେ ନାନୀଙ୍କର ବହୁତ ସାହାଯ୍ୟ ରହିଛି । କିନ୍ତୁ ପରେ ନାନୀ ସାଇର ମଦନ ଭାଇଙ୍କ ସଙ୍ଗେ ଲୁଚ ଲୁଚ ମିଶୁ ଥିଲେ । କେବେ ବଜାର ଯିବା ନାଆଁରେ ତ କେବେ ମନ୍ଦିର ଯିବା ନାଁ ରେ । ଅମିତା ସ୍କୁଲ ଯିବା ବାଟରେ ଅନେକ ଥର ସେମାନଙ୍କ ଚିଠି ଦେବା ନେବାରେ ସାହାଯ୍ୟ କରିଛି । କାହାକୁ ନକହିବାକୁ ନାନୀ ମନା କରିଥାନ୍ତି । ନାନୀ ରାଣ ପକେଇଥାନ୍ତି, କହିଥାନ୍ତି ଯଦି କାହାକୁ କହିଦେବୁ ସେ ମରିଯିବେ । ପିଲାବେଳେ ସେ ନାନୀଙ୍କୁ ବହୁତ ଭଲ ପାଉଥିଲା ତେଣୁ ତାଙ୍କ ମରିବା କଥା ସେ କହିଲେ ଅମିତା ଡରି ଯାଉଥିଲା । କେବେ ସହି ପାରୁନଥିଲା ।

ସେତେବେଳେ ଅମିତାଙ୍କୁ ବାର ବର୍ଷ । ଘଟଣା ଟା କଣ ସେ କିଛି କିଛି ବୁଝିପାରୁଥିଲେ କିଛି ବୁଝୁ ବି ନଥିଲେ । ଦିନେ ନାନୀ ରାତି ଅଧରେ ଘରେ କାହାକୁ ନକହି ଲୁଚ କରି ମଦନ ଭାଇଙ୍କ ସଙ୍ଗେ ପଳେଇଗଲେ । ଏବଂ ଅମିତା ତାଙ୍କୁ ପୁରା ଏଥିରେ ସାହାଯ୍ୟ କରିଥିଲା ।

ISSN NO.
2582-208X

ଝରକା ବାଟେ ଗୋଟି ଗୋଟି କରି ତାଙ୍କ ଲୁଗା ପଟା ଗହଣା ଆଉ ତ ଆଉ ବାପାଙ୍କ ଆଲମିରାରୁ ବଡ ରକମର ଟଙ୍କା ଗ୍ଟେରିକରି ଆଣି ଦେଇଥିଲା ।

ସେତେବେଳେ ସେ ଏତେ କଥା ଭାବି ନଥିଲା । ତା ପର ଦିନ ଘରେ ବହୁତ ଖୋଜାଗଲା ନାନୀଙ୍କୁ । ତାଙ୍କୁ ବି ପଚରଗଲା ଥରେ ନୁହଁ ଶହେଥର କନ୍ତୁ ସେ କଛି କହି ନଥିଲା । ଜେଜେ ମା ବହୁତ କାନ୍ଦିଲେ । ଜେଜେ ବାପା ଚୁପ ହୋଇ ବସି ରହିଲେ । ନା ଖାଇଲେ ନା ପିଇଲେ । ଦୁଇ ଦିନ ପରେ ମଦନ ଭାଇଙ୍କ ବଡ ଭାଇ ଆସି ବାପାଙ୍କୁ ସବୁ କହିଦେଲେ ଯେ ସେମାନେ ଦୁହେଁ ଘର ଛାଡି ଚାଲି ଯାଇଛନ୍ତି ବୋଲି । ବାପା ପାଟି ତୁଣ୍ଡ କରି ଗୁଡାଏ ଗାଳି ଦେଲେ ନାନୀକୁ । ଘର ପୂର୍ବ ଅବସ୍ଥାକୁ ଫେରିବାକୁ ବେଶ୍ କିଛି ମାସ ଲାଗିଗଲା । ତା ପରଠୁ ନାନୀର କିଛି ଖବର ଅନ୍ତର ନଥିଲା ।

ଆଜି ପୁରଷ୍କାର ଉତ୍ସବ ସଭାରେ ସର୍ବ ସମ୍ମୁଖରେ ନାନୀକୁ ଜଣେ ସର୍ବ ଶ୍ରେଷ୍ଠ ନାଗରୀକ ଭାବରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପୁରଷ୍କୃତ କରାଗଲା । ଆଶ୍ଚର୍ଯ୍ୟ, କଣ ସେ ଏପରି କଲା, ଡରରେ ଘରୁ ଲୁଚିକି ଚାଲି ଯାଇଥିବା ଲୋକଟିର ଏତେ ସାହାସ କୋଉଠୁ ଆସିଗଲା । ଦେବିକା ନାନୀ ତାକୁ ଚିହ୍ନିବା ସମ୍ଭବ ନଥିଲା କିନ୍ତୁ ସେ ସହଜରେ ଚିହ୍ନିଦେଲା । ନାନୀର ଚେହେରାରେ ବୟସର ପରିବର୍ତ୍ତନ ହୋଇଛି ସତ ଆକୃତିରେ ବିଶେଷ ପରିବର୍ତ୍ତନ ହୋଇ ନାହିଁ । ସେହି ଗୋରା ପତଳା ଚେହେରା ଯେମିତି ଥିଲା ସେମିତି ଅଛି । କିନ୍ତୁ ଅମିତା ସେତେବେଳେ ବାର ବର୍ଷର ଥିଲେ ଏବେ ପଚାଶ ବର୍ଷରେ ପଦାର୍ପଣ । ମୁହଁରେ ଯେତିକି ଶରୀରରେ ବି ସେତିକି ପରିବର୍ତ୍ତନ ।

ଅମିତା ନାନୀ କହି ଯେତେବେଳେ ତାଙ୍କୁ କୁଣ୍ଢେଇ ଧରିଲେ ନାନୀ କିଏ ବୋଲି କହି କ୍ଷଣେ ଚୁପ୍ ରହିଗଲେ ତାପରେ ହଠାତ କହି ଉଠିଲେ -"ତୁ ଅମି କି ! ସେ ଦୃଶ୍ୟ ଅବର୍ଣ୍ଣନୀୟ । ପ୍ରଥମେ ଦୁହେଁ ପରଷ୍ପରକୁ କୁଣ୍ଢେଇ ଧରି ବହୁତ କାନ୍ଦିଲେ, ତାପରେ ନାନୀ କହିଲେ - "ତତେ ଏମିତି ଦେଖିବି ବା ଏ ଜୀବନରେ ଦେଖି ପାରିବି କେବେ ସ୍ୱପ୍ନରେ ଭାବି ନଥିଲି ।'

ରାସ୍ତାକଡରେ ଥିବା ଏକ ଚା ଦୋକାନକୁ ଯାଇ ଚା ପିଇ କଥା ଆରମ୍ଭ କଲା ନାନୀ । ସେଦିନ ରାତିରେ ସେମାନେ ଘରୁ ଲୁଚିକି ଏକ ଜଙ୍ଗଲ ରାସ୍ତା ଦେଇ ଷ୍ଟେସନ ଆଡକୁ

ISSN NO.
2582-208X

ଯାଉଥିବା ସମୟରେ କିଛି ଡାକୁଙ୍କ ହାବୁଡରେ ପଡିଗଲେ । ସେମାନେ ମଦନ ଭାଇଙ୍କୁ ଛୁରାରେ ମାରି ଦେଇ ସବୁ ଟଙ୍କା ପଇସା ବ୍ୟାଗ ଛଡେଇ କରି ନେଇ ଚାଲିଗଲେ । ତାଙ୍କୁ ବି ହେଲେ ମାରି ଦେଇ ଥାନ୍ତେ ତେବେ ଭଲ ହୋଇ ଥାନ୍ତା । କିନ୍ତୁ ତାଙ୍କୁ ଛାଡିଦେଇ ଗଲେ। ସେ ଅନ୍ଧାରରେ ଆଉ ଜୀବନକୁ ଲୋଭ ନକରି ଆଗକୁ ଆଗକୁ ଚାଲିଲେ । ଘରକୁ ଫେରିବାର ମୁହଁ ନଥିଲା । ଚାହୁଁଥିଲେ ତାଙ୍କୁ କୌଣସି ବନ୍ୟଜନ୍ତୁ ଖାଇଦେଲେ ଭଲ ହେବ।

ଯେମିତି ସେମିତି ହେଉ ସକାଳ ହୋଇଥିଲା । ବଣରୁ ବାହାରିବା ମାତ୍ରେ ଏକ ବିରାଟ ନଈ ଦେଖିଲେ । ନା ଆଗକୁ ଭାବିଲେ ନା ପଛକୁ । ନଈକୁ ଡେଇଁ ପଡିଲେ । ଯାହା ଭାଗ୍ୟରେ ସୁଖ ଲେଖା ନାହିଁ କେବଳ ଦୁଃଖ ହିଁ ଦୁଃଖ ଲେଖା ଅଛି ସେ ତାକୁ କିପରି ବଦଳେଇବେ । କିନ୍ତୁ ତଥାପି ମୃତ୍ୟୁ ଆସିନଥିଲା । ସେ କିଛି ବାଟ ଭାସି ଭାସି ଯିବା ପରେ କିଛି ମାଛ ଧରାଳି ଲୋକଙ୍କ ଜାଲରେ ପଡିଗଲେ । ସେମାନେ ତାଙ୍କୁ ନେଇ ସେବା ଯତ୍ନ କରି ବଞ୍ଚେଇ ଦେଲେ ।

ଆଖି ଖୋଲିଲା ବେଳକୁ ନୁଆଁଣିଆ ଚାଳ ଘରର ଦଉଡି ଘଟିଆରେ ସେ ଶୋଇଚନ୍ତି । ତାଙ୍କ ଚାରି ପାଖରେ ଅନେକ ସ୍ତ୍ରୀ ଲୋକ ଛୁଆ ପିଲା, କିଛି ପୁରୁଷ ଘର ବାହାରେ କଥା ବାର୍ତ୍ତାରେ ବ୍ୟସ୍ତ । ସେମାନଙ୍କୁ ନା ଦେଖିବାକୁ ଭଲ ଲାଗୁଥିଲା ନା ତାଙ୍କ କଥା ଶୁଣିବାକୁ ଭଲ ଲାଗୁଥିଲା । କାହିଁକି ସେମାନେ ତାଙ୍କୁ ବଞ୍ଚେଇଲେ । ପୁଣ୍ୟ ଅର୍ଜିବା ପାଇଁ । ଆଖି ଖୋଲିଲା ପରେ ସମସ୍ତେ ତାକୁ ଘେରି ପଚାରିଲେ କେମିତି ଲାଗୁଛି, କଣ ଖାଇବ ଇତ୍ୟାଦି । ସେ କଛି କହିଲେନି ଆଖି ବୁଜି ପୁଣି ଥରେ ଶୋଇ ପଡିଲେ ।

ସକାଳୁ ଉଠି ଏଠୁ ଲୁଚି କରି ଚାଲିବାକୁ ଚେଷ୍ଟା କଲେ ସତ । କୋଉଆଡେ ଯିବେ । ବାଟ ଘାଟ ସବୁ ଅଜଣା । ସାଇ ସାରା ସକାଳୁ ସକାଳୁ ଲୋକ ଚାରି ଆଡ ଭର୍ତ୍ତି । ଚୁପ ହୋଇ ଘର ଭିତରକୁ ଫେରି ଆସି ଖଟିଆରେ ବସିଗଲେ । ଭୋକ ଲାଗିଲାଣି । ପ୍ରାୟ ଦି ଦିନ ହେବ କିଛି ଖାଇ ନାହାଁନ୍ତି । ଉଠିବାକୁ ବିଶେଷ ବଳ ପାଉନି ଦେହରେ । କେହି ଜଣେ ମୁଢି ବାଦାମ ମିଶା ଗୋଟେ ମାଟି ସରାରେ ଆଣି ଦେଲେ ସେ ଚୁପଚାପ ଖାଇବାକୁ ଲାଗିଲେ। ଦି ପହରେ ଭାତ ମାଛ । ତାଙ୍କର ଭାରି ପ୍ରିୟ ଖାଦ୍ୟ । ଭୋକିଲା ପାଟିକି ବି ଭାରି ସ୍ଵାଦ ଲାଗିଲା । ତିନି ଚାରି ଦିନ ପରେ ଦେହରେ ବଳ ଆସିଗଲା । ଘରେ ବସି ବସି

ISSN NO.
2582-208X

ସେମାନଙ୍କ ଉପରେ ବୋଝ ହେବାର କିଛି ମାନେ ନାହିଁ । ଆସ୍ତେ ଆସ୍ତେ ସେମାନଙ୍କ ସଙ୍ଗେ ମିଶିବାକୁ ଚେଷ୍ଟା କଲେ । ସେମାନଙ୍କ ପିଲା ମାନଙ୍କୁ ଧରିଲେ ତାଙ୍କ ସଙ୍ଗେ ଖେଳିଲେ । ପିଲା ମାନେ ବି ବେଶ୍ ମିଶି ଗଲେ ତାଙ୍କ ସହିତ ।

କିଛି ଦିନ ପରେ ପାଖ ମନ୍ଦୀରରେ କିଛି ପର୍ବ ସେମାନେ ପାଳନ କରୁଥିଲେ । ତାଙ୍କୁ ବି କିଛି ସ୍ତ୍ରୀ ଲୋକ ଡାକି ସାଙ୍ଗରେ ନେଇଗଲେ । ସବୁ ଅଲଗା ଚାଲି ଚଳଣ, ଗ୍ରାମିଣ କଥା ବାର୍ତ୍ତା, ନିରକ୍ଷରତା, ଦାରିଦ୍ରତା ଚାରି ଆଡେ ଘେରି ରହିଥିଲେ ବି ତଥାପି ସେମାନଙ୍କ ଅମାୟିକ ହସ, ସ୍ନେହ ଶ୍ରଦ୍ଧା ସବୁ ଭଲ ଲାଗିବାକୁ ଲାଗିଲା । ମନ୍ଦୀରରେ ସେମାନଙ୍କ ରିତି ନତି ଅନୁସାରେ ପୂଜା ବିଧି ଚାଲୁଥିଲା ବେଳେ ସେ ଏକ ଭଜନ ଗାଇଲେ । ଲୋକ ମାନେ ମନ୍ତ୍ରମୁଗ୍ଧ ହୋଇ ଶୁଣିବାକୁ ଲାଗିଲେ । ଆହୁରି ଗାଇବାକୁ ଅନୁରୋଧ କଲେ ।

ତା ପରଠୁ ତାଙ୍କର ମୂଲ୍ୟ ଆହୁରି ବଢିଗଲା । ସେ ମାଟ୍ରିକ ଯାଏ ପାଠ ପଢିଥିଲେ ସତ ସେତକ ଯଥେଷ୍ଟ ଥିଲା ଏମାନଙ୍କୁ ସ୍ୱାକ୍ଷରଯୁକ୍ତ କରିବା ପାଇଁ । ସେଇ କାମରେ ଲାଗିଗଲେ। ଛୋଟ ପିଲା ମାନଙ୍କୁ ନାଚ ଗୀତ ଶିଖେଇଲେ । ପାଠ ପଢେଇବା ବି ଶିଖେଇବାକୁ ଆରମ୍ଭ କରିଦେଲେ । ସମସ୍ତେ ବହୁତ ଖୁସି ସେମାନଙ୍କ ସ୍ନେହ ଶ୍ରଦ୍ଧା ଆହୁରି ଅଜାଡିଲେ । ଆଉ ଲୁଚକରି ଏଠାରୁ ଚାଲିଯିବାର ପ୍ରଚେଷ୍ଟା ଛାଡିଦେଲେ ସେ । କାରଣ ଯିବେ ତ କୋଉଠିକି ଯିବେ ।

ଥରେ ପାଖରେ ଥିବା ଛୋଟ ସହରକୁ ମାଛ ବିକିବାକୁ କିଛି ସ୍ତ୍ରୀ ଲୋକ ଯାଉଥିଲେ । ତାଙ୍କ ସଙ୍ଗେ ସେ ବି ବୁଲିବା ପାଇଁ ଚାଲିଗଲେ ହାଟ ଦେଖିବାକୁ । ଗୋଟାଏ ଦୋକାନରେ ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ କିଛି ପୌରାଣିକ ବହି ଦେଖିଲେ । କିଣିବାକୁ ପାଖରେ ପଇସା ନଥିଲା । ତାଙ୍କ ହାତ ଆଙ୍ଗୁଠିର ମୁଦି ବିକ୍ରି କରି ବହି ଗୁଡିକ କିଣି ଆଣିଲେ । ସେମାନଙ୍କୁ ସବୁଦିନ ପଢି କି ବ୍ୟାଖ୍ୟା କରି ଶୁଣେଇଲେ । ଗାଁ ଲୋକଙ୍କ ଖୁସିର ସୀମା ରହିଲାନି । ତାଙ୍କ ନଜରବି । ତାଙ୍କ ଜୀବନ କିଛି କାମରେ ତ ଲାଗିଲା । ତାଙ୍କର ଧାରଣା ଥିଲା ପୁରୁଷର ବିନା ସାହାଯ୍ୟରେ ନାରୀ କିଛି କରି ପାରିବନି କି ବଞ୍ଚି ପାରିବନି । ତାଙ୍କ ଉପରେ ଏବେ ଯଥେଷ୍ଟ ଭରଷା ଆସିଗଲାଣି । ସ୍ତ୍ରୀ ଲୋକ ମାନଙ୍କୁ ହାତ କାମ ବି ଅନେକ ଶିଖେଇବାରେ ଲାଗିଲେଣି । ସବୁ ବେଳେ ତାଙ୍କ ପାଖରେ ଭିଡ । ସମୟ ନାହିଁ ଅନ୍ୟ କିଛି

ISSN NO.
2582-208X

କଥା କ ମୃତ୍ୟୁ କଥା ଚନ୍ତା କରିବାକୁ । ଜୀବନ ଏତେ ମୂଲ୍ୟବାନ । ତାକୁ ସେ ଏପରି ନଷ୍ଟ କରିବାକୁ ଯାଉଥିଲେ ! ଅନେକ ଥର କ୍ଷମା ମାଗିଛନ୍ତୁ ଭଗବାନଙ୍କ ପାଖରେ ।

ଥରେ ଜଣେ ସାମ୍ବାଦିକ ସେ ଅଞ୍ଚଳ ବୁଲିବାକୁ ଯାଇ ତାଙ୍କ ସହିତ ଦେଖା କରି ତାଙ୍କର ବାର୍ତ୍ତାଳାପ କାର୍ଯ୍ୟର୍କାଳାପ ଉପରେ ବହୁତ ସୁନ୍ଦର ଟିପ୍ପଣି ଦେଇ ଖବର କାଗଜରେ ବାହାର କରିଦେଇଥିଲେ । ତାପରେ ତାଙ୍କର କାର୍ଯ୍ୟ କଳାପକୁ ବହୁତ ପ୍ରଶଂସା ପନ୍ର ମିଳଥିଲ୍ ତା ପରେ ଆଜି ଏ ପୁରଷ୍କାର ।

ସେତେବେଳକୁ ଦୁଇଜଣଙ୍କ ଆଖିରୁ ଅନେକ ଲୁହ ଗଡି ସାରିଥିଲ୍ । ଅମିତା ନଜ ଘରକୁ ନମନ୍ତ୍ରଣ କରି ନାନୀଙ୍କୁ ନେଇଗଲେ । ଦୀର୍ଘ ପଇଁତିରିସ ବର୍ଷ ପରେ ଦେଖା । ବହୁତ ବର୍ଷର କଥା ବାକଥିଲ୍ କହିବାକୁ ଆଉ ଶୁଣିବାକୁ । ଗ୍ଭରିଦିନ ସେଠାରେ ରହିବା ପରେ ପିଇସୀ ନାନ ବାହାରିଲେ ଯିବାକୁ । କନ୍ତୁ ଅମିତା ତାଙ୍କୁ ଗ୍ଭଣ ନୟମ ପକେଇ ଅଟକେଇଥିଲେ । ତାଙ୍କ ଘରେ ସବୁଦିନ ପାଇଁ ରହି ଯିବାକୁ ଅନୁରୋଧ ବି କରିଥିଲେ । ବହୁତ ହୋଇଗଲ୍ ବନବାସ । ନା ସେ ସେଇମାନଙ୍କ ପାଖକୁ ଫେରିଯିବେ । ସେଇମାନେ ତ ଏବେ ନଜର ଆପଣାର ଲ୍ଗୁଛନ୍ତ । ସେଇ ମାନେ ହିଁ ତାଙ୍କୁ ବଞ୍ଚିବା ଶିଖେଇଛନ୍ତୁ । ଏବେ ସେଇମାନେ ତାଙ୍କର ପରିବାର । ଅମିତାଙ୍କ ଅନେକ ବାଧ ବାଧକତାରେ ଆଉ ଦୁଇ ଦିନ ରହି ଫେରି ଆସିଥିଲେ ଦେବୀକା ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ତୋ ପଣତ କାନିରେ



ସସ୍ମିତା ପଟ୍ଟନାୟକ

ଆଜି ପୁଣି ଇଚ୍ଛା ହଉଚି ତୋ ପଣତ କାନିରେ ଲୁଚି ଯିବାକୁ,
ମନ ଭରି ତୋ ହାତରୁ ଭାତ ଡାଲି ଖାଇବାକୁ,
ଆଉ ତୋ କୋଳରେ କିଚ୍ଛି କ୍ଷଣ ଶୋଇ ଯିବାକୁ !!!

ପୁଣି ଇଛା ହଉଚି,
ହାଲିଆ ଦେହକୁ ତୋ ସ୍ନେହର ପବନ ଦେବାକୁ,
ସବୁ ବ୍ୟସ୍ତତାକୁ ତୋ ପାଖରେ ପୂର୍ଣ୍ଣଛେଦ ଦେବାକୁ,
ତୋ କୋଳରେ କିଛି କ୍ଷଣ ଶୋଇ ଯିବାକୁ !!!

ପୁଣି ଇଛା ହଉଚି,
ତୋର ସେଇ ମିଛି ମିଛିକା ଆକଟ ଶୁଣିବାକୁ,
ତୋ ଭରଷାରେ ଦୁନିଆ ସହ ଲଢ଼ି ଯିବାକୁ,
ତୋ କୋଳରେ କିଛି କ୍ଷଣ ଶୋଇ ଯିବାକୁ !!!

ପୁଣି ଇଛା ହଉଚି,
ତୋର କାନିରେ ମୋ କ୍ଲାନ୍ତକୁ ପୋଛି ଦେବାକୁ,
ତୋ ମନର ବ୍ୟଥାକୁ ନୀରବରେ ବୁଝିବାକୁ,
ତୋ କୋଳରେ କିଛି କ୍ଷଣ ଶୋଇ ଯିବାକୁ !!!

ISSN NO.
2582-208X

ପୁଣି ଇଛା ହଉଚି,
ପାଶୋରି ଯାଇଥିବା କ୍ଷଣକୁ ଫେରି ଯିବାକୁ,
ସବୁ ମାନ ଅଭିମାନକୁ ପଛରେ ପକାଇଦେବାକୁ,
ଆଜି ପୁଣି ଇଛା ହଉଚି ତୋ ପଣତ କାନିରେ ଲୁଚି ଯିବାକୁ !!

ପୁଣି ଇଛା ହଉଚି,
ବର୍ଷରେ ତିନିଟା ନୂଆ ପୋଷକର ସଭ୍ୟତାକୁ ଫେରିବାକୁ,
ଆଜିର ମିଥ୍ୟା ପରିଚୟ ଆଉ କୃତ୍ରିମ ହସରୁ ବାହାରିବାକୁ,
ଛୋଟ ଛୋଟ ଖୁସିରେ ପୁଣି ଖୁସି ହେବାକୁ,
ଏସି ଛାଡି ତାଳପତ୍ର ପଙ୍ଖାର ପବନର ଆନନ୍ଦ ନେବାକୁ,
ଫ୍ରିଜ୍ ଛାଡି ମାଟି କଳସର ପାଣିରେ ତୃଷା ମେଣ୍ଟାଇବାକୁ,
ତୋଠୁ ସେଇ ରାଜକୁମାରୀ ଆଉ ଭୂତ କାହାଣୀ ଶୁଣିବାକୁ,
ଆଜି ପୁଣି ଇଛା ହଉଚି ତୋ ପଣତ କାନିରେ ଲୁଚି ଯିବାକୁ !!

ଇଛା ହଉଚି,
ତୋର ଆଡେଇ ଦେଇଥିବା କଥାକୁ ପୁଣି ଥରେ ମାନିବାକୁ,
ଛୋଟ ଛୋଟ ଭୁଲକୁ ପୁଣି ଥରେ ଠିକ୍ କରିବାକୁ,
ଶରୀର ନିସ୍ତେଜ ହେବା ଆଗରୁ ତୋ କୋଳର କୋମଳତାକୁ ସ୍ପର୍ଶ କରିବାକୁ,
ସବୁ ଭୁଲର ପ୍ରାୟଶ୍ଚିତ କରିବାକୁ,
ଆଜି ପୁଣି ଇଛା ହଉଚି ତୋ ପଣତ କାନିରେ ଲୁଚି ଯିବାକୁ !!

ଭୁବନେଶ୍ୱର

ISSN NO.
2582-208X

# ଛୁପି ଛୁପି ଆସ ବସନ୍ତି ରାତି....!



ଇଂ. ସୁଶାନ୍ତ କିଶୋର ବଳ

*ଛୁପିଛୁପି ଆସେ  ଗ୍ରେଟ୍ ବସନ୍ତ*
*ତନେ ମନେ ଦିଏ ଶିହିରଣ ପରସି !*
*ପାଗଳ କରେ ଦିବାନା କରେ !*
*ବିନା ମଦ୍ୟପାନେ ମତୁଆଲ୍ କରେ !ସୁଲୁସୁଲୁ ବାଆ ମଂଦ ସମୀରଣ !*
*ମନୁପୋଛି ଦିଏ ନୀଦାଘ କଷଣ !*
*ତରୁ, ଲତା, ପତ୍ର, ସୁମନ, ଉଦ୍ୟାନ !ନବକଳେବରେ ଦିଶନ୍ତୁ କ ମନୋରମ ?
ନୟନେ ଲେପନ୍ତୁ ଲଳିତ ଅଂଜନ !*
*ଚଉଦିଗଲ୍‌ଗେ ଚନ୍ଦ୍ରକାରର ଅଂକନ ! ବୃଖ୍ୟଡାଲୁ ଆସେ କୋକିଳର ତାନ !*
*ସେହି ରମ୍ୟତା ଭିତରୁ କରିଥାଏ ମୁଂ*
*ଘୁରିଘୁରିବୁଲି କାହାରି ତୀବ୍ର ସଂଧାନ!ବୃଖ୍ୟର୍‌ଜିଂକର ନୟନ ପିତୁଳା !*
*ଆଗମନେ ତାର ଚଂପକତ ସାର୍ !*
*ସୁମନର ରଂଗେ ବାସ୍ନାର ମହକେ ,*
*ଭ୍ରମର ଗୁଂଜନେ ମଧୂ ର ସିଂଚନେ ,*
*ଗୋଲ୍ପ ଉଦ୍ୟାନେ ପିରତୀ ବନ୍ୟାରେ ସବୁଜ ଗୃଦରେ ଢଂକତ ଅରଣ୍ୟେ*
*ଶସ୍ତ୍ରୀ ଷଟପଦ ମଧୂ ଅସ୍ତ୍ର ହସ୍ତେ ,* *ସଲୁକର ରହିରହି ଝିଂ ଝିଂ ଶବ୍ଦେ,*
*ନୃତ୍ୟାଂଗନା.ସିତିକଂଠର ମନଖୋଲ୍ ଉନ୍ମୁକ୍ତ ପଂଖେ ଝମାଝମ ନୃତ୍ୟେ ,*
*ଭର୍‌ସର୍ରେବରେ କୁମୁଦିନୀ ହାସ୍ୟେ,*
*ଆମ୍ରବଉଳେ ନାସିକା ତୃଷ୍ଣେ ,*

ISSN NO.
2582-208X

*ଚଣା ଆମ୍ରକଷିର ମଡୁଆଲ୍ ବାସ୍ନେ ,*
*ସାଧ୍ବୀ କୋକିଳର କୁହୁକୁହୁ ତାନେ, ସଂଗଠିତହୁଏ ଅଲୌକିକ ଆସର !*
*ବଣ ମଉଛିବେ ସଭିଏଂ ମସଗୁଲ ,*
*ଉନ୍ମାଦନା ପ୍ରଚୁର, ଆବହାୱା ରୁଚର,*
*ନୀଦାଘରିପୁ ହୋଇ ହତାହତ*
*ଛୁପିଥାଏ କେଉଁ ଦୂର ବିଲ୍ଲୁଷ୍ଟିକୋଣେ !ରୂପବତୀ ପ୍ରକୁତି ଅଂଗ ସଜ୍ଜିତେ ,*
*ନିଜସ୍ବ ଜାଦୁରେ କରି ସମ୍ମୋହିତ ,*
*ଢଳଢଳ ଆସେ ରଂଗବୈଭବେ !*
*ଭବ୍ୟ ପ୍ରଭାତର ସଦ୍ୟ ଶିଶିରବୁଂଦା*
*ମୋତିଫୁଲ ପରି ଜଗମଗେ ଝଳେ !*
*ଭେଳଭେଳକଆ ଅଂକୁରିତ ଫଳମିଷ୍ଟ*
*ଭରିଥାଏ ଉଦର ପଶୁପଖୀଂକର ଅମାପ ତୃପ୍ତେ ସନ୍ତୁଷ୍ଟ ଆକଂଠେ !*
*ଖେତୁ ଟୁଣୁଟୁଣୁ ହଳଦୀ ବର୍ଣର ,*
*ପାଚଲ୍ ଧାନର କାଂଧଭଗ୍ ଶସ୍ୟ,* *ବୋହିଆଣି ନିଜ ଖଳାବାଡିରେ ,*
*ଗଦା ମାରିଥାନ୍ତୁ ସାଇତି ଯତନେ ଯେତେ ଯେତେ ଆମ ଚାଷୀକୂଳେ !*
*ପୂର୍ ବରଷର ଉଦରକୁ ଭରି ,*
*ବାକିବଗ୍ଲ ଶସ୍ୟ ହାଟବଜାରେ !*
*ଋତୁଚକ୍ରର ଘୂର୍ଣନେ ଆସେ ବସନ୍ତ !*
*ହୋଇଯାଏ ସବୁ ଶୋକଦୁଃଖର ଅନ୍ତ! ହେ ଚଂମ୍ପକତ ଋତୁରାଜ ବସନ୍ତ !*
*ଦୁଗ୍ଧ ଅଳତାରେକରି ତବ ପଦଧୌତ* *ସଜାଇବୁ ଲଖେ୍ୟ ଶୁଭ୍ର ଗୋଲାପେ ,*
*ମଲ୍ଲୀ, ଜୁଇ, ଜାଇ, ରକ୍ତମଂଦାର ବାଟି* *ଅପଘନେ ଲେପି କରିବୁ ସୁରଭିତ !*
*ଖେଳାଇ·ଗୌରବ·ତୋ·ଚରସୌରଭରହିଥିବୁ ଅପେଖେ୍ୟ ଆର ବରଷକୁ !*
............
*ଛୁପିଛୁପି ବସନ୍ତ ରାତି !*
*ତାର ସ୍ମୃତି କୁ ତୋଳ ଆଣି ,*
*ଝୁରେ ମୁଂ ତା ଲାଗି !*
*ଜୀବନେ ବିରହ ନିଆଂ ,*

ISSN NO.
2582-208X

*ଲ୍ଗିଛି ମୋ ଦେହେ ଆଜି !*

*ସହି ହୁଏନା ଆଉ ସେ ଭୀଷଣ ତାତି!ତୋ ପଥ ଗୃହିଂ ଗୃହିଂ ,*

*ମୋ ନୟନ କୋହ ଡାକେ !*

*ଛୁପିଛୁପି ମୋର ଏ ରଚନା ,*

*ଦୁନଆରେ ଲୁହ ଝର୍‌ଇ....*

*ଝୁରେ ମୁଂ କା ଲ୍ଗି ?*

*ଲଜ୍ୟାନାହିଂ ମୋ'କହିବାକୁବାରେ ,*. *ହଂ ହଂ , ଝୁରେ ମୁଂ ତାଲ୍ଗି,*

*ଝୁରେ ମୁଂ ତାଲ୍‌ଗି ,ଝୁରେ ମୁଂ.......!ପ୍ରୀତିନୁହେଂ,ସେତ ଅଧାଲେଖା ଗିତୀ!. ନୀଝୁମ ର୍‌ତିର ତୁମୋ' ଏକକ ସାଥୀ !*

*ଏର୍‌ତି ନହେଉ ମିଳନର ଶେଷର୍‌ତି!ଜୀବନର ବି ଶେଷ ର୍‌ତି !*

*ପ୍ରିତୀ ନୁହେଂ ସେତ ପଲକର ସ୍ମୃତି !*

*ସ୍ମୃତିନୁହେଂ ସେତ ଅଧାଲେଖା ଗିତୀ !*

*ଏ କାହାଣୀ ମଧୁଝର୍ !*

*ଫୁଲେ ଫୁଲେ ଲେଖା !*

*ଡାଳେ ଡାଳେ ଲେଖା !*

*ପାହାଡରେ ଲେଖା !*

*ଝରଣାରେ ଲେଖା !*

*ପିଂଜର୍‌ରେ ଲେଖା !*

*ହୃଦୟରେ ଲେଖା !*

*ଅଲିଭ୍ ଅଖ୍ୟରେ ରକ୍ତେ ଲେଖା !*

*ଏ କାମନା ,ଏ ବାସନା ,*

*ଏ ଶବ୍ଦ, ଏ ଝଂକାର , ଏ ସୁର ,*

*ଏ ତାନ, ଏ ତାଳ, ଏ ଲୟ !*

*ଏ ସପନ, ଏ ସ୍ପଂଦନ ,*

*ଏ ବାଗ୍, ଏ ବଗିଆଂ ,*

*ଏ ସୁମନ, ଏ ଚମନ,*

*ଅଭୂଲ୍ , ଅଲିଭ୍, ଅଖ୍ୟତ !*

ISSN NO.
2582-208X

*ନୀଝୁମ ରାତିର ଦେହଭରା ତାତିର ,*
*ନହେଉ କାହାଣୀ କେଭେବି ଇତି !*
*ଏ ରାତି, ଏ ପିରତୀ, ଏ ଗିତୀ*
*ନହେଉ ସପନର ଶେଷ ରାତି !*
*ରହିମୁଂ ପଛେ ଝରାଶେଫାଳି ହୋଇ*
*ଗଂଧହୀନ ଗଂଗଶିଉଲୀ ହୋଇ ,*
*ଅବା ଦୂର ପର୍ବତର ପାଦଦେଶେ ,*
*ଅଲେଡାଅମଡା ଗୁଲ୍ମଶିଉଲୀ ହୋଇ !...*........
**ଛୁପି.. ଛୁପି ବ..ସ..ନ୍ତୀ ରା..ତି...,*
*ଛୁପା ଛୁପା ଏ ଗ୍ରେଟ୍ ପିରତୀ ....!*

କଟକ

ISSN NO.
2582-208X

# ପ୍ରେମ ଅପେକ୍ଷା



ସସ୍ମିତା ନାୟକ

ଫଗୁଣରେ ତୁମେ
ଦେଖା ହୋଇଥିଲ
ରଙ୍ଗର ମାହୋଲ ଭରି।।
ଶ୍ରାବଣ ରେ ତୁମେ
ତୋଳି ଦେଇଥିଲ
ଶ୍ରାବଣୀ ବିନ୍ଦୁର ମାଳି।।
ଆଶାଢ଼ୀ ଖରାରେ
ବାଦଲ ଉହାଡୁ
ତୋଳି ଆଣିଥିଲ
ଇନ୍ଦ୍ରଧନୁର ଛାଇ।।
ସେଇ ଦିନଠାରୁ
ପ୍ରେମିକା ସାଜିଛି
ପାଦରେ ସୀଙ୍କୁଳି ଥୋଇ।।।
ମନର ଶେଯରେ
ଅପେକ୍ଷା ଚାଦର
ବିଛାଇ ଦେଇଛି ସିରେ।।

କ୍ଷଣ ପ୍ରତୀକ୍ଷଣେ
ସଜେଇ ହେଉଛି
ତୁମେ ଫେରିବ କି ତପ୍ତରେ।।
ଭାବନା ଗୁମୁରି
ଭାବେ ନିରନ୍ତରେ
କାହିଁ ଗଲ ମୋର ପ୍ରିୟ।।
ଚାତକ ଛାତିରେ
ଆଶା ମଳିନରେ
ମୁଁ କି ଛାର ଆଉ କିଏ।।
ଭସା ବାଦଲର
ଖଣ୍ଡ ପବନରେ
କାନେ ତାନେ ସୁଅ ଛୁଟେ।।
ତୁମେ ଫେରିବକି ସାଥି
ମନେ ଗାଇ ଗୀତି
ପ୍ରେମର ଝଙ୍କାର ବାଟେ।।

ISSN NO.
2582-208X

କଳା ବାଦଲକୁ
ମୟୁର ଦେଖି
ମନେ ବଢୁଥାଏ ତାତି
ଚାତକ ପରି
ଚାହିଁ ବସିଛି ମୁଁ
ତୁମେ ଫେରିବକି ନାହିଁ ସାଥି ।।
ଆଖି ମନ ଦୁହେଁ
ଲୁଚକାଳି ଖେଳେ
ହୃଦୟେ ବଢ଼ାଇ କ୍ଳାନ୍ତି ।।
ଅଜଣାତେ କାହିଁ
ଆଖି କୋଣେ ମୋର
ବୋହିଯାଏ ଝାଞ୍ଜିର
ତତଲା ପ୍ରୀତି

କାକଟପୁର, ନଇଁଗୁଆଁ, ପୁରୀ

ISSN NO.
2582-208X

# ଓଡିଶାର ଅଦ୍ୱିତୀୟ ବରପୁତ୍ର ମଧୁବାବୁ



ଗୁରୁକଲ୍ୟାଣ ମହାପାତ୍ର

ଅବିଭକ୍ତ କଟକ ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ସତ୍ୟଭାମାପୁରରେ ୧୮୪୮ ଅପ୍ରେଲ ୨୮ରେ ଜନ୍ମଗ୍ରହଣ କରିଥିବା ମଧୁସୂଦନ ଦାସ ଆଧୁନିକ ଓଡିଶାର ଜଣେ ଅଦ୍ୱିତୀୟ ବରପୁତ୍ର ଭାବେ ପ୍ରତିଷ୍ଠା ଲାଭ କରିଥିଲେ । ଆଜି ଓଡିଆମାନେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି । ସେମାନଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା କୌଣସି ସରକାରୀ ବା ବେସରକାରୀ ଅନୁଷ୍ଠାନ ଏଯାଏଁ କରି ପାରିନାହିଁ । କିନ୍ତୁ ଅନେକ କ୍ଷେତ୍ରରେ ପ୍ରଥମ ଓଡିଆ ହେବାର ଗୌରବ ସେ ଲାଭ କରିଥିଲେ । ଉଣି ନଜର ଉଚ୍ଚଶିକ୍ଷା, ସାଧୁତା, ସଚ୍ଚୋଟପଣିଆ, ପରୋପକାରିତା ଗୁଣ ସମେତ ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ପ୍ରତିଷ୍ଠା କରିବା ଦିଗରେ ସେ ଯେପରି ଅହରହ ଉଦ୍ୟମ କରି ଆସିଥିଲେ, ଓଡିଶାର ଇତିହାସରେ ସେଥିପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ।

୧୮୫୩ ମସିହାରେ ମାଗୁଣୀ ଅବଧାନଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଗ୍ରାମ ଚାଟଶାଳୀରେ ବିଦ୍ୟାରମ୍ଭ କରିଥିବା ମଧୁବାବୁ ବାଲ୍ୟଶିକ୍ଷା ସମାପ୍ତ ପରେ କଟକ ଜିଲ୍ଲା ସ୍କୁଲ (ରେଭେନ୍ସା କଲିଜିଏଟ୍ ସ୍କୁଲ) ରେ ପଢିଥିଲେ । ସେ ସମୟରେ ତାଙ୍କ ପରି ଜଣେ ମଧ୍ୟବିତ୍ତ ପରିବାରର ବ୍ୟକ୍ତି ବ୍ୟୟବହୁଳ କଲିକତା ମହାନଗରରେ ଅଧ୍ୟୟନ କରିବା ହୁଏତ ଦୁରୁହ ବ୍ୟାପାର ଥିଲା । ଟେଲିଫୋନ, ମୋବାଇଲ ଫୋନ, ରେଳଗାଡି ବା ବ୍ୟୋମଯାନର କୌଣସି ସୁବିଧା ସେ ଯୁଗରେ ନଥିଲା ।

ISSN NO.
2582-208X

ମଧୁବାବୁ ଯୋଡ୍ରାରୁ ଗୋଟିଏ ଡଙ୍ଗାରେ ବସି ସେତେବେଳେ ଗୃନ୍ଦବାଲି ପର୍ଯ୍ୟନ୍ତ ଯାଇଥିଲେ ଆଉ ସେଠାରୁ ଗୋଟିଏ ଖ୍ରୀଷ୍ଟିଆନ୍ ପରିବାରେର ସହାୟତାରେ ଷ୍ଟିମର୍ ଯୋଗେ ଜଳପଥରେ କଲିକତା ଯାତ୍ରା କରିଥିଲେ, ସେ ବେଳର କଥା ଭାବି ବସିଲେ ଆଶ୍ଚର୍ଯ୍ୟ ହେବାକୁ ପଡେ । କଲିକତାର ଖ୍ରୀଷ୍ଟିଆନ କଲେଜରେ ଅଧ୍ୟୟନ କରି ୧୮୭୦ ମସିହାରେ କଲିକତାର ଲଣ୍ଡନ ମେସନାରୀ ସୋସାଇଟି କଲେଜରୁ ବି.ଏ. ପାଶ୍ କରି ଓଡିଶାର ପ୍ରଥମ ଗ୍ରାଜୁଏଟ୍ ହେବାର ସେ ଗୌରବଅର୍ଜନ କରିଥିଲେ । ପରେ ୧୮୭୮ ମସିହାରେ ସେ ବି.ଏଲ୍. ପାଶ୍ କରି ଓଡିଶାର ପ୍ରଥମ ଡିଗ୍ରୀଧାରୀ ଆଇନଜୀବୀ ହେବାର ମର୍ଯ୍ୟାଦା ମଧ୍ୟ ଲାଭ କରିଥିଲେ । କଲିକତାର "ଫ୍ରୀ ଚର୍ଚ୍ଚ ଇନଷ୍ଟିଚ୍ୟୁଟ"ରେ ୧୮୭୧ ମସିହାରେ ଏମ୍.ଏ. ଶ୍ରେଣୀରେ ସେ ନାମ ଲେଖାଇବା ମଧ୍ୟ ଓଡିଶା ପାଇଁ ବଡ କଥା ଥିଲା । ୧୮୭୩ ମସିହାରେ ସେ ଇଂରାଜୀ ବିଷୟରେ ଏମ୍.ଏ. ପାଶ୍ କରିସାରିଥିଲେ । ଉଚ୍ଚଶିକ୍ଷା ପ୍ରାପ୍ତି ପରେ ଓଡିଶାରେ ସ୍ୱାଭିମାନଙ୍କୁ ଓଡିଶା ବାହାରେ ପ୍ରତିଷ୍ଠା କରିବାକୁ ତଥା ଓଡିଆମାନଙ୍କୁ ଦରିଦ୍ରାବସ୍ଥାରୁ ଉପରକୁ ଉଠାଇବା ଲାଗି ମଧୁବାବୁ ତାଙ୍କ ଜୀବନରେ ଯେଉଁ ସଂକଳ୍ପ ନେଇଥିଲେ, ଅନେକ ପରିମାଣରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାହା ଅନୁପ୍ରାଣିତ କରିଥିବା ପରି ମନେହୁଏ ।

ଓଡିଶାର କୃଷି କ୍ଷେତ୍ର ଓ ଯାତ୍ରାପଥକୁ ଉନ୍ନତ କରିବାକୁ ସେ ୧୮୮୪ ମସିହାରେ ଓଡିଶା କେନାଲ୍ ଗୁଡିକର ସଂପ୍ରସାରଣ ସହିତ କୃଷିର ଉନ୍ନତି କଥା ଚନ୍ତା କରି କେତେକ ପଦକ୍ଷେପ ନେଇଥିଲେ । ଏହାର ଦୁଇବର୍ଷ ପୂର୍ବରୁ "ଉତ୍କଳ ସଭା" ଅନୁଷ୍ଠାନ ୧୮୮୨ ମସିହା ଅଗଷ୍ଟ ୩ ତାରିଖରେ କଟକଠାରେ ମଧୁବାବୁଙ୍କ ଉଦ୍ୟମରେ ଗଠିତ ହୋଇଥିଲା – ଓଡିଶାର ସ୍ୱାର୍ଥରକ୍ଷା ସକାଶେ ଆନ୍ଦୋଳନ କରିବା ଉଦ୍ଦେଶ୍ୟରେ । ଏହାର ପ୍ରଥମ ବୈଠକ କଟକରେ ତା. ୨୧.୦୮.୧୮୮୨ ରିଖରେ ଭିଙ୍ଗାରପୁରର ତତ୍କାଳୀନ ଜମିଦାର ଶ୍ରୀ କାଶୀନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । କାଶୀନାଥ ତାହାର ସଭାପତି ଥିବାବେଳେ ମଧୁବାବୁ ଥିଲେ ଉପସଭାପତି ଓ ଗୌରୀଶଙ୍କର ରାୟ ଥିଲେ ସମ୍ପାଦକ ।

୧୮୬୯ ରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ଏହା ସତ୍ତ୍ୱେ ୧୮୮୬ ରେ ପୁରୀର ହିନ୍ଦୁ ଠାକୁର ରାଜା (ଓଡିଶାରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଭାବେ ଖ୍ୟାତ)ଙ୍କ ପୁରୀ ମନ୍ଦିର ପ୍ରଶାସନରେ ଭୂମିକା ପକ୍ଷରେ ଓ ତତ୍କାଳୀନ ବ୍ରିଟିଶ୍ ସରକାରଙ୍କ ବିରୋଧରେ ମଧୁବାବୁ

ISSN NO.
2582-208X

ଆରମ୍ଭ କରିଥିଲେ ପ୍ରତିବାଦ ଓ ଆନ୍ଦୋଳନ । ନିଜେ ସେ ବଙ୍ଗଳା ଭାଷାରେ ଅଧିକାଂଶ ସମୟରେ କଥାବାର୍ତ୍ତା ହେଉଥିଲେ ମଧ୍ଯ ଓଡିଶାରେ ବିରୋଧ କରିଥିଲେ । ୧୮୮୬ ରେ ବଙ୍ଗଳା ଭାଷାର ପ୍ରଚଳନକୁ ତୀବ୍ର ବିରୋଧ କରିଥିଲେ । ଅଦ୍ଭୁତ ! ୧୮୮୭ରେ ପୁରୀ ମନ୍ଦିର ପ୍ରଶାସନ ମାମଲାରେ ଗଜପତିଙ୍କ ପକ୍ଷ ନେଇ କଲିକତା ହାଇକୋର୍ଟରେ ସେ ମୋକଦ୍ଦମା ଲଢିଥିଲେ । ବାରିଷ୍ଟର୍ ଜେ.ଟି. ଉଡରୋଫ୍ ଓ ମିଷ୍ଟର୍ ସାଣ୍ଡେଲ୍ ତାଙ୍କୁ ସେହି ମୋକଦ୍ଦମାରେ ସହାୟତା କରିଥିଲେ । ସେହି ଗୁରୁତ୍ୱପୂର୍ଣ୍ଣ ମୋକଦ୍ଦମାରେ ସେ ଜୟଯୁକ୍ତ ହୋଇ ଓଡିଆ ହିନ୍ଦୁମାନଙ୍କର ସ୍ୱାଭିମାନ ଓ ସମ୍ମାନ ରକ୍ଷା କରିଥିଲେ । ସମଗ୍ର ଦେଶରେ ମଧୁବାବୁଙ୍କ ମର୍ଯ୍ୟାଦା ମଧ୍ୟ ବୃଦ୍ଧି ପାଇଥିଲା । ସେହି ବର୍ଷ କଟକ ଜିଲ୍ଲାକୋର୍ଟରେ ପ୍ରଥମ ବେସରକାରୀ ଉପାଧ୍ୟକ୍ଷ ଭାବେ ସେ ନିଯୁକ୍ତି ପାଇଥିଲେ । ଅଧ୍ୟକ୍ଷ ଥିଲେ ଜିଲ୍ଲାପାଳ । କଲିକତା ହାଇକୋର୍ଟ ରେ ସେହିବର୍ଷ ଆଇନଜୀବୀ ଭାବେ ମଧ୍ୟ ସେ କାର୍ଯ୍ୟାରମ୍ଭ କରିଥିଲେ । ତାଙ୍କରି ଉଦ୍ୟମରେ ୧୮୮୦ ମସିହାରଏ ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍ସିରେ ଓଡିଶା ରହି ଓଡିଆ ଅନ୍ୟତମ ସରକାରୀ ଭାଷା ରୂପେ ପ୍ରଚଳିତ ହୋଇଥିଲା । ପରେ ତାଙ୍କରି ଉଦ୍ୟମରେ ୧୯୦୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ଓଡିଆ ଭାଷା ଓ ସାହିତ୍ୟ ସ୍ଥାନିତ ହୋଇଥିଲା ।

ଓଡିଶାକୁ ଶିଳ୍ପ ସମୃଦ୍ଧ କରିବା ସହିତ ଓଡିଶାରେ କୁଶଳୀ କାରିଗରଙ୍କୁ ଉପାର୍ଜନକ୍ଷମ କରି ଓଡିଶା ବାହାରେ ଓଡିଶାର ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠା କରିବାକୁ ମଧୁବାବୁଙ୍କ ଅବଦାନ ଇତିହାରସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

୧୮୮୭ ମସିହାରେ ମଧୁବାବୁ "ଓଡିଶା ଆର୍ଟ ୱେର୍ ୱାର୍କସ" ନାମକ ସଂସ୍ଥା ଗଢି ପ୍ରାୟ ୧୫୦ ଜଣ କୁଶଳୀ କାରିଗରଙ୍କୁ ଗହଣା, ଅଳଙ୍କାର ଓ ସାଜସଜ୍ଜା ପ୍ରଭୃତି ନିର୍ମାଣ କରିବାର ସୁଯୋଗ ଦେଇଥିଲେ । ସୁନା ଓ ରୂପାର କାରୁକାର୍ଯ୍ୟ ସହିତ ସୋଲ, ହାତୀଦାନ୍ତ ଓ ସିଙ୍ଗ ପ୍ରଭୃତିରେ ନିର୍ମିତ ବିଭିନ୍ନ ଘରକରଣା ଦ୍ରବ୍ୟ ପ୍ରସ୍ତୁତି ସେହି କୁଶଳୀ କାରିଗରଙ୍କ ଦ୍ୱାରା ସମ୍ଭବ ହୋଇଥିଲା । ସେବର ଯେଉଁ ତାରକସୀ କାର୍ଯ୍ୟ ଆଜି ବିଶ୍ୱପ୍ରସିଦ୍ଧ, ତାହା ଥିଲା ମଧୁବାବୁଙ୍କର ସେହି ଅନୁଷ୍ଠାନର ଉଦ୍ୟମ । ସେହିବର୍ଷ ସେ "ଉତ୍କଳ ଗୌରବ" ଉପାଧିରେ ସମ୍ବର୍ଦ୍ଧିତ ହୋଇଥିଲେ । ମାତ୍ର ତାଙ୍କର ଅବଦାନ୍ ତୁଳନାରେ ତାଙ୍କୁ "ଭାରତ ଗୌରବ" ଉପାଧି ମିଳିବା ଉଚିତ ହୋଇଥାନ୍ତା ।

ISSN NO.
2582-208X

୧୯୦୪ ମସିହାରେ "ଉତ୍କଳ ଆର୍ଟ ୱାର୍କସ" ଓ "ଉତ୍କଳ ଟ୍ୟାନେରୀ" (ଚମଡା ଜୋତା କାରଖାନା) ନିର୍ମାଣ ପାଇଁ ମଧୁବାବୁ କେବଳ ପରିକଳ୍ପନା କରିନଥିଲେ, ୧୯୦୪ ରେ ପରୀକ୍ଷାମୂଳକ ଭାବେ ସେ ନିଜ ବାସଗୃହ ପରିସରରେ "ଉତ୍କଳ ଟ୍ୟାନେରୀ" ଆରମ୍ଭ କରିଥିଲେ । ପରେ ସେ କଟକର ଗୌଉଳଆଗଞ୍ଜସ୍ଥିତ "ଉତ୍କଳ ଟ୍ୟାନେରୀ" ସ୍ଥାନାନ୍ତର କରିଥିଲେ । ପ୍ରଥମାବସ୍ଥାରେ ୩୦୦ କୁଶଳୀ ଶ୍ରମିକ ସେହି ଜୋତା କାରଖାନାରେ ନିଯୁକ୍ତି ପାଇଥିଲେ । ଓଡିଶାର ପ୍ରଥମ ଶିଳ୍ପ ଭାବେ ଏହାର ଖ୍ୟାତି ବିଦେଶରେ ମଧ୍ୟ ରହିଥିଲା । କୌଣସି ଜୋତା ନିମ୍ନମାନର ହେଲେ ମଧୁବାବୁ ତାକୁ ପୋଡି ନଷ୍ଟ କରିଦେବାଉ କୁଆଡେ ନିର୍ଦ୍ଦେଶ ଦେଉଥିଲେ । ୟୁରୋପ ମହାଦେଶ ସମେତ ଇଂଲଣ୍ଡ ଓ ଜାପାନ ପ୍ରଭୃତି ଦେଶରେ ଓଡିଶାର ଜୋତା ଖ୍ୟାତିଲାଭ କରିଥିଲା । ଝିଟିପିଟିର ଚମଡାରୁ ନିର୍ମିତ ଜୋତା, ବ୍ୟାଗ୍, ସୁଟକେସ୍ ପ୍ରଭୃତି ଖୁବ୍ ଆଦୃତ ହୋଇଥିଲା । ମାତ୍ର କେତେକ ଅସାଧୁ କର୍ମଚାରୀ ଓ ଅନ୍ୟମାଙ୍କ ଚକ୍ରାନ୍ତ ଫଳରେ "ଉତ୍କଳ ଟ୍ୟାନେରୀ" ବିପୁଳ କ୍ଷତିର ସମ୍ମୁଖୀନ ହୋଇଥିଲା । ଓଡିଶାର ଦୁର୍ଭାଗ୍ୟ ଯେ ଓଡିଶାର ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ପ୍ରଥମ ହୋଇଥିବା ବ୍ୟକ୍ତି ମଧୁବାବୁ ୧୯୨୭ ମସିହାରେ ଘୋଷଣା କରିଥିଲେ ଯେ ୨ ଲକ୍ଷ ୫୦ ହଜାର ଟଙ୍କା ମୂଲ୍ୟର ଉତ୍କଳ ଟ୍ୟାନେରୀ ମାତ୍ର ୬୫ ହଜାର ଟଙ୍କାରେ ନିଲାମ ହୋଇଯିବା ପରେ ସେ ନିଜକୁ ଦେବାଳିଆ ଘୋଷଣା କରିବାକୁ ବାଧ୍ୟ ହୋଇଛନ୍ତି । କଟକ ଓ ପୁରୀରେ ଥିବା ମଧୁବାବୁଙ୍କ ସମସ୍ତ ଜମି ଓ ଘର ବନ୍ଧକ ପଡିଲା ଓ ଶେଷରେ ବିକ୍ରୟ ହୋଇଗଲା । ମହାତ୍ମା ଗାନ୍ଧୀ ମଧୁବାବୁଙ୍କର ଏହି ଅବସ୍ଥା ଜାଣିବା ପରେ ଏହି ଜୋତା କାରଖାନାକୁ ଚଳାଇବା ପାଇଁ ମଧୁବାବୁଙ୍କ ପରାମର୍ଶକ୍ରମେ କେତେକ ଶିଳ୍ପପତିଙ୍କୁ ପଠାଇଥିଲେ । ମାତ୍ର ଶିଳ୍ପପତିମାନେ କାରଖାନାକୁ ଓଡିଶା ବାହାରକୁ ନେଇ ଚଳାଇବାକୁ ଚାହିଁବାରୁ, ମଧୁବାବୁ ଓଡିଶାର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ଦୃଷ୍ଟିରୁ ଓଡିଶା ବାହାରକୁ ସେହି ଖାରଖାନାକୁ ଛାଡିନଥିଲେ । ଫଳରେ ଶିଳ୍ପପତିମାନେ ଫେରିଯାଇଥିଲେ । ଅବଶ୍ୟ ପଣ୍ଡିତ ଗୋପବନ୍ଧୁ ଦାସ ଓ ଗୋପବନ୍ଧୁ ଚୌଧୁରୀ କିଛି ସମ୍ବଳ ସଂଗ୍ରହ କରି ଏହି ଟ୍ୟାନେରୀ ପାଇଁ ଦେଇଥିଲେ, ମାତ୍ର ସେତିକରେ ଋଣ ପରିଶୋଧ ସମ୍ଭବ ନହେବାରୁ ମଧୁବାବୁ ନିଜକୁ ଦେବାଳିଆ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ । ଆଉ ଗତ୍ୟନ୍ତର ନଥିଲା ।

ଅର୍ଦ୍ଧଶତାବ୍ଦୀର ଓଡିଶା ଇତିହାସ ସହିତ ମଧୁବାବୁଙ୍କ ଜୀବନର ପ୍ରତ୍ୟେକ ଘଟଣା ଯୋଡି ହୋଇ ରହିଥିଲା । ତାଙ୍କର ଜୀବନ ଅପେକ୍ଷା ଜୀବନୀ କେତେ ବିରାଟ ସତରେ !

ISSN NO.
2582-208X

ଓଡିଶାରେ ସେହି ଅଦ୍ୱିତୀୟ ବରପୁତ୍ର ଶେଷ ଜୀବନରେ ଦରିଦ୍ର ହୋଇ ୧୯୩୪ ମସିହା ଫେବୃଆରୀ ୨୪ ତାରିଖରେ ୮୬ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଓଡିଶା ଇତିହାସରେ ତାହା ଥିଲା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଶୁଣିବା କଥା, ତାଙ୍କ ଶେଷ ଦର୍ଶନ ଲାଗି କୁଆଡେ ଅସମ୍ଭବ ଭିଡ ହୋଇଥିଲା କଟକରେ। ଯେପରି ବିଜୁବାବୁଙ୍କ ଦେହାନ୍ତ ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ପୁରୀକୁ ନିଆଯିବା ବାଟରେ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଥିଲା।

କଟକର ଗୋରାକବରରେ ଯେଉଁଠି ମଧୁବାବୁଙ୍କ ସମାଧି ରହିଛି ବା ମଧୁବାବୁ ରହୁଥିଲେ ଯେଉଁ "ମଧୁସ୍ମୃତି" ଘରେ (ଯେଉଁଠି ଏବେ ଶୈଳବାଳା ମହିଳା କଲେଜ ଚାଲିଛି) ତାହା ଓଡିଆମାନଙ୍କ ପାଇଁ ତୀର୍ଥକ୍ଷେତ୍ର ହେଉ ବା ନହେଉ ପଛେ, ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ସ୍ମୃତି ଚିହ୍ନ ବହନ କରି ତାହା ତିଷ୍ଠି ରହିଥିବା କାଳକାଳକୁ, ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର

ISSN NO.
2582-208X

# ଜହ୍ନ ଓ ତାରା



ଶୁଭ୍ରାଂଶୁ ଶେଖର ପାଢ଼ୀ

ସେଦିନ ସନ୍ଧ୍ୟାରେ ଆକାଶ ବକ୍ଷରେ
ଦେଖିଲି ବିଚିତ୍ର ଦୃଶ୍ୟ ।
ଜହ୍ନ ତଳେ ତଳେ ଉଜ୍ଜ୍ୱଳ ତାରାଟେ
ଦେଉଥିଲା ଖଣ୍ଡି ହସ ।
ଗୋଟିଏ ମୁଦ୍ରାରେ ଅନେକ ସମୟ
ରହିଲି ନିରେଖି ଚାହିଁ ।
ଲାଗିଲା ଯେମିତି ସତେ ଶିବ ଶିବା
ଛନ୍ତି ଆବିର୍ଭାବ ହୋଇ ।
ଶିବଙ୍କ ମଥାର ଉଜ୍ଜ୍ୱଳ ଚନ୍ଦ୍ରମା
ପାର୍ବତୀ ମଥାର ବିନ୍ଦି ।
ଏକତ୍ର ଅଛନ୍ତି ଗୋଟିଏ ମୁଦ୍ରାରେ
ହୋଇଛନ୍ତି ଛନ୍ଦାଛନ୍ଦି ।
ପଚାରିଲି ଥରେ କାହିଁକିରେ ଜହ୍ନ
ତାରାକୁ ରଖିଛୁ ପାଖେ ।
ଚନ୍ଦ୍ରମା କହିଲା ଆମେ ଦୁହେଁ ପରା
ରହିଛୁ ମାଆଙ୍କ ମୁଖେ ।

ପରଦିନ ଗଲି ଦୁର୍ଗାଙ୍କ ମନ୍ଦିର
ଦର୍ଶନ କଲି ମାଆଙ୍କୁ ।
ଦେଖିଲି କପାଳେ ଶୋଭା ପାଉଛନ୍ତି
ଜହ୍ନ ଏବଂ ତାରାଟିକୁ।
ସେଦିନ ଟିଭିରେ କହୁଥିଲା ସେହି
ତାରା ଥିଲା ଶୁକ୍ର ଗ୍ରହ ।
ଭାବିଲି କାହିଁକି ଶୁକ୍ରାଚାର୍ଯ୍ୟଙ୍କର
ଆସିଗଲା ଚନ୍ଦ୍ର ମୋହ !
ଦାନବ ମାନଙ୍କ ଗୁରୁଙ୍କର କେଉଁ
କାମ ଦେବତାଙ୍କ ପାଖେ ?
କାହିଁକି ତାହେଲେ ଉଭା ହୋଇଛନ୍ତି
ଦେବତା ମାନଙ୍କ ଆଗେ !
ପ୍ରିୟାକୁ କହିଲି ଦେଖଗୋ ସଜନୀ
ତାରା ପାଖେ ଅଛି ଜହ୍ନ ।
ମୋ ପ୍ରିୟା କହିଲା ଏ ଦୁହେଁ ଦୁହିଁଙ୍କୁ
ଦେଇଥିବେ କାଳେ ମନ ।
ପ୍ରେମର ବନ୍ଧନେ ବାନ୍ଧି ହୋଇଥିବେ
ତେଣୁ ଛନ୍ତି ଏକାଠାରେ ।

ISSN NO.
2582-208X

ମୁଁ ଯେମିତି ତୁମ ପ୍ରେମରେ ବନ୍ଧା ଗୋ
ରହିଛି ତୁମ ପାଖରେ ।
ଆମେ ଦୁହେଁ ହେବା ଜହ୍ନ ଆଉ ତାରା
ରହିଥିବା ଆକାଶରେ ।
ମୋ ପାଖରେ ତୁମେ ସଦା ରହିଥିବ
ମୁଁ ଥିବି ତୁମ ସାଥିରେ ।
ଜୋଛନା ଢାଳିବା ପୃଥିବୀ ଦେହରେ
ମନକୁ କରି ଶୀତଳ ।
ଜଗତ କଲ୍ୟାଣ କରୁଥିବା ସଦା
ଆମେ ଦୁହେଁ ହୋଇ ମେଳ।
ଆସ ଆଉ ଥରେ ଆମେ ଦୁହେଁ ମିଶି
ପ୍ରେମରେ କରିବା ଚୁକ୍ତି ।
ଆକାଶ ବକ୍ଷରେ ଜହ୍ନ ତାରା ହୋଇ
ଚାହୁଁଥିବା ସାରା ରାତି ।

ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ନାରୀ



ପ୍ରଣତୀ ରଥ

ଗୋଟିଏ ଭରସାର ଇତିବୃତ୍ତକୁ
ପ୍ରତିଟି ମୁହୂର୍ତ୍ତ ଚିହ୍ନିବା
ମୋ ପକ୍ଷରେ ନ ଥିଲା ସମ୍ଭବ ।
କେବଳ ମୁଁ କାହିଁକି !
କାହା ପକ୍ଷରେ ବି ଏହା ସମ୍ଭବ ନୁହେଁ ।

ପ୍ରତିଟି ମୁହୂର୍ତ୍ତ, ପ୍ରତିଟି ଦିନ, ପ୍ରତିଟି ମାସ, ପ୍ରତିଟି ବର୍ଷ
ଏମିତିକି ପ୍ରତିଟି ଜନ୍ମରେ
କେବଳ ତ୍ୟାଗର, କର୍ତ୍ତବ୍ୟର, ଧର୍ମର ଓ ତପସ୍ୟାର ନୀତି
ଲାଗୁ ହୋଇଛି ମୋ ପାଇଁ ।
ନୀତିକୁ ଟିକିଏ ବିରୋଧ କଲେ
ନାରୀ ଜାତି ପାଇଁ କଳଙ୍କ କହି
ମୋ ବିରୁଦ୍ଧରେ ରଚିତ ହେବ କେତେ ପୁରାଣ
କେତେ ଇତିହାସ ।

ଆବହମାନ କାଳରୁ ତିଷ୍ଠି ରହିଥିବା ଏହି ପରମ୍ପରାର
ମୁଁ ଆଜି ସାଜିଛି ବିରୋଧି।
ପ୍ରତିକ୍ଷଣ ନିଜକୁ ମାରି, ନିଜ ସ୍ୱପ୍ନକୁ ବଳିଦେଇ,

ISSN NO.
2582-208X

ନିଜକୁ ତାଡନା ଭିତରେ ଭିଡି, ଆଖିର ଲୁହକୁ ଓଠ ତଳେ
କେତେ ଦିନ ଚାପି ରଖିବି ?

ଯେବେ ସେ ମୋ ମନ,ପ୍ରାଣ, ହୃଦୟକୁ ବୁଝେନି
କି ବୁଝିବାକୁ ଚେଷ୍ଟା ବି କରେ ନାହିଁ ।
ତେବେ ବାରମ୍ବାର କାହିଁକି ମୁଁ କାକୁତି ମିନତୀ ହୋଇ
ଶତ ଚେଷ୍ଟା କରିବି ନିଜ ଦରଦ ବୁଝେଇବାକୁ ।

ସବୁ ସମୟରେ ସତୀତ୍ୱର ଆଖ୍ୟାନ ପାଉଛି
ପାଉଥିଲି କାହିଁକି ?
କେବଳ ମୁଁ ତ୍ୟାଗର ମୁର୍ତ୍ତୀ ନାରୀ ଟିଏ ବୋଲି।

ରାଉରକେଲା,ସୁନ୍ଦରଗଡ

ISSN NO.
2582-208X

# କେବେ ସ୍ୱପ୍ନ ହେବ ସତ



ଲକ୍ଷ୍ମୀପ୍ରିୟା ମହାରଣା

ମୋ ସ୍ୱପ୍ନର ଇଲାକାରେ
କଳ୍ପିତ ସୁନ୍ଦର ପୃଥିବୀ
ଆଜି ଦିଶେ ଶ୍ରୀହୀନ ।

ଆଶାଥିଲା,
ଦିନେ ତାହା ହେବ
ଉଲ୍ଲାସରେ ପରିପୂର୍ଣ୍ଣ
ମାତ୍ର, ତାର ବ୍ୟତିକ୍ରମ
ହୃଦୟତନ୍ତ୍ରିରେ କରେ ପ୍ରହାର
ବୁଭୁକ୍ଷୁ ଜନତାର, ହାଅନ୍ନ ଚିତ୍କାର ।

ଏହି ଦୁର୍ଦ୍ଦଶାକୁ ସେ ନିଜେ
କରିଛି ସ୍ୱାଗତ
ମନରେ ସର୍ବଦା ତାର
ହିଂସା ଦ୍ୱେଷ ପରଶ୍ରୀକାତରତାର ଧ୍ୱନି ।

ବିବେକକୁ କରେ କବଳିତ
ହୃଦୟ ତାହାର ଯନ୍ତ୍ରବତ୍
ଅନ୍ୟର କୁଶିକ୍ଷା ଗର୍ହିତ
ନିଚ୍ଛମନା ନିଜ ସ୍ୱାର୍ଥରେ ଜଡିତ ।

ଦିନେ ଯେଉଁ ଜନ କରିଥାନ୍ତା
ଅହି ନକୁଳର ବନ୍ଧୁତ୍ୱ ସ୍ଥାପନ
ସେ ଆଜି ସୃଷ୍ଟି କରୁଛି
ଭାଇକୁ କରୁଚି ଭାଇଠୁ ବିଚ୍ଛିନ୍ନ ।

ଧର୍ମ ଆଉ ନୈତିକତା ଲୋପ ପାଇ
ବଢିଚାଲେ କଳାବଜାର
ଆଉ ପାପର ରାଜତ୍ୱ
ସାମାନ୍ୟ ଧୈର୍ଯ୍ୟ ମଧ୍ୟ ନାହିଁ
ସତ୍ୟର ମୁକାବିଲା ପାଇଁ
ପରସ୍ପର ମଧ୍ୟେ ନରଖି ସୁସମ୍ପର୍କ

ISSN NO.
2582-208X

ସାମାନ୍ୟ ସ୍ୱାର୍ଥପାଇଁ
ହିଂସ୍ରଜନ୍ତୁ ତୁଲ୍ୟ କରେ ସେହି କାର୍ଯ୍ୟ
ବିବେକ ନିର୍ଦ୍ଦେଶ ତା ପାଇଁ ଅଗ୍ରହଣୀୟ
ମନର ସ୍ୱାର୍ଥଲିପସା ଭାବ କରେ ପ୍ରକାଶିତ ।
ତାର ଏହି ଅଧୋପତ୍ତନ
ଆସନ୍ତା ପୃଥିବୀକୁ
କରିବ ଦିନେ ନିଃସ୍ୱ ବିକଳାଙ୍ଗ
ସର୍ବେ ହେବେ ଦଗ୍ଧିଭୂତ ସ୍ୱାର୍ଥର ଅନଳେ
ହେଲେ, ମୋ ସ୍ୱପ୍ନ କଣ
ହେବନି ସାର୍ଥକ ?
ହେବନାହିଁ କ'ଣ ଏହି ପୃଥିବୀରେ
ପ୍ରେମ ଆଉ ମୈତ୍ରୀର
ଫଲ୍ଗୁ ଧାରା ପ୍ରବାହିତ ।

ନିଜ ସ୍ୱାର୍ଥ ପରିତ୍ୟାଗ କରି
ସମୂହ ପାଇଁ
ଦେବେନାହିଁ ପ୍ରାଣ ବଳିଦାନ
କେବେ ସତ ହେବ ମୋ ସ୍ୱପ୍ନ ।


ଧନୁପାଲି, ସମ୍ବଲପୁର

ISSN NO.
2582-208X

# ପୂଜ୍ୟପୂଜା-
# ଗୋପବନ୍ଧୁ ଚୌଧୁରୀ

ଦିଲ୍ଲୀପ ମିଶ୍ର

ମୂଳ ଲେଖା ସିନ୍ଧୁଜ୍ୟୋତି ତ୍ରିପାଠୀ



ପ୍ରାକ୍-ସ୍ୱାଧୀନତା କାଳରେ କଟକକୁ ପଢ଼ିବାକୁ ଆସୁଥିବା ଗରିବ ପିଲାମାନେ 'ରାମକୃଷ୍ଣ କୁଟିର' ଛାତ୍ରାବାସରେ ରହୁଥିଲେ। ଛାତ୍ରାବାସର ନିୟମାନୁଯାୟୀ ଛୁଟି ଦିନରେ ଛାତ୍ରମାନଙ୍କୁ ଘର ଘର ବୁଲି ଭିକ୍ଷା ସଂଗ୍ରହ କରିବାକୁ ପଡୁଥିଲା। କେହି ଦେଉଥିଲେ, କେହି ଘଉଡ଼ାଇଦେଉଥିଲେ। ଦିନକର କଥା। ଉକ୍ତ ଛାତ୍ରାବାସର ଅନ୍ତେବାସୀ ଗୋଦାବରୀଶ ମିଶ୍ର ଭିକ୍ଷା ସଂଗ୍ରହ କରିବାକୁ ବାହାରିଲେ। ଘୁରିଆଡୁ ନିରାଶ ହୋଇ ଶେଷରେ ପହଞ୍ଚିଲେ କାଠଯୋଡ଼ି ନଦୀ ତୀରସ୍ଥ ଏକ ପ୍ରାସାଦ ନିକଟରେ। ତିରସ୍କାରର ଭୟ ସତ୍ତ୍ୱେ ଭାଗ୍ୟକୁ ଆଦରି ଫାଟକ ଖୋଲି ଭିତରେ ପଶିଲେ। ତାଙ୍କୁ ଦେଖୁଦେଖୁ ସେହି ଦିନ ଘର ଭିତରୁ ବାହାରିଆସିଥିଲେ ଜଣେ ଦୟାଳୁ ବାଳକ। ହାତରେ ଦୁଇ-ଚାରି ସେର ସଫା ସରୁ ଚାଉଳ। ଚାଉଳତକ ଗୋଦାବରୀଶଙ୍କ ମୁଣିରେ ଢାଳଦେଇଥିଲେ। ଦୁଇ ଜଣ ମହାନ୍ ଓଡ଼ିଆଙ୍କ ମଧ୍ୟରେ ପ୍ରଥମ ପରିଚୟ ଏହି ପରି ହୋଇଥିଲା। ଯେଉଁ ପ୍ରାସାଦରେ ଗୋଦାବରୀଶ ଭିକ୍ଷା

ISSN NO.
2582-208X

ପାଇଥିଲେ, ତାହା ଏବର 'ସ୍ୱଗ୍ରଜ ଆଶ୍ରମ' ଏବଂ ଭିକ୍ଷା ଦେଇଥିଲେ ଗୋପବନ୍ଧୁ ଚୌଧୁରୀ।

ଆଜୀବନ ଜନସେବାକୁ ପ୍ରାଧାନ୍ୟ ଦେଇଥିବା ଓଡ଼ିଆ ନେତାଙ୍କ ମଧ୍ୟରେ ଗୋପବନ୍ଧୁ ଅନ୍ୟତମ। ଭାରତ ସ୍ୱାଧୀନ ହେବା ପରେ ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଅନ୍ୟ କେତେକଙ୍କ ଭଳି ସକ୍ରିୟ ରାଜନୀତିରେ ନ ମାତି, ଜନସେବାରେ ବ୍ରତୀ ହୋଇଥିଲେ। ସୁଦୂର କୋରାପୁଟରେ ଜନଜାତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ବିନୋବାଙ୍କ ଭୂଦାନ ଆନ୍ଦୋଳନର ପ୍ରଚାର-ପ୍ରସାରକୁ ପୂର୍ଣ୍ଣ ସମୟ ଦେଇଥିଲେ। ଗୋପବନ୍ଧୁଙ୍କ ପିତା ଗୋକୁଳାନନ୍ଦ ଥିଲେ ଧନୀ ଜମିଦାର, ବଡ଼ ଓକିଲ ତଥା ଉତ୍କଳ ଗୌରବ ମଧୁସୂଦନଙ୍କ ସହଯୋଗୀ। ତେଣୁ, ଶୈଶବରୁ ଅଭାବ କ'ଣ ଗୋପବନ୍ଧୁଙ୍କୁ ଜଣା ନ ଥିଲା। ହେଲେ, ଚାକ-ଚକ୍ୟ, ମଉଜ-ମଜଲିସରୁ ସେ ଆନନ୍ଦ ପାଉ ନ ଥିଲେ। ଦେଶ-ଜାତି-ଗରିବଙ୍କ ପାଇଁ ସର୍ବଦା କାନ୍ଦୁଥିଲା ତାଙ୍କ ହୃଦୟ। ପୁଣି, ସେ ଥିଲେ ଧୀର, ଶାନ୍ତ, ସରଳ ଓ ବିନୟୀ। ଗର୍ବ, ଅଭିମାନ ନ ଥିଲା। ଅନ୍ୟକୁ ସାହାଯ୍ୟ କରିବା ଗୁଣ ତାଙ୍କର ଜନ୍ମଗତ ଥିଲା।

ସପରିବାର ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସଦେଇଥିବା ଦେଶପ୍ରେମୀ-ଜାତିପ୍ରେମୀ ଓଡ଼ିଆଙ୍କ କଥା ପଡ଼ିଲେ ସର୍ବ-ପ୍ରଥମେ ମନେପଡ଼ନ୍ତି 'ଲୋକବନ୍ଧୁ' ଗୋପବନ୍ଧୁ। ଲୋକମୁଖରେ ସେ 'ଓଡ଼ିଶାର ଗାନ୍ଧୀ'। କାରଣ ସେ ଥିଲେ ଗାନ୍ଧୀବାଦୀ ସତ୍ୟାଗ୍ରହୀ। ମହାତ୍ମା ପ୍ରଦର୍ଶିତ ମାର୍ଗରେ ଆଜୀବନ ଚାଲିଥିଲେ ଏବଂ ଏ ଭଳି କୌଣସି ଗାନ୍ଧୀକାମ ନ ଥିଲା, ଯେଉଁଥିରେ ସେ ସାମିଲ ନ ଥିଲେ। 'ଉତ୍କଳଗୌରବ' ମଧୁସୂଦନ ଦାସଙ୍କ ସାନ ଭାଇ ଗୋପାଳବଲ୍ଲଭଙ୍କ କନ୍ୟା ରମାଦେବୀଙ୍କୁ ସେ ବିବାହ କରିଥିଲେ। ସେମାନଙ୍କ ଦୁଇ ସନ୍ତାନ- ମନମୋହନ ଚୌଧୁରୀ ଓ ଅନ୍ନପୂର୍ଣ୍ଣା ଚୌଧୁରୀ(ମହାରଣା)। ଗୋପବନ୍ଧୁଙ୍କ ସାନ ଭାଇ ନବକୃଷ୍ଣ ଓ ଭ୍ରାତା-ବଧୂ ମାଳତୀ ଚୌଧୁରୀ ଏ ସମସ୍ତେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ, ଯାହା ଏକ ବିରଳ ଦୃଷ୍ଟାନ୍ତ। ଜଗତସିଂହପୁର ନିକଟବର୍ତ୍ତୀ ଖେରସର ମୂଳ ବାସିନ୍ଦା ଗୋପବନ୍ଧୁଙ୍କ ଜନ୍ମ ୮ ମେ ୧୮୯୫ରେ କଟକରେ ଏକ ଭଡ଼ାଘରେ ହୋଇଥିଲା। କାରଣ, ତାଙ୍କ ପିତା ଜମିଦାର ଗୋକୁଳାନନ୍ଦ ଚୌଧୁରୀ କଟକରେ ରହି ଓକିଲାତି କରୁଥିଲେ। ଯେଉଁ ଘରେ ଗୋପବନ୍ଧୁ ଜନ୍ମ ହୋଇଥିଲେ, ସେହି ଘରେ ପରେ

ISSN NO.
2582-208X

'ସ୍ୱରାଜ ଆଶ୍ରମ'ରେ ପରିଣତ ହୋଇଥିଲା। ତାଙ୍କର ଶିକ୍ଷା ଗ୍ରାମରେ ଆରମ୍ଭ ହୋଇ ସରିଥିଲା କଲକାତାରେ। ରାଭେନ୍ସା କଲିଜିଏଟ୍ ସ୍କୁଲ୍‌ରୁ ରାଭେନ୍ସା କଲେଜ୍; ତାହା ପରେ ପ୍ରେସିଡେନ୍ସି କଲେଜ୍। କଲକାତାରେ ସ୍ନାତକୋତ୍ତର ଶିକ୍ଷା ସାରି ଆଇନ ପଢ଼ିବା ବେଳେ ପିତାଙ୍କ ଦେହାନ୍ତ ହୋଇଥିଲା। ତେଣୁ, ଆଇନ ଶିକ୍ଷା ଅସମାପ୍ତ ରଖି ଫେରିଥିଲେ ଓଡ଼ିଶା। ୧୯୧୭ରେ କଟକରେ ଡେପୁଟି ମାଜିଷ୍ଟ୍ରେଟ୍ ଚାକିରିରେ ଯୋଗଦେଇଥିଲେ। ତେବେ, ଦେଶପ୍ରେମ ବାଧାଦେଲା। ମାତ୍ର ବର୍ଷ ଚାରିଟି ପରେ ଚାକିରିରୁ ଇସ୍ତଫା ଦେଇଥିଲେ।

ତାହା ପରେ ସତ୍ୟବାଦୀ ଯାଇ ବନିଥିଲେ 'ଉତ୍କଳମଣି' ଗୋପବନ୍ଧୁଙ୍କ ଶିଷ୍ୟ। କଂଗ୍ରେସ୍‌ରେ ଯୋଗଦାନ, ଗାନ୍ଧୀ ନୀତି ଅନୁସରଣ, ଖଦଡ଼ ବସ୍ତ୍ର ଧାରଣ, ଆଶ୍ରମ ଗଠନ, ଦରିଦ୍ରଙ୍କ ସେବା ଆଦି ତାଙ୍କୁ ପରିଣତ କରିଥିଲା ଏକ ସଂପୂର୍ଣ୍ଣ ଭିନ୍ନ ମଣିଷରେ। ୧୯୨୧ରେ ଅଳକା ନଦୀ କୂଳରେ ଏକ ଶିକ୍ଷାନୁଷ୍ଠାନ ଏବଂ ପର ବର୍ଷ ପ୍ରତିଷ୍ଠା କରିଥିଲେ ଅଳକାଶ୍ରମ। ଗାନ୍ଧୀଙ୍କ ପ୍ରତ୍ୟେକ ପ୍ରୟୋଗକୁ ଓଡ଼ିଶାରେ କାର୍ଯ୍ୟକାରୀ କରାଇବାରେ ଗୋପବନ୍ଧୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସ୍ୱାଧୀନତା ପରେ ସନ୍ଥ ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ, ପଦଯାତ୍ରା କରିଥିଲେ। ଶେଷ ଜୀବନ କଟିଥିଲା କଟକ ଥୋରିଆ ସାହି ସ୍ଥିତ ଭୂଦାନ କାର୍ଯ୍ୟାଳୟରେ। ମଦ ଦୋକାନ ସଂଖ୍ୟା ବଢ଼ୁଥିବା ଦେଖି ଦୁଃଖିତ ହେଉଥିଲେ। ଦେଶର ଅବସ୍ଥା ତାଙ୍କୁ ବ୍ୟଥିତ କରୁଥିଲା। ୨୯ ଏପ୍ରିଲ୍ ୧୯୫୮ରେ ତାଙ୍କର ପରଲୋକ ହୋଇଥିଲା। ଗୋପୀନାଥ ମହାନ୍ତି ରଚିତ 'ଧୂଳିମାଟିର ସନ୍ଥ' ତାଙ୍କର ପ୍ରସିଦ୍ଧ ଜୀବନୀ ପୁସ୍ତକ।

ISSN NO.
2582-208X

# ବନ୍ଦୀ~ଶାଳା



ଅଳକା ମହାନ୍ତ

କେତେ ଦିନ ଆଉ ଦେଖିବି ସଖୀ
ତୁମ ମିଛ ଅଭିନୟ,

ଦୁର୍ବଳ ହେଉଛି ହୃଦୟ ମୋହର
ଗ୍ରାସ କରୁଅଛି ଭୟ। ୧।

ସ୍ଫଟିକ ପରାୟେ ହୃଦୟ ଦେଇଛି
ଆର ପାର ଦେଖିପାର,

ଜାଣିଛ ବି ତୁମେ ନୁହେଁ ରକ୍ତ ମାଂସ
ସେ ବି କ୍ଷଣ ଭଙ୍ଗୁର।୨।

ଯେତେଥର ତୁମେ ଧକ୍କା ଟି ଦେଉଛ
ଲୋଟି ପଡୁଛି ମୋ ହୃଦ,

ଖଣ୍ଡ ବିଖଣ୍ଡିତ ସେ ହୃଦୟଟିର
କାହାଣୀ ବଡ଼ ଦୁଃଖଦ।୩।

ଦେଇଥିଲି ତନ ମନ ଆଉ ଆତ୍ମା
ସଭିଙ୍କୁ ଦେଲି ଫୋପାଡି,

ଅଜଣା ରାଇଜେ ତୁମ ହାତ ଧରି
ଭଙ୍ଗିବି ସୁଖ ଲହଡ଼ି।୪।

ସମର୍ପିଦେଇଛି ନିଷ୍ପାପ ହୃଦୟ
ତୁମକୁ ଆପଣା ଭାବି,

ତୁମେ ଯଦି ମୋତେ ପ୍ରତାରିତ କଲ
କଣ କହିବ ସେ ଅନୁଭବୀ ??୫।

ନେଇତ ପାରିବି ନାହିଁ ପ୍ରତିଶୋଧ,
ତୁମ ମଧ୍ୟେ ମୁହିଁ ବନ୍ଦୀ,

ଦଣ୍ଡ କଣ ଆଉ ନିଜକୁ ମୁଁ ଦେବି,
ନୀରବି ରହିଛି କାନ୍ଦି।୬।

ISSN NO.
2582-208X

କରିନାହିଁ କି ମୁଁ କରିବି ବି ନାହିଁ
ଅନୁତାପ ମନେ ମନେ,

ତୁମେ ପରା ସଖୀ ମୋର ପ୍ରିୟତମା
ଯାହାକୁ ବରିଛି ମନେ ।୭।

ଯେଉଁଠି ବି ଥାଅ ସଜଫୁଲ ପରି
ମହକାଅ ଅନ୍ୟ ଦେଶେ,

ପୁଲକିତ ହେବେ ତୁମ ବାଞ୍ଛିତ
ମୋ ହୃଦୟ ବି ବନ୍ଦୀ ଶାଳେ ।୮।

ମୋ ମନ ହୃଦୟ ଦେଇକି ଆସିଲି
ତାଲା ପକାଇଲ ତୁମେ,

ଚାବି ଟିକୁ ମୁଁହି ଫିଙ୍ଗିଦେଇଥିଲି
ଏବେ ତ ଲାଚାର ଆମେ ।୯।

ଜାଣିଛି ସଜନୀ ବନ୍ଦୀ ଜୀବନ ରେ
କେତେ ଯେ ଯାତନା ହେବ,

ପିତା ହେଉ ପଛେ ସେ ଫଳ ଗୋଟିକ
ଆନନ୍ଦ ସେ ଦେଉଥିବ ।୧୦।

ଇଶ୍ୱର ଜାଣନ୍ତି କିଏ କେତେବେଳେ
ଆସିବେ ଆମ ଜୀବନେ,

କିଛି ବାକି ଥିଲା ପୂର୍ବ ଜନମର
ପୂରା କଲି ଏ ଜୀବନେ ।୧୧।

ଯେତେ ଯେତେ ତୁମେ ଲିଭାଇବ
ଆମ ସ୍ମୃତି ମାନସ ପଟରୁ,

ସେତିକି ମୋ ଦୁଃଖ ଲାଘବ ହୋଇବ
କ୍ଷତ ସୁଖିବ ହୃଦରୁ ।୧୨।

ବନ୍ଦୀ ର ଆନନ୍ଦ ଉପଭୋଗ କରେ
ରହିତୁମ ବନ୍ଦୀ ଶାଳେ,

ପ୍ରୀତିର ଫଲଗୁ ତୁମେ ମୋର ସଖୀ
ତୁମରି କବିତା ଗାଏ ।୧୩।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

ବେଦାନ୍ତି

# ଆପୂର୍ବ ମେଳ



ଆଶୁତୋଷ ମେହେର

ସାଗର ତରଙ୍ଗ ଫେନିଳ ଫେନିଳ କବିତାର ସୁରେ ଗାଏ
ବାଲିରେଣୁ ଶୋହେ ସାତରଙ୍ଗେ ହସେ ମନ ଇନ୍ଦ୍ରଧନୁ ପ୍ରାୟେ ।
ସ୍ୱର୍ଣ୍ଣାଭ ପ୍ରଭାତୀ ବନ୍ଦନାରେ ଶୁଭେ ସୂରୁଯ ଦେବଙ୍କ ଗାନ
ଚାନ୍ଦିନୀ ରାତିର ଝଲକରେ ଖେଳେ ଶୀତଳ ଜୋଛନା ଧୁନ ।।

ପ୍ରେମିକା ଓଠରେ ରଙ୍ଗିଲା ଶୃଙ୍ଗାର ପୀରତି ଗୀତିର ଝର
ପ୍ରୀତିଭରା ଦୁଇ ଆଖି ଗାଉଥାଏ ମଧୁର କାକଳି ସୁର ।
ଫୁଲ ପାଖୁଡାରେ ରଙ୍ଗର କବିତା ବାସନା ରାଗିଣୀ ଭରା
ପ୍ରଭୁ ପାଦତଳେ ଆନ୍ତିମ ଜୀବନ ପରାଣ ପୁଲକ ଧାରା ।।

ନଈ ହୋଇ ବହେ କବିତାର ଧାରା ଜୀବନର ଚଉହଦେ
ସାଗରୁ ଗହୀର ଆକାଶୁ ଅନନ୍ତ ଆଦ୍ୟ ଝଙ୍କାର ପଦେ ।
ଅଣୁ ପରମାଣୁ ମାଟିର ବିନ୍ୟାସ ବିଶ୍ୱନିୟନ୍ତାଙ୍କ ଖେଳ
ସୁର ତାଳ ଲୟେ ଭରା ଚଉଦିଗ କବିତା ଆପୂର୍ବ ମେଳ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ 9437085396

ISSN NO.
2582-208X

# ପ୍ରତୀକ୍ଷା



ରଘୁନାଥ ତ୍ରିପାଠୀ

କୁମୁଦିନୀ ଖୋଜେ ନଭ ମଣ୍ଡଳରେ
କେବେ ଉଦେ ହେବ ପ୍ରିୟ ଉଡୁପ
ନନ୍ଦନ ବନର ସୁମନ ଖୋଜଇ
ଦେହ ତା ଚୁମିବ କେବେ ମଧୁପ ॥
ଝର୍ଝର ଶବଦେ ନିର୍ଝର ଝରଇ
ଖୋଜିଥାଏ ସଦା ନଦୀ ସଙ୍ଗମ
ସ୍ରୋତସ୍ୱିନୀ ଖୋଜେ ନଦୀକାନ୍ତକୁ ତା
ସାର୍ଥକ ହୋଇବ ତାର ଜନମ ॥
ଚାଷୀକୁଳ ଖୋଜେ ଭରା ମଉସୁମୀ
ଚାହିଁଛି ଦାଖଲ କରି ଅରଜି
ବରଷି ଯାଉ ସେ ସ୍ୱଛ ଜଳଧାରା
ଚପଳାର ସାଥେ ଆସି ଗରଜି ॥
ଚାତକ ସମାନ ମୟୂର ମୟୂରୀ
ଖୋଜନ୍ତି ଗଗନେ ଜିମୂତ ମାଳ
ଅବୋଧ ଶିଶୁଟି ବ୍ୟାକୁଳିତ ନେତ୍ରେ
ଖୋଜେ ସଦା ନିଜ ମାଆର କୋଳ ॥
କମଳିନୀ ଖୋଜେ ପ୍ରାଚୀ ଦିଗନ୍ତରେ
ସହସ୍ରାଂଶୁ କେବେ ହେବେ ଉଦୟ

ISSN NO.
2582-208X

ନଉକା ଖୋଜଇ ପୂର୍ଣ୍ଣଗର୍ଭା ନଇ
ବରଷା କାଳଟି ତାର ସମୟ ॥
ଚୋରା ଚଇତାଳି ମଧୁ ପରଶକୁ
ପ୍ରତୀକ୍ଷା କରନ୍ତି ପ୍ରେମୀ ଯୁଗଳ
କୋକିଳ ଖୋଜଇ ତା ପ୍ରାଣପ୍ରିୟାକୁ
ବଉଳ ବାସରେ ହୋଇ ପାଗଳ ॥
ଭଗବତ ପ୍ରେମୀ ଭକତ ଜନଟି
ଇଚ୍ଛିଥାଏ ସଦା ପ୍ରଭୁ ଦର୍ଶନ
ପରମ ଶାନ୍ତି ସେ ଲଭିବ ଜୀବନେ
ଆତ୍ମା ପରମଙ୍କ ହେଲେ ମିଳନ ॥

ବାଲିସାହି, ମଧୁପାଟଣା,
କଟକ8763343263

ISSN NO.
2582-208X

# ଶାନ୍ତନୁ ଆଚାର୍ଯ୍ୟଙ୍କ ଉପନ୍ୟାସ: ଏକ ଶୈଳୀତାତ୍ତ୍ୱିକ ଅଧ୍ୟୟନ



ଡ. ହରିହର ପ୍ରଧାନ

ଆଧୁନିକ ଉପନ୍ୟାସ ଯୁଗଚେ଼ତନା ଓ ଯୁଗଯନ୍ତ୍ରଣା ପ୍ରଭାବିତ। ଉପନ୍ୟାସ ସମସ୍ତର ପରିସର ଓ ପ୍ରଭାବ ଜୀବନ ଉପରେ ଗଭୀର । ସେହିପରି ଉପନ୍ୟାସର ବାଣୀ ହେଉଛି, ଅସୀମ । ଏ ଶତାବ୍ଦୀରେ ମଣିଷ ଆଧୁନିକ । ସାମାଜିକ ବିପ୍ଳବ ଓ ବୈଜ୍ଞାନିକ ଅନ୍ୱେଷା, ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିଛି । ଉପନ୍ୟାସ ସାହିତ୍ୟରେ କ୍ରମେ କାହାଣୀ, ଚ଼ରିତ୍ର ଓ ଘଟଣା ବର୍ଣ୍ଣନାର ପ୍ରବାହ ବନ୍ଦ ହୋଇ ବସିଲା । କାହ୍ନୁଚ଼ରଣଙ୍କ 'କଥାଟିଏ କହୁଁ ॥୧॥ ତତ୍ତ୍ୱ ମୂଲ୍ୟହୀନ ହୋଇ ଉଠିଲା । କ୍ରମେ ତାହା 'ଅଣ ଉପନ୍ୟାସ' ॥୨॥ର ନିକଟବର୍ତ୍ତୀ ହେବାକୁ ଲାଗିଲା। ଚ଼ରିତ୍ର ଚ଼ିତ୍ରଣ ଉଠିଯାଇ ଦେଖାଦେଲା ଗୃରିତ୍ରିକ ବିଶ୍ଲେଷଣ ମନୋବୃତ୍ତି ଓ କାହାଣୀ ବଦଳରେ ଦେଖାଦେଲା ବିଭିନ୍ନ 'ଭାବଚେ଼ତନା, ଅନୁଭୂତି ହେଲା ଆଗ । ସରଳ ଭାଷା ସହିତ କାବ୍ୟ-ଅଙ୍ଗ ସବୁର ସମାବେଶ ଫଳରେ ଉପନ୍ୟାସ ହେଲା ଭାବପ୍ରଧାନ ଓ କାବ୍ୟଧର୍ମୀ । ସେହିପରି ମନଃ-ବିଶ୍ଲେଷଣ ପଦ୍ଧତି' ଓ ଚେତନା ପ୍ରବାହର ରୀତି'ରେ ବିଷୟ ଉପସ୍ଥାପନା କୌଶଳ ବେଶ୍ ଲକ୍ଷଣୀୟ । ଆଙ୍ଗିକ ବୈଚି଼ତ୍ୟ ଆନୟନ ପାଇଁ ପ୍ରତୀକ, ଚି଼ତ୍ରକଳ୍ପ, ମିଥ, ରୂପକଳ୍ପ ଇତ୍ୟାଦି ଶବ୍ଦଚି଼ତ୍ରମାନଙ୍କ ପ୍ରୟୋଗ ପରି, ଉପନ୍ୟାସର ଆତ୍ମିକ ଭାବବଳୟକୁ ପରିବ୍ୟାପ୍ତ କଲା, ମାନବବାଦ, ନବ-ମାନବବାଦ, ଅସ୍ତିତ୍ୱବାଦ,ବାସ୍ତବବାଦ, ନବ ବାସ୍ତବବାଦ, ଅତିବାସ୍ତବବାଦ ପ୍ରକୃତିବାଦ, ନେତିବାଦ, ରହସ୍ୟବାଦ, ଡ଼ାଡ଼ାବାଦ ଇତ୍ୟାଦି ସାହିତ୍ୟିକ-ବାଦ ସବୁ । ଏହା ସାଙ୍ଗକୁ ଆଧ୍ୟାତ୍ମିକ ଭାବଚେ଼ତନା, ରାଜନୀତିକ ଭାବଚେ଼ତନା, ପୌରାଣିକ ଭାବଚେ଼ତନା, ଐତିହାସିକ ଭାବଚେ଼ତନା ଓ ଦାର୍ଶନିକ ଭାବଚେ଼ତନାର ନବ୍ୟତର କଳାତ୍ମକ ପରିପ୍ରକାଶ ସାମ୍ପ୍ରତିକ ଉପନ୍ୟାସ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ଏହାହିଁ ସାମ୍ପ୍ରତିକ କଥା ସାହିତ୍ୟର ମୂଳ ଆଦର୍ଶ ।

ଓଡ଼ିଆ ସାହିତ୍ୟର କଥାକାର, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଗ୍ରର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ଡ଼ଃ କୃଷ୍ଣପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ରଥ ଇତ୍ୟାଦିଙ୍କ ଉପନ୍ୟାସ ଗୁଡ଼ିକରେ ପ୍ରାକ୍ତନ ଉପନ୍ୟାସ କଳା ସାଙ୍ଗକୁ ଏ ସମସ୍ତ ଆଙ୍ଗିକ କୌଶଳ ଓ ଆତ୍ମିକ ଭାବଚେ଼ତନାର ଯତ୍ କିଞ୍ଚିତ୍ ପରିପ୍ରକାଶ

ISSN NO.
2582-208X

ଲକ୍ଷ୍ୟ କରାଯାଇଥାଏ। ସ୍ୱାଧୀନୋତ୍ତର ଓଡ଼ିଆ କଥା ସାହିତ୍ୟରେ, ଶାନ୍ତନୁ ଆଚାର୍ଯ୍ୟ ଜଣେ ଉଲ୍ଲେଖନୀୟ କଥାକାର । ଉପର୍ଯ୍ୟୁକ୍ତ ସମସ୍ତ ଭାବବିଭାବ ର ଯଥାର୍ଥ କଳାତ୍ମକ ପରିପ୍ରକାଶ ହୋଇଛି ଶ୍ରୀ ଆଚାର୍ଯ୍ୟଙ୍କ ଗଳ୍ପ-ଉପନ୍ୟାସ ସବୁରେ । ଏଠାରେ ତାଙ୍କ ଉପନ୍ୟାସ ସମୂହକୁ ଭିତ୍ତିକରି, ସାମ୍ପ୍ରତିକ କଥା ସାହିତ୍ୟର ଆଦର୍ଶ' ପରିପ୍ରେକ୍ଷୀରେ ଶାନ୍ତନୁଙ୍କ ଭାବଚେ୍ତନା' କୁ ଦୁଇଭାଗରେ ବିଭକ୍ତ କରାଯାଇପାରେ,ଯଥା । ୧- ଆଙ୍ଗିକ ବୈଚି଼ତ୍ର୍ୟ ଓ ୨- ଆତ୍ମିକ ଭାବଚେ୍ତନା । ଶାନ୍ତନୁଙ୍କ ଭାବଚେ୍ତନାକୁ ଅନୁଧ୍ୟାନ କରିବାକୁ ହେଲେ ତାଙ୍କ ଉପନ୍ୟାସ ସମୂହର ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗ ଗୁଡ଼ିକୁ ଅନୁଶୀଳନ କରିବାକୁ ପଡ଼ିବ, କାରଣ ଜଣେ ପ୍ରୟୋଗବାଦୀ ଲେଖକ ଭାବେ ସେ ଉପନ୍ୟାସର ପ୍ରଭାବ ଦିଗକୁ ବିଶେଷ ଦୃଷ୍ଟି ନଦେଇ, ଦୃଷ୍ଟି ଦେଇଛନ୍ତି ଏହାର ବୌଦ୍ଧିକତାକୁ ଓ ପ୍ରୟୋଗଧର୍ମିତାକୁ । ପ୍ରୟୋଗ ଧର୍ମିତା ବା ପରୀକ୍ଷାମୂଳକତା ହିଁ ତାଙ୍କ ଶିଳ୍ପ ସୃଷ୍ଟିର ମୂଖ୍ୟ ଆଦର୍ଶ । ଏହି ଶିଳ୍ପାଦର୍ଶକୁ, ଆଙ୍ଗିକ ଶିଳ୍ପାଦର୍ଶ ଓ ଆତ୍ମିକ ଶିଳ୍ପାଦର୍ଶ ବା 'ଆଙ୍ଗିକ ବୈଚି଼ତ୍ର୍ୟ' ଓ 'ଆତ୍ମିକ ଭାବଚେ୍ତନା' ଦୃଷ୍ଟିରୁ ବିଚାର କରାଯାଇପାରେ ।

ଆଙ୍ଗିକ ବୈଚି଼ତ୍ର୍ୟ -

ଏହି ଆଙ୍ଗିକ ବୈଚି଼ତ୍ର୍ୟ ବା ଆଙ୍ଗିକ ଆଦର୍ଶକୁ ତିନି ମୂଖ୍ୟ ବିଭାଗରେ ବିଭକ୍ତ କରାଯାଇପାରେ ।

(୧) ବିଷୟାଦର୍ଶ । (୨) ଚରିତ୍ରାଦର୍ଶ ।ଓ (୩) ରଚ଼ନା ଦର୍ଶ ।

(୧) ବିଷୟାଦର୍ଶ -

ଶାନ୍ତନୁଙ୍କ ଠାରେ ସମ୍ପୂର୍ଣ୍ଣ ଭାବରେ ଗଳ୍ପହୀନତା ଦେଖାଯାଉ ନ ଥିଲେହେଁ 'କଥାଟିଏ କହୁଁ, ର କାହାଣୀ ଧର୍ମିତା ଦେଖାଯାଏ ବୋଲି କୁହାଯାଇ ପାରିବ ନାହିଁ । ସମାଜ ସଂସ୍କାରମୁଖୀ କୌଣସି ପ୍ରେମ କାହାଣୀ କି ଆଦର୍ଶବାଦୀ ଶୁଭ୍ର କାହାଣୀକୁ ସେ ନିଜ ଉପନ୍ୟାସର ବିଷୟବସ୍ତୁ ଭାବରେ ଗ୍ରହଣ କରି ନାହାନ୍ତି। ତାଙ୍କ ଉପନ୍ୟାସରେ ଯୁବକ ଯୁବତୀର ମିଳନ କାହାଣୀ କେଉଁଠି ହେଲେ ଦେଖାଯାଇ ନାହିଁ। ସେଇଭଳି କୌଣସି ଗୋଟିଏ ଆଦର୍ଶର ପ୍ରଚାର ପାଇଁ ତାଙ୍କ ଉପନ୍ୟାସ ଉଦ୍ଦିଷ୍ଟ ନୁହେଁ । ପ୍ରତ୍ୟେକଟି ଉପନ୍ୟାସର ବିଷୟବସ୍ତୁ ଗୋଟିଏ ଗୋଟିଏ ବାସ୍ତବବାଦୀ ଉପନ୍ୟାସର କଥାବସ୍ତୁ । କୋଉଟା ବାରବୁଲା ଜର୍ଜର ମୂଲ୍ୟହୀନ ଜୀବନ କାହାଣୀ ଓ ଆଉ କୋଉଟା ଗୋଟିଏ ଧର୍ଷିତା 'ମିନି'ର କରୁଣ କାହାଣୀ । ଏ ଗୁଡ଼ିକ ଉପରେ ରାଜନୀତିକ ଭାବଚେ୍ତନାର ବ୍ୟଙ୍ଗାତ୍ମକ ଉପସ୍ଥାପନା ଉପନ୍ୟାସ ଗୁଡ଼ିକୁ ମନୋରମ ଓ ସୁଖ୍ୟପାଠ୍ୟ କରାଇ ପାରିଛି । ବିଶେଷତଃ 'ଦକ୍ଷିଣାବର୍ତ୍ତ', ଉପନ୍ୟାସର ବିଷୟ ଚ଼ୟନ ଶ୍ରୀ ଆଚାର୍ଯ୍ୟଙ୍କ ଭିନ୍ନ ମୁଖୀତାକୁ ସୂଚାଇ ଦେଇଥାଏ । ଏଠାରେ କାହାଣୀ କିଛି ନାହିଁ । କେବଳ ଶୂନ୍ୟ ଭାବର ଗୁଞ୍ଜରଣ । ଏ ସବୁ ସତ୍ତ୍ୱେ ଶାନ୍ତନୁଙ୍କ ପ୍ରଥମାର୍ଦ୍ଧର ଲେଖା ଗୁଡିକରେ ଏକ ଉଚ୍ଚାଙ୍ଗ କଥାକାରିତା ଦେଖାଯାଏ, ଯାହାକି ପରବର୍ତୀ ରଚନା ଗୁଡାକରେ କ୍ଷୀଣହୋଇଉଠିଛି ·।

ISSN NO.
2582-208X

(୨) ଚ଼ରିତ୍ର। ଦର୍ଶ -

ବିଷୟବସ୍ତୁ ଚ଼ୟନରେ ଭିନ୍ନ ମୁଖୀନତା ପରି ଚ଼ରିତ୍ର ଉପସ୍ଥାପନରେ ବି ଶ୍ରୀ ଆଗୃର୍ଯ୍ୟଙ୍କ ସ୍ୱାତନ୍ତ୍ୟ ପରିଲକ୍ଷିତ ହୋଇଥାଏ । ଶ୍ରୀ ଆଗୃର୍ଯ୍ୟ କୌଣସି ଗୋଟିଏ ଚ଼ରିତ୍ରକୁ ଦେଖେଇବା ପାଇଁ ଚ଼ରିତ୍ରୋପନ୍ୟାସ ରଚ଼ନା କରିନାହାନ୍ତି କି ରଚ଼ିତ ଉପନ୍ୟାସ ନାମଙ୍କରେ କୌଣସି ଗୋଟିଏ ମୁଖ୍ୟ ଚ଼ରିତ୍ରକୁ ଫୁଟାଇବାକୁ ଚ଼େଷ୍ଟା କରିନାହାନ୍ତି । ସ୍ରଷ୍ଟା ମାନସର ଭାବପରିଧି ଓ ଉପନ୍ୟାସରେ ତାର ପରିବୃତ୍ତ ଭିତରେ ତାଙ୍କର ପ୍ରତ୍ୟେକଟି ଚ଼ରିତ୍ର ଘୂର୍ଣ୍ଣନଶୀଳ । କେବଳ ଏତିକି ନୁହେଁ ତାଙ୍କର ପ୍ରତ୍ୟେକଟି ଚ଼ରିତ୍ର ପୁଣି 'ଟାଇପ୍' ପର୍ଯ୍ୟାୟର ; ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାବସତ୍ତାର ପରିଗୃୟକ । ଉପନ୍ୟାସରେ 'ରାଉଣ୍ଡ' ଚ଼ରିତ୍ର ପ୍ରାୟତଃ ଦେଖାନାହିଁ । ଦକ୍ଷିଣାବର୍ତ୍ତ'ର 'ବାବାଜୀ' 'ନରକିନ୍ନର'ର ଜର୍ଜ ଓ 'ଯାତ୍ରାର ପ୍ରଥମପାଦ'ରେ 'ମିନି' ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାବବୋଧର ପ୍ରତୀକାତ୍ମକ ଅଭିବ୍ୟକ୍ତି । 'ଅନୁ ହଜିଯିବା ପରେ' ର ଅନୁରାଗ, ଓ 'ଧରିତ୍ରୀର କାନ୍ଦ' ର ବୃହସ୍ପତି ମିଶ୍ର ଓ 'ଯଜ୍ଞ' ମଧ୍ୟ ଏହି ଗୋଷ୍ଠୀର ।

ସେହିପରି ଚ଼ରିତ୍ର ମାନଙ୍କର ନାମକରଣ ମଧ୍ୟ ରାମା, ଦାମ, ଶାମା' ପର୍ଯ୍ୟାୟର ନୁହେଁ । ଏମାନଙ୍କର ନାମକରଣ ନିଜସ୍ୱ ରୂପ ଗୁଣର ପରିଗୃୟକ । ଯଥା- 'ସୋଽହଂ ପୁରୁଷ', 'ଯକ୍ଷ କୁମ୍ଭାନୀ', 'ଗୋଧୀ', 'ଗୋଦରୀ ବୁଢ଼ୀ', 'ଥେଟର ମାଇକିନା', 'ଡ଼ିମୋକ୍ରାସି ଜାବାଳ', 'ଡ଼ାଆଣୀ ବୁଢ଼ୀ', 'ବୃହନ୍ନଳା', ଇତ୍ୟାଦି ଇତ୍ୟାଦି ।[୨]

ଶାନ୍ତନୁଙ୍କ ଚରିତ୍ର ଜଗତ ପାରମ୍ପରିକ ସାମାଜିକ ଅଙ୍ଗୀକାର ବୋଧ ତୁଳନାରେ ନିଜସ୍ୱ ଖାମଖିଆଲି ମନୋଭାବ ଦ୍ୱାରା ପରିଚାଳିତ ହୋଇଥିବାର ଦେଖାଯାଏ । ଚରିତ୍ର ଗୁଣାଗୁଣକୁ ପ୍ରତୀକିତ କରୁଥିବା ଭଳି ନାମକରଣ ଶାନ୍ତନୁଙ୍କ ଚରିତ୍ର ଚିତ୍ରଣର ଅନ୍ୟତମ ବୈଶିଷ୍ଟ୍ୟ । ଏକ କାଳ୍ପନିକ ଜଗତର ସ୍ୱପ୍ନମୟ ଚରିତ୍ର ଓ ଘଟଣା ସମୂହର ଅବତାରଣା ମାଧ୍ୟମରେ ସମସ୍ତ ଅସମ୍ଭବ ଓ ଅବାସ୍ତବ ମନେ ହେଉଥିବ । ପରିବେଶକୁ ବାସ୍ତବରୂପେ ସମ୍ଭବ କରେଇବା ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟଙ୍କ ଅନ୍ୟତମ ଶିଳ୍ପ ଚାତୁରୀ । ଏହା ଫଳରେ ପାଠକୀୟ ଉତ୍କଂଠା, ଲେଖକୀୟ ବକ୍ତବ୍ୟ ଅନ୍ତିମ ମୁହୂର୍ତ ଯାଏ ବଜାୟ ରହିଥାଏ । 'ଅନୁ ହଜିଯିବାପରେ' ଓ 'ଅଦୃଶ୍ୟ ଜଗତରୁ ବାର୍ତା' ଏ ଦୃଷ୍ଟିରୁ ବେଶ୍ ତାତ୍ପର୍ଯ୍ୟ ପୂର୍ଣ । 'ନରକିନ୍ନର' ର ଗରୁଡ ଛୋଟା ପ୍ରସଙ୍ଗ, 'ଶକୁନ୍ତଳା 'ରେ ଅସୀମାର ଶକୁନ୍ତଳା ରୂପଧାରଣ, 'ଧରିତ୍ରୀର କାନ୍ଦ' ରେ ନଈପଠାରେ ଅପ୍ସରୀ ମାନଙ୍କ ନୃତ୍ୟ, କିମ୍ବା ବଉଳା କିମ୍ଭୀରର ବାରହାତ ଲମ୍ବା ଖଣ୍ଡା ମୁହଁରେ ଧରି ଦେବଦହ ଗଣ୍ଡରେ ପହଁରିବା, ମସଜିଦରେ କୃଷ୍ଣ ଦେଖାଦେବା, କିମ୍ବା ଦେବୀ ଭୁବନେଶ୍ୱରୀଙ୍କ ନିଜ ଭକ୍ତର ମାନ ରକ୍ଷା ପାଇଁ ପାଣିକୁଆ ରୂପଧାରଣ କରିବା ଆଦି ଉପାଖ୍ୟାନ ଗୁଡିକ ପାଠକୀୟ ଉତ୍କଂଠା ବଢେଇବାରେ ବେଶ୍ ସହାୟକ ।

ISSN NO.
2582-208X

(୩) ରଚ଼ନା ଦର୍ଶ -

ଶାନ୍ତନୁ ଆଗ୍ରର୍ଯ୍ୟଙ୍କ ରଚ଼ନାଦର୍ଶକୁ ସାମଗ୍ରୀକ ଭାବେ ଦୁଇ ଉପ ବିଭାଗରେ ବିଭକ୍ତ କରାଯାଇପାରେ ।

(କ) 'ଗ୍ରନ୍ଥ-ଗୁନ୍ଥନ କୌଶଳ' ବା 'ବିଷୟବସ୍ତୁ ଉପସ୍ଥାପନା କୌଶଳ' । (ଖ) ଭାଷା ଓ ଶବ୍ଦ ପ୍ରୟୋଗ ।

(କ) ଗ୍ରନ୍ଥଗୁନ୍ଥନ କୌଶଳ : (ବିଷୟବସ୍ତୁ ଉପସ୍ଥାପନା କୌଶଳ) -

ତାଙ୍କ ଉପନ୍ୟାସର ବିଷୟବସ୍ତୁକୁ ଆଗେଇ ନେବାପାଇଁ ଶ୍ରୀ ଆଗ୍ରର୍ଯ୍ୟ ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା' ସାଙ୍ଗକୁ ଚ଼ରିତ୍ର ମାନଙ୍କର ସ୍ମୃତି ରୋମନ୍ଥନ ତଥା ସେମାନଙ୍କର ମନଃ ବିଶ୍ଳେଷଣ' ପଦ୍ଧତି ଓ ଚ଼େତନା ପ୍ରବାହର ଧାରା' ଉନ୍ମୋଚ଼ନ ରୀତିର ଆଶ୍ରୟ ନେଇଛନ୍ତି । ଏହାବ୍ୟତୀତ ଏକ କାଳ୍ପନିକ, ସ୍ୱପ୍ନମୟ ନିଆରା ଦୁନିଆର ଘଟଣା ଓ ଚ଼ରିତ୍ର ମାନଙ୍କର ଅବତାରଣା ମାଧ୍ୟମରେ କଥାଭାଗକୁ କୌତୁହଳପୂର୍ଣ୍ଣ କରିବା ତଥା ସେଇ ବାହାନାରେ ସ୍ୱୀୟ ଚ଼ିନ୍ତାଚ଼େତନାକୁ ବାସ୍ତବତାର ଖ୍ୟାତିର ନକରି ପ୍ରକାଶ କରିବା ମଧ୍ୟ ଶାନ୍ତନୁଙ୍କ ଅନ୍ୟତମ ବୈଶିଷ୍ଟ୍ୟ ।

'ନରକିନ୍ନର' ଉପନ୍ୟାସର ପ୍ରଥମ ଭାଗରେ 'ଜର୍ଜର ପାଳକ ପିତାର ମୃତ୍ୟୁ', 'କାଠ କ୍ୟାବିନ୍‌କୁ ଜର୍ଜର ଆଗମନ', 'କବିରାଜ ବୁଢ଼ାଠାରେ ବିଦ୍ୟାଶିକ୍ଷା' ଓ 'ବୁଢ଼ୀର ମୃତ୍ୟୁ' ଆଦି ଘଟଣାମାନ ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା ରୀତିରେ ଉପସ୍ଥାପିତ ହୋଇଥିବାବେଳେ, ମନଃ ବିଶ୍ଳେଷଣ ପଦ୍ଧତିରେ 'ଜର୍ଜ' ଓ 'ଗୋଦରୀବୁଢ଼ୀ'ର ସ୍ମୃତି ରୋମନ୍ଥନ ସଞ୍ଜାତ ଅନୁଚ୍ଚାରିତ-ଆତ୍ମକଥନ ଜରିଆରେ ବହୁ ଘଟଣାର ସୂଚ଼ନା ଦେଇଛନ୍ତି । 'ଜର୍ଜ, 'ବିଭୁପ୍ରସାଦ', ନଟବର, ବାବାଜୀ, ଲେଥ୍ରିଜ୍, କରିମ୍ ଖାଁ ଆଦିର କାର୍ଯ୍ୟକଳାପ ଯେତିକି ପ୍ରତ୍ୟକ୍ଷ, ସେତିକି ପରିମାଣରେ ସ୍ମୃତି ରୋମନ୍ଥନ ସଞ୍ଜାତ ମଧ୍ୟ ।

ସେହିପରି 'ଶତାବ୍ଦୀର ନଚ଼ିକେତା'ର ମୁଖ୍ୟକାହାଣୀ ଅନେକାଂଶରେ 'ବିଭୁପ୍ରସାଦ'ର ସ୍ମୃତି ରୋମନ୍ଥନ ତଥା ନଟବର ଓ ମିଃ ଶେଠୀଙ୍କ ଆତ୍ମକଥନରୁ ହିଁ ଜଣା ଯାଇଥାଏ । କିନ୍ତୁ ଏହାର ଅନୁବୃତ୍ତିରେ ଲିଖିତ ତିନୋଟି ରାତିର ସକାଳ' ଉପନ୍ୟାସରେ, ଛାତ୍ର ଆନ୍ଦୋଳନ, ଭବାନୀ ପ୍ରସାଦଙ୍କ 'ଉର୍ଣ୍ଣନାଭ ଆଶ୍ରମ' କାର୍ଯ୍ୟକ୍ରମ ଇତ୍ୟାଦି ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା ରୀତିରେ ଉପସ୍ଥାପିତ । 'ଦକ୍ଷିଣାବର୍ତ୍ତ'ରେ ଆତ୍ମିକ ଭାବଚ଼େତନା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏହାର ଉପସ୍ଥାପନାରେ ମନଃ ବିଶ୍ଳେଷଣ ଓ ଚ଼େତନା ପ୍ରବାହର ଉନ୍ମୋଚନ ପ୍ରାୟତଃ ନାହିଁ କହିଲେ ଚ଼ଳେ । ଏଠାରେ ବିଷୟ ପ୍ରସ୍ଥ ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା ମାଧ୍ୟମରେ ଉପସ୍ଥାପିତ । 'ଯାତ୍ରାର ପ୍ରଥମ ପାଦ' ଉପନ୍ୟାସରେ ତିନିଗୋଟି ମୁଖ୍ୟ ଦୃଶ୍ୟ ଦେଖିବାକୁ ମିଳିଥାଏ । ପ୍ରଥମ ଦୃଶ୍ୟରେ ଉପନ୍ୟାସର ନାୟିକା ମିନି ହୁଏ ଧର୍ଷିତା, ଏହି ଧର୍ଷିତା ମିନି ର ସ୍ମୃତି ରୋମନ୍ଥନରୁ ଦେଖାଯାଏ କ୍ରମେ ତାର ବାଲ୍ୟଲୀଳା ଓ ବିଦ୍ୟାଳୟ କାର୍ଯ୍ୟକ୍ରମ । ପ୍ରଥମ ଦୃଶ୍ୟ ପରି ତୃତୀୟ ଦୃଶ୍ୟରେ ତାର ରାଜନୀତିକ ଦଳରେ ଯୋଗଦାନ ବି ପ୍ରତ୍ୟକ୍ଷ ରୀତିରେ ବର୍ଣ୍ଣିତ । 'ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ'ରେ 'ମନଃ ବିଶ୍ଳେଷଣ' ଓ 'ସ୍ମୃତି

ISSN NO.
2582-208X

ରୋମନ୍ଥନ' ଅପେକ୍ଷା ପ୍ରତ୍ୟକ୍ଷ ଘଟଣା ବର୍ଣ୍ଣନା ଓ 'ଫାଣ୍ଟାସି' ବା ଗାଲଗଳ୍ପ ପ୍ରୟୋଗରେ ହିଁ ବିଷୟ-ଭାବର ବ୍ୟଞ୍ଜନାତ୍ମକ ଉପସ୍ଥାପନା କରାଯାଇଛି ।

ସେହିପରି 'ଶକୁନ୍ତଳା' ଉପନ୍ୟାସରେ ପୌରାଣିକ ଚରିତ୍ର ମାନଙ୍କର ସ୍ମୃତି ରୋମନ୍ଥନ ଓ ମନଃ-ବିଶ୍ଳେଷଣ ଅପେକ୍ଷା ଭୟାବହ ଘଟଣା ବର୍ଣ୍ଣନା ଓ ଗାଲଗଳ୍ପର ପରିକଳ୍ପନା ପଦ୍ଧତିରେ ବକ୍ତବ୍ୟକୁ ଆଗେଇ ନିଆଯାଇଛି । ମନଃ ବିଶ୍ଳେଷଣ ପଦ୍ଧତି ଓ ଚେତନା ପ୍ରବାହର ରୀତି ଶ୍ରୀ ଆଗ୍ରର୍ଯ୍ୟଙ୍କ ସମସାମୟିକ ଅନ୍ୟାନ୍ୟ କଥାକାର ମାନଙ୍କଠାରେ ଦେଖାଯାଇଥିଲେ ବି, 'ଫାଣ୍ଟାସି' ପ୍ରୟୋଗରେ ଭାବବ୍ୟଞ୍ଜନା ତାଙ୍କର ଗୋଟିଏ ଅଦ୍‌ଭୁତ ରଚନା କୌଶଳ ଓ ବୈଶିଷ୍ଟ୍ୟ ପ୍ରତିପାଦକ ।

(ଖ) ଭାଷା ଓ ଶବ୍ଦ ପ୍ରୟୋଗ -

ଶ୍ରୀ ଆଗ୍ରର୍ଯ୍ୟଙ୍କ ବୈଚିତ୍ର୍ୟ ପୂର୍ଣ୍ଣ ଭାଷା' ପ୍ରୟୋଗ ସାଙ୍ଗକୁ ତାଙ୍କ ଉପନ୍ୟାସ ମାନଙ୍କରେ 'ପ୍ରତୀକ', 'ଚିତ୍ରକଳ୍ପ', 'ରୂପକଳ୍ପ', 'ମିଥ୍', 'ଫାଣ୍ଟାସି', 'ଇତିହାସ' 'କିମ୍ବଦନ୍ତୀ', 'ଲୋକକଥା' ଇତ୍ୟାଦିର ଯଥାର୍ଥ ସଂସ୍ଥାପନ ଆଙ୍ଗିକ ବୈଚିତ୍ର୍ୟ ଆନୟନରେ ବେଶ୍ ସାହାଯ୍ୟ କରିଛି । ଏହା ବ୍ୟତୀତ ପ୍ରାଚୀନ 'ପଦ-ପଙ୍କ୍ତି ମାନଙ୍କର ପ୍ରାସଙ୍ଗିକ ଉଦ୍ଧରଣ', ନିଜସ୍ୱ ଶୈଳୀରେ 'ବ୍ୟଙ୍ଗାତ୍ମକ କବିତା ସୃଷ୍ଟିର ପ୍ରୟାସ' ଓ ନୀତିବାକ୍ୟ ତଥା ସଂସ୍କୃତ-ଶ୍ଳୋକ ମାନଙ୍କର ପ୍ରତ୍ୟକ୍ଷ ଭାବଯୋଗ, ଏ ଶୈଳୀକୁ ରସାଳ ଓ ସୁଖପାଠ୍ୟ କରି ଗଢ଼ିତୋଳିଛି ।

୧) ଶାନ୍ତନୁଙ୍କ ଭାଷା ବୈଚିତ୍ର୍ୟ -

ଶ୍ରୀ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ମାନଙ୍କର ଭାଷା ସରଳ ଓ ନିରାଡ଼ମ୍ବର, ଏହା ସମାସ ସମ୍ପନ୍ନ ଓ ଆଳଙ୍କାରିକ ନୁହେଁ ନିଶ୍ଚୟ । ଶ୍ରୀ ଆଗ୍ରର୍ଯ୍ୟଙ୍କ ଭାଷାରେ, 'ସାରଳାଙ୍କ ଚଷଣ୍ଡ ଭାଷାର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ହିଁ ଆମର କାବ୍ୟିକ ସୌନ୍ଦର୍ଯ୍ୟ ତତ୍ତ୍ୱର ମୂଳାଧାର । ଯେଉଁମାନେ ଏ ଅଦ୍ଭୁତ ଶକ୍ତିଶାଳୀ ଭାଷାର ଯାଦୁକରୀ ଯାନ୍ତ୍ରିକ ପ୍ରଭାବକୁ ଗାଁଗଣ୍ଡାର ଅବହେଳିତ ଉପେକ୍ଷିତ ସାଧାରଣ କୃଷକ ସମାଜରେ ଅଚ୍ଛୁଆ ବୋଲି ମନେ କରି ଏବେମଧ୍ୟ ପରିଚ୍ଛନ୍ନ ଭାଷା ବିନ୍ୟାସକୁ ସମ୍ମୁଖରେ ଆଣି କବି ବା ଲେଖକ କାର୍ଯ୍ୟ ତୁଳାଇବା ଦ୍ୱାରା **XXX** ସମ୍ମାନ ଦାବୀ କରନ୍ତି ସେମାନେ ବାସ୍ତବିକ ସାରଳାଙ୍କ ଦାୟାଦ ନୁହନ୍ତି ଏବଂ ସେଇ ଅର୍ଥରେ ଓଡ଼ିଆ ମଧ୍ୟ ନୁହନ୍ତି' ॥୩॥ ଉପନ୍ୟାସରେ ଉପସ୍ଥାପନା ଦୃଷ୍ଟିରୁ ଶ୍ରୀ ଆଗ୍ରର୍ଯ୍ୟଙ୍କ ଏ ଚଷଣ୍ଡ ଭାଷା ବିନ୍ୟାସକୁ ବହୁ ଭାବରେ ଦେଖାଯାଇପାରେ ।

(କ) ଲୋକମୁଖୀ ଭାଷା -

ଶ୍ରୀ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ମାନଙ୍କରେ, ଭାଷା ଅନେକାଂଶରେ ସାମ୍ପ୍ରଦିକତା ସୁଲଭ ବର୍ଣ୍ଣନା ପରି ମନେ ହେଉଥିଲେ ହେଁ, ଲୋକ-ଭାଷାର ସଂଯୋଜନା ହିଁ ଉପନ୍ୟାସ ମାନଙ୍କରେ ମୁଖ୍ୟ ଲକ୍ଷଣୀୟ ଦିଗ ହୋଇପାରିଛି । ଏ ଲୋକଭାଷା ଅନେକାଂଶରେ ଅପଭ୍ରଷ୍ଟ, ଆଇଁଷିଆ ଓ ସଂଳାପମୟ ।

ISSN NO.
2582-208X

ଯଥା-'ହଉ ଯଦି ହବନାଇଁ ତ ନାଇଁ, ହେଲେ ମୋ ବାପା । ମୋଧନ ତୁ ଆଉ ବିଳିବିଳେଇ କାନ୍ଦନା-ନେ-ଖା! ମତେ ଖା - ଖାଇଦେ ! ଖାଉନୁ ଖା, ଖାଆ ଲୋ ଖା **XXX** ଯେତେ ଖାଇଲେ ହେଲେ ଏ ନିଆଁ ଲଗା ରକତ ମାଉଁସ କଣ ସରୁଚି ହେଲେ ! ତେର ବରଷ ଦିନଠୁଁ ଆଜିଯାକେ କେତେ ପେଟୁଙ୍କୁ ମୁଁ ଖୁଆଇବାକୁ ନ ଦେଇଚି **XXX** ଚରିଗଲେ ସେ ଗୁଡ଼ାକ **XXX** ହେଲେ ମୁଁ ସଇଲି ନାହିଁ **XXX** ରକତ ମାଉଁସ ଶେଷ ହେଲା ନାଇଁ **XXX** ନେଲୋ । ଗୃଟି ଚୁଟି ଏଘଡ଼ା ଶେଷ କରି ଦେ **XXX** '। ('ନରକିନ୍ନର', ପୃଷ୍ଠା- ୧୬୪/୧୬୫) ।

କିମ୍ବା, 'ଧରିତ୍ରୀର କାନ୍ଦ' ରେ, 'ଆରେ ଅଳପେଇଷା ଯୋଗିନୀଖିଆ, ସେଇ ହିଡିମ୍ବାପୁରକୁ ତ ଯାଇଥିଲୁ, ବାହା ହେଲୁ ନାଇଁ କିଆଁରେ ସେଇଠି ହିଡିମ୍ବା ରାକ୍ଷସୀଟାଏ ! ମତେ ହନ୍ତସନ୍ତ କରି ମାଇଲୁ ଜୀବନ ସାରାରେ ଅଳପେଇଷା '('ଧରିତ୍ରୀର କାନ୍ଦ',ପୃ -୮୧)

(ଖ) ଭାଷାରେ ସାଙ୍କେତିକତା -

'ବାହାରେ କଜଳପାତିର ସରୁ ହୁଇସିଲଟିଏ ଶୁଣାଯାଉନଥାଏ । ବହୁତ ଦୂରରେ କୁକୁଡ଼ାଟାଏ ହଠାତ୍ ଡ଼ାକି ଉଠି ପୁଣି ବନ୍ଦ ହୋଇଯାଏ । ମଶାଟାଏ ଗୁଣୁଗୁଣୁ ହୋଇ ଘୁରିବୁଲେ **XXX** ତାପରେ ଗୋଟିଏ ଶୀର୍ଣ୍ଣ ଦୁଇଫର୍ଦ୍ଦିଆ ହୁଇସିଲ **XXX** ମହାନଦୀର ଚ଼ହଟା ଘାଟ କଡ଼ରୁ ଲକ୍ଷ ହୁଇସିଲ **XXX** ତାପରେ ଗୋଟିଏ ରେଳଇଞ୍ଜିନ୍‌ର ଶବ୍ଦ **XXX** '('ଶତାବ୍ଦୀର ନଚ଼ିକେତା' ପୃଷ୍ଠା- ୧)

କିମ୍ବା, 'ବାଲକନିକୁ ଲାଗିଚମ୍ପା ଗଛଟାର ଡାଳ ଓ ଡାଳଉପରେ ଭର୍ତି **XXX** ଫୁଲ ଓ କଢ ଗୁଡାକ **XXX** ମହକି ଯାଉଥାଏ ଯାଗାଟା **XXX** ଚମ୍ପାଗଛକୁ ପରା ଭ୍ରମର ମାନେ ଆଭଏତ କରନ୍ତି ! ପାଖ ମାଡନ୍ତି ନାହିଁ ! କିନ୍ତୁ ଏଠି ଚମ୍ପାଗଛକୁ ବେଢିଛନ୍ତି ଭଅଁର **XXX** ଚମ୍ପାର ଉତ୍କଟବାସ୍ନା ଭଅଁରକୁ ରିପେଲ୍ କରେ **XXX** ଶାସ୍ତ୍ର ମାନଙ୍କରେଲିଅଛି ସେକଥା। କେବଳ ଚମ୍ପାଗଛ ପାଖକୁ ସେତିକିବେଳେ ଆସନ୍ତି ଭ୍ରମରମାନେ ଯେତେବେଳେ ଭ୍ରମରମାରି ପାଳଟେ ସେଗଛ ।'(ପୃ-୧୪୫)

(ଗ) ଭାଷାରେ ରୋମାଞ୍ଚିକ ଅନଗର୍ଳତା -

'ଡ଼ିମୋକ୍ରାସିର ଜୟ ହେଉ ! ଶନିବାର ସନ୍ଧ୍ୟାର ଜୟ ହେଉ । ଆଉ ଦିବ୍ୟ ଶାଢ଼ୀ ଗୁଡ଼ିକ ପିନ୍ଧି ପାଟଳୀପୁତ୍ରର ଯେଉଁ ସୁନ୍ଦରୀ ରମଣୀମାନେ ଆଜିର ଶନିବାର ସନ୍ଧ୍ୟାରେ ତୋ ଆଗେ ଆଗେ ଗ୍ଳିଛନ୍ତି ସେମାନଙ୍କର ମଧ୍ୟ ଜୟ ହେଉ ! **XXX** ଲିଚୁ ଗୁଡ଼ିକ କି ଲୋଭନୀୟ ! ଲିଚୁ ! ଲିଚୁ …ଲିଚୁ ମାନଙ୍କର ଜୟ ହେଉ' । (ଦକ୍ଷିଣାବର୍ତ୍ତ, ପୃଷ୍ଠା-୧)

କିମ୍ବା, 'ପଦ୍ମଫୁଲର ବାପ ତୁ ! ପଦ୍ମ ଫୁଲର ବାପ ତୁ ! ଶାନ୍ତ ହ ! ଚୁଉପ୍ ହ ! ସ୍ଥିର ହ ! ମଣିଷର କର୍ତ୍ତା ତୁ ………… କର୍ତ୍ତା ତୁ,' 'ଦକ୍ଷିଣାବର୍ତ୍ତ', ପୃଷ୍ଠା- ୧୨୪) ।

ISSN NO.
2582-208X

କିମ୍ବା ,'ଜାଣିଚଟି ଭାଉଜ ସେଥେରେ କିଏ ଅଛନ୍ତି? ମୁସଲମାନ ମାନଙ୍କ ଗାରୁଡି ମନ୍ତ୍ର ! ଭାଇନା ତାକୁ ଆଣିଚନ୍ତି କୋଉଠୁ ? ମେଶପଟାମିଆଁଟି ? ମୋ ବାପ ଲୋ ବାପ ! କଳିମଞ୍ଜି ପଶିଚି ସେ ମୁଣିରେ , ଶୁଣିଚଟି ତା ଶବଦ ? ରାତି ଅଧେ ହେଲେ ଝମର ଝମର ହେଇ ନାଚେ ପରା ସେ ମୁଣି , ତା ଛାଁକୁ ?' (ଧରିତ୍ରୀର କାନ୍ଦ,ପୃ-୬୯)

କିମ୍ବା, 'ମଣିଷର ବଂଶ ମର୍ଯ୍ୟାଦା, ସଦ୍ଗୁଣାବଳୀ , କେବଳ ଶୁଦ୍ଧ ସାମାଜିକ ଆଚରଣରେ ପର୍ଯ୍ୟବସିତ ହେଇ ରହେନାହିଁ‥ ଏହା ଧୀରେ ଧୀରେ ପଶେ ଚରିତ୍ର ଭିତରକୁ, ସେଇଠୁ ପଶେ ଜେନେଟିକ୍ସକୁ, ସେଇ ଜେନେଟିକ୍ସ ଭିତରେ ଥାଇ ସେ କଥା କହେ , ଯଦି କଥା ନ କହେ, ନୀରବ ରହେ, ତେବେ ମଧ୍ୟ ସେ ହିଁ ଅସଲ ସମ୍ପତ୍ତି ବା ସଂସ୍କାର । ଲକ୍ଷେ ବର୍ଷ ପରେ ବି ଏଇ ଜେନେଟିକ୍ସ ଭିତରୁ **XXX** ପୁଣି ଜନ୍ମ ହେଇପାରନ୍ତି ବୁଦ୍ଧ ଗାନ୍ଧି ହେଇ **XXX** ସଦ୍ଗୁଣକୁ **XXX** ସିଂହାସନରେ ବସେଇ ଦେଇପାରେ ଯେ, ସେଇ କ୍ଷତ୍ରିୟ, ସେବି ବ୍ରାହ୍ମଣ , ସେଇଋଷି ସେଇ ଦ୍ରଷ୍ଟା ।'('ମନ୍ତ୍ରୀଙ୍କ ସେୟାର', ପୃ-୨୪୫-୪୬)

କିମ୍ବା,'ଯେଉଁ ଉପକୂଳ ଗୁଡିକ ପଥୁରିଆ , ସେଠି ସମୁଦ୍ରର ଢେଉ ପଥର ଦେହରେ ପିଟିହେଲା ବେଳେ ଗୋଟିଏ ପ୍ରକାର ଶବ୍ଦ ସୃଷ୍ଟି ହୁଏ, ଯାହାର ଧ୍ୱନିଗୁଣ ଥାଏ-ଠିକ୍ କ୍ଲାସିକାଲ୍ ମ୍ୟୁଜିକ୍ ପରି । ସୃଷ୍ଟିର ଆରମ୍ଭରୁ ଜଳ ଓ ସ୍ଥଳର ଅଦ୍ଭୁତ ମିଳନ ଅନୁଷ୍ଠିତ ହୋଇ ଆସୁଛି **XXX** ଯେଉଁଠି ସମୁଦ୍ର ଭିତରକୁ ଗୋଡ ଲମ୍ବେଇ ବସି ପଡିଥାଏ ମୌନି ପୁରୁଷଟିଏ ପରି କୌଣସି ଏକ ପର୍ବତ ଆଉ ସେଇ ମୌନିର ଧ୍ୟାନ ଭଙ୍ଗ ପାଇଁ ସଦାସର୍ବଦା ଚଳଚଞ୍ଚଳ ରହିଥାଏ ପ୍ରକୃତି ସ୍ୱୟଂ ନୀଳକେଶି ବିଶାଳାକ୍ଷୀ, ସର୍ବବ୍ୟାପୀ ନାରୀଟିଏ ପରି ଏଇ ସମୁଦ୍ର ।' ('ଅଦୃଶ୍ୟ ଜଗତରୁ ବାର୍ତ୍ତା' ,ପୃ-୧୧୮)

(ଘ) ଭାଷାରେ ସାମ୍ବାଦିକତା-

'**XXX** ୧୯୭୦ ମେ ମାସ **XXX** ସି·ପି·ଆଇ· (ଏମ୍·ଏଲ୍·) ପାର୍ଟିର ପ୍ରଥମ ସର୍ବଭାରତୀୟ କଂଗ୍ରେସର ଅଧିବେଶନ **XXX**' । (ଶକୁନ୍ତଳା, ପୃଷ୍ଠା-୨୭୭/୨୭୮)

(ଙ) ଉଦ୍ଭଟ ସଂଳାପ ସଂଯୋଜନା-

'**XXX** ଅସଂଖ୍ୟ ଧୂର୍ଜଟୀ, ଧୂମ କେତୁ, ଧୂପଛାୟା ······· ଧୂମ୍‌ଧୂମ୍, ଧୁସ୍······ଧୁସ୍·······ଧପ୍ ଧପ୍········ଧୋ ········ଧୋ ।' (ଶତାବ୍ଦୀର ନଚିକେତା, ପୃଷ୍ଠା- ୧୯୨)

କିମ୍ବା, 'ହିସ୍ ସ୍‌ସ୍ ଫଟ୍, ହିସ୍, ସ୍‌ସ୍ ସ୍‌ସ୍ - ଠୋ

ହିସ୍ ସ୍‌ସ୍ - ଫଟ୍, ହିସ୍‌ସ୍ ଠୋ ।' (ଦକ୍ଷିଣାବର୍ତ୍ତ, ପୃଷ୍ଠା- ୪୩)

ISSN NO.
2582-208X

(ଚ଼) ଅଣ ଓଡ଼ିଆ ଭାଷା ସଂଯୋଜନା-

(ଏଠାରେ ଇଂରାଜୀ ଓ ହିନ୍ଦୀ ବିଶେଷ ଭାବରେ ପ୍ରଯୁକ୍ତ, ସଂସ୍କୃତ ଉଦ୍ଧୃତ, ପ୍ରଯୁକ୍ତ ନୁହେଁ)

-'ହେ ଥୋଡ଼ା ରହବେ ଛୋକରି ' **XXX** ।(ଯୋତ୍ରାର ପ୍ରଥମ ପାଦ,ପୃଷ୍ଠା-୧୪)କିମ୍ବା- 'ଆରେ ଭାଇ ଇସ୍ ମେ କ୍ୟାହେି ? ଲେକିନ୍ ତୁମ୍ହାରା ମାଫିକ୍ ଏତେନା ବଡ଼ା ଆଦ୍‌ମୀ କୋ ମେଁ କ୍ୟାଦେ ଶକେଗେଁ ...... ରିସର୍ଚ୍ଚ ଇସ୍କଲାର ହୋ ! ନେହିଁ ?' (ଶତାବ୍ଦୀର ନଚ଼ିକେତା, ପୃଷ୍ଠା- ୧୩୮)

କିମ୍ବା ,'ଏମ୍‌.ଏ. ଓଡିଆ କ୍ଲାସରେ **XXX** ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧାହରି, ଅବ୍ୟକ୍ ଲୀଳାକୁ ବ୍ୟକ୍ତ, କର ଅବତରି ହେ,' ଆବୃତ୍ତି ସହିତ ଆଉ ସେ ତାତ୍ତ୍ୱିକ ପ୍ରଶ୍ନ ଶୁଭୁନାହିଁ କଲେଜ ଛକ ମଦନା ମିଠା ଦୋକାନ ପର୍ଯ୍ୟନ୍ତ, ଆରେ ରାଧାକ ସହିତ  ହରି ଶବ୍ଦର ସଂଯୋଗ ହେଲା କିପରି ? ଏଠି କବି ଅଭିମନ୍ୟୁ ସାମନ୍ତସିଂହାର ଅପ୍ରାକୃତିକ ପ୍ରେମ ପ୍ରସଂଗ ଉତ୍‌ଥାପନ କଲେ କାହିଁକି ?  (ଧରିତ୍ରୀର କାନ୍ଦ ପୃ-୧୨୩)

କିମ୍ବା ,'ଟମ୍ଲେଥ୍ରିଜ୍ ଜଣେ କ୍ୟାମ୍ବ୍ରିଜ୍ ପ୍ରଫେସର। ତାଙ୍କର ବିଦ୍ୟା ପ୍ରତ୍ନତତ୍ତ୍ୱ । ମାଟିତଳେ ପୋତା ପ୍ରାଚୀନ ଐତିହାସିକ କୀର୍ତ୍ତି ଖୋଜିବା ଥିଲା ତାଙ୍କ କାମ । ଖୁବ୍ ନାଁ କରିଥିଲେ ସେ କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ । ଠିକଣା ସମୟରେ ଚାକିରୀରୁ ଇସ୍ତଫାନେଲେ ସେ୧୯୫୭ ରେ ।' ('ଅଦୃଶ୍ୟ ଜଗତରୁ ବାର୍ତ୍ତା' ,ପୃ-୮୪)

ଏହିପରି ଭାବରେ ଶ୍ରୀ ଆଗୃର୍ଯ୍ୟ ଭାଷା ଯୋଜନାକୁ ବୈଚ଼ିତ୍ର୍ୟମୟ କରି ଗଢ଼ିତୋଳିଛନ୍ତି । ଏହା ସାଙ୍ଗକୁ ପ୍ରତୀକ, ଚ଼ିତ୍ରକଳ୍ପ, ଇତ୍ୟାଦି ଶବ୍ଦଚ଼ିତ୍ର ଏହାକୁ ବୈଚ଼ିତ୍ର୍ୟ ପୂର୍ଣ୍ଣ କରିବାରେ ସାହାଯ୍ୟ କରିଛି ।

ଯଥା -୨)'ପ୍ରତୀକ', ପ୍ରୟୋଗ-

ଶ୍ରୀ ଆଗୃର୍ଯ୍ୟଙ୍କ ଉପନ୍ୟାସରେ ପ୍ରଯୁକ୍ତ ଓ କଳ୍ପିତ ପ୍ରତୀକ ଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

ଯଥା-'ପାରମ୍ପରିକ ବା ସାଧାରଣ ପ୍ରତୀକ' ଓ 'ବ୍ୟକ୍ତିଗତ ପ୍ରତୀକ' ।

(କ) ପାରମ୍ପରିକ ବା ସାଧାରଣ ପ୍ରତୀକ

ଏହା ଲେଖକଙ୍କ କଳ୍ପିତ ନୁହେଁ, ଜନମାନସରେ ପ୍ରତିଷ୍ଠିତ । ଶ୍ରୀ ଆଗୃର୍ଯ୍ୟଙ୍କ ଉପନ୍ୟାସ ମାନଙ୍କରେ ଦେଖା ଯାଉଥିବା ଏ ଧରଣର ପ୍ରତୀକ ଗୁଡ଼ିକ ହେଲା ପୌରାଣିକ ପ୍ରତୀକ- ନଚ଼ିକେତା, ଗଙ୍ଗାମାତା, ଭାରତମାତା, ଶକୁନ୍ତଳା, ଅପସରୀ, ଶିବ-ପାର୍ବତୀ, ପରଶୁରାମ, ରାମ, ଲକ୍ଷ୍ମଣ, ସୀତା, ଦୁଷ୍ମନ୍ତ, ନନ୍ଦ, ଯଶୋଦା, ଭରତ, କଂସ, କୃଷ୍ଣ ହିରଣ୍ୟକଶ୍ୟପୁ, ନୃସିଂହନାଥ, ଭକ୍ତ -ପ୍ରହଲ୍ଲାଦ, ଗରୁଡ଼, ରାକ୍ଷସ, ଦ୍ରୌପଦୀ, ଲକ୍ଷ୍ମୀ, ଦୁର୍ଗା, ସରସ୍ୱତୀ, ବାଳୀ, ସୁଗ୍ରୀବ, ଭୀମ ଇତ୍ୟାଦି ।

ସମାଜରୁ ଗୃହୀତ ପ୍ରତୀକ- ବ୍ରାହ୍ମଣ, ବାବାଜୀ, ଖ୍ରୀଷ୍ଟିଆନ୍ ଧର୍ମ ଯାଜକ ,କୁଳଗୁରୁ, ମୌଲବୀ, ଓକିଲ ଆଦି ।

ISSN NO.
2582-208X

ଐତିହାସିକ ପ୍ରତୀକ-ମାର୍କସ୍, ଲେନିନ୍, ମାଓ, ଗାନ୍ଧୀ, ଖୋଦା, ଯୀଶସ, ହିଟଲର, ନେପୋଲିୟନ, ମହତାବ୍।

କିମ୍ବଦନ୍ତୀ ମୂଳକ- ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ।

ବସ୍ତୁ ଜଗତରୁ ଗୃହୀତ ପ୍ରତୀକ-ସୂର୍ଯ୍ୟ, କଖାରୁ ଫୁଲ, ନର-କଙ୍କାଲ, ଗାନ୍ଧୀ-ଟୋପି, ଜହର-ଜାକେଟ, ପଦ୍ମ-ଫୁଲ, ଡ଼ଙ୍ଗା, ସମୁଦ୍ର, ଲାଲ-ପତାକା, ଗୈରିକ-ପତାକା, ବାରାହୀ-ମୂର୍ତ୍ତି, ବଂଶୀ । ଏ ସମସ୍ତ ପାରମ୍ପରିକ ଓ ସାଧାରଣ ପ୍ରତୀକ ଗୁଡ଼ିକର ବ୍ୟକ୍ତିଗତ ଉପଯୋଗ ହୋଇଛି । ଏମାନଙ୍କ ଭାବ-ବିଚ୍ଛୁରଣ ସ୍ଥାୟୀ ଓ ଅପରିବର୍ତ୍ତନୀୟ ନୁହେଁ ।

(ଖ) ବ୍ୟକ୍ତିଗତ ପ୍ରତୀକ-ପାରମ୍ପରିକ ଓ ସାଧାରଣ ପ୍ରତୀକ ଗୁଡ଼ିକର ବ୍ୟକ୍ତିଗତ ଉପଯୋଗ ବ୍ୟତୀତ ଶ୍ରୀ ଆଗ୍ରର୍ଯ୍ୟଙ୍କ ଶିଳ୍ପ ସୃଷ୍ଟିରେ କେତେକ ବ୍ୟକ୍ତିଗତ ପ୍ରତୀକ ସୃଷ୍ଟିର ଦେଖାଯାଏ । ଯଥା-ପ୍ରାଣୀ ଜଗତରୁ- ଗର୍ଭିଣୀ- ମାଇକିନା, ପିମ୍ପୁଡ଼ି, ଗୋଦରୀ, ମାଙ୍କଡ଼, ବଗ, କୋକି-ଶିଆଳୀ, କୁକୁଡ଼ା, କଜଳପାତୀ, ବସନ୍ତକୋଇଲି, ଶୁଆପକ୍ଷୀ, ଝିଣ୍ଟିକା, କୁକୁର, ଗାଇ, ଗୁଣ୍ଡୁଚି, ଘରଚଟିଆ, ଝିଟିପିଟି, ଛେଳି, ଗୋଧୀ, ମୂଷା, ପେଗ୍, ବିଲୁଆ, ଇତ୍ୟାଦି ।

ଜଡ଼ ଜଗତରୁ- ଅଫିମ୍, ଚ଼ନ୍ଦନ, ମହମବତୀ, ବେଲୁନ, ଲଟୁ, ଶଗଡ଼ଚକ, ରେଲ ଇଞ୍ଜିନ, ଲଣ୍ଠନ, ରବର-କଣ୍ଢେଇ, ହୀରା, ମେୱା, ମାଂସ, କାଠ-ଢ଼ାବଲ, ଇତ୍ୟାଦି ।

(ଗ) ଚିତ୍ରକଳ୍ପ- ଚିତ୍ରକଳ୍ପ ପ୍ରୟୋଗରେ ଶ୍ରୀ ଆଗ୍ରର୍ଯ୍ୟଙ୍କ ସ୍ୱତନ୍ତତା ଖୁବ୍ ସ୍ପଷ୍ଟ । ଯଥା ସେଇ ପ୍ରଶ୍ନ **XXX** ତା ମୁଣ୍ଡରେ ଗ୍ରୀଷ୍ମର ଗଭୀର ଶୁଖିଲା ପଡ଼ିଆର ତଳ ତଳିଆ ପଙ୍କ ଭିତରେ ନିଜକୁ ପୋତି ହୋଇ ତଥାପି ଜୀବନକୁ ସୁରକ୍ଷିତକରି ପାରିଥିବା ଗୋଟିଏ ଦୀର୍ଘ ଜୀବି ଗଡ଼ିଆ ମାଛ ପରି ଚୁପ୍ ହୋଇ ଘୋଳେଇ ପଡ଼ିଥାଏ। (ଦକ୍ଷିଣାବର୍ତ୍ତ, ପୃଷ୍ଠା- ୭)

- 'ତୁମ ମୁହଁ ଦିଶୁଥିଲା କ୍ଷୀର ଛିଣ୍ଡିଲା ଭଳି' ! ('ଦକ୍ଷିଣାବର୍ତ୍ତ', ପୃଷ୍ଠା- ୨୩)

- 'ଲୋକଟି ସହରକୁ ଆସିଥିଲା ଯେମିତି କି ନଇବଢରେ ବଡ଼ ବଡ଼ ମାଛ ମାନେ ସ୍ୱାଭାବିକ ଉଠି ଉଠି ଗୃଳନ୍ତି ସୁଅର ଉଜାଣିରେ **XXX**' । (ଯାତ୍ରାର ପ୍ରଥମ ପାଦ, ପୃଷ୍ଠା- ୫୫)

- 'ମାଇପିଟି ହସିଲା ଟିକିଏ । ଗୋଲଗାଲିଆ ଦିହଟିତାର ଅଳ୍ପ ଟିକିଏ ଥଲଥଲ ହୋଇଗଲା । ଗୋରୁଙ୍କ ପିଠିରେ ମାଛି ବସିଗଲେ ଯେମିତି ଖସେଇ ପକାନ୍ତି ସେମାନେ । ସେମିତି ଖସେଇ ପକାଇଲା ସେ ଦିହରୁ ତାର ହସଟିକୁ ।'('ଅନ୍ୟଏକ ସମୟ ଅନ୍ୟଏକ ଭାରତ',ପୃଷ୍ଠା- ୧୪)

ISSN NO.
2582-208X

- 'କନକନିଆ ଶୀତରେ ମଣିଷ ଗୁଡ଼ାକ କୁଙ୍କୁଡ଼ି କାଙ୍କୁଡ଼ି ହୋଇ ଯାଉଥାନ୍ତି । ତାଙ୍କର ପୁଙ୍ଗୁଳା ଦେହର ଚ଼ମ ପାଲଟି ଯାଇଥାଏ ପର ଉପୁଡ଼ା ଚ଼ମ ପରି । ହାତ ପାଦ କଳା ଖାଇ ଦିଶୁଥାଏ ଏଣ୍ଡୁରି ପିଠାପରି' । (ଶକୁନ୍ତଳା, ପୃଷ୍ଠା- ୪୩)

- 'କଣ୍ଢ୍ରି- ଗ୍ରାମ ଗୋଟିଏ ଡ଼ହ ଡ଼ହ ତାତିଲା ଜାଉ-ଥାଳ ପରି ପରିଣତ ହୋଇ ସାରିଥାଏ' ।

(ଶକୁନ୍ତଳା, ପୃଷ୍ଠା- ୮୬)

-'XXX ଯାବତୀୟ ଲୋକେ ବଣ୍ଡିଲିଏ ଜିଆନାଡ଼ ପରି ପରସ୍ପର ଦେହରେ ଗୁଡ଼େଇ ଶୋଇଥାନ୍ତି'। (ଶକୁନ୍ତଳା, ପୃଷ୍ଠା- ୫୦)

- 'ସେମାନେ କୋଉ ଦେଶର ଲୋକ ଏଠି ଆସି ପହଁରୁଛନ୍ତି ଆମରି ସମୁଦ୍ରରେ,ହଜାର ହଜାର ଡଲାର ଖର୍ଚ କରି ଏଠିକ, ପୁରୀକୁ ଆସୁଛନ୍ତି, ସମୁଦ୍ରେ ପହଁରିବାକୁ, ଆଉ ଆମେ ଓଡିଆ ନାଙ୍ଗୁଡ ଜାକିଜୁକି କୂଳରେ ଠିଆହୋଇ ପାଣିଛିନ୍‌ଚି ହଉଛେ ମନ୍ଧ ପଢିପଢିକା' (ଧରିତ୍ରୀର କାନ୍ଦ,ପୃ-୩୧୧) ।

- 'ସେ ଉଠିଗଲା ଉପରକୁ ଉପରକୁ । ଦଉଡି ଆଗରୁ ଝୁଲୁଥାଏ ସେ ତା ଆଖି ଯୋଡାକରୁ, ଅଦୃଶ୍ୟ ବୁଢିଆଣୀ ସୂତା ଆଗରୁ ବୁଢିଆଣୀଟାଏ ଝୁଲିଝୁଲିକା ତଳୁ ଗଛ ଉପରକୁ ଆପେଆପେ ଉଠିଗଲା ପରି । ('ଅନୁହଜିଯିବା ପରେ', ପୃ-୧-)

-'ଟମଙ୍କ ଗାଡଘର ପଛପଟ ବୁଦା ଅଞ୍ଚଳଟା ବର୍ତମାନ ଏକ ଗୈରିକବସ୍ତ୍ର ପରିହିତ ଭାରତୀୟ ସନ୍ୟାସୀ ପରି ଦିଶୁଥାଏ ଗଂଭୀର ଆଉ ଉଦାସ ।'('ଅଦୃଶ୍ୟ ଜଗତରୁ ବାର୍ତ୍ତା',ପୃ-୧୨୫)

- 'ଅରୁଣାର ଡାହାଣହାତ ପାପୁଲି ବର୍ତମାନ ଲୀଳାଙ୍କର ବାଁକାନ୍ଧ ଉପରେ ରହିଥାଏ । ଥାପୁଡଉ ଥାଏ ଅରୁଣା ତା ବାନ୍ଧବୀର କାନ୍ଧକୁ, ହୁରୁଡା ଘୋଡା ପିଠିରେ ସବାର, ତା ଘୋଡାର ବେକକୁ ଥାପୁଡେଇଲା·· ପରି ।' ('ବିଲିଗୋଟ ବନାମ ଉରୁବେଳ ଘୋଟକ', ପୃ-୭୦) ।

- 'ଲେଗୁନ୍, ନଡିଆ ଗଛ, ଡ଼ଙ୍ଗା, ଡ଼ଙ୍ଗାରେ ଫୁଲରେ ମଣ୍ଡିତ ହୋଇବସିଛନ୍ତି ଝିଅ ଗୁଡାଏ, ଆଃ କିସୁନ୍ଦର, କି ସରଳ ମୁହଁ ଗୁଡିଏ,ସତେବା ଲେଗୁନର ସବୁଜଜଳ ଭିତରୁ ମତ୍ସ୍ୟକନ୍ୟାଗଣ ଉଠିଆସି ବସିପଡିଛନ୍ତି ସେହି ମ——ଏଆକୃତିର, ଡ଼ଙ୍ଗାଗୁଡିକ ଉପରେ । (ତତ୍ରୈବ-ପୃ-୮) ।

ଚ଼ିତ୍ରକଳ୍ପ ପ୍ରୟୋଗ କ୍ଷେତ୍ରରେ ଔପନ୍ୟାସିକ ଶ୍ରୀ ଆଗୃର୍ଯ୍ୟ ଅପେକ୍ଷାକୃତ ଅଧିକ ବାସ୍ତବବାଦୀ ଶିଳ୍ପୀ । ସେ ଜୀବନର ବାସ୍ତବତାକୁ ଚ଼ିତ୍ରଣ କରିବାକୁ ଯାଇ ଇତର ଓ କେତେକାଂଶରେ ଅଶ୍ଳୀଳ ହେଲେହେଁ ମୌଳିକ ଓ ଜୀବନ୍ତ ଚ଼ିତ୍ର ବ୍ୟବହାର କରିଛନ୍ତି ।

ISSN NO.
2582-208X

(୫) ଗାଲଗଳ୍ପ ବା ଫାଣ୍ଟାସି (**Fantasy**) ପ୍ରୟୋଗ -

ଗାଲଗଳ୍ପ ବା ଫାଣ୍ଟାସି (**Fantasy**)କୁ ଶାନ୍ତନୁ ନିଜଶୈଳୀର ଏକ ଅଭିନ୍ନ ଅଙ୍ଗ ଭାବେ ଉପନ୍ୟାସ ରଚନାରେ ପ୍ରୟୋଗ କରି ଆସିଛନ୍ତି ତାଙ୍କ ପ୍ରତିଟି ଉପନ୍ୟାସରେ । ଏହି ଶୈଳୀର ବିଶେଷତ୍ୱ ହେଉଛି ପାଠକକୁ ଉପର ଠାଉରିଆ ଭାବେ ଏକ ମନୋରମ ଖଣ୍ଡିତ ଉପାଖ୍ୟାନ ଶୁଣେଇ ପଠନ ପ୍ରତି ତାର ଉତ୍କଂଠା ବଜାୟ ରଖିବା, ମାତ୍ର ଅସଲ ଉଦ୍ଦେଶ୍ୟ ହେଉଛି ମନୋରମ ଖଣ୍ଡିତ ଉପାଖ୍ୟାନରେ ପ୍ରତୀକିତ ଚିତ୍ରକଳ୍ପ ମଧ୍ୟଦେଇ ପାଠକର ଚେତନାରେ ଲେଖକୀୟ ଚିନ୍ତାର ଅନୁପ୍ରବେଶ କରେଇବା । ଉଦାହରଣ ସ୍ୱରୂପ-

-'ଦାମା ହାତର ଗୁଆକାତିରୁ କର୍ କର୍ ଶବ୍ଦ ରହି ରହି ତଥାପି ବାହାରୁଥାଏ **XXX** ଆରେ ଶୁଣ ପୁଅ ଏ ସଂସାରଟା ହେଉଛି ରାଜା-ରାଜୁଡ଼ା ଧନୀ ଲୋକଙ୍କର ' ।(ଶକୁନ୍ତଳା, ପୃଷ୍ଠା- ୧୪୪/୧୪୫) ।

ଏଠାରେ ଗୁଆକାତି କଥା କହିବାଟା ସମ୍ପୂର୍ଣ୍ଣ ଭାବରେ ଗୋଟିଏ ଅବାସ୍ତବ କଳ୍ପନା ହୋଇଥିଲେ ହେଁ, ଏହା ଜରିଆରେ ଦାମା ଗଉଡ଼( ଓ ଲେଖକ)ର ମାନସିକ ଚିନ୍ତନକୁ ବ୍ୟଞ୍ଜିତ କରାଯାଇଛି ।

ସେହିପରି- 'ଅଭୟପୁର ଉପରେ **XXX** ମୂଷା ମାନଙ୍କର ସଂଖ୍ୟା ବଢ଼ିଗଲିଲା, ବେଶି ବେଶି ମୂଷା ବାହାରି ଘରଦ୍ୱାର ରାସ୍ତା ଘାଟରେ ସାଲୁ ସାଲୁ ହେଲେ ଛଛଛ ସର୍ବ ସମକ୍ଷରେ ମୂଷା ମା' ମାନେ ଚିକିଚିକି ମୂଷାପିଲାଙ୍କୁ ଧରି ବୁଲିବାକୁ ଲାଗିଲେ । ମଣିଷ, ବିଲେଇ, କୁକୁର କାହାରି ପ୍ରତି ଭ୍ରୂକ୍ଷେପ ନକରି ସେମାନେ ସ୍ୱଚ୍ଛନ୍ଦରେ ଦିନ ଆଲୁଅରେ ଗାତରୁ ବାହାରି ଏଣେ ତେଣେ ଘୁରି ବୁଲିଲେ **XXX**' (ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ) ।

କିମ୍ବା -'**XXX** ୟୁନକ, ସମଲିଙ୍ଗୀ ପୁରୁଷ, ଗେ' ମାନଙ୍କର ଗୋଟାଏ ଅଦ୍ଭୁତ ଶକ୍ତି ଥାଏ **XXX** ସେହି ଅସୀମ ଶକ୍ତିକୁ କହନ୍ତି ପୋଲଟରଜିଷ୍ଟ ଶକ୍ତି **XXX** ସେମାନେ ଯୋଉ ଘରେ ରହନ୍ତି ସେଠି ଏମିତି ଭୌତିକ କାଣ୍ଡ ସବୁ ଘଟେ । .... ଶିଳଚକି ସବୁ ପବନରେ ଉଡନ୍ତି ଆପଣାଛାଏଁ । ଶୂନ୍ୟରୁ ଇଟାପଥର ପଡେ । ହଠାତ୍ ଇଲେକ୍ଟ୍ରିକ୍ ବଲବ ସବୁ ହାଇଭୋଲଟେଜ ପାବାରରେ ଜଳିଉଠି ଫାଟନ୍ତି ଢୋ ଢା ।' ('ବିଲିଗୋଟ ବନାମ ଉରୁବେଳ ଘୋଟକ',ପୃ-୭୫) ।

କିମ୍ବା-'ଇଲେକ୍ଟ୍ରୋ ମାଗନାଟିକ୍ ଫୋର୍ସରେ ଚାଲୁଛି ଟେଲିଫୋନ୍, ରେଡିଓ, ଟି.ଭି.ଇତ୍ୟାଦି । **XXX** ସେଫୋର୍ସର ମାଇଣ୍ଡ୍ ଅଛି । ଅର୍ଥାତ୍ ତାହାହିଁ ହନ୍ଦୁ ବେଦାନ୍ତର, ବ୍ରହ୍ମଚେତନାର ଗୋଟାଏ ସ୍ପାର୍କ ମାତ୍ର ।' ('ଅଦୃଶ୍ୟ ଜଗତରୁ ବାର୍ତ୍ତା' ,ପୃ ୧୫୨) ।

ISSN NO.
2582-208X

(୬) ରୂପକଳ୍ପ ପ୍ରୟୋଗ-

-' **XXX** ଫସଲ ଉତୁରି ଆସୁଥାଏ - ଘର ଯୋଗ୍ୟା କୁଆଁରୀ କନ୍ୟାଙ୍କ ଦେହରେ ବାତୁଅ ପାଣି ଗଡ଼ିଗଲାପରି ।(ଶକୁନ୍ତଳା, ପୃଷ୍ଠା- ୩୯୯) ।

- ' **XXX** ସେମାନେ ବାହାରି ପଡୁଥାନ୍ତି ପଦ୍ମ ତୋଳା ଶୁଣି ଗାତରୁ ସାପ ବାହାରିଲା ପରି **XXX** ଟାଉ ଟାଉ କରି ଗୋଡ଼ ବଢ଼େଇ ଗୋବିନ୍ଦ ମୂଷା ପାଣି କାଢ଼ିଲା ପରି,ପୁଣି ଆସୁଥାନ୍ତି ପଛକୁ' ।(ଶକୁନ୍ତଳା, ପୃଷ୍ଠା- ୧୩୪)

- ' **XXX** ପୋଡ଼ା ଜମିଦାର ଘରଟି ସେଦିନ ସରିକି ଜ୍ୟେଷ୍ଠ ମାସରେ ଟାଙ୍ଗର ଭୂଇଁରେ କନ୍ଦା କଅଁଳିଲା ପରି କଅଁଳି ଉଠିଥାଏ'। (ଅନ୍ୟ ଏକ ସମୟ ଅନ୍ୟ ଏକ ଭାରତ', ପୃଷ୍ଠା-୮୬)

- 'ମଣିଷ ମାନଙ୍କ ମୁହଁ ଦିଶୁଥାଏ ସୂର୍ଯ୍ୟମୁଖୀ ଫୁଲଭଳି'।(ଯାତ୍ରାର ପ୍ରଥମ ପାଦ, ପୃଷ୍ଠା- ୩୮)

- 'ଦୁର୍ବୃତ୍ତମାନେ ଗୋଟିଏ ଛୁଞ୍ଚି ଗୁରିପଟେ ଲଦିହୋଇ ପଡ଼ିଥିବା ଗୋଟାଏ ବିଶାଳ ପାଳଗଦା

ଭଳି ତାକୁ ହଜେଇ ଦେବାକୁ ଚେଷ୍ଟା କରିଥିଲେ **XXX** ' ।(ଯାତ୍ରାର ପ୍ରଥମ ପାଦ, ପୃଷ୍ଠା- ୨୮)

- 'ସମୁଦ୍ରର ରାବ କ୍ରମେ ବଢ଼ୁଥିଲା । ତାର ଫେଣୁଆ ମୁହଁ ଗୋଟାଏ ପାଗଳର ମୁହଁପରି ଦିଶୁଥିଲା । (ଯାତ୍ରାର ପ୍ରଥମ ପାଦ, ପୃଷ୍ଠା- ୯) ।

- 'ଖବର କାଗଜଟା ଜୟଦ୍ରଥର ମୁଣ୍ଡପରି ବିଭୁପ୍ରସାଦର କୋଳରୁ ଖସିପଡ଼ିଲା'।

(ତିନୋଟି ରାତିର ସକାଳ',ପୃଷ୍ଠା-୧୬୯)।

-'କଳା ବସନ୍ତଖିଆ ମୁହଁ ଭିତରୁ ତାଆଖି ଯୋଡାକ ଦିଶୁଥାଏ ଅନ୍ଧାରରାତିର ମେଘୁଆ ଆକାଶରେ ତଥାପି ଯୋଡାଏ ତାରା ଏଠିସେଠି ଦେଖାଗଲା ଭଳି·'(ଧରିତ୍ରୀର କାନ୍ଦ·ପୃ-୧୪) ।

- ଏ ସମସ୍ତ ଭାଷା ଓ ଶବ୍ଦ ପ୍ରୟୋଗ ବ୍ୟତୀତ ଶ୍ରୀ ଆଗୃର୍ଯ୍ୟ ରଚ଼ନାଦର୍ଶରେ ଦେଖାଯାଏ , ଇତିହାସ ଓ କିମ୍ବଦନ୍ତୀ ର ପ୍ରାସଙ୍ଗିକ ଉପସ୍ଥାପନ, କିମ୍ବଦନ୍ତୀ ମୂଳକ ପ୍ରସଙ୍ଗ, ପ୍ରାଚ଼ୀନ ପଦପଙ୍କ୍ତିର ଆରୋପ ବା ଅବତାରଣା ।

ଉଚ୍ଚମାନର ଉପନ୍ୟାସ କେବେ ମଣିଷକୁ ଅବକ୍ଷୟମୁଖୀ କରାଏ ନାହିଁ । ଦେହାତୀତକୁ ଅନୁଭବ କରିବାର ଭାବ ପରି ମାନବାତ୍ମାନୁସନ୍ଧାନରେ ହିଁ କଳାର ସାର୍ଥକତା ଓ ପରିସମାପ୍ତି । ଉପନ୍ୟାସକାର ଶ୍ରୀ ଆଗୃର୍ଯ୍ୟ ତେଣୁ କହନ୍ତି, '**XXX** ଆଧୁନିକତାର ପରିଚ଼ୟ ହେଲା ସଂସ୍କାରମୁକ୍ତ ମନଟିଏ ନେଇ ମାନବାତ୍ମାର ଅନ୍ୱେଷଣ, ଆଉ ମାନବାତ୍ମାର ଅନ୍ୱେଷଣର ସ୍ଥାନ କେଉଁଠି ? ବଜାରରେ ? ଅଫିସରେ ? ଖବରକାଗଜ ପୃଷ୍ଠାରେ ? ଟି·ଭି· ପରଦାରେ ? ନା **XXX** ମାନବାତ୍ମାର ସ୍ଥାନ ଏତେ ବାହାରେ ନୁହେଁ ,ଖୁବ୍ ଗଭୀରରେ ।

ISSN NO.
2582-208X

ଏକବାରେ ଅଚେ଼ତନରେ, **'Collective Psyche'** ର ଘର ଯେଉଁଠି, ପ୍ରତ୍ୟେକ ମଣିଷ ମନର ଅତଳ ଗର୍ଭରେ, ଯେଉଁଠି ଧର୍ମ ବାସକରେ, ଭଗବାନ ବାସ କରନ୍ତି, ଯେଉଁଠି ସମସ୍ତ ପୃଥିବୀର ଅଗଣିତ ମାନବ ବାସକରନ୍ତି, ଅଗଣିତ ପଶୁପକ୍ଷୀ, ବୃକ୍ଷଲତା, କାଷ୍ଠ-ପାଷାଣର ଭାବମୟ ଆତ୍ମା ପୁରୁଷ ମାନେ, ଏକୀଭୂତ ହୁଅନ୍ତି **xxx'** ॥୪॥ ତେଣୁ ଶ୍ରୀ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ମାନଙ୍କରେ ଦେଖାଦେଇଥିବା ଆଧ୍ୟାତ୍ମିକ ଭାବସଙ୍କଟର ଚି଼ତ୍ର ପରୋକ୍ଷରେ ଆଧ୍ୟାତ୍ମିକ ଅନୁସନ୍ଧିସାର ବ୍ୟଗ୍ରତାକୁ ହିଁ ବ୍ୟଞ୍ଜିତ କରୁଛି । ସେ ଦୃଷ୍ଟିରୁ ଶ୍ରୀ ଆଗ୍ରର୍ଯ୍ୟ ମଧ୍ୟ ମୁକ୍ତ ମନଥିବା ଜଣେ ମାନବାତ୍ମାର ଅନ୍ୱେଷଣକାରୀ ଆଧୁନିକ ଲେଖକ ଭାବେ ନିଜର ପରିଚ଼ୟ ଦେଇ ପାରିଛନ୍ତି । ଓଡ଼ିଆ ପାଠକର ପରିଚି଼ତ ଓ ପ୍ରତିଷ୍ଠିତ ରୁଚି଼ ବେଳେବେଳେ ଶାନ୍ତନୁ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ପଠନରେ ବ୍ୟାହତ ହୋଇଛି । ତଥାପି ଓଡ଼ିଆ ପାଠକ ଶାନ୍ତନୁ ଆଗ୍ରର୍ଯ୍ୟଙ୍କ ଉପନ୍ୟାସରେ, ବସ୍ତି ଇଲାକାର ଅନାବୃତ୍ତ ମଣିଷ ଜୀବନ, ତା ସହିତ, ମଣିଷର ଅନ୍ତଶ୍ଚେତନର ବହୁବିଧ ସଙ୍କେତକୁ ପ୍ରତ୍ୟକ୍ଷ କରେ। ଏହାହିଁ ସାମଗ୍ରିକ ଭାବେ ଶାନ୍ତନୁ ଆଗ୍ରର୍ଯ୍ୟଙ୍କ ଉପନ୍ୟାସର ବିଶେଷତ୍ୱ । ଔପନ୍ୟାସିକ ଶ୍ରୀ ଆଗ୍ରର୍ଯ୍ୟଙ୍କ ସମସାମୟିକ ଅନ୍ୟ କୌଣସି ଓଡ଼ିଆ ଔପନ୍ୟାସିକ ମଣିଷର ଅନ୍ତଶ୍ଚେତନକୁ ଏତେ ପ୍ରାଣପୂର୍ଣ୍ଣ ଓ ପ୍ରଭାବଦୀପ୍ତ କରି ଆଙ୍କି ପାରିନାହାନ୍ତି ।

ସର୍ବଶେଷରେ ଏତିକି କୁହାଯାଇପାରେ ଯେ, ପ୍ରାଚ୍ୟ ଚି଼ନ୍ତାଚେ଼ତନା ଓ ପାଶ୍ଚାତ୍ୟ ଭାବଧାରାକୁ ନିଜ ସୃଷ୍ଟି ଧାରାରେ ଯଥାର୍ଥ ଆଧୁନିକ ରୀତିରେ ଉପସ୍ଥାପନ କରିବା ଦିଗରେ ଓଡ଼ିଆ ଉପନ୍ୟାସ ସାହିତ୍ୟ କ୍ଷେତ୍ରରେ ଶାନ୍ତନୁ ଆଗ୍ରର୍ଯ୍ୟ' ଏକ ବଳିଷ୍ଠ ଓ ସଫଳ ପ୍ରତିଭା । ଉପନ୍ୟାସ ସମ୍ପର୍କରେ ଶ୍ରୀ ଆଗ୍ରର୍ଯ୍ୟଙ୍କ ନିଜସ୍ୱ ମତ, 'ସାହିତ୍ୟ ଜୀବନରୁ ସତ୍ୟ ଆହରଣ କରେ । ସତ୍ୟ ସ୍ୱଭାବତଃ ଅପ୍ରୀତିକର । କିନ୍ତୁ ସେଥିରେ ଶିବ ଓ ସୁନ୍ଦରର ମିଶ୍ରଣ ଘଟିଲେ ତାହା ପ୍ରୀତିପ୍ରଦ ହୁଏ । ବୃହତ୍ତର ସମାଜର ମଙ୍ଗଳ ବିଧାନ କରେ ଏହି ଅପ୍ରିୟ ସତ୍ୟ ସହିତ ଶିବ ଓ ସୁନ୍ଦରର ମିଶ୍ରଣ ପ୍ରକ୍ରିୟାରୁ ଜନ୍ମନିଏ ଉପନ୍ୟାସ,'॥୫॥ ର ଯଥାର୍ଥ ଓ ସୁସ୍ପଷ୍ଟ ଉଦାହରଣ ହେଉଛି ଶ୍ରୀ ଆଗ୍ରର୍ଯ୍ୟଙ୍କ ଉପନ୍ୟାସ ସମୂହ । ଏହା ମଧ୍ୟ ତାଙ୍କ ଉପନ୍ୟାସ ପାଇଁ ସର୍ବଶ୍ରେଷ୍ଠ ମତାମତ ରୂପେ ଗ୍ରହଣ କରାଯାଇପାରେ ।

--------------000-------------

ଅନ୍ତଟୀକା-

୧- **xxx** ଉପନ୍ୟାସର ଜୀବନ ହେଲା କାହାଣୀ । କଥାଟିଏ କହୁଁ, କଥାଟିଏ କହୁଁ, କିସ କଥା ? ସେଇ କିସ କଥାର ନିର୍ବାଚ଼ନ କରେ ଆଇ ବୁଢ଼ୀ **xxx** ଆଗ କାହାଣୀର କଳ୍ପନା ତା ପରେ କାହାଣୀକୁ ପ୍ରବାହିତ କରିବାର ଚ଼ରିତ୍ର ଗୁଡ଼ିକ, ନାୟକ ନାୟିକା ମାନେ **xxx** ପାଠକ ପାଠିକା ମାନେ ଗ୍ରହାନ୍ତି ମନକିଣା କାହାଣୀ **xxx** ' ।

କାହ୍ନୁଚ଼ରଣ ମହାନ୍ତି, 'ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚ଼ୟ' (ଅଭ୍ୟୁଦୟ ସାହିତ୍ୟ ସମାଜ) ପୃଷ୍ଠା-୧୨/୧୫॥

ISSN NO.
2582-208X

୨-'ଦୀର୍ଘ ସାର୍ଦ୍ଧ ଦୁଇ ଶତାବ୍ଦୀ ବ୍ୟାପି ଅନୁଶୀଳନ ପରେ ଉପନ୍ୟାସ ଯେଉଁଠାରେ ଆସି ପହଁଚିଲାଣି **xxx** ତାହାକୁ ଅଣ ଉପନ୍ୟାସ କହିବା ହିଁ ସମୀଚ଼ୀନ ହେବ **xxx** ଏ ଉପନ୍ୟାସ ମାନଙ୍କରେ କୌଣସି କଥାଭାଗ ନାହିଁ ଘଟଣା ନାହିଁ, ଚ଼ରିତ୍ର ଚି଼ତ୍ରଣ ନାହିଁ **xxx** ଏ ସବୁ ପୃଷ୍ଠା ପୃଷ୍ଠା ଧରି କେବଳ କେତେକ ଇନ୍ଦ୍ରିୟ ଲବ୍ଧ ଅନୁଭୂତିର ଦୁର୍ବୋଧ୍ୟ ବର୍ଣ୍ଣନା ମାତ୍ର। ଏବେ ଆଉ ସରଳରୈଖିକ ଉପନ୍ୟାସ ନାହିଁ **xxx** '।

ସୁରେନ୍ଦ୍ର ମହାନ୍ତି - 'ଉପନ୍ୟାସ ଏକ ଅଧ୍ୟୟନ' (ସୁରେନ୍ଦ୍ର ବିଚିତ୍ରା), ଫ୍ରେଣ୍ଡସ ପବ୍ଲିଶର୍ସ, ଦ୍ୱିତୀୟ ପ୍ରକାଶ- ୧୯୮୩, ପୃଷ୍ଠା- ୧୩୨ ।

୩- ଶାନ୍ତନୁ ଆଗୃର୍ଯ୍ୟ, 'ଶାରଳା ପୁରସ୍କାର',(ଅଷ୍ଟମ ସାରସ୍ୱତ ଉବ ଉପଲକ୍ଷେ ପ୍ରଦତ୍ତ ଭାଷଣ)

୪- ଶାନ୍ତନୁ କୁମାର ଆଗୃର୍ଯ୍ୟ, 'ସମ୍ବାଦ', ୧୨,୭,୧୯୮୭ ର ଏକ ସାକ୍ଷାତ୍କାର ।

୫- ଶାନ୍ତନୁ କୁମାର ଆଗୃର୍ଯ୍ୟ, 'ଶାରଳାପୁରସ୍କାର' (ଅଷ୍ଟମ ସାରସ୍ୱତ ଉବ) ଉପଲକ୍ଷେ ପ୍ରଦତ୍ତ ଭାଷଣ, ୧୯୮୭ ।

ସହାୟକ ଗ୍ରନ୍ଥସୂଚ଼ୀ-

୧) କର ବାଉରୀବନ୍ଧୁ –

'ସ୍ୱାଧିନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ',କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର,କଟକ-୨,ପ୍ରଥମ ପ୍ରକାଶ- ୧୯୭୭ ।

୨) ଦାସ ରାଇଚ଼ରଣ (ସମ୍ପାଦକ)

'ଓଡ଼ିଆ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ', ଓଡ଼ିଆ ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ- ୧୯୮୧ ।

୩) ଦାସ ଅଭିନ ଚନ୍ଦ୍ର, 'ବୈଦିକ ସାହିତ୍ୟ ଓ ସଂସ୍କୃତି', ଗ୍ରନ୍ଥମନ୍ଦିର, କଟକ-୨,ଦ୍ୱିତୀୟ ସଂସ୍କରଣ- ୧୯୭୮ ।

୪) ଦାସ ଦାଶରଥୀ, 'ବିବିଧ ସମାଲୋଚ଼ନା', ଅଗ୍ରଦୂତ ପ୍ରକାଶନୀ, କଟକ-୨, ପ୍ରଥମ ସଂସ୍କରଣ- ୧୯୮୧ ।

ଇଂରାଜୀ-

**1) Allot Miriam, ' "Novelists on the Novel', Routledge and Kegan paul.,London-1956.**

**2) Beach J. W., ;'"Twentieth Century Novel',India-1965.**

----------------000------------------

ବିଭାଗୀୟ ମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
କୋହ୍ଲଣ ବିଶ୍ୱ ବିଦ୍ୟାଳୟ,ଚାଇଁବସା, ଝାଡଖଣ୍ଡ
-୮୦୯୨୧୮୪୭୯୫

ISSN NO.
2582-208X

# ମା' ସେ ମମତାମୟୀ



ଜୟଶ୍ରୀ ପଟ୍ଟନାୟକ

ମୋ ମଥାରେ ରହିଛି ଯାହା ହାତର ଛାଇ
ଯିଏ ପୋଛିଦିଏ ପଣତରେ ଦୁଃଖର ନଈ
ସକାଳରୁ ସଞ୍ଜ ପ୍ରସାରି ପଣତ ତାର
ମନାସିଛି ମଙ୍ଗଳ କାମନା ସନ୍ତାନର
ସିଏ ମୋର କଲ୍ୟାଣମୟୀ ଅମୃତମୟୀ ଗର୍ଭ ଧାରିଣୀ ମା ।1।

ଅବିରତ କାମ କରି ଥକି ନାହିଁ ଯିଏ
ମାଗିନାହିଁ ଜୀବନରେ କିଛି ମୂଲ ସିଏ
ଟୋପେ ସିନ୍ଦୂର ଦି ମୁଠା କାଚରେ ସନ୍ତୁଷ୍ଟ
ଯିଏ ଦିଏ ନାହିଁ ସନ୍ତାନ ମନରେ କଷ୍ଟ
ସିଏ ମୋର କଲ୍ୟାଣମୟୀ ଅମୃତମୟୀ ଗର୍ଭ ଧାରିଣୀ ମା ।2

ଭୋକ ହେଲେ ଯିଏ ବୁଝେ ସନ୍ତାନର ଅଳି
ସଞ୍ଜ ହେଲେ ଝାଡ଼ି ଦିଏ ଦେହ ଧୂଳି ମଳି
ହୃଦୟରେ ଯାର ନ ଥାଏ ବାଛ ବିଚାର
ସେବା କରୁଥାଏ ରୋଗ ହେଲେ ସନ୍ତାନର
ସିଏ ମୋର କଲ୍ୟାଣମୟୀ ଅମୃତମୟୀ ଗର୍ଭ ଧାରିଣୀ ମା ।3।

ISSN NO.
2582-208X

ଶୁଝି ପାରିବିନି ତା ଋଣ ଏ ଜୀବନରେ
ଭୁଲି ପାରିବିନି ତା ସ୍ନେହ ଦୁହିତା ସଂଜ୍ଞାରେ
ଜନମ ଦେଇଛି ପଢେଇଛି ପାଠ ସିଏ
ସଣ୍ଡଣା ସେବା ଓ ଯାବତୀୟ କଥା ଯିଏ
ସିଏ ମୋର କଲ୍ୟାଣମୟୀ ଅମୃତମୟୀ ଗର୍ଭଧାରିଣୀ ମା ।4।

ଗଙ୍ଗନଗର,
ଭୁବନେଶ୍ୱର,7978110474

ISSN NO.
2582-208X

# ବାପା



ଦୀପାଳି ଦାସ

ବାପା, ତମେ କଣ ଯେ ଚାଲିଗଲ ଏମିତି
ଅବେଳାଟାରେ...?
ଜାଣି ପାରିଲୁନି ଆମେ କେମିତି ଯେ,
ପାଇ ପାରିଲୁନି ଆଭାଷଟିକେ ତୁମ ଫେରନ୍ତା ପଦର ... ।

ମୁଁ ପହଞ୍ଚିଲା ବେଳକୁ ଅନେକ ଉଚ୍ଛୁର...
ଜମାଟ ବାନ୍ଧି ଯାଇଥିଲା ଭିଡ
ଦାଣ୍ଡ ଦୁଆରରେ ,,
ଓହ୍ଲାଉ ଓହ୍ଲାଉ ଗାଡିରୁ
ଦୁଇ ଭାଇ କୁଣ୍ଢାକୁଣ୍ଢି ହୋଇ ଯାଇଥିଲୁ
ସବୁଦିନ ପରି ... ହେଲେ
ତୁମ ଅନୁପସ୍ଥିତିରେ ଖାଲିପଣ
ଫାଙ୍କ ହୋଇ ରହି ଯାଇଥିଲା ଆମ ଛାତି ଭିତରେ-
ସତେକି ଆମକୁ ଯୋଡି ରଖିଥିବା ସ୍ମୃତିଟା
ଖସି ପଡିଥିଲା କେଉଁ ଖଞ୍ଜରେ ... ।

ଭିତରେ...ତମ ପାର୍ଥିବ ଶରୀରର ପାଦ ପାଖରେ
ମା ବସିଥିଲା ମୁଣ୍ଡପୋତି,,
ତାକୁ ଘେରି ବସିଥିଲେ ଖୁଡ୍, ମାଉସୀ ଆଉ ନାନୀ..
ନଜରଟା ପଡିଗଲା ମୋ ଠେଇଁ

ISSN NO.
2582-208X

ଦାବିଲା କୋହ ତାର ବାହାରି ଆସିଥିଲା ଯେମିତି -
କୋଳେଇ ଧରିଲି ତାକୁ ମୁଁ
ମୋ ପାରୁ ପର୍ଯ୍ୟନ୍ତ ତୁନ କରିବାକୁ.....
ତୁମ ଚାଲିଯିବା ସାଥେ ସାଥେ
ପାଦତଳୁ ତାର ଖସି ଯାଇଥିଲା ଯେଉଁ ମାଟି
ସେଇଟାକୁ କି ମୁଁ ଭରଣା କରି ପାରିବି ଆଉ...??
ଶୁଭୁଥିଲା ତୁଣ୍ଡରୁ....
"ବଡପୁଅ ଆସିଲା-ଶୀଘ୍ର ଲାସ ଉଠାଅ"-
ଖାଲି ଶେଷ ଜୁହାର ଟିକେ ହୋଇ ପାରିଲି ବାପା,
ପାଦ ଧରି ତୁମର ଭିଡ ଭିତରେ..
ଭଲ କରି ଆଖି ପୁରେଇ ଦେଖି ପାରିଲିନି ତୁମକୁ ଥରେ... ।

କାନ୍ଧକୁ କୋକେଇଟା ଟେକିଲା ବେଳକୁ
ଆଖିରୁ ନିଗିଡି ଯାଇଥିଲା ଦି ଧାର ଲୁହ କଷ୍ଟରେ
ଏତେବି ଧୈର୍ଯ୍ୟ ଧରିଲା ପରେ ...
ଭାରୀ ହୋଇଗଲା ମୋର ବୋଝ ଏଥରକ ବାପା
ସଂସାର ଭାରରେ...
ତୁମ ଶରୀରକୁ କାନ୍ଧଦେଇ ଶ୍ମଶାନକୁ ନେଇଗଲା ପରେ... ॥

ଏସ ବି ଆଇ ଏକଜ୍ୟୁକୁଟିଭ ଏନକ୍ଲେଭ,
ଲକ୍ଷ୍ନୌ, ଉତ୍ତରପ୍ରଦେଶ
ମୋ: ୭୦୪୪୨୦୭୩୫୭
Email: deepalidas05@gmail.com

ISSN NO.
2582-208X

# ପ୍ରୟାସ



ଧୀରେନ୍ଦ୍ର କୁମାର ପ୍ରଧାନ

ସୁଖରେ "ମୁଁକାର" ଦମ୍ଭରେ "ହୁଁକାର"
ଗର୍ବେ ହୋଇଯାଏ ଅନ୍ଧ,
ଦୁଃଖ ସମୟରେ ଦୋଷ ଲଦିଦେଇ
ଖୁସି ହୁଏ କରି ଛନ୍ଦ ।
ବେଇମାନି, ବଡ ନର୍କ ଅନ୍ତରର
ନିଜ ପ୍ରତି କରୁଥାଏ
ନିଜ ଅବନତି ନିଜେ ଚାହୁଁଥିଲେ
ରଖିବାକୁ ଅଛି କିଏ ?
ନିଜକୁ କେବେହେଁ ପଚାରି ବୁଝିଛ
ସଙ୍ଗୋଟରେ ଏକାନ୍ତରେ,
କରିଛ କି କେବେ ପ୍ରୟାସ ବିଶ୍ୱାସେ
ଆପଣା ଶକ୍ତି ଉପରେ ?
ଉତ୍ତର ଟା ଯଦି ନାହିଁ ଅଟେ ତେବେ
ସାର ଅଟେ ପରିହାସ,
ନିଜଠାରେ ନିଜେ କଲେ ବେଇମାନୀ
ଅଟଇ ନରକ ବାସ ।
ଉତ୍ତର ଟା ଯଦି ହଁ ଅଟେ ତେବେ
ମୁକ୍ତି ମାର୍ଗ ଦୂର ନୁହେଁ
ଅନ୍ୟର କଥାରେ ମାପଦଣ୍ଡ ହେବା
ଜମା ଆବଶ୍ୟକ ନୁହେଁ ।

ISSN NO.
2582-208X

# ବିରାଟ ପର୍ବର ବିରାଟ କଥା

ଡା. ସୁଧାଂଶୁ ଭୂଷଣ ମେହେର

ମହାଭାରତର ୧୮ ଗୋଟି ପର୍ବ ମଧ୍ୟରୁ ଚତୁର୍ଥ ପର୍ବ ବିରାଟ ପର୍ବ ବା ବିରାଟ ମହାଭାରତ ବୋଲି କୁହାଯାଏ । ଏହି ବିରାଟ ପର୍ବ ଅନ୍ତର୍ଗତ ଚାରି ଗୋଟି ଉପପର୍ବ ବା ଖଣ୍ଡ ହେଲା ପାଣ୍ଡବ ପ୍ରବେଶ ପର୍ବ, କିଚକବଧ ପର୍ବ, ଗୋ ହରଣ ପର୍ବ ତଥା ବୈବାହିକ ପର୍ବ । ସଂକ୍ଷିପ୍ତରେ ଏଠାରେ ପାଣ୍ଡବ ମାନଙ୍କ ୧୨ ବର୍ଷ ବନବାସ ପରେ ସେମାନଙ୍କ ଅଜ୍ଞାତବାସ ସମୟରେ ବିରାଟ ନଗରରେ ପାଣ୍ଡବମାନଙ୍କ ବସବାସ ପାଇଁ ଗୁପ୍ତମନ୍ତ୍ରଣା, ଧୌମ୍ୟଦ୍ୱାରା ଉଚିତ ଆଚରଣର ନିର୍ଦ୍ଦେଶ, ଯୁଧିଷ୍ଠିରଙ୍କ ଦ୍ୱାରା ଭବିଷ୍ୟତ କାର୍ଯ୍ୟକ୍ରମର ନିର୍ଦ୍ଦେଶ, ବିଭିନ୍ନ ନାମ ଓ ରୂପରେ ବିରାଟ ନଗରରେ ପାଣ୍ଡବମାନଙ୍କ ନିବାସ, ଭୀମସେନଙ୍କ ଦ୍ୱାରା ମଲ୍ଲ ଜୀମୁତ, କିଚକ ତଥା ଉପକିଚକଙ୍କ ବଧ, ଦୁର୍ଯ୍ୟୋଧନର ଗୁପ୍ତଚର ମାଧ୍ୟମରେ ପାଣ୍ଡବଙ୍କ ଅନ୍ୱେଷଣ, ତ୍ରିଗର୍ତ୍ତ ଏବଂ କୌରବମାନଙ୍କ ଦ୍ୱାରା ମତ୍ସ୍ୟଦେଶକୁ ଆକ୍ରମଣ, କୌରବଙ୍କ ଦ୍ୱାରା ବିରାଟ ରାଜାଙ୍କ ଧେନୁପଲ ହରଣ, ପାଣ୍ଡବ ଓ କୌରବସେନାଙ୍କ ଯୁଦ୍ଧ, ଅର୍ଜୁନଙ୍କ ସହ ଯୁଦ୍ଧରେ କୌରବଙ୍କ ପରାଜୟ, ଅର୍ଜୁନ ଓ କୁମାର ଉତ୍ତର ବିରାଟ ରାଜସଭାରେ ପ୍ରବେଶ, ପାଣ୍ଡବଙ୍କ ପରିଚୟ ତଥା ଅର୍ଜୁନଙ୍କ ଦ୍ୱାରା ବିରାଟ ରାଜକୁମାରୀ ଉତ୍ତରାଙ୍କୁ ପୁତ୍ରବଧୂ ରୂପରେ ସ୍ୱୀକାର କରିବା ଆଦି କଥାବସ୍ତୁର ବର୍ଣନା କରାଯାଇଛି ।

ପାଣ୍ଡବ ପ୍ରବେଶ ପର୍ବ(୧ ରୁ ୧୩ ଅଧ୍ୟାୟ) - ଅଜ୍ଞାତବାସ ସମୟରେ ଏକ ବର୍ଷ ପାଇଁ ପାଣ୍ଡବ ନିଜର ପରିଚୟ ଗୁପ୍ତ ରଖିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତି, ଯେପରି ତାଙ୍କର ପ୍ରତିଜ୍ଞା ପୂରଣ ହୋଇ ପାରିବ । ସେମାନେ ରାଜ ପରିବାରର ହୋଇଥିବାରୁ ନିଜସ୍ୱ ରୂପରେ ପ୍ରକଟ ହେଲେ ଅତି ସହଜରେ ଧରାପଡିଯିବା ଭୟରେ ନିଜ ନିଜର ନାମ ଓ ରୂପ ପରିବର୍ତ୍ତନ କରିବା ସହିତ ଭିନ୍ନ ଭିନ୍ନ ସ୍ଥାନରେ ରହିବାର ସିଦ୍ଧାନ୍ତ ନିଅନ୍ତି । ଯୁଧିଷ୍ଠିର

ISSN NO.
2582-208X

ନିଜକୁ ରାଜାଙ୍କ ଦରବାରୀ ରୂପରେ କଙ୍କ ନାମରେ, ଭୀମ ରୋଷେୟିଆ ତଥା ମଲ୍ଲ ଭାବରେ ବଲ୍ଲବ ନାମରେ, ଅର୍ଜୁନ ନପୁଂସକ ଭାବରେ ବୃହନ୍ନଳା ନାମରେ, ଅଶ୍ୱ ରକ୍ଷକ ଭାବରେ ନକୁଳ ଗ୍ରନ୍ଥିକା ନାମରେ, ଗୋରକ୍ଷକ ରୂପରେ ସହଦେବ ତାନ୍ତ୍ରିପାଳ ନାମରେ ଓ ଦ୍ରୋପଦୀ ସୈରେନ୍ଦ୍ରୀ ନାମରେ ରାଣିଙ୍କ ଦାସୀ ରୂପରେ ଜୀବନ ନିର୍ବାହ କରୁଥିଲେ । ଏହି ପର୍ବର ୧୩ ଅଧ୍ୟାୟକୁ କେହିକେହି ସମୟପାଳନ ପର୍ବ ନାମରେ ନାମିତ କରିଛନ୍ତି । ୧୩ ବର୍ଷର ଅନ୍ତିମ ମାସରେ ସେନାପତି କିଚକ ଦ୍ୱାରା ଦ୍ରୋପଦୀ ରୂପି ସୈରେନ୍ଦ୍ରୀଙ୍କ ବିରାଟ ଦରବାରରେ ଅପମାନିତ କରାଯାଏ ।

କିଚକବଧ ପର୍ବ(୧୪ ରୁ ୨୪ ଅଧ୍ୟାୟ)- ବିରାଟ ସେନାର ସେନାପତି କିଚକ ସୈରେନ୍ଦ୍ରୀଙ୍କୁ ଦେଖିବା ପରେ ତା ମନରେ କାମ ବାସନା ଜାଗ୍ରତ ହୁଏ, ସେ ରାଣୀଙ୍କ ନିକଟକୁ ଯାଇ ସୈରେନ୍ଦ୍ରୀଙ୍କ ବିଷୟରେ ସବୁକିଛି ଜାଣିବା ପାଇଁ ପ୍ରଶ୍ନ କରେ, ରାଣୀ ସୈରେନ୍ଦ୍ରୀଙ୍କ ଅସଲ ପରିଚୟ ଜାଣି ନ ଥିବାରୁ ଉଭୟଙ୍କ ସାକ୍ଷାତ ପାଇଁ ଏକ ବୈଠକର ଆୟୋଜନ କରନ୍ତି । ସେଠାରେ ସୈରେନ୍ଦ୍ରୀ କିଚକକୁ କହନ୍ତି ମୁଁ ବିବାହିତା, ତେଣୁ ମୋ ପ୍ରତି ତୁମର ଆକର୍ଷଣ ଧର୍ମର ବିରୋଧି ଅଟେ । କିନ୍ତୁ କିଚକ ତାକୁ ଦାସୀରୁ ମୁକ୍ତ କରି ଏକ ବିଳାସବ୍ୟସନ ଜୀବନ ତା ସହିତ ଅତିବାହିତ କରିବା ପାଇଁ ପ୍ରସ୍ତାବ ଦିଏ । ସୈରେନ୍ଦ୍ରୀ ତା ପ୍ରସ୍ତାବକୁ ଅସ୍ୱୀକାର କରିବା ସହିତ ତାକୁ ପୁନର୍ବାର ଅନୁସରଣ ନ କରିବାକୁ ଅନୁରୋଧ କରେ । ଏପରି କଥା ଶୁଣି କିଚକ ହତାଶ ହେବା ସହିତ ସୈରେନ୍ଦ୍ରୀଙ୍କ ଉପରେ ଆହୁରି ଆକର୍ଷିତ ହୋଇଉଠେ । ଦିନେ ରାଣୀ ସୁଦେଶ୍ନା ସୈରେନ୍ଦ୍ରୀଙ୍କୁ କିଚକ ଗୃହରୁ ମଦିରା ଆଣିବା ପାଇଁ କହନ୍ତି । ମଦିରା ଆଣିବା ପାଇଁ ସୈରେନ୍ଦ୍ରୀ ଡରିଡରି କିଚକ ଗୃହକୁ ଗମନ କରନ୍ତି, ସେଠାରେ ବିଚକ ସୈରେନ୍ଦ୍ରୀଙ୍କୁ ଧରିବା ପାଇଁ ଚେଷ୍ଟା କରେ, ସୈରେନ୍ଦ୍ରୀ କିଚକକୁ ଠେଲିଦେଇ ନିଜର ସମ୍ମାନ ରକ୍ଷା କରିବା ସହିତ ରାଜା ବିରାଟଙ୍କ ଦରବାରକୁ ପ୍ରବେଶ କରେ । କିଚକ ତାର ପଶ୍ଚାତଧାବନ କରି ଦରବାରରେ ରାଜାଙ୍କ ସମ୍ମୁଖରେ ବଳପୂର୍ବକ ତାକୁ ଆକର୍ଷିତ କରେ ।

୨

ସୈରେନ୍ଦ୍ରୀ ରାଜାଙ୍କୁ ନ୍ୟାୟ ଭିକ୍ଷା କରନ୍ତି, ରାଜା ବିରାଟ ଓ ଯୁଧିଷ୍ଠିର ରୂପି କଙ୍କ ତାଙ୍କୁ ଶାନ୍ତ୍ୱନା ଦେବା ସହିତ ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ବଚନ ପ୍ରଦାନ କରନ୍ତି ।

ISSN NO.
2582-208X

କିନ୍ତୁ କିଛିଦିନ ପର୍ଯ୍ୟନ୍ତ ରାଜା କୌଣସି ନ୍ୟାୟ ନ କରିବାରୁ ସୈରେନ୍ଧ୍ରୀ ରାଜା ଓ କଙ୍କ ଉଭୟଙ୍କୁ ତିରଷ୍କାର କରନ୍ତି । ରାଣୀ ମଧ୍ୟ କିଚକର ଦୁର୍ବ୍ବ୍ୟବହାର ବିଷୟରେ ଜାଣିଥିଲେ ସୁଦ୍ଧା କିଚକ ଭୟରେ କୌଣସି ପ୍ରତିକାର କରିପାରନ୍ତି ନାହିଁ । ଶେଷରେ ସୈରେନ୍ଧ୍ରୀ ଭୀମଙ୍କଂ ନିକଟକୁ ଯାଇ ତାଙ୍କର ଅପମାନ ବିଷୟରେ ଅବଗତ କରାନ୍ତି । ଭୀମ ତାଙ୍କୁ ଶାନ୍ତ୍ୱନା ଦେବାସହ କିଚକ ଅପମାନର ପ୍ରତିଶୋଧ ନେବା ପାଇଁ ପ୍ରତିଜ୍ଞା କରନ୍ତି । ତା ପରଦିନ ପୁନଶ୍ଚ କିଚକ ସୈରେନ୍ଧ୍ରୀଙ୍କ ନିକଟକୁ ଯାଇ ପ୍ରେମ ନିବେଦନ କରିବା ସହିତ ରାତ୍ରିକାଳରେ ଏକ ନିଭୃତ ସ୍ଥାନରେ ମିଳିତ ହେବାପାଇଁ ପ୍ରସ୍ତାବ ଦିଏ । ଏ ସମସ୍ତ କଥା ସୈରେନ୍ଧ୍ରୀ ଭୀମଙ୍କ ନିକଟରେ ପ୍ରକାଶ କଲାପରେ ଦୁହେଁ ଏକ ଯୋଜନା ପ୍ରସ୍ତୁତ କରି କିଚକକୁ ମାରିବାର ସଂକଳ୍ପ ନିଅନ୍ତି । ସେଦିନ ରାତ୍ରି ସମୟରେ କିଚକ ପ୍ରସ୍ତାବ ଦେଇଥିବା ନିଭୃତ ସ୍ଥାନରେ ଭୀମ ସୈରେନ୍ଧ୍ରୀ ବେଶରେ ଲୁଚି ରହିଥାନ୍ତି ଓ କିଚକ ସେ ସ୍ଥାନକୁ ଆସିବା ପରେ ଭୀମ ତା ସହିତ ମଲ୍ଲଯୁଦ୍ଧ କରି ତାକୁ ମୃତ୍ୟୁ ପ୍ରଦାନ କରନ୍ତି, ତଥା ଗୁପ୍ତଭାବରେ ସେଠାରୁ ପଳାୟନ କରନ୍ତି, ଅନ୍ୟ କେହି କିଚକକୁ ଭୀମ ମାରିବା କଥା ଜାଣିପାରନ୍ତି ନାହିଁ। କିଚକର ପରିବାର ତଥା ସହାୟକ ତାର ମୃତ୍ୟୁ ପାଇଁ ସୈରେନ୍ଧ୍ରୀ ହିଁ ଦାୟୀ ବୋଲି ଦୋଷାରୋପ କରିବା ସହ ତାକୁ ଅଗ୍ନିରେ ପୋଡିମାରିବା ପାଇଁ ଚେଷ୍ଟା କରନ୍ତି । ଭୀମ ସେସବୁ କଥା ଜାଣିବା ପରେ ସେମାନଙ୍କ ଉପରକୁ ଆକ୍ରମଣ କରି ସମସ୍ତଙ୍କୁ ମାରିଦେବା ସହିତ ସୈରେନ୍ଧ୍ରୀକୁଂ ଉଦ୍ଧାର କରନ୍ତି । ଏହି କାହାଣୀ ପିଡିତ ତଥା ଅପରାଧ ସହ ସମ୍ବନ୍ଧିତ ବ୍ୟକ୍ତି, ସେମାନଙ୍କ ଭାବନା, କିପରି ଲୋକମାନେ ଅପରାଧର ପକ୍ଷ ନିଅନ୍ତି, ଅପରାଧ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବା ଆଦି ବିଷୟକୁ ସୂଚାଇଥାଏ । ମହାଭାରତର ଏପରି ଏକ ସ୍ପର୍ଶକାତର ବିଷୟବସ୍ତୁ କଥାକଳୀ ପରି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ମାଧ୍ୟମରେ ଚିତ୍ରିତ କରାଯାଇଛି, ଆମ ଓଡିଶାରେ ଏହି ବିଷୟକୁ ନେଇ କିଚକ ବଧ ବା ବିରାଟ ନାଟକ ଭାବରେ ପୌରାଣିକ ଶୈଳୀରେ ପ୍ରସ୍ତୁତ କରାଯାଇଥାଏ, ଯାହା ସର୍ବଜନପ୍ରିୟ । ସମୟ ବଦଳିବା ସହିତ ଲୋକଙ୍କୁ ଏକ ଭିନ୍ନ ସ୍ୱାଦ ଦେବାପାଇଁ ଏହି ନାଟକରେ ପୌରାଣିକ ଧାରା ସହ ସାମାଜିକ ଧାରା ମଧ୍ୟ ଜଡିତ କରାଯାଉଛି ।

ଗୋହରଣ ପର୍ବ(୨୫ ରୁ ୬୯ ଅଧ୍ୟାୟ)- କୌରବ ଦରବାରରେ ଧୃତରାଷ୍ଟ୍ର ଓ ଦୁର୍ଯୋଧନ ପ୍ରକାଶ କରନ୍ତି ଯେ ସେମାନଙ୍କ ଗୁପ୍ତଚର ବିଭିନ୍ନ ବଣ, ଗ୍ରାମ, ସହରରେ ପାଣ୍ଡବମାନଙ୍କୁ ଖୋଜିବାର ପ୍ରୟାସ ଅସଫଳ ହୋଇଛି । ବନବାସର ୧୩ବର୍ଷର କେବଳ ୨ ସପ୍ତାହ ମାତ୍ର

ISSN NO.
2582-208X

ସମୟ ଅଛି । କର୍ଣ୍ଣଙ୍କ ପରାମର୍ଶ ଅନୁସାରେ ଆହୁରି ଅଧିକ ଚତୁର ଓ ସକ୍ଷମ ଗୁପ୍ତଚର ମାନଙ୍କୁ ଏହି କାର୍ଯ୍ୟ ସକାଶେ ନିୟୋଜନ କରାଯାଉ । ଦ୍ରୋଣଙ୍କ ପରାମର୍ଶ ଗୁପ୍ତଚରଙ୍କୁ ପୁଣିଥରେ ପଠାଇବା ଅପେକ୍ଷା ଧୃତରାଷ୍ଟ୍ରଙ୍କୁ ଶାନ୍ତି ପ୍ରସ୍ତାବ ନେଇ ପାଣ୍ଡବଙ୍କୁ ସ୍ୱାଗତ କରିବା ଉଚିତ । ଭୀଷ୍ମ ଦ୍ରୋଣଙ୍କ ସହ ସହମତ, ତାଙ୍କ ପ୍ରସ୍ତାବ ଅନୁସାରେ ପାଣ୍ଡବଙ୍କୁ ସେ ସବୁ ସ୍ଥାନରେ ଖୋଜିବା ଉଚିତ ଯେଉଁଠାରେ ସେମାନେ ରହିବାର ସମ୍ଭାବନା ଅଧିକ ତଥା ସେମାନଙ୍କୁ ସ୍ୱାଗତ କରି ଅଣାଯାଉ । ଭୀଷ୍ମ ଅନୁମାନ କରନ୍ତି ପାଣ୍ଡବ ପରି ସୁଦ୍ଧ ଆତ୍ମା ବହନ କରୁଥିବା ଲୋକେ ଯେଉଁଠାରେ ବି ବସବାସ କରୁଥିବେ, ସେ ସ୍ଥାନରେ ସମସ୍ତ ପ୍ରାଣୀଙ୍କ ସମୃଦ୍ଧି, ଶାନ୍ତି, ପ୍ରସନ୍ନତା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଶ୍ଚିତ ଉନ୍ନତି ଘଟିଥିବ, ତେଣୁ ସେମାନଙ୍କୁ ସେପରି ସ୍ଥାନରେ ଖୋଜାଯାଉ ଯେଉଁସ୍ଥାନରେ ସେ ସମୟରେ ସମୃଦ୍ଧି ଓ ଖୁସି ବର୍ଦ୍ଧିତ ହୋଇଥିବ । କୃପାଚାର୍ଯ୍ୟ ଭୀଷ୍ମଙ୍କ ଅନୁମାନରେ ସହମତି ପ୍ରକାଶ କଲେ । ସେଠାରେ ଉପସ୍ଥିତ ଥିବା ତ୍ରିଗର୍ତରାଜ୍ୟର ରାଜା ସୁଶର୍ମା ପ୍ରକାଶ କଲେ ଏ ସମୟରେ ବିରାଟ ସାମ୍ରାଜ୍ୟ ହଠାତ୍ ଏହିପରି ସୁଖସମୃଦ୍ଧିରେ ଭରପୁର ହୋଇଉଠିଛି । ମହାରାଜାଙ୍କ ପରାମର୍ଶକ୍ରମେ ସୁଶର୍ମାଙ୍କ ସେନା ମସ୍ୟ ରାଜ୍ୟ ଉପରେ ଆକ୍ରମଣ କରି ତାଙ୍କର ଗୋବଂଶ ଓ ଅନେକ ସମ୍ପଦ ହରଣ କରିବା ସହ ରାଜା ବିରାଟଙ୍କୁ ବନ୍ଦି କରିନିଏ । ଭୀମ ପ୍ରତିଶୋଧ ଓ ଯୁଦ୍ଧ ପାଇଁ ରାଜାଙ୍କ ପରାମର୍ଶଦାତା କଙ୍କରୂପି ଯୁଧିଷ୍ଠିରଙ୍କୁ ଅନୁରୋଧ କରେ ।

୩

ତାଙ୍କରି ପରାମର୍ଶ ଅନୁସାରେ ଭୀମ କୌଶଳକ୍ରମେ ବିରାଟରାଜାଙ୍କୁ ମୁକ୍ତ କରିବା ସହ ସୁଶର୍ମାଙ୍କୁ ବନ୍ଦି କରିନିଅନ୍ତି । ଏସବୁ ଦେଖିବା ପରେ ଦୁର୍ଯୋଧନ ଦୃଢ ନିଶ୍ଚିତ ହୁଏ ଯେ ପାଣ୍ଡବମାନେ ମସ୍ୟରାଜ୍ୟରେ ହିଁ ଲୁଚି ରହିଛନ୍ତି ଓ ବିରାଟରାଜାଙ୍କୁ ସାହାଯ୍ୟ କରୁଛନ୍ତି । ତେଣୁ କୌରବସେନା ବିରାଟରାଜ୍ୟକୁ ଆକ୍ରମଣ କରିଦିଅନ୍ତି ।

କୌରବସେନାକୁ ଯୁଦ୍ଧରେ ପରାସ୍ତ କରିବା ପାଇଁ ବିରାଟଙ୍କ ପୁତ୍ର ଉତର ସ୍ୱୟଂ ପ୍ରୟାସ କରେ ଓ ଅବଶିଷ୍ଟ ବିରାଟ ସେନା ସୁଶର୍ମା ଓ ତ୍ରିଗର୍ତ ମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଗମନ କରନ୍ତି । ଦ୍ୱୌପଦିଙ୍କ ପରାମର୍ଶ ଅନୁସାରେ ଉତର ଅର୍ଜୁନ ରୂପି ବୃହନ୍ନଳାଙ୍କୁ ନିଜ ସାରଥୀ ଭାବରେ ସାଥିରେ ନିଅନ୍ତି । ଯୁଦ୍ଧକ୍ଷେତ୍ରରେ ରାଜକୁମାର କୌରବସେନାଙ୍କୁ ଦେଖିବା ପରେ ଅତ୍ୟନ୍ତ ଭୟଭିତ ହେବା ସହ ଯୁଦ୍ଧରୁ ପଳାୟନ କରିବାକୁ ଚେଷ୍ଟା କରେ । ସେ

ISSN NO.
2582-208X

ସମୟରେ ଅର୍ଜୁନ ନିଜର ଓ ନିଜ ଭାଇମାନଙ୍କର ପରିଚୟ ପ୍ରଦାନ କରନ୍ତି, ରଥରେ ଉତରକୁ ସାରଥୀ କରି ନିଜେ ଯୁଦ୍ଧପାଇଁ ଆଗଭର ହୁଅନ୍ତି । ଭୀଷ୍ମ ଦ୍ରୋଣ, କର୍ଣ୍ଣ, କୃପାଚାର୍ଯ୍ୟ ତଥା ଅଶ୍ୱତ୍ଥମା ଆଦି ଅର୍ଜୁନଙ୍କୁ ମାରିବାପାଇଁ ମିଳିତ ଭାବରେ ଆକ୍ରମଣ କରନ୍ତି, କିନ୍ତୁ ଅର୍ଜୁନ ସମସ୍ତଙ୍କୁ ପରାସ୍ତକରିବା ସହ କର୍ଣର ପାଳିତ ଭାଇ ସଂଗ୍ରାମଜିତକୁ ବଧକରେ । ଅଶ୍ୱଥାମା ଗାଣ୍ଡିବ ଧନୁର ଡୋରକୁ ଛିନ୍ନ କରିଦେବାରୁ ଅର୍ଜୁନ ଯୁଦ୍ଧ କରିପାରେ ନାହିଁ । ସମ୍ମୋହନ ଅସ୍ତ୍ର ସାହାଯ୍ୟରେ ଅର୍ଜୁନ ସମସ୍ତଙ୍କୁ ଗଭିର ନିଦ୍ରା ପ୍ରଦାନକରେ । ଉତର ଅର୍ଜୁନଙ୍କୁ ପ୍ରଶ୍ନକରେ ଏମାନଙ୍କୁ ବଧ କାହିଁକି କରୁନାହଁ । ଶୋଇବା ଲୋକଙ୍କୁ ମାରିବା ଯୁଦ୍ଧର ନୀତି ନୁହେଁ, ଏକଥା ରାଜକୁମାରକୁ ଅର୍ଜୁନ ବୁଝାଇବା ପରେ ତାର ଭଉଣୀ ଉତରାର କଣ୍ଢେଇ ସଜାଇବା ପାଇଁ କୌରବ ଯୋଦ୍ଧା ମାନଙ୍କର ସୁନ୍ଦର ବସ୍ତ୍ରସବୁ ସଂଗ୍ରହ କରିବା ପାଇଁ ଅର୍ଜୁନ ପରାମର୍ଶ ଦିଅନ୍ତି । ଦୁର୍ଯୋଧନର ଲାଲ ବସ୍ତ୍ର, କର୍ଣଙ୍କ ଗେଲାପି ଆଭରଣ, ଦୁଃଶାସନର ନୀଳବସ୍ତ୍ର ଆଦି ସଂଗ୍ରହ କରି ଉତ୍ତରା ଅର୍ଜୁନ ସାଥିରେ ବିଜୟପତାକା ଧାରଣକରି ରାଜମହଲକୁ ଫେରିଆସନ୍ତି । ରାଜା ବିରାଟ ଖୁସିରେ ଆତ୍ମହରା ହୋଇପଡନ୍ତି ଓ ଉତ୍ତରଙ୍କ ପଶଂସା କରନ୍ତି କିନ୍ତୁ କଙ୍କ ରାଜକୁମାରଙ୍କ ବିଜୟ ସକାଶେ ବୃହନ୍ନଳାର ସାହସକୁ ପ୍ରଶଂସା କରନ୍ତି, ରାଜା ଏଥିରେ କ୍ରୋଧିତ ହୋଇ ଖେଳୁଥିବା ପଶାକାଠିରେ କଙ୍କର ମୁଖରେ ପ୍ରହାର କରନ୍ତି, ଯଦ୍ୱାରା ତାଙ୍କ ନାସାରୁ ରକ୍ତସ୍ରାବ ହୁଏ, ଦ୍ରୋପଦୀଙ୍କ ସହାୟତାରେ ଠିକ ହୁଏ । ଏ ସମୟରେ ଅର୍ଜୁନ ଓ ରାଜକୁମାର ଦରବାରରେ ପ୍ରବେଶ କରନ୍ତି, ଉତର ସବୁ ଘଟଣା ବର୍ଣନା କରନ୍ତି, ବିରାଟରାଜା ସବୁ ଜାଣିବାପରେ କଙ୍କ ରୂପି ଯୁଧିଷ୍ଠିରଙ୍କୁ କ୍ଷମାପ୍ରାର୍ଥନା କରିବା ସହ ଅନୁତାପ କରନ୍ତି ।

ବୈବାହିକ ପର୍ବ(୭୦ ରୁ ୭୨ ଅଧ୍ୟାୟ)- ଯୁଦ୍ଧ ବିଜୟର ଦୁଇଦିନ ପରେ ପାଣ୍ଡବ ନିଜନିଜର ଅସଲ ରୂପ ଓ ବେଶପୋଷାକରେ ସଜ୍ଜିତ ହୋଇ ବିରାଟରାଜାଙ୍କ ପରିଷଦ ଭବନରେ ପ୍ରବେଶକଲେ, ରାଜାମାନଙ୍କ ପାଇଁ ଆରକ୍ଷିତ ଆସନ ଗ୍ରହଣ କଲେ । ରାଜା ବିରାଟ ପାଣ୍ଡବମାନଙ୍କୁ କ୍ଷମା ମାଗିବା ସହ ତାଙ୍କ ରାଜ୍ୟରେ ରହିବା ସମୟରେ ସେମାନଙ୍କୁ ଯେଉଁପରି ଅପମାନିତ କରାଯାଇଛି ତାହା ସ୍ୱୀକାର କଲେ । ଯୁଧିଷ୍ଠିର ସହୃଦୟତାର ସହ ରାଜାଙ୍କୁ କ୍ଷମା କରିବା ସହ ନିଜରାଜ୍ୟରେ ରହିବାପାଇଁ ସ୍ଥାନ ଦେଇଥିବାରୁ ଧନ୍ୟବାଦ ଦେଲେ । ପରିଶେଷରେ ନିଜ ପୁତ୍ରୀ ଉତରାର ପାଣିଗ୍ରହଣ କରିବା ପାଇଁ ରାଜା ଅର୍ଜୁନଙ୍କୁ ଅନୁରୋଧ କଲେ । ଅର୍ଜୁନ କହିଲେ ହେ ରାଜା ଏକ ବର୍ଷକାଳ ମୁଁ ଉତରାକୁ ନୃତ୍ୟଶିକ୍ଷା

ISSN NO.
2582-208X

ପ୍ରଦାନ କରିଛି, ତେଣୁ ମୁଁ ତାର ଗୁରୁ, ପିତା ସଦୃଶ । ଏ ଅବସ୍ଥାରେ ତାର ପାଣିଗ୍ରହଣ କରିବା ମୋ ପକ୍ଷେ ସମ୍ଭବ ନୁହେଁ । ଆପଣଙ୍କ ଅନୁମତି ମିଳିଲେ ମୁଁ ତାକୁ ମୋର ପୁତ୍ରବଧୂ ହିସାବରେ ଗ୍ରହଣ କରିବି । ରାଜା ଅତ୍ୟନ୍ତ ଖୁସି ହୋଇ ଅର୍ଜୁନ ପୁତ୍ର ଅଭିମନ୍ୟୁ ସହିତ ଉତରାର ବିବାହ ସମ୍ପନ୍ନ କଲେ ।

ପ୍ରକୃତରେ ଦେଖିବାକୁ ଗଲେ ବିରାଟପର୍ବରେ ଅନେକ ଭିନ୍ନଭିନ୍ନ ଚରିତ୍ର, କଥାବସ୍ତୁ, ଚିନ୍ତାଧାରା, ଯୋଜନା, ଜ୍ଞାନର ସମାହାର ରହିଛି । କିନ୍ତୁ ମୂଖ୍ୟ ବିଷୟ ହେଲା କିଚକବଧ, ଯାହା ସର୍ବସାଧାରଣ ସକାଶେ ଏକ ଆକର୍ଷଣକାରୀ ଓ ମନୋରଂଜନ ଭରା କଥାବସ୍ତୁ ।

୪

ଦକ୍ଷିଣଭାରତରେ ଏହି କଥାବସ୍ତୁକୁ ତାଙ୍କ ଲୋକପ୍ରିୟ ନୃତ୍ୟ କଥାକଳି ମାଧ୍ୟମରେ ସର୍ବତ୍ର ପ୍ରଚାରପ୍ରସାର କରାଯାଇଥାଏ, ଯାହା ଅତ୍ୟନ୍ତ ଲୋକପ୍ରିୟ ଓ ମନୋରଂଜନକାରୀ । ସେହିପରି ଆମ ଓଡିଶାରେ ଏହି ଚରିତ୍ରକୁ କିଚକ ବଧ ବା ବିରାଟପର୍ବ ନାଟକରେ ରୂପାନ୍ତରିତ କରି ପୌରାଣିକ ଧାରାରେ ସର୍ବସାଧାରଣରେ ପ୍ରଦର୍ଶନ କରାଯାଏ । ରାମାୟଣ/ରାମଲୀଳା, କଂସ ଦରବାର, ରାବଣ ଦରବାର, ଜଳନ୍ଧର ଦରବାର ପରି ଏହା ଅତ୍ୟନ୍ତ ଜନାଦୃତ ଓ ମନୋରଂଜନଧର୍ମି, ତାସହିତ ସର୍ବସାଧାରଣରେ ମହାଭାରତର କଥାବସ୍ତୁର କିଛିଅଂଶ ମଧ୍ୟ ଲୋକେ ଜାଣିବାକୁ ପାଇଥାନ୍ତି । ଯେଉଁ ଅନୁଷ୍ଠାନ ବା ବ୍ୟକ୍ତିବିଶେଷ ବିରାଟପର୍ବ ବା ବିରାଟ ନାଟକ ପରି ମହତ ଅନୁଷ୍ଠାନକୁ ଅଦ୍ୟାବଧି ବଂଚାଇ ରଖିବାର ପ୍ରୟାସ ଜାରି ରଖିଛନ୍ତି ସେମାନେ ନିଶ୍ଚିତ ଭାବରେ ଧନ୍ୟବାଦର ପାତ୍ର ।

ଏହି କଥାବସ୍ତୁ ପିଡିତ ତଥା ଅପରାଧ ସହ ସମ୍ବନ୍ଧିତ ବ୍ୟକ୍ତି, ସେମାନଙ୍କ ଭାବନା, ମନୋଭାବ, ବିଚାରଧାରା, କେଉଁପ୍ରକାର ଲୋକମାନେ ଅପରାଧର ପକ୍ଷ ନିଅନ୍ତି, ଅପରାଧ କରିବା ପାଇଁ କିପରି ଯୋଜନା ପ୍ରସ୍ତୁତ କରିବା ଆଦି ବିଷୟକୁ ସୂଚାଇଥାଏ । ମହାଭାରତର ଏପରି ଏକ ସ୍ପର୍ଶକାତର ବିଷୟବସ୍ତୁ ସର୍ବଜନପ୍ରିୟ । ସମୟ ବଦଳିବା ସହିତ ଲୋକଙ୍କୁ ଏକ ଭିନ୍ନ ସ୍ୱାଦ ଦେବାପାଇଁ ଏହି ନାଟକରେ ପୌରାଣିକ ଧାରା ସହ ସାମାଜିକ ଧାରାର ମଧ୍ୟ ମିଳନ କରାଯାଉଛି । କୃଷ୍ଣଙ୍କ ରାସଲୀଳା, କୃଷ୍ଣଗୁରୁ, ଦଣ୍ଡ, ରାମଲୀଳା ଆଦି ମାଧ୍ୟମରେ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଚରିତ୍ର ସର୍ବସାଧାରଣରେ ପ୍ରଦର୍ଶିତ ହୋଇ ଅତ୍ୟନ୍ତ

ISSN NO.
2582-208X

ଜନାଦୃତ । ଏପରି ଅନେକ ଚରିତ୍ର ଯାହା ପୁରାଣ, ଭାଗବତରେ ରହିଛି କିନ୍ତୁ ଲୋକଲୋଚନକୁ ଆସିବା ପାଇଁ ମାଧ୍ୟମର ଆବଶ୍ୟକତା ରହିଛି । ସେ ନାଟକ ହେଉ, କି ନୃତ୍ୟ, ସଂଗୀତ ହେଉ କି ଲୀଳା ଏପରି କିଛି ମାଧ୍ୟମରେ ଅନେକ କଥାବସ୍ତୁକୁ ଆମେ ଲୋକଲୋଚନକୁ ଆଣିପାରିବା । ଏ ଅବସରରେ ସମସ୍ତ କଳାପ୍ରେମୀ, କଳାକାର, ଲେଖକମାନଙ୍କୁ ମୋର ନିବେଦନ ଗୁପ୍ତରହିଥିବା ବିଭିନ୍ନ କଥାବସ୍ତୁକୁ ସର୍ବସାଧାରଣରେ ପରିପ୍ରକାଶ କରିବାର ପ୍ରୟାସ କରି ନିଜ ସଂସ୍କୃତି, ପରଂପରାକୁ ଜନପ୍ରିୟ କରାଇବାରେ ବ୍ରତୀ ହୁଅନ୍ତୁ ।

ଜୟ କଳା .. .. ଜୟ କଳାକାର.. ..

ଅଧକ୍ଷ, ଶିକ୍ଷକ ଶିକ୍ଷା ତାଲିମ ମହାବିଦ୍ୟାଳୟ
ଶିକ୍ଷାନିକେତନ, ସାଲେପାଲି
ସଭାପତି, ସମ୍ବାଦ ସାହିତ୍ୟଘର, ଦେଓଗାଁ ବ୍ଲକ
ଆକାଶବାଣୀ/ଦୂରଦର୍ଶନ ଗୀତିକାର/ ଅଭିନେତା
ସାଲେପାଲି, ବଲାଙ୍ଗିର.. ୯୪୩୮୪୪୯୪୯

ISSN NO.
2582-208X

# ସାଇ ଦର୍ଶନ



କୀର୍ତ୍ତି ଦେବୀ

ସାଇ ଦର୍ଶନ କହିଲେ,
ତୁମ ଶ୍ରୀମୁଖକୁ ବୁଝେ
ଥରେ ଚାହିଁଲେ ତୁମକୁ
ଦର୍ଶନର ଅର୍ଥ ମିଳିଯାଏ ।

କାହାକୁ କିପରି ଦର୍ଶନ ଦିଅ
ତାହା ତୁମେ ଜାଣ
ଭକ୍ତ ହୃଦକନ୍ଦରେ ବସି
ସଦା ଦେଉଥାଅ ଆଶିଷ ।

ନିଜ ମନେ ଭୁଲେ ଥିଲେ
ତୁମ ଦର୍ଶନ ଦିଏ ଆଖିଠାର
ସୁଧାରି ନେଲେ ତାକୁ
ଜୀବନ ହୁଏ ସରସ ସୁନ୍ଦର ।

ସାକାର ଓ ନିରାକାର ରୂପରେ
ତୁମ ଦର୍ଶନ ନୁହେଁ ଭିନ୍ନ
ଉତ୍ତମ, ମଧ୍ୟମ ଓ ସାଧାରଣ ଭକ୍ତଙ୍କ ମଧ୍ୟରେ
ସାଇ ଦର୍ଶନର ମହାନତା ପ୍ରତିଫଳିତ ହୁଏ
ସାଇ ଦର୍ଶନ କହିଲେ
ତୁମ ଶ୍ରୀମୁଖକୁ ବୁଝେ ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା
ମୋ: ୯୫୮୩୮୩୩୮୨୭

ISSN NO.
2582-208X

# ନିଷ୍ପ୍ରାପ୍ୟ ଦାମ୍ପତ୍ୟ



କୁଞ୍ଜବିହାରୀ ରାଉତ

ବିବାହ,
ଦୈହିକ ସଂପର୍କର ଦସ୍ତାବିଜ ନୁହେଁ
ଦୁଇଟି ମନ ଓ ପ୍ରାଣର ଅପୂର୍ବ ମିଳନ
ପରିବାର ମାନବ ସମାଜର ନାଭିକେନ୍ଦ୍ର,
ସାମାଜିକ ସଂଗଠନର ମୌଳିକ ଏକକ
ତେବେ ସଂପ୍ରତି ମଣିଷର ନୈତିକ ମୂଲ୍ୟବୋଧ
ସଂକୁଚିତ ହେବାପରେ,
ସଂପର୍କ ହେଉଛି ଶିଥିଳ
ବଦଳି ଗଲାଣି ସଂପର୍କର ସଜ୍ଞା
ସାମାଜିକ ବନ୍ଧନର ପରିଭାଷା
ଉପରକୁ ଚିକଚିକ ମାରୁଥିବା ମାର୍ବଲ ଘର
ଭିତରେ କିନ୍ତୁ ସଂପର୍କରେ ଫଟା
ଯାହା କେବଳ ସିମୀତ ରହିଛି
ତୁଚ୍ଛା ଲୌକିକ ବା ଆନୁଷ୍ଠାନିକ ଭାବେ
ବିରଳ ଆଜି ସ୍ନେହ, ଶ୍ରଦ୍ଧା, ସହାନୁଭୂତି
ସାତଜନ୍ମ ପାଇଁ ବାନ୍ଧି ହୋଇଥିବା ସଂପର୍କ
ଆଜି ବନ୍ଧାପଡିଛି ପରକୀୟା ପ୍ରିତି ପାଖେ
ଶିଥିଳ ହେଉଛି ସଂପର୍କ
ନିଷ୍ପ୍ରାଣ ହେଉଛି ଦାମ୍ପତ୍ୟ ......

ISSN NO.
2582-208X

ଲକ୍ଷ୍ୟ ଏବେ ଏକକ ପରିବାର
ଆମଦାନୀ ହେଉଥିବା ପାଶ୍ଚାତ୍ୟ ସଂସ୍କୃତି ଆଜି
ଯୌଥ ପରିବାରର ସଜ୍ଞାକୁ ଖିନଭିନ
କରିଚାଲିଛି ପ୍ରତିମୁହୂର୍ତ୍ତରେ
ସତରେ ମଣିଷ ଏବେ ଆଲୁଅରୁ ପୁଣି ଅନ୍ଧାରକୁ ଫେରିଯାଉଛି
ମାନବିକ ସଂପର୍କ ଉପରେ ଅନେକ ପ୍ରଶ୍ନବାଚୀ
ଫିକା ପଡିଆସିଲାଣି
ବସୁଧୈବ କୁଟୁମ୍ବକମର ଅମଳିନ ଆଦର୍ଶ
ସାମାଜିକ ଓ ପରିବାର ରେ
ପ୍ରତିନିୟତ ଘଟିଚାଲିଛି ଭୂମିକମ୍ପ
ଆଦର୍ଶ, ନୀତିନିୟମ, ମାନବିକତା
ସବୁ ରୂପ ବଦଳାଇ ସାରିଲେଣି
ବଦଳିଗଲାଣି ସଂପର୍କର ସଜ୍ଞା
ନିଷ୍ପ୍ରାଣ ହେଲାଣି ଦାମ୍ପତ୍ୟ ଜୀବନ
ସଜାଗ ହୁଅ ବଂଧୁ!
ବୁଝିବାକୁ ଚେଷ୍ଟା କର ନିଷ୍ଠୁର ଏ ସତ୍ୟ
ନିଷ୍ପ୍ରାଣ ହେଉଛି ଏବେ ଦାମ୍ପତ୍ୟ .....

ପ୍ଲଟ ନଂ: ୧୪୮/୫, ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ସାମାଜିକ ପ୍ରାଣୀ



ନରେନ୍ଦ୍ର ପ୍ରସାଦ ବେହେରା

ସମାଜର ରୀତି ନୀତି ପରମ୍ପରା
ଅଛି ଯେତେକ ଚଳଣି
ଏମାନବ ଜାତି ସମ୍ମାନ ଜଣାଏ
ଗୋଟି ଗୋଟି ଗଣିଗଣି ।୧।

ବାର ଓଷା ତେର ପରବ ପଡଇ
ବରଷକେ ବାର ମାସ
ସବୁ ପରବରେ ହେଉଥାଏ ଖୁସି
ଆମ ଏ ହିନ୍ଦୁ ମଣିଷ ।୨।

ପ୍ରତିମାସେ ଅଛି ପୁନେଇ ପରବ
ଓଷା ବାର ବ୍ରତ ପୂଜା
ଗଭୀର ଭାବରେ ଚିନ୍ତାକଲେ ଥରେ
ଲାଗିବ ବହୁତ ମଜା ।୩।

ପିଲାଛୁଆଙ୍କର ଖୁସି ଦେଖିବାକୁ
ପିତାମାତା ଆଗଭର

ISSN NO.
2582-208X

ପର୍ବ ପର୍ବାଣୀରେ ଖୁସି ଆନନ୍ଦରେ
ବୁଲନ୍ତି ଘରକୁ ଘର ।୪।

ବିବାହ ବ୍ରତକୁ ହେବନି ଏଡାଇ
ହିନ୍ଦୁ ରୀତିନୀତି ଏହା
ବିଭିନ୍ନ ପୂଜାରେ ବୁଲି ଦେଖୁଥାନ୍ତି
ହୋଇଥାଏ ଯାହା ଯାହା ।୫।

ଅନର୍ଥର ମୂଳ କାରଣ ହୁଅଇ
ପାଖରେ ନଥିଲେ ଅର୍ଥ
ତଥାପି ମଣିଷ ପ୍ରତ୍ୟେକ ପର୍ବକୁ
ପାଳନେ ହୁଏ ସମର୍ଥ ।୬।

ବୁଝିବେନି କେହି ପିତାମାତାଙ୍କର
ଆର୍ଥିକ ଅବସ୍ଥା କଥା
ଯେତେ ବୁଝାଇଲେ ନ ବୁଝିବେ କେହି
ଘୁରିଯିବ ନିଜ ମଥା ।୭।

ସମସ୍ତ ପର୍ବକୁ ସମ୍ମାନ ଦେବାକୁ
କୁହଇ ଅମୃତ ବାଣୀ
ସେଥିପାଇଁ ହୁଏ ସଂସାରେ ମଣିଷ
ଗଣା ସାମାଜିକ ପ୍ରାଣୀ ।।୮।।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ବାନପ୍ରସ୍ଥ



ଶାରଦା ପ୍ରସାଦ ପରିଡ଼ା

ବାସୁଆ ଦାଦି ବଡ ଚାଲାଖ ଚତୁର ଲୋକ । ଏମିତି ଚାଲାଖ ଚତୁର ଯେ ହାଟକୁ ପରିବା ବୋଝ ବିକିବାକୁ ଗଲେ ଓଲଟି ଘରକୁ କରଜ ଆଣି ଆସିବ । ତା ପୁଅ ଭଗିଆ ବି ତହୁଁ ବଳି ଧୃତ୍ତ । ଇହାନ ପୁଅ ବୋପା ଯେମନ ପୁଅ ତେମନ । ଗରଚାଲାଖି ତଉଲି ବସିଲେ ଯଦି ବିଶା କାଠି ରେ ଉଣେଇଶ ବିସ ହେବେ ଯଦି ହେବେ । ଏମିତି ବାଗରେ ମୂଲ କରି ସଉଦା କରିବେ ଯେ ପୋକା ପରିବା କୁ ସଜ ଠଉଁ ଗରୁ ମୂଲ ଦେଇ ଆଣିବେ ।

ଥରେ ଇନ୍ଦିରା ଆବାସ ଘର ମିଳିଥାଏ ବାସୁଆଦି ର । ଯେ ସିଏ ତ ଘରେ ନଥାଏ । ତହୁଁ ଖବର ଦବାକୁ ଭଗୁ ଯାଇ ପହଞ୍ଚିଲେ ଏସ.ଟି.ଡି. ବୁଥ ରେ । ବୋପା ପୁଅ ଏମିତି କଥା ଗୋଳ ହେଲେ ଯେ କାନ ଶୁଣିଲା ଲୋକ କାଠ । ସେଇଥିରୁ ଅଣାଏ ଯାହା ଗୋଚରକୁ ଆଇଥେଲା ଏ ଅଧମ ଲେଖିବା ହେଲା

ଫୋନ ଉଠାଉ ଉଠାଉ ଭଗୁ ଅନର୍ଗଳ କହି ଉଠିଲା:

"ହଁ ବାପା । ବାତିଆ ହେଲାରୁ ଯେଉଁ ଘର ଭାଙ୍ଗି ଯାଇଥିଲା ସମତିଙ୍କୁ ଘରେ ଖଣ୍ଡେ ନେଖାଁ ମିଳିବ ବୋଲି ସରକାର କହିସନ୍ତି । ହେଲେ ଏକା ସାଙ୍ଗରେ ସମିତିକୁ ନୁହଁ । ଆଗ ପଛ ହେଇ ମିଳିବ । ଆମର ନଟେରୀ ଉଠାଣକୁ ଆଗରେ ଉଠିଛି । ଇନ୍ଦିରା ଆବାସ । ଆଗ ପଇସା ମିଳିବ ନାହିଁ । କିସ୍ତି କିସ୍ତି ହେଇ ମିଳିବ ଯେ । ଆଗ ହାତରୁ କରିବାକୁ ପଡିବ । କେଜାଏ ପଇସା ଆଗ ହେଇ ନାଗିବ ପଚାରିଲେ କେହି ଓର ଅନ୍ତ ପାଉ ନାହାନ୍ତି । ରାଜ

ISSN NO.
2582-208X

ମିସ୍ତ୍ରୀ ଆସି ଘର ବାଣୀ କାଟ ଯାଇଥିଲା ଯେ କହୁଥିଲା ପାହିଲେ ଖେପ ରେ ଦଶ ହଜାରେ ଲୋଡା । ଉପୁରୁ ସରକାରୀ ଅରଡ କଲମ ଦିଆ ଘର ହବ । ଆଉ ଥରେ କେଁସେଲ ହେଲେ ଆଉ ସବା ପଛକୁ ପାଳି ପଡିବ । ତମେ ଯେମିତି ହେଲେ କିଛି ଟଙ୍କା ଆଣି ଆସିବ । ବୋଉ କହିଛି ତମେ ଆଇଲେ ଯାଇଁ ଘର କାମ ଆରମ୍ଭ ହବ ।"

ତହୁଁ ଆରକଦୁ ବାସୁଆ ଦାଦି ବଡ ଚାଲାଖ ରେ କହି ଉଠିଲା

: ଆରେ ଭଗିଆ, କଲମ ଗୁରା ଆଉ କେତେ ପଇସା ହେଲା ଯେ ଏତେ ପଇସା ନାଗିବ । ହେ ଶଳା ମିସ୍ତ୍ରୀ ଠକୁଛି ବୁଝିଲୁ ।

ତୁ ବ୍ୟସ୍ତ ହ ନା । ଥୟ ଧର । କେଉଁ ଦିନ କୁ କାମ କରିବ କହ । ମୁଁ ଯାଇ ପହଞ୍ଚୁଛି । କେତେ କଲମ ଲାଗିବ ଯେ ଏମିତି ।

: ବାପା ଚାରିଟା କଲମ ନାଗିବ, ଆଉ ମିସ୍ତିରି କହୁଛି ବାରେଣ୍ଡା କୁ ଆଉରି ଜୋଡାଏ ଦବ । ମୋଟେ ଛ ଟା ନାଗିବ

: ଏଁ......, ଜମାରୁ ଛଟା କଲମ ନାଗିବ, ଆଉ ଏ ଶଳା ଏତେ ପଇସା କହୁଛି । ରହ ଶଳା ଗଲେ ତା କଥା ବୁଝୁଛି ।

ବାସୁଆ ବୁଢା କଲମ ବୋଇଲେ କଣ ବୁଝିଲା କେଜାଣି, ଦିନ ଚାରିଟାକୁ ଡି ପେଟି କଲମ ଧରି ସିଧା କଲିକତା ରୁ ଆସି ଘରେ ।

ଆରେ ଶାଳା ଛଟା କଣ, ଯା ଯେତେ ମନ ସେତେ ନଗଉଥା । କହିଲା କଣ ନା ଛଟା କଲମ ଦେଇ ଘର କରିବ ଯେ ପହିଲେ ଦଶ ହଜାର ନୋଡ଼ା ।

ତେବେ ପ୍ରଥମେ ଏ ବାତ୍ୟା ବିଷୟରେ କହି ରଖବା ଉଚିତ ହେବ ସେ ବର୍ଷ ୧୯୯୯ ମସିହା ରେ ଭୟଙ୍କର ବାତ୍ୟା ହେଇଥାଏ ଓଡିଶାରେ । ବାତ୍ୟା ! ମହାବାତ୍ୟା କୁହ । କାଉ କୋଇଲି ଆଉ କାହାର ଚିହ୍ନ ବର୍ଣ୍ଣ ରହିଲା ନାହିଁ । ଖଣ୍ଡେ ଖଣ୍ଡେ ଗାଁ ସମୁଦ୍ର ର ବିଶାଳ ଆଁ ଭିତରେ ଚିର ଦିନ ପାଇଁ ଲୀନ ହେଇଗଲେ । ଗୋରୁ ଗାଇ ଠୁ ମଣିଷ ଆଉ କେଇଟା ଚନ୍ଦା

ISSN NO.
2582-208X

ମୁଣ୍ଡର ବାଳ ଭଳିଆ କାଁ ଭାଁ ହେଇ ବଞ୍ଚିଲେ ଗାଁଗୋଟାକ ରେ । ଗଛ ବୃଛଙ୍କ କଥା କିଏ ପଚାରୁଛି । ମରୁଭୁମି । ପୁରା ମରୁଭୁମି । ଆଉ ଯେଉଁ ଗଛ ର ମୂଳ ଟା ମାନ ଅଧା ଅଧା ଭାଙ୍ଗି ଅଣାଏ ଅଂଶର ରେ ଜୀବନ ଧରି ରହିଲେ ସେମାନଙ୍କ ଠେଇଁ ପତର କଅଂଳି ବାକୁ ବର୍ଷେ କି ଦି ବରଷ । ଓହୋ କେଡେ ହୃଦୟ ବିଦାରକ ସେ କଥା ବର୍ଣ୍ଣିବାକୁ ଆଉ ସାଧ୍ୟ ପାଉ ନାହିଁ ସତେ ।

ଆମ ଗାଁ ଟା ଉପରମାଳିଆ । ବୋଇଲେ ଯଉ ଗାଁ କୁ ସମୁଦ୍ର ନହଡି ଖାଏ ମୁହାଣ ଖାଏ ତାକୁ ଆମ ଗାଁ ଗାଉଁଲି ଭାଷା ରେ ତଳମାଳିଆ କୁହନ୍ତି ଆଉ ଯଉ ଯାଏ ଏ ନୁଣୀ ପାଣି କି ପବନ ଯାଏନି ତାକୁ ଉପର ମାଳିଆ କହନ୍ତି ।ନୁଣୀ ପାଣି ଆମ ଗାଁ ମାହାଲ ଯାଏ ଆସୁ ଆସୁ ପଛକୁ ଫେରିଲା । ଦଇବକୁ ଗୋରୁ ଗାଇ, ଘର ଦ୍ୱାର ସିନା କେତେ କୁଆଡେ ଭାସି ହଜିଗଲେ, ଆଉ ତଳମାଳିଆଙ୍କ ଭଳି ମଣିଷ ଭାସି ହଜି ଗଲେ ନାହିଁ । ଅଳପେ ଅଳପେ ରେ ଭାସି ଯାଉ ଯାଉ ମରଣ ମୁହଁ ରୁ ବଞ୍ଚିଗଲେ । ହେଲେ ନୁଣୀ ଆମ ଗାଁ ଯାଏ ଆସିବାରୁ ସେଇ ଦିନ ଠଉଁ ତଲମାଳ ରେ ଗଣା ହେଲା । ସମାନ ମାପକାଠି ବି ସରକାରଙ୍କର । ତଳମାଳିଆ ଆଉ ଉପରମାଳିଆ । ଏମିତି ହିସାବ କରି ବ୍ଲକଓ୍ୱାରି ଖଇରାତ ରିଲିଫ ଠଉଁ ଘର ଭଙ୍ଗା ସହାୟତା, ପୁଣି ନୂଆ ଘର ତୋଳା କୁ ଇନ୍ଦିରାଆବାସ ଖଞ୍ଜେଇ ମିଞ୍ଜେଇ ଦେଲେ ।

ହେଲେ ଯେତେ ଦେଲେ କଉ ପାଉଛି । ମହବାତ୍ୟା ତ ଗଣା ପୋଛ କରି ସବୁ ନେଇଛି । ଆଉ କିଏ ବଡ ଲୋକୀ ଅଛି ନା ଗରିବ । ସବୁ ସମାନ । ଯେଉଁ ବଡ ସାନ୍ତ ଏ ମଳି ମୁଣ୍ଡିଆ ଙ୍କ ଛାଇ ପଡିଲେ ନାହି ଡିଆଁଇ ରାଗ ତମ ତମ ହୁଅନ୍ତି, ଏବେ ରିଲିଫ ପାଇଲା କୁ ତାଙ୍କରି ସାଙ୍ଗରେ ସମାନ ହେଇ ଗୋଟାଏ ଧାଡିରେ ଛିଡା ହୁଅନ୍ତି । ସାଙ୍ଗ ହେଇ କାନି ପତାନ୍ତି, ଦିଅ ଦିଅ ବୋଲି ଚିତ୍କାର କରନ୍ତି, ଆଉ ସମୟ ପଇଲେ ସେଇ ପାଇଁ ହାତ ଉଠା ଉଠି ବି ହୁଅନ୍ତି । ପ୍ରକୃତି, ତା ପାଖରେ କିଏ ବଡ କିଏ ସାନ । ବଡ ବଡ ହେଇ ଭଡ ଭଡ ହେଇଉଥିବା ଲୋକ ଗୁଡାକ ଆଣ୍ଠେଇ ପଡନ୍ତି ସାମାନ ହେଇ ଏଇ ପ୍ରକୃତି ଆଗରେ, ମୃତ୍ୟୁ ଆଗରେ । ପେଟର ଭୋକ ଆଗରେ । ଶେଷ କୁ ରହିଯାଏ କେବଳ ଗୋଟାଏ କଥା, ସମାନ ସଭିଏଁ ସମାନ । ଉଚ୍ଚ ନିଚ୍ଚ କିଛି ନାହିଁ ।

ISSN NO.
2582-208X

ବାତ୍ୟାକାଳୁ ଗୋଟାଏ ରାମ ରାଇଜ ପରି ମନେ ହେଲା ଢେର କେତେ ଦିନ ଯାଏ । ହା ତେରିକି ରାମ ରାଜ୍ୟ, କଉ ରାମ ରାଜ୍ୟ । ସ୍ୱୟଂ ରାମ ରାଜ୍ୟରେ ବି ଜାଲିଆତି । ପରନିନ୍ଦା। ପରଚର୍ଚ୍ଚା । ଅଧିକାର ର ହନନ । ଏଇ ପୁଣି କଳି କାଳ । ଏ ମଣିଷ ପୁଣି ବର୍ତ୍ତିବେ କଳି ଗୋଳ ର ପ୍ରଭାବ ରୁ । ମହାବାତ୍ୟା ଯେଉଁ ଭାଇଚାର ଦେଇଯାଇଥିଲା ସେଇତକ ପହିଲେ କେଇଦିନି ଯାଏ ରହିଲା । ଯଉ ଦିନ ଠଉଁ ଚୂଡା ଚାଉଳ ରୁ ବଢି କପଡା ଲତା ବଣ୍ଟା କୁଣ୍ଟା ଯାଏ କଥା ଗଲା ସେ ଠଉଁ ଭାଇଚାରା ରେ ଯବନିକା ପଇଲା। ଏଣିକି ଯେଝା ଉପାୟ ଯେଝାର । ପାରିବା ବାଲା ଅଖା ପକେଇ ନେଲେ ଆଉ ନ ପାରିବା ବାଲା ଗାମୁଛା ପାତିଲେ ବି ତିଳ ପ୍ରମାଣ ଖୁଦ ମିଳିଲା ନାହିଁ । ଶେଷ କୁ ନିରୁପାୟ ହେଇ ପଞ୍ଚାଏ ଟୋକା ଉଠି ବ୍ଲକ ଅଫିସ ଘେରାଉ କଲାରୁ, ଏଣିକି କଉ ନେତା କି ଫେତା ର କଥା ରହିଲା ନାହିଂ । ପୁଲିସ ଆଉ ସରକାରୀ ବାବୁଙ୍କ ଜିମା ରେ ସବୁ ବଣ୍ଟା କୁଣ୍ଟା ହେଲା।

ଯାହା ଯେମିତି ରେ କଥା ଛିଡୁଥିଲା ଯେ, ଏ ଇନ୍ଦିରା ଆବାସ ବଣ୍ଟାକୁଣ୍ଟା କୁ ଆଉ ସରକାରୀ ବାବୁ ଆଜ୍ଞାଙ୍କର ବି ବୁଦ୍ଧି ପାଇଲା ନାହିଁ । ସରକାରୀ ଘୋଷଣା ସମସ୍ତଙ୍କୁ ଘର ମିଳିବ । ହେଲେ ଆସିଲା ବେଳକୁ ତ ସମୁଦ୍ରକୁ ଶଙ୍ଖେ । ବାବୁଙ୍କର ଅକଲ ଗୁଡୁମ । କାହାକୁ ଅବା ଦେବେ, କାହାକୁ ଅବା ଦେବେ ନାହିଁ । ଲୋକ ତ ହାଁ ହାଁ ଦିଅ ଦିଅ ବୋଲି ଖାଇ ଗୋଡାଉସନ୍ତି ।

ଏଣିକି ଉପାୟ କୁ ତହସିଲଦାର ମହାଶୟ ସ୍ୱୟଂ ନିଜେ ପାଳି କରି ସବୁ ଗାଁ କୁ ଆସନ୍ତି । ଗାଁ ଲୋକକୁ ବୁଝା ସୁଝା କରନ୍ତି ।

: ଶୁଣ, ସରାକର କହିଛନ୍ତି ମାନେ ସମସ୍ତଙ୍କୁ ଘର ମିଳିବ । ହେଲେ ଏ ବର୍ଷ ବଜେଟ ସଟ। ତେଣୁ ଇନ୍ଦିରା ଆବାସ ବାବଦ ମାତ୍ର ଅଳ୍ପ କେତେ ଟଙ୍କା ଶାଙ୍କସନ ହେଇଛି । ସରାକର ୱାର୍ଲ୍ଡ ବ୍ୟାଙ୍କରୁ ଋଣ ଆଣିବେ ନହେଲେ ଅନ୍ୟ କେଉଁଠୁ ଉପାୟ କରି ଫଣ୍ଡ ଦେବେ । ଏ ଇନ୍ଦିରା ଆବାସ ପ୍ରୋଗ୍ରାମ ଏମିତି ଚାଲିଲା ଏଣିକି ଜାଣ । ଆଗ ପଛ ହେଇ ସମସ୍ତଙ୍କୁ ଘର ମିଳିବ । ତେବେ ଅଳ୍ପ କିଛି ଥିବାରୁ ଯେଉଁ ମାନଙ୍କର ନିହାତି ଆବଶ୍ୟକ ଥିବ କେବଳ ସେଇମାନଙ୍କୁ ଦିଆଯିବ ।

ISSN NO.
2582-208X

----- କି କଥା ଆଜ୍ଞା, ଘରୁଟାଏ ପୁଣି କାହାକୁ ଦରକାରେ ନାହିଁ କି ହୋ । ତମେ ଆଜ୍ଞା ଆମକୁ ଯେଉଁ ପାଠ ପଢାଉଛ ତମ ଘରେ ରଖ । ସରକାର କଣ ପାଞ୍ଚ ପ୍ରାଣିର କୁଟୁମ୍ବ ହେଇଛି ଯେ ତାକୁ ଅଭାବ ଗୋଡେଇ ଖାଉଛି । ବାତ୍ୟା ରେ ତା ଘରଦ୍ୱାର ଭାଙ୍ଗି ରୁଜି ଯାଉଛି । ଇହା ପୁଆ ତାଙ୍କର ପୁଣି କି ଅଭାବ । କିଛି ଅଭାବ ଫବାବ ନାହିଁ ହୋ । ଏଇ ଶଳେ ମାରି ଖାଇବାକୁ ଫାନ୍ଦ କରୁସନ୍ତି । ହେଇଟି ସମସ୍ତଙ୍କ ଯେମିତି ଘର ମିଳେ ନୋହିଲେ କାହାର ନାହିଁ । ଆମକୁ ପାଠ ପଢାଉଛ ହୋ ବାବୁ । ସରକାର ତ ଟଙ୍କା ଛପାଉଛନ୍ତି, ବେଙ୍କ ତାଙ୍କ, ତାଙ୍କର ଫେଣେ କି ଅଭାବ । କିଏ ଜଣେ ଅଧେ ପଛରୁ କହିଲେ ।

ସରପଞ୍ଚ ଠୁ ସେକେଟାରୀ, ଯିଏ ଯେମନ୍ତ ଉପାୟରେ ବୁଝେଇଲେ ବି ଗାଁ ଲୋକ ବୁଝିବାକୁ ନାରାଜ ।

କିଏ ଆଜ୍ଞା କାହା ଭାଗ ଛାଡୁଛି । ଚକ ଥରେ ଗଡିଲେ ବାର ହାତ । ସମସ୍ତେ ମୋର ଦରକାର ମୋର ଦରକାର ବୋଲି ହାଉଳି ଖାଇଲେ । କଲି ଗୋଳ ଲାଗିଲେ । ସତରେ ଯଜ୍ଞ ଚରୁ ଅର୍ଣ୍ଣ କି ଆଉ । ବାବୁ ଙ୍କୁ ଆଉ କେଉଁ ଉପାୟ ଦିଶିଲା ନାହିଁ । ଶେଷକୁ ଉପାୟ ହେଲା ନଟେରୀ ଉଠାଣ ହବ, କାଗଜ ଖଣ୍ଡିଏ ନେଖାଏଁ ରେ ଜଣି ଜଣି ସମସ୍ତଙ୍କ ନା ନେଖା ହେଇଁ ଡବାରେ ପଶିବ । ଶେଉଟୁ ଗୋଟାଏ ନଙ୍ଗୁଳି ଗାଣ୍ଡିଆ ଛୁଆ ଆସିବ ଯେ ସେଇଥିରୁ ଗଣି ଗଣି ଦଶଟି କାଗଜ ଟାଣିବ । ଯାହା ନା ବାହାରିବ ତାକୁ ଘର ମିଳିବ । ଆଉ ଯେଉମାନଙ୍କର ମିଳିବ ନାହିଁ ସେମାନେ ଆଉଥରକୁ ପାଳି । ସରକାର ଦେଲେ ଯାଇ ମିଳିବ ।

ଏମିତି ଏମିତି ଗାଁ ଯାକ ଘରର ମୁରବୀ ନା ଲେଖା ହେଇ ଗୋଟାଏ ଡବାରେ ପଶିଲା । ଗୋଟାଏ ଖଡି ନଧରା ଛୁଆ ଆଇଲା ଯେ ଦଶ ଟା କାଗଜ ଟାଣିଲା । ବାବୁ ଆଜ୍ଞା ଗୋଟାଏ ଗୋଟାଏ କରି ସମସ୍ତଙ୍କ ନା ପଢିଲେ । ଅରକ୍ଷିତ କୁ ଦଇବ ସାହ ପ୍ରମାଣେ ପଢିଲେ ଖେପ ରେ ବାସୁଆ ଦାଦି ର ନା ପଇଲା ।

ISSN NO.
2582-208X

ହେଲେ ବାସୁଆ ଦାଦି କଉ ଅଛି ଯେ ଶୁଣିବ । ସିଏ ତ ହେତୁ କାଳୁ ତ ପେଟ ପୋଷିବାକୁ ଘର ଦ୍ୱାର ଛାଡି ଯାଇ କଲିକତା ରେ କଉ ବାବୁ ଘରେ ପାଇଟି କରୁଛି । ଆଉ ଏଇଠି ବାକି ଦି ପ୍ରାଣୀ ର ସଂସାର । ସୁଲ ଖୁଡୀ ଆଉ ବାସୁଆଦି ପୁଅ ଭାଗ୍ୟଧର ।

ଏଇ ଶଳା ପୁଅ ଭଗିଆ ତ ଅଠର ଓଲା, ସେଇଠି ବଇଛି ଖୁଣ୍ଟ ଟା ଭଳିଆ । ଆଁ କରି ଖାଲି ବୋପା ନାଁ ଟାକୁ ଶୁଣୁଛି ।

ଯାହା ନା ସବୁ ଡାକିଲେ ସିଏ ସବୁ ଯାଇ ହାଜିର ହାଲେ । ଘଡିଏ ଅଧଘଡି ଗଲା ରୁ ଗୁଡ ବଣା କୁ ଜହ୍ନା ପିମ୍ପୁଡି ଭେରିଲା ଭଳିଆ ଯେଉଁ ମାନଙ୍କର ଭାଗ୍ୟ ଦୋଷରୁ ଘର ମିଳିଲା ନାହିଁ ଯାଇ ବେଢି ଧରି ସାରିଲେଣି ତହସିଲଦାର ମହାଶୟଙ୍କୁ । କେହି କେହି ବଡ ପାରିବାର ହେଇ ବାସୁଆ ଦାଦି ନା କୁ ଚାପି ଦବାକୁ ଜୋର ଦଉଥାନ୍ତି । ଆଉ କିଏ ତା ଯାଗାରେ ନିଜ ନା କୁ ଅରଡ ଟାକୁ କରିଦେବାକୁ କହୁଥାନ୍ତି । ଆଉ କିଏ ଆଉ କେବେ ମିଳିବ କେତେ ମିଳିବ ଇତ୍ୟାଦି ଇତ୍ୟାଦି ମିଳିବ, ଇମିତି ସିମିତି ପଚାରି ଅଯଥା ଗହଳି କରୁଥାନ୍ତି । କିଏ ଜଣେ ଭାଗ୍ୟଧର ର କାନ ଟାଣି ଠାଏଁ କରି ଚାପଡ ଟାଏ ଦବାରୁ ହଁ ହଁ ହେଇ ଗଢିଏ ଉଠାରୁ ଗହଳି ଭିତରୁ ହାଉଳି ଖାଇ ଉଠି ଠିଆ ହେଲା ।

: ଆଜ୍ଞା ଆଜ୍ଞା ସା ଆଜ୍ଞା ର। ଆଜ୍ଞା ସାର । ଆଜ୍ଞା ସାର

ସେଠି ତହସିଲଦାର ବାବୁ ଙ୍କୁ ଛାଡିଦେଲେ ଆଉ କେଉଁ ସାର ଅଛନ୍ତି ନା ଫାର ଅଛନ୍ତି । ଶେଉଟୁ ତହସିଲଦାର ମହାଶୟ ଶବ୍ଦ ବାରି କହିଲେ ହଁ ହଁ କୁହ କଣ ହେଲା

: ଆଜ୍ଞା ଆମର ଘର ମିଳିଛି

: ତମେ କିଏ

: ମୁଁ ଭଗୁ, ଭାଗ୍ୟଧର

: ଆରେ ମୁଁ ପରା ବାସୁଦେବ ସାହୁ ଡାକିଲି, ତମେ କିଏ

: ଆଜ୍ଞା ଭଗୁ । ସିଏ ହାଉସନ୍ତି ମୋ ବାପା । ମୁଁ ହଉଛି ତାଙ୍କ ପୁଅ । ବାପା ଘରେ ନାହାନ୍ତି ଯେ ମୁଁ ଆଇଛି । ମୁଁ ଘର ନେବି ।

ISSN NO.
2582-208X

: ନା ନା ତମକୁ ମିଳିବନି, ଯାଅ ଘରେ ଯଦି ଆଉ କିଏ ମୁରବୀ ଅଛନ୍ତି । ଡାକି ଆଣ, ତାଙ୍କ ନା ରେ ମିଳିବ ।

: ମତେ କାଇଁ ମିଳିବନି ମୁଁ ପରା ତାଙ୍କ ପୁଅ ।

: ଆରେ ବାବୁ କହିଲି ପରା ତମକୁ ମିଳିବନି । ଯାଅ ବୋଉ କୁ ଡାକି ଆଣ । ତାଙ୍କରି ନାରେ ଓ୍ୱାର୍କ ଅର୍ଡର ବାହାରିବ ।

ତହୁଁ ଭଗୁ ଏକା ନିଶ୍ୱାସ କେ ଧାଇଁ ଯାଇ ଘରେ । ଶେଉଟୁ ସୁଲ ଖୁଡୀ ଆଇଲା ରୁ ବାବୁ ଆଜ୍ଞା ତା ନାରେ ଘର ନେଖିଲେ ଆଉ ଏ ଯେତେ ଅଲପେଇଶ ପର ଧନ ଖିଆ ଥେଲେ କାନ ମୁଣ୍ଡା ଆଉଁସି ଆଉଁସି ଘର କୁ ଗଲେ ।

ଇଆଡେ ବାସୁଆଦି ଘର ମିଳିଲା ଯେ, ତାକୁ ତ ଏ କଥା ଅଗୋଚର । ଆଉ ଏ ମାଇପିଟା କଣ ଆଉ ଏ ସବୁ ଜିନିଷ କୁ ନେଇ ଆଣି ଥୋଇପାରିବ । ସୁଲ ଖୁଡୀ ଭଗୁ ହାତରେ ପଇସା ଦେଇ ତାର କରି ପଠେଇଥେଲା । ବୋପା ପୁଅ କଣ କଥା ଭାଷା ହେଲେ ଆଉ ବାସୁଆ ବୁଢା କଲମ ବୋଇଲେ କଣ ବୁଝିଲା କେଜାଣି, ଦିନ ଚାରିଟାକୁ ଦି ପେଟି କଲମ ଧରି ସିଧା ସିଧା କଲିକତା ରୁ ଆସି ଘରେ ।

ଘରେ ପହଞ୍ଚୁ ପହଞ୍ଚୁ ଦାଣ୍ଡ ଏରୁଣ୍ଡି ଡେଇଁଛି କି ନାହିଁ, ବଡ ପାରିବାର ଭଳି ହାଉଳି ଖାଇ ବସିଲା , "ଆରେ ଶଳା ଛ' ଟା କଣ, ଯା ଯେତେ ମନ ସେତେ କଲମ ନଗଉଥା ଘରେ । କହିଲା କଣ ନା ଛଟା କଲମ ଦେଇ ଘର କରିବ ଯେ ପହିଲେ ଦଶ ହଜାର ନୋଡ଼ା । ତିନି ପେଟି ଆଣିଛି, ଯା ଯେତେ ପାରୁଥା କରୁଥା ଘର ।"

ସୁଲ ଖୁଡୀ ତର ତର ହେଇ ଦାଣ୍ଡ କବାଟ ଆଉ ଯେଇ ଦେଇ କହିଲା,

"ଆରେ ବାଡିପଶା ଅଠର ଓଲା, ଏଇ କଲମ ରେ କଣ ଘର ହେବ । କେଡେ ନୋକ ସରମ କଥା, ଏ କଲମ କଥା ଟା କଣ ବୋପା କୁ କହି ନଥେଲେ ହେଇ ନଥାନ୍ତା, କେମିଇତି ଏ ବୋପା ପୁଅଙ୍କୁ ନେଇ ଘର କରିବ କେଜାଣି, ବୋପା ଓଲା କୁ ପୁଅ ଅଠର

ISSN NO.
2582-208X

ଓଲା । ସାଇ ଭାଇ ଜାଣିଲେ ଆଉ ମାନ ମହତ ରହିବ ଟି ।ଓହୋ । ଦାଣ୍ଡ ମୁଣ୍ଡରେ ଆଉ ମୁଣ୍ଡ ଉଠେ ବାଟ ଚାଲିବ ଟି ମଣିଷ ।

ଏ ସବୁତକ ଦୋଷ ଖାଲି ଭଗିଆ ର ନୁହଁ । ଉଣାଏ ଅଣାଏ ହେଇ କିଛି ଦୋଷ ବି ଏଇ ଫୁନ ର । ସେ ବେଳେ କି ଏତେ ସୁବିଧା ସୁଯୋଗ ଥିଲା କି ଯେତେବେଳେ ପହିଲେ ପହିଲେ ଟେଲିଫୋନ ଅଇଲା ସେ ସବୁ ସେଇ ସହର ବଜାର ରେ ରହିଲା । ଗାଁ ଗଣ୍ଡାକୁ ସାତ ସପନ । ଅଗତ୍ୟା ଖୋଜ ଖବର କୁ ଯଉ ଚିଠି କୁ ସେଇ ଚିଠି । କେତେବେଳେ ଯଦି ବଡ ଜରୁରୀ କଥାଟାଏ ପଡେ, ସାଇକେଲ ମାରି ଜଗତସିଂହପୁର ଯାଏ ଗଲେ ସେଇଠି କେଇଟା ଫୁନ ଦୋକାନ, ସେଇଠୁ ଯାହାକୁ ଯେମିତି କଥା । ବାସୁଆ ବୁଢା କଉ ହାକିମ ହୁକୁମା ଟାଏ ହେଇଛି ଅବା । କଲିକତା ର କଉ ଝୋଟ କଳରେ ପିଆଦାଟାଏ । ତା ପୁଣି ଗୋଟାଏ ବାବୁ ଘରେ । ସପ୍ତାହ କୁ ଥରେ ଅଧେ କେତେବେଳେ କାମପଇଲେ କେମିତି କମ୍ପାନୀ ଆଡେ ଆସେ । ଆଉ ଯଦି ଯୋଗ ଥାଏ ଖୋଜ ଖବର ଥାଏ ସେଇ ଅଫିସ ରୁ ମିଳିବ । ସେଇଥିରେ ପୁଣି ଖବର ଦେବାକୁ କେଡେ ହୁନ୍ନର । ଅଗତ୍ୟା ଏ କଲମ, ଲେଖା କଲମ ନୁହେଁ ବୋଲି ଭଗିଆ ଆଉ ବାପ କୁ ବୁଝେଇ ପାରିଲା ନାହିଁ । ଆଉ ସିଏ କଉ ଜାଣିଛି ବାପ କିଛି ବୁଝି ନଶୁଝ ଏମିତ ଦି ପେଟି କଳା ଧରି ଆସି ଘରେ ପହଞ୍ଚିବେ । ଏମିତି ନୋକନଜ୍ୟ କରେଇବେ ।

ବେଳେ ବେଳେ ବାସୁଆ ଦାଦି କି ଦେଖିଲେ ମାନେ ହୁଏ କେମିତି ଏ ଲୋକଟା କେଜାଣି । ଏତେ ବର୍ଷ ବାହାରେ ରହି ସିନା ସହର ବଜାର କଲା । କଉ ଅର୍ଥ କୁ । ସାତ ବର୍ଷ ର ଛୁଆ ଟାଏ ବି ସାଙ୍ଗରେ ଗଲେ ବିକି ଭାଙ୍ଗି ଦେଇ ଆସିବ । ଭଲ ମନ୍ଦ ର ବୁଦ୍ଧହୀ ଆଜି ଯାଏ ଜାଣିଲ ନାହିଁ । କେଡେ ନିଷ୍ପାପ ସତରେ ।

ଯାହା ଯେମିତି ହଉ ତିନି ପେଟି ର କଲମ ଶେଷ କୁ ରଫା ଦଫା ହେଲା ଶାଗ ମାଛ ମୁଲରେ ପଦନ ସଉ ଦୋକାନ ରେ । ପହିଲେ ନାହି ନାହିଁ ହେଇ କେଡେ ନାହି ଗଡେଇଲା । ବେପାର କରିବା ର ବଡ କାଇଦା ଜଣା ତାକୁ । କଣ ନ ମିଳିବ ତା ଠି । କଉ ଜିନିଷ ନବିକୁଛି । କହିଲା କଣ ନା ଏତେ ଟିକେ ଗାଁ ରେ ଏତେ କଲମ କିଏ ନବ, ଯେମିତି ଜଣା ନାହିଂ ସତରେ । ଜେଇନ୍ତି ଅଧା ପଇସା କଥା ପାଟିରୁ ବାହାରିଛି ପୁଅ ଖୁସ କିନା

ISSN NO.
2582-208X

ବଢେଇଦେଲା ପଇସା, ଶାଳା ଡବଲ ତିବଲ କରି ବିକିବ ଗୋଟାକୁ ଗୋଟା । କଣ ନା କେହି ନେବେ ନାହିଁ ।

ଏଇ ପଦନ ର ଗୋଟାଏ ଯୋଗ୍ୟମନ୍ତ ପୁଅଯେ ପବନପୁତ୍ର । କଉ ପବନପୁତ୍ର । ରେ କିଏ ଡାକୁଛି । ଖାଲି ପବନା କୁ ରାଇଜ ନାହିଂ । ଶଳା ନା ଯେମିତି ଗାଁ ସେମିତି । ପବନା ଏତେ ଧୂତ ଯେ ଇହା ପୁଅ ବୋପାକୁ ବି ନେଇ ହାଟ ରେ ସାତ ଥର ବିକି ଭାଙ୍ଗି ଆସିବ । କଞ୍ଜା ଡାହାଣୀ ର ଆଖିରୁ କଳା ଚୋରୀ କରି ଆଣିବ କେତେ ହୁନ୍ଦର ରେ ଯେ କାହାକୁ ଅଣାଏ ଅଂଶରେ ସଂଶୟ ହେବନାହିଁ । କନ ମିରିଗ ଭଳିଆ ଏତେଟା ମାନ କରି କାନ ଡେରିଥିବ ଯେ କଉ କଥା ର ଗୋପ୍ୟ ନାହିଂ ଗୋଚରକୁ । ଗାଁ ଟା ଯାକର କଥା ତ ଆରି ବୋପା ଦୋକାନରେ ମନ୍ତ୍ରଣା, ତହୁଁ କଉ ବର୍ତ୍ତୁଛି ଆ ଠଉଁ । ସେ ଇ ଜାଣି ବାସୁଆ ଦାଦି ର ଏ କଲମ କଥା ଟା ଗାଁ ଯାକ ପ୍ରଘଟ କଲା ।

ଲୋକେ ଆଉ ବୁଢାକୁ ଦାଣ୍ଡ ମୁଣ୍ଡରେ ଚଳେଇ ବସେଇ ଦେଲେ ନାହିଁ । ଇହା ପୁଅ ବାସୁଆ ଦାଦି କଣ ତା ପୁଅ ଭଗୁ ବି ବର୍ତ୍ତୀଲା ନାହିଁ ଲୋକ ବିଟାଳ ରୁ । ଘର କାମ ଜେଇଠି ରହିଲା ସେଇଠି ବାସୁଆ ଦି ଫେଣେ ଧାଇଁ ପଳେଇଲା କଲିକତା । ଅଗତ୍ୟା ସୁଲ ଖୁଡୀ ମୂଲ ମଜୁରିଆ ଆଉ ପର ଲୋକ କୁ ଭରଷା କରି ଘର କାମ ତକ ସାଇଲା ।

ବାସୁଆ ଦି ତ ସହଜେ ଆଗରୁ ଘର ଦୁଆର କୁ ଆସନ୍ତି ନାହିଁ । ପୁଣି ଏ ଯଉ କାଣ୍ଡ । କି କାଣ୍ଡ । ଆଜି କଥା କାଲିକି ନାହିଁ । ଦିନେ ଅଧେ ଥୟ ଧଇଲେ ହୁଅନ୍ତା । ସେତେକ ବୁଝିବାକୁ ନାରାଜ । ଯଉ ଥରେ ଅଧେ ଆଇଥବ ବୁଢା ବର୍ଷକୁ ଯଦି କିଏ କଉଁଠି କଲମ ବୋଲି ଗଲା ଜାକି କହିଲା ସେଇଠୁ ଆରମ୍ଭ ହବ ମହାଭାରତ । ତେଣୁ ବାସୁଆ ଦାଦି ର ଯିବା ଆସିବା ପ୍ରାୟ କେହି ସେମିତି ଜାଣନ୍ତି ନାହିଁ । ଆସିଲେ ଯେଉଁ ଦିନେ ଅଧେ ରୁହେ ଟା ପୁଣି ଘରଟା ଭିତରେ । ସତରେ ଯେମିତି ଗୋଟାଏ ଗୋରୁମାରି ପକେଇଛି । ଗୋଟାଏ ବଡ ଅପ୍ରାଧ ଟାଏ କରିଛି କି ଆଉ ।

ଏମିତି ଏମିତି ରେ ସାତ ଆଠ ବର୍ଷ କଟିଗଲା । ଇଆଡେ ଭଗୁଆ ବଡ ହେଇ ଭାଗ୍ୟଧର । ମତଲବ ସାତ ଆଠ ବର୍ଷ କଣ ଛୋଟିଆ ସମୟ ଗୋଟାଏ ଯୁଗ । ସେଇ ଭିତରେ ଭଗୁଆ

ISSN NO.
2582-208X

ର କଲେଜ ପଢା ଶେଷ । କଲେଜ ପଢୁଆ ଏଡେଟା ମାନ ଛୁଆଙ୍କୁ ସେଇଠି ଆଉ କିଏ ଏ ନାହି କଟା ନାରେ ଡାକୁଛ ଯେ ଭଗୁ ଭଗୁ ବୋଲି । ଭଗୁଆ ସେଇଠି ଭାଗ୍ୟ ନହେଲେ ଭାଗ୍ୟଧର ଡକାହେଲେ  । ବାବୁ ଭଗିଆ ବି ମାଟ୍ରିକ ଖଣ୍ଡକ ପାସ କରି ଗାଁ ଛାଡିଲାରୁ ଏବେ ଟିକେ  ଚାଲାଖ ଚତୁର ସିଆଣାହେଲେଣି । ହେବେନି ପାଠ ପଢି ମୁରୁଖ କାଳିଦାସ ତ ପୁଣି ପଣ୍ଡିତ ହେଲେ । ବାସୁଆ ଦାଦି ସିନା ପର ପାଇଟି କରି ଯଉଁ ଅତାଳ କୁ ସେଇ ଅଟାଲ, ଭଗୁ ତ କେଡେ ପାରିବାର । ତା ଦେଇ ଡି ଅକ୍ଷର ପାଠ ହୁଏ । ଆଉ କଣ ଏ ଓଲା ତଳେ ସବୁ କାଳ କୁ ନା ଲେଖିଥାନ୍ତା । ପୁଅ ଦି ଅକ୍ଷର ପାଠ ପଢି ମଣିଷ ହଉ  ଚାଲାଖ ଚତୁର ହେଉ ସେତିକି ତ ଇଛା ବାସୁଆ ଦାଦିର । ସିଏ ସିନା ଗାଁ କୁ ଆସେ ନାହିଁ ହେଲେ ତା ଆସିବା ନ ଆସିବାର ଅଭାବ କେଭେ ହେଇନେଇ ଭଗିଆ କୁ । କଥାରେ ପରା ଅଛି ନଇ ଛାଡିଲେ କି କରେ ନା, ଦୁଧ ଛାଡିଲେ କି କରେ ମା । ଇଏତ ସହଜେ ବାପ । କେବଳ ଖର୍ଚ ଆଉ ବାକି ଦାଇତ୍ୱ ତୁଲେଇବାକୁ ଲୋଡା, ବାସୁଦାଦି ହଉ ପଛେ ଅଠର ଓଲା ଏ ଦାଇତ୍ୱ ତୁଳାରେ କେବେ ହେଳା ନାହିଂ । ସେ ଦଦରିଆ ପର ବେଠି  ନଗା ଚାକିରି ରେ ବି ବଡ ଯତ୍ନ ରେ ସବୁ ଦାଇତ୍ୱ ତୁଲେଇଛି ପୁଅର ।

ଗୋଟାଏ ବୋଲି ଛୁଆ , ତାକୁ କଣ ଆଉ କେଉଁଥିରେ ଉଣା କରିଥାନ୍ତା ସିଏ । ଆଜି ସିନା ଦି ଅକ୍ଷର ଭଲ ରେ ପଢିଥିଲେ କାଲି କି ନିଜ ଗୋଡରେ ନିଜେ ଛିଡା ହେବ ନହେଲେ ଅକନ ଏମିତି ପର ପାଖେ ପାଇଟି କରି ଦିନ ଯିବ । ବାବୁ ଭାଗ୍ୟଧର କଲେଜ ପାଠ ସାରିଲା ବେଳକୁ ଯବାନ । ଏଇଠୁ ଜୀବନ ର ଅସଲି ପରୀକ୍ଷା ଆରମ୍ଭ । ଏଇଠୁ ସ୍ୱପ୍ନ ର ମୂଲ୍ୟାଙ୍କନ ଆରମ୍ଭ । ବାବୁ ଭାଗ୍ୟଥର ଆର ଭିତରେ ବାହା ସାଜି ହେଇ  ଘର ସଂସାର କରି ସାରିଥାଏ। ପାଖ କଉ ବିଦ୍ୟାଳୟରେ ଯୋଗା  ଯୋଗ ରୁ ମାଷ୍ଟର ଚାକିରି ଖଣ୍ଡେ ବି କରିଥାଏ, ହେଲେ ସେ ସବୁ ନା କୁ । ପ୍ରାଇଭିଟ ଚାକିରି ରେ କି ଦରମା । ହଜାର ପନ୍ଦର୍ଶ ହେଇ ମିଳୁଥାଏ । ଘର ଖର୍ଚ୍ଚ କୁ ନିଅଣ୍ଟ । ତେଣୁ ସବୁ ସେଇ ବାସୁଆ ଦାଦି ଉପରେ ଭରଷା । ବୋପା ପୁଅଙ୍କ ଆଯ ମିଶେଇଲେ ବି ମାସ ଶେଷକୁ ନଖଟ । ତେବେ ବାସୁଆ ଦାଦି ଯାଉ ଭାବିଥେଲା ପୁଅ ବାଃ ସାରି ବୋହୁ ଆଣିଲାରୁ ଘରେ ବସି ଟିକେ ନିଶ୍ୱାସ ମାରିବ ସେତକ ଆଉ ହେଲା ନାହିଁ । ଲୋଭ ବୋଇଲେ ଯେଉଁ ଜିନିଷ କାହାକୁ ଛାଡୁଛି । ଏଣିକି ବୁଢା ରୋଜଗାର ଉପରେ ବୁଢା ଠଉଁ ବେଶୀ ଲୋଭ ପୁଅ ବୋହୁଙ୍କର । ଅଳ୍ପେ ବହୁତେ

ISSN NO.
2582-208X

ସବୁ ପୁଅକର ତ ଲୋଭ ବୋପା ସମ୍ପତି ଉପରେ । ତେଣୁ ବୋପା କହିଲେ ସମ୍ପତି ଆଉ ସମ୍ପତି କହିଲେ ବୋପା ଏମିତି । ଏମିତି ଏ ଦୁନିଆ ନିୟମ । ବୁଢାର ରିଟାଡ ହବାକୁ ଆଉ ଅଳପ କିଛି ଦିନ ଥାଏ ।

ପୁଅ ବୋହୂ ଭାବିଥିଲେ ବାସୁଆ ଦାଦି ରିଟାଡ ହେଲାବେଳକୁ ଟଙ୍କା ପୁଳାଏ ଧରି ଘରକୁ ଫେରିବ । ଅଗତ୍ୟା ସେତକ ହେଲା ନାହିଁ । ବାସୁଆ ଦାଦି ର  ଚାକିରି ଆଉ ଛ ମାସ ଥାଉଁ କମ୍ପାନୀ ରେ ତାଲା ଝୁଲିଲା । ଝୋଟ କମ୍ପାନୀ ରେ ଆଏ ଦିନ ଦୁର୍ଘଟଣା । ନିଆଁ ପାଣି କାରବାର କମ୍ପାନୀ ରେ । ଥରେ ନିଆଁ ନାଗି କମ୍ପାନୀ ଜଳିଲା ଯେ ସେ ନିଆଁ ଯାଇ କମ୍ପାନୀ ରେ ମୁଣ୍ଡ ବିକିଥିବା ଲୋକର ଭିତର ଘର ଯାଏ ଧଇଲା । କମ୍ପାନୀ ଆଉ ଚାଲିଲା ନହିଁ । ମାଲିକ ଯିଏ ଯାହା ବାଟରେ ଚମ୍ପଟ ମାରିଲେ ମୂଳ ମଜୁରିଆ ଉନିୟନ ଓ୍ୱାର୍କର ଯେତେ ଯିଏ ଥେଲେ ଦିନାକାତେ କମ୍ପାନୀ ଗେଟ ରେ ଧାରଣା ରେ ବସିଲେ । କେଉଁ ଫଳ । ମାଲିକ ର ଦେଖା ଦର୍ଶନ ନାହିଁ । କଥା ଆଉ ଧାରା ଧାରଣା ର ନୁହଁ । ଆଇନ କାନୁନ ର ଖେଳ । କୋଟ କଚେରୀ ର ଖେଳ । ଯେଉଁତକ ମୁଣ୍ଡିଆଳ ହେଇ ଧାରଣା ର ଆଗଛମା ରେ ବସିଥିଲା, ଆପଣି ବୁଝାମଣା ହେଇ ଉଠି ଉଠା ଗଲେ । ବାକି ଯଉମାନେ ଥିଲେ ସେମାନଙ୍କୁ ଆଶାଟାଏ ମାନ ଧରେଇ ଦେଇ ଗଲେ ।

"ମିଳିବ, ନିଶ୍ଚୟ ମିଳିବ, ଏ ଗଣତନ୍ତ୍ର ରାଷ୍ଟ୍ର ରେ ମୁଲିଆ ର ମୂଲ କେହି ଲୁଟି ନେଇ ପାରିବେ ନାହିଁ । ତୁମେ ବ୍ୟସ୍ତ ହୁଅନା, ସେ ପାଇଁ ନିୟମ ଅଛି, କାନୁନ ଅଛି । ଯେ ପର୍ଯ୍ୟନ୍ତ ଆମ ର ହକ ମିଳିନାହିଁ ଏ ଲଢେଇ ଜାରି ରହିବ । ଏବେ ତମେ ଭାଇ ମାନେ ନିଜ ନିଜ ଗାଁ କୁ ଯାଅ, ଉନିୟନ ର ଆଗାମୀ କାର୍ଜ୍ୟପନ୍ଥା ସବୁ ଯାହା ସ୍ଥିର ହେବ ଆପଣମାନଙ୍କୁ ଜଣାଇ ଦିଆଯିବ ।"

ବିଚରା ବାସୁଆ ଦାଦି ଶେଷକୁ ନିରାଶ ହେଇ ଘରକୁ ଫେରିଲା । ସାରା ଜୀବନ ଯାକ ମାତ୍ର କେଇଟା ପଇସା ରେ ମୁଣ୍ଡ ବିକିଥିବା ଲୋକ ର ଶେଷ ଜୀବନ ର ସବୁତକ ସମ୍ବଳ କହିଲେ ସେଇ ପିଏଫ ଆଉ ଗ୍ରାଚୁଇଟି । ଏ ତେଲ ଲୁଣର ସଂସାର ଭିତରେ ପେଟକୁ ଗଣ୍ଡେ ଢଙ୍ଗରେ ଦାନ ଯୋଗାଡ କରିବା ଯେଉଁଠି କାଠିକର ପାଠ ସେଇଠି ଏମିତି ଗରିବ ର ଅନ୍ୟୋପାୟ ରେ ଅର୍ଥ ସଞ୍ଚୟ ଗୋଟାଏ ହାସ୍ୟାସ୍ପଦ କଥା ନୁହେଁ କି । ତେବେ

ISSN NO.
2582-208X

ବାସୁଆ ଦାଦି ର ତ ବେଡି ଉପରେ କୋରଡା ବୋଝ । ଯେଉଁ ବାବୁ ଘରେ ସିଏ କାମ କରେ, ମାସ ଶେଷକୁ ଘରକୁ ପଇସା ପଠେଇ ଆଉ ନିଜ ର ଅଳପ କେଇ ପଇସା ର ଖର୍ଚ୍ଚ ସାରିବା ଉତ୍ତାରୁ ଯେଉଁ ସହେ ପାଆଁସ ବଳେ ତାକୁ ବାବୁଙ୍କ ହାତକୁ ଟେକିଦିଏ । ବାବୁ ତାକୁ ତାଙ୍କ ବେଙ୍କ ଆକାଉଣ୍ଟ ରେ ରଖନ୍ତି । ପୁଣି ଦରକାର ପଡିଲେ ବାସୁଆଦି ତାଙ୍କଠଉ ମାଗି ଆଣି ଭିନ ଭିନ କାର୍ଯ୍ୟ ତୁଲାଏ । ବାବୁ ଦେବତା ସମାନ, ବଡ ବିଶ୍ୱାସୀ ଲୋକ । ହେଲେ ଏ ନିଆଁ ସେ ବିଶ୍ୱାସ ଟିକକ କୁ ବି ପୋଡି ଖାଇଲା । ଯେବେ ଷ୍ଟ୍ରାଇକ ଚାଲିଲା, ଏ ମୂଲିଆ ମେହେନ୍ତର ତ ମାଲିକ ର ଦେଖା ଦର୍ଶନ ପାଇଲେ ନାହିଁ, ତେଣୁ ସବୁ ଯାକ ରାଗ ଏ ବାବୁ ମାନଙ୍କ ଉପରେ ସୁଝେଇଲେ । ଏମାନେ ନା ଏକୁଳର ହୁଅନ୍ତି ନା ସେ କୁଳର । ଦୁଇ ଚକି ଭିତରେ ପେଷଣୀ ହେଇ ପେଶୀ ଯାନ୍ତି ସିନା । କମ୍ପାନୀ ରେ ଓ୍ୱାର୍କର ଅସଲ ମାଲିକଙ୍କୁ ଦେଖନ୍ତି ନାହିଂ । ଏଇ ମେନେଜର, ସିଓ, ଫିୟ୍ ଏମାନଙ୍କୁ ମାଲିକ ମଣନ୍ତି । ଆଉ ଏମାନେ ବି କଉ କମ । ବେଳେ ବେଳେ ରୋବାବି ତ ଅସଲ ମାଲିକ ଠୁ ବଳି ବହପ ଖାଏ । ତେଣୁ କଲି ଗୋଳକୁ ଏମାନଙ୍କ ପିଠିରେ ପଡିବନି କଣ ଆଉ ଗାଁ ବାଲାଙ୍କ ପିଠିରେ ପଡିବ । ଏମାନଙ୍କୁ ଖୋଜି ଖୋଜି ଅଘର ଦୁଆରୀ ଉତ୍ତମ ମଧ୍ୟମ ହେଲା । ଟେଳା ପଥର ଫୋପଡା ଫୋପାଡି କରି ଘର ଦ୍ୱାର ଭାଙ୍ଗିଲେ । ଅଗତ୍ୟା ରାତି ଅଧରେ ଲୁଚି ଲୁଚି ପ୍ରାୟ ସବୁ ବାବୁ ଭାୟାଙ୍କୁ କଲିକତା ଛାଡିବାକୁ ପଡିଲା ।

ବାସୁଆ ଦାଦି ଯେଉଁ ବାବୁଙ୍କ ଘରେ କାମ କରନ୍ତି ସିଏ ବି ସେମିତି ଲୁଚି ଲୁଚି ଡିଆଁ ମାରିଲେ । ଆଉ ବାସୁଆ ଦାଦିର ବାବୁ ସାଥେ ଭେଟ ମିଳିଲା ନାହିଂ । ଇଏ ବି କଉ ଚାଲାଖ ଚତୁର ଟାଏ ବି ହେଇଛି ଅବା ଯେ ବାବୁ ର ପତା ଲଗାନ୍ତା । ଅଗତ୍ୟା ଯାହା ଯେତେ ତାଙ୍କ ପାଖରେ ରଖିଥିଲା ସେତକ ବି ବୁଡିଲା ।

ଶେଷକୁ ଯାହା ଯେମିତି ଜଣେ ମଣିଷ ଚଳିବାକୁ ହାତ ଜିନିଷ କେଇ ଖଣ୍ଡ କରିଥିଲା , ତାକୁ ବିକି ଭାଙ୍ଗି ଘର ମୁହାଁ ଧରିଲା ବାସୁଆଦି । ଇଆଡେ ପୁଅ ବୋହୂ ତ ମନେ ମନେ ଗୁଡ ମୁଆଁ ଖାଇ ବଇଛନ୍ତି । କେତେ ଯୋଜନା ସବୁ ହେଇଥିଲା ସେଇ ପଇସା ରେ । ସେତେକ ଆଉ ହେଲା ନାହିଂ । ବାସୁଆ ଦାଦି ଘରକୁ ଖାଲି ଗୋଟାଏ କଲିକତି ବେଗ ଆଉ ଟିଣ ଟ୍ରଙ୍କଟାଏ ଧରି ଆସିଲା । ଖାଲି ସେତିକି ଆଣି ଆସିଥିଲେ ହେଇଥାନ୍ତା ସାଙ୍ଗେରେ ଗୋଟାଏ ବଡ ବେମାରି ଧରି ଆସିଲା ।

ISSN NO.
2582-208X

କୁଷ୍ଠ, ବଡ ବେମାରୀ । ଥରେ ହେଲେ, ମଣିଷ ର ମୃତ୍ୟୁ । ନହେଲେ ଆଜୀବନ ବିକଳାଙ୍ଗ, ଏ ଧାରଣ ସମ୍ପୂର୍ଣଯାଏ ମନରୁ ଲିଭି ନଥାଏ ଏତେ ପ୍ରଚାର ପ୍ରସାର ପରେ ବି । ପୋଥି ବାଇଗଣ ଆଉ ବାଡି ବାଇଗଣ, ଦିହିଁକି ଫରକ ଅଛି ନା ନାହିଁ । ବାସୁଆଦି ଗାଁ କୁ ଫେରିବା ବେଳକୁ ତା ବାଁ ଗୋଡ ଗୋଇଠି ରେ ଗୋଟାଏ ଶୋରିଷ ଭଳିଆ ଘା ହେଇଥିଲା ଯେ ତାକୁ ଯେତେ ଔଷଧ ପତର ଦେଇ ଚିକିତ୍ସା କଲେ ସୁଖିବା ର ନା ନେଲା ନହିଁ । ଏ ଗାଁ ଗାଉଁଲି ରେ ମାଟି କାଦୁଅ ନାଗି ବେଳୁସୁଁ ତିଳ ରୁ ଗୋଡ ଯାକ ଭେରିଲା ।

ପାଦାନ ସାହୁ ପୁଅ ପବନୀ ଏ ଭଗିଆ ଭଳି ଏତେ ପାଠ ଶାଠ ନ ପଢିଲେ ବି ଆଜନ୍ମ ସିଆଣା । ଦୁନିଆ ଦାରି ବିଷୟ କୁ ତା ବୋପା ସରିକି ଆଗଭର । କଟକ ତ ନିଇତି ଗଲା ଆଇଲା ବାଟ ତାକୁ । କୁଳ ବେଉସା କୁ ବୋପା ବିଦ୍ୟା ଆ' କୁ ଜଣା । ବେଶୀ ହେଲେ ଚାରି ଆଠ ଦିନ ନୋହିଲେ ହପ୍ତାହହେ କେ ମାଲଗୋଦାମ ରେ ହାଜିରା, ଏବେ ତ ବୋପା ଭଳିଆ ଆଉ ସେ ମାଟି ଚାଳ ଛପର ଘର ର ଦୋକାନ ନାହିଁ । ହେଇ ବୋଇଲେ ଗଙ୍ଗା ଠଉ ଗୟା ଯାଏ ନମେଇଲାଣି ବେପାର । ଘର ଦ୍ଵାର ଯାହାକୁ ଯେତେ । ସେ ଖଣ୍ଡ ମଣ୍ଡଳ ର ହୋଲ ସେଲର । ତେଣୁ ଆଏ ଦିନ କଟକ ଯିବା ଆସିବା । କଟକ ସହର ର ଗଳି କନ୍ଦି ଠଉଁ ବଡ ଡାକ୍ତର ଖାନା ର ଡାକ୍ତର ଚାମ୍ବର, ତାଙ୍କ ପିଆଦା, ତାଙ୍କ ଓଷଦ ଦୋକାନ, ଆତା ପାତା ସବୁ ମାଲୁମ । ନହେବ କି । ସେଇ ପାଇଁ ତ ଗାଁ ଯାକରେ ଡାକ । ମାନେ, ସମ୍ମାନ ।

ଭଗୁ ଯେତେ ଚାଲାଖ ଚତୁର ହେଲେ ବି ଟାଉନ ବଜାର ଦେଖିଲେ ମୁଣ୍ଡ ବୁଲାଏ, ଗାଡି ମଟର ପେଁ ପାଁ କୁ ଲୋକ ବାକ ହାଉ ଯାଉ । ସବୁ ଏକାକର ପରି ମଣେ । ପୁଣି ତା ଉପରକୁ ବଡ ମେଡିକାଲ, ଜାଣିଥିବା ଲୋକ ସାଥିରେ ନଗଲେ କ୍ଷଣିକେ ସର୍ବସାନ୍ତ । ଏବେ ପବନୀ ର ଲୋଡା ପଡିଲା । ଦିହେଁ ବାସୁଆଦି କି ସାଙ୍ଗରେ ଧରି ଗାଁ ଗାଡିରେ କଟକ ବାହାରିଲେ । ବୁଢା ଥଙ୍ଗ ଥଙ୍ଗ ମଙ୍ଗ ଅମଙ୍ଗ ହାଉଥାଏ । ସେଉଠୁ ଯାଇ ପହଞ୍ଚିଲେ ବଡଡାକ୍ତର ଖାନା । ସେତେବେଳକୁ ବେଳ ଆସି ଗଡିବା ଉପରେ । ସେଦିନ ଆଉ ଡାକ୍ତରଙ୍କ ସହ ଭେଟ ପଡିଲା ନାହିଁ । କେମିତି ହୁଆନ୍ତା, ଗୋଟାଏ ଡାକ୍ତର କୁ ହଜାରେ ହଜାରେ ରୋଗୀ । ସିଏ ତ ପୁଣି ଗୋଟାଏ ମଣିଷ । ଭୋର ପହର ରୁ ରାତି ଘଡିଏ ଯାଏ କେତେ କେତେ ଲୋକଙ୍କ ସାଙ୍ଗରେ ଚବର ଚବର । ଯେତେ ଚାହିଁଲେ ବି ବଳି ପଡିବେ

ISSN NO.
2582-208X

ଆଗ ଦିନକୁ କେଜାଏ । ଅଗତ୍ୟା ଏମାନଙ୍କୁ ରହିବାକୁ ପଡିଲା ଜବରଦସ୍ତି ତା ଆରଦିନକୁ । ଆର ଦିନ ଡାକ୍ତର ନାଡି ପରୀକ୍ଷା କରି ଇଆଡୁ ସିଆଡୁ କରି କଣ ପୁଳାଏ ପ୍ରେସକ୍ରିପସନ କାଗଜ ଉପରେ ଲେଖିଲେ, କଣ ଲେଖିଲେ କାହାକୁ କିଛି ବୁଝା ପଡିଲା ନାହିଂ । ପ୍ରେସକ୍ରିପସନ ର ପୃଷ୍ଠା କ ଯାକ ଭର୍ତ୍ତି, ହେଲେ ପଢି ମନ କଲେ କେବଳ ନା ଖଣ୍ଡକ

ଆର. ଏକ୍ସ. ବାସୁଦେବ ସାହୁ, ବୟସ ୬୨

ତେଣିକି ଖାଲି ଗାରମୟ । ଡାକ୍ତରୀ ଭାଷା, ସାଧାରଣ ଲୋକର ବୁଝିବାର ବାହାର । ପବନୀର ଦୋକାନ ଚିଠା ଠଉ ବି ଭୟଙ୍କର । ପବନୀର ବାହାଦୁରି ଆଉ ଭଗିଆ ର ବିଦ୍ୟା ବି ଫେଲ ମାଇଲା ସେଇଠି । ଡାକ୍ତର ମହାଶୟ ଲେଖା ଲେଖି ସାରିବା ପରେ ଆଉ ଗୋଟାଏ କଉ ଜାଗାକୁ ପଠେଇଲେ ପରୀକ୍ଷା ନିରୀକ୍ଷା କରିବାକୁ ।

ଏ ପରୀକ୍ଷା ନିରୀକ୍ଷା କରୁଥବା ବାଲା ବି ହମବଡା । ଡାକ୍ତର ଠୁ ବେଶୀ ଜାଣିଥିବାର ଭାବନ୍ତି । ସବୁ ଡାକ୍ତରୀ ବିଦ୍ୟା ର ସାରାଂଶ ଆଙ୍କରି ମୁଣ୍ଡରେ । ଏତେ ଏତେ ବର୍ଷ ରାତି ଦିନ ଏକା କାର କରି ପାଠ ଶାଠ ପଢିଥିବା ଡାକ୍ତର ଗୁଡାଙ୍କ ଠଉ ଦି ଚାରି ଟା କଣ ମେଡିକାଲ ଟର୍ମ, ରୋଗ ବଇରାଗ ଆଉ ଡାଇଗ୍ନୋସିସ କଥା ଶୁଣିଥିଲେ ସେଇ ଆକୁ ସର୍ବମୟ ମନେ କରନ୍ତି । ଧନ୍ୟରେ ମଣିଷ । ଶାସ୍ତ୍ର କହିଛି ପାଠୁଆ ହବ ନହିଲେ ମୂର୍ଖ । ଏ ଅଧା ପାଠୁଆ ହେଇ ଦୁନିଆ ଜିଣିବାକୁ ପାଗ ଭିଡିବା ବଡ ମାରାତ୍ମକ । କିଛି ନଜାଣି ମଣିଷ କୁ ବାରେଣା ଡରେଇ ମାରିବେ ଏମାନେ ।

ଯେତେ ସବୁ ପରୀକ୍ଷା ନିରୀକ୍ଷା ହେଲା ,ଶେଷକୁ ଏଇଆ ନିଷ୍କର୍ଷ ବାହାରିଲା, ବୁଢା କୁ ଲେପରଶି ହେଇଛି । ମାନେ କୁଷ୍ଠ । ବେଳେ ବେଳେ ଏଇ ଶୁଦ୍ଧ ଓଡିଆ ଶବ୍ଦ ଗୁଡାକ ବି ଭୟ ଦିଏ, ଖାସ କରି ବେମାରୀ ମାନଙ୍କର ନା । କୁଷ୍ଠ , ଯକ୍ଷ୍ମା , ରାଜଯକ୍ଷ୍ମା ଏମିତି ଏମିତି ।

ଡାକ୍ତର ମହାଶୟ ରିପୋଟ ଦେଖିବା ପରେ ଗୋଟାଏ ନିଶ୍ୱାସ ନେଇ କହିବା ଆରମ୍ଭ କଲେ: "ବୁଝିଲ ମୁଁ ଭାବୁଥିଲେ ଆହୁରି କିଛି ସିରିୟସ ବାହାରିବ ବୋଲି । ତୁମର ଭାଗ୍ୟ ଭଲ । ବ୍ୟସ୍ତ ହୁଅନା ମଉସା । ମୁଁ ଯେଉଁ ମେଡ଼ିସିନ ଲେଖିଦଉଛି ଆକୁ ନିୟମିତ ଖାଅ । ଏବେ

ISSN NO.
2582-208X

ମାସେ ପନ୍ଦର ଦିନ ଘା ସୁଖୀ ନଯିବା ଯାଏ ଟିକେ ଆଇସୋଲେସନ ରେ ରୁହ । ତେଣିକି ଆଉ କିଛ ଅସୁବିଧା ନାହିଁ । ପୁଣି ଭଗୁ କୁ ଚାହିଁ କହିଲେ, "ସେ ତ ବୁଢା ହେଲେଣି ତମେ ଆଜି ଯାଏ କାହିଁ ଚାଇଁ ବସିଥିଲ । ଏତେ କେୟାରଲେସ ହେଲେ ଚଳିବ । ଟିକେ ଯତ୍ନ ନିଅ ବାପାଙ୍କର " ।

ଭଗୁ ସବୁ ଶୁଣି ଖାଲି ମୁଣ୍ଡ ଟୁଙ୍ଗାରୁ ଥାଏ । ଇଆଡେ ମନ ରେ ଭୟ ଖାଇଲାଣି । ସାଇ ଭାଇ ରେ ସାମାନ୍ୟ କଲମ କଥା ଟାକୁ ନେଇ ଏତେ ହଲାପଟା କଲେ, ଏ ବଡ ବେମାରୀ କଥା ଯେବେ ବୁଝା ପଡିବ ତେବେ ବାସନ୍ଦ ହବା ଥୟ ସିନା । ଏ ଯଉ ପବନୀ ଖଣ୍ଡକ, ଆ ପାଟିରେ କଣ ବାଡି ବାଟୁଳି ଅଛି । ଗଲା କ୍ଷଣିକ ଗାଁ ଯାକ ଚହଳି ପକେଇବ, କେମିତି ମୁହଁ ଧରି ଥୟ ଧରିବ ମଣିଷ । ଆଉ ସିନା ନିଆଁ ପାଣି ବାସନ୍ଦ ର ଯୁଗ ନାହିଁ, ହେଲେ ମନ କୁ ବାସନ୍ଦ କରିବାକୁ କିଏ ରୁକିବ । ମୁଣ୍ଡ ଉପରେ ବୋଝ ର ପର୍ବତ ଖସିପଡିବା ପରି ମନେ ହେଉଥାଏ । ସେଇଠୁ ବଡ କଷ୍ଟେ ମଷ୍ଟେ ଗାଁ ଗାଡି ଧରିଲେ ତିନିହେଁ । ମନ କଥା ମନରେ ଥାଏ ।

ଘଡିଏ ବସିବା ସରିକି ପବନୀ ତା ଆଡୁ କହିଲା, "ଦେଖ ଭଗୁ ଗାଁ ଗାଁଉଲି ଲୋକ ଏ ସବୁ କଥା ବୁଝନ୍ତି ନାହିଁ । ଯୁଗ ଯାଇ କଉଠି ପହଞ୍ଚିଲାଣି, ହେଲେବି ସେମାନେ ଆଜି ବି ଏଇ କୁଷ୍ଠ ନା ଶୁଣିଲେ ନାକ ଟେକିବେ, ତୁ କାହାରିକି କହିବୁ ନାହିଁ । ଚାରି ଛ ମାସର କଥା । ଥରେ ଭଲ ହେଇଗଲେ ତେଣିକି ସବୁ ଯିବ । ଏବେ ଏଇ କଥା ଟାକୁ ଲୁଚେଇ ରଖିଲେ ଭଲ" ।

ଭଗୁ ପବନୀ କୁ ହାଁ କରି ଅନେଇଥାଏ, କେଡେ ପାରିବାର ସତରେ ଏ ପବନୀ, ପାଠ ସାଠ ନ ପଢିଲେ ନାହିଁ, ଦୁନିଆ ଜାକାର କଥା କୁ କେଡେ ଚଅଟ ବୁଝିନେଇଛି ସତରେ ।

ଭଗିଆ ର ମାଇପ ଟା ଏତେ ଗୁଣର ନୁହଁ । ଏତେ ପାଠ ସାଠ ନାହିଁ, ଅଧ ପଢୁଆ । ପୁଳାଏ ଡିମାଣ୍ଡ ଯଉତୁକ ପାଇବ ବୋଲି ସୁଲ ଖୁଡୀ ରାଜି ହେଇଥେଲା ବେଙ୍ଗକୁ ବୋହୂ କରି ଆଣିବାକୁ, ନହେଲେ ଟା ଚାଲାଖି କଥା କଣ ଆଉ ମାଲୁମ ନଥେଲା କି । ସୁଲ ଖୁଡୀ ବେଙ୍ଗ ର ସବୁ ହୁନ୍ଦର ଜାଣେ, ସେରେ ଗୁଡ ରେ ଗାଁ ଯାକ ସିରିଣୀ ଭସେଇବା ଲୋକ

ISSN NO.
2582-208X

ସିଏ। କଥା ତ ସରଗରୁ ଛିଣ୍ଡେଇ କହିବ ଯେ ପାଟିରେ ବାଟୁଳି ବାଯିବ ନାହିଁ । କି ମାତ୍ର ସୁଣ୍ଡା ଯେ ମାଗି ବସିଲେ ଦିହରୁ ମାଳୀ ଟିକେ ବି ଦବାକୁ ନାରାଜ । ସୁଲ ଖୁଡୀ କି ବୋହୁର ଏ ଦୁର୍ଗୁଣ ଶୁଗୁଣ ଭଳିଆ ମହ ମହ ବାସେ। ନ ହେବ କି । ଏ ବୋପା ପୁଅ ଯେଉଁ ଚାଲାଖ ଚତୁର, ଯଦି ସେମିତି ଘରୁଆ ଘର ଝିଅ ନ ପାଇଲା । ତା ସଂସାର ବିନରବୟ । ଖାଲି ସେଇଥି ପାଇଁ ଅଚ୍ଯୁତ ପଧାନ ପରି ସୁଣ୍ଡା ର ଝିଅ କୁ ବୋହୁ କରିବାକୁ ରାଜି ହେଇଥିଲା ସୁଲ ଖୁଡୀ ।

ମେଡିକାଲ ରୁ ଫେରିବା ପରେ ଭଲ ମନ୍ଦ ବିଚାରରୁ ବେଙ୍ଗ ଖାଲି ଶେଷ କୁ ଜୋଡାଏ କଥା ବୁଝିଲା, କୁଷ୍ଠ ଆଉ ଆଇସୋଲେସନ । ମାନେ ବୁଢା ସହ ଆଉ କେହି ମିଶିବେନି । ସିଏ ଏକଘରିକିଆ ହେଇ ରହିବ । ଏଠି ଆଇସୋଲେସନ ର ଅର୍ଥ ଯେ ମାତ୍ରାଧିକ ଯତ୍ନ ସେ କଥା କୁ କେହି ବୁଝିବାକୁ ନାରାଜ । ତେଣିକି ତାଙ୍କ ଘର ଭିତରେ କଣ କେମିତି କଳି କଜିଆ ହେଲାଯେ ଦିନ ପନ୍ଦର କୋଡିଏ ଟା ଯାଇଛି କି ନଯାଇଛି ଭଗୁ ବାସୁଆଦି କି ନେଇ କଟକ ରେ କଉ ଆଶ୍ରମ ରେ ଛାଡି ଆସିଲା ।

ବାସୁଆଦି କଲିକତା ଛାଡି ଆସିବା, ତାକୁ ବଡ ବେମାରୀ ହେବା ଆଉ ସିଏ ଯାଇ ଆଶ୍ରମ ରେ ରହିବା , ଆରି ଭିତରେ ବିତି ଯାଇଥିଲା ଆଠ ଦଶ ବରଷ । ଥରେ କଲିକତା ରୁ ବୁଢା ନାଁ ରେ ଖଣ୍ଡେ ରେଜିଷ୍ଟ୍ରି ଚିଠି ଆଇଲା କଉ କମ୍ପାନୀ ରୁ । ଲେଖାଥିଲା ଆସନ୍ତା ମାସ ୨୫ ତାରିଖ ସୁଧା ହାଜିର ହେଇ କାଗଜ ପତ୍ର ଜମାକଲେ ପିଏଫ, ପେନସନ ଆଉ ଗ୍ରାଚୁଇଟି ଟଙ୍କା ମିଳିବ । ଖାଲି ବାସୁଆଦି ନୁହଁ ବାକି ଆଉ ଅନ୍ୟ ଯଉମାନେ ଥିଲେ, ସମସ୍ତଙ୍କ ପାଖକୁ ଚିଠି ଖଣ୍ଡେ ଖଣ୍ଡେ ଆସିଥିଲା । କିଏ ଜଣେ ଆଗମୁହଁ ହେଇ ଯିବାରୁ ହିସାବ ରୁ ଜଣା ପଡିଲା ଜଣକା ହାରାହାରି ସର୍ବନିମ୍ନ ଦୁଇ ରୁ ତିନି ଲକ୍ଷ ଲେଖାଏଁ ଟଙ୍କା ମିଳିବ । ସେତେବେଳ ପୁଅ ର ଖୋଜା ପଡିଲା ବାପ କୁ । ବାପ କିଏ ମଣିଷ ନା ଟଙ୍କାରେ । ହେଲେ ବାପ କେଉଁ ଘରେ ଅଛି ଯେ । ତାକୁ ତ ବୋଝ ମଣି ଛାଡି ଆଇଥେଲା କଉ ଆଶ୍ରମ ରେ । କଉ ମୁହଁ ନେଇ ଅବା ସେଠାକୁ ଯିବ । ଛାଡି ଆଇଲା ଦିନ ପ୍ରତି ସପ୍ତାହ କୁ ଆସି ଦେଖା କରି ଯିବ ବୋଲି କଥା ଦେଇଆସିଥିଲା । ପ୍ରଥମେ ଥରେ ଦୁଇଥର ଯାଇଥେଲା ବର୍ଷେ ଦି ବର୍ଷ ଯାଏ । ହେଲେ ଏବେ ଆଉ ଗଲା କେଇ ବର୍ଷ ହେବ ବୁଢାର ଆଉ କିଛି ଖୋଜ ଖବର ନବାର ନାହିଂ । ମଲା କି ଗଲା ସେ କଥା ମାଲୁମ ନାହିଁ।

ISSN NO.
2582-208X

ଏବକୁ ଯାଇ ପୁଣି ଖୋଜା ପଡିଲା । ବଡ ଚୋରିଷ୍ଠ ହେଇ ହଉ କି ଚୋର ମୁହଁ ଟାଣ କରି ବାବୁ ଭଗୁ ଚାଲିଲେ ଆଶ୍ରମ । ହେଲେ ସେଠି ଆଉ ବାସୁଆଦି ର କିଛି ଖୋଜ ଖବର ନଥିଲା । ବୁଢା ନଥବାର କଥା ଶୁଣି ରାଧା ଚଡକ ପଡିଲା ଭଗିଆ ର ମୁଣ୍ଡରେ । ବୁଢା ତ କେବେ ଠଉ ଆଶ୍ରମ ଛାଡି ପଞ୍ଚାଏ ବାଜିଙ୍କ ସହ ବୁଲି କୁଆଡେ ତୀର୍ଥ କରି ଯାଇଛି ଦି ତିନି ବର୍ଷ ହେଲାଣି । ମଲାଣି କି ଗଲାଣି କାହାର ଖୋଜ ଖବର ନାଇଁ । ଯଉଠି ଆପଣା ପୁଅର ଖୋଜ ଖବର ନାହିଁ ବୋପା ମା'ର ସେଇଠି କେଇଟା ପଇସା କୁ ଚାକିରି କରିଥିବା ଏ ଆଶ୍ରମ ର କେୟାର ଟେକର ପିଲା ର ର କି ଦାଇତ୍ୱ । ଅଗତ୍ୟା ଏ ଯାଏ ପୁଲିସ କମ୍ପ୍ଲେନ ବି ହେଇନି । ବଡ ନିରାଶରେ ଫେରୁଥିଲେ , ଭଗିଆ । ନା ନା ବାବୁ ଭାଗ୍ୟଧର ।

ବାକି ଅନ୍ତବାସୀ ଭିତରେ କେହି ଜଣେ ଟାହି କରି କହୁଥିବାର ଶୁଣା ଗଲା :

ବାବୁରେ ଜୀବନ ର ଚାରି ଆଶ୍ରମ ରୁ ଶେଷ ଅବସ୍ଥା ହଉଛି ଏ ବାନପ୍ରସ୍ଥ । ଇଠୁ କି କଣ ଉଆପସ ଘରକୁ ଯାଏ । ମଶାଣି କୁ ସିନା ସିଧା ବାଟ ଏଇଠୁ । ଯା ଯା କଉ ଦଣ୍ଡା ମୁଣ୍ଡରେ ଖୋଜବୁ ଯା ବୋପା କୁ ।

ଭଗୁ ଅଣନିଶ୍ୱାସୀ ହେଇ ପଡୁଥିଲା ବେଳକୁ । ଏ ଜୀବନ କିଛ ନୁହଁ । ସବୁ ମିଛ ସବୁ ମିଛ । ସତ କେବଳ ଏ ବାନପ୍ରସ୍ଥ । ହେଲେ ପୁଣି ଜଳ ଜଳ ହେଇ ଦିଶୁଥିଲା ବୋପା ର ପିଏଫ, ପେନସନ ଆଉ ଗ୍ରାଚୁଇଟି ଟଙ୍କା ।

ହେଲେ ବୋପା । ଏଠି କାହାର ବୋପା ଲୋଡା ନାହିଁ । ଟଙ୍କା ଲୋଡା । ବୋପାମାନେ ବାନପ୍ରସ୍ଥ ଯାଆନ୍ତୁ । ହା ହା ହା

ହରିପା, ଜଗତସିଂହପୁର

ISSN NO.
2582-208X

# ମାନବିକତା ହଜିଗଲା କେଉଁଠି ?



ବର୍ଷାରାଣୀ ମହାମଲ୍ଲିକ

ସବୁ ଜୀବନ ଠୁଁ ମଣିଷ ଜୀବନ
ଦୁର୍ଲଭ ବୋଲି ଜାଣିଛୁ,
ମାନବ ହୋଇ ତୋ ମାନବିକତା କୁ
କେଉଁଠି ହଜାଇ ଦେଇଛୁ।।
ପର ଲୁହ ଦେଖି ହସୁ ତୁଇ ସଦା
ପରକୁ ନିନ୍ଦା ତୁ କରୁଛୁ,
ସମବେଦନା ତ ଦୂରରେ ରହିଲା
ଦୁଃଖେ ନିଜେ ଆସି ଲାତ ମାରୁଛୁ।।
ଥିଲା ବାଲା ହୋଇ ନ ଦେଇ କାହାକୁ
ନ ଥିଲା ଠାରୁ ଶୋଷୁଛୁ,
ଭଗବାନ ତତେ ଦେବା ପାଇଁ ଦେଇଛନ୍ତି
ଜାଣି ଅଜଣା ତୁ ହେଉଛୁ।।
କାହା ଭାତ ଥାଳିରେ ଭାତ ଦେରେ ତୁହିଁ
ଯଦି ଭାଇ ଦେଇ ପାରୁଛୁ

ନିଷ୍ଠୁର ମଣିଷ ଭାତ ଦେବା ଛାଡ଼ି
ଧୂଳି ସେଇଠି ତୁ ଫିଙ୍ଗୁଛୁ।।
କଂସ, ରାବଣ ବି ହାରିଯିବେ ତୋ
ଠାରେ
ନିର୍ଦ୍ଦୟ, ନୃସଂଶ ହେଉଛୁ,
ଜୀବ ଠାରେ ଦୟା ତୁ କି କରିବୁ ରେ
ଦେଖିଲେ ହାଣି ପକାଉଛୁ ।
ବଡ଼ ସାନ ତୁହି ମାନୁନାହୁଁ ଜମା
ବଡ଼ କୁ ଅସମ୍ମାନ କରୁଛୁ,
ସାନ ଠାରେ ତୋର ସ୍ନେହ ଶ୍ରଦ୍ଧା ନାହିଁ
କଥା କଥା ରେ ତୁ ମାରୁଛୁ।।
ଗୁରୁ ପାଦ ତଳେ ପୂଜା କି କରିବୁ
ଗୁରୁଙ୍କର ନିନ୍ଦା କରୁଛୁ,

ISSN NO.
2582-208X

ଗୁରୁ ନିନ୍ଦା ମହାପାପ ଅଟେ
ତଥାପି ତୁ କି ଟିକେ ବୁଝୁଛୁ।
ଧନ୍ୟ ତୁହି କଲି ଯୁଗ ର ମଣିଷ
ଧନ୍ୟ ତୋ ରାକ୍ଷସ ପ୍ରକୃତି,
ଧନ୍ୟ ତୋର ବ୍ୟବହାର କୁ ବି
ଧନ୍ୟ ତୋର ଏ ରାଜନୀତି।
ନିଜେ ଅପମାନ ସହି ତୁ ପାରୁନା
ଅନ୍ୟକୁ କରୁ ଅପମାନ
ନାରୀ ଅପମାନ ବଡ଼ କଥା ନୁହେଁ
ତୋ ପାଇଁ ତାହା ସାମାନ୍ୟ।।
ପର କୁ କନ୍ଦାଇ ହସି ତୁହି ପାରୁ
ଦୟା, କ୍ଷମା, ଗୁଣ ନାହିଁ,
ତଥାପି ତୁ ଡିଣ୍ଡିମ ପିଟୁ
ଭଲ ମଣିଷ ଟେ ମୁହିଁ।।
ଧନ୍ୟ ରେ ମଣିଷ ତୁଚ୍ଛ ତୋ ଜନମ
ଧର୍ମ କର୍ମ ଜାଣୁନାହୁ,
ପର ଧନ କୁ ଛଡାଇ ଆଣି
କେତେ ଫୁଟାଣି ତୁ ମାରୁ।।

ବାପା, ମା କୁ ବି ଅଣଦେଖା କରୁ
ଜ୍ଞାତି କୁଟୁମ୍ବ ତ ଦୂର
ଆହା ପଦେ ଜମା ବାହାରେ ତ ନାହିଁ
କେତେ ଅହଙ୍କାର ତୋର।
ଅନ୍ୟ କେହି ଜଣେ ଉପର କୁ ଗଲେ
ଇର୍ଷା ହୁଏ ତୋର ମନେ,
ଲୋକ ଜାଣି ତୁହି କାମ କରୁଥାଉ
ଭାବୁ କେଢ଼େ ଚାଲାକି ତୁ ମନେ ମନେ।
ସମୟ କୁ ଦେଖି ନିଜକୁ ରେ ତୁହି
ସୁଧାରି ନେ ପୂର୍ବରୁ,
ମାନବିକତା ଟା ମାନବ ର ଗୁଣ
ତାକୁ ଟିକେ ଧ୍ୟାନ ଦେଉ।।

ବରଗଡ଼
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ISSN NO.
2582-208X

# ଲାଗିଛି ଡୋରି ଯିବି ମୁଁ ପୁରୀ



ବିନୋଦିନୀ ଦାଶ

ଲାଗିଛି ଡୋରି ଯିବି ମୁଁ ପୁରୀ
ଦେଖିବି ଜଗନ୍ନାଥ
କେଡ଼େ ସୁନ୍ଦର ସେ ମନ ଚୋର
ମୋର କଳା ସାଆନ୍ତ ।

ଭାବ ଲଗାଇ ଟାଣି ନିଅଇ
ତା'ର ଭକତ ଜନେ
ହୁଏ ପାବନ ଚର୍ମ ନୟନ
ତାକୁ ଅବଲୋକନେ ।

ଅଠରନଳା ବାଟମଙ୍ଗଳା
ତା'ପରେ ବଡ଼ଦାଣ୍ଡେ
ଚାଲିବି ନମି ଅରୁଣସ୍ତମ୍ଭ
ଭକତଙ୍କର ଭିଡେ ।

ସିଂହଦୁଆରୁ ଚଢ଼ିଚଢ଼ିକା
ବାଇଶଟି ପାହାଚ
ଯେବେ ଯିବି ମୁଁ ମନ କରିବ
ଭାବଭକ୍ତିର ନାଚ ।

ଶିରୀମନ୍ଦିରେ ଠେଲାପେଲାରେ
ନେତ୍ର କୋଣେ କାଳିଆ
ତୋଷିବି ତାକୁ ଭକତି ଚିତ୍ତେ
ଦେଇ ବାଡ଼ି ନଡ଼ିଆ ।

ଦୁଇ ବାହୁକୁ ଊର୍ଦ୍ଧ୍ୱ ପ୍ରସାରି
ନମିବି ଯୋଡ଼ହସ୍ତେ
ଭାବ ବିଭୋରେ ମନ ଅଧୀରେ
ପୂଜିବି ହୃଦଗତେ ।

ISSN NO.
2582-208X

ସାହାଣ ମେଲା ମଙ୍ଗଳ ବେଳା
ଯେବେ ଭାଗ୍ୟରେ ଥିବ
କଳା ରତନ ଜୀବ-ଜୀବନ
ପୂର୍ଣ୍ଣ ଦର୍ଶନ ଦେବ ।

ଅଙ୍ଗୁ ତୁଳସୀ ଫୁଲ ଚନ୍ଦନ
ବାସକୁ ଦେବ ଲେସି
ହାତ ପତେଇ ଜଗତ ପାଇଁ
ମାଗୁଥିବି ମୁଁ ଖୁସି

ସୁଖଦୁଃଖକୁ ତା' ସାଥେ ବାଣ୍ଟି
ହେଉଥିବି ହରଷ
ନଥିବ ଆଉ ଟିକିଏ ମୋର
ମନରେ ଅବଶୋଷ ।

ହଜିଯିବି ମୁଁ ତା'ର ପ୍ରେମରେ
ଅନ୍ତରେ ପବିତ୍ରତା
ହରଷେ ଲୁହ ବୁହାଉଥିବି
ପାଶୋରି ଭବ ଚିନ୍ତା ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଦୁହିତା



ବାଙ୍କାବିହାରୀ ମହାକୁର

କେଡେ ଅଳିଅଳି ଯେମିତି ତିତିଲି
ଘର ବଗିଚାରେ ବୁଲେ
ପିତାମାତା ସ୍ନେହେ ହସୁଥାଏ ସଦା
ଭାଇଭଉଣୀର ମେଳେ ।

ଝିଅ ଜନମଟି ପର ଘର ପାଇଁ
ଲିଖିତ ବିଧିବିଧାନେ
ଯୌବନାବସ୍ଥାରେ ଯାଏ ଶାଶୁଘର
ନବ ଭାବ ବୋହି ମନେ ।

ଦୁଃଖ ଯନ୍ତ୍ରଣାକୁ ହୃଦୟରେ ଚାପି
ଛାଡିଯାଏ ବାପଘର
ଅଜଣା ସଂବନ୍ଧେ ବାନ୍ଧିହୋଇ ସିଏ
ସଭିଙ୍କୁ କରେ ନିଜର ।

ଶାଶୁଶଶୁରଙ୍କ ସେବାକରେ ନିତି
ସ୍ୱାମୀଙ୍କ ମନକୁ ଜିଣେ
ନଣନ୍ଦ ଦିଅର ସ୍ନେହ ଆଦରେ
ଭାବ ଆଶାଦ୍ୱୀଜ ବୁଣେ ।


ସଂସାର ଜଂଜାଳ କର୍ତ୍ତବ୍ୟ ପଥରେ
ଦାୟିତ୍ୱକୁ ଆପଣେଇ
ବନ୍ଧୁ ପରିବାର କରେ ଆପଣାର
ଭାବ ଡୋର ବାନ୍ଧିଦେଇ ।

ବିବାହ ବନ୍ଧନେ ବାନ୍ଧି ହୋଇଯାଇ
ବୋଲାଏ ସିଏ ଦୁହିତା
ମଙ୍ଗଲ ମନାସେ କୁଳ ରକ୍ଷାକରେ
ଉଭୟ କୁଳକୁ ହିତା ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ବନ୍ଦ ଝରକା



ବିନୟ ମହାପାତ୍ର

ଛୋଟିଆ, ଅନ୍ଧାରୁଆ ବନ୍ଦ କୋଠରୀଟାରେ ଅର୍ଜୁନକୁ ଅଣନିଶ୍ୱାସୀ ଲାଗୁଥିଲା । ମନେ ମନେ ଭାବିଲା ଝରକା ସବୁ ଖୋଲି ଦେବି, ଟିକିଏ ଶିତଳ, ନିର୍ମଳ ପବନ ତ ମିଳିବ, ଘର ଭିତରର ଅନ୍ଧାରରେ ଟିକିଏ ଆଲୁଅ ବି ଦିଶିବ । ଝରକା ପାଖକୁ ଗଲା, ଝରକା ଖୋଲିବାକୁ ଯେତେବେଳେ ହାତ ବଢାଇଲା, ହଠାତ୍ ମା କେଉଁଠି ଥିଲେ କେଜାଣି, ପଛରେ ଆସି ଠିଆ ହୋଇ ଗଲେ, କହିଲେ, ଆରେ ହେଇ, କଣ କରୁଛୁ ? ଖୋଲନା ସେ ବନ୍ଦ ଝରକାକୁ ।

ଅର୍ଜୁନ ଆଶ୍ଚର୍ଯ୍ୟ ହୋଇ ପଚାରିଲା, କାହିଁକି ମା' ? ଦେଖୁନ ଘର ଭିତରେ କିପରି ନିଶ୍ୱାସ ରୁନ୍ଧି ହୋଇ ଯାଉଛି, ବହୁତ ଅନ୍ଧାରୁଆ ବି ଲାଗୁଛି । ଭାବୁଛି ଝରକା ସବୁ ଖୋଲି ଦେବି । ଟିକିଏ ତାଜା ପବନ ଆସିବ, ଟିକିଏ ଆଲୁଅ ବି ଆସିବ, ବନ୍ଦ କୋଠରୀର ପରିବେଶ ବଦଳି ଯିବ, ମନ ଦେହ ସବୁ ତାଜା ଲାଗିବ ।

ମା ଟିକେ ସନ୍ଦେହ ଭରା ଆଖିରେ ଅର୍ଜୁନ ମୁହଁକୁ ଚାହିଁଲେ, ମୁହଁ ତାଙ୍କର ଗମ୍ଭୀର ଦେଖା ଯାଉ ଥିଲା । ସତେ ଯେପରି କିଛି ଗୋଟାଏ ଅସ୍ୱାଭାବିକ ଘଟଣା ଘଟିବାର ଆଶଂକା ତାଙ୍କ ମନକୁ ଡରାଇ ଦେଉ ଥିଲା, ଏବଂ ଗଭୀର ଚିନ୍ତାରେ ତାଙ୍କର ମନ ବିଚଳିତ ହୋଇ ଯାଉଥିଲା । ଟିକିଏ ବିରାମ ନେଇ, ଡରରେ ସୁଖି ଆସୁଥିବା ତାଙ୍କ ପାଟିରୁ ବଡ କଷ୍ଟରେ ନିଗାଡି ନିଗାଡି ଟୋପିଏ ଛେପ ଏକାଠି କରି ପିଇ ଗଲେ, ନଜର ସୁଖିଲା କଣ୍ଠକୁ ଟିକଏ ଓଦା କରି ନେଲେ । ତା ପରେ ସେ ଅର୍ଜୁନର ଆହୁରି ପାଖକୁ ଲାଗି ଆସି, ତାର ହାତ ଧରି

ISSN NO.
2582-208X

ଟାଣି ନେଲେ ବେଡ ପାଖକୁ, ସେଇଠି ତାକୁ ବସାଇ ଦେଲେ । ବଡ ନୀରିହ ଗୃହାଣୀରେ ଥରେ ତାକୁ ଦେଖି ନେଇ ପଗ୍ଭରିଲେ, ତୋତେ ବିଶ୍ୱାସ ହେଉଛି, ବାହାରେ ଶୁଦ୍ଧ ଶିତଳ ପବନ ବୋହୁଛି ଆଉ ନର୍ମଳ ଆଲୋକ ଅଛି ବୋଲି ?

ମା'ଙ୍କର ଏପରି ସନ୍ଦେହ ଭରା ପ୍ରଶ୍ନ ଶୁଣି ଅର୍ଜୁନ କିଛି କ୍ଷଣ ହତବାକ୍ ହୋଇ ରହି ଗଲା, କିଛି କ୍ଷଣ ନୀରବ ରହିବା ପରେ କହିଲା, ଏଥିରେ ସନ୍ଦେହ କରିବାର କଣ ଅଛି ମା ? ଏଇଟା ସର୍ବ ବିଦିତ ସାଧାରଣ କଥାଟିଏ । ଘର ବାହାରେ ଯେ ନିଶ୍ଚୟ ଶୁଦ୍ଧ ଶିତଳ ପବନ ବୋହୁଥିବ, ଏଥିରେ ସନ୍ଦେହ କଲା ପରି କଣ ଅଛି ? କେବଳ ବନ୍ଦ ଝରକାକୁ ଖୋଲିବାର ଆବଶ୍ୟକତା ରହିଛି । ବନ୍ଦ ଝରକା ଥରେ ଖୋଲି ଦେଲେ ଦେଖିବ, ଘର ଭିତରକୁ ଶିତଳ ପବନ ଅବଶ୍ୟ ଆସିବ, ଆଲୋକ ବି ଆସିବ । ଏଇ ରୁନ୍ଧି ହୋଇ ଯାଉଥିବା ଅନ୍ଧାରୁଆ ଘରଟି ପୁଣି ଶୁଦ୍ଧଶିତଳ ପବନରେ ଭରି ଯିବ ଆଉ ଆଲୋକିତ ମଧ୍ୟ ହୋଇ ଯିବ । କିନ୍ତୁ ଝରକା ଖୋଲିବାକୁ ତୁମେ କାହିଁକି ମନା କରୁଛ ?

ଅର୍ଜୁନ ମନେ ମନେ ଭାବୁଥିଲା, ମା କାହାକୁ ଏତେ ଡରୁଛନ୍ତି ? ବାହାରେ କିଏ ଅଛି, କଣ ଅଛି ଝରକା ସେପଟେ ? ପିଲା ଦିନେ ରାତିରେ ଶୋଇଲା ବେଳେ ଅଝଟ କଲେ, ଝରକା ସେପାଖେ ବାୟା ବୁଲୁଛି ବୋଲି କହି ଡରାଇ ଡରାଇ ଶୁଆଇ ଦେଉ ଥିଲେ । ମୁଁ ଏବେ ବି କଣ ସେଇ ଦୁଇ ବର୍ଷର ଛୋଟ ପୁଅଟିଏ ହୋଇ ରହିଛି ? ମୁଁ ଏବେ ଯେ ବହୁତ ବଡ ହୋଇ ସାରିଲିଣି । ସବୁ କଥା ଜାଣୁଛି ବୁଝୁଛି, ସତ କଣ ମିଛ କଣ ଜାଣି ପାରିବାର ଜ୍ଞାନ ମୁଁ ପାଇ ସାରିଲିଣି । ନିଜର ସନ୍ଦେହକୁ ଅର୍ଜୁନ ଆଉ ବେଶି ସମୟ ନିଜ ମନ ଭିତରେ ଲୁଚେଇ ରଖି ପାରିଲାନି, ଶେଷରେ ମା'କୁ ପଚାରି ବସିଲା;

: ମା', ତୁମେ କାହାକୁ ଏତେ ଡରୁଛ ? ବାହାରେ ତ ସବୁ ଠିକ୍ ଠାକ୍ ଅଛି । ଅସ୍ୱାଭାବିକ କିଛି ବି ନାହିଁ । ବାହାରେ ଏବେ ବି ପବନ ବୋହୁଛି, ସୂର୍ଯ୍ୟ ଏବେ ବି ଆକାଶରେ ଅଛି । ଝରକା ଖୋଲି ଦେଲେ ଦେଖିବ, ଘରର ପବନ ବି ଶୁଦ୍ଧ ହୋଇ ଯିବ ଆଉ ଏଇ ଅନ୍ଧାରୁଆ ଘରଟି ଟିକିଏ ଆଲୋକିତ ହୋଇ ଯିବ । କାହିଁକି ଡରୁଛ ତୁମେ, କାହାକୁ ଏତେ ଡରୁଛ ?

ମା ଏତେ ବେଳେ ଯାଏ ଅର୍ଜୁନ ସାମ୍ନାରେ ଠିଆ ହୋଇ ତାକୁ ଟୁକ୍ ଟୁକ୍ କରି ନୀରବରେ ଦେଖୁଥିଲେ, ଶୁଣୁଥିଲେ, କିନ୍ତୁ ତାର ପ୍ରଶ୍ନ ଶୁଣି ସାରିବା ପରେ ସେ ଅର୍ଜୁନର ଆହୁରି ପାଖକୁ ଲାଗି ଆସି ତା ପାଖରେ ବସି ଗଲେ । ମା' ତାଙ୍କର ମମତାମୟୀ ହାତ ଦୁଇଟି

ISSN NO.
2582-208X

ଅର୍ଜୁନ ମଥାରେ ଥରେ ବୁଲେଇ ଆଣି ନିଜ ପାଖକୁ ଆଉଜେଇ ନେଇ ଟିକେ ଗେଲ କରି କହିଲେ;

: ଧନରେ, ମୁଁ ଜାଣିଛି, ବାହାରେ ପବନ ବୋହୁଛି, ଆଲୁଅ ବି ଅଛି, କିନ୍ତୁ ମୁଁ ଆହୁରି ବି ଜାଣିଛି, ସେ ପବନରେ କଣ ଅଛି, ସେ ଆଲୋକ କେଉଁଠୁ ଆସୁଛି । ହୁଏତ ତୁ ଦେଖି ପାରୁନୁ ଅଥବା, ତୁ ଦେଖିବାକୁ ଚାହୁଁନୁ, ହୁଏତ ତୁ ଜାଣିଛୁ, ଦେଖିଛୁ କିନ୍ତୁ କେବେ ବୁଝିବାକୁ ଚେଷ୍ଟା କରିନୁ । ଏଇ ବନ୍ଦ ଝରକା ଆର ପଟେ କଣ ସବୁ ଘଟୁଛି ।

ମା'ଙ୍କର ଏ କଥା ଅର୍ଜୁନକୁ ଟିକଏ ଡରାଇ ଦେଲା, ତାର ଡରିବା ବଡ ସ୍ୱାଭାବିକ ଥିଲା । କାରଣ, ସବୁ ମାଆ କଲ୍ୟାଣମୟୀ, ମମତାମୟୀ, ନିଜ ସନ୍ତାନର ସୁରକ୍ଷା ତାଙ୍କର ପ୍ରଥମ ପ୍ରାଥମିକତା ହୋଇ ଥାଏ । ବାହାରେ ନିଶ୍ଚୟ କିଛି ଅସ୍ୱାଭାବିକ ଘଟଣା ଘଟୁଛି, ଯାହା ମା'କୁ ବହୁତ ନିଷ୍ଠୁର ଭାବେ ଡରାଇ ଦେଇଛି । କିନ୍ତୁ କଣ ସେ ଘଟଣା, ଯାହା ମା' ଅନୁଭବ କରି ପାରୁଛନ୍ତି, ଅଥଚ ଏତେ ବର୍ଷ ବହି ଘୋଷି ଘୋଷି, ଗୁଡାଏ ଡିଗ୍ରୀ ଏକାଠି କରି ସାରିବା ପରେ ବି ସେ ବୁଝି ପାରୁ ନଥିଲା ।

ମା' ପୁଣି କହିଲେ, ଧନରେ, ଆଜି ସମୟ ବଦଳି ଯାଇଛି । ଦିନ ଥିଲା ଯେତେ ବେଳେ ଆମେ "ବସୁଧୈବ କୁଟୁମ୍ବକଂ" କହି ସାରା ଦୁନିଆକୁ ଆପଣାର କରି ନେଉ ଥିଲୁ । ସମଗ୍ର ବିଶ୍ୱ ଏକ ପରିବାର ଥିଲା, ଯେଉଁଠି କେହି କାହାକୁ, କାହାର ଜାତି ଧର୍ମ ଗୋତ୍ର କଥା ପଚାରୁ ନଥିଲା, ସମସ୍ତେ କେବଳ ମଣିଷ ଥିଲେ । ମାନବିକତା ମଣିଷର ଏକମାତ୍ର ପରମ ଧର୍ମ ଥିଲା । ଆମର ବେଦ ପୁରାଣ, ଯେତେ ସବୁ ଶାସ୍ତ୍ର ସମସ୍ତେ ସେଇ ଗୋଟିଏ ମାନବିକତା ଏବଂ ମାନବ କଲ୍ୟାଣର ପାଠ ପଢାନ୍ତି । କିନ୍ତୁ ଆଜି କଣ ହେଉଛି ? ଆଜି ମଣିଷ ସଂକୀର୍ଣ୍ଣ ଧର୍ମାନ୍ଧତାର ଶୀକାର ହୋଇ ଯାଇଛି । ଧର୍ମ ନାଆଁରେ ମଣିଷ ମଣିଷର ଶତ୍ରୁ ପାଲଟି ଯାଇଛି ।

ସମୟ ଥିଲା ରାଜନୀତିର ସଂଜ୍ଞା କେବଳ ଜନ ସେବା ଓ ଜନତା କଲ୍ୟାଣ ଥିଲା । କ୍ଷମତା ପାଇଁ କେବେ ଲଢେଇ ହେଉ ନଥିଲା, କେହି କାହାକୁ ଆକ୍ଷେପ କରୁ ନଥିଲେ, ନିଜର ସାମର୍ଥ୍ୟ ଅନୁସାରେ ଜନତା ଜନାର୍ଦନର ସେବାରେ ନିଜର ଜୀବନ ଉତ୍ସର୍ଗ କରି ଦେଉଥିଲେ ।

ISSN NO.
2582-208X

କିନ୍ତୁ ଆଜି ନେତାଙ୍କ ପାଇଁ ଜନତା ଜନାର୍ଦ୍ଦନ ନୁହେଁ, ବରଂ ଜନତା ଗୋଟିଏ ମୂର୍ଖ ଗୋଷ୍ଠୀ, କାଠର ଗୋଟିଏ ଗୋଟିଏ ନିର୍ଜୀବ କଣ୍ଢେଇ । ନିଜର ସ୍ୱାର୍ଥ ପାଇଁ ନେତାମାନେ ଯେପରି ଚାହିଁବେ ସେପରି ସେମାନଙ୍କୁ ବ୍ୟବହାର କରି ପାରିବେ । କେବେ ଧର୍ମର ଅଫିମ, କେବେ ଜାତିର ଅଫିମ କେବେ ଆଉ କିଛି ମୁଦ୍ଦାର ନିଶା ଖୋଇ ଭାଇକୁ ଭାଇ ବିରୁଦ୍ଧରେ ଲଢେଇ ଦିଅନ୍ତି । ନୀରିହ ଜନତା ରକ୍ତର ହୋଲି ଖେଳେ ଏବଂ ସତ୍ତା ଲୋଭୀ ଶକୁନି, ଭାଇ ଭାଇ ଭିତରେ ଲଢେଇ ଦେଖି ତାର ଆନନ୍ଦ ନେଉଛନ୍ତି, କିନ୍ତୁ ଭୁଲି ଯାଉଛନ୍ତି ମହାଭାରତ ଯୁଦ୍ଧରେ ଶକୁନି ବି ଜୀବିତ ରହି ନଥିଲା । ସତ୍ତା ଲୋଭୀ ଅଭିମାନୀ ଦୁର୍ଯୋଧନ ଯେତେ ବେଳେ ପ୍ରାଣ ବିକଳରେ ଧର୍ମକ୍ଷେତ୍ର କୁରୁକ୍ଷେତ୍ରର ଯୁଦ୍ଧ ଭୂମିକୁ ଛାଡି ପଳାୟନ କଲା, ସେତେବେଳେ ସେ ନିଜର ପ୍ରିୟ ପୁତ୍ର ଲକ୍ଷ୍ମଣ କୁମାରର ଶବ ଉପରେ ବସି ନିଜ ପରିଜନଙ୍କର ରକ୍ତର ନଦୀରେ, ଆର ପାରିକୁ ଯାଇ ପାରି ଥିଲା ।

ଆମେ ନିଜକୁ ଧାର୍ମିକ କହୁ, କିନ୍ତୁ ମାନବ ଭିତରେ ମାଧବଙ୍କୁ ଦେଖି ପାରୁନା । ଆମେ ମନ୍ଦିର ତୋଳି ନିଜର ଧର୍ମର ଧ୍ୱଜା ତୋଳି ଧରି ଉତ୍ସବ ପାଳନ କରୁ, କିନ୍ତୁ ସେଥିପାଇଁ କେତେ ଗରିବଙ୍କର ଘର ଉଜୁଡି ଯାଏ ସେ କଥା କେବେ ଆମ ଦୃଷ୍ଟିକୁ ବି ଆସେନା । ଦୃଷ୍ଟିକୁ ଆସିଲେ ବି ଆମେ ମୁଁହ ମୋଡି ନେଇ ଆଖି ବନ୍ଦ କରି ଦେଉ । ଧନରେ, ଆଜି ସମୟ ବଦଳି ଯାଇଛି, ମଣିଷ ବଦଳି ଯାଇଛି । ମା, ବାପା ନିଜର ରକ୍ତକୁ ଜଳେଇ ନିଜ ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତର କାମନା କରନ୍ତି, ପାଠ ପଢି ପିଲାଏ କିପରି ସଫଳ ହେବେ ତାହା ସୁନିଶ୍ଚିତ କରନ୍ତି, କିନ୍ତୁ ଯୋଗ୍ୟ ହୋଇ ଗଲା ପରେ ପିଲାମାନେ କିପରି ରୋଜଗାରକ୍ଷମ ହେବେ ସେ କଥା କିଏ ସୁନିଶ୍ଚିତ କରି ପାରିବ ? କିଏ ତାର ଉତ୍ତର ଦାୟିତ୍ୱ ନେବ ? ଭୋଟ ନେବା ବେଳେ ନେତା ମାନେ ଜନତାକୁ କେବଳ ମିଥ୍ୟା ଆଶ୍ୱାସନା ଦେଇ ସରକାର ଗଢିବେ ଏବଂ ସବୁ ପ୍ରତିଶ୍ରୁତି ଭୁଲି ଯିବେ । ଏଠାରେ ସତକୁ ସତ କହିବା ଭୁଲ, ମିଥ୍ୟାର ପ୍ରଚାର ନକରିବା ଅପରାଧ । ସରକାରଙ୍କୁ ବିରୋଧ କରିବା ମାନେ ଦେଶଦ୍ରୋହ ପରି ଜଘନ୍ୟ ଅପରାଧ କରିବା। ଅସଲ ମୁଦ୍ଦାରୁ ଜନତାଙ୍କର ଧ୍ୟାନ ହଟାଇବା ପାଇଁ କେବେ ଅଭିନେତା, ଅଭିନେତ୍ରୀଙ୍କ ପ୍ରେମ ପ୍ରସଙ୍ଗ କେବେ ପଡୋଶି ରାଷ୍ଟ୍ରର ଅପାରଗତା କେବେ କେଉଁ ଅଭିନେତାର ଆତ୍ମହତ୍ୟା ପ୍ରସଙ୍ଗ ଉପରେ ଟିଭିରେ ତର୍କ ବିତର୍କ ହୁଏ, ଖବର କାଗଜର ପୃଷ୍ଠା ଭରି ଯାଏ । ଜନତାର ଅସଲ ସମସ୍ୟା ଗୌଣ ହୋଇଯାଏ, ସମାଜର ଅସଲ ସମସ୍ୟା କଥା ଲୋକେ ଭୁଲି ଯାଆନ୍ତି, ଏବଂ ନେତା ମାନଙ୍କର

ISSN NO.
2582-208X

ନୋଟଙ୍କର ଆନନ୍ଦ ଉଠାନ୍ତି । ସରକାର ଏବଂ ବିପକ୍ଷର ପକ୍ଷ ନେଇ ବନ୍ଧୁ ବନ୍ଧୁ ଭିତରେ ଶିତଳ ଯୁଦ୍ଧ ଆରମ୍ଭ ହୋଇ ଯାଏ ।

ମହାମାରୀ ସମୟରେ ବୃତ୍ତି ହରାଇ, ହଜାର ହଜାର ଶ୍ରମିକ, ଅପ୍ରିଲ ମାସର ଧୁଉ ଧୁଉ ଅଗ୍ନି ବର୍ଷି ଖରାରେ, ହଜାର ହଜାର ମାଇଲ୍ ରାସ୍ତା ନିଜ ସାଥିରେ ଗର୍ଭବତୀ ପତ୍ନୀ, ଦୁଧମୁହାଁ ଛୁଆକୁ କୋଳରେ ଧରି ପାଦରେ ଚାଲି ଚାଲି ଯିବାର ଦୃଶ୍ୟ ଦେଖି ଦେଶ, ପ୍ରଦେଶର ସରକାରଙ୍କ ଆଖିରେ ଲୁହ ଟୋପେ ଦିଶେନା । ସେମାନଙ୍କୁ ଲଜ୍ଜା ଆସେନା । କେତେ ନୀରିହ ଜନତାଙ୍କର ଚାକରୀ ଚାଲି ଗଲା, ଦିନେ ବିପଦ ସମୟରେ ପ୍ରାଣ ବିକଳରେ ଘରମୁହାଁ ହୋଇଥିବା ଜନତା ଆଜି ପୁଣି ପେଟର ଭୋକ ମେଣ୍ଟେଇବା ପାଇଁ ପରଦେଶୀ ହୋଇ ଯାଉଛି । ଜନତାର ଦୁଃଖ ଦୂର କରିବାର ଚନ୍ତା କାହାର ନାହିଁ, ଦେଶର ନେତା ମାନଙ୍କ ପାଇଁ ଏ ସବୁ କିଛି ସମସ୍ୟା ନୁହେଁ ।

ତୁ ଝରକା ଖୋଲିଲେ ତୋତେ ଶୁଦ୍ଧ ପବନ ତ ମିଳିବନି, ବରଂ ମିଳିବ କେବଳ ଜଳା ବାରୁଦର ଗନ୍ଧ, ଗଳିତ ଶବର ଦୁର୍ଗନ୍ଧ, ଆହତ ଜନତାର ଆର୍ତ୍ତ ଚିତ୍କାର ଆଉ ବୁଭୂକ୍ଷୁ ଶିଶୁର ମୁଠାଏ ଭାତ ପାଇଁ ବ୍ୟାକୁଳ କ୍ରନ୍ଦନ । ଯେମିତି ଯୁଦ୍ଧ ପରବର୍ତ୍ତୀ ସମୟରେ କେଉଁ ଏକ ବିଭୀଷିକାମୟ ଜ୍ୱଳନ୍ତ ଯୁଦ୍ଧଭୂମିର ଦୃଶ୍ୟ । ଦେଖି ପାରୁଛୁ ? ଟିକିଏ ଦୂରରେ ଯେଉଁ ବସ୍ତି ଦିଶୁଛି, ସେଠାରେ ତୁ ଦେଖି ପାରିବୁ କାମ ହରାଇ ବେକାର ବସିଥିବା ଶ୍ରମିକ । ଘରେ ତାର ଭୋକରେ ଆଉଟୁ ପାଉଟୁ ହେଉଥିବା ବିକଳ ସନ୍ତାନ, ଦର ଚିରା ଲୁଗାରେ ନିଜ ଶରୀରକୁ ଘୋଡାଇ ରଖିବାର ବୃଥା ଚେଷ୍ଟା କରୁଥିବା ବଢିଲା ଝିଅ । ଲିଭା ଚୁଲି ମୁଣ୍ଡରେ ଜଗି ବସିଥିବା ବିଚାରୀ କିଂକର୍ତ୍ତବ୍ୟବିମୁଢା ନିରିହା ମା' । ନିଜର ବେଣ୍ଟି ପଡି ଯାଇଥିବା ଦୁଇ ଶକ୍ତ ହାତକୁ ଟୁକ୍ ଟୁକ୍ ଅଶ୍ରୁଳ ଆଖିରେ ଚାହିଁ ବେକାର ବସି ରହିଥିବା କାମିକା ଶ୍ରମିକର ଅସହାୟତା । ନିଜର ଭୋକିଲା ଶିଶୁକୁ ଦେଖି ମଧ୍ୟ କିଛି କରିପାରୁ ନଥିବାର ଅସହାୟତା । ନିଜର, ନିଜ ପରିବାରର ପେଟର ଭୋକ ମେଣ୍ଟେଇବା ପାଇଁ ଅନ୍ଧାର ଗଳିର କୋଣରେ ମିଞ୍ଜି ମିଞ୍ଜି ଜଳୁଥିବା ବତୀ ଖୁଣ୍ଟ ତଳେ ନିଜ ଦେହର ଦୋକାନ ସଜାଇ ଠିଆ ହୋଇଥିବା ସେଇ ଯୁବତୀ ଏବଂ ଦେହର ଭୋକ ମେଣ୍ଟେଇବା ପାଇଁ ଶହେ ଟଙ୍କିଆ ନୋଟ ଦେଖାଇ ଠିଆ ହୋଇଥିବା ଧୋବ ଧାବୁଳିଆ ଗରାଖର କଥା ବାର୍ତ୍ତା, ମୂଳ ଚାଲ କାହାକୁ ଶୁଭେନା ।

ISSN NO.
2582-208X

ଏଇଠି କେବଳ ଖାଦ୍ୟ ଏବଂ ଖାଦକର ସମ୍ପର୍କ, ଭୋକରେ ଗରିବର ପେଟ ଜଳୁଛି, ଆଉ କାମନାର ଅଗ୍ନିରେ ପଇସା ବାଲା ଧୋବ ଧାବୁଳଆ ବାବୁର ଦେହ ଜଳୁଛି । ସେ ଦୃଶ୍ୟ ଦେଖିଲେ, କବି ବିନୟ ମହାପାତ୍ରଙ୍କ 'ଶବ ବାହକ' କବିତାର ଏଇ ପଂକ୍ତ ତୋର ବି ନିଶ୍ଚୟ ମନେ ପଡି ଯିବ ।

ଏଇ ଜାଗ୍ରତ ଶ୍ମଶାନେ
ମାଳ ମାଳ ଶବ, ଆଉ
ପଲ ପଲ ଶାର୍ଗୁଣାର ମେଳ
ଖାଦ୍ୟ ଆଉ ଖାଦକର ଅନନ୍ତ ଶିଙ୍କୁଳ ।
(କବିତା "ଶବ ବାହକ")

ବାହାରେ ଆଲୋକ ଦିଶୁଛି ସତ, କିନ୍ତୁ ସେ ଆଲୋକ ସୂର୍ଯ୍ୟର ନୁହେଁ, ସେ ଆଲୋକ ବାହାରେ ଜଳୁଥିବା ଜୀଅନ୍ତା ମଣିଷର ଚତାର ଆଲୋକ, ଦଙ୍ଗାରେ ଜଳୁଥିବା ଘରର ନିଆଁର ଆଲୋକ । କେଉଁଠି ଧର୍ମ ନାଆଁରେ, କେଉଁଠି ଜାତି ନାଆଁରେ, କେଉଁଠି ପ୍ରତିବାଦ ନାଆଁରେ, କେବେ କେଉଁଠି ସମର୍ଥନ ନାଆଁରେ ରାସ୍ତାରେ ଟାୟାର ଜଳେ କେବେ ବଜାର, କେବେ ବସ୍ତି ଜଳ ଯାଏ । କିନ୍ତୁ କେବେ ହେଲେ କାମିକା ହାତକୁ କାମ ମିଳେନା, ରାସ୍ତାରେ ଏକୁଟିଆ ଯାଉଥିବା ଝିଅକୁ ସୁରକ୍ଷା ମିଳେନା, କ୍ଷୁଧାର୍ଥକୁ ମୁଠାଏ ଆହାର ମିଳେନା । ତଥାପି ରାଜା ସ୍ତୁତି ଗାନ ହୁଏ, ସଭା ସମିତିରେ ନେତା ମାନଙ୍କର ଲମ୍ବା ଲମ୍ବା ଭାଷଣ, ବୃଥା ଆଶ୍ୱାସନ ମିଳେ । ଜନତା ନେତାଙ୍କ ଅଭୟବାଣୀରେ ସନ୍ତୁଷ୍ଟ ହୋଇ ଯାଏ । ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖେ।

ଏସବୁ ଶୁଣିଲା ପରେ ଏବେ ବି କଣ ତୋର ଇଚ୍ଛା ହେଉଛି, ଝରକା ଖୋଲି ବାହାରର ଦୃଶ୍ୟ ଦେଖିବାକୁ ? ଏସବୁ ଦେଖି ଶୁଣି ତୁ ଆଜି ଯାଏ ବୁଝି ପାରିଲୁନ, କିଛି ବି ଭାବି ପାରିଲୁନ ?

ଜଣା ନାହିଁ ଅର୍ଜୁନର ବାପା କେତେ ବେଳେ ତା ରୁମ ବାହାରେ ଠିଆ ହୋଇ ସେମାନଙ୍କର କଥା ଶୁଣୁ ଥିଲେ । ମାଆର କଥା ସରିବା ପୂର୍ବରୁ ସେ ରୁମ ଭିତରକୁ ଆସି ଯାଇ ଥିଲେ । ପଢା ଟେବୁଲ ପାଖରୁ ଚଉକିଟାକୁ ଘୋଷାଡି ଆଣି ସେମାନଙ୍କ ସାମ୍ନାରେ ବସି ଗଲେ । ଥରେ ମାଆକୁ ଏବଂ ଥରେ ଅର୍ଜୁନକୁ ଦେଖି, ଟିକଏ ହସି ଦେଲେ । ସେ, ସବୁବେଳେ ଏମିତି ବିନ୍ଦାସ । ତାଙ୍କର ଚିନ୍ତା, ଦୁଶ୍ଚିନ୍ତା କିମ୍ବା ତାଙ୍କର ସମସ୍ତ ଭୟକୁ ସେ ଖୁବ୍ ସହଜରେ

ISSN NO.
2582-208X

ନିଜ ଭିତରେ ହଜମ କରି ନିଅନ୍ତୁ । କେବେ ବି ସେ କଥା ଅନ୍ୟକୁ ଜାଣିବାର ସୁଯୋଗ ଦିଅନ୍ତୁ ନାହିଁ । କିନ୍ତୁ ଆଜି ତାଙ୍କର ଏ ହସ କିଛି ଭିନ୍ନ ଥିଲା, ବୁଝି ହେଉ ନଥିଲା ଏ ହସର ପ୍ରକୃତ ଅର୍ଥଟା କଣ । ସେ ତାଙ୍କର ଦୁଇ ହାତ ବଢାଇ ଗୋଟିଏ ହାତ ଅର୍ଜୁନର ଜଙ୍ଘ ଉପରେ ଅନ୍ୟଟି ମାଆର ଜଙ୍ଘ ଉପରେ ରଖିଲେ । ସତରେ ବାପାଙ୍କ ହାତରେ ମ୍ୟାଜିକ୍ ଥାଏ । ସେ ହାତର ସ୍ପର୍ଶ ଏକ ନିର୍ଭୟତାର ଅନୁଭବ ଦିଏ । ବାପା ଯେତେବେଳେ କାନ୍ଧରେ ହାତ ପକାଇ ପାଖକୁ ଆଉଜାଇ ନିଅନ୍ତୁ ସେତେ ବେଳେ ମନରେ ଅସୀମ ସାହସର ଅନୁଭବ ହୁଏ । ମନେ ହୁଏ ଯେପରି ମୋ ପାଇଁ ଦୁନିଆଁରେ କିଛି ବି ଅସମ୍ଭବ ନୁହେଁ । ସବୁ କିଛି କରି ପାରିବାର କ୍ଷମତା ନିଜ ଭିତରେ ଅନୁଭବ କରି ହୁଏ । ଆଜି ବି ତାଙ୍କର ହାତ ଆମ ଦୁଇ ଜଣଙ୍କୁ ସେଇ ନିର୍ଭୟତାର ଆଶ୍ୱାସନ ଦେଉ ଥିଲା ।

ମା' ଏବଂ ଅର୍ଜୁନର ମୁହଁକୁ ବାପା କିଛି ସମୟ ନିରୀକ୍ଷଣ କରି ନେଲେ, ଯେପରି ସେ ମାଆ ପୁଅଙ୍କ ମନର ଭୟ ଏବଂ ସନ୍ଦେହକୁ ମାପି ନେବାକୁ ଚାହୁଁ ଥିଲେ । ଟିକିଏ ହସି ବାପା କହିଲେ, ଅର୍ଜୁନ, ତୋ ମାଆ ଯାହା କିଛି କହି ଗଲା ସେସବୁ ମିଥ୍ୟା ନୁହେଁ । ସେ ସବୁ ସତ, ଆଜିର ସମାଜ, ପରିବେଶ ଏବଂ ପରିସ୍ଥିତି ବହୁତ ବଦଳି ଯାଇଛି । କିନ୍ତୁ ଏହାର ଅର୍ଥ ନୁହେଁ, ଯେ ଏ ସବୁକୁ ଡରି ଆମେ ଆମ ଘର ଭିତରେ କବାଟ ଝରକା ସବୁ ବନ୍ଦ କରି, ହାତରେ ହାତ ବାନ୍ଧି ବସି ଯିବା, ଏପରି କଦାପି ନୁହେଁ । ବାହାରେ ଠିଆ ହୋଇ, ନର୍ଦ୍ଦମାକୁ ସଫା କରି ହୁଏନି, ନର୍ଦ୍ଦମା ସଫା କରିବାକୁ ହେଲେ ନର୍ଦ୍ଦମା ଭିତରକୁ ଓହ୍ଲେଇବାକୁ ପଡେ । ପହଁରା ଶିଖିବା ପାଇଁ ପାଣିରେ ପଶିବାକୁ ହୁଏ । ଯଦି ତୁମେ ଚୁପ୍ ବସି ଯିବ ତେବେ ଏଇ ନର୍ଦ୍ଦମାର ପାଣି ଦିନେ ତୁମ ଘର ଭିତରେ ପଶିବାକୁ ବେଶି ଡେରି ଲାଗିବନି । ବେଳ ଥାଉ ଏ ସବୁ ସଫା କରିବାକୁ ହେବ । କିନ୍ତୁ କେବେ, କିଏ ସଫା କରିବ ଏ ଅବର୍ଜନାକୁ ? ଦୁଷ୍ଟ ଲୋକ ମାନେ ବେଶି ଶକ୍ତିଶାଳୀ ନଥାନ୍ତି, ତଥାପି ନିର୍ଦ୍ଦ୍ୱନ୍ଦରେ ଅତ୍ୟାଚାର କରି ପାରନ୍ତି କାରଣ, କିଛି ଦୁର୍ବଳ ଲୋକ ଏହି ଅତ୍ୟାଚାର ସହି ଯାଆନ୍ତି ଏବଂ ସବଳ ଏବଂ ଭଲ ଲୋକ ନୀରବ ଦର୍ଶକ ସାଜି ଚୁପ୍ ରହନ୍ତି । କିନ୍ତୁ ଏବେ ଚୁପ୍ ରହିବାର ସମୟ ଆଉ ନାହିଁ । ଆମକୁ ଏ ସବୁର ପ୍ରତିବାଦ ଓ ପ୍ରତିରୋଧ କରିବାର ସମୟ ଆସି ଯାଇଛି ।

'ଆମକୁ କଣ ମିଳିବ'? ସେ ଚିନ୍ତା ନକରି ଆମେ କଣ କରି ପାରିବା, ଦେଶ ଓ ଦଶଙ୍କୁ କଣ ଦେଇ ପାରିବା ସେ କଥା ଚିନ୍ତା କରିବାର ସମୟ ଆସି ଯାଇଛି । କେହି କାହା ପାଇଁ

ISSN NO.
2582-208X

ଯୁଦ୍ଧ ଲଢ଼େନା, ନିଜର ଲଢେଇ, ନିଜକୁ ହିଁ ଲଢ଼ିବାକୁ ହୁଏ । ତୁମେ ଯଦି ଅପେକ୍ଷା କରି ବସି ଯିବ, କି ଦିନେ ନା ଦିନେ ଭଗବାନ ଅବତାର ନେଇ ଆସିବେ ଏବଂ ସଂସାରର ସବୁ ଦୁଃଖ ଦୂର କରି ଦେବେ, ତେବେ ସେ ଦିନ କେବେ ବି ଆସିବନି । ପିଲା ଦିନେ ତୋ ନାଆଁ ଅର୍ଜୁନ ରଖିଲା ବେଳେ ମୁଁ ମୋ ମନରେ କେବେ ସେମିତି ବିଶେଷ କିଛି ଭାବି ନଥିଲି, କିନ୍ତୁ ଆଜି ତୋତେ ଦେଖି ମୋର ମନେ ହେଉଛି ତୋ ନାଆଁ ଅର୍ଜୁନ ଦେବାର ଯଥାର୍ଥତା ଥିଲା, ଏବଂ ଏହି ଯଥାର୍ଥତା ଆଜି ତୋତେ ପ୍ରମାଣ କରିବାକୁ ହେବ । ଆଗରେ ତୋର ମହାଭାରତର ଯୁଦ୍ଧଭୂମି ତୋତେ ଅପେକ୍ଷା କରିଛି । ନିଜ ବିବେକକୁ ତୋର ସାରଥୀ କରିନେ, ତୋର ବିବେକ ବାସୁଦେବ ଶ୍ରୀକୃଷ୍ଣଙ୍କ ପରି ତୋତେ ଗୀତା ଜ୍ଞାନ ଦେଇ ଦେବ । ସତ୍ୟ ନ୍ୟାୟର ମାର୍ଗରେ ଚାଲି ତୋତେ ଏଇ ମହାଭାରତର ଯୁଦ୍ଧ ତୋତେ ଜିତିବାକୁ ହେବ ।

ଟିକିଏ ବିଶ୍ରାମ ନେଇ ବାପା ପୁଣି କହିଲେ, ପୁଅରେ, ଆମେ ନିମ୍ନ ମଧ୍ୟବିତ୍ତ ପରିବାରର ମଣିଷ । ମୁଁ ଜୀବନରେ ଏତେ ଅଧିକ ଧନ କେବେ ବି ଯୋଗାଡ଼ କରି ପାରିଲିନି ଯେ ତୋ ଚାଲିବା ପାଇଁ ଖାଲ ଖମା, କଣ୍ଟକତ ବିହୀନ ଚିକ୍କଣ ରାଜରାସ୍ତା ତିଆରି କରି ଦେଇ ପାରିଥାନ୍ତି । କିନ୍ତୁ ମୋର ସୀମିତ ସମ୍ବଳ ଭିତରେ ମୁଁ ତୋତେ ସବୁ ପ୍ରକାରର ରାସ୍ତାରେ ଚାଲି ପାରିବାର କଳା କୌଶଳ ଶିଖାଇ ଦେଇ ପାରିଛି । ତୁ ଆଜି ନିଶ୍ଚିତ ଭାବେ କବି ବିନୟ ମହାପାତ୍ରଙ୍କର ଏହି କବିତା ପଦଟି ଆତ୍ମବିଶ୍ୱାସର ସହିତ ଦୋହୋରାଇ ପାରିବୁ;

ବିଶ୍ୱାସ ମୋ ପଥ ପରେ ନୁହେଁ,
ବିଶ୍ୱାସ ମୋ ଦୃଢ଼, ନିଜ ରଥ ପରେ,
ରଥ ପାଇଁ ପଥ ଏ ଦୁର୍ଗମ, ହେଲେ
ପଥ କିବା ରୋକିବ ମୋ ରଥ
ଦୁର୍ଜୟ ହୃଦୟ ମୋର, ବଜ୍ର ମୋର ହାତ !
(କବିତା "ପଥ ଓ ରଥ")

ଜୀବନରେ କାହାକୁ ନିଜର ଆଦର୍ଶ ମାନି ନେବା ଭୁଲ ନୁହେଁ, କିନ୍ତୁ କାହାର ଅନ୍ଧ ଭକ୍ତ ହୋଇ ଯିବା, ମିଥ୍ୟାର ପ୍ରଚାର କରିବା କେବଳ ପାପ ନୁହେଁ, ବରଂ ଅକ୍ଷମଣୀୟ ଅପରାଧ ମଧ୍ୟ । ସତ୍ୟର ପଥ କଣ୍ଟକତ, ବନ୍ଧୁର ଏବଂ ଯାତନାରେ ଭରା, ତଥାପି ସତ୍ୟର ମାର୍ଗ ତ୍ୟାଗ କରିବା କଦାପି ଉଚିତ୍ ନୁହେଁ । ଯୁଗେ ଯୁଗେ ସତ୍ୟର ହତ୍ୟା କରା ଯାଇଛି ।

ISSN NO.
2582-208X

ଯିଶୁଖ୍ରୀଷ୍ଟଙ୍କୁ କ୍ରଶରେ ଚଢାଇ ଦିଆ ଗଲା, ସକ୍ରେଟିସଙ୍କୁ ବିଷ ପିଆଇ ଦିଆ ଗଲା, ଗୌତମ ବୁଦ୍ଧଙ୍କୁ ଧୋଖାରେ ଆମିଷ ଖୁଆଇ ଦିଆ ଯାଇ ଥିଲା । ଆମ ଇତିହାସ ପୁରାଣ ଏପରି କାହାଣୀରେ ଭରି ରହିଛି । ସଂସାରରେ ପାପ ବଢିବାର କାରଣ କେବଳ ଏ କଥା ପ୍ରମାଣିତ କରେନ ଯେ ପାପୀ ବଳବାନ ଥିଲା, ବରଂ ଏ କଥା ବି ପ୍ରମାଣିତ କରେ ଯେ ଜ୍ଞାନୀ ଜନଗଣ ନୀରବ ଦର୍ଶକ ସାଜି ପାପ ହେଉ ଥିବାର ଦେଖୁ ଥିଲେ । କେହି ଜଣେ ବି ପ୍ରତିବାଦ କରିବାର ସାହସ କରି ନଥିଲେ । କୁରୁସଭା ତଳେ ଦ୍ରୌପଦୀ ବସ୍ତ୍ର ହରଣ ପ୍ରସଙ୍ଗ, ଏଇ କଥାର ଏକ ଯଥାର୍ଥ ପ୍ରମାଣ । କୁରୁସଭାରେ ଉପସ୍ଥିତ ଜ୍ଞାନୀ ଜନଙ୍କ ମଧ୍ୟରୁ ଯଦି କେହି ଜଣେ ବି ପ୍ରତିବାଦ କରି ଥାଆନ୍ତା ତାହା ହେଲେ ହୁଏତ ମହାଭାରତ ଯୁଦ୍ଧ ହେବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ପାରିଥାନ୍ତା । କିନ୍ତୁ ଏ ସବୁ ଘଟଣାକୁ କେବଳ ବିଧି ନିର୍ଦ୍ଦେଶ ଓ ଭଗବାନଙ୍କ ଲୀଳା ବୋଲି ମାନି ନିଆ ଗଲା ।

ଆଜି ଦେଶରେ ଯାହା ବି ଘଟୁଛି ସେ ସବୁକୁ ମଧ୍ୟ ବିଧି ନିର୍ଦ୍ଦେଶ ଭାବି ଚୁପ୍ ବସି ଯିବା କଣ ବୁଦ୍ଧିମାନର କାର୍ଯ୍ୟ ହେବ ? କହନ୍ତି ଶାନ୍ତି ସ୍ଥାପନ ପାଇଁ ଯୁଦ୍ଧ ଅନିର୍ବାଯ୍ୟ । ଯୁଦ୍ଧ ତ କରିବାକୁ ହେବ । କିନ୍ତୁ ସେ ଯୁଦ୍ଧର ତୂର୍ଯ୍ୟ ନାଦ କିଏ କରିବ ? କିଏ ? କାହାର ଅପେକ୍ଷାରେ ଅଛେ ଆମେ ସବୁ ? କେବେ ଆସିବ ସେହି ଅବତାରୀ ପୁରୁଷ ? ଦେଶ ସ୍ୱାଧୀନ କରିବାକୁ ଗାନ୍ଧୀ ପୁଣି ଆସିବେ ? କହନ୍ତି ବ୍ରହ୍ମ ସତ୍ୟ ଜଗତ ମିଥ୍ୟା । କିନ୍ତୁ ଏ ଜଗତ କଣ ମିଥ୍ୟା, କବି ବିନୟ ମହାପାତ୍ରଙ୍କର ଏକ କବିତାର ଏଇ କେତୋଟି ଲାଇନ କଣ କାହା ମନକୁ ଆନ୍ଦୋଳିତ କରେନି ?

କିପରି ନକାରି ଯିବି
ଜଳ ଜଳ ଆଖି ଖୋଲି
ଚଉଦିଗେ ଦେଖୁ ଅଛି ଯାହା ।
ଶୁଣେ ଯେଉଁ ଆର୍ତ୍ତନାଦ ବ୍ୟାକୁଳ କ୍ରନ୍ଦନ,
ଦିନ ଦିପହରେ ଲୁଣ୍ଠିତା ଅବଳାର ଗୁହା,
ଅନ୍ନ ବିହୁନେ କ୍ଷୁଧାର୍ତ୍ତ ଶିଶୁର କ୍ରନ୍ଦନ,
ଲୋଭ, ହିଂସା ଧର୍ମାନ୍ଧତା ପ୍ରାଣ କରେ ସ୍ୱାହା ।
ଖୋଜୁଛି ସେ ଜ୍ଞାନ,
ଖୋଜୁଛି ସେ ପ୍ରଭୁକୁ

ISSN NO.
2582-208X

ମୁକ୍ତ ପାଇଁ ନୁହେଁ, ଶକ୍ତ ଟିକେ ଲୋଡେ
ଯିଏ ଭରି ଦେବ ପ୍ରତିଟି ଶିଶୁର ମୁହଁରେ
ତୃପ୍ତିର ହସ ଧାର ଟିକେ,
ରୋପି ଯିବ ପ୍ରତିଟି ନାରୀ ହୃଦୟରେ
ସ୍ୱାଭିମାନ, ନିର୍ଭୟର ବିଜ,
ପ୍ରତିଟି ଯୁବା ହାତକୁ ଯଥୋଚିତ କର୍ମ
ପ୍ରତିଟି ଭୋକିଲା ପେଟକୁ ପେଟଭରା ଅନ୍ନ ।
(କବିତା "ଜଗତ ସତ୍ୟ")

ବାପାଙ୍କର କଥା ଶୁଣି ଅର୍ଜୁନ ଠିଆ ହୋଇ ପଡିଲା, ସ୍ୱତଃ ତା ପାଟିରୁ ବାହାରି ପଡିଲା, ଦେଶକୁ ବେକାରୀ, ଦାରିଦ୍ରତା, କ୍ଷୁଧା, ଧର୍ମାନ୍ଧତାରୁ ମୁକ୍ତ କରିବାକୁ, ମିଥ୍ୟାଚାରୀ ନେତା, ଅନ୍ଧ ଭକ୍ତଙ୍କର ଗଳା ଫଟା ମିଥ୍ୟା ପ୍ରଚାରରୁ ଜନତାଙ୍କୁ ମୁକ୍ତ ଦେବା ପାଇଁ ଆଉ ଥରେ ଯୁଦ୍ଧ ଲଢିବାକୁ ହେବ । ମୁଁ ଲଢିବି ସେ ଯୁଦ୍ଧ । ମୁଁ ଜାଣିଛି, ଏ ଯୁଦ୍ଧ ଜିତିବା ଏତେ ସହଜ ନୁହେଁ ତଥାପି ନହାରିବାର ସଙ୍କଳ୍ପ ନେଇ ମୁଁ ଲଢିବି ଏ ଯୁଦ୍ଧ । ମୁଁ ବି ପଢିଛି ସେଇ କବିତାଟି, ମୋର ବି ମନେ ଅଛି ସେଇ ଶାଣିତ ଶପଥ;

ସ୍ରୋତ ସହ ସହଜରେ ଭାସିଯିବା
ଚାହିଁ ନାହିଁ କେବେ,
ଜାଣିଛି ମୁଁ ଜୀବନ ନିଷ୍ଠୁର,
ତଥାପି ସ୍ରୋତ ବିପରୀତ,
ସନ୍ତରଣେ ଅଭ୍ୟସ୍ତ ମୋ ପାଦ ।
ଡର ନାହିଁ ତିଳେ ମାତ୍ର,
ଯୁଦ୍ଧ ହାରିବାରେ,
ହାରିଲେ ଶିଖିବି,
ହରାଇବାର ଗୁରୁ ମନ୍ତ୍ର ।
ହାରିବା ଭୟରେ କେବେ,
ଅଟକି ଯିବିନି, ଜୀବନ ଯୁଦ୍ଧରେ,
ଚେଷ୍ଟା ମୋର ଅବିରତ ଜିତିବାର ପାଇଁ

ISSN NO.
2582-208X

ଲଙ୍ଘି ଯିବି ଦୁର୍ଗମ ପଥ, ମନେ ଡର ନାହିଁ ।
(କବିତା "ପଥ ଓ ରଥ")

ବାପା ଏବଂ ଅର୍ଜୁନର କଥା ଶୁଣି ମାଆଙ୍କ ମନରେ ବି ସାହସ ଆସି ଯାଇ ଥିଲା । ସେ ବୁଝି ଯାଇଥିଲେ ଯେ ଘରର କବାଟ, ଝରକା ବନ୍ଦ ରଖିବା ପରେ ବି, ମଣିଷ ନିରାପଦ ନୁହେଁ । ଗୋଟିଏ ଫନି ତୋଫାନ ସବୁ କିଛି ଘଡିକରେ ନଷ୍ଟ କରି ଦେଇପାରେ । ବାହାରର ଅଳିଆ ଘର ଭିତରେ ପଶିବା ଆଗରୁ ତାକୁ ସଫା କରି ଦେବା ଉଚିତ୍ । ମାଆ ନିଜେ ଯାଇ ଝରକା ଖୋଲି ଦେଲେ । ଏବଂ ଅର୍ଜୁନ ମଥାରେ ହାତ ବୁଲାଇ ଆଣି କହିଲେ ଧନରେ, ଘରର ବନ୍ଦ କବାଟକୁ ମୁଁ ଖୋଲି ଦେବି, ଯୁଦ୍ଧ ପାଇଁ ମୁଁ ତୋ ମଥାରେ ବିଜୟ ତିଳକ ଲଗାଇ ତୋର ବିଜୟର କାମନା କରିବି । ଧର୍ମର ଜୟ ହୁଏ । ମାନବ ସେବା ହିଁ ମାଧବ ସେବା, ଏଇ ମନୋଭାବ ନେଇ ତୁ ଆଗେଇ ଯିବୁ । ମନର ସଙ୍କଳ୍ପ ଦୃଢ ଥିଲେ, ସତ୍ୟ ଓ ନ୍ୟାୟ ପଥରେ ଚାଲିଲେ, ତୁ କେବେ ଏକୁଟିଆ ପଡି ଯିବୁନି, ବରଂ ଦେଖିବୁ ତୋରି ଆଦର୍ଶରେ ବିଶ୍ୱାସ କରୁଥିବା ଜନତା ତୋ ସାଥିରେ ତୋ ପଛରେ ତୋର ସହଯାତ୍ରୀ ହୋଇ ଯିବେ । ଯୁଦ୍ଧଭୂମିରେ କେବଳ ତୁ ଏକୁଟିଆ ନଥିବୁ, ଏ ଯୁଦ୍ଧ ଲଢିବାକୁ ତୋ ସହିତ ଅନେକ ସାଥୀ ଥିବେ ।

ଅଦମ୍ୟ ସାହସ, ଧୈର୍ଯ୍ୟ,
କଠିନ ଶ୍ରମ ଅବିଶ୍ରାନ୍ତ,
ଦୃଢ ସଂକଳ୍ପର ଆଗେ
ମଥା ନୁଆଅନ୍ତି ସର୍ବେ,
ଧନଞ୍ଜୟ ଜିତିଯାଏ କୁରୁକ୍ଷେତ୍ର,
ଶତ ଭ୍ରାତା, ସହସ୍ର ରଥୀ ମହାରଥୀ,
ଧରା ଶାୟୀ, ଲଭନ୍ତି ପରାସ୍ତ ।
(କବିତା "ପଥ ଓ ରଥ")

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ସମସ୍ୟା ଓ ତା'ର ସମାଧାନ



ସଂଯୁକ୍ତା ସାହୁ

ମଣିଷ ଜୀବନ ବଡ଼ ବିଚିତ୍ର ଅଟଇ
ଜନ୍ମ ମରଣ ନଷ୍ଟସ୍ୟ ବିହି ଗଢ଼ିଥାଇ ।
ଏତେ ସହଜ ନୁହେଁ ଏ ଜୀବନ ନୌକା
ସୁଖ, ଦୁଃଖ, ଲୋଭ, ମୋହ, ଆଉ ଧୋକା ।
ଏ ସବୁ ନ ଥିଲେ ଜୀବନ ଚ୍ଲେ ନାହିଁ
ସମସ୍ୟା ତ ଏକ ଅତିଥି ଥାଏ ରହି ।
ଶାରୀରିକ, ମାନସିକ, ଆର୍ଥିକ ସମସ୍ୟାମାନ
ବାଟ ଚ୍ଲୁଥିଲେ ହେଉ ଯେମିତି ସ୍ଥାନ ।
ସମସ୍ୟା ଥିଲେ ତ ବୁଦ୍ଧିର ଜ୍ଞାନ ବଢ଼ିବ
ସମାଧାନ ପାଇଁ ସିଏ ବାଟ ଖୋଜିବ ।
କାହାପାଇଁ ସମସ୍ୟା କେମିତି ରୁହେ
ସମାଧାନ ପାଇଁ ଚେଷ୍ଟା ପ୍ରଚେଷ୍ଟା ଥାଏ ।
ସବୁ ସମସ୍ୟାର ସମାଧାନ ସହଜ ନ ଥାଏ
ସେଥିରୁ ମୁକୁଳବା ପାଇଁ ଅନେକ କଷ୍ଟ ପାଏ ।
କଛି ସମାଧାନର ବାଟ ମିଳଯାଏ
କଛି ସମାଧାନର ଅସମ୍ଭବ ହୋଇଥାଏ ।
ଯେତେବେକେ ସମସ୍ୟାର ଅନ୍ଧାରରେ
ଛଟ ପଟ ହୁଏ ସମାଧାନର ପ୍ରତୀକ୍ଷାରେ ।

ISSN NO.
2582-208X

ଅହଲ୍ୟାଙ୍କ ସମସ୍ୟା ଦୂର ହୋଇଥିଲା
ରଘୁବୀର ରାମଚନ୍ଦ୍ରଙ୍କ ପାଦ ସ୍ପର୍ଶରେ ।
ଦ୍ରୌପଦୀଙ୍କ ମୁକୁଳତ କେଶ ସମସ୍ୟାର
ସମାଧାନ ହୋଇଥିଲା ଯୁଦ୍ଧ ମହାଭାରତର ।
କେଉଁଠି ନା କେଉଁଠି ଯେମିତି ସମସ୍ୟାର
ବାଟ ଖୋଲି ହୋଇଯାଏ ସମାଧାନର ।
ଅନେକ ମଣିଷ ସମସ୍ୟାକୁ ନଜେ ସୃଷ୍ଟି କରେ
ଅଶାନ୍ତ ବାତାବରଣ ଝଡ଼ ଆସେ ଜୀବନରେ ।
ସମସ୍ୟା ଲାଗିରହିଥାଏ ଜୀବନରେ ଅହରହ
ବଞ୍ଚିବାକୁ ହେବ ଥିବାଯାଏ ଏ ଦେହ ।

ରାହାମା, ଜଗତସିଂହପୁର

ISSN NO.
2582-208X

# କାମନା ବିନାଶେ ଦୁଃଖ ବିନାଶ



ଛବି ରାଣୀ ପତି

କାମନା ବିନାଶେ ଦୁଃଖର ବିନାଶ ଶିଖାଏ ଯୋଗର ମାର୍ଗ
ପଦ ପଙ୍କଜରେ ଲୟଟି ରଖିଲେ ମିଳିପାରେ ମୋକ୍ଷ ଯୋଗ ।

କାମନା ଜାଲରେ ଛନ୍ଦି ହୋଇ ମନୁ ପ୍ରମାଦ ଗଣଇ ନିତି
ସେ ଅନଳ ଜାଳେ ଦିବ୍ୟ ଚେତନାକୁ ବିଭ୍ରାନ୍ତ କରଇ ମତି ।

ପଶୁ କି ମାନବ ଦେବ କି ଦାନବ କାମନା ବଶରେ ସବୁ,
ସଚରାଚର ଏ ଜୀବ ଜଗତଟା ଦୁର୍ବାର ଆସକ୍ତ ପ୍ରଭୁ ।

ମହାକାଳ ଫଳ ଆକାର ସମାନ କାମନା ବାସନା ତୃପ୍ତ,
ଯେତେ ପାଇଲେବି ଅତୃପ୍ତ ମଣିଷ ଅଙ୍ଗାର ଦେହେ ସନ୍ତପ୍ତ।

ଈଶ୍ୱର ପ୍ରଦତ୍ତ ଅମୃତ ସନ୍ତାନ ଲଭଇ ଦୁର୍ଲଭ ଦିନ,
ଘୋଡ଼ା ସବାର ଏ ବେଲଗାମ ମନ ଦେଖାଏ କେତେ ଦୁର୍ଦ୍ଦିନ ।

ଈଶ୍ୱର ଆରାଧ୍ୟ ସାଧନାରେ ସିଦ୍ଧ ଜରା ବ୍ୟାଧି ଜୀବନରେ,
ବିଷୟାସୁଖକୁ ଆତ୍ମରକ୍ଷା ପାଇଁ ଶ୍ରେୟସ୍କର ମନକରେ।

ISSN NO.
2582-208X

ବିସ୍ତାରିତ କାୟା ବୈତରଣୀ ଆଶା ଭଉଁରୀ ଖେଳାଏ ସିନା,
ସୁଗମ ପଥକୁ ଦୁର୍ଗମ କରାଏ ସଂସାରକୁ କରେ ଚୁନା ।

ଦୁଃଖ ପୂର୍ଣ୍ଣ କାମନା ଅନ୍ତଃହୀନ ପ୍ରାୟ ରାଶି ରାଶି ଆସେ ମାଡ଼ି,
ତ୍ୟାଗ ସମର୍ପଣ ଭୌତିକ ସୁଖ ଲୋଭ ମୋହ ମାୟା ଛାଡି ।

ଚାରି ସତ୍ୟ ମଧ୍ୟେ ଏ ତୃତୀୟ ସତ୍ୟ ବୁଦ୍ଧଦେବଙ୍କର ଜ୍ଞାନ
କାମନା ରହିତ ଇଶ୍ୱର ସତ୍ତାରେ ଶାନ୍ତିରେ କଟେ ଜୀବନ ।

ମଧଶାସନ, ବିରିଡ଼ି
ଜଗତସିଂହପୁର
ଫୋନ -୯୩୩୭୯୬୦୦୬୦

ISSN NO.
2582-208X

# ରାତି


ଦିନେଶ ମେହେର

କେତେ ଦିନରୁ
ସମ୍ଭାଳି ରଖିଥିବା ଲୁହ ଟା ବୋଧେ
ଝରିବାକୁ ପ୍ରସ୍ତୁତ ହେଉଥାଏ,

କଟ୍ କଟ୍ ଅନ୍ଧାର!
ହାତ ବି ଡରୁଥାଏ
ଜଳେଇବାକୁ ମହମ ଟିକେ
ଅବା ଡିବିରି ଟେ,
ଆଲୁଅ ରେ
ଦର୍ପଣ ସାମ୍ନାରେ ନିଜ ଚେହେରା କୁ
ଲୁଚେଇବାକୁ ବୋଧେ
କରି ନେଇଛି ପଣ।

ଅସରାଏ ବର୍ଷା,
ତା ଦେହେ ଭିଜି ଯାଇଥିବା ବାହ୍ୟ ପ୍ରକୃତି
ସତେ କ ଅଜଣା ଗନ୍ଧ ଛାଡୁଥାଏ,
ମନେ ପକେଇ ଦେଉଥାଏ
କେଉଁ ଏକ
ବିଚ୍ଛେଦ ର କାହାଣୀ,

ଆଖିରେ
ହଜି ଯାଏ ନିଦ,
ତିନ୍ତ ଯାଇଥାଏ ତକିଆ ଠାରୁ ବିଛଣା
ଅଝରାଝର ଲୁହ ରେ,
ସ୍ୱପ୍ନ ସବୁ ଘୁଡମୁଡେଇ ହେଇ ପଡ଼ିଥାଏ
କୋଠରୀ ର
କେଉଁ ଏକ କଡ଼ରେ,

ତେବେ
ନୂଆଁ ଆକାଂକ୍ଷା ଜାଗିବ କେଉଁଠୁ
ରାତି ସବୁ ତ
ଏବେ ଉଜାଗରେ
ବିତି ଯାଏ
ନୂଆଁ ସମ୍ଭାବନାର
ଅନୁସନ୍ଧାନ ରେ!

ପଳାସ, କଳାହାଣ୍ଡି

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୨୨ )

ଉଠ୍ ପୁଟୁର୍....
ଉଠ୍ ପୁଟୁର୍ ....

କବ୍ତା ଡାକୁଥାଏ । ତାର ବିକଳିଆ ଡାକ ଶୁଣି ଏତେ ଯୋର୍ ରେ ହୁଁକରି ହୁଁକରି (ଧକେଇ), ଫୁଲି ଫୁଲି  କାନ୍ଦିଲି ଯେ ମୋର ରୁମମେଟ୍ ର ନିଦ ଭାଙ୍ଗିଗଲା । ଖଟରୁ ଓହ୍ଲେଇ ଧୀର ସ୍ଥିର ଭାବେ ଆସି ମୋର ଧକେଇ ହେଇ ଖୁବ୍ ଯୋର୍ କମ୍ପି ଉଠୁଥିବା ଦେହଟାକୁ ଜଡେଇ ଧରିଲା ସେ । ସାନ୍ତ୍ୱନା ଦେବା ପାଇଁ ଗୋଟାଏ ଶବ୍ଦ ଭି କହିଲା ନାହିଁ । କେବଳ ଦୁଇ ହାତରେ କୁଣ୍ଢେଇ ଧରିଥିଲା, ମୋରି ବିଛଣାରେ ଶୋଇ । ଆସ୍ତେ ଆସ୍ତେ ମୋର କୋହ ଓ କାନ୍ଦରେ ଭଟ୍ଟା ପଡ଼ି ଆସିଲା । ଶାନ୍ତ ହେଲି ମୁଁ । ମୋର ଶରୀର ବି ସ୍ଥିର ହେଲା ।

ସେ ଉଠିଲା ଓ ମୁଁ ଭି ଉଠି ବସିଲି । - ଯାଃ, ଲୁହ ସିଂଘାଣୀ ସଫା କରି ଆସ ।

ଖୁବ୍ ଦୃଢ଼ ଅଥଚ କୋମଳ କଣ୍ଠସ୍ୱର ଯାହାକୁ ଏକା ଥରକେ ପାଳନ କରିବାକୁ ବାଧ୍ୟ ହେଇଯିବ ଜଣେ ।

ISSN NO.
2582-208X

ମୁଁ କୂଅ ମୂଳକୁ ଗଲି । ପ୍ରଥମ ଥର ପାଇଁ ଟ୍ୟୁବ୍ ୱେଲ୍ ଦେଖିଲି ମୁଁ । ଇସ୍, କେମିତି ତାର ଲୁହାର ହାତକୁ ଉପର ତଳ କଲେ ଗଳଗଳ କରି ତା ମୁହଁରୁ ପାଣି ବାହାରି ପଡ଼ୁଛି ବାନ୍ତି କଲା ପରି । କୂଅ ମଧ୍ୟ ଥିଲା । ରସି ଓ ବାଲ୍ଟି ଥୁଆ ହେଇଥିଲା । କୂଅଠାରୁ ଅଳ୍ପ ଦୂରରେ ଧାଡ଼ିଏ ବରପାଲି ପାଇଖାନା ଘର ଥିଲା । ସିମେଣ୍ଟ ତିଆରି ସିଟ୍ । ପାଣି ଢାଳିଦେଲେ ସଫା । ମୋତେ ଏସବୁ ଦେଖି ଆଶ୍ଚର୍ଯ୍ୟ ଲାଗୁଥିଲା ।

କେତେ ଆଗେଇ ଯାଇଛି ଦୁନିଆ ସତରେ, ଆଉ ଆମେ କୂପ ମଣ୍ଡୁକ ହେଇ ଭାବୁଛୁ ଯେ ଦୁନିଆଟା ଆମ ଗାଁ ଭିତରେ ହିଁ ସୀମିତ ? କୂଅ ମୂଳରେ କେହିଜଣେ ଗୋଡ଼ହାତ ଧୋଉଥିବାର ଦେଖିଲି । ଖୁଣ୍ଟରେ ଚାଳିଶ ଭୋଲ୍ଟର ବଲ୍ବଟିଏ ଜଳୁଥିଲା । ଗଛ ମାଛର ଅଧା ଛାଇ ଅଧା ଆଲୁଅରେ ଜଣା ପଡୁ ନଥିଲା କିଏ ସେଇଟା । ପାଖକୁ ଗଲି । ଆରେ ଇଏ ତ ସୂର୍ଯ୍ୟପ୍ରକାଶ ଯେ ? ଏତେ ବେଳସୁରୁ ସେ ଉଠି ପଡେ ତେବେ ?

ମୋତେ ଦେଖି ସେଇ ସମାନ କଥା ସିଏ କହିଲା ? - ଏତକି ଅନ୍ଧାରରୁ ଉଠୁ ତୁଇ ? ନା ନିଦ ହେଲା ନାଇଁ ଘରର କଥା ଭାବିକରି । ଆରେ ! କାନ୍ଦୁଥିଲୁ ନା କି ?

ନିଜର ମଣିଷକୁ ପାଇଲେ ଯେମିତି କୋହ ଲୁହ ସବୁ ଅନିୟନ୍ତ୍ରିତ ହେଇଯାଏ, ଅତି ଯତ୍ନରେ ମୁହୂର୍ତ୍ତ ମାନଙ୍କର ବନ୍ଧ ଦେଇ ସାଇତି ରଖିଥିବା ଆବେଗ ସବୁ ଭୁଷୁଡ଼ି ପଡେ, ମୋର ଅବସ୍ଥା ମଧ୍ୟ ସେଇଆ ହେଲା ।

କିଛି ସମୟ ପରେ ପ୍ରକୃତିସ୍ଥ ହେଲି । ସେ ନଳକୂପରୁ ପାଣି କାଢ଼ି ଦେଲା । ମୁହଁ ମୁଣ୍ଡରେ ପାଣି ଛାଟିଲା ପରେ ଟିକେ ଭଲ ଲାଗିଲା । ଜଣେ ଜଣେ କରି ପିଲା ଆସିଲେ ନିତ୍ୟକର୍ମ କରିବା ପାଇଁ । ଖୁବ୍ ଗୋଟେ ପାରିବାରିକ ପରିବେଶ ପରି ଲାଗୁଥାଏ । ଥଟ୍ଟା, ମଜା, ପାଠ ସବୁ ଆଲୋଚନା ଚାଲିଥାଏ । ଢିଙ୍କିଶାଳରୁ ଢେଙ୍କାନାଳ । ଦେଶ ଦୁନିଆ ଖବର ବି ପିଲାଏ ରଖିଥାନ୍ତି । ଇଆଡେ ସୂର୍ଯ୍ୟ ତାର ବିଭିନ୍ନ କସରତ, ଯୋଗାସନ କରି ଚାଲିଥାଏ ଅଖାଟିଏ ପକେଇ । ଶୀର୍ଷାସନରେ ଦଶମିନିଟ୍ ପର୍ଯ୍ୟନ୍ତ ରହିଯାଏ । ତେବେ ଏହାହିଁ ଥିଲା ତାର ଅଫୁରନ୍ତ ବଳର, ବିରାଟ ବପୁର ରହସ୍ୟ ।

ISSN NO.
2582-208X

ମୁଁ ମଧ୍ୟ ଶରୀର ଚର୍ଚ୍ଚା କରିବା ତା ଠାରୁ ଶିଖି ଯାଇଥିଲି । ଯୋଗ ଧ୍ୟାନ ଯାହା ମୁଁ ଏପର୍ଯ୍ୟନ୍ତ କରେ ସେସବୁ ତାହାରି ଦାନ ଓ ଶିକ୍ଷା । ସୂର୍ଯ୍ୟ ପ୍ରକାଶ ସମସ୍ତଙ୍କ ସହିତ ମୋର ପରିଚୟ କରେଇ ଦିଏ । ହୋଷ୍ଟେଲ୍ ରେ ଏମିତି କେତେ ପିଲା କି ? ମୋଟ ଚଉଦ ଜଣ ତ । ଅଷ୍ଟମ ଶ୍ରେଣୀର ମୁଁ ଓ ସୂର୍ଯ୍ୟ । ଷଷ୍ଠ ସପ୍ତମ ମିଶି ତିନି ପିଲା, ଏକାଦଶରେ ସବୁଠାରୁ ବେଶି ଛଅଜଣ ପିଲା, ଦଶମରେ ତିନି, ନବମ ଶ୍ରେଣୀର ଗୋଟିଏ ବି ପିଲା ନଥାନ୍ତି ହୋଷ୍ଟେଲ୍ ରେ । ସେ ସମୟରେ ଯେହେତୁ ଏକାଦଶ ଗୋଟିଏ ଘାଟି, ବୋର୍ଡ ପରୀକ୍ଷା, ତେଣୁ ପାଠପଢ଼ା ସୁବିଧା ପାଇଁ କିଛି ପିଲା ହୋଷ୍ଟେଲ୍ ରେ ରହିବା ଅପେକ୍ଷାକୃତ ଅଧିକ ପସନ୍ଦ କରୁଥିଲେ ।

- ଆରେ ଅଭି, ତୋର ରୁମମେଟ୍ ସାଙ୍ଗ୍ ରେ ଜଣା ଶୁଣା ହେଲାନି ନା ନାଇଁ ରେ ?

ମୁଁ ଭୁଲୁକ୍ ଭୁଲୁକ୍ ଅନେଇଲି, କଣ କହିବି ଭାବି ପାରିଲି ନାହିଁ । ମୋତେ ସରମ୍ ଲାଗୁଥିଲା, ମୁଣ୍ଡ ତଳକୁ କରି ଦେଇଥିଲି । ଆହୁରି ବହୁତ କିଛି ଶିଖିବାକୁ ଅଛି ମୋତେ ତେବେ ।

ଛିଃ, କେମିତି ମୂର୍ଖଟାଏ କି ମୁଁ, ଯିଏ ମୋତେ ମାଆ ପରି ଗେହ୍ଲାକରି ସକାଳୁ ସମ୍ଭାଳିଛି, ମୋର୍ ଟିକ୍ ଟିକ୍ ହେଇ ଯାଉଥିବା ଏକାବେଳକେ ଛୋଟ ମନଟିକୁ ସାନ୍ତ୍ୱନାର ଲେପ ଦେଇ ଯୋଡ଼ି ଦେଇଛି, ଅମଣିଷ ପରି ତା ନାମଟା ପଚାରିବାର ଭି ସାମାନ୍ୟ ସୌଜନ୍ୟତା ମୁଁ ଜାଣି ନାହିଁ । ଛିଃ ।

- ଆରେ ସୌମ୍ୟକାନ୍ତ ଭାଇ, କାଲ କି ଏଇ ନୁଆ ଛୁଆଟା ତୁମ୍ କୁ ଶୁଇତେ ଦେଲା ନାଇଁ ? ଏତେ ବିଳମ୍ବ ରେ ଆସୁଛ ଯେ ?

ଆଚ୍ଛା, ଇଏ ତେବେ ସୌମ୍ୟକାନ୍ତ ଭାଇ । ମୋର ରୁମମେଟ୍ । ଘର ଭିତରେ ଜଣା ପଡୁ ନଥିଲା କିନ୍ତୁ ବାହାରେ ଦେଖିବାରୁ ଅନେକ ପାକଳିଆ ରାଢ଼ ପରି ଦେଖା ଯାଉଥାନ୍ତି । ମୁହଁରେ ଆପଣାର କରିଦେବା ପରି ବାତ୍ସଲ୍ୟପୂର୍ଣ୍ଣ ଈଷତ୍ ହସଟିଏ ।

ISSN NO.
2582-208X

ସୌମ୍ୟକାନ୍ତ ଭାଇ, ସେ ସମସ୍ତଙ୍କର ଭାଇ । ସୌମ୍ୟକାନ୍ତ ଷଡ଼ଙ୍ଗୀ । ବେଶ୍ ଥିଲା ବାଲା ଘରର ପିଲା । ସେ କୁଆଡ଼େ ଅନୁ ଯୁଗରୁ ଏହି ହୋଷ୍ଟେଲ୍ ର ଅନ୍ତେବାସୀ । ତାଙ୍କ ସାଙ୍ଗରେ କେତେ ଏହି ସ୍କୁଲରୁ ବିଦା ହେଲେଣି, ଆଉ ତାଙ୍କ ତଳେ ବି ପାଞ୍ଚ ଛଅଟା ବ୍ୟାଚ୍ ବାହାରି ଯାଇ ସାରିଲେଣି । ସବୁ ଶ୍ରେଣୀର ଅନ୍ୟୁନ ଦୁଇବର୍ଷ ଲେଖା ଅନୁଭବ ଅଛି ତାଙ୍କର। ପାଠପଢ଼ାର ପିତାମହ ସେ ଏଇ ସ୍କୁଲ୍ ପାଇଁ । କୁଶାଗ୍ର ବୁଦ୍ଧି । ସମସ୍ତଙ୍କୁ ପାଠ ପଢ଼ିବାରେ ସାହାଯ୍ୟ କରନ୍ତି । ଅଦ୍ଭୁତ ନା ? ସେ କିନ୍ତୁ ଫି ବର୍ଷ କୋଉ ନା କୋଉ ଶ୍ରେଣୀରେ ଫେଲ୍ ହୁଅନ୍ତି । ସୂର୍ଯ୍ୟ କୁହେ ଯେ,

ଅଦ୍ଭୁତ, ଅବୋଧ୍ୟ ଚରିତ୍ରଟାଏ ସେ । ଘରେ ତାଙ୍କର ବିମାତା ଅଛନ୍ତି । ବିମାତା ପୁତ୍ର ଭାଇ ତିନିଜଣ ମଧ୍ୟ ଅଛନ୍ତି । ବାପା ତାଙ୍କର ଜମିଦାର । ପଞ୍ଚାୟତ ମୁଖିଆ ମଧ୍ୟ । ବେଶ୍ ନ୍ୟାୟୋଚିତ ବିଚାର ନିମନ୍ତେ ଏହି ସ୍କୁଲ୍ ସେପାଖ ପାଞ୍ଚଖଣ୍ଡ ଗ୍ରାମରେ ତାଙ୍କର ନାମଡାକ ଅଛି । କିନ୍ତୁ ଦୀପତଳ ଅନ୍ଧାର । ନିଜ ଘରର ନ୍ୟାୟ ବ୍ୟବସ୍ଥା ତାଙ୍କର ଧରାଶାୟୀ । ପୁତ୍ର ଓ ବିମାତା ମଧ୍ୟରେ ପ୍ରତିଦିନର କ୍ଲେଶକୁ ଶାନ୍ତ କରିବାକୁ ଯାଇ ପୁତ୍ରକୁ ଦିଅନ୍ତି ଛାତ୍ରାବାସ। ସୌମ୍ୟକାନ୍ତ ଭାଇଙ୍କର ମଧ୍ୟ ଅଭିମାନ ଓ ଆକ୍ରୋଶ ଏଇଥିପାଇଁ ଯେ ବାପା ତାଙ୍କର କୌଣସି କୈଫିୟତ ଶୁଣିଲେ ନାହିଁ । ସେଥିପାଇଁ ସେ ଜାଣିଶୁଣି ପରୀକ୍ଷାରେ ଖରାପ କରନ୍ତି । ଛୁଟିରେ ମଧ୍ୟ ପ୍ରାୟ ଘରକୁ ଯାଆନ୍ତି ନାହିଁ ।

ସୌମ୍ୟକାନ୍ତ ଭାଇ ସହିତ ମୋର ମଧ୍ୟ ଭଲ ଭାବ ହେଇ ଯାଇଥାଏ । ପଇସାର କୌଣସି ଅଭାବ ନଥାଏ ତାଙ୍କର । ସେଥିପାଇଁ ଗଦା ଗଦା ବହି ସେ କିଣି ଆଣନ୍ତି ଓ ପଢ଼ନ୍ତି । ପାଠ ବହି ଖୁବ୍ କମ୍ ପଢ଼ିବାର ଦେଖେ ମୁଁ । ଶ୍ରେଣୀ କକ୍ଷକୁ ମଧ୍ୟ କମ ଯାଆନ୍ତି । ଜମିଦାର ପୁଅ ବୋଲି ସାର୍ ମାନେ ମଧ୍ୟ ନୀରବ ରୁହନ୍ତି ଏ ନେଇ । ପ୍ରାୟ ସେ ଆମର କୂଅମୂଳ ଚାନ୍ଦିନୀରେ ନିମଗଛ ମୂଳେ ବସି ବହି ପଢୁଥାନ୍ତି । ସେକ୍ସପିୟର୍, ଟଲଷ୍ଟୟ, ଟେଗୋର୍, ଗୋର୍କୀ, ଶେଲି, ଇଲିୟଟ୍, ଅଷ୍ଟିନ୍, ଡିକେନ୍ସ୍, ଟ୍ୱାଇନ୍ ଏମାନଙ୍କୁ ମୁଁ ଚିହ୍ନିଲି ତାଙ୍କରି ପାଇଁ। ସେ ସମୟରେ ମଧ୍ୟ ସେ ପାଟନା, କଟକ, କଲିକତାରୁ ବହି ଡାକରେ ମଗାଉଥିଲେ ।

ତାଙ୍କ ପାଖରେ ରହି ମୋର ଇଂରାଜୀ ବହୁତ ଭଲ ହେଇ ଯାଇଥିଲା । ମୁଁ ବି ଏତେ ନାମୀ ଦାମୀ ଲେଖକ ମାନଙ୍କୁ ପଢ଼ିବାର ସୁଯୋଗ ପାଇଥିଲ , ତୃଷାର୍ତ୍ତକୁ ଆଉ କଣ ଦରକାର

ISSN NO.
2582-208X

ଯେ, ପାଣି ତ । ଏଠି ତ ମୋତେ ଅଗାଧ ସମୁଦ୍ର ମିଳି ଯାଇଥିଲା । ବିବେକା ମାଷ୍ଟର ଓ ଗଣିଆ ଭାଇ ମିଶି ମୋର ମୂଳଦୁଆ ଏତେ ସୁଦୃଢ କରି ଦେଇଥିଲେ ଯେ, ସ୍କୁଲ୍ ପାଠ ପାଇଁ ମୋତେ କିଛି ପଢ଼ିବାକୁ ପଡେନାହିଁ । ମୁଁ ସେହି ସମୟତକ ଉପଯୋଗ କରେ ସୌମ୍ୟ ଭାଇଙ୍କ ନିଜସ୍ୱ ପୁସ୍ତକାଗାରରେ । ତାଙ୍କରି ପାଖରେ ପାଇଥିଲି ମୁଁ ଭର୍ଜିନିୟା ଉଲ୍ଫଙ୍କର "ଟୁ ଦି ଲାଇଟ୍ ହାଉସ୍ " ।

ବହିଟି ପଢ଼ି ମୁଁ କିଛି ସମୟ ନିଜକୁ ଭୁଲି ଯାଇଥିଲି, ସଂସାର ଭୁଲି ଯାଇଥିଲି, ସମୟଟାକୁ ମଧ୍ୟ ଭୁଲି ଯାଇଥିଲି । ତଥାପି ସେହି ବିବେକା ମାଷ୍ଟରଙ୍କର ଅନ୍ଧାର ରହସ୍ୟମୟ କୋଠରୀର ସେହି ସରସ୍ୱତୀ ସାଧନାର ପାଖାପାଖି ବି ପହଞ୍ଚି ପାରି ନଥିଲି । ବହିଟି ପଢ଼ି ମୋତେ ଲାଗିଥିଲା ଯେମିତି ମୁଁ ସେହି ଜେମ୍ସ । ମୁଁ ଠିଆ ହେଇଛି ବତୀଘର ଉପରେ । ସମ୍ମୁଖରେ ଅଗାଧ ଅତଳ ନୀଳ ସମୁଦ୍ର । ଉପରେ ଅନନ୍ତ, ଅସୀମ ନୀଳ ଆକାଶ । ସେ ଦୁହିଁଙ୍କର ନୀଳ ନୀଳ ମାୟା ମୋର ଅସ୍ତିତ୍ୱକୁ କରି ଦେଉଛନ୍ତି ମୋହାଚ୍ଛନ୍ନ । ନିର୍ବାକ୍ ।

ଆଉ ଗୋଟିଏ ବହି ମୋତେ ପ୍ରଭାବିତ କରିଥିଲା, ସାଉଣ୍ଡ ଅଫ୍ ଦି ମ୍ୟୁଜିକ । ମଣିଷ ଯେବେ ଠାନିନିଏ, ଯେତେବେଳେ ଲକ୍ଷ୍ୟ ପଛରେ ଲାଗିଯାଏ ତାକୁ କେହି ଅଟକେଇ ପାରିବେ ନାହିଁ । ମୁଁ ଆସ୍ତେ ଆସ୍ତେ ମୋର ଛାତ୍ରାବାସ ଜୀବନରେ ରସିଯାଏ । ମୁଁ ଖୁବ୍ ଶୀଘ୍ର ଖାପ୍ ଖୁଆଇ ନିଏ । ଛାତ୍ର ଜୀବନର ନିୟମିତତା, ସହଯୋଗିତା, ସହଭାଗିତା ସବୁ ମୋତେ ଆଗାମୀ ଜୀବନ ପାଇଁ ତିଆର୍ କରେ ।

ଗଣନାଥ ଭାଇ ଖୁସି ହୁଅନ୍ତି । ଆଉ ଗୋଟିଏ ଭଲ କଥା ଘଟିଲା । ଗଣନାଥ ଭାଇ ଚଇନୁକୁ ଆଣି ଜବରଦସ୍ତି ଷଷ୍ଠ ଶ୍ରେଣୀରେ ଭର୍ତ୍ତି କରି ଦିଅନ୍ତି । ଚଇନୁ ମୋଠାରୁ ଯଦିଓ ବର୍ଷେ ବଡ଼ ଥିଲା କିନ୍ତୁ ଗାଁରେ ମୋ ସହିତ ପଢୁଥିଲା । ଆଉ ଏଠାରେ ଯେତେବେଳେ ଦୁଇଟା ଶ୍ରେଣୀ ତଳେ ପଢ଼ିଲା ତା ଭିତରେ ହୀନଗ୍ରନ୍ଥି ଟିଏ ପଡ଼ି ଯିବାର କୌଣସି ଆଚମ୍ବିତ କଥା ନୁହେଁ । ମୁଁ ବହୁତ ଖୁସି ହେଇଗଲି । ସେ ରହିଲା ଷଷ୍ଠ, ସପ୍ତମ ଶ୍ରେଣୀ ପିଲାଙ୍କ ସହିତ । ଗୋଟିଏ ବଡ଼ ବଖରାରେ ତିନିଜଣ ଥିଲେ । ବର୍ତ୍ତମାନ ସମୁଦାୟ ଚାରିଜଣ । ଛୋଟପିଲା ବୋଲି ସେମାନଙ୍କୁ ମଝି ବଖରାଟା ଦିଆ ଯାଇଥାଏ । ଚଇନୁକୁ ପ୍ରଥମେ ଭାରି

ISSN NO.
2582-208X

ଖରାପ ଲାଗୁଥାଏ । କିନ୍ତୁ ଆମ ହୋଷ୍ଟେଲ୍ ରେ ସମସ୍ତଙ୍କର ବ୍ୟବହାର ଏତେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ଅମାୟିକ ଯେ ସେ ବି ଆଦି ହୋଇଗଲା କିଛି ମାସ ପରେ ।

ଏକରେ ଦୁଇ ବର୍ଷରୁ ଅଧିକା ସମୟ ସେ ପାଠ ନ ପଢ଼ି ବାଲୁଙ୍ଗାମୀ ଓ ଚଗଲାମୀରେ ବତେଇଲା, ତା ପରେ ତାର ବୁଦ୍ଧି ଭି ବହୁତ କମ ଥିଲା । ତେଣୁ ପାଠ ଧରିବାରେ ବହୁତ କଷ୍ଟ ହେଲା ତାକୁ । ତାକୁ ଲାଇନକୁ ଆଣିବାରେ ସୌମ୍ୟ ଭାଇ ବହୁତ ସାହାଯ୍ୟ କଲେ । ମଜାକଥା ଏଇଆ ଯେ ସମାନ ବର୍ଷରେ ସୌମ୍ୟ ଭାଇ ଅର୍ଥାତ ସୌମ୍ୟକାନ୍ତ ଷଡ଼ଙ୍ଗୀ ଓ ଚଇନୁ ଅର୍ଥାତ ଚିନ୍ମୟ କୁମାର ବେହେରା ମେଟ୍ରିକ ପାସ୍ କରିଥିଲେ, ମୁଁ ରେଭେନ୍ସା କଲେଜରେ ଯୋଉ ବର୍ଷ ଆଇ ଏସ୍ ସି ପାସ୍ କଲି । ତେବେ ଫରକ ଏଇଆ ଯେ, ସୌମ୍ୟକାନ୍ତ ଷଡ଼ଙ୍ଗୀ ସମ୍ପୂର୍ଣ୍ଣ ଜିଲ୍ଲାରେ ପ୍ରଥମ ସ୍ଥାନ ନେଇଥିବା ସ୍ଥଳେ ଚିନ୍ମୟ କୁମାର ବେହେରା ତୁଚ୍ଛା ତୃତୀୟ ଶ୍ରେଣୀ ନମ୍ବର ରଖି ପାସ୍ ଟା କରି ଯାଇଥିଲେ ।

ଚିନ୍ମୟ କୁମାର ବେହେରା ସମ୍ପ୍ରତି ଆମ ଗାଁ ସ୍କୁଲରେ ପ୍ରଧାନ ଅଧ୍ୟାପକ ଓ ସୌମ୍ୟକାନ୍ତ ଷଡ଼ଙ୍ଗୀ ତାଙ୍କ ବାପାଙ୍କ ଜମିଦାରୀ ବ୍ୟବସ୍ଥାକୁ ଚୁର୍ ମାର୍ କରି ବର୍ତ୍ତମାନ ଏକ ସମାଜ ସେବକ, ଦଳିତ ସମାଜର ପୃଷ୍ଠପୋଷକ ଓ ଜଣେ ସୁପ୍ରତିଷ୍ଠିତ ନିର୍ଭୀକ ସାମ୍ବାଦିକ। ଏସବୁ କଥା ପରେ ବିସ୍ତୃତ ଭାବରେ ଦେଖିବା ।

ଶାରଦୀୟ ଋତୁର ଆଗମନ ଆମ ହୋଷ୍ଟେଲ୍ ରେ । ମୋ ଛାତ୍ରାବାସ ଜୀବନର ପ୍ରଥମ ଛୁଟି । ଦଶହରା । ମୋର ପାଦ ତଳେ ପଡୁ ନଥାଏ । ଦୀର୍ଘ ଚାରିମାସ ପରେ ଫେରୁଥାଏ ମୁଁ ଘରକୁ । ସମସ୍ତେ ଉତ୍ସାହରେ ଭରପୁର୍ ମନ ନେଇ ସ୍ୱଗୃହ ପ୍ରତ୍ୟାବର୍ତ୍ତନ ନିମନ୍ତେ ନିଜର ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତି । ଚଇନୁ ଆସିବାର ମୋଟେ ମାସଟିଏ ହୋଇଥାଏ । ସେ ଏପର୍ଯ୍ୟନ୍ତ ମନ ଲଗେଇ ପାରି ନଥାଏ । ଛାଟିପିଟି ହେଉଥାଏ ଛୁଟି ଅପେକ୍ଷାରେ ।

ସେଦିନ ସମସ୍ତେ ପରସ୍ପର ଠାରୁ ବିଦାୟ ନେଇ ବାହାରିଲୁ । ଏହି ବିଦାୟ ପର୍ବଟା ମଧ୍ୟ ସେଇମିତି ଶୋକାକୁଳ ଓ ଭାବପ୍ରବଣ ଥିଲା, ଯେମିତି କି ଗାଁ ଛାଡ଼ିବା ବେଳେ ହୋଇଥିଲା।

ISSN NO.
2582-208X

ଆଶ୍ଚର୍ଯ୍ୟ ନା ? ମଣିଷ କେତେ ଶୀଘ୍ର ଆପଣେଇ ନିଏ ସମ୍ପର୍କ ମାନଙ୍କୁ । କୁହନ୍ତି ଏକତ୍ର ତିନିପାଦ ଚାଲିଲେ ବନ୍ଧୁତ୍ୱର ସୂତ୍ରପାତ ହୁଏ । ଆଉ ଏଠାରେ ତ ଏକତ୍ର, ଗାଧୁଆ ପାଧୁଆ, ଖିଆପିଆ ଠାରୁ ନେଇ ଶୋଇବା ପର୍ଯ୍ୟନ୍ତ ।

ଜୀବନ ଆଉ କଣ କି ? ଏଇ ଗୁଡେଇ ତୁଡେଇ ହେଇଥିବା ଅଡୁଆ ମଡୁଆ ସମ୍ପର୍କ ମାନଙ୍କୁ ସଜରେ ସମାଧାନ କରିବାର କଥା ତ । ସମ୍ପର୍କ ମାନଙ୍କୁ ଯେ ଭଲ ଭାବରେ ଜୀଇ ନିଏ, ସମ୍ପର୍କର ମହତ୍ତ୍ୱ ଯେ ବୁଝେ ତାର ହିଁ ଜୀବନ ପ୍ରକୃତରେ ସଫଳ । ସମ୍ପର୍କ ନଥିଲେ ଜୀବନର ଅସ୍ତିତ୍ୱ କାହିଁ ? ଏକା ଏକା କଣ ଜୀଇ ପାରିବ ମଣିଷ ପରି ସାମାଜିକ ପ୍ରାଣୀଟିଏ ? ମନୁଷ୍ୟତ୍ୱ ଯା ପାଖରେ ନାହିଁ ତାକୁ ତ ପଶୁ ସହିତ ବି ତୁଳନା ଅନୁଚିତ, ସେ ବରଂ ପଥରଖଣ୍ଡ ପରି ନିର୍ଜୀବ, ନିଶ୍ଚେଷ୍ଟ, ନିଥର ।

ଫାଟକ ପାଖରୁ ଯେ ଯାହାର ରାସ୍ତା ଧରିଲେ । ଏଥର ସୌମ୍ୟ ଭାଇ ସୂର୍ଯ୍ୟ ସହିତ ତାଙ୍କ ଗାଁକୁ ଯାଉ ଥାନ୍ତି । ଖଣ୍ଡେ ଗାମୁଛା ଆଉ ବେଗେ ବହି । ସିଏ ହେଉଛନ୍ତି ସୌମ୍ୟ ଭାଇ । ସରଳତା ଓ ସୌମ୍ୟତାର ପ୍ରତିମୂର୍ତ୍ତି ।

ମୁଁ, ଗଣିଆ ଭାଇ ଓ ଚଇନୁ ଚାଲିଲୁ ଗାଁ ଅଭିମୁଖେ । ଦୁଇଟି ନଦୀ ମଧ୍ୟବର୍ତ୍ତୀ ସେହି ତ୍ରିକୋଣ ଭୂମି ଶୁଭ୍ର କାଶତଣ୍ଡିର ପସରା ମେଲେଇ ସତେ କି ମୋତେ ସ୍ୱାଗତ କରୁଛି । ଅଶୀଣ ମାସର ନିର୍ମଳ ଆକାଶର ଛାଇ ଅଶିଣୀଆ ନଈର ସ୍ୱଚ୍ଛ ସ୍ଫଟିକ ପରି ପାଣିରେ ପଡ଼ି ଏକ ଐନ୍ଦ୍ରଜାଲିକ ପ୍ରଭାବ ବିସ୍ତାର କରୁଥାଏ ।

ଧୀର ପବନରେ ଦୋଳାୟମାନ କାଶତଣ୍ଡି ମାନଙ୍କ ମଝିରେ ସରୁ ବାଟଟିଏ ଏଇ ଗଣିଆ ଭାଇ ପରି ଲୋକମାନଙ୍କ ଦ୍ୱାରା, ତାଙ୍କରି ଉଦ୍ଦେଶ୍ୟରେ ତିଆରି ହେଇଥାଏ । ମୁଁ ହାତରେ ଆଉଁସି ପକାଉଥାଏ କାଶତଣ୍ଡିର କୋମଳ ଶେଜକୁ । ଆଃ, କି ଅପୂର୍ବ ଶିହରଣ ?

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମଶାଣି ତୁଳସୀ



ଦଣ୍ଡାସି ପ୍ରଧାନ

ନିଜର ନିଜ ଉପରେ ଭରସା ଅତୁଟ ରହିଲେ,
ପାଦ ତଳର
ତରଳା ମାଟି ଭିତରେ ମଧ୍ୟ
ସାଉଁଟି ହୁଏ, ଧୈର୍ଯ୍ୟର ପଥର,
ପାଣିରେ ଚାଲିବାର ସଙ୍କଳ୍ପ ସୂତ୍ର
ଆଶ୍ରୟ ସମ୍ଭାର ।
ତା' ଯେବେ ନ ହୁଏ --
ଚାଲିବା କଥା ଦୂରେ ଥାଉ, ଠିଆ ହେବାକୁ
ଦମ୍ଭ ସାଉଁଟୁ ସାଉଁଟୁ -
ମିଳିଯାଏ ସର୍ବନାଶ ଆଖଡା; କୁସଙ୍ଗର ।
ଆଉ ମୁହଁରେ ଦାଢି ଲମ୍ବା ହେବା ଆଗରୁ -
ବାବୁ ବନିଯାନ୍ତି ମଦର ବାଦସାହା !
ନିଶାଖୋର୍ ସୁରା ସମ୍ରାଟ;
ବିଭସ୍ସ ସାମ୍ରାଜ୍ୟର, ଯେତେସବୁ ଯନ୍ତ୍ରଣା ସାଉଁଳି,
ବିବିଧେ ବିଭ୍ରାଟ ସଂରଚନା ।
ମନ୍ଦିଏ ମନ୍ଦିଏ ନାଲି ପାଣି ମଜାର ପ୍ରତିକ୍ରିୟାରେ,
ଦେଖୁ ଦେଖୁ ଉଜୁଡି ଯାଏ,
ସୁଖର ସୁନ୍ଦର ସଂସାର ଆଖି ପିଛୁଳାକେ ।

ISSN NO.
2582-208X

ଅସ୍ତମିତ ସମୟର ନିଃସହାୟ ଅତର୍ପିତ ପିତା ମାତା ।
ସଦାସଦ୍ୟ ସ୍ୱପ୍ନିଳ ଅତୀତ ସ୍ମରଣେ ଓ ସୁନିଶ୍ଚିତ
ଅନ୍ଧାର ଭବିଷ୍ୟତ ଆଶଙ୍କା କୁ ନେଇ
ଏଠି ଆଜି ଲୁହସ୍ନାତ ବିଦାରିତ ସିକ୍ତ ହୃଦୟ ।

ପିଲା କୁଟୁମ୍ବ ଭାରିଜାକୁ ନେଇ,ଗଢି ଉଠିଥିବା ମନ୍ଦିରକୁ
ସଜାଇ ଦିଏ, ଦୁଃଶାସନର ଦରବାର --
ଭାଗ୍ୟକୁ ବାହନା ବନେଇ ।
ଅନ୍ୟ ମାନଙ୍କ ଉପରେ ବିବିଧ ଦୋଷକୁ ଲଦି ଦିଏ,
ଅପାରଗ ବ୍ୟକ୍ତିତ୍ୱ।
ବିନା କାରଣରେ ବିପରୀତ ବୁଦ୍ଧି ।
ଦୁଃଶ୍ଚିନ୍ତାରେ ଏଠି ଏବେ ମଣିଷର ମର୍ଯ୍ୟାଦା ସବୁ
ଅବାଞ୍ଛିତ ମଶାଣି ତୁଳସୀ; ।
ଆପେ ଧରି ନିଏ,
ନିଜ ଜୀବନ ଜିଇଁବା ଓ ମରିବାରେ
ମାନେ କଣ ଅଛି ବୋଲି ?
ଅଧୋଗାମୀ ତାମସିକ ଭାବନା ।

ଏଇଠି ଏକ ପ୍ରଶ୍ନ ?
କାହିଁକି ତୁମ ପୌରୁଷର ମାନ ଏତେ ନ୍ୟୂନ ?
ନିଜସ୍ୱ ବାହୁ ବଳ ସାମର୍ଥ୍ୟକୁ କୁହ /
ଅବା କର୍ମକୁଣ୍ଠ ଅକୁଶଳପଣ ?
କେଉଁ ନ୍ୟାୟରେ ତୁମର ଏ ଆତ୍ମଘାତୀ ପନ୍ଥାନୁସରଣ ??
ତୁମେ ଜୀବ ସତ୍ତାର ପରମ
ଐଶରୀୟ ବରଦାନୀ ଆଭୂଷଣ ।
ତୁମକୁ ଏ ଶାଶ୍ୱତ ସତ୍ୟ ଭୁଲି ଯିବା କେତେ ଶାସ୍ତ୍ର ସମ୍ମତ ???

ISSN NO.
2582-208X

ଏକଥାକୁ ସୁସ୍ଥ ମନରେ ଥରେ ବିଚାର କରି ଦେଖ ;
ମେଘୁଆ ଆକାଶରେ ବି ତାରା ଗୁଡିକ
ଜଳଜଳ ଜ୍ୱଳନ୍ତ ଦିଶିବ ।

ପଥରେ ପଡିଥିବା କଣ୍ଟା କିବା ପଥର
ରାସ୍ତରୁ ଆପେ ହଟିଯିବେ; ନିଜେ ନିଜର ବାଟ ଦେଖି ।
ଆଜି ଯେ ଛି ଛାକର କରୁଛିନ୍ତି /
ତୁମକୁ ଯେ ମୁଣ୍ଡରେ ନ ଥାପିବ , ତାହା ବିଅର୍ଥ ନୁହେଁ ।
ଶ୍ମଶାନ ତୁଳସୀ; ଯେ ତାର ଗୁଣ ସତ୍ତା ହରାଇ ଅପୂଜ୍ୟ;
ଅଥବା ବଞ୍ଚିପାରେ ନାହିଁ /
ଏହାର କୌଣସି ଯଥାର୍ଥ ଉତ୍ତରର ଅପେକ୍ଷା ରାଖି ନାହିଁ ତ ?

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର, ଗଞ୍ଜାମ । ଭ୍ରାମ୍ୟଭାଷ୍ୟ 08660194967

ISSN NO.
2582-208X

# ଦେଶ ପରମ୍ପରା, ଶିକ୍ଷାର ପସରା



ଜୟ କୁମାର ମିଶ୍ର

ଦେଶ ପରମ୍ପରା, ଗାରିମାର କଥା,
ଯେତେ ଉଭା ସେତେ ପୋତା
ସବୁଠି  ଦୃଷ୍ଟାନ୍ତ, ନାହିଁ ତା'ର ଅନ୍ତ
ଦିଗନ୍ତ ବିସ୍ତାରି ରାସ୍ତା ॥
କଲେ ଅଧୟନ, ସମୀକ୍ଷାରେ ମନ
ଜାଣିବା ବହୁତ କଥା
ଭାରତ, ସଭ୍ୟତା, ପରମ୍ପରା କଥା
ଆପେ ଛୁଇଁଯିବ ମଥା ॥
ଅବିବେକୀ ଚିତ୍ତ, ଦିଏ ଭିନ୍ନ ମତ୍ତ
ଦୋଷ ଗୁଣ ବାଛୁ ଥିବ ,
ଭଲକୁ ଦେଖେନା, ଭଲକୁ କହେନା
ମନ୍ଦଚିନ୍ତା କରୁ ଥିବ ॥
ଯା'ରମନ ଯେଢ଼େ, ତାରପ୍ରଭୁ ସେଢେ
ତେମନ୍ତ ପ୍ରକାରେ ଭାଷେ
କାମଳ ନୟନ, ପୀତ ସନ୍ଦର୍ଷନ
ରୋଗ ପ୍ରକୃତିରେ ଆସେ ॥

କଲେ ଅଧ୍ୟୟନ, ସମୀକ୍ଷା ଚୟନ
ଜାଣିବା ବହୁତ କଥା,
ହେବ ଭ୍ରମ ଦୂର, ସଂକୀର୍ଣ୍ଣତି ପାର
ହୋଇବ ବିଶାଳ ଚିତ୍ତ ॥
ଏହି ଆର୍ଯ୍ୟ ଭୂମି ଏହି ତେଜ ଭୂମି
ଦେଇ ଅଛି ନବ ରାହା
ଶିଖାଇଛି ପାଠ, ହୋଇଛି ସେ ଶ୍ରେଷ୍ଠ
କେତେ କଥା ନୁଆଁ ନୁଆଁ ॥
ବେଦ ଉପନିଶଦ, ଶାସ୍ତ୍ର ପୁରାଣଟି
ଏ ମାଟି ମାଆର ଭେଟି,
ସାହିତ୍ୟ, ସଂସ୍କାର, ଆଦି ଶିଷ୍ଟାଚାର
ତା'କୋଳରେ ଅଛି ଲୋଟି ॥
ରାମାୟଣ ସାଥେ, ମହାଭାରତଟି
ଯୁଗ ଯୁଗନ୍ତର ସାକ୍ଷୀ,
ଅପର ମୁହଁରେ, ଫୁଟାଇ ହସଟି
ହୋଇ ଅଛି କେହି ଦୁଃଖୀ ॥

ISSN NO.
2582-208X

ସୀତା ଓ ସାବିତ୍ରୀ, ପାଞ୍ଚାଳୀ  ପାର୍ବତୀ
ଅନୁସୟା, ମିରାବାଇ,
ହରିଶ୍ଚନ୍ଦ୍ର, ରାମ, ପଞ୍ଚ ପାଣ୍ଡବଏଁ
ଉଦାହରଣକୁ ଥୋଇ ॥
ନଳ ଦମୟନ୍ତି ଅମର କୀରତି
କରି ଯାଇଛନ୍ତି ଦେଖ
ସତ୍ୟ ନ୍ୟାୟ ପାଇଁ, ସବୁ କଷ୍ଟ ସହି
ଘେନି ବନବାସ ଦୁଃଖ ॥
ଗଢ଼ିଛି  ସାହିତ୍ୟ, କେତେ ଅପ୍ରମିତ
ନୂଆଁ କଥା ନୂଆଁ ପନ୍ଥା,
କଳା, ଭାସ୍କର୍ଯ୍ୟଟି, ଯାଉଛି ଚହଟି
ଧରିଛି  ଦରିଆ ରାସ୍ତା ॥
ଜଗନ୍ନାଥ ସଂସ୍କୃତି, କରିଅଛି ପ୍ରୀତି
ଜଗତେ ମୋହିଛି ତାହା,
ବିଦେଶୀ ମଣିଷ, ଦେଖି  ତାକୁ ତୋଷ
ଅନୁଗାମୀ ପଥ ଛୁଆଁ ॥
ଅଖିଳ ସକଳ, ପାଶେ  ଧରି କୋଳ
ଜାତି, ଧର୍ମ,  ନୀତି ଭୁଲି,
ମଣିଷ ପଣିଆ, ଉଦାରତା ରାହା
ଚୈତନ୍ୟ ଦୀପାଳି ଜାଳି ॥
ତାର ରଥ ପଥ, ନବଦିନ ଯାତ
ମହିମା ଅବର୍ଣ୍ଣନୀୟ,
ବିଶ୍ୱ ଦରବାରରେ, ମଥା ଟେକି ବାରେ
ବନ୍ଧୁ,  ବନ୍ଧନରେ ଶ୍ରେୟ ॥

ପର ସେବା ପାଇଁ, ତନୁ ମନ ଦେଇ
ଏ ମାଟି ମଣିଷ ସଦା
ଦେଖ, ଗୋପବନ୍ଧୁ, ଦୀନଜନ ବନ୍ଧୁ
ପର ଦୁଃଖେ ଆଖି ଓଦା ॥
ମଦର ଟେରେସା, ହୋଇ ସେ ସହସା
ରୋଗୀଙ୍କ ସେବା ଆବୋରି,
ଉଦାହରଣ ଥୋଇ, ଅମରଟି ହୋଇ
ଧନ୍ୟ ଧନ୍ୟ ହେଲେ ମରି ॥
ବୁଦ୍ଧ, ଗାନ୍ଧୀ, ମଧୁ, ଗଉରବ ସିନ୍ଧୁ
ତ୍ୟାଗ ପାଇଁ ମହାବୀର,
ତ୍ୟାଗ ତପ ବଳେ, ଏ, ମହୀ ମଣ୍ଡଳେ
ସବୁଠି ଟେକୁଛେ ଶିର ॥
ସୁବାସ ବୋଷଙ୍କ, ରହିଛି ମହକ
ଦେଶ ବିଦେଶରେ ପ୍ରଭା,
ଦେଶ ସେବା ବୀର, ମରି ସେ ଅମର
ସବୁଠି ଦିଶନ୍ତି ଶୋଭା ॥
କେତେ ବୈଜ୍ଞାନିକ, କେତେ ଶାସ୍ତ୍ରଜ୍ଞ
ଯୋଗୀ ଗୁରୁ,  ମୁନୀ,  ଋଷି,
ଦେଶ ମାତୃକାର, ସେବା ନିରନ୍ତର
କରି ଥିଲେ ହସି ହସି ॥
ବିବେକାନନ୍ଦଙ୍କ, ଧର୍ମ ବାଣୀ ଦେଖ
କରିଲା ଚକିତ ମନ,
ଅମାନିଆ ମନ, ହୋଇଲା ତଲ୍ଲୀନ
ପ୍ରେରଣା ବାରତା ମାନ ॥

ବୁଦୁଗ୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଜଳ ହିଁ ଜୀବନ



ବାସନ୍ତୀ ଲତା ଜେନା

ଚଉଦ ବ୍ରହ୍ମାଣ୍ଡ ଜଳରୁ ସୃଷ୍ଟି ତ
ଜଳ ହିଁ ଆମ ଜୀବନ
ଶୁଦ୍ଧ ଜଳ ଧାର ଗନ୍ଧ ସ୍ୱାଦ ହୀନ
ହୋଇ ଥାଏ ବର୍ଣ୍ଣହୀନ ।୧।
ନଦୀ ସାଗରରେ ଜଳ ରହି ଥାଏ
ରହି ଥାଏ ଭୂତଳରେ
ସଜୀବଙ୍କ ନିତ୍ୟ କାମରେ ଲାଗଇ
ସବୁଠି ଘରେ ବାହାରେ ।୨।
ଶରୀର ଆମର ପଞ୍ଚଭୂତେ ଗଢ଼ା
ତା ମଧ୍ୟରେ ଜଳ ଅଛି
ମନୁଷ୍ୟ ଶରୀରେ ସତୁରି ଭାଗରେ
ଜଳରେ ପୂର୍ଣ୍ଣ ହୋଇଛି ।୩।
ରାସାୟନିକ କାର୍ଯ୍ୟ ଶରୀରେ ହୁଅଇ
ରକ୍ତକୁ ରଖେ ତରଳ
ଶରୀରରୁ ଝାଳ ନିର୍ଗତ ହୋଇଲେ
ଶରୀର ହୁଏ ଶୀତଳ ।୪।
ପରିସ୍ରା ରୂପରେ ଦୂଷିତ ପଦାର୍ଥ
ନିଷ୍କାସନ ହୋଇ ଥାଏ

ISSN NO.
2582-208X

ଖାଦ୍ୟ ହଜମରେ ଜଳର ସାହାଯ୍ୟ
ଉଦ୍ଭିଦ ସଜୀବ ନିଏ ।୫।
ପାନୀୟ ରୋଷେଇ କାମରେ ଲାଗଇ
କୃଷି କାମେ ଲାଗି ଥାଏ
ଗୃହ ନିର୍ମାଣରେ କାରଖାନା ପାଇଁ
ଜଳ ଦରକାର ହୁଏ ।୬।
କଠିନ ତରଳ ଗ୍ୟାସୀୟ ରୂପରେ
ଜଳ ପରା ବିଦ୍ୟମାନ
ଜଳରୁ ବିଦ୍ୟୁତ ଉତ୍ପନ୍ନ ହୁଅଇ
ବ୍ୟବହାରେ ପ୍ରୟୋଜନ ।୭।
ପୃଥିବୀ ପୃଷ୍ଠରେ ତିନି ଭାଗ ଜଳ
ଅଛି ଏକ ଭାଗ ସ୍ଥଳ
ସାଗର ଜଳରେ ତୃଷା ମେଣ୍ଟେ ନାହିଁ
ନଦୀ ହ୍ରଦ ମଧୁ ଜଳ ।୮।
ଜଳ ସଂରକ୍ଷଣ ପ୍ରତ୍ୟେକ କରିବା
ନ କରିବା ଅପଚୟ
ବରଷା ଜଳକୁ ସାଇତି ରଖିବା
ଜୀବନ ହୋଇବ ଥୟ ।୯।
ଜଳର ବହୁଳେ ସୃଷ୍ଟି ନାଶ ହୁଏ
ଜଳ ବିନା ସ୍ଥିତି ନାହିଁ
ଜଳର କାର୍ଯ୍ୟ ତ ବହୁ ରୂପେ ହୁଏ
ସାଇତିବା ଆମ ପାଇଁ ।୧୦।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଦୋଷ ନେବ କିଏ



ବଦ୍ରୀ ମହାନ୍ତ

ସବୁକିଛି ସଠିକ ରାସ୍ତାରେ ଯାଉଥିଲେ, ଶଗଡ଼ ଗୁଳାରେ ଜୀବନ ଗତିଶୀଳ ଥିଲେ, ନଥିଲେ ବାହାର ଅନୁପ୍ରବେଶ ବା ଆକ୍ରମଣ, ଅଳନ୍ଧୁ ଅନ୍ଧାର ର ସମ୍ଭାବନା ସୃଷ୍ଟି ହୁଏନା। ମୁହଁର ଭାଷା, ପ୍ରତିକ୍ରିୟା ବା ପ୍ରତି ଆକ୍ରମଣ ହୋଇଉଠେ ଦୂରନ୍ତ । ପାଖାପାଖି ହୋଇ ବସିବା ହସିବା ଓ ଚାରିପଟ ମନ୍ତ୍ରମୁଗ୍ଧ କରିବାର ଆକାଂକ୍ଷା ବଳବତ୍ତର ହୁଏ। ସୌନ୍ଦର୍ଯ୍ୟ ଐଶ୍ୱର୍ଯ୍ୟ ସମ୍ପନ୍ନତା ଭିତରେ ମନେହେଉଥାଏ ତଥା କଥିତ ସୁଖ ଏଇଠି କେଉଁଠି ଘୁରିବୁଲୁଛି। ସନ୍ତୋଷ କିଣା ହୋଇ ପାରୁଛି ସହଜରେ। ପାଦତଳେ ଆସି ପହଞ୍ଚିଯାଉଛି ଏକଦା ଅସମ୍ଭବ ପ୍ରାୟ ଭୌତିକ ବସ୍ତୁ ସମୂହ। ଅନାୟସରେ ସମ୍ପର୍କ ଯୋଡା ଯାଇ ଆନନ୍ଦ ବିଭିନ୍ନ ଦିଗକୁ ସମ୍ପ୍ରସାରିତ କରାଯାଇ ପାରୁଛି। ଅଡୁଆ ସୂତାରେ ଛନ୍ଦି ହୋଇ ଅପ୍ରାପ୍ତି, ଅବ୍ୟବସ୍ଥା, ଦୟନୀୟତା, ହତାଶା ଓ ଅପାରଗତାକୁ ସାମ୍ନା ନ କରିବା ପର୍ଯ୍ୟନ୍ତ ଦୋଷ ଦେବା କଥାଟି ମନକୁ ସ୍ପର୍ଶ କରୁନାହିଁ। ଦେଖା ଯାଉଛି ଦୋଷ ଦେବା ଓ ନେବା ଏକ ସାଧାରଣ କଥା ରୂପେ ବିବେଚନା କରି ଅନେକ ବଂଚି ରହିଛନ୍ତି ଏହାରି ଭରସାରେ। ଏହାକୁ ଆଜି ଆଉ ବ୍ୟାଧି ଭାବରେ ଗ୍ରହଣ କରିବା ମଧ୍ୟ ଯୌକ୍ତିକତା ନାହିଁ ।

ତ୍ରୁଟି ବାହାର କରିବା, ଛିଦ୍ର ଗଣିବା, ଆଲୋଚନା କରିବା, ପ୍ରତ୍ୟୁତ୍ତର ଦେବାକୁ କୌଣସି କାଳେ 'ଦୋଷ' ବୋଲି ବିଚାର କରି କାହା ଉପରେ ଲଦି ଦିଆ ଯାଇ ନପାରେ। ଭାବ ଭାବନା ଓ କର୍ମ କରଣୀକୁ ଉପର ତଳ ଏପାଖ ସେପାଖ କରି ତର୍ଜମା କିରଯାଇ ପାରେ,

ISSN NO.
2582-208X

ତାର ପ୍ରସାର ପ୍ରଚାର ଆଭିମୁଖ୍ୟ ଓ ପ୍ରଭାବକୁ ତିଳ ତିଳ କରି ଅସ୍ତ୍ରୋପଚାର ଦ୍ୱାର ଏକ ନିର୍ଦ୍ଦିଷ୍ଟ ଧାରଣା ଭିତରେ ବାନ୍ଧି ଦିଆ ଯାଇପାରେ, ମାତ୍ର କାହାକୁ ଦୋଷ ଦେବା ଯଥାର୍ଥ ନୁହେଁ। ସଙ୍ଗତ ଅସଙ୍ଗତ  ସତ୍ୟ ଅସତ୍ୟ କୁ ବିଚାର ନକରି କିଛି ଗୋଟାଏ ପ୍ରତିକ୍ରିୟା ପ୍ରଦର୍ଶନ ନ୍ୟାୟରେ ଦୋଷାରୋପ କରିବା ଅଥବା କାଠଗଡାରେ ଛିଡ଼ା କରାଇବାର ଇଛା ଅନେକ ବିପଦଜନକ ସ୍ଥିତି ଆଣି ପହଞ୍ଚାଇ ଦେଇଥାଏ। ଏହା ଜନ୍ମଗତ ବା ଇଛାକୃତ ଜାଣିବାର ଅବକାଶ ନାହିଁ। ଘଟଣାର ଆଦ୍ୟ ଅନ୍ତ ନଶୁଣି, ପ୍ରତକ୍ଷ୍ୟ ନକରି ବାସ୍ତବ ଚିତ୍ର, କାହା ମୁଣ୍ଡରେ ଅଠା ବୋଳି ଦେବା ଅଥବା ଅରୋପର ଇସ୍ତାହାର ବାଢ଼ିବାର କୌଣସି ଯଥାର୍ଥତା ଅଛି କି ? ତେଣୁ କିଏ କେତେବେଳେ କାହାକୁ କାହିଁକି ଦୋଷ ଦେବ ଆଜି ନିର୍ଣ୍ଣୟ କରିବା ଅୟସସାଧ୍ୟ ନୁହେଁ।

ଏ ଅଦ୍ଭୁତ ଗୁଣର ଅଧିକାରୀ ହେବା ସଭିଙ୍କ କ୍ଷେତ୍ରରେ ସମ୍ଭବ ହୋଇ ନଥାଏ। ପ୍ରୟାସ ତୁଳନାରେ ପାରିବାରିକ ସଂସ୍କାର ଓ ଜନ୍ମଗତ କାରଣରୁ ଏହା ବିକଶିତ ହୋଇ ତାର ରଙ୍ଗ ରୂପ ପ୍ରଦର୍ଶନ କରେ। ପୁତ୍ରର ଅପାରଗତା ପରାଜୟ ଅପହଞ୍ଚ ଦେଖି  ପିତା ଦୋଷ ଲଦି ଦିଏ ପୁତ୍ରର ନିଷ୍ଠା ପ୍ରତିବଦ୍ଧତା ଶ୍ରମ ଭାଗ୍ୟ ଓ କର୍ମ ଉପରେ। ନିଜର ଅସୁରକ୍ଷିତ ଭବିଷ୍ୟତ ଅସଫଳତା ପାଇଁ ପୁଅ ଦୋଷ ଦିଏ ବାପାର କର୍ତ୍ତବ୍ୟ ନିଷ୍ଠା, ଉଦ୍ୟମ ଓ ପ୍ରତିବଦ୍ଧତାର ଅଭାବକୁ। ପ୍ରେମ ଭଲପାଇବା ଶିଥିଳ ପଡିଗଲେ ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଅତି ନଗଣ୍ୟ ଅର୍ଥଶୂନ୍ୟ କଥାରେ ଦୋଷାରୋପ କରନ୍ତି। ପିଲାପିଲିଙ୍କ ଲାଳନ ପାଳନ ଶିକ୍ଷା ଦୀକ୍ଷା ଭବିଷ୍ୟତକୁ ନେଇ କଥା କଟାକଟି ହେବାରେ ସିଂହ ଭାଗ ସମୟ ଖର୍ଚ୍ଚ ହୋଇଯାଏ ଆରୋପ ପ୍ରତ୍ୟାରୋପରେ। ଅନେକ ସମୟରେ ବୁଝାମଣାର ଅଭାବ ଏବଂ ଅପ୍ରୀତିକର ସ୍ଥିତିର ପୂର୍ଣ୍ଣଚ୍ଛେଦ ପଡେ ଛାଡ଼ପତ୍ରରେ।

ବୃତ୍ତି ଓ ପ୍ରବୃତ୍ତିର ମଝି ଛକରେ ଛିଡ଼ାହୋଇ ସବୁ ସମୟରେ ସଭିଙ୍କୁ ନ୍ୟାୟ ଦେଇ ହୁଏନା ସତ, ମାତ୍ର ଦୋଷ ଦେବାରେ ଅନୁଭୂତ ହୁଏ ମାତ୍ରାଧିକ ତ୍ରୁଟି। ଛାତ୍ରର ଅମନଯୋଗିତା ଅଧ୍ୟୟନହୀନତାକୁ ବିଫଳତାର କାରଣ ରୂପେ ଶିକ୍ଷକଟିଏ ପ୍ରଦର୍ଶନ କରୁଥିବା ବେଳେ ଛାତ୍ରଟି ସୁଯୋଗ ପାଇବା ମାତ୍ରେ ନିଜ ଗୁରୁଙ୍କ ବ୍ୟବସାୟିକ ମନୋବୃତ୍ତି ଓ ନିଷ୍ଠା ଉପରେ

ISSN NO.
2582-208X

ପ୍ରଶ୍ନ ଉଠାଏ । ଅଭିଭାବକ, ଛାତ୍ର ଓ ଶିକ୍ଷକ ମଧ୍ୟରେ ଦୋଷ ଦେବା ଓ ନେବା ସାଧାରଣ ଘଟଣା ରୂପେ ବିବେଚିତ ହେଉଛି । ସୃଜନଶୀଳ ଶିଳ୍ପୀ ହୁଅନ୍ତୁ ଅଥବା ଜୀବନ ଜୀବିକା ପାଇଁ ଅହରହ ଲିପ୍ତ ଥିବା ବ୍ୟକ୍ତି ବିଶେଷ ହୁଅନ୍ତୁ, ସଭିଙ୍କୁ ଆରୋପର ଶରବ୍ୟ ହେବାକୁ ପଡ଼େ କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ । ମୁଣ୍ଡ ଉପରେ ଲଦି ଦିଆ ଯାଉଥିବା ଦୋଷ ତାର ପ୍ରାପ୍ୟ ବୋଲି ଅନେକ ସମୟରେ କୁହାଯାଏ। ବ୍ୟବସ୍ଥାରେ ଘୂଣ ଖାଇବା ଦେଖି ରାଜନେତା, ପ୍ରଶାସକ ଏବଂ ତଥାକଥିତ ସମାଜ ସେବକଙ୍କୁ ଆରୋପରେ ପୋତିଦେବା ବର୍ତ୍ତମାନର ଏକ ବାସ୍ତବ ଦର୍ଶନ । ସରକାରୀ କଳ, ବିଧି ବ୍ୟବସ୍ଥା ଏଥିରୁ ବାଦ୍ ଯିବା ସମ୍ଭବ ନୁହେଁ। ଏମିତି କୌଣସି ବ୍ୟକ୍ତି ନାହାନ୍ତି କଥା କଥାରେ ରାଜନେତାଙ୍କର ଦୋଷ ଦୁର୍ବଳତା ପ୍ରକଟ କରନ୍ତି ନାହିଁ । ସତେ ଯେପରି ଦୋଷମୁକ୍ତ ହେବା ସେମାନଙ୍କ କପାଳରେ ନାହିଁ ! ସେମାନଙ୍କର ଜନ୍ମ ଯେହେତୁ 'ନେବା'ପାଇଁ, ଅନ୍ୟ ଅନେକ ବସ୍ତୁ ପରି ସେମାନେ ଏହା ନେବାକୁ ବାଧ୍ୟ । 'ନେଇ ନେଇ ସେ ନେତା' ରୂଢି ଟି ଖୁବ୍ ପ୍ରଚଳିତ ।

ଆଜନ୍ମ ଦୋଷ ପ୍ରଦାନକାରୀ ଅତ୍ୟନ୍ତ ସହଜ ସାବଳୀଳ ଜୀବନ ବିତାଉ ଥିବାରୁ କାହାରି ମୁଣ୍ଡ ଉପରେ ଯେ କୌଣସି ଦୋଷ ଲଦିଦେଇ ଏକ ଅଦ୍ଭୁତ ଆନନ୍ଦ ଅନୁଭବ କରେ । ଭାବିନିଏ ଏ ପ୍ରାପ୍ତି ଚିରସ୍ଥାୟୀ ଏବଂ ଏହାକୁ ସତ୍ କର୍ମଟିଏ ମନେକରି ସେ ସଂପାଦନ କରୁଛି । ନିଜର ସଞ୍ଚିତ ଶବ୍ଦ କ୍ରୋଧ ଅଭିମାନକୁ ବ୍ୟକ୍ତି ନିକଟରେ ପ୍ରକାଶ କରିବା ସହିତ ପତ୍ର ପତ୍ରିକା ଗଣ ମାଧ୍ୟମ ମାନଙ୍କରେ ଇଚ୍ଛାନୁଯାୟୀ ପ୍ରକାଶିତ କରି ପାରେ । ଏହା ଦ୍ୱାରା ସେ ଜାତୀୟ କର୍ମ ସମ୍ପାଦନ କରୁଛି ବୋଲି ମନେକରେ । ବେଳେ ବେଳେ ଦୋଷ ଦେଉ ଦେଉ ଅଜ୍ଞତା, ଅସାମ୍ବିଧାନିକ ଶବ୍ଦ, ନଗ୍ନତା, ଅସ୍ୱଚ୍ଛତା ଧସେଇ ପଶିଆସେ ତାର ବିଚାର ପରିଧି ଭିତରକୁ । ଚିରକାଳ ଦୋଷକୁ ଆଦରରେ ଗ୍ରହଣ କରି ଅତୃପ୍ତ କରୁଥିବା ପ୍ରାଣୀ କସ୍ମିନ କାଳେ ବିପଦପୂର୍ଣ୍ଣ ଅବସ୍ଥାକୁ ଉନ୍ନୀତ ହୁଏନାହିଁ ନିଜର ସହନଶୀଳତା ଓ ପ୍ରତିକ୍ରିୟାହୀନତା ସ୍ୱଭାବ ଯୋଗୁଁ। ବରଂ ଦୋଷ ଦେବା ଓ ନେବା ବ୍ୟକ୍ତି ହାତା ହାତି ହୋଇ ଆମନ୍ତ୍ରଣ କରନ୍ତି ଅସ୍ୱାସ୍ଥ୍ୟକର ପରିବେଶ । ଏ କ୍ଷେତ୍ରରେ କ୍ଷତିଗ୍ରସ୍ତ ହୁଅନ୍ତି ଉଭୟ ପକ୍ଷ ।

ISSN NO.
2582-208X

ଆମ ଚାରି ପାଖରେ ଘଟି ଯାଉଥିବା ଘଟଣାବଳୀ ଓ ଚରିତ୍ର ମାନଙ୍କର ଦୌଡ଼ ଦେଖିଲେ ଦୋଷମୁକ୍ତ ନିଆରା ଜୀବନଟିଏ କ୍ୱଚିତ ପରିଦୃଷ୍ଟ ହୁଏ । ମାତ୍ର ଯେଉଁ ପରିମାଣରେ ଯେଉଁ ଶୈଳୀରେ ଓ ଯେଉଁ ଅବସ୍ଥାରେ ଆରୋପ ପ୍ରତ୍ୟାରୋପ ର ଚିତ୍ର ଦେଖିବାକୁ ମିଳୁଛି ତାହା କଣ ଅସ୍ୱୀକାର କରି ହେବା ? ତେଣୁ ବାଇ ମହାନ୍ତି କହନ୍ତି,' ଆଗପଛ ସତ୍ୟାସତ୍ୟ ପ୍ରତ୍ୟକ୍ଷ ନକରି କେଉଁ ଏକ ବିଚରାର ମୁଣ୍ଡ ଉପରେ ଦୋଷ ଲଦି କେଉଁ ସୁଖ ପାଇବ ! ତୁମେ କଣ ଭାବିଛ ଏମିତି ଏମିତି ସେ ପିଇ ଚାଲିଥିବ ସବୁ ଆରୋପ ? କେବେ କେଉଁ ବିଜନ ବେଳାରେ ଚେଇଁଉଠି ଶବ୍ଦ ସହିତ ବିବେକ ଯୋଡ଼ି ଫେରାଇଲା ବେଳେ ତୁମର ବିଜ୍ଞ ବିଚାର କେଉଁ ଗଳି ଦେଇ ପ୍ରସ୍ଥାନ କରିବ!'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଯାହାକୁ ଯାହା


ଡ. ଜ୍ଞାନେଶ୍ୱର ମିଶ୍ର

ତୁମେତ ଚୋର, ମୁଁ ତ ଚୋର
ଆସ ଦୁହେଁ ବନ୍ଧୁ ହୋଇବା
ପୁଲିସି ବାଲାଙ୍କୁ କିପରି ଠକିବା
ଉପାୟ ବିଚାର କରିବା
        ତୁମେ ତ ପୋଲିସି, ମୁଁ ବି ପୁଲିସି
        ପ୍ରମୋସନ ପାଇଁ କାହିଁକି ଲଢେଇ କରିବା
        ଏକା ସହରରେ ଦୁଇଜଣ ରହି
        ଭାଗ ବାଣ୍ଟି ଲୁଟି ଖାଇବା
ତୁମେ ତ ମଦୁଆ, ମୁଁ ତ ମଦୁଆ
ମଦକୁ କାହିଁକି ନିନ୍ଦିବା
ସକାଳ ବୋତଲ ତୁମର
ସଂଜ ବୋତଲଟା ମୋର
ଦୁଇଓଳି ଆମେ ପିଇବା
ଆମ ରାଇଜରେ ଆମେ ନିଜେ ରାଜା
କାହାକୁ କାହିଁକି ଡାରିବା
        ତୁମେ ତ ମୂର୍ଖ, ମୁଁ ବି ମୂର୍ଖ
        କାହିଁ ପାଇଁ ପାଠ ପଢିବା
        ଆସ ମିଶି ଆମେ ଉପାୟ ପାଞ୍ଚିବା

ISSN NO.
2582-208X

କପି କରି ପାସ୍ କରିବା
ତୁମେ ତ ଅକବି, ମୁଁ ବି ଅକବି
କବିତା କିପରି ଲେଖିବା
ପଂଜାବୀଟେ ପିନ୍ଧି ବ୍ୟାଗ ଝୁଲେଇ
ଗାଁରୁ ସହର ବୁଲିବା
ପୁରୁଣା କାଗଜ ଅବା ପତ୍ରିକାରୁ ଟିପି
କବିତାଟେ ପଢ଼ିଦେବା
ଭାତ ଡାଲମାରୁ ପେଟେତ ଖାଇବା
ମାନପତ୍ର ଘରେ ଟାଙ୍ଗିବା
ତୁମେ ତ ବେକାର ମୁଁ ବି ବେକାର
ମିଶି ଦୁହେଁ କରିବା କିଛି କାରବାର
ଭୋଟ ବେଳକୁ କିଛି ଟଙ୍କା ମାରି
ଛକରେ ବିୟୁଟି ପାର୍ଲର ଖୋଲିବା
ଚା ସିଗାରେଟ୍ ମାଗଣାରେ ନିତି
କଲେଜ ଟୋକାଙ୍କ ଠାରୁ ତ ପାଇବା
ଜଗତରେ ଆମେ ଜନମ ନେଇଛୁଁ
ଦିନେ ତ ନିଶ୍ଚୟ ମରିବା
ତୁମେ ତ ମରିବ, ମୁଁ ବି ମରିବି
କାହାକୁ କାହିଁକି ଡରିବା ॥

୪୯/୫/ଏଚ-୫୫, କର୍ଲ ମାର୍କ୍ସ ସରଣୀ
କୋଲକାତା ୭୦୦୦୨୩

ISSN NO.
2582-208X

# ଶ୍ରୀକର ଶୋଭନ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ(ପୂଜା)

ଶ୍ରୀକର ଶୋଭନ ଶଙ୍ଖ ଚକ୍ର ଚିହ୍ନ
ବକ୍ଷେ ଶୋହେ କଉ ସ୍ତୁଭ ।
ମକର କୁଣ୍ଡଳ ଲୋଲେ ଗଣ୍ଡପର
କିସୁନ୍ଦର ପଦ୍ମନାଭ ।
ତୀର ସାଗରର ପୁଲିନେ ଶୋଭନ
ଶ୍ରୀମନ୍ଦିର ଯା ଭବନ ।
ରମଣୀ ରସିଆ ସେ ଜଗା କାଳିଆ
ଅଗ୍ରଜ ଯା ଶଙ୍କର୍ଷଣ ।
ମାନ ଉଦ୍ଧାରଣ କୃଷ୍ଣ ଶ୍ୟାମ ଘନ
କଟି ତଟେ ପୀତାମ୍ବର ।
ମନମୋହନ ନନ୍ଦ ନନ୍ଦନ ହରି
ନୀଳ କନ୍ଦର ସୁନ୍ଦର ।
ନୀପ ମୂଳିଆ ସେ ଚିକଣ କାଳିଆ
ଶିଖି ପୁଚ୍ଛ ଶୋହେ ଶିର ।
ରାବଣାରୀ ରାମ ଶ୍ରୀପୁରୁଷୋତ୍ତମ
ଦ୍ୱାପରେ ରଙ୍ଗାବତାର ।

ଉଦନ୍ତ ବୁଝଇ ଚଉଦ ପୂରର
ଦାମୋଦର ନନ୍ଦ ସୁତ ।
ତରକକୁ ଦୂର କୃଷ୍ଣ ରାଧାବର
ଶ୍ରୀପତି ଶ୍ରୀମତୀ କାନ୍ତ ।
ଗିରି ଗୋବର୍ଦ୍ଧନ ଧାରଣ ମୋହନ
ଭଦ୍ରାଗ୍ରଜ ଦେବରାଜ ।
ରିଷ୍ଟ କରେ ନାଶ କମଳା ବିଳାସ
ନଟ ରାଟ ରାମାନୁଜ
ବଂଶୀ ବଦନ ଶ୍ରୀଧର ନନ୍ଦ ନାନ
ରୁକ୍ମିଣୀ ଦେବୀଙ୍କ ଧବ ।
ଧରଣୀ ଧାରଣ ଦେବ ନାରାୟଣ
ବରାହ ରୂପୀ କେଶବ ।

ମହୁ, ଆଳ,
ନମୌଜା, କେନ୍ଦ୍ରାପଡ଼ା

ISSN NO.
2582-208X

# ଚାହାଗଛର ଲୁହ



ପ୍ରତିଭା ଦାସ

ସ୍ୱାମୀଙ୍କ ମୃତ୍ୟୁ ପରେ ସମ୍ବାରୀ ଏକୁଟିଆ ହୋଇ ଯାଇଥିଲେ। ସୁଖରେ ଦୁଃଖରେ ପଦେ କଥା ହେବାକୁ ତାଙ୍କ ପାଖରେ କେହି ନଥିଲେ। ଛୁଆ-ପିଲା ଥିଲେ ସେମାନଙ୍କର ମୁହଁକୁ ଚାହିଁ ସବୁ ଦୁଃଖ ଭୁଲି ଯାଆନ୍ତେ । ହେଲେ ଦୁର୍ଭାଗ୍ୟ! ଠାକୁର ତାଙ୍କୁ ସନ୍ତାନର ସୁଖ ଦେଲେ ନାହିଁ। କେମିତି ଏ ପାହାଡ଼ ପରି ଜୀବନଟା ଏକୁଟିଆ କାଟିବ ଆଗକୁ ? ତଥାପି ବିଧିର ଲିଖନ ଭାବି ସଂସାର ନିୟମ ପାଳନ କରି ବଞ୍ଚି ରହିଥିଲେ ସମ୍ବାରୀ ।

ସମ୍ପତ୍ତି ବୋଲି ଭଙ୍ଗା ଟୁଙ୍ଗି ଘରଟି ବାହିରେ କିଛି ନଥିଲା। ସ୍ୱାମୀ କିଛି ସମ୍ପତ୍ତି କରିଦେଇ ଯାଇନାହାନ୍ତି । ପେଟେ ଖାଇ ଯେମିତି ସେମିତି ଦିନ କାଟୁଥିଲେ ସେମାନେ। ବ୍ରିଟିଶ ଦିନରେ ଓଡ଼ିଶାରୁ ଚାହା ବଗିଚାର ଶ୍ରମିକ ହିସାବରେ ଚାଲାଣ ହୋଇ ଆସିଥିଲେ ସମ୍ବାରୀଙ୍କ ସ୍ୱାମୀ ହରି। ସେ ଯାହା ଆସିଲେ ଆଉ ଫେରି ଯାଇ ପାରିଲେ ନାହିଁ ନିଜ ଜନ୍ମସ୍ଥାନକୁ । ଆସାମର ଚାହା ବଗିଚାରେ ଶ୍ରମିକ ହୋଇ ରହିଗଲେ। ଚାହା ବଗିଚାକୁ ଜୀବନର ଶେଷ ଠିକଣା ବୋଲି ଖୁସିରେ ଦିନ ବିତାଇଛନ୍ତି।

କଞ୍ଚା ଟୁଙ୍ଗି ଘରଟି ସମ୍ବାରୀ ମୁଣ୍ଡ ଉପରେ ଯେମିତି ସେମିତି ଠିଆ ହୋଇଥିଲା। ଶୀତ କାଳ। ପ୍ରବଳ ଶୀତ ପଡ଼ିଛି। ଭଙ୍ଗା ଦଦରା ବେଢ଼ା ମଧ୍ୟରୁ ଶୀତଳ ପବନ ପଶି ଆସୁଥାଏ। ତଥାପି ସମ୍ବାରୀ ଶୋଇବାକୁ ଚେଷ୍ଟା କରୁଥିଲା। ଶୀତ ଦିନରେ ସମ୍ବାରୀଙ୍କର ବହୁତ କଷ୍ଟ ହୁଏ। କମ୍ବଳ ଖଣ୍ଡେ ନାହିଁ ଦେହରେ ନେବା ପାଇଁ । କେତେ ଥର ସରକାରୀ ଘର ଟିଏ ପାଇଁ ଗାଁ ପଞ୍ଚାୟତରେ ଏପ୍ଲିକେସନ ଦେଇଛନ୍ତି, ହେଲେ ଆଜି ଯାଏଁ ତା'ର କୌଣସି ଖବର ନାହିଁ। କ'ଣ କରିବେ ସେ ?

ISSN NO.
2582-208X

ସବୁ ଭାଗ୍ୟ ଲିଖନ ଭାବି ଚୁପ୍ କରି ସହି ନିଅନ୍ତି ସବୁ ଦୁଃଖ! ସରକାରୀ ଘର ପାଇଁ ବାରମ୍ବାର ହାତ ପାତି ନିଜକୁ ଛୋଟ କରି ପାରିବନି ଆଉ ସେ ନିଜକୁ। ସେ ସ୍ୱାଭିମାନୀ ମହିଳା। ନିଜ ଉପରେ ତା'ର ଭରସା ଅଛି। ଯୁବାବସ୍ଥାରେ ବିଧବା ହେଲେ ମଧ୍ୟ ଆଉଥରେ ଦ୍ୱିତୀୟ ବିବାହ କଥା କେବେହେଲେ ସେ ଭାବି ନାହାନ୍ତି। ସ୍ୱାମୀଙ୍କୁ ଭଲ ପାଇ ବାହା ହୋଇଥିଲେ। ଆଜି ଯାଏଁ ତାଙ୍କରି ସ୍ମୃତି ହୃଦୟରେ ସାଉଁତି ରଖିଛନ୍ତି। ସ୍ୱାମୀଙ୍କ ସ୍ନେହ ଭୁଲି ପାରୁନାହାଁନ୍ତି । ଦୁହିଁଙ୍କ ମଝିରେ ବହୁତ ଭଲ ପାଇବା ଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଏକୁଟିଆ କାମ ଧାମ କରି ଜୀବିକା ଉପାର୍ଜନ କରି ଚଳୁଛନ୍ତି । ଆଜି ଯାଏଁ କାହା ପାଖରେ ହାତ ପାତି ନାହାନ୍ତି। ସେ ଲୋକଙ୍କୁ ଭଲ ଭାବରେ ଚିହ୍ନିଛନ୍ତି। ଏହି ପୃଥିବୀର ଲୋକ ବଡ଼ ସ୍ୱାର୍ଥପର। ସହାୟତା ବଦଳରେ ସୁବିଧା ନେବେ। ନା ନା, ସେ ଭୋକରେ ମରିଯିବ ପଛକେ ଏମିତି କିଛି ଖରାପ କାମ କରିବନି। ଦେହର ବଳ ଥିବା ଯାଏ କାମ କରି ମୁଠାଏ ଅନ୍ନ ନିଜ ପାଇଁ ଯୋଗାଇବ। ଶେଷରେ ମନରେ ସାହସ ବାନ୍ଧି ସମ୍ବାରୀ ଗୋଟିଏ ଛୋଟ ବ୍ୟବସାୟ ଆରମ୍ଭ କଲା। ଘରେ ଘରେ ଯାଇ ଚାହା ପତର ବିକିବାକୁ ଲାଗିଲା। ଯାହା ଉପାର୍ଜନ ହୁଏ ତହିଁରୁ କିଛି ସଞ୍ଚୟ କରି ଘରର ପ୍ରୟୋଜନ ସମ୍ପତ୍ତି ଗୋଟାଇଲେ। ଗାଇ ଟେ କିଣିଲା । ଏମିତି କରି ଘର ଅବସ୍ଥା ଧିରେଧିରେ ଭଲ ହୋଇ ଗଲା। ଅଭାବ ନାହିଁ।

ହେଲେ ଏକୁଟିଆ ପଣ ସମ୍ବାରୀଙ୍କୁ ମଝିରେ ମଝିରେ ଉଦାସ ରହୁଥିଲା। ଯେତେ ହେଲେ ସମ୍ବାରୀ ଜଣେ ନାରୀ। ପ୍ରତିଟି ନାରୀର ମନରେ ଇଚ୍ଛା ଥାଏ ମା' ହେବାପାଇଁ। ନାରୀ ପାଇଁ ମା ସମ୍ମାନ ଠାରୁ ବଡ଼ ସମ୍ମାନ ଆଉ ନାହିଁ। ଜୀବନରେ ଯେତେ ଘାତ-ପ୍ରତିଘାତ ନଥାଉ କାହିଁକି ପ୍ରତିଟି ମାଁ ଅତି ସହଜରେ ସନ୍ତାନ ମୁହଁକୁ ଚାହିଁ ସବୁ ଦୁଃଖ ଭୁଲି ଯାଆନ୍ତି। ସମ୍ବାରୀଙ୍କ ମନରେ ସନ୍ତାନ ଟିଏ କୋଳେଇ ନେବାକୁ ବଡ଼ ଇଛା ହେଉଥିଲା। ସେ ଠାକୁରଙ୍କ ପ୍ରାର୍ଥନା କରିଥିଲେ।

ଠାକୁର ସମ୍ବାରୀଙ୍କ ପ୍ରାର୍ଥନା ଶୁଣିଲେ। ଦିନେ କାମ ପାଇଁ ଯାଉଥିବା ବେଳେ ଦେଖିଲେ, ତାଙ୍କ ପାଖରେ ଥିବା ବରଗଛ ମୂଳରେ ଶିଶୁ ପିଲାଟିଏ ଶୋଇଛି। ଦେହର କପଡା ନାହିଁ। ପାଖକୁ ଆସି ପିଲାଟିକୁ ଡାକିଲେ, କିନ୍ତୁ ପିଲାଟି କଥା କହି ପାରୁ ନଥିଲା। ସମ୍ବାରୀ ମୁଣ୍ଡରେ ହାତ ଥୋଇ ଦେଖିଲେ, ପ୍ରବଳ ଜ୍ୱର। ଜ୍ୱରରେ କମ୍ପୁଥିଲା ପିଲାଟି। ଏଣୁ ତେଣୁ

ISSN NO.
2582-208X

ଦେଖିଲେ, ପାଖରେ କେହି ନାହାନ୍ତି । ଏହି ପିଲାଟିର କେହି ଆତ୍ମୀୟ ଅଛି କି କହି ଡାକିଲେ । ଉତ୍ତର ନାହିଁ। ଠାକୁରଙ୍କୁ ଧନ୍ୟବାଦ ଜଣାଇ ପିଲାଟିକୁ ଘରକୁ ନେଇ ଆସିଲା। ନିଜ ମା' ପରି ମନ ପ୍ରାଣ ଦେଇ ପିଲାଟିକୁ ଯତ୍ନ କଲା। ମମତାର ଡୋରିରେ ବାନ୍ଧି ପକାଇଲେ ସେ। ଧିରେ ଧିରେ ପିଲାଟି ସୁସ୍ଥ ହୋଇ ଉଠିଲା। ସୁସ୍ଥ ହେଲା ପରେ ସମ୍ବାରୀ ତାକୁ ପଚାରିଲା, ଧନରେ ତୁମ ଘର କେଉଁଠି ? ଏଠିକି କେମିତି ଆସିଲ ?

ପିଲାଟି କହିଲା, ମୋର ମାଁ ବାପା କେହି ନାହାନ୍ତି। ମୁଁ ଏଣି ତେଣୁ ବୋଲି ଭିକ ମାଗି ଖାଏ। ହଠାତ୍ ମୋର ଜ୍ୱର ହେଲା। କୁଆଡେ ଯିବାକୁ ଶକ୍ତି ନଥିଲା। ସେଥିପାଇଁ ଏହି ଗଛ ମୂଳକୁ ଶେଷ ଆଶ୍ରୟସ୍ଥଳ ଭାବି ଶୋଇ ରହିଲି।

ପିଲାଟିର ଦୁଃଖ କଥା ସବୁ ଶୁଣିବା ପରେ, ମନରେ ଭାବିଲା ଏହା ଠାକୁରଙ୍କ ଇଚ୍ଛା। ଠାକୁର ଦେଇଛନ୍ତି ପିଲାଟିକୁ ସନ୍ତାନ ରୁପରେ। ସେ ଅନାଥ ପିଲା। ତାକୁ କୋଳେଇ ନେବାକୁ ଗାଁ ଲୋକଙ୍କ ସହିତ ପରାମର୍ଶ କଲେ। ସମସ୍ତେ କହିଲେ ଏହା ବହୁତ ଭଲ ହେବ। ତୁମର ସନ୍ତାନ ଟିଏ ନାହିଁ। ଏକୁଟିଆ ରହୁଛ। ପିଲାଟିକୁ ପୁଅ କରି ନିଅ। ଭଲ ଦିନ ଟିଏ ଦେଖି ଗାଁରେ ଭୋଜି ଦେଇ ପିଲାଟିକୁ ପୁତ୍ର ରୁପରେ କୋଳେଇ ନେଲେ ସମ୍ବାରୀ। ତା ନାଁ ରଖିଲେ ଗୋକୁଳ। ସମ୍ବାରୀଙ୍କ ମନରେ ଖୁସିର ଲହରୀ।

ମାଁ ର ସ୍ନେହ ପାଇ ଗୋକୁଳ ଦିନକୁ ଦିନ ବଡ଼ ହୋଇ ଆସିଲା। ଘର କାମ ଶିଖିଲାଣି । ଦେଖୁ ଦେଖୁ ବାହା ହେବାର ଉପଯୁକ୍ତ ହେଲାଣି। ଏବେ ରୋଜଗାର କରି ଘରକୁ ଦୁଇ ଟଙ୍କା ଆଣୁଛି। ସମ୍ବାରୀ ଭାବିଲେ ପୁଅକୁ ଏବେ ବାହା କରାଇ ଦେବାକୁ ପଡ଼ିବ। ଦିନେ ଭଲ ଝିଅ ଟିଏ ଦେଖି ବାହା କରାଇ ଦେଲା ଗୋକୁଳକୁ। ସୁଖର ସଂସାର ଏବେ....ଦେଖୁ ଦେଖୁ ଦୁଇଟି ନାତୁଣୀ ମଧ୍ୟ ପାଇଲେ ସମ୍ବାରୀ। ଆଉ କିଛି ଦୁଃଖ ନାହିଁ ତିଳେ ହେଲେ।

ନିୟତିର ପରିହାସ!

ଦୂର୍ଭାଗ ଘୁରୁ ଥାଏ ମୁଣ୍ଡ ଉପରେ! ଗୋକୁଳ ହଠାତ୍ ଦିନେ ଅସୁସ୍ଥ ହୋଇ ପଡିଲା। ପେଟ ଫୁଲି ଗଲା ଖାଇ ପିଇ ପାରିଲା ନାହିଁ। ରୋଗ ଗୁରୁତର ! ଚିକିତ୍ସା କରିଲା ପରେ ବି କିଛି ଭଲ ଫଳ ମିଳିଲାନି। ପୁଅକୁ ଭଲ କରିବା ପାଇଁ, ଗୋଟିଏ ଗୋଟିଏ କରି ସବୁ ସମ୍ପତି ବିକିବାକୁ ଲାଗିଲା। ଦିନକୁ ଦିନ ଗୋକୁଳର ଅବସ୍ଥା ଖରାପ ଆଡ଼କୁ ଗତି କରୁଛି ।

ISSN NO.
2582-208X

ସମ୍ବାରୀ କ'ଣ କରିବ ? କିଛି ଚିନ୍ତା କରି ପାରୁନାହିଁ। ଟଙ୍କା ପଇସା ଯାହା ଥିଲା ସବୁ ସରି ଯାଇଛି। ସବୁଆଡେ ଅନ୍ଧକାର ଦେଖୁଛି ଏବେ ସେ। କିଏ ଜଣେ ତାଙ୍କୁ କହିଲେ ଆଜିକାଲି ସରକାରୀ ହସ୍ପିଟାଲରେ ବିନା ଖର୍ଚ୍ଚରେ ଚିକିତ୍ସା କରାଯାଏ। ତାପରେ ସମ୍ବାରୀ ମନରେ ସାହସ ଗୋଟାଇ ଗୋକୁଳକୁ ବିଶ୍ୱନାଥ ଚାରିଆଲିର ସିଭିଲ ହସ୍ପିଟାଲକୁ ନେଇ ଆସିଲେ।

ଡାକ୍ତର ଗୋକୁଳକୁ ପରୀକ୍ଷା -ନୀରିକ୍ଷା କରି ହସ୍ପିଟାଲରେ ଭର୍ତ୍ତି କରାଯାଇ ଦେଲେ। ଚିକିତ୍ସା ଚାଲିଛି। ହେଲେ ଗୋକୁଳ ସୁସ୍ଥ ହୋଇ ଉଠିଲା ପରି କିଛି ଲକ୍ଷଣ ଦେଖା ଯାଉନି। ଦିନକୁ ଦିନ ଆହୁରି ଅଧିକ ଜଟିଳ ହୋଇ ଆସୁଛି। ଡାକ୍ତର ହାତ ଟେକି ଦେଇଛନ୍ତି। ତେଜପୁର ମେଡିକାଲ କଲେଜକୁ ରେଫାର କରିଛନ୍ତି।

ଡାକ୍ତରଙ୍କ କଥା ଶୁଣି ସମ୍ବାରୀଙ୍କ ମୁଣ୍ଡରେ ବଜ୍ର ପଡ଼ିଗଲା...! କ'ଣ କରିବ ସେ ? କେମିତି ପୁଅକୁ ବଞ୍ଚେଇ ପାରିବ ? କିଛି ବୁଦ୍ଧି ଦିଶୁନି! ହାତରେ ଟଙ୍କା ପଇସା ନାହିଁ। କେମିତି ତେଜପୁରକୁ ନେଇକରି ଯିବ ? ବଡ଼ ହତଭାଗୀନି ମାଁ ସେ ! ଭାଗ୍ୟ ବଳରେ ଠାକୁରେ ପୁଅ ଟେ ଦେଇଥିଲେ, ହେଲେ ସେ ଆଉଥରେ ଫେରାଇ ନେବାକୁ ଚାହୁଁଛନ୍ତି। ହେ ଠାକୁରେ! ମୋର କ'ଣ ଅପରାଧ ହୋଇଛି ଯେ ଆପଣ ମୋତେ ଏତେ ଦୁଃଖ ଦେଉଛ ? ତା ବଦଳରେ ମୋତେ ଉଠେଇ ନିଅ...ମୋ ପୁଅକୁ ଭଲ କରି ଦିଅ! ସମ୍ବାରୀଙ୍କ ମନକୁ ପାପ ଛୁଇଁଲା।

ଗୋକୁଳର ଯଦି କିଛି ହୁଏ! ତାହେଲେ ତା ପରିବାରକୁ କିଏ ସମ୍ଭାଳିବ ? ତା ବିହନେ କ'ଣ ହେବ ଏହି ସଂସାରର ଅବସ୍ଥା ? ହେ ଈଶ୍ୱର ମୋତେ ଶକ୍ତି ଦିଅ। ମୋ ପୁଅକୁ ଭଲ କରି ଦିଅ। ତା ଛଡା ମୋର କେହି ନାହାନ୍ତି। ବହୁତ ସମୟ ଚିନ୍ତା କଲା ପରେ ସମ୍ବାରୀ ନିଷ୍ପତ୍ତି ନେଲା। ଏକମାତ୍ର ଘର ଚଳିବାକୁ ଯେଉଁ ଖୀର ଦିଆ ଗାଇ ଟି ଅଛି ତାକୁ ବିକି ଦେବ। ଖୀର ବିକି ଘରର ରେସନ ଚଳୁଥିଲା। ଏବେ ତାହା ବିକି ଦେଲେ ସେମାନେ କେମିତି ଚଳିବେ ? ଉପାୟ ନାହିଁ! ପୁଅ ବଞ୍ଚିଥିଲେ ସବୁ ପୁଣିଥରେ ହେବ। କଷ୍ଟ ହେଉ ପଛକେ ଗାଇ ବିକି ସେହି ଟଙ୍କାରେ ଗୋକୁଳକୁ ସୁସ୍ଥ କରିବ।

ହସ୍ପିଟାଲରେ ନାର୍ସ ଦିଦିଙ୍କ ଠାରେ ଗୋକୁଳକୁ ସମଝାଇ ଦେଇ ଘରକୁ ଆସିଲେ ସମ୍ବାରୀ। ବୋହୁକୁ ସବୁ କଥା ଖୋଲି କହିଲା। ବୋହୁ କହିଲା, ଆପଣ ଯାହା ଭଲ ଦେଖୁଛନ୍ତି ତାହା କରନ୍ତୁ ମାଁ।

ISSN NO.
2582-208X

ପରଦିନ ଖୀର ଦିଆ ଗାଇ ଟି ୧୧ ହଜାର ଟଙ୍କାର ବିକିଲେ ସେ। ସେଇଠୁ ହଜାର ଟଙ୍କା ବହୁ ହାତରେ ଦେଇ ବାକିତକ ନେଇ ଗୋକୁଳ ପାଖକୁ ଆସିବାକୁ ବାହାରି ଆସିଲେ। ଶୀତ ଦିନ। ପ୍ରବଳ ଶୀତ ପଡ଼ିଛି। ତହିଁରେ ଛୋଟ ଦିନ। ସଞ୍ଜ ନଇଁ ଆସିଲାଣି । ଦୁର ଗାଁ। ଗାଡ଼ି ଦିନକୁ ଥରେ ଆସେ ଯଥା ସମୟରେ। ସେ ଗାଡ଼ି ଚାଲି ଯାଇଛି। ଚାଲି ଯିବା ବ୍ୟତିତ ଆଉ ଅନ୍ୟ ଉପାୟ ନାହିଁ। ହାତରେ ଟଙ୍କା ଧରି ଏତେ ଦୁର ବାଟ ଏକୁଟିଆ ଯିବାକୁ ଭୟ ହେଲା ସମ୍ବାରୀଙ୍କୁ। ହେଲେ ଉପାୟ ନାହିଁ। ମନରେ ସେ ଭାବିଲା, ସୁଖ ବେଳେ ସମସ୍ତେ ଦୁଃଖ ବେଳେ କେହି ନାହିଁ!

ରୋଗିଆ ପୁଅକୁ ଏକୁଟିଆ ଛାଡି ଆସିଛି। ଯେମିତି ହେଲେ ତାକୁ ପହଂଚିବାକୁ ହେବ। ମରଣକୁ ଶରଣ କରି ସେ ଚାଲିବାକୁ ଲାଗିଲେ। ଅନ୍ଧାର ହୋଇ ଆସିଲାଣି। ଠାକୁରଙ୍କୁ ଡାକି ଡାକି ସେ ଆଗକୁ ବଢ଼ି ଚାଲିଛି। ସାଧାରୁ ଚାହା ବଗିଚାର ମଝିରେ ଯେଉଁ ବାଟ ଟି ଯାଇଛି। ବଡ଼ ନିଛାଟିଆ। ସମ୍ବାରୀକୁ ଡର ଲାଗୁଛି! ସଞ୍ଜ ଗଡ଼ିଗଲେ ସେହି ବାଟରେ ଲୋକ ଯାତାୟତ କରନ୍ତି ନାହିଁ। ସବୁଆଡେ ନିଶବ୍ଦ... କିଛି ବାଟ ଏଭଳି ଆସିଲା ପରେ କିଏ ଜଣେ ଡାକିଲା ପରି ଲାଗିଲା। ନିଛାଟିଆ ସ୍ଥାନରେ କିଏ ତାକୁ ଡାକିବ ତାଙ୍କୁ ? ମିଛଟାରେ ଭ୍ରମ ହୋଇଥିବ ।

କାନ ଡେରି ଶୁଣିବାକୁ ଚେଷ୍ଟା କଲେ ସେ, ସତରେ କିଏ ଜଣେ ଏ ନାନୀ କୁଆଡେ ଯାଉଛନ୍ତି ଅନ୍ଧକାର ବାଟରେ ଏକୁଟିଆ ଆପଣ ବୋଲି ଶୁଭିଲା। ସମ୍ବାରୀ ପଛକୁ ଫେରି ଦେଖିଲା। ଭୟରେ ତାଙ୍କର ହାତ ଗୁଡ଼ ଠଣ୍ଡା ହୋଇ ଗଲା। କମ୍ପିବାକୁ ଲାଗିଲା। ପାଖରେ କଳା ଛାଇ ପରି କିଏ ଜଣେ ଠିଆ ହୋଇଛି। ଅନ୍ଧକାରରେ ଚିହ୍ନି ହେଉନାହିଁ। ମଣିଷ ନା ଭୂତ ! ଭୟ ଲାଗିଲେ ମଧ୍ୟ, ସମ୍ବାରୀ ମନରେ ସାହସ ବାନ୍ଧି ପଚାରିଲା କିଏ ତୁମେ ?

ସେ କଳା ଛାଇ ଟି କହିଲା- ମୁଁ ବି ଆପଣଙ୍କ ପରି ଜଣେ ପଥିକ ଡରିବାର କିଛି ନାହିଁ। ସମ୍ବାରୀ ନିଶ୍ଚିତ ହେଲା ସେ ଭୁତ ନୁହନ୍ତି, ମଣିଷ। ସେ ଲୋକ ଟି ଆଉଥରେ ପଚାରିଲା, ଆପଣ କେଉଁଠିକୁ ଯାଉଛନ୍ତି ନାନୀ ?

ସମ୍ବାରୀ କହିଲା ମୋ ପୁଅକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ଜଟିଳ ରୋଗରେ ଆକ୍ରାନ୍ତ। ବର୍ତ୍ତମାନ ତା'ର ଚିକିତ୍ସା ଚାଲିଛି। ଡାକ୍ତର କହିଛନ୍ତି ବଡ଼ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରିବାକୁ। ନହେଲେ ତା'ର ବଞ୍ଚିବାର ଆଶା ନାହିଁ। ସେଥିପାଇଁ ଘରକୁ ଯାଇ

ISSN NO.
2582-208X

ଖୀର ଦିଆ ଗାଇ ଟି ବିକି ଟଙ୍କା ଧରି କି ଆସୁଛି। କ'ଣ କରିବି ବାପା...ମୋର ଆଗକୁ ପଛକୁ କେହି ନାହାନ୍ତି। ଶେଷରେ ପୁଅଟିଏ ପାଇଥିଲି ତା'ର ବି ଏହି ଅବସ୍ଥା! ଲୋକ ଟି ଶାନ୍ତ୍ୱନା ଦେଇ କହିଲା ସବୁ କପାଳ ଦୋଷ । ଆପଣ ଚିନ୍ତା କରନ୍ତୁ ନାହିଁ। ମୁଁ ସିଭିଲ ହସ୍ପିଟାଲ ଆଡ଼କୁ ଯାଉଛି। ଆପଣ ମୋ ସାଇକେଲରେ ବସନ୍ତୁ, ମୁଁ ହସ୍ପିଟାଲରେ ଛାଡ଼ି ଦେବି। ଏବେବି ବହୁତ ଦୂର ଅଛି । ଦିନକାଳ ଭଲ ନୁହେଁ। ସେଥିରେ ଆପଣ ବୃଦ୍ଧ ମହିଳା। ମୋତେ ଭରସା କରନ୍ତୁ, ଡରନ୍ତୁ ନାହିଁ। ପ୍ରଥମ ଅବସ୍ଥାରେ ସମ୍ବାରୀ ଲୋକଟିକୁ ବିଶ୍ୱାସ କରୁନଥିଲେ ଯଦିଓ ତା'ର ଚିକଣ ଚିକଣ କଥା ଶୁଣିବା ପରେ, ସାଇକେଲରେ ବସିଲା। ବାଟରେ କଥା ହୋଇ ହୋଇ ଆସୁ ଆସୁ ଅନ୍ଧାରର ସୁଯୋଗ ନେଇ ସେ ଅନ୍ୟ ଆଡକୁ ସାଇକେଲ ନେଇ ଆସିଲା। ସମ୍ବାରୀ ଅନୁମାନ କରି ପାରି ଲୋକ ଟିକୁ ପଚାରିଲା- ଆପଣ କେଉଁ ଆଡକୁ ମୋତେ ନେଇ ଯାଉଛନ୍ତି ? ସାଇକେଲ ରଖାନ୍ତୁ । ସମ୍ବାରୀ ବୁଝି ପାରିଲା ଲୋକଟିର ଉଦେଶ୍ୟ ଭଲ ନୁହେଁ।

ସମ୍ବାରୀ ପାଟିକରି କହିଲା-ସାଇକେଲ ରଖା ନହେଲେ ହାଲ୍ଲା କରି ଲୋକଙ୍କୁ ଡାକିବି ଏଇକ୍ଷଣି । ଲୋକଟି ନିର୍ଭୟରେ କହିଲା, କାହାକୁ ଡାକିବୁ, ଡାକ । ତୋ ଡାକ ଶୁଣିବାକୁ ଏଠାରେ କେହି ନାହାନ୍ତି। ଏହା ଏକ ନିର୍ଜନ ଯାଗା। ସତକୁ ସତ ସେ ନୀଳପୁର ଚାହା ବଗିଚାର ଭିତର ଯାଗା। ତା ଡାକ କିଏ ଶୁଣିବ ? ସମ୍ବାରୀ ପାଟି କରି କାନ୍ଦି କାନ୍ଦି କହିଲା ମୋତେ ଛାଡ଼ି ଦେ । ତୁ ମୋ ପୁଅ ପରି। ମୋତେ ସହାୟ କଲେ ଠାକୁର ତୁମକୁ ଆଶୀର୍ବାଦ କରିବ। ମୋ ବାବା ଟା ମୋତେ ଟିକେ ଦୟା କର ! ମୋ ପୁଅ ପାଖକୁ ନେଇ ଯା! ସମ୍ବାରୀଙ୍କ ଆକୁଳ ବିକୁଳ ସେ ନିଷ୍ଠୁର ଲୋକଟିର ହୃଦୟକୁ ତରଳାଇ ପାରିଲା ନାହିଁ। ଅସୁର ପରି ସମ୍ବାରୀ ଶରୀରକୁ କ୍ଷତ ବିକ୍ଷତ କରି ହାତ ଦୁଇଟାକୁ ଭାଙ୍ଗି ଦେଇ ଧର୍ଷଣ କଲା, ମୁମୂର୍ଷୁ ଅବସ୍ଥାରେ ଟଙ୍କା ନେଇ ପଳାଇଲା ।

ହାଡ଼ କମ୍ପୁଆ ଶୀତରେ ଚାହା ବଗିଚାର ନଲାରେ, ସମ୍ବାରୀ କେତେ ସମୟ ଅଚେତନ ହୋଇ ପଡ଼ି ରହିଥିଲା ସେ କଥା କେହି ଜାଣି ପାରିଲେ ନାହିଁ। ଯେତେବେଳେ ଚେତନା ଫେରିଲା, ସେତେବେଳକୁ ସମ୍ବାରୀଙ୍କର ସବୁ କିଛି ଶେଷ ହୋଇ ଯାଇଥିଲା। ଟଙ୍କା ଗୋଡ଼ିକ ଖୋଜିବା ପାଇଁ ଯେତେବେଳେ ହାତ ଟେକିଲେ, ହାତ ଆଉ ଟେକି ପାରିଲେ ନାହିଁ... ଯାଣିପାରିଲା ସେ ଲମ୍ପଟ ତା ହାତ ଦୁଇଟାକୁ ଭାଙ୍ଗି ଦେଇ ଧର୍ଷଣ କରି ତା'ର ସର୍ବସ୍ୱ ଶେଷ କରିଛି। ବିକଳ ହୋଇ କାନ୍ଦିଲା-କେଉଁ ମୁହଁ ନେଇ ପୁଅ ପାଖକୁ ଆଉ

ISSN NO.
2582-208X

ଯିବି…! ତା'ର ଚିକିତ୍ସା ପାଇଁ ଯେଉଁ ଟଙ୍କା ଆଣିଥିଲି,ତାହା ତୋ ଗଲା! ଆଉ କୋଉଠୁ ଟଙ୍କା ଆଣିବି ? କିଏ ମୋତେ ଏତେ ଟଙ୍କା ଦେବ ? ମୋର ଏହି ହିନସ୍ଥା ପ୍ରାଣଟା ବଞ୍ଚି ରହି ଆଉ କ'ଣ ହେବ ? ପୁଅକୁ ଚିକିତ୍ସା କରିବି ନା ମୁଁ ଚିକିତ୍ସା ହେବି ? ହେ ଠାକୁର ତୁମେ ଏଇଆ କ'ଣ କଲୋ ?? ମୋତେ ମାରି ଦେଇଥିଲେ ଭଲ ହୁଅନ୍ତା! ଲଜ୍ଜା ଲାଗୁଛି ବଞ୍ଚି ରହିବାକୁ… ସେତେବେଳେ ସମ୍ବାରୀଙ୍କର କାନ୍ଦ ଶୁଣିବାକୁ ଚାହା ଗଛ ଆଉ ଶିରୀଷ ଗଛ ବାହିରେ ସେ ନିଛାଟିଆ ସ୍ଥାନରେ କେହି ନଥିଲେ। ସମ୍ବାରୀଙ୍କ ଦୁଃଖ ଦେଖି ଚାହାଗଛ ଆଖିରୁ ଲୁହ ଝରି ପଡୁଥିଲା!

ଅନେକ ପରେ ସେ ସାହସ କରି ଭାବିଲେ, ନା ମୋତେ ବଞ୍ଚି ରହିବାକୁ ପଡିବ। ନହେଲେ ପୁଅ ଭାବିବ ମାଁ ମୋତେ ଅନାଥ କରି ମରିବାକୁ ଛାଡ଼ି ଚାଲିଗଲେ। ନିଜ ମା ହୋଇଥିଲେ କ'ଣ ଏହା କରି ପାରନ୍ତେ ? ସେ ମନ ସାହସରେ ଦେହର ଲୋଗାପଟା ସବୁ ଠିକ କରି ଠିଆ ହେବାକୁ ଚେଷ୍ଟା କଲେ, ହେଲେ ପାରିଲେନି… ମୁଣ୍ଡ ବୁଲାଉଥଲା! ବିକଳ ହୋଇ କାନ୍ଦିଲା। ହେଲେ ତା କାନ୍ଦ ଶୁଣିବାକୁ କେହି ନଥିଲେ! ପୁଣି ସାହସ କରି କରି ସେ ଉଠିଲା।

ନୀଲପୁର ଚାହା ବଗିଚା ଠାରୁ ବିଶ୍ୱନାଥ ଚାରିଆଲି ସିଭିଲ ହସ୍ପିଟାଲ ବେସି ଦୂର ବାଟ ନୁହେଁ ଯଦିଓ ସମ୍ବାରୀଙ୍କୁ ଚାଲିବା ପାଇଁ କଷ୍ଟ ହେଉଥିଲା। ଗୁପ୍ତ ଅଙ୍ଗ ଫାଟି ରକ୍ତ ବହୁଥିଲା । ଦୁଇ ହାତକୁ ଟେକି ପାରୁନଥିଲେ। ଏମିତି ଅବସ୍ଥାରେ କେମିତି ସେ ଗୋକୁଳ ପାଖକୁ ଯିବେ କିଛି ଭାବି ପାରୁ ନଥିଲେ। ଉପାୟ ନାହିଁ, ତାଙ୍କୁ ଯେମିତି ପ୍ରକାରେ ହେଉ ପୁଅ ପାଖକୁ ଯିବାକୁ ପଡିବ। ରକ୍ତରେ ଭିଜି ଯାଇଥିବା ଲୁଗାପଟା ପୁଣି ଠିକ କଲେ,ତା ପରେ ସେ ଧିରେ ଧିରେ ଚାଲିବାକୁ ଲାଗିଲେ। ଏକ କିଲୋମିଟର ବାଟ ଚାଲିବାକୁ ତାଙ୍କୁ ବହୁତ ସମୟ ଲାଗିଲା।

ଯେମିତି ସେମିତି ଆସି ହସ୍ପିଟାଲର ବାରଣ୍ଡାରେ ଯାଇ ଶୋଇ ପଡିଲେ। ବହୁତ ରାତି ହୋଇଯାଏ। ଅନେକ ସମୟ ପରେ ନର୍ସ ଦିଦିଙ୍କୁ କେହି ଜଣେ ଆସି ଖବର ଦେଲେ। ସାଙ୍ଗେ ସାଙ୍ଗେ ଡାକ୍ତର, ନର୍ସ ଆସିଲେ ସମ୍ବାରୀଙ୍କ ପାଖକୁ। ସେଦିନ ଡିଉଟି ରେ ଲେଡି ଡକ୍ଟର ଥିଲେ। ନର୍ସ ଦିଦି ସମ୍ବାରୀଙ୍କୁ ଦେଖିବା ମାତ୍ରକେ ଚିହ୍ନି ପାରିଲେ। ସେତେବେଳେ ସମ୍ବାରୀଙ୍କ ହୋସ ନଥିଲା। ଶରୀର ଠଣ୍ଡା ହୋଇ ଯାଇଥିଲା। ସାଙ୍ଗେ ସାଙ୍ଗେ ଇମାରଜେନ୍ସୀ

ISSN NO.
2582-208X

ରୁମକୁ ନେଇ ଡାକ୍ତର ପରୀକ୍ଷା କଲେ। ପରୀକ୍ଷା କରିବା ପରେ, ସେ ହତବାକ ହୋଇ ଗଲେ୍ । ଏତେ ବୟସ୍କ ମହିଳା କୁ କେଉଁ ବଦମାସ୍ ଏଭଳି ଅବସ୍ଥା କରିଛି ? କେତେ ଘୃଣାର ବିଷୟ...

ଡକ୍ଟର କହିଲେ ଏ ମହିଳାଙ୍କୁ ଧର୍ଷଣ କରାଯାଇଛି। ଏହା ଏକ ପୁଲିସ ମାମଲା।

ନର୍ସ ଦିଦି କହିଲେ-ମେଡାମ୍, ଏ ହେଉଛନ୍ତି ବେଡ ନଂ ବାର ପେସେଣ୍ଟ ଗୋକୁଳଙ୍କ ମାଁ। ଗତକାଲି ଘରକୁ ଯାଇଥିଲେ । ମାନବତାର ଉର୍ଦ୍ଧରେ କିଛି ନାହିଁ...

ନର୍ସଙ୍କ କଥା ଶୁଣିବା ପରେ ଚିକିତ୍ସା ଆରମ୍ଭ କଲେ ଡକ୍ଟର । ଦୁଇ ହାତକୁ ବେଣ୍ଡେଜ କରା ହେଲା। ଗୁପ୍ତ ଅଙ୍ଗରେ ସିଲେଇ ପଡ଼ିଲା। ଯେତେବେଳେ ଚେତନା ଫେରିଲା ସମ୍ବାରୀ ସବୁ କଥା ନର୍ସ ଦିଦିଙ୍କୁ କହିଲେ। ପରଦିନ ଏଇକାନେ ସେଇକାନେ ସମ୍ବାରୀଙ୍କ କଥା ଆଲୋଚନା ହେଲା। ଲୋକ ଆସି ଦୁରରୁ ଦେଖି ଆହାଃ... ଉହୁଁ କରି ସମବେଦନା ଦେଖାଉଛନ୍ତି। ହେଲେ ସହାୟ କରିବାକୁ କେହି ଆସୁ ନାହାନ୍ତି। ମାଁ ପୁଅକୁ ଗୋଟିଏ ବିଛଣାରେ ରଖିଛନ୍ତି। ହୃଦୟ କମ୍ପିଲା ଦୃଶ୍ୟ... ଏ ବିଷୟରେ ସମ୍ବାରୀଙ୍କ ବୋହୁ ଏ ଯାଏ କିଛି ବି ଜାଣିନାହାନ୍ତି। ପାଖରେ ସହାୟ କରିବାକୁ କେହି ନାହାନ୍ତି। ତାଙ୍କର ଆଉ କିଛି ସମ୍ବଳ ନାହିଁ!

ଏହି ମର୍ମାହତ କରିବା ଘଟଣା ଆସି ପ୍ରଭାତିଙ୍କ କାନରେ ପଡ଼ିଲା। ଘଟଣା ଟି ଶୁଣିବା ମାତ୍ରେ ପ୍ରଭାତି ଧାଇଁ ଆସିଲେ ହସ୍ପିଟାଲକୁ ସମ୍ବାରୀଙ୍କୁ ଦେଖିବା ନିମନ୍ତେ। ତାଙ୍କୁ ଦେଖିବା ମାତ୍ରେ ପ୍ରଭାତି ମର୍ମାନ୍ତିକ ଆଘାତ ପାଇଲେ। ମଣିଷ କ'ଣ ଏତେ ନିଷ୍ଠୁର ହୋଇ ପାରେ ?? ନିଜକୁ ବିଶ୍ୱାସ ହେଉ ନଥିଲା। ତାହେଲେ ଷାଠିଏ ଉର୍ଦ୍ଧର ମହିଳା ବି ସୁରକ୍ଷିତ ନୁହେଁ...ମାତୃତୁଲ୍ୟ ମହିଳାକୁ ଯଦି ସେ ଧର୍ଷଣ କରି ଏମିତି ଅବସ୍ଥା କରି ପାରିଛି, ତାହେଲେ ସେ ପାପୀ ଆଉ କ'ଣ ନକରିବ ? ପ୍ରଭାତି ହେଉଛନ୍ତି ଜଣେ ସମାଜସେବୀ। ଅସହାୟ ମହିଳା ମାନଙ୍କୁ ସହାୟ କରନ୍ତି ସେ। ଆଜି ସମ୍ବାରୀଙ୍କ ଘଟଣା ଟି ତାଙ୍କ ମନରେ ବହୁତ କଷ୍ଟ ଦେଇଛି! ସମ୍ବାରୀଙ୍କ ଠାରୁ ସବୁ କଥା ଗୋଟି ଗୋଟି କରି ଜାଣିବା ପରେ, ବଗିଚାର ଥିବା ଛାତ୍ର ସଂଗଠନ କୁ ଜଣାଇଲେ । ତାପରେ ଥାନାର ଏସପି ଙ୍କୁ ଫୋନ କଲେ ପ୍ରଭାତି । ସାଙ୍ଗେ ସାଙ୍ଗେଏସପି, ଆସିଲେ। ତାପରେ ମିଡ଼ିଆସବୁ ଆସିଲେ।

ISSN NO.
2582-208X

କିଛି ସମୟ ଭିତରେ ସବୁଆଡେ ଜଣାଜାତ ହୋଇ ଗଲା। ଛାତ୍ର ସଂଗଠନ, ସମାଜ ସେବକ ଆସି ହାଜିର୍ ହେଲେ। ଟିଭି ଚ୍ୟାନେଲରେ ନିଉଜ ବାହାରିଲା।

କିନ୍ତୁ ଦୁଃଖର ବିଷୟ ଯେ କେହି ଜଣେ ଆଗେଇ ଆସିଲେ ନାହିଁ ସମ୍ବାରୀ ଓ ତାଙ୍କ ପୁଅ ଗୋକୁଳକୁ ସହାୟତା କରିବାକୁ ନେବାକୁ। ଦୂରରେ ଥାଇ ସହାନୁଭୂତି ଦେଖାଇ ଚାଲିଗଲେ। ଥାନା ଅଧିକାରୀଙ୍କ ପଟରୁ ମଧ୍ୟ ସେଭଳି କିଛି ସପୋର୍ଟ ମିଳିଲାନି। ଘଟଣା ବିଷୟରେ କିଛି କଥା ପଚାରିଲା ପରେ ସେ ଚାଲିଗଲେ। ହେଲେ ପ୍ରଭାତି ଏମିତି ଅବସ୍ଥାରେ ସମ୍ବାରୀଙ୍କୁ ଛାଡ଼ି ଯାଇପାରିଲେ ନାହିଁ। ଗାଡ଼ି କରି ବ୍ୟକ୍ତିଗତ ନାର୍ସିଂହୋମକୁ ନେଇ ଗଲେ ଅର୍ଥପେଡିକ ଡାକ୍ତରଙ୍କ ପାଖକୁ। ଡାକ୍ତର ଜଣଙ୍କ ବଡ଼ ହୃଦୟବାନ ଥିଲେ। ସମ୍ବାରୀଙ୍କ କଥା ଗୋଡ଼ିକ ଆନ୍ତରିକତାରେ ଶୁଣିଲେ। ତା'ପରେ ପରୀକ୍ଷା କଲେ। ଦୁଇ ହାତରେ ବନ୍ଧା ହୋଇଥିବା ବେଣ୍ଡେଜ ସବୁ ଖୋଲି ପ୍ଲାଷ୍ଟର କରିଦେଲେ। ବିନାମୂଲ୍ୟରେ ମେଡିସିନ ଦେଲେ। ଡାକ୍ତରଙ୍କ ସହାୟତା ପାଇଁ ପ୍ରଭାତି ଧନ୍ୟବାଦ ଜଣାଇଲେ।

ସମ୍ବାରୀଙ୍କ ଦୁଇ ହାତରେ ବେଣ୍ଡେଜ ପଡ଼ିଲା ପରେ କେମିତି ଗୋଟିଏ ଅବର୍ଣ୍ଣନୀୟ ଅବସ୍ଥାରେ ସେ ଥିଲେ ତାହା ଭାଷାରେ ବର୍ଣ୍ଣନା କରି ହେବ ନାହିଁ...! ଏବେ ଗୋକୁଳକୁ ଯତ୍ନ କିଏ କରିବ? ଏ ପଟେ ଗୋକୁଳଙ୍କ ସ୍ତ୍ରୀ ମଧ୍ୟ ଛୋଟ ଛୋଟ ଛୁଆମାନଙ୍କୁ ଛାଡି ଆସି ପାରୁନଥିଲେ ସ୍ୱାମୀଙ୍କୁ ଦେଖା କରିବା ପାଇଁ । ଶାଶୁଙ୍କ ସହିତ ଏତେ ସବୁ ଘଟଣା ଘଟିଛି ବୋଲି ଏ ପର୍ଯ୍ୟନ୍ତ ଜାଣିନାହାନ୍ତି ସେ।

ବିଶ୍ୱନାଥ ଚାରିଆଲି ସିଭିଲ ହସ୍ପିଟାଲରେ କିଛି ଦିନ ରହିବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ଗୋକୁଳକୁ ଘରକୁ ଫେରାଇ ନେବାକୁ କହିଲେ। କାରଣ ଏଠି ଡାକ୍ତର ହାତ ଟେକି ଦେଇଛନ୍ତି। ରେଫର କରିଛନ୍ତି। ରେଫର କରିଥିବା ପେସେଣ୍ଟ ପାଇଁ ବେଡ୍ ନାହିଁ। ପ୍ରତିଦିନ ନୂଆ ନୂଆ ରୋଗି ଆସୁଛନ୍ତି। ବେଡ୍ ନାହିଁ। ଏବେ କ'ଣ ହେବ ?

ପ୍ରଭାତି ନିଜ ପଟରୁ ଯାହା ପାରିଲା ସହାୟ କଲା। ଥାନା ପୁଲିସ ଠାରୁ ଡକ୍ଟର ଚିକିତ୍ସା ସବୁ...ଗୋକୁଳ ଅବସ୍ଥା ଗୁରୁତର ହୋଇ ଆସୁଛି । ଚିକିତ୍ସା ମଧ୍ୟ ବନ୍ଦ ପଡ଼ିଛି। ଏପଟେ ସମ୍ବାରୀଙ୍କ ପ୍ଲାଷ୍ଟର ଖୋଲିବା ପାଇଁ ଆଉ କିଛି ଦିନ ଲାଗିବ। ଶେଷରେ ସମ୍ବାରୀ କହିଲା ଆମେ ଘରକୁ ଫେରି ଯିବୁ ଦିଦି। କପାଳରେ ଯାହା ଅଛି ତାହାହିଁ ହେବ। ମୁଁ ମଧ୍ୟ କିଛି

ISSN NO.
2582-208X

କରିପାରୁନାହିଁ! କ'ଣ ହେବ ଏଠାରେ ରହି ? ଏଠାରେ ଅଧିକ କଷ୍ଟ ସିନା ହେଉଛି ଆମର। ଘରକୁ ଗଲେ ଏଣିକି ବୋହୁ ଯାହା କରିବ।

ଘରକୁ ସେମାନେ ଫେରି ଆସିଲେ। କିଛି ଦିନ ପରେ ସକାଳ ସମୟରେ ପ୍ରଭାତିଙ୍କ ପାଖକୁ କଲ୍ ଆସିଲା-ସେପଟରୁ ସମ୍ବାରୀ କାନ୍ଦି କାନ୍ଦି କହିଲା ଗୋକୁଳ ଆଉ ନାହିଁ ଦିଦି, ସେ ମୋତେ ଛାଡ଼ି କରି ଚାଲି ଗଲା... ତାକୁ ଛାଡି କେମିତି ବଞ୍ଚି ରହିବି ? ତା ସ୍ତ୍ରୀ ଆଉ ଛୁଆକୁ କିଏ ପୋଷିବ ? ଘରେ ଖାଇବାକୁ ଅନ୍ନ ମୁଠାଏ ନାହିଁ! ଯାହା କିଛି ଥିଲା ସବୁ ଗଲା! କେମିତି କ'ଣ କରିକି ଛୁଆ ମାନଙ୍କୁ ବଞ୍ଚାଇ ରଖିବି ଯେ ମୋତେ କିଛି ବୁଦ୍ଧି ଦିଶୁନାହିଁ। ଆପଣ ଥରେ ଆସନ୍ତୁ।

ସମ୍ବାରୀଙ୍କ ସହିତ ଗୋଟିଏ ଆନ୍ତରିକ ସମ୍ବନ୍ଧ ଗଢ଼ି ଉଠିଥିଲା ପ୍ରଭାତିଙ୍କ। ଯେମିତି ମାଁ ଝିଅର ସମ୍ପର୍କ। କଥା ଶୁଣିବା ମାତ୍ରେ ପ୍ରଭାତି ଚାଉଳ, ପନିପରିବା ଧରି ତାଙ୍କ ଘରକୁ ଗଲେ। କି ଅସହାୟ ଦୃଶ୍ୟ... ଆଖିରେ ଲୋହ ଆସି ଗଲା ପ୍ରଭାବିତଙ୍କର ! ଶାନ୍ତ୍ୱନା ଦେଇ କହିଲେ- ମୁଁ ଅଛି ଆପଣଙ୍କ ପାଖରେ। ମୋ ପଟରୁ ଯାହା ସହାୟ ହେବ ମୁଁ କରିବି, ଆପଣ ଚିନ୍ତା କରନ୍ତୁ ନାହିଁ।

ପୁଲିସ ପ୍ରଶାସନ ତରଫରୁ କିଛି ନ୍ୟାୟ ମିଳିଲା ନାହିଁ। ପ୍ରଭାତି ଶେଷରେ ମାନବ ଅଧିକାରକୁ ଅଫିସକୁ ଜଣାଇଲେ । ମେଡିକାଲ ସାର୍ଟିଫିକେଟ ଆଉ ଯେତେ ଡକ୍ୟୁମେଣ୍ଟ ଥିଲା ଦରଖାସ୍ତ ସହିତ ଲିଗେଲ ଅଥରିଟି ଅଫିସ ରେ ଜମା ଦେଲେ। କିଛି ଦିନ ଏଭଳି କେସ ଲଢ଼ିବା ପରେ, ସମ୍ବାରୀଙ୍କୁ କିଛି ଆର୍ଥିକ ସାହାଯ୍ୟ ମିଳିଲା। ସେହି ଟଙ୍କାରେ ସେ ପୁଣି ଥରେ ନୂଆ ବ୍ୟବସାୟ ଆରମ୍ଭ କଲେ।

ବର୍ତମାନ ସମ୍ବାରୀ ବହୁ ଆଉ ଦୁଇଟି ନାତି-ନାତୁଣିଙ୍କୁ ନେଇ ଜୀବନ ସଂଗ୍ରାମରେ ଦୁଃଖ ସୁଖରେ ଦିନ କାଟୁଛନ୍ତି!!

(ସତ ଘଟଣା ଉପରେ ଆଧାରିତ ଏହା)

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ତୁମେ



ମନୋରମା ମହାନ୍ତ

ତୁମେ ମୋ ଜୀବନ
ଶୁଭ ସକାଳରେ
କୋଇଲିର କୁହୁତାନ
ଯାହାକୁ ଶୁଣିଲେ
ଦିନସାରା ଖାଲି
ପାଗଳ ହୁଏ ମୋ ମନ !

ତୁମେ ମୋ ଜୀବନ
ଗୋଧୂଳି ଲଗନେ
ସଂଧ୍ୟାରାଗ ଟିଏ !!
କାନରେ ସେ ରାଗ
ଗୁମୁରି ଗୁମୁରି
ରାତିଟା ମୋ ପାହିଯାଏ !!!

ଜଗତସିଂହପୁର

ISSN NO.
2582-208X

# ନିରବିଲା ରବି



ଡ. ଅର୍ଜୁନ ଚରଣ ବାରିକ୍

ନିରବିଲା ରବି ତାର ପ୍ରତିଛବି।

ଦିନାନ୍ତ ହେଲା ପ୍ରକାଶ ।

ଶିବାଳୟେ ଶଙ୍ଖ ଘଣ୍ଟ ଧ୍ଵନି ଶୁଭେ।

ତମ ଢାଙ୍କେ ଦଶ ଦଶ।

ଗଂଧ ଚନ୍ଦନ ର ବାସ ମହକିଲା।

ଶ୍ରୀମନ୍ଦିର ଚଉପାଶ ।

ଧାଇଁଲେ ଗୋବତ୍ସା ଚାରଣ ଭୂଇଁରୁ।

ଅନୁସରି ନିଜ ବାସ ।

ସା:ପୋ-ମହୁ, ଜି-କେନ୍ଦ୍ରାପଡା

ISSN NO.
2582-208X

# କୋରାପୁଟର ସୁଷମା



ଦିବାକର ନାୟକ

ସୁନ୍ଦର ସେ ସବୁଜିମା
କୋରାପୁଟର ସୁଷମା
ମର୍ତ୍ତ୍ୟର ସ୍ୱର୍ଗ ନା ସିଏ
ଅପରୂପା ଅନୁପମା (୦)

ସୁନ୍ଦର ନୀଳ ବନାନୀ
ସୁନ୍ଦର ଗିରି କନ୍ଦର
ଯାତ୍ରା ପଥର କ୍ଲାନ୍ତି
ଏଇଠି ନିତି ମଧୁର

ଅଳସୀ ଫୁଲରଢେଉ
ହୃଦୟକୁ ଦିଏ ଚୁମା..
ସୁନ୍ଦର ସେ ସବୁଜିମା
କୋରାପୁଟର ସୁଷମା (୧)

କଳକଳ ନିର୍ଝରଣୀ
ଛଳଛଳ ଗାଏ ଗୀତ
ପୀକ ଶୁକ ସାରୀ ପୁଣି
ବଜାନ୍ତି ଯନ୍ତ୍ର ସଙ୍ଗୀତ

ସରଳା ଗିରି କନିଆଁ
ବନ ମଲ୍ଲି ରାଜଜେମା..
ସୁନ୍ଦର ସେ ସବୁଜିମା
କୋରାପୁଟର ସୁଷମା (୨)

ଆକାଶବାଣୀ ଗୀତିକାର
ପାଟପୁର, କନସି-୭୬୧୦୦୮
ମୋ-୯୯୩୮୬୧୯୯୮୧

ISSN NO.
2582-208X

# ଚୁଡ଼ି



ମଧୁମିତା ମିଶ୍ର

"କେତେଥର କହିଛି କହିଲୁ..ଏମିତି ମେଞ୍ଚା ମେଞ୍ଚା ଚୁଡି ପିନ୍ଧି ସବୁବେଳେ ରହନି। ଦେଖିଲୁ ନା କଣ ହେଲା?" ବଡ଼ ନଣନ୍ଦ ସୀମା ରୀତାକୁ ଅଭିମାନ ମିଶା କ୍ରୋଧ ଦେଖାଇ କହିଲା। କପବୋର୍ଡ ଭିତରୁ ଜିନିଷ ବାହାର କରିବା ସମୟରେ ହାତ ବାଜି ଯିବାରୁ ଦୁଇଟା ଚୁଡି ଭାଙ୍ଗି ରୀତା ହାତରେ ଗଳି ଯାଇଥିଲା ଓ ଅଳ୍ପ ରକ୍ତ ବାହାରି ଯାଇଥିଲା..ସୀମା ସେମିତି ପାଟି କରୁକରୁ ଦୌଡି ଯାଇ ଫାଷ୍ଟ୍ ଏଇଡ୍ ବାକ୍ସ ଆଣି ଉପଚାର ବି ଆରମ୍ଭ କରି ଦେଇଥିଲା..

ଦଶ ବର୍ଷ ତଳେ ରୀତା ବାହା ହୋଇଥିଲା ସୀମାର ଭାଇ ଅସିତ ସହିତ। କିନ୍ତୁ ବାହାଘର କିଛିଦିନ ପରେ କାନାଡା ଚାଲି ଯାଇଥିଲା ଅସିତ। ସେଇଠି ଘର ନେଇ ସ୍ତ୍ରୀକୁ ନେଇଯିବା ପାଇଁ କଥା ବି ଦେଇଥିଲା। କିନ୍ତୁ...

ସେତେବେଳେ ସୀମା ପାଖରେ ଛାଡି ଯାଇଥିଲା ଅସିତ। କାରଣ ସେ ଜାଣେ..ବଡ଼ ଭଉଣୀ ସୀମା ଛଡା ଏ ଦୁନିଆରେ ଆଉ କିଏ ମଧ୍ୟ ରୀତାକୁ ଉପଯୁକ୍ତ ସ୍ନେହ ଆଦର ଦେଇ ରଖି ପାରିବେନି। ମା ବାପାଙ୍କ ଦେହାନ୍ତ ପରେ ସୀମା ଅସିତକୁ ପଢ଼େଇ ମଣିଷ କରିବା ପାଇଁ ନିଜ ସୁଖ ସ୍ୱାଛନ୍ଦ୍ୟ ଜଳାଞ୍ଜଳି ଦେଇ ନିଜେ ଅବିବାହିତା ରହି ଦୁନିଆ ସହ ଲଢି ଚାଲିଛି। ଅସିତ ବାହାଘର କରି ସେ ଟିକେ ଆନନ୍ଦ ପାଇଛି।ବୟସ ଗଡି ଯିବାରୁ ତା ବାହାଘର ତ ଆଉ ସ୍ୱପ୍ନରେ ବି ଆସୁନି..

ISSN NO.
2582-208X

ସୀମା ବାରମ୍ବାର କହିଥିଲା.."ଦେଖ୍ ଅସିତ..ଯେତେ ଜଲଦି ହେବ ତୁ ନେଇଯିବୁ ରୀତା କୁ.." ଅସିତ ମଧ୍ୟ ହସି ମୁଣ୍ଡ ହଲେଇ ହଁ କରିଥିଲା। କିନ୍ତୁ..

ପ୍ରଥମେ ପ୍ରତିଦିନ ଆସୁଥିବା କଲ୍ ସାପ୍ତାହିକ ମାସିକ ହୋଇ ଆଜିକାଲି ଆଉ ବାର୍ଷିକ ହୋଇ ମଧ୍ୟ ରହିଲାନି..କିନ୍ତୁ ରୀତା ନବ ବିବାହିତା ପରି ହାତ ଭର୍ତ୍ତି କରି ଚୁଡି ପିନ୍ଧିବା ଛାଡ଼ି ପାରିନି..!!

କେମିତି ବା ଭୁଲି ପାରନ୍ତା ରୀତା ଏ ଚୁଡି ପିନ୍ଧିବା ଅଭ୍ୟାସକୁ!!?? ବିବାହର ପ୍ରଥମ ଦିନ ହିଁ ଅସିତ୍ ଏ ଚୁଡି ଝଙ୍କାରରେ ଆନମନା ହୋଇ ଯାଇଥିଲା..ପୁଲକିତ ହୋଇ ଉଠିଥିଲା..ଓ ରୀତା ନିଜକୁ ନିଜେ ବଚନ ଦେଇ ସାରିଥିଲା..ସେ ସବୁବେଳେ ଏମିତି ଚୁଡି ପିନ୍ଧି ରହିଥିବ..ଆଉ ସେ ସେତିକି ହିଁ ତ କରୁଛି..!!

ଅସିତ୍ ତାକୁ ଭୁଲିଯିବା ଦୁଃଖ ଅପେକ୍ଷା ସୀମାଙ୍କୁ ଭୁଲି ଯିବା କଷ୍ଟ ଅଧିକା ଲାଗୁଥିଲା ରୀତା କୁ। ଯେଉଁ ଭଉଣୀ ଏତେ ବର୍ଷ ଧରି ନିଃସ୍ୱାର୍ଥପର ଭାବେ ତାକୁ ପାଳି ପୋଷି ବଡ଼ କରିଛନ୍ତି..ତାଙ୍କୁ କିପରି ଭୁଲିବା ସମ୍ଭବ ହେଲା?? ବିବାହ ପରେ ଯେତେବେଳେ ରୀତା ନଣନ୍ଦଙ୍କ ସହ ରହିଲା ଜାଣି ପାରିଲା ସେ ମମତାମୟୀର ଅସଲ ସ୍ୱରୂପ.. ବାହା ହୋଇ ମାତ୍ର ଦୁଇ ମାସ ହୋଇଥାଏ..। ରାତିରେ ବନ୍ଧୁ ଘରୁ ଭୋଜନ ସାରି ଫେରିବା ବେଳେ ଅସିତର ଗାଡ଼ି ଏକ ଟ୍ରକ୍ ସହ ଧକ୍କା ହୋଇଥିଲା ଓ ସ୍ୱାମୀ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ରାସ୍ତାରୁ ଉଠାଇ ଲୋକମାନେ ସେମାନଙ୍କୁ ପାଖ ହସପିଟାଲ ନେଇ ଯାଇଥିଲେ ଓ ସୀମାକୁ ଖବର ଦେଇଥିଲେ। ରୀତାର ଦେହରୁ ବହୁତ ରକ୍ତ ବାହାରି ଯାଇଥିଲା। ସୀମା ନିଜ ରକ୍ତ ଦେଇ ତା ଜୀବନ ବଞ୍ଚାଇ ଥିଲେ। ଅସିତଙ୍କ ହାତ ଭାଙ୍ଗି ଯାଇଥିଲା। ଦୁଇ ଜଣଙ୍କୁ ଏପରି ଅବସ୍ଥାରେ ସୀମା ଯେପରି ସେବା କରି ଭଲ କରିଥିଲେ..ସେ କଥା କଣ କେହି କେବେ ଭୁଲି ପାରିବ? ଆଉ ତା ସତ୍ତ୍ୱେ ମଧ୍ୟ ଯେତେବେଳେ ଜଣା ପଡ଼ିଲା ସେହି ଦୁର୍ଘଟଣା ଯୋଗୁଁ ରୀତା ଆଉ ସନ୍ତାନ ସମ୍ଭବା ହେବନାହିଁ..!!??

..... ସୀମା ତାକୁ କୋଳକୁ ଟାଣି ନେଇଥିଲେ। ଆଉ କହିଲେ "ଆରେ ମୋ ପରି ବଡ଼ ଝିଅଟେ ଅଛି ନା ତୋର..!! ଆଜିଠାରୁ ତୁ ମୋ ମା..!!" ଏଇ କଥା ପଦିକ ଏତେ ଆପଣା

ISSN NO.
2582-208X

ଲାଗିଥିଲା ରିତାକୁ..ସେ କେବେ ମଧ୍ୟ ଆଉ ସୀମାକୁ ଛାଡ଼ି ଯାଇ ନ ଥିଲା। ଅସିତ ଯିବା ପରେ ନିଜ ଘରକୁ ମଧ୍ୟ ଯିବାକୁ ପସନ୍ଦ କରି ନ ଥିଲା। ଏତେ ବଡ଼ ଝିଅକୁ କେମିତି ଯେ ଏକା କରି ଯାଇଥାନ୍ତା ସେ..!!??

ଅସିତ୍ ପାଇଁ ସୀମାଙ୍କୁ ଲୁଚେଇ ଲୁଚେଇ କାନ୍ଦିବା ସେ ଦେଖେ।ଆଉ ସେଇଥି ପାଇଁ ତ..!!

ଅସିତ ଯିବା ପରେ ମଧ୍ୟ ରୀତିମତ ସମ୍ପର୍କ ରଖିଥିଲେ ରୀତା ସହ।ଧୋକା ଦେବା କି ଭୁଲି ଯିବା ମଣିଷ ସେ ନୁହନ୍ତି। ନିହାତି ଭଲ ପାଉଥିବା ସ୍ନେହୀ ହୃଦୟ ତାଙ୍କର। କିନ୍ତୁ ଦୈବୀ ବିଧାନ ଆଗରେ ହାର ମାନି ଦୁରାରୋଗ୍ୟରେ କାନାଡ଼ା ମାଟିରେ...ଆଖିରୁ ଲୁହ ଗଡି ଆସିଲା ରୀତାର...!

"ପ୍ଲିଜ୍ ରୀତା..ମୋ ଦେହ ଖରାପ କଥା କେବେ ଅପାକୁ କହିବନି। ସେ ନିଜକୁ ସମ୍ଭାଳି ପାରିବନି। ମୁଁ ବୋଧେ ଆଉ ଫେରି ଯାଇ ପାରିବିନି..ତୁମେ ପୁନଃ ବିବାହ କରି ନିଜ ଜୀବନରେ ଆଗକୁ ବଢିବ।" କାନ୍ଦି ଉଠୁଥାଏ ଅସିତ୍.."ରୀତା..ଦୁର୍ଘଟଣା ଯୋଗୁଁ ତୁମେ ମା ହେବାର କ୍ଷମତା ହରାଇ ଦେଇଛ..ମୋ ପାଇଁ..!!?? କଣ ହେବ ଆଗକୁ..!!??" ରୀତା ଅଳ୍ପ ହସି କୁହେ.."ଭୁଲି ଯାଉଛ ତୁମେ..ମୋ ଝିଅ ସୀମା ଅପା ଅଛନ୍ତି ନା ମୋ ପାଖରେ..!"....

ଆଉ ଅସିତ ନିଜ ଦେହାନ୍ତ ଖବର  କେବେ ବି ସୀମାକୁ ନ ଜଣେଇବାକୁ ଅନୁରୋଧ କରି ଆଖି ବୁଜି ଦେଇଥିଲା..

ରୀତା ନିଜ ଦୁଃଖକୁ ଛାତିରେ ଚିପି ସୀମା ମୁହଁକୁ ଚାହିଁ ବଞ୍ଚିବା ଶିଖିବା ଆରମ୍ଭ କରିଦେଇଥିଲା। ଆଉ ସେହି ରାସ୍ତାରେ ତାର ସବୁଠୁ ବଡ଼ ସାହାରା ହୋଇଥିଲା ଏ  ଚୁଡି ମୁଠାକ..! ଅସିତଙ୍କ ଅସ୍ତିତ୍ୱର ସନ୍ତକ...!! ସୀମା କେବେ ମଧ୍ୟ ଜାଣି ପାରିଲେନି ଅସିତ୍ କାହିଁକି ଉତ୍ତର ଦେଉ ନ ଥିଲା!! ଆସିବା ତ ଦୂରର କଥା..! କେବଳ  ଅସିତର ଶେଷ ଇଚ୍ଛାକୁ ସମ୍ମାନ ଜଣେଇ ସେ  କିଛି ବି କହି ପାରିନାହିଁ କାହାକୁ ।

ISSN NO.
2582-208X

ନିତିଦିନିଆ ଅଭ୍ୟାସରେ ରୀତା ଅଫିସ୍ ପାଇଁ ପ୍ରସ୍ତୁତ ହେଉଥାଏ। ଜଳଖିଆ ଟେବୁଲରେ ଥୋଇ ସୀମା ତାକୁ ଡାକିବାକୁ ତା ରୁମକୁ ଯାଇଥାନ୍ତି। ରୀତା ମ୍ୟାଚିଂ ଚୁଡି ମୁଠାକ ଧରି ହାତରେ ପିନ୍ଧିବାକୁ ଉଦ୍ୟମ କରିବା ବେଳେ ହାତ ଧରି ପକାଇଲେ ସୀମା..

"ଥାଉ...ଆଉ ଦରକାର ନାହିଁ.."

ବୁଝି ପାରୁ ନ ଥିଲା ରୀତା..ସୀମା ସେମିତି ଗୁରୁଗମ୍ଭୀର ହୋଇ କହି ଉଠିଲେ..."ଅସିତ୍ ମୃତ୍ୟୁ ଖବର ମୋ ପାଖରେ ପହଞ୍ଚି ସାରିଛି ରୀତା। ତୁ ଭୁଲି ଯାଇଛୁ ଅସିତ ସହିତ ତା ସାଙ୍ଗ ସୁନ୍ଦର ମଧ୍ୟ କାନାଡ଼ା ଯାଇଥିଲା। କାଲି ସେ ଫେରି ଆସିଛି ଆଉ ଅସିତର ବେମାରୀ ଓ ତୋ ସହ ତା ଶେଷ କଥାବାର୍ତ୍ତା ସବୁ ମୋତେ କହି ସାରିଛି। ହେଲେ ତୁ ମୋ ପାଇଁ...!! ଏତେ ଦିନ ଧରି!! ମା ହୋଇ ଏ ବୁଢ଼ୀ ଝିଅ ଟା ପାଇଁ ଏତେ କୋହ ଛାତିରେ ଚିପି ରଖି ପାରିଲୁ..!!??"

ରୀତା ହାତରୁ ଚୁଡି ସବୁ ଖସି ତଳେ ପଡି ଯାଇଥିଲା..ଏତେ ଦିନ ଧରି ସମ୍ଭାଳି ରଖିଥିବା ଲୁହ ସବୁ ଅମାନିଆ ହୋଇ ବୋହି ଯାଉଥିଲା..

ଆଉ ସୀମା...!! ତଳେ ପଡି ଭାଙ୍ଗି ଯାଇଥିବା ଚୁଡି ସବୁକୁ ଉଠାଇ ଅଳିଆ ଦାନିରେ ପକେଇବା ପାଇଁ ବାହାରୁ ଥିଲେ..ଆଖିରେ ଥିଲା ଲୁହର ବନ୍ୟା..ଓଠରେ କ୍ଷୀଣ ଅମାନିଆ ହସ ଓ ହୃଦୟରେ ଏକ ଅଦମ୍ୟ ଯନ୍ତ୍ରଣା...!! ସେ କଣ କେବେ ଆଉ ଏ ଭଙ୍ଗା ଚୁଡି ଯୋଡ଼ି ରୀତା ହାତରେ ସଜେଇ ପାରିବନି..!!??

ଭୁବନେଶ୍ୱର

ISSN NO.
2582-208X

# ନମାମି ଶ୍ରୀହରୀ


ଜୟନ୍ତୀ ଦେବୀ

ନମାମି ଶ୍ରୀହରି କୃଷ୍ଣ ରାଧା କାନ୍ତ, ଦୟଣା ମାଳିଆ ବିଷ୍ଣୁ ଜଗନ୍ନାଥ ।
ନନ୍ଦ ସୁତ ରାଧାକାନ୍ତ ଭଜ ମନ, ଦଣ୍ଡଧର ଦଣ୍ଡ ହୋଇବ ଖଣ୍ଡନ ।
ନମୋ ଆଦିକନ୍ଦ କୃଷ୍ଣ ଗୋପଚାନ୍ଦ, ସୁଂଦର କଳାମୁଖ ନନ୍ଦ ଆନନ୍ଦ ।
ଦଧିବାମନ ମୋହନ ବଂଶୀଧର, ରସିକ ନାଗର ରାଧା ଚିତ୍ତ ଚୋର ।
ଚିନ୍ତ ବିଶ୍ୱଚିନ୍ତାମଣି ରେ ମାନସ, ତରନେ ଭବ ସାଗର ହରି ଘୋଷ ।
ଚୋର ସରଦାର କୃଷ୍ଣ ନନ୍ଦ ସୁତ, ରାଧାରସିଆ ଦୀନବନ୍ଧୁ ଅଚ୍ୟୁତ ।
ଶ୍ୟାମଘନ ଜନାର୍ଦ୍ଦନ ନରହରି, ମଙ୍ଗଳ ମୂରତି ସ୍ମର ଦାନବାରି ।
ଶ୍ୟାମସୁନ୍ଦର ଗୋବିନ୍ଦ ଗିରିଧର, ମଥା ପରେ ଶୋହେ ସିଖିପୁଚ୍ଛ ପର ।
ଲୟ ଲଗା ମନ ତାର ରଙ୍ଗା ପଦ, ଗୋବିନ୍ଦ ଭଜିଲେ ହରେ ପର ମାଦ ।
ପାବନ ଯା ନାମ ଧାମ ଗୁଣ ମାନ, ଲକ୍ଷ୍ମୀ ପତି ଯଦୁ ପତି ଶ୍ୟାମ ଘନ ।
ଗିତ ଗୋବିନ୍ଦ ପ୍ରିୟ ସେ ଜଗଦୀଶ, ରିଷ୍ଟ ହୁଏ ନାଶ ଜପିଲେ ରମେଶ ।
ଧଳା କଳା ହଳଦିଆ ତିନି ରୂପ, ରାତ୍ର ଦିବସେ ଭଜିଲେ ହରେ ପାପ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଥରେ ଚନ୍ଥାକରି ଦେଖ



ଅଲେଖ ମେହେର

ପାରାବାର ବକ୍ଷେ ଶର୍କରା ପକେଇ
କରିପାରିବ କି ମିଷ୍ଟ ?
ଦୁର୍ଜନ ସ୍ୱଭାବ ଖଳକାମୀ ନର
ବୁଝିବ କି ଉକ୍ତି ଶିଷ୍ଟ ?
ଅବିଶ୍ୱାସ ମୋର ବକ୍ଷରେ ଛାଇଛି
ବାସ ଦିଶଇ ତିମିର,
ବାସ ଜନ ଗୀର ଲାଗେ ଚିରେଇତା
ଇକ୍ଷଣେ ଝରେ ଶିଶିର ।
ମିଛ ମହ ମହ ପ୍ରଣୟ ପ୍ରସୂନ
ଗଣ୍ଠିଲି ବାନ୍ଧିଛି ସାତ,
ସତେ କି ବସନ୍ତେ କାକପୁଷ୍ଟ ଭାସେ
ପ୍ରକୃତି ବଢାଏ ହାତ ।
ସତ୍ୟକୁ ବାୟସ ସ୍ୱର ମଣିନେଇ
କର୍ଦ୍ଦମରେ ଦେଲି ଫିଙ୍ଗି,
ଭାବ ଶରଧାର ଅମୀୟ ବନ୍ଧନ
ନିମିଶକେ ଦେଲି ଭାଙ୍ଗି ।
କ୍ଷଣିକ ରୋଷରେ ହାଟକ ଶୟଳ
ଫିଙ୍ଗିଦେଲି ତଳାତଳ,

ISSN NO.
2582-208X

ପରାଣ ତରଣୀ ନାଉରୀ ବିହିନ
ନାହିଁ ଆଦୌ ପରିମଳ ।
କଠିନ ସମୟ ତାହାକୁ କହିବା
ନିଜ ଲୋକ ଗଲେ ଭୁଲି,
ଶୟଳ ମାନବେ ନ ଚିହ୍ନିଲେ କେଉଁ
ଅଙ୍ଗରେ ଲାଗିବ ଧୂଳି ?
କଳିଗୋଳ ହୋଇ ମତାନ୍ତର ହେଲେ
ନାହିଁ କିଛି ଅବସାଦ,
ମନାନ୍ତରରୁ କି ପ୍ରୟୋଜନ କୁହ
ଦିଏ ଯାହା ପରମାଦ ।
ଗୃହ ପରିତ୍ୟାଗ ଭାବନା ଭିତରେ
ହେଜ ଥରେ ଚିତ୍ତେ ତୋ'ର,
ତରୁ ପର୍ଣ୍ଣ ଭିନ୍ନ ଭୂମିପରେ ଥିଲେ
ମହତ୍ତ୍ୱ ରୁହେ କି ତା'ର ?
ସତ୍ୟର କକୁଭ ବିଷମ କଷଣ
ବୃଜିନେ ସମ୍ପତ୍ତି ହୀରା,
ମନ୍ଥରାଭିନୟ କରି କନ୍ଦେଇବା
ଜନ ହୁଏ ଅକ୍ଷି ତାରା ।
ଭୋଗି ବିଲୋକିଛି ସତ୍ୟ ହାରିଅଛି
ଇତିହାସ ଦିଏ ସାକ୍ଷୀ,
ଯାଯାବର ହୃଦ ପାଶାଣ କରିଛି
ଦେଖି ହସେ ଚକା ଆଖି ।

ସୋହେଲ୍, ବରଗଡ
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ନାଟକ

# ।। ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ୩ ଦୃଶ୍ୟ ।।

(ଏକାନ୍ତ ସ୍ଥାନ। ଧରାଯାଉ କୌଣସି ଏକ ପାର୍କ କିବା ନଦୀ ପଠା।ଏକାକୀ ରଶ୍ମି ବସି ମୋବାଇଲରେ ଫୋନ କରୁଥାଏ।)

ରଶ୍ମି- ତୁମର ସମୟ ଜ୍ଞାନ ବୋଲି କିଛି ଅଛି ନା ନାହିଁ?ଅଧା ଘଣ୍ଟା ହେଇଗଲାଣି ଅପେକ୍ଷା କରିଛି। ଆଉ କେତେ ସମୟ ଅପେକ୍ଷା କରିବି ?

ମଳୟ-(ଫୋନ ଭଏସ)ବାସ!ଏଇ ସଙ୍ଗେ ସଙ୍ଗେ ପହଞ୍ଚୁଛି।

ରଶ୍ମି- ଶୁଣ, ମୋତେ ଏଠି ଏକାକୀ ଭାରି ଡର ମାଡୁଛି। ଏଇ କିଏ ଜଣେ ମୋହରି ପାଖକୁ ଆସୁଛି। ତୁମେ ଶୀଘ୍ର ଆସ।

(କାଳୀପଦ ମଦମସ୍ତରେ ଟଳି ଟଳି ଆସେ)

କାଳୀ- କାହାକୁ ଏମିତି କଅଁଳ ଭାଷାରେ ଏଠିକୁ ଆସିବାକୁ କହୁଛ ରଶ୍ମି ?

ରଶ୍ମି- କାହିଁକି କଣ ହେଲା କି ? ମୋ ଇଛା ମୁଁ ଯାହାକୁ ଡାକିଲି ତୁମର ଯାଏ ଆସେ କେତେ ?

କାଳୀ- ତୁମେ ଭୁଲିଯାଉଛ ରଶ୍ମି ମୁଁ ତୁମକୁ ବହୁତ ପ୍ରେମ କରେ।

ରଶ୍ମି- ହେଲେ ମୁଁ ତୁମକୁ ଘୃଣା କରେ।ଯାଅ ଚାଲିଯାଅ ଏଠୁ। ନଚେତ ମୋତେ ଯିବାପାଇଁ ରାସ୍ତା ଛାଡ଼।

ISSN NO.
2582-208X

କାଳୀ- ତାହେଲେ ତୁମେ କଣ କହୁଛ ମୋ ପ୍ରେମର କିଛି ମୂଲ୍ୟ ନାହିଁ? ଏତେଦିନ ଧରି ତୁମକୁ ପାଇବା ପାଇଁ ମୁଠା ମୁଠା ଟଙ୍କା ଖର୍ଚ୍ଚ କରି ଶେଷରେ ବେଲୁନ ଭଳି ଫୁସକି ଯିବ।

ରଶ୍ମି- ପ୍ରେମ ପ୍ରେମ ପ୍ରେମ! ପ୍ରେମ କେବେ ଗୋଟେ ପଟେ ହୁଏନା କାଳୀପଦ ବାବୁ। ପ୍ରେମ କରିବାକୁ ହେଲେ ଦୁହିଙ୍କ ମନ ଏକ ହେବା ଦରକାର।

କାଳୀ- ତୁମେ କେବେ ମୋର ହୋଇ ମୋ ଘରଣୀ ସାଜିବ ଖାସ ସେଇଥିପାଇଁ ତ ତୁମ ପଛରେ ଛାଇ ପରି ଲାଖି ରହିଛି।

ରଶ୍ମି- ହାଲିଆ ହୋଇଯିବ ହେଲେ ରଶ୍ମି ତୁମକୁ ଧରା ଦେବନି।

କାଳୀ- କିନ୍ତୁ କାଳୀପଦ ଯାହା ଥରେ ଜିଦ ଧରେ ସେ ଜିଦ ସହଜ ରେ ଛାଡିପାରେନି। ମୋ କଥା ମାନିଯାଅ ରଶ୍ମି ସେ ମାଳୟକୁ ଭୁଲି ମୋତେ ନିଜର କରିନିଅ। ଦେଖିବ ତୁମ ଚାରିପଟେ ମୁଁ ଖୁସିର ପାଚେରୀ ଗଢ଼ିଦେବି। ଆନନ୍ଦର ମହଲ ଗଢ଼ିଦେବି।

ରଶ୍ମି- ନିଜ ଜୀବନ ସାଥୀକୁ ପାଇ ଯିଏ ଖୁସି ହେଇପାରିବନି ଖୁସିର ପାଚରୀ, ଆନନ୍ଦର ମହଲ ଭିତରେ ରହି ମରିବ ନା ବଞ୍ଚିବ?

କାଳୀ- ସି........(ଓଠରେ ଆଙ୍ଗୁଳି ରଖି)ତୁମେ ସେ କାଳ କଥା କୁହନା ରଶ୍ମି। ମୋ ହୃଦ କନ୍ଦରରେ ଆଘାତ ଲାଗୁଛି। ତୁମକୁ ମୁଁ ଜମା ମରିବାକୁ ଦେବିନି। ତୁମେ ବଞ୍ଚିବ। ନିଶ୍ଚୟ ବଞ୍ଚିବ। କାଳୀପଦର ହୋଇ ବଞ୍ଚି ରହିବ।

ରଶ୍ମି- ମଦ ନିଶାରେ ସ୍ୱପ୍ନ ଦେଖିବା ଛାଡିଦିଅ କାଳୀପଦ ବାବୁ। ମଣିଷ ଭଳି ମଣିଷ ହୋଇଯାଅ। ଯାହା ସମ୍ଭବ ନୁହେଁ ତାକୁ ହାସଲ କରିବା ଲାଗି ବୃଥା ପ୍ରଚେଷ୍ଟା କରନାହିଁ। ନିଜେ ଠିକ ହୋଇଗଲେ ସବୁ ଠିକ ହୋଇଯିବ।

କାଳୀ- କିଛି ଠିକ ହେବନି ରଶ୍ମି। ପ୍ରେମର ନିଶା ଯାହାକୁ ଥରେ ଘାରେ ତାକୁ ହାସଲ ନ କରିବା ଯାଏ ମନ କଣ ଥୟ ଧରିବ? ଏଇ ରଶ୍ମି ତୁମେ ଥରେ ମୋ ପାଖକୁ ଆସନା ତୁମକୁ ଟିକେ ମନ ଭରି ଗେଲ କରିନିଏ।

ରଶ୍ମି- ମୋତେ ତୁମେ ରାସ୍ତା ଛାଡିବ ନା ମୁଁ ଚିତ୍କାର କରିବି?

ISSN NO.
2582-208X

କାଳୀ- ଏକାନ୍ତ ସ୍ଥାନରେ ତୁମ ଚିତ୍କାର କାହାକୁ ଶୁଭିବନି ବରଂ ମୋ କଥା ମାନି ଥରେ ତୁମକୁ ଗେଲ କରିବାକୁ ଚାନ୍ସ ଦିଅ। ଦେଖିବ ମୁଁ ତୁମକୁ ତଳରୁ ତାଳୁଯାଏ ପୂରା ଚାଟିଦେବି।(ଧରିବାକୁ ଆଗାଏ)

ରଶ୍ମି- ୟୁ ରାସ୍କେଲ, ଇଡ଼ିଏଟ(କାଳୀପଦ ଗାଲରେ ଚାପୁଡ଼ା ମାରେ) ତୁମେ ମୋତେ କଣ ଭାବିଛ ?ନାରୀ-ଅବଳା-ଦୁର୍ବଳା!

କାଳୀ- ହାରାମଜାଦି ତୁ ମୋ ଗାଲରେ ଚାପୁଡା ମାରିଲୁ ? ମୁଁ ତୋ ସାଥୀରେ ଆଜି ସେଇ ଆଦିମ ଖେଳ ଖେଳି ତୋ ଯୌବନକୁ ଛାର ଖାର କରିଦେବି। ମୋ ନାଁ କାଳୀପଦ। ମୁଁ ଯାହା ଚାହେଁ କଳେ ବଳେ କୌଶଳେ ହାସଲ କରେ ।( ସହସା ରଶ୍ମିର ଲୁଗା କାନି ଧରି ଟାଣିବାକୁ ଲାଗେ)

ରଶ୍ମି- ପ୍ଲିଜ ମୋତେ ଛାଡିଦିଅ କାଳୀପଦ। ପ୍ଲିଜ....

କାଳୀ- କାଳୀପଦର ପଞ୍ଝା ଛଞ୍ଚାଣର ପଞ୍ଝା ଠାରୁ ଆହୁରି ଶକ୍ତ।ମୁକ୍ତି ପାଇବାର ଉପାୟ ନାହିଁ ରଶ୍ମି ଡାର୍ଲିଂ।(ଟଣା ଓଟରା କରେ।

ରଶ୍ମି କାକୁସ୍ଥ ହେଉଥାଏ) (ସହସା ମଳୟ ପ୍ରବେଶି କାଳୀପଦକୁ ଗୋଇଠା ମାରେ)

ମଳୟ- ଇଉ ବାଷ୍ଟାର୍ଡ଼....

କାଳୀ- ଆବେ ହେ ତୁ ମୋତେ ଗୋଇଠା ମାରିଲୁ ?

ମଳୟ- କେବଳ ଗୋଇଠା ମାରିନି ଭଲଗତି ଅଛି ତ ଶୀଘ୍ର ଏଠାରୁ ପଳା ନହେଲେ ପିଟି ପିଟି ତୋ ନିଶା ଛଡେଇଦେବି।

କାଳୀ- ଶଳା ମୋତେ କଣ ଭାବିଛୁ କି ? ହମ କିସିସେ କମ ନେହିଁ।

(ମଳୟକୁ ମାରିବା ପାଇଁ ହାତ ଉଠାଏ। ମଳୟ ତା' ହାତକୁ ଧରିନିଏ ଦୁହିଙ୍କର ଜବରଦସ୍ତ ଫାଇଟିଂ ହୁଏ। ଶେଷରେ କାଳୀପଦ ହାରିଯାଇ ନାକରୁ ରକ୍ତ ପୋଛି କହେ)

କାଳୀ- ଏ ମାଡ଼ ମରିବାଯାଏ ମନେ ରହିବ। ଆଉ ମୋ ଶେଷ ନିଃଶ୍ୱାସ ଥିବାଯାଏ ତୁମ ଦୁହିଙ୍କୁ କେବେବି ଶାନ୍ତିରେ ରହିବାକୁ ଦେବିନି। ମୁଁ କାଳୀପଦ। ତୁମ ଦୁହିଙ୍କ ଜୀବନରେ ଯଦି କଳା କନା ନ ବୁଲେଇଛି ତାହେଲେ ମୋ ନାଁରେ କୁକୁର ପାଳିବା।(ପ୍ରସ୍ଥାନ)

ISSN NO.
2582-208X

ରଶ୍ମି- (ମଳୟକୁ ଜଡେଇଧରି )ମଳୟ.......(କାନ୍ଦିଉଠେ )

ମଳୟ- ସରି ରଶ୍ମି, ମୋର ଲେଟ ହେଇଗଲା। ନୂଆ ପୋଷ୍ଟିଙ୍ଗ ହୋଇଛି ତ ବହୁତ ଗୁଡିଏ ପେସେଣ୍ଟ ଦେଖିବାକୁ ପଡୁଛି ।

ରଶ୍ମି- କାଳୀପଦ କଣ କହିଗଲା ଶୁଣି ପାରିଲ ?

ମଳୟ- ଏମିତି କେତେ କିଏ କହନ୍ତି, ତା ମାନେ ନୁହେଁ ସମସ୍ତେ ଗବର ସିଂହ ।

ରଶ୍ମି- ହେଲେ ତା ଆଖିରେ ପ୍ରତିଶୋଧର ନିଆଁ ଜଳୁଥିଲା। ତା କଥା ରେ ପ୍ରତିହିଂସାର ଧୂଆଁ ବାହାରୁଥିଲା । ସେ ଯଦି....

ମଳୟ- ଆରେ ସେ ବାଜେ କଥା ଚିନ୍ତା ନ କରି ଚାଲ କଫି ଶପକୁ ଯିବା।

ରଶ୍ମି- ନା ମଳୟ ମୋତେ ଆଜି କିଛି ଭଲ ଲାଗୁନାହିଁ। ପ୍ଲିଜ ଆଉ କୋଉଦିନ ଯିବା। ଆଜି ଚାଲ ଘରକୁ ଫେରିଯିବା ।(ପ୍ରସ୍ଥାନ ଉଦ୍ୟତ )

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ.......

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଦାରୁବ୍ରହ୍ମ



ସତ୍ୟନାରାୟଣ ପ୍ରସାଦ ନାୟକ

ଦୟାମୟ ତୁମେ ଦାରୁ ମୂରତି
ଲଗେଇଛ କେତେ ଭାବ ପୀରତି ।
ତୁମରି କରୁଣା କଣିକାଟେ ପାଇ
ଗାଉଥିବି ତୁମ ଯଶ କିରତୀ ।
ମଉନେ ବସିଛ ନୀଳ କନ୍ଦରେ
କଳା ମୁହଁ ରୁ କି ମୁକୁତା ଝରେ !
କାନ ନାହିଁ ସିନା ଶୁଣୁଛ ସବୁ
ଭକତ ହୃଦୟେ ବିରାଜି ଥିବୁ ।
ତୋ ଆଖିରେ ପଡେନାହିଁ ପଲକ
ଚାହିଁ ରହିଅଛୁ ସାରା ମୂଲକ ।
ସେଥିପାଇଁ ତୁହି ଜଗତ ନାଥ
ଦେଖାଉଛୁ ପରା ଉତ୍ତମ ପଥ ।
ସଂସାର ନାଆ ର ତୁହି ନାଉରୀ
ଭବ ସାଗରରୁ କରିଦେ ପାରି ।
କରୁଣାର ଅଟୁ ତୁହି ସାଗର
ଉଣା କରିବୁନି ବିନତି ମୋର ।

ତୁ ପରା ଜାଣୁଛୁ ଅନ୍ତର କଥା
ଦୂର କରିଦିଏ ସକଳ ବ୍ୟଥା ।
ଅନନ୍ତ ବ୍ରହ୍ମାଣ୍ଡ ଜଗତ ସାଇଁ
ତୋ ପରି ଠାକୁର ଦେଖୁ ତ ନାହିଁ ।
ଯେତେ ଦେଖିଲେ ତୋ ଚକାନୟନ
ଛାଡି ଯିବାପାଇଁ ହୁଏନି ମନ ।
ଭାବରେ ବନ୍ଧା ତୁ କଳାଠାକୁର
ଦୂରେ ଥାଇ ନିତି କରେ ଜୁହାର ।

ରଥ ରୋଡ, ଭୁବନେଶ୍ୱର -2
Mob -9437764014


www.vedantimagazine.com

ISSN NO.
2582-208X

# ଯେତେ ନ ଶୁଣିବ ସେତେ ଡାକୁଥିବି



ର୍ଜକଶୋର ସ୍ୱାଇଁ

ଆହେ ମହେଶ୍ୱର ହେ ଚନ୍ଦ୍ରଶେଖର
ଚରଣ ତଳେ ମୁଁ ଢାଳେ ପ୍ରଣତି
ଗାଉଥାଏ ସବୁ କାମେ ତୁମ ନାମ
ଏ ଆଶୀଷ ଦେବାପାଇଁ ମିନତୀ ।୧ ।

ଯେତେ ଅମଙ୍ଗଳ କରିଥିଲ ଦୂର
ସେଥିପାଇଁ ନାଆଁ ହୋଇଲ୍ ହର
ଜଗତ ତାରିଲ ପାନ କରି ତୁମେ
ସିନ୍ଧୁ ମନ୍ଥନରୁ ଜାତ ଗରଳ ।୨ ।

ସବୁ ସୁଖ ତେଜି ହେଲ ବଇର୍ାଗୀ
ତୁମ ପରି ଆଉ କଏ ବା ନାହିଁ
ଦେବୀ ମହାମାୟା ହୋଇ ମଧ୍ଯ ଜାୟା
ମନରେ ଗରବ ଟିକଏ ନାହିଁ ।୩ ।

ଦେବାରୁ ଆଶିଷ ହେଲ ଆଶୁତୋଷ
ଅଳପରେ ତୁମେ ହେବାରୁ ତୋଷ
ଡାକଲେ ବି ଯେତେ ମିଳେନାହିଁ ମୋତେ
କଆଁ ତୁମ କରୁଣାର ପରଶ ।୪ ।

ତୁମେ ପର୍ ଶିବ ଭକତ ବାନ୍ଧବ
ପାଇଥାଅ ତାର ଦୁଃଖରେ ପୀଡା
ଏତେ ସରି ମୁହିଁ ହୋଇଲିଣି ସାଇଁ
କ କାରଣେ ହୁଅଇ ମୁଁ ଅଲ୍ରୋଡା ।୫ ।

କେତେ ଆଉ ଦୁଃଖ ଦେବ ମୋତେ ନାଥ
ବାଜୁନ କ ତୁମ କାନେ ମୋ ଡାକ
ଯେତେ ନ ଶୁଣିବ ସେତେ ଡାକୁଥିବି
ପିଣ୍ଡରେ ପର୍ାଣ ମୋ ଥିବା ଯାକ ।୬ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଶ୍ରୀକାନ୍ତ ନନ୍ଦ ସୁତ କଳାସାଆନ୍ତ



ଅଳକା ବାରିକ୍

ଶ୍ରୀକାନ୍ତ ନନ୍ଦ ସୁତ କଳା ସାଆନ୍ତ
ଗୋପୀନାଥ ସୁରେଶ୍ୱର ।
ମାଳ ଦୟଣା ତୁଳସୀ ଶୋଭାବନ
ବକ୍ଷ ପ୍ରଦେଶେ ଯାହାର ।
ନବୀନ ଘନ ସୁନ୍ଦର ରାଧାବର
ମାନସ କର ଚନ୍ତନ ।
ସଂଧାନ କର ହାରୀ ନାମ ସମ୍ପଦ
ଭବ ଦୂରିତ ଦହନ ।
ତୋଳ ପ୍ରସୁନ କୃଷ୍ଣ ନାମ ସୁମନ
କଷଣ ଦୂର ହୋଇବ ।
ଷଣ୍ଢ ଅରି ହରି ବକାରି କଂସାରି
ନୀଳମଣି ବାସୁଦେବ ।
ରାଜୀବ ଲୋଚନ କୃଷ୍ଣ ସ୍ୟାମାଘନ
ବଳରାମ ର ଅନୁଜ ।

ଉଦଧି ଶୟନ ମଦନ ମୋହନ
ଭଜ ତା ପଦ ପଙ୍କଜ ।
ତର ଭବ ବାରି ଭଜି ନରହରି
ଦଣ୍ଡ ନ ଦେବ ଶମନ ।
ସାର୍ଥକ ହୋଇବ ଏ ନର ଜନମ
ସ୍ମରିଲେ ଜଗମୋହନ ।
ମୂଳାଧାର  ସେ ହିଁ ସକଳ ଜୀବର
ରୂପ ଯାହାର ପରମ ।
ଲବଣୀ ଚୋର ଗୋପୀଙ୍କ ବାସ ଚୋର ସେହି
ପରା ଘନଶ୍ୟାମ ।
ସାର ହରିନାମ ଏ ଭବ ସାଗରେ
ନାବ ହୋଇ କରେ ପାରି ।
ହିତକର ଭକତର ବିଶ୍ୱମ୍ବର
ସକଳ ଦୁରିତ ହାରୀ ।

ମହୁ, ଆଉଳ,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# କଳ୍ପନାର ଉତ୍ତୁଙ୍ଗ ଶିଖରୁ



ଶେଷଦେବ ପଣ୍ଡା

ପୂର୍ବରୁ ଦେଖା ଯାଇ ନ ଥିବା କିମ୍ବା ଅନୁଭୂତ ହୋଇ ନ ଥିବା କଥା, କାର୍ଯ୍ୟ ବା ଚିନ୍ତାଧାରାକୁ ମନକୁ ଆଣିବାକୁ "କଳ୍ପନା" କୁହାଯାଏ । ଏହା ହେଉଛି ସେହି ଉଚ୍ଚତର ମାନସିକ ଶକ୍ତିର ସ୍ଫୁରଣ, ଯାହା ପ୍ରତ୍ୟକ୍ଷ ଜ୍ଞାନ ଓ କୌଶଳ ବିନା ମଧ୍ୟ କ୍ରିୟାଶୀଳ ହୋଇପାରେ । ବିଭିନ୍ନ ଆବଶ୍ୟକତାକୁ ଉପଲବ୍ଧି କରି ତାର ପରିପୂରଣ ନିମନ୍ତେ ମାନସିକ ଉଦ୍ୟମବିଶେଷ ଏହି କଳ୍ପନା । ଭାବନା, ଶୋଚନା, ବିବେଚନା ଏମାନେ କଳ୍ପନାର ସମ ପର୍ଯ୍ୟାୟବାଚୀ । ମଣିଷ ଶରୀରରେ ମୁଣ୍ଡର ଉପସ୍ଥିତି ଯାହା, ମନ ପାଇଁ କଳ୍ପନା ସେଇ କାମ କରେ । କଳ୍ପନାରେ ମୀନାର ଗଢାଯାଏନି ସତ, କିନ୍ତୁ ମୀନାରର ଭାଗମାପ, ସ୍ୱରୂପ ପ୍ରଥମେ କଳନା କରାଯାଇ ଥାଏ କଳ୍ପନାର ସୁରମ୍ୟ ବେଦୀକାରେ । ଉତ୍ତମ ଭାବରେ କଳ୍ପନା କରି ପାରୁଥିବା ବ୍ୟକ୍ତି ହିଁ ଜୀବନରେ ସଫଳତାର ସ୍ୱାଦ ଚାଖିଥାଏ । The dearer we imagine, the better we become able to play our part in life. (Robert Lynd) ଉତ୍ତମ ପରିକଳ୍ପନା, ମହତ୍ ଲକ୍ଷ୍ୟ/ଉଦ୍ଦେଶ୍ୟ ନିର୍ଦ୍ଧାରଣରେ ନିଶ୍ଚିତ ସହାୟକ ହୋଇଥାଏ ।

କଳ୍ପନାଶକ୍ତିକୁ ବେଳେବେଳେ ବାସ୍ତବତାର ବିପରୀତ ବିଭାବ ରୂପରେ ଗଣନା କରାଯାଏ । ଯଦି କଳ୍ପନା କରୁଥିବା ବ୍ୟକ୍ତିର ଶାରୀରିକ ଦକ୍ଷତା, ମାନସିକ ସାମର୍ଥ୍ୟ ଓ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ନ ଥାଏ, ସେହି କଳ୍ପନା ବାସ୍ତବାଭିମୁଖୀ ହେବା କଷ୍ଟକର । କଳ୍ପନା ଏକାକୀ କାର୍ଯ୍ୟ କରେନା; ଉତ୍ତମ ବିଚାରବୁଦ୍ଧି ଓ ସୂକ୍ଷ୍ମ ବିବେଚନାବୋଧ ତାର ପରିପକ୍ୱତା ଓ ସଫଳତା ପାଇଁ ଲୋଡା । ଆଳସ୍ୟ ଓ ଦୁର୍ବୁଦ୍ଧିଜନିତ କଳ୍ପନା ବ୍ୟକ୍ତି ଓ ସମାଜ ପାଇଁ ଅହିତକର । ସାମୟିକ ଉତ୍ତେଜନା ଓ ଆବେଗପ୍ରସୂତ କଳ୍ପନା ଅନେକତ୍ର ନିଷ୍ଫଳ ହେବାର

ISSN NO.
2582-208X

ଦେଖାଯାଏ । ରାବଣର ଶିଡି ନିର୍ମାଣ,ମହମ୍ମଦ ତୋଗଲକଙ୍କ ରାଜଧାନୀ ପରିବର୍ତ୍ତନ ଏହି ଉଦ୍ଭଟ କଳ୍ପନାର ଅନ୍ତର୍ଗତ । କିନ୍ତୁ, ପୁରାଣରୁ ପୁଷ୍ପକ ବିମାନରୁ ବା ପକ୍ଷୀଙ୍କ ଉଡାଣରୁ ପ୍ରେରଣା ନେଇ ଉଡାଜାହାଜର ପରିକଳ୍ପନା ସେତିକି ମାନବ-ହିତୈଷୀ ହୋଇପାରେ । ତାଜମହଲ, କୋଣାର୍କ ବା ମୋନାଲିସା ଚିତ୍ର ପ୍ରଥମେ କଳ୍ପନାରୁ ଉଦଭୂତ ହୋଇଥିବ ନିଶ୍ଚୟ।

କହିବା ନିଷ୍ପ୍ରୟୋଜନ ଯେ, ଯେଉଁ ସୃଜନଶକ୍ତି ଧରାର କାରକ ଓ ଧାରକ, ତାହା କଳ୍ପନାର ପରିବର୍ଦ୍ଧିତ ଓ ଶୃଙ୍ଖଳିତ ରୂପ । ମନୁଷ୍ୟ ଏହି ଶକ୍ତି ବଳରେ ବଳୀୟାନ୍ ହୋଇ ବିଶ୍ୱର ଶ୍ରେଷ୍ଠତମ ପ୍ରାଣୀର ଆସନରେ ଉପବିଷ୍ଟ । କବିର କବିତା, ଚିତ୍ରକରର ଚିତ୍ର, ଶିଳ୍ପୀର କଳାକୃତି, ବୈଜ୍ଞାନିକଙ୍କ ଉଦ୍ଭାବନ ଓ ମହାମନୀଷୀଙ୍କ କାଳଜୟୀ ଚିନ୍ତାଧାରା ଆଦି ସବୁରି ମୂଳରେ କଳ୍ପନାର ସ୍ୱଚ୍ଛନ୍ଦ ପ୍ରବାହ ବିଦ୍ୟମାନ ।

ହସ୍ତ ସାହାଯ୍ୟରେ ଚିତ୍ରାଙ୍କନ କିବା
ହୋଇଥାଏ ସମ୍ଭାବିତ,
ମୁଣ୍ଡ ବଳେ ସିନା ଭାବ ଭାବନାର
ଚିତ୍ର ହୁଏ ରୂପାୟିତ ।

କବି ଓ ଲେଖକଙ୍କ କ୍ଷେତ୍ରରେ ଏହି "କଳ୍ପନା" ତୃତୀୟ ନୟନର କାର୍ଯ୍ୟ କରେ । କୁହାଯାଏ:

ଯହିଁ ପହଞ୍ଚି ନ ପାରେ ରବି,
ତହିଁ ପହଞ୍ଚି ପାରଇ କବି ।

ଆଗ ଶୁଣି ନ ଥିବା ସ୍ୱର ଓ ଦେଖି ନ ଥିବା ଦୃଶ୍ୟ ପାଠକକୁ ଉପଲବ୍ଧି କରାଇ ପାରେ କବି। ପ୍ରଳୟର ଧ୍ୱଂସସ୍ତୂପରେ ସେ ବୁଣିପାରେ ସୃଜନର ସଂଜୀବନୀ । ଦାର୍ଶନିକ ମାତ୍ରେ ହିଁ କଳ୍ପନାର ପଥଚାରୀ । ଇତିହାସର କିଛି ଅଂଶ ମଧ୍ୟ କଳ୍ପନାର ପୃଷ୍ଠଭୂମିରେ ରଚିତ । ଅତୀତର ଘଟଣାବଳୀର ସ୍ମୃତିଚାରଣ ଓ ଭବିଷ୍ୟତ କାର୍ଯ୍ୟପନ୍ଥାର ନିର୍ଦ୍ଧାରଣ କଳ୍ପନା ବିନେ କି ଅବବୋଧଯୋଗ୍ୟ ? ଯେଉଁ ବ୍ୟକ୍ତିର ଜୀବନାନୁଭବ ଓ ଜୀବନାନୁଭୂତି ଯେତେ ପରିପୁଷ୍ଟ, ତାର କଳ୍ପନାର ପରିସର ସେହି ମାତ୍ରାରେ ବ୍ୟାପକ ।

ISSN NO.
2582-208X

ଅନୁପଯୁକ୍ତ,ଅନୁଚିତ ଓ ଅସାଧ୍ୟ କଳ୍ପନା ସର୍ବଥା ବର୍ଜନୀୟ । ସାମାଜିକ/ନୈତିକ ମୂଲ୍ୟବୋଧ-ରହିତ କଳ୍ପନା ମାରାତ୍ମକ ରୂପ ନେଇଥାଏ । ବସ୍ତୁବାଦ ଓ ସ୍ୱାର୍ଥପରତା ପଛରେ ସତତ ଧାବମାନ ମଣିଷ ପ୍ରତି ଏହା ସ୍ପୃହଣୀୟ କି, ସେ ରାଷ୍ଟ୍ରାନୁଚିନ୍ତା ଓ ବିଶ୍ୱ-କଲ୍ୟାଣର ପରିକଳ୍ପନା କରୁ । ରାମରାଜ୍ୟର କଳ୍ପନା ସୁନ୍ଦର ନିଶ୍ଚୟ,କିନ୍ତୁ ତା ପାଇଁ ଯେଉଁ ଆତ୍ମ-ଶୁଦ୍ଧି ଓ ଆତ୍ମ-ବଳିଦାନ ଆବଶ୍ୟକ, ତାହା ଦେବାକୁ ଅଣ୍ଟା ଭିଡନ୍ତି କେଇଜଣ !!

ସ୍ନାତକ ଶିକ୍ଷକ (କଳା)
ସ୍ୱରାଜ ସରକାରୀ ଉଚ୍ଚ ବିଦ୍ୟାଳୟ
ଘସିଏନ୍,ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ବାସ୍ତବ ଜୀବନ



କାଳପ୍ରସାଦ ମହାପାତ୍ର

ବାସ୍ତବ ଜୀବନ ପ୍ରକୃତ ଜୀବନ
ନଥାଏ ଟିକିଏ ଛନ୍ଦ
ବାସ୍ତବ ଜୀବନେ ସପନ ନଥାଏ
ନଝରଇ ମକରନ୍ଦ ।।

ଜନମ ବାସ୍ତବ ମରଣ ବାସ୍ତବ
ଆଉ ସବୁ ଅବାନ୍ତର
ଜାଣିଶୁଣି କିଛି କରି ହୁଏନାହିଁ
ସବୁଥାଏ ଅଗୋଚର।।

ପିଲାଟି ଦିନରୁ ମରିବା ପର୍ଯ୍ୟନ୍ତ
କହ ଏକ ସତକଥା
କହନ୍ତି ସମସ୍ତେ ସବୁ ମିଛ ମିଛ
କେଉଁଟି ଯେ ମିଛକଥା ।।

ଆଖି ଦେଖେ ଯାହା କାନ ଶୁଣେ ତାହା
ଏହି କି ବାସ୍ତବ ଅଟେ
ପର ମୁହୂର୍ତ୍ତରେ ଓଲଟପାଲଟ
ଅଘଟଣରେ ଘଟେ ।।

ରଙ୍କ ହୁଏ ରାଜା ରାଜା ହୁଏ ରଙ୍କ
ସମୟ ଚକଟା ଗଡେ
ରାସ୍ତାଟି ଅଡୁଆ ଲାଗୁଥିବା ପରେ
ପଥଟି ପଥିକ ହୁଏ ।।

ରହିଥାଏ କନା କର୍ପୁର ନଥାଏ
ସମ୍ପର୍କ ଉଡାଇ ସର୍ବେ ଚାଲିଛନ୍ତି
କାଳର ପଥରେ ନିଜ ନିଜର
ସଂପର୍କ ଦଉଡ଼ି ଛିଣ୍ଡାଇ ।।

ଶିକ୍ଷକ, ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଲୁହର ଦୀପାଳି ଜାଳେ



ଜନ୍ମଜୟ ନାୟକ

ଅହରହ ଜଳେ କଷଣ ଅନଳେ
ଯନ୍ତ୍ରଣାର ଜତୁଶାଳେ,
ଜାଗର ରାତିରେ ତୁମରି ମନ୍ଦିରେ
ଲୁହର ଦୀପାଳି ଜାଳେ।

ତବ ନାମ ସ୍ମରି ଜପି ପଞ୍ଚାକ୍ଷରୀ
ପାହିଯାଉ ଏଇ ରାତି,
ଜଳୁଥାଉ ଦୀପ ଲିଭିଯାଉ ପାପ
ମିଳିଯାଉ ଟିକେ ଶାନ୍ତି।

ମାଗୁଛି ମେଲାଣି ପାଶେ ନିଅ ଟାଣି
ଜୀବନ ହୋଇବ ଧନ୍ୟ,
ଚରଣେ ତୁମରି ଯିବି ମୁହିଁ ତରି
ଅରଜିବି କୋଟି ପୁଣ୍ୟ।

ଲୋଭ ନାହିଁ କିଛି ଲୁହରେ ଭିଜୁଛି
ଶେଷ ଆଶା ତୁମେ ହର,
ଏଇ ମୋ ଜୀବନ ଅଟେ ତୁମ ଦାନ
ଭକ୍ତି ଅର୍ଘ୍ୟ ଘେନା କର।

ତୁମ ନାମ ଧରି ଯାଆନ୍ତି ନିସ୍ତରି
ଲିଭନ୍ତା ଜୀବନ ଦୀପ,
ଅଭିନୟ ସାରି ଯାଆନ୍ତି ମୁଁ ଫେରି
ସରନ୍ତା ମୋ ମିଛ ଗପ।

ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଚାଷୀ ପୁଅ ଅପମାନ.......



ଚତରଂଜନ ବେହେର୍।

ଝିଅ ଦେଖି ଗଲେ ଚାଷୀ ପିଲା ବୋଲି
ଝିଅ କରେ ନାହିଁ ମନ.....
ସରକାରୀ ବାବୁ ବି ହଳୁଆ ହାତକୁ
କରେ ନାହିଁ ସମ୍ମାନ......!!

ବ୍ୟାଙ୍କ ବାଲା ବି ଲୋନ୍ ଦିଏନି
ଦରମା ପାଉନି ବୋଲି......
ଧାର କରଜ ପାଇବା କଷ୍ଟ ହେଇଯାଏ
ଚାଷ କରୁଛି ବୋଲି.......!!

ନେତା ମାନେ ଭୋଟ ପ୍ରଚାର ବେଳେ
ଚାଷୀ ଆମର ବୋଲି କୁହନ୍ତି.....
ଭୋଟ ସରିଗଲେ ପାଲ୍ୟାମେଣ୍ଟ ରେ
କୃଷି ବଜେଟ୍ କମେଇ ଦିଅନ୍ତି.......!!

ଚାଷୀଙ୍କ ଜିନିଷ ଶସ୍ତା ରେ ବିକି
ଚାଷୀ କୁ ଅପମାନ କରନ୍ତି.....
ପ୍ରଦୂଷଣ କରୁଥିବା କାରଖାନା ସାମଗ୍ରୀ
ହଜାର ହଜାର ଦରରେ କିଣନ୍ତି.....!!

ଆଜି ପର୍ଯ୍ୟନ୍ତ ଚାଷୀ ବୋଲି କେହି
ମଞ୍ଚରେ ଦେଲେନି ସ୍ଥାନ......
ଯାହାର ଖାଉଛ ତାକୁ ଅସମ୍ମାନ
ଧନ୍ୟ ତୁମ ଜୀବନ ଧନ୍ୟ.....!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନତା ପଣ୍ଡା

## କୈଶୋର ଉମଙ୍ଗ

(୩)

ଥିଲା ଘରର ଝିଅ ମାଳତୀ । ସାରା ଗାଁ ଭିତୁରୁ ତାଙ୍କ ଘରୁଟା ବାରି ହେଇପଡ଼େ । କେଡ଼େ ବଡଛଣ (ନଡ଼ା) ଛପର ଘରୁଟାଏ । ବଡ଼ ବଡ଼ ଦିଇଟା ଶୋଇବା ଘର । ଗୋଟେ ପିଲାମାନଙ୍କ ପାଇଁ । ଆରୁଟା ବାପାଙ୍କର । ପିଲାଙ୍କ ଘର ପାଖୁକୁ ଗୋଟେ ଚଉଡ଼ା ଅମାର । ପାଖୁକୁ ଗୋଟେ ଖୋଲା ଜାଗା । ଯାହାକୁ ଚଉପାଢ଼ି ବୋଲି କୁହାଯାଏ । ବାପା ଶୋଇବା ଘରୁ ବାହାରି ସିଧା ସେଇଠିକି ଯାଆନ୍ତି । ବାପାଙ୍କ ଶୋଇବା ଘର ସିଧାକୁ ଆଉ ଗୋଟେ ସାନ ବଖରା । ସେଇଟା ଧାଇ ମା'ର । ଦିନରାତି ସିଏ ଛୋଟ ଛୁଆ ମାନୁଙ୍କୁ କୋଡ଼ରେ ଜାକି ଖେଳୋଉ ଥାଏ । ତା' ବାଁ ପାଖକୁ ବଡ଼ ଠାକୁର ଘରଟିଏ । ତଳୁଟା ମାଟି ନୁହେଁ । କ'ଣ ଗୋଟେ ଜାତିର ପଥର । ଚକଚକ କରୁଥାଏ । ଗାଁ ମାଇପେ କୁହନ୍ତି ସେଇଟା କାଳେ "ମାବାଲୁ' । କିଏ ଜାଣିଛି । ଜେଜେ ମା' ବାଲୁ ଭାଇନାକୁ ଭୋଉତୁ ଭଲ ପାଏ । ପିଲାଏ ସମେତେ ଜେଜେମା'କୁ ମା' ଡାକନ୍ତି । ହେଇଥେବ । ସେଇ ଧିଇଁଙ୍କୁ ନେଇ କିଏ ନାଁ ରଖିଥିବ "ମାବାଲୁ' । ଗୋଟେ ବଡ଼ ସିଂହାସନ । ସେଇଟା ମାଳତୀକୁ ଭାରି ଭଲ ଲାଗେ । ସିଂହାସନର ପୂରୁବ ପାଖକୁ ମନ୍ଦିର ଭଳି ଗୋଟିଏ ଛତା । ସେଇଠି ଠାକୁର ବସିଥାନ୍ତି । ବାପା କୁହନ୍ତି ଇଷ୍ଟଦେବଙ୍କ ମୁହଁ ପଶ୍ଚିମକୁ ହେବା କଥା ଆଉ ପୂଜକର ପୂରୁବକୁ । ଇଷ୍ଟଦେବଙ୍କ ସ୍ଥାନ ଗୋଟେ ଉଁଚା ଖଟୁଳି ଉପରେ । ବାଁ, ଡାହାଣୁକୁ ଅନ୍ୟ କେତେ ଦେବା

ISSN NO.
2582-208X

ଦେବୀଙ୍କର ପ୍ରତିମା । ରାଧା, କୃଷ୍ଣ, ଲକ୍ଷ୍ମୀ, ସରସ୍ୱତୀ, ମହାଦେବ, ଗଣେଶ ଆହୁରି କେତେ କେତେ ।

ବୋଉକୁ ଆଣ୍ଠୁଆ ଗୋପାଳ ଭାରି ଭଲ ଲାଗନ୍ତି । ମାଳତୀ ମନମାରେ । ବୋଉ ବାଲୁ ଭାଇନାକୁ କିଆଁ ଏତେ ଗେହ୍ଲା କରେ ! ସିଏ ତ ସଭିଙ୍କର ବୋଉ । ସାନ ଭୋଉଣୀ ଦିଟା ଜାଆଁଳା । ତା' ଠୋଉ କେତେ ସାନ । ଧାଇ ମା' ଦୁହିଁଙ୍କୁ କୋଡ଼ରେ ଜାକିଥାଏ । ବାଲୁ ଭାଇନା ପାନରୁ ଚୂନ ଖସିବନି । ସରଗରୁ ଚାନ୍ଦ ଆଣି ଦବାକୁ ଅଝଟ କଲେ ବୋଉ ପଛେଇବନି । ବାପାଙ୍କୁ ବସେଇ ଉଠେଇ ଦେଇ ନ ଥାଏ । ହେଲେ ବାପା ଅଲଗା । ସବୁ ଛୁଆ ତାଙ୍କ ପାଇଁ ସମାନ । ବେଳେବେଳେ ମାଳତୀ ବୋଉକୁ ପଚାରିଥାଏ ଧାଇମା' ଶୋଇବା ଘରୁଟା କାଇଁକି ବାପାଙ୍କ ଆଖି ସାମ୍ନାକୁ ରଇଚି । ଆମ ଶୋଇଲା ଘର କାଇଁକି ନୁଏଁ । ବାପାଙ୍କ ନଜର ଆଗେରେ ରଇଲେ ସିଏ ପିଲାମାନଙ୍କୁ ହତିଶା କଥା କଇବନି । ହେଲେ ପିଲାମାନେ ମନୁକୁ ନେଇଗଲେ 'ବାପା ଆମୁକୁ କୋଡ଼ରେ ନିଅନ୍ତିନି ତ, ତେଣୁ ସବୁବେଳେ ନଜର ଆଗେରେ ରଖିଥାନ୍ତି ।' ମାଳତୀକୁ ରାଧା କୃଷ୍ଣ ଯୋଡ଼ି ପ୍ରତିମା ଭାରି ଭଲ ନାଗେ । ମା' କହେ, "ରହ ରହ ତୋ ନାଗି ବି ତୋ ବାପା ଗୋଟେ କୃଷ୍ଣ କହ୍ନେୟା ଖୋଜୁଛି ।" ହସି ହସି ଗଡ଼ିଯାଏ ମାଳତୀ ।

ସିଏ ବି ଦିନେ ରାଧା କୃଷ୍ଣ ପ୍ରତିମା ଭଳି ପୂଜା ପାଇବ ! ମା' କହେ, "ତୁ ତ ଗୋଟେ ଅଗାଡ଼ି ମାଲୁ, ଆମୁକୁ ଯୋଉ ଗୋବିନ୍ଦ ମିଳିବ ସିଏ କୋଟିକରେ ଗୋଟିଏ ।" ଠାକୁର ଘର ପଛକୁ ଆଉ ଗୋଟେ ବଖରା । ବଖରା ତ ନୁହେଁ ଯିବା ଆସିବା ରାସ୍ତା । ଚୂଲୀଟାଏ ରହିଛି। ଧାଇମା' ଅନ୍ୟ ଜାତି ତ । ତେଣୁ ବୋଉ ତା'କୁ ହାଣ୍ଡିଶାଳକୁ ଯିବାକୁ ଦିଏନା । ସେଇ ଚୂଲୀରେ କିଛି କିଛି ବନେଇ ଧାଇ ମା' ପିଲାଙ୍କୁ ଖୁଆଇ ଥାଏ । କଣ୍ଟୁକୁ ଗୋଟେ ଶିକା । ଖାଇବା ଜିନିଷ କିଛି ବଳିଗଲେ ଧାଇମା' ସେଇ ଶିକା ଉପରେ ରଖିଦିଏ । ଭଲ ଜିନିଷ କିଛି ଥିଲେ ବାଲୁ ଭାଇନା ବାହାର କରି ଖାଇ ଦେଇଥାଏ । ଅନ୍ୟ ଚାରି ପିଲାଙ୍କ ହାତରେ ବେଳେ ବେଳେ ପ୍ରସାଦ ଭଳି ଟିକିଏ ଟିକିଏ ପକେଇ ଥାଏ । ବୋଉ ଆମ ତିନି ଭଉଣୀଙ୍କ ଉପରେ ରାଗ କରେ । କେଡ଼େ ପେଟୀ ଲୋ ତୁମେ ତିନିଟା, ଚୋରେଇ ଖାଉଚ! ବାଲୁ ଭାଇନା ଯେ ନାଟର ଗୋବର୍ଦ୍ଧନ ସେ କଥା କେବେବି ତିନି ଭୋଉଣୀ ବୋଉକୁ

ISSN NO.
2582-208X

ବୁଝେଇ ପାରନ୍ତିନି । ସେଇ ବାଟୁକୁ ଲାଗି ହାଣ୍ଡିଶାଳ । ହାଣ୍ଡିଶାଳ ଘରେ ଗୋଟେ ଦୋପକା ଚୂଲୀ । ସେଇ ବଖରାଟି ପୁରାପୁରି ବୋଉର । ପିଲାମାନଙ୍କୁ ଯିବା ପାଇଁ ମନା ନ ଥିଲେ ମଧ୍ୟ ସେଥିରେ ମଧ୍ୟ କଟକଣା । ସଂଜବେଳେ ବୋଉ ରାନ୍ଧୁଥିବା ବେଳେ ବାଲୁ ଭାଇନା ଖଣ୍ଡେ ଥାଳିଆ ଧରି ବସିଥାଏ । ଦୂରରେ ବସି ମାଳତୀ ତା'ର ହାତ ପାଟିକୁ ତରାଟି ତରାଟି ଅନୋଉଥାଏ । ଆଉ ଛୋଟ ଦିଇଟା ବସି ତାଙ୍କ ପୁଷିକୁ ଆଉଁଷୁ ଥାଆନ୍ତି । ଅମାର ଆଉ ହାଣ୍ଡିଶାଳ ମଝିରେ ଗୋଟେ ବଖରା । ଯାହାକୁ ଅମାର ଘର କୁହାଯାଏ । ଗୋଟେ ପାଖକୁ ଢ଼ିଙ୍କି । ଆଉ ଗୋଟେ ପାଖରେ ଖଣ୍ଡେ ବେଞ୍ଚ ଉପରେ କେଇଟା ମୁଗ, ଚାଉଳ ଧାନବସ୍ତା । ଧାନ କୁଟିବା ପାଇଁ ବୋଉ କେଇଜଣ ଗାଁ ମାଇପିଙ୍କୁ ଡ଼କେଇ ଥାଏ । ଢ଼ିଙ୍କି କୁଟା ମାଳତୀକୁ ଭାରି ଭଲ ଲାଗେ । ବେଳେବେଳେ ଯାଇ କୁଟାଳିମାନଙ୍କ ସାଂଗରେ ପାଦ ନଗେଇ ଥାଏ । ମା' ବୁଢ଼ୀ ହେଲାଣି । ହେଲେ ତା'ର କେତେ ବୁଦ୍ଧି । ଧାନ କୁଟାବେଳେ ସେ ଭରାଣ୍ଡି ଭିତରେ ହାତ ପୂରେଇ କେଡ଼େ ସହଜରେ କୁଟା ଚାଉଳକୁ ପଲଟେଇ ଥାଏ । ବୋଉ କହେ ମା' ହାତ ଉପରେ ଥରେ ବି ଢ଼ିଙ୍କିର ଶମା ପଡ଼ିନି । ଅନ୍ୟମାନେ ସେ ମାଡ଼ କେତେଥର ଖାଇ ଡାହାଣ ହାତ ଆଙ୍ଗୁଳିମାନଙ୍କୁ ବଙ୍କା କରିଛନ୍ତି । ସବୁ ବଖରାମାନଙ୍କ ମଝିରେ ଗୋଟେ ବଡ଼ ଅଗଣା । ବୋଉ ଦିନରେ ସେଇଠି ଚାଉଳ, ନୁଗା, ରେଜେଇ କମ୍ବଳ ଶୁଖେଇଥାଏ । ସଂଧ୍ୟାରେ ପିଲାମାନଙ୍କର ରାଜୁତି । ବିଶେଷ କରି ଶୁକ୍ଳପକ୍ଷରେ ।

ବହୁ ସଂଜରେ ବାପା ସପ ଖଣ୍ଡକ ଉପରେ ବସି ପିଲାମାନଙ୍କୁ ଗପ ଶୁଣାନ୍ତି । ଜାଣିଛ ପିଲାଏ, ସେଦିନ ଥିଲା ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଶୁକ୍ରବାର । ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ତାହା ବର୍ଷର ୨୨୬ ଦିନ । ସମସ୍ତ ଭାରତବାସୀ ଚାତକ ଭଳି ଚାହିଁ ବସିଥାନ୍ତି ସେଇ ଖୁସିର ମୁହୂର୍ତ୍ତକୁ । ଗୋରାମାନେ ଆମ ଦେଶ ଛାଡ଼ି ଯିବେ । ଭାରତବର୍ଷ ସ୍ୱାଧିନ ହେବ । ତୁମେମାନେ କେହି ଜନ୍ମ ହେଇ ନଥିଲ । କେବଳ ଏଇ ବାଲୁଟା ଜନ୍ମ ହେଇଥିଲା । ଜାଣିଛ ପିଲାଏ, ୨୦୦ ବର୍ଷ ଇଂରେଜ ମାନଙ୍କର ଗୋଲାମି କରିବା ପରେ ଆମକୁ ସ୍ୱାଧୀନତା ପ୍ରାପ୍ତ ହୋଇଥିଲା । ରାତି ବାରଟା । ପନ୍ଦର ଅଗଷ୍ଟର ପ୍ରାରମ୍ଭ । ଏଇଠି ବସି ଆମେ ଦେଖୁଥିଲୁ । ଉଡ଼ାଜାହାଜ ଗୁଡ଼ିଏ ଗୋଟିଏ ପରେ ଗୋଟିଏ ଇଂରେଜ ମାନଙ୍କୁ ନେଇ ଭାରତ ଛାଡ଼ିଥିଲେ । ସେଇ ଦିନଟି ତ ସଂପୂର୍ଣ୍ଣ ଭାରତ ପାଇଁ ଏକ ଭାଗ୍ୟୋଦୟ ଦିବସ । ଜାଣିଛ ପିଲାଏ, ଏଇ ସ୍ୱାଧୀନତା ପାଇବା ପାଇଁ ଭାରତର କେତେ କେତେ ସେନା ତାଙ୍କର ଜୀବନ ବଳି ଦେଇଛନ୍ତି । ଏଇ ସଂଘର୍ଷ ସୂତ୍ରଧର ଥିଲେ ଜାତିର

ISSN NO.
2582-208X

ପିତା ମହାତ୍ମା ଗାନ୍ଧୀ । ଏହି ଦିନଟିକୁ ସ୍ୱତନ୍ତ୍ରତା ଦିବସ କୁହାଯାଇଥାଏ । ପ୍ରତ୍ୟେକ ବର୍ଷ ଏହାକୁ ବହୁ ଆଡମ୍ବର ସହ ପାଳନ କରାଯାଇଥାଏ । ଉକ୍ତ ଦିନ ରାଷ୍ଟ୍ରୀୟ ଛୁଟି ଦିବସ । ଏହା ପୂର୍ବଦିନ ଭାରତର ରାଷ୍ଟ୍ରପତି ଦେଶବାସୀ ମାନଙ୍କୁ ସମ୍ବୋଧନ କରିଥାନ୍ତି । ଯାହା ରେଡ଼ିଓ ମାଧ୍ୟମରେ ଆମେ ଶୁଣି ପାରିଥାଉ । ଅଗଷ୍ଟ ପନ୍ଦର ତାରିଖ, ଅର୍ଥାତ୍ ସ୍ୱାଧୀନତା ଦିବସ ଦିନ ଦେଶର ପ୍ରଧାନ ମନ୍ତ୍ରୀ ଦିଲ୍ଲୀ (ଦେଶର ରାଜଧାନୀ) ସ୍ଥିତ ଲାଲକିଲ୍ଲା ଠାରେ ଆମର ସମ୍ମାନନୀୟ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥାଆନ୍ତି । ତ୍ରିରଙ୍ଗା ଉଡ଼ାଇବା ବାଦ ରାଷ୍ଟ୍ରଗୀତ, “ଜନଗଣ ମନ....” ଗାୟନ କରାଯାଇଥାଏ ଏବଂ ଏକୋଇଶ ଥର ଗୋଳି (ତୋପସଲାମୀ) ଫୁଟାଇ ସଲାମ୍ କରନ୍ତି । ଏଥି ସହ ଭାରତୀୟ ସଶସ୍ତ୍ର ସେନା, ଅର୍ଦ୍ଧ ସୈନିକ ସେନା ଏବଂ ଏନ୍.ସି.ସି. କ୍ୟାଡେଟ ପ୍ୟାରେଡ ହୋଇଥାଏ ।

ବାପାଙ୍କର ଏ ସବୁ କାହାଣୀ ବର୍ଣ୍ଣନା ଶୁଣି କେଉଁ ପିଲାର ଶୋଷ ଆରମ୍ଭ ହୋଇଯାଏ, କାହାକୁ ନମ୍ବର ଉଆନ ଡାକରା ଆସେ, ଅଥବା ଅନ୍ୟ କେହି ହାଇ ଉପରେ ହାଇ ଛାଡୁଥାଏ । କେବଳ ବାଲୁ ଭାଇନା କହି ଚାଲିଥାଏ, “କେବଳ ଦିଲ୍ଲୀ କାହିଁ କି ବାପା, ସବୁ ରାଜ୍ୟର ମୁଖ୍ୟ ମନ୍ତ୍ରୀମାନେ ମଧ୍ୟ ପତାକା ଉତ୍ତୋଳନ କରିଥାଆନ୍ତି । ଆଉ ସ୍କୁଲ ମାନଙ୍କରେ ତ କେତେ ମଜା, ଗୀତ, ନାଚ, ପ୍ରବନ୍ଧ, ଭାଷଣ ପ୍ରତିଯୋଗିତା... ଆହୁରି କେତେ କ’ଣ । ଏ ପିଲାଗୁଡ଼ାକ ତ ସ୍ୱାଧୀନତା ବିଷୟରେ କିଛି ବୁଝିନାହାନ୍ତି । ଧୀରେ ଧୀରେ ଆମ ଦେଶ ବିଷୟରେ ସବୁ ଜାଣିଯିବେ ।

ମତେ ଗୋଟେ କଥା ବୁଝେଇ ଦିଅ ବାପା ଏ ମାଉଣ୍ଟ ବେର୍ଟନଙ୍କ ସମ୍ବନ୍ଧରେ ଆମ ହେଡ୍ ମାଷ୍ଟ୍ରେ କିଛି କିଛି କହୁଥିଲେ । ମୁଁ ସବୁ କଥା ଠିକ୍ କରି ବୁଝିପାରିଲିନି । ବାଲୁ ମୁଣ୍ଡରେ ହାତ ବୁଲାଇ ବାପା କହିବା ଆରମ୍ଭ କରିଥିଲେ, ୧୯୪୭ ମସିହା ଅଗଷ୍ଟ ପନ୍ଦରକୁ ସ୍ୱାଧୀନତା ଦିବସ ରୂପେ କାହିଁକି ନିର୍ଣ୍ଣୟ କରାଯାଇଥିଲା ତା ପଛରେ ଆହୁରି ମଧ୍ୟ ଅନେକ ଗୁଡ଼ିଏ ତଥ୍ୟ ନିହିତ ରହିଛି । ଯାହା ହେଲା, ୧୯୪୭ ମସିହା ନୁହେଁ ଏହା ପୂର୍ବରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ବ୍ରିଟେନକୁ ସମକ୍ଷ ସମର୍ପଣ କରିଥିଲା । ସେଇ ଦିନଠାରୁ ସେ ଦିନଟିକୁ ଜାତୀୟ ଦିବସ ରୂପେ ଧରି ନେଇଥିଲେ । ଏଥିପାଇଁ ଯାହାଙ୍କର ଦାନ ଅମାପ ସେ ହେଲେ ୧୯୦୦ ମସିହାରେ ବର୍ମାରେ ଜନ୍ମଗ୍ରହଣ କରିଥିବା ପ୍ରଥମ ଅର୍ଲ ମାଉଣ୍ଟବାଟର୍ଣ୍ଣ । ୧୯୧୭ ମସିହା ପର୍ଯ୍ୟନ୍ତ ସେ ପ୍ରିନ୍ସ ଲୁଇସ ବାଟର୍ଣ୍ଣବର୍ଗ ନାମରେ ପରିଚିତ

ISSN NO.
2582-208X

ଥିଲେ ଏବଂ ୧୯୪୬ ମସିହା ପର୍ଯ୍ୟନ୍ତ ତାଙ୍କୁ ଲର୍ଡ ଲୁଇସ୍ ମାଉଣ୍ଟବାଟର୍ଣ୍ଣ ନାମରେ ଘୋଷିତ କରାଯାଇଥିଲା । ୧୯୪୭ରେ ସେ ବର୍ମାର ଭିସ୍‌କାଉଣ୍ଟ ମାଉଣ୍ଟବାଟର୍ଣ୍ଣ ରୂପେ ପରିଚିତ ହେଲେ । ସେ ଜଣେ ମିଲିଟାରୀ ଅଫିସର ଏବଂ ବ୍ରିଟିଶ୍ ରୟାଲ ଫ୍ୟାମିଲିର ସଭ୍ୟ । ୧୯୪୭ ମସିହାରେ ତାଙ୍କୁ ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ରୂପେ ନିଯୁକ୍ତି କରାଯାଇଥିଲା। ସେଇ ମହାନ୍ ବ୍ୟକ୍ତିଙ୍କ ବିଷୟରେ ଜାଣିବା ପାଇଁ ଇଚ୍ଛା କରୁଛୁ ଯଦି ମୁଁ ତୋ ପାଇଁ କାଲି ବହୁତ ଗୁଡ଼ିଏ ପତ୍ର ପତ୍ରିକା ଆଣିଦେବି । ଲକ୍ଷେ ଯୋଜନରେ ଥାଇ କୁମ୍ଭୀର ମୁହଁରେ ଗଜରାଜଙ୍କ ଜଣାଣ ଶୁଣି ମହାପ୍ରଭୁ ବିଷ୍ଣୁ ଚକ୍ର ପେଶିଲା ଭଳି ହାଣ୍ଡିଶାଳ ଘରୁ ବୋଉକୁ ପିଲାମାନଙ୍କର ଦୁର୍ଦ୍ଦଶା ବୁଝା ପଡ଼ି ଯାଇଥିଲା । "ଖାଇବା ଥଣ୍ଡା ହେଉଛି, ପିଲାମାନଙ୍କୁ ନେଇଆସ" ବୋଲି ବାପାଙ୍କୁ କହିବାରୁ ବାଲୁ ଭାଇନାକୁ ବାଦ୍ ଦେଇ ଚାରି ଭାଇଭଉଣୀ ଅର୍ଚ୍ଚଛିଆ ଖାଇବା ପାଖକୁ ଦଉଡ଼ି ଯାଇ ଥିଲେ ।

ଛଣ (ନଡ଼ା) ଛପର ଘର ଆଗକୁ ଗୋଟେ ବିରାଟ ସିମେଣ୍ଟ ଘର । ଯାହା କଚିରୀ ଘର ନାଁରେ ପ୍ରସିଦ୍ଧ । ତା'ର ତିନି ପଟରେ ବଡ଼ ବଡ଼ ବାଡ଼ି, ବଗିଚା, ଫୁଲ ବାଡି । ଯାହାସବୁ ତାଙ୍କ ଘରକୁ ଗାଁ ଠୋଉଁ ଅଲଗା କରିଥାଏ । ମାତ୍ର ସାତ ବର୍ଷ ବୟସରେ ମାଳତୀର ବିଭା ଭଦ୍ରକ ପାଖାପାଖି ବହୁ ଏକ ଦୂର ଗାଁର ଜମିଦାର ଗୋପବନ୍ଧୁ ହରିଚନ୍ଦନଙ୍କର ନାତି ମଧୁସୂଦନ ସହ ସ୍ଥିର ହେଉ ଥିଲା । ମଧୁସୂଦନ କାଳେ ତା ଠୋଉଁ ବୟସରେ ବହୁତ ବଡ଼। ମେଟ୍ରିକ ପାସ୍ କରି କଲିଜ ପଢୁଛନ୍ତି । ମାଳତୀକୁ ଭାରି ଅଡୁଆ ନାଗୁଥିଲା । ଏ ମେଟ୍ରିକଟା କ'ଣ ! ସିଏ ତାକୁ ପାସ କରିଚନ୍ତି । ପୁଣି ଏ କଲିଜ । କଲିଜ ମାନେ କ'ଣ ଗୋଟେ ନଡ଼ା ତିଆରି ପରଦା । ପରଦାରେ କ'ଣ ଲେଖାଥାଏ ଯେ ସେ ତାକୁ ପଢୁଛନ୍ତି ! ପରଦାର କାମ ହେଲା ଘୋଡ଼େଇ ରଖିବା । ତେବେ ଆଉ କିଛି ମାନେ ଥାଇପାରେ । ମନକୁ ମନ ହସି ପକାଇଲା । ହଁ କଲିଜ ହେଲା ଆମ ଧିଅର ଗୋଟେ ଅଂଶ । ବହୁ ସମୟରେ ବାପା କହୁଥିବାର ଶୁଣିଛି । ଅନ୍ୟର ହୃଦୟକୁ ପଢ଼ିବାର ଚେଷ୍ଟା କର । ବହୁତ କିଛି ସୁକର୍ମ କରି ପାରିବ । ବହୁ ପଚରା ଉଚରା କରି ମାଳତୀ ଜାଣିଥିଲା ହୃଦୟର ଆକ୍ଷରିକ ଅର୍ଥ ହେଲା କଲିଜା । ଚୋରା କବାଟ ଖୋଲି ଭିତରେ ପଶିଲା ଭଳି ଆନନ୍ଦରେ ଉକୁଟି ଉଠି ଉଚ୍ଛୁଳି ପଡ଼ିଲା ମାଳତୀ । ମଧୁସୂଦନ କଲିଜାକୁ ପଢୁଚନ୍ତି । ମାନେ ତା' କଲିଜାକୁ ଭଲକରି ପଢ଼ିବେ । ତା'ର ଚାହିଦା ସବୁ ପୂରେଇବେ । ତା'କୁ ବହୁତ ଭଲ ପାଇବେ । ସ୍ନେହ

ISSN NO.
2582-208X

କରିବେ । ବୋଉ ବାପାଙ୍କୁ କହିବାର ଶୁଣିଲା । "ଏତେ ଦୂରରେ ଝିଅ ପାଇଁ ବରଘର ବାଛିଲ । ଭଲରେ, ମନ୍ଦରେ ଦେଖା ହବା ବି ସମ୍ଭବ ହବନି ।"

ଆଉ କ'ଣ କରିଥାନ୍ତି ! ପାଖ ଆଖ ଦଶଖଣ୍ଡ ମୌଜା ଖୋଜିଲି । ଆମ ସମାଷ୍କନ୍ଧୀ କାହାକୁ ଦେଖିଲିନି । ଦେଖା ହେଇ ପାରିବନି ଯାହା କୋହୁଛ ତାହା ତୁମ ଆମ ପାଇଁ । ମା' ବାପା କ'ଣ ଝିଅ ଘରକୁ ଯାଆନ୍ତି ! ଏ ଯୁଗର ପିଲାମାନଙ୍କ ପାଇଁ ଦୂରତା କ'ଣ । ସେମାନେ ତ ଆକାଶ ବୁଲି ଫେରି ଆସୁଛନ୍ତି ।

ମାଳତୀ କହି ଉଠିଲା, "ବାପା ଠିକ୍ କୋଉଚନ୍ତି ବୋଉ, ମୁଁ ସେଇଟି ବା' ହେମି । ମତେ ସେ ଭୋଉତୁ ଗେହ୍ଲା କରିବେ ।"

ମାଳତୀକୁ ତେର ପୁରିଲା । ଶାଶୁ ଘର ଯିବା ପାଇଁ ସବୁ ଯୋଗାଡ଼ ଚାଲିଥିଲା । ବୋଉ କହିଲା ମଗୁଶୁରରେ ମାଣବସା । ଲକ୍ଷ୍ମୀ ଠାକୁରାଣୀ ଘରକୁ ଆସିବେ । ମାଘ ମାସରେ ମାଣ ଉଠିଲା ବାଦ ଝିଅକୁ ଶାଶୁଘର ପଠେଇବା । ବାପା ମଧ୍ୟ ଅଳ୍ପକେ ମାନିଗଲେ । ହେଲେ ସେଦିନ ସଂଜ ନଈ ପଠାର ଅନୁଭୂତି ପରେ ପରେ ବୋଉର ମନ ବଦଳି ଯାଇଥିଲା। ଦିନରାତି ବାପାଙ୍କ ସାଙ୍ଗରେ ନାଗି ନାଗି ବୋଉ ପଞ୍ଝୁକ ପରେ ପରେ ଝିଅ ବିଦା କରିବା ପାଇଁ ବାପାଙ୍କ ପାଖରେ ଜିଗର କଲା । ତାଜୁବ୍ ହେଇଯାଇଥିଲା ମାଳତୀ । କ'ଣ ଏମିତି ହେଇଗଲା ଯେ ବୋଉ ତାକୁ ସଅଳ ବିଦା କରି ଦବାକୁ ମନ କଲାଣି । ବୋଉ ପାଖେ ଅଝଟ କରି ବସିଲା । ଅଭିମାନ କରିଥିଲା । ମୋ କଥା ତୁ ମୋ ଛୁଆଦିନୁରୁ କେବେ ରଖିଛୁ ଯେ ଆଜି ରଖିବୁ । ବାଲୁ ଭାଇନା ତ ତୋର ସବୁ । ମୁଁ ମଲି କେତେ ଗଲି କେତେ ।

ବୋଉର ଆଖି ଦିଇଟା ଲୁହରେ ସର ସର ହେଇଗଲା । ସେଇମିତି ସକେଇ ସକେଇ କହିଲା, "ସତ କୋଉଛୁ ଲୋ ମାଲୁ, ତୋ ଓପରେ ଆଖି ରଖୁଥିଲେ ନାଁ ତୁ ସେଦିନ ସଂଜବେଳେ ଗାଙ୍ଗୁଲେଇ ନଇ ପଠାକୁ ଯାଇଥାଆନ୍ତୁ ନାଁ ଆମ ମୁଣ୍ଡରେ ପାହାଡ଼ ନଦି ହେଇଥାଆନ୍ତା ।" ବୋଉ କଥାର ଅଗମୂଳ ନ ବୁଝି ମାଳତୀର ଆଖି ଦିଟା ଖାଲି ଯାହା ଛଳ ଛଳ ହୋଉଥିଲା ।

ISSN NO.
2582-208X

ବୋଉ ତା' କାମରେ ଚାଲିଗଲା ବାଦ୍ ମାଳତୀ ପୁଣି ଥରେ ଭାବନାରେ ବୁଡି ଗଲା । କିଏ ତାକୁ ଏଇ ନୁଚା ଛପା ପାହାଡ଼ କଥା ବୁଝେଇବ । ଯୋଉଥି ନାଗି ପାପୀ ତାକୁ ମୁହଁ ଖୋଲିବାକୁ ବାରଣ କଲା । ବୋଉ କୋହୁଛି ପାହାଡ଼ ନଦି ହେଲା । ମନେ ମନେ ଭାବି ନେଲା ଶାଶୁ ଘରୁକୁ ଗଲେ ତା ବରୁକୁ ଏକଥା ପଚାରିବ । ଭୋଉତୁ ପାଠ ପଢ଼ିଛନ୍ତି । ନିଶ୍ଚେ ତାଙ୍କଠୁ ଉତ୍ତର ମିଳିଯିବ । “ଇଲୋ ମୋ ବୋଉଲୋ, ମୁଁ କୁଆଡ଼େ ଯିବି, ପାପୀ ତ କଇଥେଲା କାହାକୁ କହିବୁନି, ତୋ ବରକୁ ତ ଜମାରୁ ନୁହେଁ ।”

ବୋଉ ତାର ବିଦା ପାଇଁ ମନ ଜବର କରିଦେଇଥିଲା । ମଗୁଶୁରରେ ହେଲା ତାର ବିଦା । ନଗରତଳା ଗାଁରୁ ଚରମ୍ପା । ମଧୁସୂଦନଙ୍କର ଗାଁ । ଏତେ ଗୁରେ ବାଟ । ତେଣୁ କଥା ହେଲା ନଗରତଳାରୁ ଭଦ୍ରକ ଜିଲା ଯାକେ ଗାଡ଼ିରେ ଯିବେ । ଭଦ୍ରକରୁ ଚରମ୍ପା ସବାରି । ଘର ଛାଡ଼ିବା ବେଳୁଠୁଁ ମାଳତୀର କୋହ ତୁହାକୁ ତୁହା ଆଉଥେଲା । କିମିତି ସେ ଅଜଣା, ଅଚିହ୍ନା ମଣିଷମାନଙ୍କ ସାଥେରେ ଚଳିବ । ଗାଁ ମାଇପେ ତା'ହେଲେ ସତ କୁହନ୍ତି । ଝିଅ ଜନମ ପର ଘରକୁ । ଆଜି ଠୋଉଁ ସିଏ ପରଘରେ ଦାସୀ ହେଇ ରଇବ । ଘର ଛାଡ଼ିବା ବେଳୁକୁ ବାପା ବାରଂବାର କଇଥେଲେ । “ଝିଅକୁ ଆଗେ ଭଦ୍ରକାଳୀ ମନ୍ଦିର ନେଇଯିବ ।” ସେଇଆ ହେଲା । ସବାରି ବୋହିବା ନୋକମାନେ ସବାରିଟିକୁ ଶାଳିନ୍ଦୀ ନଈ କୂଳରେ ଥୋଇଲେ । ପାଲିଙ୍କି ଆଖି ଆଗକୁ ଆଇଲାନି । ତେବେ ତା' ବର ମଧୁସୂଦନ କୋଉଠି । ଭୟରେ ଛାନିଆ ହେଲା । ଭାଲୁଆ (ସବା ସାନ ଭାଇ) ହାତଟାକୁ ଧରି ପକେଇ ଆହୁରି ଜୋର୍‌ରେ କାନ୍ଦିବାକୁ ଲାଗିଲା । ଭାଲୁଆକୁ ଇଏ ସବୁ ଗୋଟେ ଯାତରା ଲାଗୁଥିଲା । କହିଲା, “ଏଠି ତତେ ବେଶୀ କାନ୍ଦିବା ପାଇଁ କୁହାଯାଇଛି କି ନାନୀ ?” ଭାଲୁଆକୁ ଛାତି ଉପରକୁ ଜାକି ନେଇ କହିଲା ମାଳତୀ, “ତୋ ଭାଇନାର ପାଲିଙ୍କି ଦେଖା ଯାଉନି ।”

ଭାଇନା ପାଲିଙ୍କିରେ ବସିବା ପାଇଁ ଜମା ମଂଗିଲେନି । ସିଏ ତ ତୋ ସବାରି ସାଂଗେ ସାଂଗେ ଚାଲି ଚାଲି ଆସୁଛନ୍ତି । ମାଳତୀ ଧିଅରେ ବଳ ପଶିଲା । ଧିଏଁ ସବାରି ଭିତରୁ ବାହାରି ନଈ କୂଳୁକୁ ଯାଇ ହାତ ମୁହଁ ଧୋଇ ସଭିଏଁ ମିଶି ମନ୍ଦିର ଭିତରକୁ ଗଲେ । ମନ୍ଦିର ବାହାରେ ହଟ୍ଟଗୋଳ । ଆଗୁକୁ ଯାଇ ହବନି । ନଗରବନ୍ଦୀ, କଥା ନାହିଁ, ବାର୍ତ୍ତା ନାହିଁ, ନଗରବନ୍ଦୀ। ଇଏ ନଗରବନ୍ଦୀଟା ପୁଣି କ'ଣ ? ହିନ୍ଦୁମାନଙ୍କ ତୁଳନାରେ ଭଦ୍ରକରେ ମୁସଲମାନ ସଂଖ୍ୟା

ISSN NO.
2582-208X

ଅଧିକ । ହିନ୍ଦୁମାନଙ୍କର କେଉଁ ଏକ ଧାର୍ମିକ ଶୋଭାଯାତ୍ରା ମୁସଲମାନ ପ୍ରାଧାନ୍ୟ ସ୍ଥାନକୁ ଅତିକ୍ରମ କରିଥିଲା । ତାକୁଇ ନେଇ ଦଙ୍ଗା । ସେ ଯାହା ହେଉ, ଈଶ୍ୱରଙ୍କୁ କୋଟି କୋଟି ପ୍ରଣାମ । ବଡ଼ମାନଙ୍କର ଆଶୀର୍ବାଦ ଏବଂ ଶୁଭେଚ୍ଛୁମାନଙ୍କ ଶୁଭେଚ୍ଛା, ସମ୍ପୂର୍ଣ୍ଣ ଜନସାଧାରଣ ଉପରେ ଚଢ଼ାଉ କରିଥିଲେ ମଧ୍ୟ ବର, କନ୍ୟା ଦୁହିଙ୍କର ବାଳ ବଙ୍କା କରି ନଥିଲେ । କେହି କେହି କହିବାର ମଧ୍ୟ ଶୁଣାଯାଉଥିଲା, "ସେ ଦୁହେଁ ଗୁଡ଼୍‌ଡ଼ା ଗୁଡ଼ିୟା, ସେମାନେ କ'ଣ ଆମର ପିଲା ନୁହନ୍ତି !" ସବାରି ଭାଙ୍ଗି ଚୁରମାର ହୋଇ ଯାଇଥିଲା । କେତେଜଣ ଖଣ୍ଡିଆ ଖାବରା । ଆଉ କିଛି ଉପାୟ ନ ଦେଖି ମଧୁସୂଦନ ଅନ୍ୟମାନଙ୍କୁ ନଗରତଳା ଫେରି ଯିବାକୁ କହି ଚାଲିବା ଆରମ୍ଭ କରିଦେଇଥିଲା । ଇଙ୍ଗିତରେ ହାତେ ଓଢ଼ଣା ଟାଣିଥିବା ମାଳତୀକୁ ତା' ପଛେ ପଛେ ଚାଲିବାକୁ କହିଲା । ବାପା, ବୋଉ, ଜେଜେବାପା, ଜେଜେ ମା, ଭାଇ ଭଉଣୀ, ସାଇ ପଡ଼ିଶା, ବିଶେଷ କରି ନଗରତଳା ଗାଁର ପରିସର... ସବୁ କିଛି ଛାଡ଼ି ନୂଆ ଜାଗାକୁ ଯାଉଥିବାର ଦୁଃଖ ପୁରାପୁରି ଭୁଲିଗଲା ମାଳତୀ । ସେତେବେଳକୁ ସେମାନେ ମୁସଲମାନ ଇଲାକା ପାର କରି ସାରିଥିଲେ । ମାଳତୀର ପାଦ ଦିଇଟା ଆଉ ତାର ସାଥି ଦେଉ ନ ଥିଲା । ଏକଥା କେମିତି କହିବ ତା ବରକୁ । ବାରଂବାର ବୋଉ କହିଛି । ମଧୁବାବୁ ତୋର ଗୁରୁଜନ । ତୋ ଆଡୁ ତୁ କିଛି ତାଙ୍କଠାରୁ ଦାବୀ କରିବୁନି । ହେଲେ ଆଉ କ'ଣ କରନ୍ତା । ନଥ କରି ଖଣ୍ଡେ ପଥର ଉପରେ ବସି ପଡ଼ିଲା । ବ୍ୟସ୍ତ ହୋଇ ପଡ଼ିଲାମଧୁସୂଦନ । କ'ଣ ହେଲା ଚାଲ୍ । ଆଉ ଅଳପ ବାଟ ରହିଲା । ଏଇ ନେ ପାଣି ଟୋପାକ ପିଇ ଦେ । କହି ମାଳତୀ ଠାରୁ ଟିକିଏ ଦୂରରେ ବୋତଲଟାକୁ ଥୋଇଦେଲା ମଧୁସୂଦନ । ପାଣି ବୋତଲ ଉପରକୁ ଝାମ୍ପି ପଡ଼ି ଗୋଟିଏ ନିଶ୍ୱାସରେ ପାଣି ତକ ଢ଼କ ଢ଼କ କରି ପିଇ ଦେଲା ମାଳତୀ । ଟିକିଏ ବଳ ପାଇଲାରୁ ଧୀରେ କରି କହିଲା । "ମୋ ହାତୁଟାକୁ ଟିକିଏ ଧରନ୍ତୁନି । ଗୋଟିଏ ଗୋଟିଏ ଚାଲି ଯାଆନ୍ତି ।"

ନାଁ... ନାଁ... ତତେ ବୋଧେ ମୋର ଛୁଇଁବାର ନୁହେଁ । ତୁ ସେ ଓଢ଼ଣା ଖଣ୍ଡକ ମୁଣ୍ଡରୁ ବାହାର କରି ଦେଇ ଚାଲିବା ଆରମ୍ଭ କରିଦେ । ପବନ ବାଜିଲେ ଚାଲିବାକୁ ବଳ ପାଇବ । ଚମକି ପଡ଼ିଲା ଭଳି କହିଲା ମଧୁସୂଦନ । ସେ କଥା ହେଇ ପାରିବନି । ବୋଉ କହିଛି ତୁମ ଆଗରେ ମୁଁ ଓଢ଼ଣା ପକେଇ ରହିବି ।

ISSN NO.
2582-208X

ଆଉ କିଛି ବୁଦ୍ଧି ବାଟ ଦେଖା ଗଲାନି ମଧୁସୂଦନକୁ । ଥକ୍କା ମାରି ସେଇ ବରଗଛ ମୂଳେ ଗଛକୁ ଆଉଜି ବସି ପଡ଼ିଲା । କେତେବେଳେ ଯେ ତାର ଆଖି ଲାଗି ଯାଇଥିଲା ତାକୁ ଜଣା ନ ଥିଲା । ସୁଯୋଗ ପାଇ ମାଳତୀ ଚୁପ୍‌ଚାପ ଯାଇ ତା' ବର କୋଳରେ ନିଜକୁ ଲୋଟେଇ ଦେଲା । ସତରେ ଯିମିତି ମଧୁସୂଦନ କୋଳରେ କିଛି ଯାଦୁ ଥିଲା । ଶତ ସିଂହର ବଳ ମାଳତୀ ଶରୀର ଭିତରକୁ ମାଡ଼ି ଆସିଲା । ହଁ, ଏଥର ସେ ଚାଲି ଯାଇ ପାରିବ । ବୋଉ କୋଳରେ ମୁଣ୍ଡ ରଖି ଶୋଇଲା ଭଳି ଶୋଇବା ପାଇଁ ଚେଷ୍ଟା କଲା । ମାତ୍ର ଏ କ'ଣ ! ବୋଉ କୋଳରେ ମୁଣ୍ଡ ରଖିଲେ ସେଇ ସ୍ପର୍ଶ ତାକୁ ନିଦ୍ରାଦେବୀଙ୍କ କୋଳକୁ ନେଇଯାଏ । ମାତ୍ର ମଧୁସୂଦନ କୋଳରେ ମୁଣ୍ଡ ରଖିବା ପରେ ତା ଦେହ ଗୋଟାକରେ କେମିତି ଗୋଟେ ଶିହରଣ ଖେଳି ଯାଉଛି । ମନ ହେଉଛି ଏମିତି ଜୀବନ ସାରା ସେ ମଧୁସୂଦନଙ୍କ କୋଳରେ ଶୋଇ ରହନ୍ତା କି ।

ଧଡ଼ କରି ଉଠି ପଡ଼ିଲା ମଧୁସୂଦନ । ଏବେ ଚାଲ୍ ଚାଲ୍ । ନଇଲେ ଅନ୍ଧାର ମାଡ଼ି ଆସିବ। କହି ଆଗକୁ ପାଦ ବଢ଼ାଇଲା । ପଛେ ପଛେ ମାଳତୀ । ମନକୁ ମନ କହୁଥିଲା, ଅନ୍ଧାର ହେଇଗଲେ କ'ଣ ବେଦ ମାରା ହେଇଯିବ ଯେ । ଦି ଜଣ ତ ଅଛନ୍ତି । ଭୂତ ବି ସେଦିନ ଭଳି ଦୁହିଙ୍କୁ ଦେଖି ଡ଼ରି ପଳେଇବ । ତା ପରେ ତ ଅନ୍ଧାରରେ ପୁଣି ସେଇ ମଜା । ହଠାତ୍ ଯେମିତି ତାକୁ କିଏ ଧକ୍କାଟିଏ ପକେଇଲା । ତାକୁ ଭୂତ କବଳରୁ ଉଦ୍ଧାର କରିବାକୁ ଆସି ପାପୀ ପ୍ରାଣ ହାରିଲା ।

ସେଇମିତି ଯଦି ମଧୁସୂଦନ .... ନାଁ ... ନାଁ । ଥାଉ ଥାଉ ତାର କିଛି ମଜା ଦରକାର ନାହିଁ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ନଇଁଆସେ ସଞ୍ଜ



ମାନସ ରଞ୍ଜନ ନାୟକ

ବେଳ ରତ ରତ, ନାଉରୀ ଗାଏ ଲେଉଟାଣି ଗୀତ
ହିସାବ ସରିନି ଏଯାଏଁ ଜୀବନ ହାଟରେ ମିତ !
ପଶ୍ଚିମେ ଅସ୍ତମିତ ସୂର୍ଯ୍ୟ, ନବ ଲୋହିତ ସଞ୍ଜ
ଅବସୋସ ବିଛଣାରେ ବାକି ରାତ୍ରିର ଦହଗଞ୍ଜ ।

ପୂର୍ବାଶାରେ ଅନାହୁତ କେଇଦଣ୍ଡ ବିଜୟୋଚ୍ଛ୍ୱାସ
ସୂର୍ଯ୍ୟମୁଖୀ ଫୁଲ ପରି ସଞ୍ଜରେ ମଳିନ ଆଶ୍ଳେଷ
ଦିବସ ଜଞ୍ଜାଳ ପରେ ନୀଡ଼କୁ ବେଳଲେଉଟାଣି
ଜୀବନ ନିର୍ଯ୍ୟାସର ମଧୁମୟ ରଙ୍ଗୀନ୍ ରୋଷଣୀ ।

ସଞ୍ଜକୁ ନଇଁ ଆସେ ଅପ୍ରାପ୍ତିର ବିଷାଦ ଅନ୍ଧାର
ଆତ୍ମ ଉଦବେଳନରେ ବିତେ ବାକି ସାଶ୍ରୁ ପ୍ରହର
ସମ୍ପର୍କର ଆହ୍ୱାନ ସାଜେ କର୍ତ୍ତବ୍ୟର ଓମକାର
ଅନିଦ୍ର ରଜନୀରେ ମତୁଆଲା ସ୍ୱପ୍ନର ଚିତ୍କାର ।

ସଞ୍ଜକୁ ଭାଗବତ ଟୁଙ୍ଗି ଆଲୁଅର ଆକର୍ଷଣ
ନିଶା-ପେଶା, ବୃତ୍ତି-ପ୍ରବୃତ୍ତିରୁ କ୍ଷଣିକ ଉତ୍ତରଣ

ISSN NO.
2582-208X

ଅଧ୍ୟବସାୟ ଆଢୁଆଳେ ସରେ ଆଧ୍ୟାତ୍ମିକ ସ୍ଫୁରଣ
ସୁଯୋଗ ସୁବିଧା ଭିଡରେ ତୋ' ସୁଖର ଅନ୍ୱେଷଣ !

ଗୋଧୂଳି ଲଗନେ ଶୁଭେ ଅନ୍ତର୍ମନର ବଂଶୀସ୍ୱନ
ଭୋଗ ଭାଗ ଗଣିତରେ ଭାଗଶେଷର ଅନ୍ତର୍ଧାନ
କ୍ରମଶଃ ବର୍ଦ୍ଧିତ ପୁଣି ଅନ୍ଧାର ରାତ୍ରୀର ଜଡତ୍ୱ
ଚନ୍ଦ୍ରମାର ଶୁଭ୍ର କିରଣେ ନିର୍ଲିପ୍ତ ତୋର ବୌଦ୍ଧତ୍ୱ ।

ସଞ୍ଜବତି ଜାଳି ଅଜାଡିଦେ ସଶ୍ରଦ୍ଧ ସମର୍ପଣ
ମହ ମହ ବାସୁ ତୋର ମହାର୍ଘ ମହାପ୍ରୟାଣ
ସଂଧ୍ୟାଶଙ୍ଖ ହେଉ ତୋ' ଜୀବନ ଯୁଦ୍ଧର ପାଞ୍ଚଜନ୍ୟ
ରାମନାମ ଜପକରି କାଟିଦେ.....ଜୀବନ କାରୁଣ୍ୟ ।

ମଞ୍ଜୁରୀ ରେଡ୍ଡ଼, ଭଦ୍ରକ
ଦୂରଭାଷ - ୯୮୯୦୮୫୧୪୨୭

ISSN NO.
2582-208X

# ଅଗ୍ନି ପୁଷ୍ପ



ଚତ୍ତରଞ୍ଜନ ନାଏକ

ଅମ୍ବର ପ୍ରଦେଶେ  ଜଳଦର ଦେହେ
ସୌଦାମିନୀ ବକ୍ଷେ ସ୍ଥିତ,
ଉଜ୍ଜ୍ୱଳ ପ୍ରଚଣ୍ଡ  କ୍ଷୀପ୍ର ତାପ ବାହୀ
କ୍ଷଣପ୍ରଭା ଦେହୁ ଜାତ,,

ନଭୁ ଅବତରେ  ଶୁଷ୍କ ତରୁ ଦେହେ
କାଷ୍ଠ, ପତ୍ର ସ୍ଥାନେ ଫୁଟେ,
କମଳ ପରାଏ  ବିକଶେ ପ୍ରବଳ
ଉଜ୍ଜ୍ୱଳ ପ୍ରକାଶ ଛୁଟେ,,

ଅଗ୍ନି,ଶାଖା ଲମ୍ବେ  ତରୁଲତା ସମ
ବିସ୍ତରେ କାନନ କ୍ଷେତ୍ରେ,,
ଆହାରେ ଅକ୍ଳେଶେ  ଶୁଷ୍କ ତରୁ ତୃଣ
ବିତରେ ଆଲୋକ ରାତ୍ରେ,,

ଦଗ୍ଧଇ ସର୍ବସ୍ୱ  ଗମେ ଯେଉଁ ମାର୍ଗେ
ଭସ୍ମ ରହେ ଅବଶେଷ,,

ଅନଳ ବିନାଶେ  ଜୀବ ଠୁଁ ନିର୍ଜୀବ
ଧରେ ସେ ମୃତ୍ୟୁର ବେଶ,,

ଅନଳୁ ନିର୍ଗତ  କୃଷ୍ଣ ଧୂମରାଶି
ନଭସ୍ତମ୍ଭେ ଅନାୟାସେ,,
ସମୀରେ ପ୍ରବେଶି  ସର୍ବତ୍ର ଗମଇ
ଆବୋରଇ ନୀଳାକାଶେ,

ହୋମାଗ୍ନି ପ୍ରଜ୍ୱଳେ  ବିଶ୍ୱ କଲ୍ୟାଣାର୍ଥେ
ଘୃତ,ପୁଷ୍ପ ସେଥ୍ୱେ ମିଶେ,,
ଯଜ୍ଞାଦି ସୁକାର୍ଯ୍ୟେ  ଅଗ୍ନି ପ୍ରଜ୍ୱଳନ
ସର୍ବ ଅନିଷ୍ଟାଦି ନାଶେ,

କବାଟତଲ୍ଇ,
ସୋନପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଜାହାଜ ଲାଗିଲା ଯାଇ ଆଣ୍ଡାମାନ ଦେଶେ

ପ୍ରିୟବ୍ରତ ପାତ୍ର

ଜାହାଜ ଯାତ୍ରା ଓ ରେଳଯାତ୍ରା ଭିତରେ ଅନେକ ଫରକ । ଜାହାଜରେ ଟିକେଟ ସଂରକ୍ଷଣ ବ୍ୟବସ୍ଥା ନାହିଁ, କୌଣସି ଟ୍ରାଭେଲ ଏଜେନସି ଟିକଟ କିଣାବିକା କରନ୍ତି ନାହିଁ, ସମୟର ନିୟମ ଅନୁବର୍ତ୍ତିତା ନାହିଁ । ସାମାନ୍ୟ ଯାନ୍ତ୍ରିକ ତ୍ରୁଟି ପୂର୍ଣ୍ଣରୂପେ ସଜଡା ନ ହେଲାଯାକ ଯାତ୍ରା ଆରମ୍ଭ ହୁଏନାହିଁ । ସିପିଙ୍ଗ୍ କର୍ପୋରେସନ ଅଫିସ୍ କାଉଣ୍ଟରରେ ମଙ୍ଗଳବାର ଦିନ ଦଶଟାରୁ ଟିକଟ ପାଇଁ ଯାତ୍ରୀଙ୍କୁ ଲାଇନ୍ ରେ ଠିଆ ହେବାକୁ ପଡେ । ସାଥିରେ ଚାରିଟି ପାସପୋର୍ଟ ସାଇଜ୍ ଫଟୋ, ବୟସର ପ୍ରମାଣ ପତ୍ର, ସ୍କୁଲ ସାର୍ଟିଫିକେଟ ବା ଭୋଟର ପରିଚୟ ପତ୍ରର ଫଟୋ କପି ନେବାକୁ ପଡିଥାଏ । ପାଞ୍ଚ ବର୍ଷ ଠୁ ବାରବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଅଧା ଟିକେଟ ଲାଗିଥାଏ । ଛାତ୍ର/ଛାତ୍ରୀଙ୍କୁ ନେଇ ଯାଉଥିବା ଦଳ ଯଥେଷ୍ଟ ରିହାତି ପାଇଥାନ୍ତି । ସର୍ବନିମ୍ନ ଶ୍ରେଣୀକୁ ବଙ୍କ୍ କ୍ଲାସ ବା ଡକ୍ କ୍ଲାସ୍ କହନ୍ତି, ଯାହାର ମୂଲ୍ୟ ବର୍ତ୍ତମାନକୁ ୧୮୦୦ ଟଙ୍କା ରହିଛି । ତା ଉପରକୁ ରହିଛି ଦ୍ୱିତୀୟ ଶ୍ରେଣୀ, ପ୍ରଥମ ଶ୍ରେଣୀ ଓ ଲକଜରୀ ଶ୍ରେଣୀ ଯାହାର ମୂଲ୍ୟ ବର୍ତ୍ତମାନକୁ ଯଥାକ୍ରମେ ୩୬୦୦, ୪୫୦୦ ଓ ୬୫୦୦ ଟଙ୍କା ରହିଛି । ଡିଜେଲ୍ ର ମୂଲ୍ୟ ସହିତ ଏହା ମଧ୍ୟ ବୃଦ୍ଧି ପାଇ ଚାଲିଛି । ଉଚ୍ଚ ଶ୍ରେଣୀ ସବୁରେ ଦୁଇଟି ବେଡ୍ ଥିବା, ଚାରିଟି ବା ଆଠଟି ବେଡ ଥିବା କକ୍ଷ ସବୁ ମିଳିଥାଏ ଯାହାକି ବାତାନୁକୂଳ ଥାଏ । ବଙ୍କ କ୍ଲାସରେ ବେଡ୍ ସବୁ ଉପର ତଳ ହୋଇ ଦୁଇ ଥାକିଆ ଥାଏ ଏବଂ ସେଗୁଡିକ ଓସାର ଓ ଗଦିଯୁକ୍ତ ଥାଏ । କେବଳ ଲକଜରୀ ଶ୍ରେଣୀ କକ୍ଷରେ ସଂଲଗ୍ନ ପାଇଖାନା ଓ ଗାଧୁଆଘର ଥାଏ । ବଙ୍କ୍ କ୍ଲାସରେ ସାଧାରଣ ପାଇଖାନା/ଗାଧୁଆଘର ଥାଏ, ତେଣୁ ଟିକିଏ ଭିଡ ଲାଗିବା ସ୍ୱାଭାବିକ । ଉଚ୍ଚ ଶ୍ରେଣୀ ସବୁରେ ଦୁଇ ତିନିଟି କକ୍ଷ ପାଇଁ ଅଲଗା ଅଲଗା ଶୌଚାଳୟ ଥାଏ, ତେଣୁ ଏଗୁଡିକ ଅପେକ୍ଷାକୃତ ସଫା ଓ କମ ଭିଡ । ସବୁରେ କବାଟ

ISSN NO.
2582-208X

ବନ୍ଦ ରହିବା ଯୋଗୁଁ, ଖାଦ୍ୟ ସାମଗ୍ରୀ ସବୁ ନିଜ ଥାଳି ଗିନାରେ ଆଣି ଖାଇଲେ ଭିତରର ପରିବେଶ ଦୁର୍ଗନ୍ଧ ହୋଇଯାଏ ଓ ଅନ୍ୟମାନଙ୍କ ପାଇଁ ବାନ୍ତିର କାରଣ ହୋଇଥାଏ । ସବୁ ଶୌଚାଳୟ ଆଗରେ କମ ପାଣି ଖର୍ଚ୍ଚ ପାଇଁ ତାଗିଦ୍ ଥାଏ । ବଙ୍କ୍ କ୍ଲାସରେ ବିଭିନ୍ନ ପ୍ରକାରର ଲୋକଙ୍କ ସମାଗମ, କଲେଜ ପୁଅଝିଅଙ୍କ ହସଖୁସି ଯୋଗୁଁ ଯାତ୍ରା ଅଧିକ ଆମୋଦଦାୟକ ହୋଇଥାଏ ଓ ଶିକ୍ଷଣୀୟ ହୋଇଥାଏ ।

ଜାହାଜ ଗୁଡିକ ଖୁବ୍ ବିଶାଳ ହୋଇଥାଏ, ଏକା ଥରକେ ୩୦୦୦ ଯାତ୍ରୀ ସେଥିରେ ଯିବା ଆସିବା କରିଥାନ୍ତି । ସବାତଳର ତିଇଟା ତାଲା ବଙ୍କ୍ କ୍ଲାସ୍ ପାଇଁ ଉଦ୍ଦିଷ୍ଟ, ତା ଉପରର ଦୁଇଟି ତାଲା ଦ୍ୱିତୀୟ ଶ୍ରେଣୀ ପାଇଁ ତା ଉପରର ତାଲାଟି ପ୍ରଥମେ ଶ୍ରେଣୀ ଓ ଲକଜରୀ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ହୋଇଥାଏ । ସବା ଉପର ତାଲାରେ କର୍ମଚାରୀମାନଙ୍କ କୋଠରୀ, ଲାଇବ୍ରେରୀ, ଟି.ଭି./ସିନେମା ଦେଖିବା ପାଇଁ ଲାଉଙ୍ଗ୍ ବା ପ୍ରଶସ୍ତ କୋଠରୀ, ମନୋରଞ୍ଜନ ପାଇଁ ତଥା ନାଚଗୀତ ପାଇଁ ବିରାଟ ଆମୋଦପ୍ରମୋଦ କକ୍ଷ ଥାଏ । ଲାଇବ୍ରେରୀରୁ ବହିପତ୍ର ରୁମ୍ କୁ ନେଇ ପଢିବାକୁ ଦିଆଯାଇଥାଏ । ସବା ଉପର ଭାଗରେ ଛୋଟିଆ ସନ୍ତରଣାଗାର ଥାଏ, ଚା, କଫି, ମୃଦୁ ପାନୀୟ, ବିସ୍କୁଟ୍, ବ୍ୟାଟେରୀ ଆଦି ଚାଲୁ ଜିନିଷ ପାଇଁ ଦୋକାନ ଥାଏ, ଖୋଲାମେଲାରେ ବସିବା ପାଇଁ ଚେୟାର ଥାଏ, ଚାଲବୁଲ କରିବା ପାଇଁ ତମାମ ଡେକ୍ ଟି ମହଜୁଦ୍ ଥାଏ । ଜାହାଜ ସାରା ଲାଗିଥିବା ସ୍ପିକର ସବୁରେ ମୃଦୁ ସଙ୍ଗୀତ ସାଙ୍ଗକୁ ଆବଶ୍ୟକ ନିର୍ଦ୍ଦେଶ ମଧ୍ୟ ଆସିଥାଏ । ଯନ୍ତ୍ରପାତି ତଥା ଇଞ୍ଜିନ ଥିବା ଜାଗାକୁ ପ୍ରବେଶ ନିଷେଧ ଥାଏ । ସନ୍ତରଣାଗାରରେ ଭାରତୀୟମାନଙ୍କ ପ୍ରବଳ ସାବୁନ୍ ଲଗେଇ ଗାଧୋଇବା ଅଭ୍ୟାସ ଯୋଗୁଁ ପାଣି ବାରମ୍ବାର ଅପରିଷ୍କାର ହୋଇଯାଏ । କର୍ତ୍ତୃପକ୍ଷ ତେଣୁ ବାଧ୍ୟ ହୋଇ ପାଣି ରଖନ୍ତି ନାହିଁ ବା ପାଣିଥିଲେ ଗାଧୋଇବାକୁ ଅନୁମତି ଦିଅନ୍ତି ନାହିଁ । ବଙ୍କ୍ କ୍ଲାସ୍ ର ଯାତ୍ରୀଙ୍କୁ ଉଚ୍ଚ କ୍ଲାସ ପାଇଁ ଉଦ୍ଦିଷ୍ଟ ଭୋଜନାଳୟ, ଆମୋଦପ୍ରମୋଦ କକ୍ଷ, ତଥା ଟି.ଭି. ଲାଉଞ୍ଜକୁ ଅନୁମତି ନଥାଏ । ଗଲେ ଅର୍ଥ ଦଣ୍ଡ ଲାଗିବ ବୋଲି ଲେଖାଥାଏ, କିନ୍ତୁ ସେଭଳି କିଛି ଦଣ୍ଡର ନଜିର ନଥାଏ । ଶୃଙ୍ଖଳା ଭଙ୍ଗକାରୀଙ୍କୁ କର୍ତ୍ତୃପକ୍ଷ ଦଣ୍ଡ ଦେବାର ଅଧିକାର ପାଇଥାନ୍ତି ।

ISSN NO.
2582-208X

ଜାହାଜର ଭୋଜନାଳୟ ଗୋଟିଏ ଦର୍ଶନୀୟ ବିଭାଗ । ବଙ୍କ୍ କ୍ଲାସକୁ ଲାଗି ବଙ୍କ୍ କ୍ଲାସ ଭୋଜନାଳୟ, ଉଚ୍ଚ କ୍ଲାସକୁ ଲାଗି ଉଚ୍ଚକ୍ଲାସ ଭୋଜନାଳୟ । ସେଥିର୍ ଆମିଷ, ନିରାମିଷ ଉଭୟ ଉପଲବ୍ଧ ଥାଏ । ପ୍ରତି ବର୍ଷ ଟେଣ୍ଡର ଅନୁଯାୟୀ କେଟେରିଂ ଦଳ ନିର୍ବାଚିତ ହୋଇଥାନ୍ତି ଓ ଟେଣ୍ଡର ଅନୁଯାୟୀ ଖାଦ୍ୟର ମାନଦଣ୍ଡ ଓ ଊଲ୍ୟ ସ୍ଥିରିକୃତ ହୋଇଥାଏ । ପୂର୍ବେ ସମୁଦ୍ର ଉପରୁ ସଜମାଛ ଧରାଯାଇ ରୋଷେଇ ହେଉଥିଲା, ଏବେ କିନ୍ତୁ ସେ ଅନୁମତି ନାହିଁ । ମୂଳ ଭୂଖଣ୍ଡ ଛାଡିଲା ବେଳକୁ ମାଛ, ମାଂସ, ଅଣ୍ଡା, ପନିପରିବା, ତେଲ ଲୁଣ ଧରି ଜାହାଜ ଛାଡିଥାଏ । ବହୁ ଲୋକଙ୍କ ସମାଗମ ଯୋଗୁଁ ବଙ୍କ୍ କ୍ଲାସର ଭୋଜନାଳ୍ୟ ଭିଡ ରୁହେ । ସେଠାରେ ଖାଇବାକୁ ପ୍ରଚୁର ମିଳେ ସତ, କିନ୍ତୁ ସଫାସୁତୁରା ଟିକିଏ କମ ଏବଂ କେମିତି ଏକ ସାମୁଦ୍ରିକ ମାଛ ଝୋଳର ବାସ୍ନାରେ ନାକ ଫାଟିଯାଏ । ଉଚ୍ଚ କ୍ଲାସରେ ଖାଦ୍ୟର ପ୍ରକାର ଅଧିକ, ସଫାସୁତୁରା ଅଧିକ, କିନ୍ତୁ ସବୁ କିଛି ମାପିଚୁପି । ଯାତ୍ରା ଟିକେଟ୍ ବାଦେ ଖାଇବା ପାଇଁ ଅଲଗା ଟିକେଟ୍ ଦେବାକୁ ପଡେ । ପୁରା ଯାତ୍ରା ପାଇଁ ଏକାଥରେ ଗୋଟିଏ ଟିକେଟ୍ କାଟିଲେ ଖର୍ଚ୍ଚ ଟିକେ କମ୍ ପଡେ । ପ୍ରତିଥର ନଗଦ ଟିକେଟ କାଟି ଖାଇଲେ ଖର୍ଚ୍ଚ ଅଧିକ ପଡେ । Sea-Sickness ଦେଖାଗଲେ ଯାତ୍ରୀଜଣକ କିଛି ବି ଖାଇବାକୁ ପସନ୍ଦ କରନ୍ତି ନାହିଁ, ତେଣୁ ସେଭଳି କ୍ଷେତ୍ରରେ ପୁରା ଯାତ୍ରା ପାଇଁ ଏକାଥରେ ଟିକେଟ୍ କାଟିବାଟା ଅନାବଶ୍ୟକ ହୋଇପଡେ । ସ୍ତ୍ରୀ ଲୋକମାଏ ବିଶେଷକରି ଏହି ସମସ୍ୟାରେ ପଡିଥାନ୍ତି । ଭୋଜନାଳୟରେ ଚାମଚମାନଙ୍କ ଟୁଙ୍ଗ୍ ଟାଙ୍ଗ୍ ଶବ୍ଦ, ମୃଦୁ ସଙ୍ଗୀତର କଲ୍ଲୋଳ ତଥା ଝରକା ସେପଟରେ ନୀଳ ସମୁଦ୍ର ହିଲ୍ଲୋଳ ଭଳି ଅଶାଧାରଣ ପରିବେଶରେ, ଧଳ ପେଣ୍ଟ, ସାର୍ଟ, ଟୋପି ପିନ୍ଧା ହୋଟେଲ୍ ବୟଙ୍କ ଗହଣରେ ରାଜକୀୟ ଢଙ୍ଗରେ ବସି ଖାଇବା ନିଶ୍ଚିତ ରୂପେ ଏକ ସୌଖିନ୍ ଅନୁଭୂତି । ନିଜ ସାଥିରେ କିଛି ଶୁଖିଲା ଖାଦ୍ୟ ଦେଇଥିଲେ ସମୟ ମଜାରେ କଟିଯାଏ ।

ମଙ୍ଗଳବାରେ ଚେନ୍ନାଇ କାଉଣ୍ଟରରୁ ଟିକେଟ କିଣିବା ପରେ ଯାତ୍ରୀଜଣକ ଅଚେନ୍ନାଇ, କୋଡାଇକେନାଲ ତଥା ପଣ୍ଡିଚେରୀ ବୁଲି ଶୁକ୍ରବାର ନିର୍ଦ୍ଧାରିତ ସମୟରେ ବନ୍ଦରରେ ପହଞ୍ଚିବା ଦରକାର । ବସିଥିବା ଡାକ୍ତରଠୁ ଶାରିରୀକ ସକ୍ଷମତାର ସାର୍ଟିଫିକେଟ୍ ନେଇ ଏକ

ISSN NO.
2582-208X

ଲୌହ ସିଡି ଯୋଗେ ଜାହାଜ ଭିତରକୁ ଯିବାକୁ ପଡେ । ସେଠାରେ ଉପସ୍ଥିତିତ କର୍ମଚାରୀ ବେଡ୍ ବା କୋଠରୀକୁ ରାସ୍ତା ବତେଇଦିଅନ୍ତି । ଦିନରେ ଲୋକଙ୍କ ଅସୁବିଧାର ନପକେଇବା ପାଇଁ ଜାହାଜ ଘଣ୍ଟାରେ ଆଠ ଦଶ ଇଲୋମିଟର ବେଗରେ ଯାଏ, ରାତିରେ ସମସ୍ତେ ଶୋଇଗଲା ପରେ ଘଣ୍ଟାରେ ୩୦/୩୨ କି.ମି. ବେଗରେ ଗତି କରିଥାଏ । ସଂକ୍ରୀର୍ଣ୍ଣ ଜଳପଥ ଦେଇ କଲିକଗାରେ ଜାହାଜ ଲାଇବା ଏକ ସମୟସାପେକ୍ଷ କାର୍ଯ୍ୟ । ସିଡି ପଡୁ ପଡୁ ଏତେ ସଂଖ୍ୟାରେ କୁଲିମାନେ ଜାହାଜ ଉପରକୁ ଉଠିଯିବେ ଯେ, ଜାହାଜରୁ ତଳକୁ ଓହ୍ଲାଆଇବାକୁ ଦୁଇ ଘଣ୍ଟା ସମୟ ଲାଗିଯିବ । ଦୁର୍ଭାଗ୍ୟକୁ କୁଲି ୟୁନିୟନ୍ ଯଦି ଧର୍ମଘଟ କରି ଦେଇଥାନ୍ତି, ତେବେ ସମୟ ଆହୁରି ବଢିଯିବ ।

ମହାସମୁଦ୍ରରେ ଜ୍ୟୋସ୍ନା ବିହାର ଯେତିକି ପୁଲକମୟ, ଅପରାହ୍ନର ଅସ୍ତରାଗ ସେତିକି ରୋମାଞ୍ଚକର । ସବୁ ଦିବ୍ୟୁଷାର ଅନ୍ତେ ଆରକ୍ତ ଅରୁଣିମା ସମୁଦ୍ର ବକ୍ଷରେ ତୋଳିଧରେ ସହସ୍ର ପୁଲଝରି । କୁଙ୍କୁମ ବୋଳା ସନ୍ଧ୍ୟାର ଆକାଶରେ ନଥାନ୍ତି ପକ୍ଷୀଦଳ, କିନ୍ତୁ ଚିତ୍ରମୟ ମେଘଖଣ୍ଡକୁ ନେଇ ତୁମେ ଯାଇଛା ଯାହା କଳ୍ପନା କରିପାର । ସତଠାରୁ ଅଧିକ ଜୀବନ୍ତ ସେହି କଳ୍ପନାରେ ପଶିଆସନ୍ତି, ଘୋଟକ, ହସ୍ତୀ, ଦୁର୍ଗ, ପରୀରାଜ୍ୟ ବା ରାଜକୁମାରୀର ତରଙ୍ଗାୟିତ କୁନ୍ତଳ । ଏଠି ପୂର୍ଣ୍ଣିମୀ ରାତି ଯେତିକି ଛମ୍ ଛମ୍ ଅମାବାସ୍ୟାର ଅନ୍ଧକାର ସେତିକି ନିର୍ଦ୍ଧୁମ । ବନ୍ଧନହୀନ ପବନର ଗତି, ଗଭୀର ନିଷାର୍ଦ୍ଧରେ ତୋଳିଥାଏ ପୃଥିବୀ ଘୂର୍ଣ୍ଣନର ଶବ୍ଦ । ଘୂର୍ଣ୍ଣି ଝଡରେ ସୂସୂରୀ ଶବ୍ଦ କେବେ ପୁଣି ଲାଗେ କିମ୍ବଦନ୍ତୀର ସମୁଦ୍ର କନ୍ୟାଙ୍କ ଅବୋଧ୍ୟ ସଙ୍ଗୀତ । କୋଟୋ କୋଟି ବର୍ଷର ଗଭୀର ନୀରବତାରେ ନିଜେ ଗରୀୟାନ୍ ଏହି ସମୁଦ୍ର କେବେ ପୁଣି ଅଶାନ୍ତର ତାଣ୍ଡବ ଲୀଳାରେ ହୁଏ ଭୀମକାନ୍ତ । ଝିପିଝିପି ବର୍ଷା ସାନ୍ଦ୍ରଘନ୍ ମେଘମାଳା ଭିତରେ ବିଜୁଳି, ସତେଅବା ଘନ ବୃକ୍ଷ ଶାଖାରେ କନକଲତାର ଚମକ । ଜାହାଜରେ ପିଟି ହୋଇ ଫେରୁଥିବା ଫେନିଳ ଉର୍ମିମାଳା ଲାଗେ ଯେମିତି ଗଭୀର ଯୋଗନିଦ୍ରାରେ ଶିୟତ ସମୁଦ୍ରର ନିଶ୍ୱାସ ପ୍ରଶ୍ୱାସ । ଆଣ୍ଡାମାନଠୁ ଶହେ କିଲୋମିଟର ଦୂରରେ ଜାହାଜକୁ ଘେରି ନାଚି ଉଠତି ଡଜନ୍ ଡଜନ୍ ଡଲଫିନ୍ । ପକ୍ଷୀମୁକ୍ତ ଆକାଶରେ କେବେ କେମିତି ଉତ୍ତର ଏରୁରୁ ଦକ୍ଷିଣ ମେରୁକୁ ଅବିଶ୍ରାନ୍ତ ଉଡିଯାଉଥିବା

ISSN NO.
2582-208X

ଆର୍ଟିକ-ଜେନ୍ ପକ୍ଷୀଙ୍କୁ ଦେଖି ଆଖି ପୁଣି ତଟସ୍ଥ ହୋଇଯାଏ । କଲିକତାକୁ ଫେରିବା ବେଳେ ଦୂର ଦିଗବଳୟରେ ସୀମାନ୍ତ ପରି ଦିଶୁଥିବା ସୁନ୍ଦରବନ ଦିଶିଥାଏ । ହୁଗୁଳି ନଦୀ ବକ୍ଷରେ ଦିଶିଯାନ୍ତି ପୁଣି ହୁଲି ଡଙ୍ଗା ସବୁରେ ଶରଣାର୍ଥୀ ସାଜି ଭାରତ ଦିଗେ ସବୁଦିନ ପାଇଁ ଆସିଯାଉଥିବା ବଙ୍ଗଳାଦେଶୀ ପରିବାରବର୍ଗ, ଛେଳି, ଗାଇ, ଓ ଅଲୋଡା ଜିନିଷର ସାଉଁଟା ଗଣ୍ଠିଲିମାନ । କେଉଁ ଇଂରେଜଙ୍କ କାଳରୁ ଅପନ୍ତରା ବନଭୂଇଁରେ ମୁଣ୍ଡ ଟେକି ଠିଆ ହୋଇଥିବା ଚିମିନିମାଳା, ବିଚିତ୍ର ଦେଶ ଭାରତରେ ଆପଣଙ୍କ ସ୍ୱାଗତ କରିଥାଏ ।

ଏକଲା ବସି ନୀଳ ସମୁଦ୍ରକୁ ଚାହିଁ ବସିଲେ ଦାର୍ଶନିକ ନ ହୋଇ ରହିବା ମୁସ୍କିଲ୍, ସମୁଦ୍ରକୁ ପିଠିକରି ଲୋକଙ୍କୁ ଚାହିଁଲେ ବେରସିକ ହୋଇ ବସିବା ମୁସ୍କିଲ୍ । ସାଧାରଣ ମଣିଷ ବି ପାଲଟିଯାଏ ବାତୁଳ ଚିତ୍ରକର, ପ୍ରଗ୍ଲଭ ବକ୍ତା, ଖିଆଲି ରାଜକୁମାର ବା ନିଜ ଏକଲାପଣର ଭୁରୁଭୁରୁ ବାସ୍ନାରେ ମତୁଆଲ କସ୍ତୁରୀ ମୃଗ । ଏତେ ଫୁରସତ, ଏତେ ଏକାନ୍ତତା, ଏତେ ବଡ ଅଖଣ୍ଡ ଆକାଶ ଜୀବନରେ ଅନ୍ୟ କେବେ ବି ସମ୍ଭବ ହୁଏନା । ଏତେ ସବୁ ଜାଣିବା ପରେ ଅନ୍ତତଃ ଥରୁଟିଏ ନଯାଇ, କେମିତି ବା ଜଣେ ଜାହାଜ ଯାତ୍ରାରୁ ନିଜକୁ ବଞ୍ଚିତ କରି ରଖିବ ?

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ନିଦାଘ



ଅଧାପିକା ରୋଜାଲିନ୍ ବାରିକ୍

ବସନ୍ତର ପରେ ଆସିଛି ନିଦାଘ
କ୍ଳେଶ ଦିଏ ରବି କର ।
ଜଳର ଅଭାବ ହୁଏ ଅନୁଭୂତ
ଜୀବ ଜଗତ ଅସ୍ଥିର ।
ନିଦାଘ କାଳରେ ନିଦାଘର ଜ୍ଵାଳା
ସହି ନପାରି ଶ୍ରୀଧର ।
ଚନ୍ଦନ ଚର୍ଚ୍ଚିତ ହୋଇ ଭାବଗ୍ରାହୀ
ଚନ୍ଦନ ଯାତେ ବାହାର ।
ନରେନ୍ଦ୍ର ସରସୀ ହୁଏ ଲୋକାରଣ୍ୟ
ଦେଖି ମଦନମୋହନ ।
ସାଥେ ଶିରୀ ଦେବୀ ଭୂଦେବୀ
ଆବର ଚାପ କ୍ରୀଡ଼ାରେ ମଗନ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ସ୍ମୃତି ତୁମେ



ମୋନାଲିସା ପଣ୍ଡା

ସ୍ମୃତି ତୁମେ ହୃଦୟ କୋଣ ର
ଦଗ୍ଧ ପାଉଁଶ ର ନିଆଁ,
ସ୍ମୃତି ତୁମେ ବିତି ଯାଇଥିବା
ଅତୀତ ର ଭାବ ଛୁଆଁ ।।
ସ୍ମୃତି ତୁମେ ହୃଦ ସ୍ପନ୍ଦନ ର
ପ୍ରକମ୍ପିତ କ୍ଷୀଣ ସ୍ୱର,
ସ୍ମୃତି କେବେ ତୁମେ କଅଁଳ ଶିଶୁ ର
ନିଷ୍କପଟ ଭାବାବେଗ ।।
ସ୍ମୃତି ତୁମେ ଅଫେରା ପଥିକ
ହୋଇଅଛ ବାଟବଣା,
ସ୍ମୃତି ତୁମେ ପ୍ରତିଶୃତି ଗାର
ରଖ ବହୁ କଟକଣା ।।
ସ୍ମୃତି ତୁମେ ସଞ୍ଜ ବାରିଧି ର
ଅସ୍ତଗାମୀ ଅସ୍ତରାଗ,
ସ୍ମୃତି ତୁମେ ଲିଭି ଆସୁଥିବା

ISSN NO.
2582-208X

ଫିକା ଅଳତା ର ଦାଗ ।।
ସ୍ମୃତି ତୁମେ ତରଙ୍ଗିଣୀ ନିରେ
ହସ୍ତ ତିଆରି ନାଆଁ,
ସ୍ମୃତି ତୁମେ ବାଲ୍ୟ କାଳୁ ସାଥୀ
ଚିହ୍ନି ବି ହୁଅ ଅଜଣା ।।
ସ୍ମୃତି ତୁମେ ଶୀତ ସକାଳ ର
ଉଷ୍ମ କିରଣ ର ତାତି,
କେବେ ପୁଣି ତୁମେ କାଳ ବୈଶାଖୀର
ଶୀତଳତା ଅନୁଭୂତି ।।
ସ୍ମୃତି ତୁମେ ପୁନେଇ ରାତିର
ମିଳି ଥିବା ଆତ୍ମତୃପ୍ତି,
ସ୍ମୃତି ତୁମେ କେବେ ଅମା ଅନ୍ଧକାରେ
ନିର୍ଜନ କଳାରାତି ।।
ସ୍ମୃତି ତୁମେ ନିତ୍ୟ ପ୍ରବାହିତ
ସ୍ରୋତସ୍ୱିନୀ ର ଧାର,
ସ୍ମୃତି ତୁମେ ଅମାନିଆ ଢେଉ
ନୀଳ ସାଗରେ ଗର୍ଜନ କର ।।
ସ୍ମୃତି ତୁମେ ଅସରନ୍ତି ଖୁସି
କେବେ ଅଶ୍ରୁଧାର ହୋଇ ବୋହିଯାଅ,
ପୁଣି କେବେ ହୁଅ ମଳୟ ଫଗୁଣ
କେବେ ଗ୍ରୀଷ୍ମ ର ଝାଞ୍ଜି ଦେଇଯାଅ ।।

କୋମନା, ନୂଆପଡା

ISSN NO.
2582-208X

# ଖରା



ଭାରତୀ ମୁଦୁଲି

ଖରାରେ ଦିନ କଟେ ଭାରି କଷ୍ଟରେ
ଚାଲିବାକୁ ହୁଏ ନାହିଁ ଇଚ୍ଛା ଦିନ ଦି' ପହରେ ।
ଟିକେ ଛାଡି ଟିକେ ପାଣି ପିଉଥାଏ
ତୁହାକୁ ତୁହା ଝାଳ ବୋହୁଥାଏ ।
ତରଭୁଜ ଦେଖି ପାଟି ଶୁଖିଯାଏ
ଖାଇବା ପାଇଁ ମଝି ରାସ୍ତାରେ ଅଟକିଯାଏ ।
ଜଳଛତ୍ର କେତେ ଜାଗାରେ ଥୁଆହୁଏ
ଚାଲି ଯାଉଥିବା ମଣିଷ ପାଣି ପିଇ ହସି ଦିଏ ।
ଓଦା ଗାମୁଛା ଓ ଛତା ସାଥେ ନେବାକୁ ପଡେ
ପବନ ବୋହିଲେ ଟିକେ ଗଛ ତଳେ ବାଟୋଇ ଗଡ଼ିପଡେ ।
ଦହି, ଲେମ୍ବୁ ସରବତ ପିଇବାକୁ ଇଚ୍ଛା ହୁଏ
ଧଡପଡ ହୋଇ ଘରେ ପହଞ୍ଚି ତାକୁ ଖୋଜୁଥାଏ ।
ଘାସ କାଟେ ବୃଦ୍ଧା ଖରାରେ ରାସ୍ତା ଉପରେ
ଖରା ସହିନପାରି କଟା ଘାସକୁ ମୁଣ୍ଡରେ ପାରେ ।
ଖରାର ପ୍ରତାପ ସହି ନପାରେ ଆବାଳବୃଦ୍ଧବନିତା
ଘରୁ ନ ବାହାରିବାକୁ ବାହାନା କରେ ନ ପକାଇ ଆଖିପତା ।

ପିଏଚ.ଡ଼ି ଗବେଷିକା,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଭାଇଚାରାର ଉତ୍ସବ ଶୀତଳଷଷ୍ଠୀ



ହର ପ୍ରସାଦ ସୁଆର

ଆମ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ବର୍ଷର ନାନାସମୟରେ ମୂଳତଃ ତିନିଗୋଟି ଷଷ୍ଠୀ ପାଳନ କରିଥାଉଁ । ବେଳେବେଳେ ଚାରୋଟି ଷଷ୍ଠୀ ମଧ୍ୟ ପାଳିବାକୁ ପଡିଥାଏ । ପ୍ରଥମ ତିନୋଟି ଷଷ୍ଠୀ ଯଥାକ୍ରମେ ଶୁକ୍ଳପକ୍ଷରେ ପଡିଥାଏ । ଜ୍ୟେଷ୍ଠ ଶୁକ୍ଳପକ୍ଷ, ଭାଦ୍ରପଦ ଶୁକ୍ଳପକ୍ଷ ଏବଂ ଆଶ୍ୱିନ ଶୁକ୍ଳପକ୍ଷରେ । ଜ୍ୟେଷ୍ଠ ଶୁକ୍ଳପକ୍ଷ ଷଷ୍ଠୀ ହେଉଛି ଶୀତଳଷଷ୍ଠୀ, ଭାଦ୍ରବ ଶୁକ୍ଳଷଷ୍ଠୀ ହେଉଛି ଷଷ୍ଠୀ ଓଷା ଏବଂ ଆଶ୍ୱିନ ଶୁକ୍ଳଷଷ୍ଠୀ ହେଉଛି ଦେବୀଦୁର୍ଗାଙ୍କର ମହାଷଷ୍ଠୀ । କାହାରି ଘରେ ଯଦି କୌଣସି ସନ୍ତାନ ଜନ୍ମଲାଭକରେ ତାହାହେଲେ ଜନ୍ମହେବାର ଷଷ୍ଠ ଦିବସରେ ଷଠୀପୂଜା ବା ଷଷ୍ଠୀପୂଜା କରାହୁଏ । ଏକଥା ସଚ୍ଚି ରାଉତରାୟଙ୍କ "ଛୋଟ ମୋର ଗାଆଁଟି" କବିତାରେ ମଧ୍ୟ ଉଲ୍ଲେଖ ରହିଛି । ସନ୍ତାନର ମଙ୍ଗଳକାମନା ପୂର୍ବକ ଆମେ ଷଠୀବୁଢୀଙ୍କ ନିକଟରେ ପୂଜାକରୁ ଯାହାହେଲା ଚତୁର୍ଥ ଷଷ୍ଠୀ। ତେବେ ଏହି ଷଷ୍ଠୀ ମାସର ଯେକୌଣସି ଦିନରେ ପଡିପାରେ । ଏ କ୍ଷେତ୍ରେ କୃଷ୍ଣପକ୍ଷ ବା ଶୁକ୍ଳପକ୍ଷ ଏପରି କିଛି ଧରାବନ୍ଧା ନିୟମ ନଥାଏ । ତେବେ ଏହି ଚାରୋଟି ଷଷ୍ଠୀ ମଧ୍ୟରୁ ଶୀତଳଷଷ୍ଠୀର ବିଶେଷ ମହତ୍ୱ ରହିଛି । ଏହି ଦିନଟି ସାରା ଓଡିଶାରେ କାହିଁ କେଉଁ ଯୁଗରୁ ପାଳନ ହୋଇଆସୁଛି । ଜ୍ୟେଷ୍ଠ ମାସର ଷଷ୍ଠ ଦିବସରେ ପାଳନ କରାଯାଉଥିବା ହେତୁ ଏହାକୁ ଜ୍ୟେଷ୍ଠ ଶୁକ୍ଳଷଷ୍ଠୀ ବୋଲି ମଧ୍ୟ କୁହାଯାଏ । ଜ୍ୟେଷ୍ଠା ନକ୍ଷତ୍ରରୁ ଏହାର ଉତ୍ପତ୍ତି । ଆଜକୁ ପ୍ରାୟ ସାଢେ ଚାରିଶହବର୍ଷ ପୂର୍ବେ କିଛି ଉତ୍କଳୀୟ ବ୍ରାହ୍ମଣ ଏବଂ ଆରଣ୍ୟକ ବ୍ରାହ୍ମଣମାନେ ଏହି ଶୀତଳଷଷ୍ଠୀ ପୂଜାର ଶୁଭାରମ୍ଭ କରିଥିଲେ ।

ISSN NO.
2582-208X

ପଶ୍ଚିମ ଓଡିଶାର ଚୌହାନ ବଂଶୀୟ ରାଜା ବଳଭଦ୍ର ଦେବଙ୍କ ଅମଳରୁ ଶୀତଳଷଷ୍ଠୀର ସୂଚନା ହୋଇଥିଲା । ସେ ଥିଲେ ଜଣେ ଶୈବ ଉପାସକ । ପ୍ରତିଦିନ ମାଳତୀଜୋରକୁ ଯାଇ ସେଠାରେ ମାନ୍ଧାତା ବାବାଙ୍କ ଦର୍ଶନସାରି ଫେରୁଥିଲେ । ଦିନକର ଘଟଣା । ମାଳତୀଜୋରରେ ବଢି ଆସିବା ଯୋଗୁଁ ରାଜା ଶିବଙ୍କ ଦର୍ଶନ କରିପାରିନଥିଲେ । ରାଜାଥିଲେ ଶିବଙ୍କର ଜଣେ ବଡ ଭକ୍ତ । ଦିନେ, ରାତ୍ର ସମୟରେ ଭଗବାନ ଶିବ, ରାଜାଙ୍କୁ ସ୍ୱପ୍ନରେ କହିଲେ ଯେ ସେ ମହାନଦୀ କଡରେ ଉଭା ହୋଇସାରିଛନ୍ତି । ଏଣୁ ସେ ସେଠାରେ ରହି ପୂଜାପାଇବେ । ତା'ପରଦିନ ରାଜା ସେଠାକୁ ଯାଇ ଦେଖିଲେ ଯେ ସତକୁ ସତ ସେଠାରେ ବାବା ଶିବଲିଙ୍ଗ ରୂପେ ଉଭାହୋଇଛନ୍ତି । ଫଳରେ ରାଜା ସେଠାରେ ମନ୍ଦିର ପ୍ରତିଷ୍ଠାକରି ପୂଜା କରିବାକୁଲାଗିଲେ । ଯାହାକି ବର୍ତ୍ତମାନ ବାଲିବନ୍ଧାର ସୋମନାଥ ମନ୍ଦିର ନାମରେ ଖ୍ୟାତ । ସେଠାରୁ ହିଁ ଶୀତଳଷଷ୍ଠୀ ଯାତ୍ରାର ଆରମ୍ଭ । ଏହାର କିଛିବର୍ଷ ପରେ ରାଜା ଜୟସିଂହଙ୍କ ପୂଜାରୀ ଦିବ୍ୟସିଂହ ମିଶ୍ର ନନ୍ଦପଡା ଅଞ୍ଚଳରେ ବାଲୁଙ୍କେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା କରିବାରୁ ସେଠାରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ ହୋଇଥିଲା । ତା'ର ପରବର୍ତ୍ତୀ ସମୟରେ ଝାଡୁଆପଡା ଅଞ୍ଚଳରେ ଗୋକୁଳାନନ୍ଦ ବେହେରା ଶୀତଳଷଷ୍ଠୀ ପୂଜାର ପ୍ରଚଳନ କଲେ । ତେବେ ଐତିହାସିକଙ୍କ ମତହେଲା ୧୭୭୭ ମସିହାରେ ସମ୍ବଲପୁରର ମହାରାଜ ବଳିୟାର ସିଂହଦେବ ପୁରୀ ଯାତ୍ରାରୁ ଫେରିବା ସମୟରେ ସେଠାରୁ କିଛି ପୁରୁଣା ଉତ୍କଳୀୟ ବ୍ରାହ୍ମଣଙ୍କୁ ନେଇଆସିଥିଲେ । କାଳକ୍ରମେ ସେମାନେ ସମ୍ବଲପୁରରେ ସ୍ଥାୟୀଭାବେ ବସବାସ କରିବାକୁ ଲାଗିଲେ । ବାସ୍ତବରେ ସେମାନେ ଶିବ ଉପାସକ ଥିଲେ । ପରେ ୧୭୭୮ ଖ୍ରୀଷ୍ଟାବ୍ଦରେ ମହାନଦୀ କଡରେଥିବା ବାଲିବନ୍ଧାର ସୋମନାଥ ବାବାଙ୍କର ମନ୍ଦିରରେ ସର୍ବପ୍ରଥମେ ଶିବପାର୍ବତୀଙ୍କର ବାହାଘରର ଆୟୋଜନ କରିଥିଲେ । ତତପଶ୍ଚାତ୍ ନନ୍ଦପଡାରେ ବାବା ବାଲୁଙ୍କେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ସେଠାରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହେଲା । ପରେ ସମ୍ବଲପୁରର ବିପିନପଡାଠାରେ ଶିବ ମନ୍ଦିର ପ୍ରତିଷ୍ଠାକରି ସେଠାରେ ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଏହି ଯାତ୍ରା ଆଖପାଖ ଅଞ୍ଚଳସହ ଅନ୍ୟାନ୍ୟ ଶୈବପୀଠଗୁଡିକୁ ବ୍ୟାପିବାରେ ଲାଗିଲା ।

ଯେଉଁ ସମୟରେ ଶୀତଳଷଷ୍ଠୀର ଆୟୋଜନ ହୁଏ, ସେହି ସମୟରେ ପ୍ରବଳ ଖରାହୁଏ । ଉତ୍ତାପର ସମୟ ହୋଇ ସୁଦ୍ଧା ଦିବସଟିର ନାମ ଶୀତଳଷଷ୍ଠୀ ଯାହା ହେଉଛି ଭାରତୀୟ ଦର୍ଶନର ବିଡମ୍ବନା । ଚନ୍ଦ୍ରଶେଖରଙ୍କର ବାହାଘର । ତା'ଙ୍କ ମସ୍ତକରେ ଚନ୍ଦ୍ର ଥିବାହେତୁ

ISSN NO.
2582-208X

ଶୀତଳ । ଶୁକ୍ଳପକ୍ଷ ହୋଇଥିବାରୁ ଶୀତଳ ହେବାର ଅନ୍ୟତମ କାରଣ । ସେ ସର୍ବଦା ଜଳଧାରା ପ୍ରିୟ ରୁଦ୍ର । ଏଣୁ ଶୀତଳ । ଶାନ୍ତପ୍ରିୟ ଯୋଗୁଁ ଶୀତଳ । ତା'ଙ୍କ ଯାତ୍ରାରେ ଶୀତଳତା ହିଁ ଆସିଥାଏ । ପାର୍ବତୀଙ୍କର ତପସ୍ୟାଦ୍ୱାରା ଶୀତଳତା ଅନୁଭବ କଲେ । ପାର୍ବତୀଙ୍କ ସହ ପାଣିଗ୍ରହଣ ପରେ ପୁଣି ଶୀତଳ ହୋଇଗଲେ । ଚନ୍ଦ୍ରଶେଖରଙ୍କ ବିବାହ ଯୋଗୁଁ ଦେବତାମାନେ ମଧ୍ୟ ଶୀତଳତା ଅନୁଭବ କଲେ । ଶିବ ତାଙ୍କ ପ୍ରଥମ ସ୍ତ୍ରୀ ଦକ୍ଷକନ୍ୟା ସତୀଙ୍କୁ ପରିତ୍ୟାଗ କଲେ । ପରେ ସତୀଙ୍କର ସ୍ୱର୍ଗବାସ ହେଲା । ଏଣେ ଶିବଙ୍କ କ୍ରୋଧକୁ କେହିହେଲେ ସମ୍ବରଣ କରିପାରିଲେ ନାହିଁ । କ୍ରୋଧରେ ଥାଇ ସୁଦ୍ଧା ଶିବ ତପସ୍ୟା ଆରମ୍ଭ କରିଦେଲେ । ପ୍ରଭୁଙ୍କର ତପସ୍ୟା ଭଙ୍ଗ କରିବାକୁ ଯାଇ ଶିବଙ୍କ କୋପାନଳରେ ସ୍ୱୟଂ କାମଦେବ ଦହନ ହେଲେ । ଦେବତାମାନେ ଅନୁଭବ କଲେ, ଶିବଙ୍କ ସନ୍ତାନ ଦ୍ୱାରା ହିଁ ତାରକାସୁରର ମୃତ୍ୟୁ ସମ୍ଭବ । ସମସ୍ତ ଦେବଦେବୀଙ୍କ ମନର ଉତ୍ତପ୍ତତାକୁ ବିନାଶ କରିବା ନିମନ୍ତେ ଶିବଙ୍କ ସନ୍ତାନ ହିଁ ତାରକାସୁରକୁ ମାରିପାରିବେ । କାରଣ ଜ୍ୟେଷ୍ଠର ଉତ୍ତାପଠାରୁ ମଧ୍ୟ ତାରକାସୁର ବେଶୀ ଉତ୍ତପ୍ତ । ଏଣୁ ତା'ର ନିଧନ ପ୍ରୟୋଜନ। ଏହି କାରଣରୁ ଶିବ ଓ ଶକ୍ତିଙ୍କର ମିଳନ ଅର୍ଥାତ୍ ପ୍ରକୃତି ଓ ପୁରୁଷଙ୍କ ମିଳନକୁ ଦିବ୍ୟ ଦର୍ଶନ ବୋଲି କୁହାଯାଏ । ଇତିମଧ୍ୟରେ ମହାଶକ୍ତି, ହିମାଳୟ କନ୍ୟା ରୂପେ ଜନ୍ମଗ୍ରହଣ କରିସାରିଥିଲେ । ଏଣୁ ଶିବଙ୍କୁ ଆସକ୍ତି କରିବାପାଇଁ ଏବଂ ବର ରୂପେ ପାଇବା ପାଇଁ ମାତା ପାର୍ବତୀ କଠୋର ତପସ୍ୟା ଆରମ୍ଭ କରିଦେଲେ । ଶିବଙ୍କ ବିବାହ ଆବଶ୍ୟକ । ଶିବଙ୍କ ବିନା ସହଯୋଗରେ ଦିବ୍ୟମିଳନ ସମ୍ଭବପର ନୁହଁ । ଜଗନ୍ନାଥଙ୍କ ଆଦ୍ୟ ଯାତ୍ରା ହେଉଛି ପ୍ରାବରଣ ଷଷ୍ଠୀ । ଏହି ଷଷ୍ଠୀର ଠିକ୍ ଛ'ମାସ ପରେ ଅର୍ଥାତ୍ ସପ୍ତମ ମାସରେ ଶିବ ତାଙ୍କ ଶ୍ୱଶୁର ଘରୁ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ପ୍ରତ୍ୟାବର୍ତ୍ତନ ଦିବସ ହିଁ ଶୀତଳ ଷଷ୍ଠୀର ପ୍ରତୀକ । ପ୍ରଭୁଙ୍କର ଦିବ୍ୟମିଳନ ଉତ୍ସବ । ଶିବ ହେଉଛନ୍ତି ସଂହାରକର୍ତ୍ତା । ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀରେ ଶିବ ଓ ପାର୍ବତୀଙ୍କର ବିବାହ ସମ୍ପନ୍ନ ହୁଏ ।

ଏହି ଦିନଟିକୁ ନିଜନିଜ ସ୍ମୃତିପଟରେ ଧରି ରଖିବାପାଇଁ ଏବଂ ଆଧ୍ୟାତ୍ମିକ ବ୍ରତ ଓ ଓଷା ପାଳନ କରିବା ନିମନ୍ତେ ଶିବ ପାର୍ବତୀଙ୍କ ବିବାହ ଏବଂ ଶୀତଳ ଷଷ୍ଠୀର ଆୟୋଜନ କରାହୁଏ । ଶିବ-ପାର୍ବତୀ, ଅଲୌକିକରୁ ଲୌକିକକୁ ଆସି ବିବାହ କରନ୍ତି ସଂପୂର୍ଣ୍ଣ ହିନ୍ଦୁ ରୀତିରେ । ଦେବ-ଦମ୍ପତିଙ୍କର ଆଦ୍ୟ କାର୍ଯ୍ୟକ୍ରମ କଳସପୂଜା କରି ଥାଳଉଠା ପର୍ବ ହୁଏ । ଶାସ୍ତ୍ରୀୟ ମତେ ବାସୁଦେବ ପଦ୍ଧତିରେ ଆରଣ୍ୟକ ଶୀତଳ ଷଷ୍ଠୀର କାର୍ଯ୍ୟକ୍ରମ ହୁଏ ।

ISSN NO.
2582-208X

ଭଗବାନ ହନୁମାନ ଓ ନୃସିଂହ, ସମସ୍ତ ଦେବଦେବୀଙ୍କୁ ଗୁଆଦେଇ ଶିବ-ପାର୍ବତୀଙ୍କର ବିବାହ ଉପଲକ୍ଷେ ନିମନ୍ତ୍ରଣ କରନ୍ତି । ହିନ୍ଦୁ ପରମ୍ପରା ଅନୁଯାୟୀ ବାହାହେବା ନିମନ୍ତେ ଶିବ ବର ବେଶରେ ପାର୍ବତୀଙ୍କ ଘରକୁ ଆସନ୍ତି । ପୂର୍ବରୁ ପାର୍ବତୀ ରୂପୀ କନ୍ୟା ଏବଂ ଶିବ ରୂପୀ ବରଙ୍କୁ ଚୟନ କରାଯାଇଥାଏ । ଫଳରେ ପାଞ୍ଜି ମତରେ ଶୁଭ ଲଗ୍ନରେ ଶିବ ପାର୍ବତୀଙ୍କର ବିବାହ ମହା ଆଡମ୍ବରରେ ପାଳନ କରାଯାଇଥାଏ । ବିବାହ ପରଦିନ ପ୍ରତ୍ୟାବର୍ତ୍ତନ ଉତ୍ସବ ଅବସରରେ ବାହାରୁଥିବା ପଟୁଆରରେ ଅନ୍ୟାନ୍ୟ ଦେବଦେବୀ ମଧ୍ୟ ଉପସ୍ଥିତ ରହନ୍ତି । ସେମାନଙ୍କ ସ୍ୱ ସ୍ୱ ସ୍ଥାନରୁ ଶୋଭାଯାତ୍ରାକୁ ଅଣାହୁଏ । ବାହାର ରାଜ୍ୟରୁ ଏବଂ ଅନେକ ଦୂର ଦୂରାନ୍ତରୁ ଏହି ଯାତ୍ରାର ଆଧ୍ୟାତ୍ମିକ ଆନନ୍ଦ ପାଇବାପାଇଁ ଲକ୍ଷଲକ୍ଷ ସଂଖ୍ୟାରେ ଲୋକ ଆସି ସମବେତ ହୁଅନ୍ତି । ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ସହ ଯାତ୍ରାର ମଜା ନିଅନ୍ତି । ଶୀତଳଷଷ୍ଠୀର ପରମାର୍ଥିକ ଦର୍ଶନ ପ୍ରକୃତରେ ଭକ୍ତଙ୍କ ମନକୁ ଆକର୍ଷଣ କରେ । ଗ୍ରୀଷ୍ମରେ ସୂର୍ଯ୍ୟ ଦେବତାଙ୍କ ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷାପାଇବା ନିମନ୍ତେ ବର୍ଷା ଦେବୀଙ୍କୁ ସ୍ୱାଗତ ଜଣାଇବା ଏବଂ ବର୍ଷା ଋତୁର  ଆଗମନ ହେବା ଉଦ୍ଦେଶ୍ୟରେ ଏହି ଷଷ୍ଠୀବ୍ରତ ପାଳନ କରାଯାଇଥାଏ ।  ତେବେ ଶୀତଳ ଷଷ୍ଠୀ ପାଳନର ଉତ୍ସବ କେବଳ ପଶ୍ଚିମ ଓଡିଶାର ଜିଲ୍ଲା ଗୁଡିକରେ ସୀମିତ ହୋଇ ରହିନାହିଁ । ଶୀତଳ ଷଷ୍ଠୀ ସାରା ଓଡିଶାରେ ପାଳନ ହୁଏ । ଷଡରିପୁକୁ ଦମନ କରିବା ନିମନ୍ତେ ମାତା ପାର୍ବତୀ ଛ'ଟି ଶିକ୍ଷା ଦେଇଥିଲେ । କାହାପ୍ରତି ଅସୂୟା, କାମନା, ବାସନା, ଦୁର୍ବାସନା, ଈର୍ଷାକୁ ବର୍ଜନ କରିବା ଏବଂ ସତୀଙ୍କ ଭଳି ଆଚରଣ କରିବା ନାହିଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା, ଭଗବତ୍  ପ୍ରେମୀ ହେବା ଓ ହରିପ୍ରେମୀ ହୋଇ ହରିଙ୍କ ଦର୍ଶନଲାଭ କରିବା ଇତ୍ୟାଦି । ପଶ୍ଚିମ ଓଡିଶାର ବିଶ୍ୱ ପ୍ରସିଦ୍ଧ ଏହି ଶୀତଳଷଷ୍ଠୀ ଯାତ୍ରା ସର୍ବୋପରି ଭାଇଚାରା ଏବଂ ସଦ୍ଭାବନାର ଏକ ନିଆରା ଉତ୍ସବ ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି/ମୋ - ୭୫୦୧୬୫୨୪୨୮

ISSN NO.
2582-208X

# ଆଡପ ମଣ୍ଡପ

# ଶିକ୍ଷା



ତ୍ରିପତି ପ୍ରଧାନ

ଆଡପ ମଣ୍ଡପେ କାଳିଆ
ଘେନି ଭଉଣୀ ଭାଇ
ଗୁଣ୍ଡିଚା ମା ହାତ ପରଷା
ଭୁଞ୍ଜ ଆନନ୍ଦ ହୋଇ (1)
ଜନମ ବେଦୀରେ ବସିଣ
ତୁମ ଜନ୍ମ ବୃତାନ୍ତ
ପିତା,ମାତା ତ୍ୟାଗ କଥାକୁ
ହେଜ ଜଗତନାଥ (2)
ମାଆ ସିନା ଜାଣେ ସତତ
ପୁତ୍ର, ସନ୍ତତୀ ଚିତ୍ତ
ବଡ଼ ହୋଇ ଭୁଲି ଯାଆନି
ଶିକ୍ଷା ଦିଅ ସାଆନ୍ତ (3)
ନାନା (ବାପା ), ବୋଉ ଚାହୁଁ ନାହାଁନ୍ତି
ପୁତ୍ର ଧନ ଦରବ
ପାଖେ ବସି ଟିକେ ଗପିଲେ
ତାଙ୍କୁ ଲଗାଇ ସ୍ୱର୍ଗ (4)
ଦେବ ହୋଇ ନର ଚଳଣି
ଗୃହ କର୍ତ୍ତବ୍ୟ କର୍ମ

ISSN NO.
2582-208X

କରି ତୁ ବତାଉ ଜନଙ୍କୁ
କର ଶ୍ରେଷ୍ଠ କରମ (5)
ଜନ୍ମଦାତା, ଦାତ୍ରୀ, ଭୂମିତ
ବର ବୈକୁଣ୍ଠପୁର
ପୁତ୍ର ଧର୍ମ ପାଳି ସଭିଏଁ
ସେବ ସେହି ପୟର (6)
କି ଲୀଳା ରଚିଛୁ ଗୋସାଇଁ
ଦେବେଟି ଅଗୋଚର
ମୁଁ ପାମର କାହୁଁ ଜାଣିବି
ବୁଦ୍ଧ କାହିଁ ମୋହର (7)
ଶୁଣିଛି ସାଧୁଙ୍କ ମୁଖରୁ
ତୁମ ନାମକୁ ଜପି
ଦସ୍ୟୁ, ନର, ଦୈତ, ବାନର
ଲଭି ଅଛନ୍ତି ତପୀ (୫)
ଦେବଙ୍କୁ ଦୁର୍ଲଭ ତୋ ରୂପ
ନେତ୍ରେ ଯିଏ ଦେଖିଛି
ତରିଛି ଜନମ ଚକ୍ରରୁ
ଶାସ୍ତ୍ରେ ରଚି ରହିଛି (୨)
ପଶୁଛି ଶରଣ କୃପାଳୁ
କୃପା ବାରି ବରଷି
ଇହଧାମ ତ୍ୟାଗ କାଳରେ
ତୁଣ୍ଡେ ଥିବଟି ବସି (10)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# କୋହିନୂର ହୀରା



ଅକ୍ଷୟ ମହାନ୍ତ (କର୍ମାଲ୍ୟ)

ପଞ୍ଜାବର ରାଜା
ରଣଜିତ ସିଂହ
ପୁରୀ ଧାମ ଆସିଥିଲେ
ଜଗା କାଳିଆ ଓ
ସୁଭଦ୍ରାଂକୁ ଦେଖି
ବିହ୍ୱଳିତ ହୋଇଗଲେ ।

ବଟବୃକ୍ଷେ ବାନ୍ଧି
ମାନସିକ ସୂତ୍ର
ବୃକ୍ଷ ମୂଳେ ବସିଥିଲେ
କୋହିନୂର ହୀରା
ଉପହାର ଦେବେ
କହି ସିଏ ଦେଇଥିଲେ ।

ଆଉ ଥରେ ଯେବେ
ପୁରୀକୁ ଆସିବେ
ହୀରାକୁ ଆଣିବେ ସାଥେ
ଶପଥ ପତ୍ରଟେ
ସେହିଠାରେ ସିଏ
ଲେଖି ଦେଇଥିଲେ ହାତେ ।

ଆନ୍ଧ୍ରର ଖଣିରୁ
ଏହି ହୀରା ଦିନେ
ଉତ୍ତୋଳିତ ହୋଇଥିଲା
ବହୁ ଜୟ ଆଉ
ପରାଜୟ ପରେ
ପଞ୍ଜାବକୁ ଆସିଥିଲା ।

ଦୁର୍ଭାଗ୍ୟ ବଶତଃ
ଫିରିଙ୍ଗି ଶାସନ
ଭାରତକୁ ଗ୍ରାସି ଗଲା
କୋହିନୂର ହୀରା
ପଞ୍ଜାବ ରାଜ୍ୟରୁ
ଇଂଲଣ୍ଡକୁ ଚାଲିଗଲା ।

ISSN NO.
2582-208X

ସେ ହୀରାର ନାମ
ଡାଇମଣ୍ଡ ହେଲା
ମୁକୁଟେ ଖଚିତ ହେଲା
ରାଣୀଂକ ମୁକୁଟେ
ସେହି ଡାଇମଣ୍ଡ
ଶୋଭା ହିଁ ବର୍ଦ୍ଧନ କଲା ।

ଯେଉଁ ଡାଇମଣ୍ଡ
କାଳିଆ ମଥାରେ
ଦାଉ ଦାଉ ଜଳୁଥାନ୍ତା
ଇଂଲଣ୍ଡ ରାଣୀଂକ
ଶୋଭା ବଢାଇଲା
ଶୁଣିଲେ ଲାଗୁଛି ବ୍ୟଥା ।

ଏଲିଜାବେଥ୍ ତ
ବିଦାୟ ନେଲେଣି
ମୁକୁଟ ତାଂକର ଅଛି
ସେହି ମୁକୁଟରେ
କୋହିନୂର ହୀରା
ଦାଉ ଦାଉ ଜଳୁଅଛି ।

ତାଂକ ପୁତ୍ର ଆଜି
ଗାଦିରେ ଆସୀନ
ଚାର୍ଲସ ତାଙ୍କର ନାଆଁ
ଚାଳିଶ ବରଷ
ତଳେ ଆସିଥିଲେ
ଆମ ହରିପୁର ଗାଆଁ ।

ଓଡିଶା ମାଟିକୁ
ଭଲ ପାଉଥିଲେ
ଆସିଥିଲେ ସିଏ ପୁରୀ
କୋହିନୂର ହୀରା
ଫେରାଇବେ କି ସେ ?
ଆସିବ ପୁଣି ସେ ଘୁରି ।

ମୋ ନଂ 9937462507

ISSN NO.
2582-208X

# ମୁସ୍କାନ୍



ରାଧାମୋହନ ପୂଜାହାରୀ

ସେମାନେ ମୋତେ ହାତ ହଲେଇ ବିଦାୟ ଦେଉଥିଲେ । କାହିଁକି କେଜାଣି ମୋର ମନେ ହେଲା, ଯେମିତି ଭଗବାନଙ୍କ ନିଷ୍ଠୁର ସୃଷ୍ଟିର ଦୁଇଟି ଅଭିଶପ୍ତ ମଣିଷ ପିତୁଳା ଶେଷଥର ପାଇଁ ଆକାଶକୁ ହାତ ତୋଳି ବିଦାୟ ମାଗୁଛନ୍ତି । ତାଙ୍କଠାରୁ ଯଥାଶୀଘ୍ର ବିଦାୟ ନେଇ ଅଟୋ ଭଡ଼ା କରି ମୁଁ ଚାଲିଗଲି ମୋର ଗନ୍ତବ୍ୟ ସ୍ଥଳକୁ । ସେହିଦିନ ଭୁବନେଶ୍ୱର ରେ ମୋର ଗୋଟିଏ ସାକ୍ଷାତ୍କାର ଥିଲା, ସେଥିରେ ଉତ୍ତୀର୍ଣ୍ଣ ହେଲେ ଭୁବନେଶ୍ୱର ରେ ପାଠ ପଢିବାର ସୁଯୋଗ ମିଳିବ । ବଲାଙ୍ଗୀର ରୁ ଆସି ଭୁବନେଶ୍ୱର ରେ ହଷ୍ଟେଲ୍ ରେ ରହି ପାଠ ପଢିବାର ଗୋଟେ ନୂଆ ଆଶା ନେଇ ନିଜକୁ ମୁଁ ପ୍ରସ୍ତୁତ କଲି ସେଦିନର ସେ ସାକ୍ଷାତ୍କାର ପାଇଁ ।

୨୦୦୭ ମସିହା ଫେବୃୟାରୀ ୫ ତାରିଖ । ମୁଁ ସେତେବେଳେ ବଲାଙ୍ଗୀର ସ୍ଥିତ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ୍ ର ପିଜି ହଷ୍ଟେଲ୍ ରେ ରହୁଥାଏ । ସେଦିନ ସଂଧ୍ୟାରେ ହଠାତ୍ ପ୍ରବଳ ବର୍ଷା ହେଲା, ଯାହା ଥମିବାର ନାଁ ନେଉ ନ ଥାଏ । ଧିରେ-ଧିରେ ବର୍ଷା ପ୍ରବଳରୁ ପ୍ରବଳତର ହେବାକୁ ଲାଗିଲା । ବର୍ଷା-ଘଡ଼ଘଡ଼ି-ବିଜୁଳି ସାଙ୍ଗକୁ ବେଙ୍ଗରଡ଼ି ମନରେ ଏକ ଅଜଣା ଭୟ ସୃଷ୍ଟି କରୁଥାଏ । ସେତେବେଳେ ହଷ୍ଟେଲ୍ ରେ ବିଜୁଳି ନ ଥାଏ । ଚତୁର୍ଦ୍ଦିଗ ଅନ୍ଧକାର ଦେଖାଯାଉଥାଏ । ହଷ୍ଟେଲ୍ ର ଅନ୍ୟ ଅନ୍ତେବାସୀମାନେ ନିଜ ନିଜ କୋଠରୀରେ ବେଡ୍ ଉପରେ ପ୍ରାୟତଃ ନିଦ୍ରା ଅପେକ୍ଷାରେ । ମୋ ଆଖିରେ କିନ୍ତୁ ନିଦ ନ ଥାଏ, କାହିଁକି ନା ପାଠପଢ଼ା ପାଇଁ ଅଧିକ ରାତି ଯାଏଁ ଚେଇଁବା ମୋର ନିତିଦିନିଆ ଅଭ୍ୟାସରେ ପରିଣତ ହୋଇସାରିଥିଲା । ତଥାପି ମଧ୍ୟ ଓଦାଳିଆ ପାଗ ଯୋଗୁଁ ମୁଁ ବାଧ୍ୟ ହୋଇ ବେଡ୍ ଉପରେ

ISSN NO.
2582-208X

ଟିକେ ହାଲୁକା ବିଶ୍ରାମ ନେଉଥିଲି । ମୋ ଆଖିରେ ନିଦ ପରିବର୍ତ୍ତେ ଥିଲା କିଛି ସାଉଁଟା ସ୍ମୃତି । ମୁସ୍କାନ୍ ର ସେହି ରଙ୍ଗ, ସେହି ରୂପ, ସେହି ଆଖି, ସେହି ହସ..... ସେ ସବୁ ବାରମ୍ବାର ସତେ ଯେମିତି ମୋ ଆଖି ସାମ୍ନାରେ ନାଚି ଉଠୁଥିଲା । ତା' ଠାରୁ ଅଲଗା ହେବା ପ୍ରକୃତରେ ମୋ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା ।

ସମୟ ରାତି ପାଖାପାଖି ଅଢ଼େଇ ଟା । ହଠାତ୍ ମୋତେ ଏମିତି ଲାଗିଲା ସତେ ଯେମିତି କେହି ଜଣେ ମୋ କବାଟରେ ଠକ୍-ଠକ୍ ଶବ୍ଦ କରୁଛି । ସେହି ଶବ୍ଦ ଶୁଣିଲା ପରେ ମଧ୍ୟ ମୁଁ ନ ଶୁଣିଲା ଭଳି ମୋ ବେଡ୍ ଉପରେ ପଡ଼ି ରହିଲି । ଥରେ ନୁହେଁ, ଦୁଇଥର ନୁହେଁ ବରଂ ବାରମ୍ବାର ସେହି ଠକ୍-ଠକ୍ ଶବ୍ଦ ଅଧିକରୁ ଅଧିକ କ୍ଷିପ୍ରତର ହେବାକୁ ଲାଗିଲା । ଭାବିଲି, ଏତେ ରାତିରେ କିଏ ହେଇପାରେ ? ମହମବତୀ ଟା ଜଳାଇଲା ପରେ କୋଠରୀଟି ଟିକିଏ ଆଲୋକିତ ହେଲା । ମୋ ମନରେ ଭୟ ଥିଲା । ତଥାପି ମଧ୍ୟ ସାହସ ଜୁଟାଇ ମୁଁ କବାଟଟିକୁ ଖୋଲିଦେଲି । ଦେଖିଲି ଜଣେ ତରୁଣୀ ଛିଡ଼ା ହୋଇଛି- ବର୍ଷାଭିଜା ଶରୀର, ମୁକୁଳା କେଶ, ଧଳା ରଙ୍ଗର ସାଲୱାର୍, ଲାଲ୍-ଲାଲ୍ ଆଖି । ତା'କୁ ଦେଖିଦେଲା କ୍ଷଣି ମୋ ଶରୀରଟା ସମ୍ପୂର୍ଣ୍ଣ ରୂପେ ଝାଳରେ ଓଦା ହୋଇ ସାରିଥିଲା । ମୁଁ ଭାବିଲି, ଏତେ ରାତିରେ ପୁଅଙ୍କ ହଷ୍ଟେଲ୍ ରେ ଜଣେ ତରୁଣୀ ! ସେ ପୁଣି ଏକୁଟିଆ ! କେମିତି ? ସେ ପୁଣି ମୁଖ୍ୟ ଦ୍ୱାରରେ ତାଲା ପଡ଼ି ସାରିଛି । ମୁଁ ଆହୁରି ଡରିଗଲି । ତା'କୁ ମୁଁ କିଛି ପଚାରିବା ପୂର୍ବରୁ ସେ ମୋତେ ପ୍ରଶ୍ନ କଲା - "କ'ଣ, ଭିତରକୁ ଆସିବାକୁ କହିବନି ?"

ମୋ ପାଖରେ ତା' ପ୍ରଶ୍ନର କୌଣସି ଉତ୍ତର ନ ଥିଲା । ଭୟରେ ମୁଁ ନିଜେ ମଧ୍ୟ ବୁଝିପାରୁ ନ ଥିଲି, ମୁଁ ତା'କୁ ଭିତରକୁ ଡାକିବି ନା ନିଜେ ବାହାରକୁ ପଳେଇବି । ହଠାତ୍ ଆକାଶରେ ବିଜୁଳି ଚମକିଲା । ସେ ବିଜୁଳିର କ୍ଷଣିକ ଆଲୁଅରେ ତା' ଚେହେରାଟା ମୋତେ ଅସ୍ପଷ୍ଟ ସତ, କିନ୍ତୁ କିଞ୍ଚିତ୍ ଚିହ୍ନା ଚିହ୍ନା ଲାଗିଲା । ମୁଁ ଅନୁଭବ କଲି, ତା'କୁ ମୁଁ ବୋଧ ହୁଏ ପୂର୍ବରୁ କେଉଁଠି ଦେଖିଛି । ମୁଁ ତା'କୁ ତା'ର ନାମ ପଚାରିବା ପୂର୍ବରୁ ସେ ନିଜେ ମୋତେ କହିଦେଲା -

"ମୁଁ ହିଁ ତୁମର ମୁସ୍କାନ୍ ।"

ISSN NO.
2582-208X

ଭାବିବା ପାଇଁ ମୋ ପାଖରେ ସମୟ ନ ଥିଲା । ଶୋଷରେ ମୋ ତଣ୍ଟି ଶୁଖି ଯାଉଥିଲା । ମୋତେ ଭୟଭୀତ ହେବା ଦେଖି ସେ କହିଲା -

"ତୁମେ ଭୟ କରୁଛ କାହିଁକି ? ଆମର ପ୍ରଥମ ଦେଖାରେ ମୁଁ ତୁମକୁ କିଛି ପ୍ରଶ୍ନ କରିଥିଲି । ବାସ୍, ମୁଁ ତା'ର ଉତ୍ତର ଜାଣିବା ପାଇଁ ଆସିଛି ।"

ସେ ମୋତେ ପୁନର୍ବାର ପ୍ରଶ୍ନ କଲା -"କ'ଣ ତୁମେ ବି ମୋତେ ଭଲ ପାଅ ?"

ତା' ପ୍ରଶ୍ନର ଉତ୍ତର ମୋ ପାଖରେ ନ ଥିଲା । ମୋର ଆଶ୍ଚର୍ଯ୍ୟ ର ସୀମା ରହିଲା ନାହିଁ । ସେ ସେହି ଗୋଟିଏ ପ୍ରଶ୍ନ ମୋତେ ବାରମ୍ବାର ପଚାରିବାକୁ ଲାଗିଲା । ମୁଁ କୌଣସି ପ୍ରକାରେ ତା'ର ପ୍ରଶ୍ନକୁ ଏଡ଼ାଇବାକୁ ଚେଷ୍ଟା କଲି, କିନ୍ତୁ ସମ୍ପୂର୍ଣ୍ଣ ଅସଫଳ ହେଲି । ସେ ମୋତେ ପୁଣି କହିଲା - "ତୁମ କୋଠରୀରେ ତ ବିଜୁଳି ନାହିଁ । ବର୍ଷା ବି ଥମିଗଲାଣି । ଚାଲ, ଆମେ ଦୁହେଁ ଛାତ ଉପରେ ବସି ନିରୋଳାରେ ଟିକେ କଥା ହେବା ।"

ନ ଚାହିଁବା ସତ୍ତ୍ୱେ ମଧ୍ୟ ମୋତେ ତା' ସହିତ ଉପରକୁ ଯିବାକୁ ପଡ଼ିଲା । ସେ ଆଗେ ଆଗେ ଚାଲିଥିଲା ଆଉ ମୁଁ ତା' ପଛେପଛେ । ଦୁହେଁ ଧିରେ-ଧିରେ ଛାତ ଉପରକୁ ଉଠୁଥିଲୁ । ଠିକ୍ ସେତେବେଳେ ହଠାତ୍ ମୋର ଜଣେ ସାଙ୍ଗ, ମହେଶ ଟୟଲେଟ୍ ରୁ ବାହାରୁଥିଲା ଓ ମୋତେ ଧିରେ-ଧିରେ ଉପରକୁ ଯାଉଥିବାର ଦେଖିଦେଲା । ମୋତେ ଦେଖି ମୋ ଅଜାଣତରେ ସେ ମଧ୍ୟ ମୋର ପଶ୍ଚାତ୍‌ଧାବନ କଲା । ଛାତ ଉପରକୁ ପହଞ୍ଚିବା ମାତ୍ରେ ହିଁ ସେ ଖୁବ୍ ଜୋର୍ ରେ ଚିତ୍କାର ଛାଡ଼ି ବେହୋସ୍ ହୋଇଗଲା । ସେଠି କ'ଣ ଚାଲିଥିଲା, କିଛି ବୁଝିବା ପୂର୍ବରୁ ମୁଁ ଜଡ଼ ପାଲଟି ସାରିଥିଲି । ମୁଁ କେବଳ ଭୟରେ ଥରୁଥିଲି । ସେଭଳି ଭୟାନକ ଦୃଶ୍ୟ ଦେଖି ମୁଁ ପଥର ପାଲଟିଗଲି, ଯାହା ମୁଁ ମୋ ଜୀବନରେ ପୂର୍ବରୁ କେବେ ଦେଖି ନ ଥିଲି ।

"ମୋ ସମ୍ମୁଖରେ ମୁସ୍କାନ୍ ଛିଡ଼ା ହୋଇ ଅଟ୍ଟହାସ୍ୟ କରୁଥିଲା । ଲାଲ୍-ଲାଲ୍ ଆଖି, ମୁକୁଳା କେଶ । ତା' ଅଣ୍ଟାର ଉପରାଂଶ ଠିକ୍ ଥିଲା, କିନ୍ତୁ ଅଣ୍ଟା ତଳର ଶରୀରାଂଶ ଅସ୍ପଷ୍ଟ ଦେଖାଯାଉଥିଲା । ସେ ହସୁଥିଲା ସତ, କିନ୍ତୁ ତା' ଆଖିରେ ଲୁହ ଥିଲା । ମୋତେ ଲାଗିଲା, ଯେମିତି ସେ ମୋତେ ବହୁତ କିଛି କହିବା ପାଇଁ ଚାହୁଁଛି । ସେ ଗୋଟେ ବିରକ୍ତିକର

ISSN NO.
2582-208X

ଭଙ୍ଗୀରେ ଚିତ୍କାର ଛାଡୁଥିଲା, କୋହ ସମ୍ଭାଳି ନ ପାରି କାନ୍ଦୁଥିଲା ଓ ପାଗଳୀଙ୍କ ପ୍ରାୟ ବିଳାପ କରୁଥିଲା । ସେ ବୋଧହୁଏ ମନେ ମନେ ତା' ପ୍ରତି ଅନ୍ୟାୟ କରିଥିବା ଈଶ୍ୱରଙ୍କ ଉପରେ ସବୁ ରାଗ ସୁଝାଉଥିଲା । ମୁଁ ତା' ଭାବନାକୁ ବୁଝିବାକୁ ବହୁତ ଚେଷ୍ଟା କଲି । କ୍ରୋଧରେ ତା' ଆଖି ଦୁଇଟି ଜଳୁଥିଲା । ଧିରେ-ଧିରେ ତା' ଶରୀରର ଗୋଟେ ଗୋଟେ ଅଙ୍ଗ ଅଦୃଶ୍ୟ ହେବାକୁ ଲାଗିଲା । ସେଦିନର ସେହି ଭୟଙ୍କର ଦୃଶ୍ୟ ଦେଖି ମୋ ପାଦତଳୁ ମାଟି ଖସି ଯାଇଥିଲା ।"

ସେଠି ଘଟୁଥିବା ଘଟଣାର ପ୍ରକୃତ ରହସ୍ୟ କୁ ବୁଝିବା ପୂର୍ବରୁ ମୁଁ ବେହୋସ୍ ହୋଇଗଲି । ମୁସ୍କାନ୍ କବଳରୁ ମୁଁ ମରୁ ମରୁ ବଞ୍ଚିଗଲି, କାହିଁକି ନା ମହେଶ ର ଚିତ୍କାର ଶୁଣି ସେତେବେଳକୁ ପ୍ରାୟ ଆଠ ରୁ ଦଶ ଜଣ ଛାତ୍ର ଛାତ ଉପରକୁ ଆସିଯାଇଥିଲେ, କିନ୍ତୁ ସେତେବେଳକୁ ମୁସ୍କାନ୍ କେଉଁ ଆଡ଼େ ଗାୟବ୍ ହୋଇ ସାରିଥିଲା । ମୁସ୍କାନ୍ ର ସେହି ଚେହେରା ପୁଣିଥରେ ମୋ ପାଇଁ ରହସ୍ୟ ହୋଇ ରହିଗଲା ।

ସେହି ଘଟଣା ଘଟିବାର ପରଦିନ ମୋ ପରିବାର ଲୋକେ ବଲାଙ୍ଗୀର ଆସି ମୋତେ ଘରକୁ ନେଇଗଲେ । ସେହି ଘଟଣାର ଠିକ୍ ତିନି ଦିନ ପରେ ଅର୍ଥାତ୍ ଆଠ ଫେବୃୟାରୀ ରେ ମୁଁ ଘର ବାରଣ୍ଡାରେ ବସି ଯେତେବେଳେ ଖବରକାଗଜ ପଢୁଥିଲି, ସେତେବେଳେ ମୋତେ ସେଦିନର ଘଟଣାର ରହସ୍ୟ ବିଷୟରେ ପଡ଼ିଲା । ଆଠ ତାରିଖ ଦିନ ମୁସ୍କାନ୍ ଓ ତା' ପିତାଙ୍କର ଗଙ୍ଗାଶ୍ରାଦ୍ଧ ଉପଲକ୍ଷେ ଖବରକାଗଜ ରେ ଉଭୟଙ୍କ ଫୋଟୋ ଛପା ଯାଇଥିଲା । ଖବର ନେବା ପରେ ମୁଁ ଜାଣିବାକୁ ପାଇଲି, ଜାନୁୟାରୀ ୩୦ ତାରିଖ ଦିନ ହିଁ ଉଭୟ ବାପ-ଝିଅଙ୍କର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ଚାଲି ଯାଇଥିଲା । ଦୁର୍ଘଟଣା ରେ ମୁସ୍କାନ୍ ର ମୃତ୍ୟୁ ଖବର ଶୁଣି ମୋ ହୃଦୟ ଛିଣ୍ଡି ପଡ଼ିଲା ପରି ଲାଗିଲା । ସେଦିନର ଘଟଣା ମୋ ପାଇଁ କେବଳ ଦୁର୍ଭାଗ୍ୟଜନକ ନ ଥିଲା ବରଂ ମୋ ଆତ୍ମାକୁ କେହି ମୋ ଶରୀରଠୁ ଜୋର୍ କରି ଛଡ଼େଇ ନେଉଥିବା ଭଳି ମୋର ମନେ ହେଲା । କିନ୍ତୁ ଏହା ମୋ କଳ୍ପନା ବାହାରେ ଥିଲା ଯେ ସେଦିନ ଛାତ୍ରାବାସରେ ମୋ ସହିତ ଯେଉଁ ମୁସ୍କାନ୍ ଥିଲା, ତାହା ତା' ଶରୀର ନୁହଁ, ବରଂ ଆତ୍ମା ଥିଲା । ତା'ର ପ୍ରତିଟି ମଧୁର ସ୍ମୃତି ଆଜି ବି ମୋ ଶରୀରର ପ୍ରତ୍ୟେକଟି ଶିରା-ପ୍ରଶିରା ରେ ଖେଳେଇ ହୋଇ ରହିଛି । ତା'ର ସ୍ମୃତିକୁ ଜୀବିତ ରଖିବା ପାଇଁ ଆଜି ବି ମୋତେ ସେହି ବିତି ଯାଇଥିବା ମୁହୂର୍ତ୍ତ ଗୁଡ଼ିକୁ ବାରମ୍ବାର ମନେ ପକାଇବାକୁ

ISSN NO.
2582-208X

ପଢୁଛି । ସତ୍ୟ ତ ଏହା ଯେ, ତା'ର ମୃତ୍ୟୁରେ ମୁଁ ଆଜି ବି ମୋ ଦୁଃଖକୁ ରୋକିବାରେ ଅସମର୍ଥ ଅଛି ।

ସେଦିନ ଥିଲା ଜାନୁୟାରୀ ୨୮ ତାରିଖ, ମୋ ଜନ୍ମଦିନ । ପ୍ରକୃତିର କୋଳରେ ଶୀତର ଲହରୀ ଖେଳୁଥାଏ । କିନ୍ତୁ ପ୍ରତିବର୍ଷ ଭଳି ସେହି ବର୍ଷ ମୋତେ ଜନ୍ମଦିନ ପାଳନ କରିବାର ସୁଯୋଗ ମିଳିଲା ନାହିଁ । କାହିଁକି ନା ଯେଉଁ ଦିନ ରାତ୍ରିରେ ମୁଁ କେକ୍ କାଟି ନିଜର ଜନ୍ମଦିନ ପାଳିଥା'ନ୍ତି, ସେହି ଦିନ ରାତ୍ରିରେ ମୁଁ ଗୋଟେ ସାକ୍ଷାତ୍କାର ଦେବା ପାଇଁ ବସ୍ ଯୋଗେ ଭୁବନେଶ୍ୱର ବାହାରିଥିଲି । ଯେଉଁ ଗାଡ଼ିରେ ମୁଁ ଯାଉଥିଲି, ସେହି ଗାଡ଼ିରେ ମହାଶୟ ସୁରେଶ ମିଶ୍ର ଯିଏ କି ମୋ ପିତାଙ୍କର ଜଣେ ଜଣାଶୁଣା ବନ୍ଧୁ ଥିଲେ, ନିଜ ଝିଅ ମୁସ୍କାନ୍ କୁ ନେଇ କଟକ ଯାଉଥିଲେ । ସେମାନେ ଉଭୟେ ମୋ ପାର୍ଶ୍ୱ ସିଟ୍ ରେ ବସିଥା'ନ୍ତି । ମହାଶୟ ସୁରେଶ ମିଶ୍ରଙ୍କ ଝିଅ ମୁସ୍କାନ୍ ସେତେବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ହିନ୍ଦୀରେ ସ୍ନାତକ ପଢୁଥିଲା । ରାତି ପ୍ରାୟ ଅଢ଼େଇଟା ପାଖାପାଖି । ଗାଡ଼ି ଅତ୍ୟନ୍ତ କ୍ଷିପ୍ରଗତିରେ ଭୁବନେଶ୍ୱର ଅଭିମୁଖେ ମାଡ଼ି ଚାଲିଥିଲା । ବସ୍ର ସମସ୍ତ ଯାତ୍ରୀ ନିଜ ନିଜ ସିଟ୍ରେ ପ୍ରାୟ ଶୋଇ ସାରିଥା'ନ୍ତି । କିନ୍ତୁ ସାକ୍ଷାତ୍କାର ପାଇଁ ମୋ ଆଖିରେ ନିଦ ନ ଥାଏ । ସାକ୍ଷାତ୍କାରରେ ଉତ୍ତୀର୍ଣ୍ଣ ହେବାର ଚିନ୍ତା ମୋ ମନକୁ ବଶୀଭୂତ କରିଥାଏ । କିଛି ନୂଆ କରିବାର ଆଶାରେ ମୋ ଦେହ-ମନ ଉଭୟେ ଅଧୈର୍ଯ୍ୟ ହୋଇ ପଡୁଥିଲେ । ତେଣୁ ମୋ ବିଚଳିତ ମନକୁ ଲଗାମ ଦେବା ପାଇଁ ମୁଁ ବସ୍ ଝରକା ବାହାରକୁ ଚାହୁଁଥିଲି । ଠିକ୍ ସେତେବେଳେ ମୁସ୍କାନ୍ କୁ ଖୁବ୍ ଜୋର୍ ଶୋଷ ଲାଗୁଥାଏ । ପାଣି ପିଇବାର ଆଗ୍ରହ ଦେଖାଇବାରୁ ମୁଁ ମୋ ପାଣି ବୋତଲଟିକୁ ତା' ହାତକୁ ବଢ଼ାଇଦେଲି । ପାଣି ପିଇ ସେ ତା' ଶୋଷକୁ ତ ମେଣ୍ଟାଇଦେଲା କିନ୍ତୁ ତା'ର ଜିଜ୍ଞାସା କୁ ଶାନ୍ତ କରିପାରିଲା ନାହିଁ । ତା'ର ଜିଜ୍ଞାସା ଥିଲା- ମୋ ପରିଚୟ ଜାଣିବା । ମହାଶୟ ସୁରେଶ ମିଶ୍ରଙ୍କ ଆଗ୍ରହକୁ ଅଗ୍ରାହ୍ୟ କରି ନ ପାରି ମୁଁ ମୋ ପରିଚୟ ଦେଲି । ମୋ ପରିଚୟ ପାଇଲା ପରେ ମହାଶୟ ସୁରେଶ ମିଶ୍ର ଖୁବ୍ ଖୁସି ହେଲେ, କାହିଁକି ନା ତାଙ୍କ କହିବା ଅନୁସାରେ ପ୍ରାୟ ଆଠ ବର୍ଷ ପୂର୍ବେ ସେ ମୋ ପିତାଙ୍କ ସହିତ ଗୋଟିଏ ଅଫିସ୍ ରେ କାର୍ଯ୍ୟ କରୁଥିଲେ । ଯଦିଓ ମହାଶୟ ସୁରେଶ ମିଶ୍ର ମୋ ପିତାଙ୍କ ବନ୍ଧୁ ଥିଲେ, କିନ୍ତୁ କଥାବାର୍ତ୍ତା ମାଧ୍ୟମରେ କିଛି କ୍ଷଣ ମଧ୍ୟରେ ହିଁ ସେ ମୋର ଜଣେ ଉତ୍ତମ ବନ୍ଧୁ ପାଲଟିଗଲେ । ଆମେ ପରସ୍ପର ଭିତରେ କଥାବାର୍ତ୍ତା ମାଧ୍ୟମରେ ନିଜ ନିଜ ସିଟ୍ରେ ବସି ରାତି ବିତାଇବା ପାଇଁ ଚେଷ୍ଟା କଲୁ । ମୁଁ କିନ୍ତୁ ଲକ୍ଷ୍ୟ କଲି, ଯେତିକି ଆଗ୍ରହ ଓ ଉତ୍ସାହର

ISSN NO.
2582-208X

ସହିତ ମହାଶୟ ମିଶ୍ର ମୋ ସହିତ କଥାବାର୍ତ୍ତା କରୁଥିଲେ, ତା' ଠାରୁ ଆହୁରି ଅଧିକ ଆଗ୍ରହ ଓ ଉତ୍ସାହର ସହିତ କାହିଁକି କେଜାଣି ମୁସ୍କାନ୍ ମୋତେ ଚାହୁଁଥିଲା । ସେ ମୋତେ ଏମିତି ଚାହୁଁଥାଏ ସତେ ଯେମିତି ଆମେ ଉଭୟେ ପରସ୍ପରକୁ ଅନେକ ବର୍ଷ ହେଲା ଜାଣିଛୁ । ମୁସ୍କାନ୍ ର ସେହି ଶ୍ୟାମଳ ବର୍ଣ୍ଣର ଦେହ, କୁଞ୍ଚିତ କେଶ, ଉଜ୍ଜ୍ୱଳ ଆଖି, ତା' ହସ.... ଆଜି ବି ମୋତେ ତା' କଥା ମନେ ପକାଇଦିଏ । ମୁଁ ମଧ୍ୟ ମହାଶୟ ମିଶ୍ରଙ୍କ ଦୃଷ୍ଟି ଆଢୁଆଳରେ ତା'କୁ ଚାହୁଁଥାଏ । ଯଦିଓ ଆମେ ଉଭୟେ ପରସ୍ପର ସହ କଥାବାର୍ତ୍ତା କରୁ ନ ଥିଲୁ, ତଥାପି ମଧ୍ୟ ଆମେ ଜଣେ ଅନ୍ୟଜଣଙ୍କ ମନକଥାକୁ ଠିକ୍ ପଢ଼ି ପାରୁଥିଲୁ । ତା'କୁ ଦେଖି ମୁଁ ଅନୁଭବ କଲି, ସତେ ଯେମିତି ସେ ମୋତେ ମନେମନେ ଅତ୍ୟନ୍ତ ବ୍ୟାକୁଳତାର ସହିତ ନିଜ ପାଖକୁ ଡାକୁଛି । ମୁଁ ମଧ୍ୟ ତା' ପାଖକୁ ଯିବାକୁ ଚାହୁଁଥିଲି, କିନ୍ତୁ ମହାଶୟ ସୁରେଶ ମିଶ୍ରଙ୍କ ଉପସ୍ଥିତି ହିଁ ମୋତେ ମୋ ସିଟ୍‌ରେ ବସିବା ପାଇଁ ବାଧ୍ୟ କରିଦେଉଥିଲା । ଦେଖା-ଚାହାଁ ମାଧ୍ୟମରେ ଏପରି ଭାବରେ ଆମ ଉଭୟଙ୍କ ମନର ମିଳନ ହେବାକୁ ଲାଗିଲା ଯେ, ମୁଁ କିଛି କ୍ଷଣ ପର୍ଯ୍ୟନ୍ତ ମୋ ସାକ୍ଷାତ୍‌କାର କଥା ପୁରାପୁରି ଭୁଲି ଯାଇଥିଲି ।

ଦେଖୁ ଦେଖୁ ରାତି ପାହିଗଲା, ସକାଳ ହେଲା । ସାରା ରାତି ଆମେ ଦୁହେଁ ପରସ୍ପରର ଏତେ ପାଖାପାଖି ରହିଲୁ ଅଥଚ ତା' ପାଇଁ ମୋ ପାଟିରୁ କେବଳ ଗୋଟିଏ ପଦ ହିଁ ବାହାରିଥିଲା- "ମୁସ୍କାନ୍ ! ତୁମର ପାଠପଢ଼ା କେମିତି ଚାଲିଛି ?"

ଗାଡ଼ି କଟକରେ ପହଞ୍ଚିଲା ପରେ ଉଭୟେ ମୋ ଠୁ ବିଦାୟ ନେଇ ନିଜ ଗନ୍ତବ୍ୟ ପଥରେ ଚାଲିଗଲେ, କିନ୍ତୁ ଯିବା ସମୟରେ ମହାଶୟ ମିଶ୍ରଙ୍କ ଅଜାଣତରେ ମୁସ୍କାନ୍ ମୋ ପାଇଁ ଖଣ୍ଡେ କାଗଜ ଛାଡ଼ି ଯାଇଥିଲା, ଯେଉଁଥିରେ ଲେଖା ଥିଲା-

"ତୁମ ହୃଦୟ ଟା କେତେ ନିର୍ମଳ ସତେ ! ମୁଁ ଜାଣେ, ତୁମେ ମୋ ପାଇଁ ଜଣେ ଅପରିଚିତ, ତଥାପି ବି ମୁଁ ତୁମ ଆଖିରେ ମୋ ପ୍ରତି ଥିବା ତୁମ ଭଲ ପାଇବାକୁ ଦେଖି ପାରିଛି । ବୋଧହୁଏ ଭଗବାନ ମୋ ପାଇଁ ତୁମକୁ ହିଁ ତିଆରି କରିଛନ୍ତି, ଅବଶ୍ୟ ନିଜ ପ୍ରେମକୁ ପ୍ରକାଶ କରିବା ପାଇଁ ମୋ ପାଖରେ ପର୍ଯ୍ୟାପ୍ତ ସମୟ ଥିଲା, କିନ୍ତୁ ମୋର ଦୁର୍ଭାଗ୍ୟ ! ମୁଁ ଜାଣିନି ପୁଣି ଆମ ଦେଖା କେବେ ହେବ, କିନ୍ତୁ ମୋ ମନ କହୁଛି ସେ ସମୟ ଖୁବ୍ ଶୀଘ୍ର ଆସିବ । ମାତ୍ର କେଇଟା ମୁହୂର୍ତ୍ତ ମଧ୍ୟରେ ତୁମ ସରଳ ସ୍ୱଭାବ ଓ ସଚ୍ଚୋଟପଣ ମୋତେ

ISSN NO.
2582-208X

ତୁମର ବଶୀଭୂତ କରିଦେଇଛି । ମୁଁ ତୁମକୁ ପୂର୍ଣ୍ଣତଃ ଶାରୀରିକ ଓ ମାନସିକ ରୂପେ ନିଜକୁ ନିଜେ ସମର୍ପିତ କରିସାରିଛି । କ'ଣ ମୁଁ ବି ତୁମର ପସନ୍ଦ ? ମୋତେ ମୋ ପ୍ରଶ୍ନର ଉତ୍ତର ନ ମିଳିବା ପର୍ଯ୍ୟନ୍ତ ମୁଁ ତୁମର ଅପେକ୍ଷା କରିବି ।"

ତୁମର ମୁସ୍କାନ୍

ସେହି କାଗଜ ଖଣ୍ଡଟି, ଯେଉଁଥିରେ ମୁସ୍କାନ୍ ନିଜ ମନର ଅଭିବ୍ୟକ୍ତିକୁ ମାତ୍ର କେଇଟା ସୀମିତ ଶବ୍ଦ ମଧ୍ୟରେ ପରିପ୍ରକାଶ କରିଥିଲା ଆଜି ବି ମୋ ପାଖରେ ଜୀବିତ ଅଛି, ଯାହା ମୋତେ ପ୍ରତି ମୁହୂର୍ତ୍ତରେ ତା' କଥା ମନେ ପକାଇ ଦେଉଛି । ତା' କଥାରୁ ମୋତେ ଲାଗୁଥିଲା, ସତେ ଯେମିତି ତା' କଥାରେ ସତ୍ୟତା ଅଛି । ସେହିଦିନ ଠାରୁ ମୁଁ ବି ତା'କୁ ମୋ ହୃଦୟ ଦେଇ ବସିଲି । ଏବେ ମୁଁ ଭୁବନେଶ୍ୱର ରେ ପହଞ୍ଚିଲା ପରେ କେବଳ ଏତିକି ଭାବି ନେଇଥିଲି ଯେ, ମୁସ୍କାନ୍ କେବଳ ହାଲୁକାଏ ପବନ ଭଳି ମୋ ଜୀବନକୁ ଆସି ପୁଣି ସବୁଦିନ ପାଇଁ ଚାଲିଗଲା । କିନ୍ତୁ ତା' ଉପରେ ମୋର ସମ୍ପୂର୍ଣ୍ଣ ଭରସା ଥିଲା, ସେ ଦିନେ ନା ଦିନେ ନିଶ୍ଚୟ ଆସିବ, ହଁ ହଁ ଆସିବ ।

ଆଜି ସେ ଏ ସଂସାରରେ ନାହିଁ, ସତ କିନ୍ତୁ ସେ କେବେ ବି ମୋତେ ଏହା ଅନୁଭବ କରିବାକୁ ଦେଇନି ଯେ, ସେ ମୋ ପାଖେ ନାହିଁ । ଆଜି ମଧ୍ୟ ମୁଁ ତା'ର ହିଁ ପ୍ରତୀକ୍ଷାରେ ବଞ୍ଚୁଛି । ଆଜି ବି ଅନ୍ଧାର ରାତ୍ରିରେ ଯେତେବେଳେ ପବନର ହାଲୁକାଏ ସ୍ପର୍ଶ ପାଇ ମୋ କୋଠରୀର କବାଟ ଥରିବାକୁ ଲାଗେ, ମୁଁ ଅବିଳମ୍ବେ ଏଇଆ ଭାବି କବାଟ ପାଖକୁ ଦୌଡ଼ିଯାଏ, "ବୋଧହୁଏ ମୋ ମୁସ୍କାନ୍ ମୋତେ ପୁଣିଥରେ ଡାକିବାକୁ ଆସିଛି ।"

ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

ISSN NO.
2582-208X

# ହୃଦୟର କଷ୍ଟ



ଅଲିଭ୍ ମେହେର

କହିବାକୁ ଗଲେ ପ୍ରେମ ଏକ
ଜଳନ୍ତା ଅଗ୍ନିର ନିଆଁ,
ହୃଦୟ ଏଠି ଜଳି ମାରୁଥାଏ
କୁହୁଳି ଉଠୁଥାଏ ଧୂଆଁ ।। (୧)
ହୃଦୟର କଷ୍ଟ ସିଏ ବୁଝି ପାରିବ
ଯିଏ କରିଥିବ ପ୍ରେମ,
ଯେବେ ହୃଦୟରୁ ହୋଇଥାଏ ପ୍ରେମ
ରହିଥାଏ ଜନ୍ମ ଜନ୍ମ ।। (୨)
ଆଖି ଦୋଷ କରିଥିଲେ ଏଠି
ହୃଦୟ ତ କଷ୍ଟପାଏ,
ମିଛ ମାୟା ଦୁନିଆଁରେ ଏଠି
କେହି କାହାରି ନୁହେଁ ।। (୩)
ଯେବେ ଭାଙ୍ଗି ଥାଏ ହୃଦୟ
ଶବ୍ଦ ତ ହୁଏ ନାହିଁ,
ହେଲେ ମନ ଚାହୁଁ ଥାଏ
ଘୁମୁରି ଘୁମୁରି କାନ୍ଦିବା ପାଇଁ ।। (୪)

ISSN NO.
2582-208X

ପ୍ରେମ ଏକ ପବିତ୍ର ଶବ୍ଦ
ରାଧା କୃଷ୍ଣ ଙ୍କର ଅବଦାନ,
କିନ୍ତୁ ଏଠି ଲୋକେ ତାକୁ ବଦନାମ କରୁଛନ୍ତି
କରି ଛଳନାର ପ୍ରେମ ।। (୫)
ପ୍ରେମର ନିନ୍ଦା କଲେ ଯେ
ଭଗବାନଙ୍କୁ ନିନ୍ଦା ହୁଏ,
ପ୍ରେମ ପାଇଁ ଏଠି କେତେ ହୃଦୟ
ଜଳି ମାରୁଥାଏ ।। (୬)
ହୃଦୟରୁ ଯଦି ଭଲପାଇ ନ ପାରୁଛ
ତା' ହେଲେ କାହା ସହ ଖେଳ ନାହିଁ,
ଖେଳନା ସିନା ମିଳେ ବଜାରରେ
ହେଲେ ହୃଦୟ ତ ମିଳେ ନାହିଁ ।। (୭)

ବିଜେପୁର ଡିଗ୍ରୀ କଲେଜ, ବିଜେପୁର
ଓଡ଼ିଆ ସମ୍ମାନ ୨ୟ ବର୍ଷ, ଜିଲ୍ଲା - ବରଗଡ

ISSN NO.
2582-208X

# ଅକ୍ଷୟ ତୃତୀୟା



ନନ୍ଦିନୀ ରାଉତ

ଅକ୍ଷୟ ତୃତୀୟା ପବିତ୍ର ଦିବସ
ମୁଠି ହୁଏ ଅନୁକୂଳ
ମାତା ଲକ୍ଷ୍ମୀ ଦେବୀ ଯିବେ ପିତାଘର
ଭାବୁଥାନ୍ତି ଆଦିମୂଳ…1

ଓଡ଼ିଆ ଘରର ପରମ୍ପରା ଏତ
ପିଠା ପଣା ଘରେ ଘରେ
ପ୍ରଭାତ ରୁ ଉଠି କୃଷକ ଘରଣୀ
ଲକ୍ଷ୍ମୀ ବନ୍ଦାପନା କରେ…2

ନୂତନ ବସ୍ତ୍ର କୁ ପରିଧାନ କରି
କୃଷକ ଆନନ୍ଦ ମନେ
ନୂଆ ଗଉଣି ରେ ଧାନ ଭରିକରି
କ୍ଷେତ କୁ ଯାଏ ଯତନେ….3

ପୂଜା କରି ବସେ ପବିତ୍ର ଅନ୍ତରେ
ଲକ୍ଷ୍ମୀ ଆବାହନ କରି
ମାତା କମଳା ଲୋ ସୁଦୟା ବହିଣ
ବିଲେ ଦେବୁ ଧାନ ଭରି…4

ପରିବାରେ ଖେଳେ ଆନନ୍ଦ ଉଲ୍ଲାସ
ଖାଇ ପିଠା ମିଠା କ୍ଷୀରି
ପୂଜା ପାର୍ବଣ ତ ଓଡ଼ିଆ ମନରେ
ଖୁସି ଦେଉଥାଏ ଭରି….5

ବାଲିପଟା, ଅନୁଗୁଳ

ISSN NO.
2582-208X

# ବିଶ୍ୱ ରଙ୍ଗମଞ୍ଚ ଦିବସର ମହତ୍ୱ



ଅସିତ ମହାନ୍ତ

ଡ୍ରାମା, ନୌଟାଙ୍କି, ରଙ୍ଗମଞ୍ଚ, ଥିଏଟର... !!! ଆପଣ ଯାହା ଚାହାଁନ୍ତି ତାହା କହିପାରିବେ । ଏହା ମନୋରଞ୍ଜନର ସର୍ବ ପୁରାତନ ମାଧ୍ୟମ । ବିଶେଷକରି, ଭାରତ ବିଷୟରେ ଯେତେବେଳେ କଥାବାର୍ତ୍ତା ହୁଏ, ଆମେ ଜାଣନ୍ତି ଯେ ଆମେ ମନୋରଞ୍ଜନ ପାଇଁ କେତେ ପାଗଳ । କିନ୍ତୁ ପୂର୍ବରୁ କୌଣସି ସିନେମା ନଥିଲା, ମନୋରଞ୍ଜନ ପାଇଁ ଲୋକଙ୍କ ଥିଏଟର ବିକଳ୍ପ ଥିଲା । ଆମର ପିତୃପୁରୁଷଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ଏହି ଥିଏଟର ନିଜର ପ୍ରାଧାନ୍ୟ ବଜାୟ ରଖିଛି ।

ପ୍ରତିବର୍ଷ ୨୭ ମାର୍ଚ୍ଚରେ ବିଶ୍ୱ ଥିଏଟର ଦିବସ ଅନୁଷ୍ଠିତ ହୋଇଥାଏ । ଥିଏଟରକୁ ନିଜର ପରିଚୟ ଦେବା ପାଇଁ ୧୯୬୧ ମସିହାରେ ଆନ୍ତର୍ଜାତୀୟ ଥିଏଟର ଇନଷ୍ଟିଚ୍ୟୁଟ୍ ଦ୍ୱାରା ଏହି ଦିନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ବିଶ୍ୱ ଥିଏଟର ଦିବସ ପ୍ରତିବର୍ଷ ମାର୍ଚ୍ଚ ୨୭ ରେ ପାଳନ କରାଯାଏ ଯାହା ସାରା ବିଶ୍ୱରେ କଳା ରୂପକୁ ପ୍ରୋତ୍ସାହିତ କରିଥାଏ ଏବଂ ମୂଲ୍ୟ ବିଷୟରେ ସଚେତନତା ସୃଷ୍ଟି କରିଥାଏ । ଏହି କଳା ଫର୍ମଗୁଡ଼ିକର ଜନ୍ମ ଉଦ୍ଦେଶ୍ୟରେ ପାଳନ କରାଯାଏ । କୁହାଯାଏ ଯେ ଭାରତର ମହାନ କବି କାଳିଦାସ ଭାରତର ପ୍ରଥମ ଥିଏଟରରେ 'ମେଘଦୁତ୍' ରଚନା କରିଥିଲେ। ଭାରତର ପ୍ରଥମ ଥିଏଟର ଅମ୍ବିକାପୁର ଜିଲ୍ଲାର ରାମଗଡ ପର୍ବତରେ ଅବସ୍ଥିତ, ଯାହା କବି କାଳିଦାସଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଭାରତରେ ଥିଏଟରର ଇତିହାସ ଆଜିର ନୁହେଁ ବରଂ ହଜାର ହଜାର ବର୍ଷ ପୁରୁଣା । ଆପଣ ଏହାର ପ୍ରାଚୀନତାକୁ ଏପରି ଭାବରେ ବୁଝି ପାରିବେ ଯେ ପୁରାଣରେ ମଧ୍ୟ

ISSN NO.
2582-208X



ଥିଏଟରର ଉଲ୍ଲେଖ, ୟାମି ଏବଂ ଉର୍ବଶୀ ରୂପରେ ଦେଖାଯାଏ । ତାଙ୍କର ସଂଳାପ ଦ୍ୱାରା ଅନୁପ୍ରାଣିତ ହୋଇ କଳାକାରମାନେ ନାଟକ ରଚନା ଆରମ୍ଭ କରିଥିଲେ । ଯାହା ପରେ ନାଟକ ବିକଶିତ ହେଲା ଏବଂ ଭାରତମୁନି ଭାରତୀୟ ନାଟକକୁ ଶାସ୍ତ୍ରୀୟ ରୂପ ଦେବା କାର୍ଯ୍ୟ କରିଥିଲେ । ବର୍ତ୍ତମାନ, ଥିଏଟର କିମ୍ବା ରଙ୍ଗମଞ୍ଚ ଆମକୁ ଅନେକ ଚଳଚ୍ଚିତ୍ର, ଡକ୍ୟୁମେଣ୍ଟାରୀ, ୱେବ୍ ସିରିଜ୍ ଏବଂ ଟିଭି ସିରିଏଲ୍ ସହିତ ଦୁନିଆର ସମସ୍ତ ରହସ୍ୟ ଏବଂ ଘଟଣା କୁ ସାମ୍ନାକୁ ଆଣିଥାଏ । ଥିଏଟର ମାଧ୍ୟମରେ ସତ୍ୟ ଏବଂ ନାଟକୀୟ ଘଟଣାକୁ ଜୀବନ୍ତ ଆଣିବା ପାଇଁ ଥିଏଟର ହେଉଛି ସର୍ବୋତ୍ତମ ଉପାୟ । ଯାହା ଏହାର ଗୁରୁତ୍ୱ ବଢାଇବାର କାର୍ଯ୍ୟ କରୁଛି । ଗତ ୧୦ ବର୍ଷ ମଧ୍ୟରେ, ଥିଏଟର ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି ହୋଇଛି, ଯେଉଁଥିପାଇଁ ସମାଜ ଆଜି ଥିଏଟରକୁ ବହୁତ ସମ୍ମାନ କରେ । ପ୍ରତିବର୍ଷ ବିଶ୍ୱର ପ୍ରାୟ ୯୦ ଟି ଆନ୍ତର୍ଜାତୀୟ ଥିଏଟର ଇନଷ୍ଟିଚ୍ୟୁଟ୍ (ITI) କେନ୍ଦ୍ରରେ ଏବଂ ଆନ୍ତର୍ଜାତୀୟ ଥିଏଟର ସମ୍ପ୍ରଦାୟରେ ଏହି ଦିନ ପାଳନ କରାଯାଏ । ଲୋକମାନଙ୍କ ମଧ୍ୟରେ ଶାନ୍ତି ଏବଂ ବନ୍ଧୁତାକୁ ମଜବୁତ କରିବା, ପାରସ୍ପରିକ ବୁଝାମଣାକୁ ଗଭୀର କରିବା ଏବଂ ଥିଏଟର କଳା କ୍ଷେତ୍ରରେ ସମସ୍ତ ଲୋକଙ୍କ ମଧ୍ୟରେ ସୃଜନଶୀଳ ସହଯୋଗ ବୃଦ୍ଧି କରିବା ପାଇଁ ଆନ୍ତର୍ଜାତୀୟ ଥିଏଟର ପ୍ରତିଷ୍ଠାନ ଥିଏଟର କଳାରେ ଆନ୍ତର୍ଜାତୀୟ ଜ୍ଞାନ ଏବଂ ଅଭ୍ୟାସର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି ।

ହିନ୍ଦୀରେ ଅଣ-ବ୍ୟବସାୟିକ ଥିଏଟର ୧୮୬୮ ମସିହାରେ ବନାରସ ଥିଏଟରରୁ ଆରମ୍ଭ ହୋଇଥିଲା । ୧୮୮୪ ମସିହାରେ ବନାରସରେ 'ଜାତୀୟ ଥିଏଟର' ପ୍ରତିଷ୍ଠା କରାଯାଇଥିଲା । ଭାରତେନ୍ଦୁ ଙ୍କର ଅଂଧେର ନଗରୀ ପ୍ରଥମେ ଜାତୀୟ ଥିଏଟରରେ ମଞ୍ଚସ୍ଥ ହୋଇଥିଲା । ହିନ୍ଦୀ ଥିଏଟରର ବିକାଶରେ 'ଭାରତେନ୍ଦୁ ନାଟକ ମଣ୍ଡଳି' (୧୯୦୬) ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ । ଥିଏଟର କେବଳ ମନୋରଞ୍ଜନ ଭାବରେ କାର୍ଯ୍ୟ କରେ ନାହିଁ; ଏହା ସମାଜ ପାଇଁ ଏକ ଦର୍ପଣ ଧରିଥାଏ ଏବଂ ଆତ୍ମନିରୀକ୍ଷଣ ପାଇଁ ପ୍ରେରଣା ଦେଇଥାଏ । ତୁମ ସାମ୍ନାରେ କ'ଣ ଘଟୁଛି ଦେଖିବା ଦ୍ୱାରା ତୁମେ ନିଜ ବିଷୟରେ ଏବଂ ତୁମେ ରହୁଥିବା ଦୁନିଆ ବିଷୟରେ କିଛି ନୂଆ ଆବିଷ୍କାର କରିବା ପାଇଁ ପ୍ରେରଣା ଦେଇଥାଏ । ଥିଏଟର ହେଉଛି ଏକ ସହଯୋଗୀ କଳା ଫର୍ମ ଯାହା ଶବ୍ଦ, ସ୍ୱର, ଗତିବିଧି ଏବଂ ଭିଜୁଆଲ୍ ଉପାଦାନଗୁଡ଼ିକର ଅର୍ଥକୁ ଦର୍ଶକ ପାଖରେ ପହଞ୍ଚାଇଥାଏ । ଥିଏଟର କ୍ଷେତ୍ରରେ କେବଳ ଇମ୍ପ୍ରୋଭାଇଜେସନ୍ ଏବଂ ସ୍କ୍ରିପ୍ଟିଡ୍ କାର୍ଯ୍ୟ ନୁହେଁ, ନାଟକୀୟ ଫର୍ମ

ISSN NO.
2582-208X

ଯେପରିକି ଚଳଚ୍ଚିତ୍ର, ଟେଲିଭିଜନ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ମିଡିଆ ମଧ୍ୟ ଏହା ସହିତ ଅନ୍ତର୍ଭୁକ୍ତ । ବର୍ତ୍ତମାନ ବଞ୍ଚିଥିବା ପ୍ରାଚୀନ ସଂସ୍କୃତ ଡ୍ରାମା ଥିଏଟର ହେଉଛି କୁଡିୟାଟମ୍, ଯାହାକି କେରଳର ଚାକର ସମ୍ପ୍ରଦାୟ ଦ୍ୱାରା ସଂରକ୍ଷିତ । ସଂସ୍କୃତ ନାଟକର ଏହି ରୂପ ଅତି କମରେ ୨୦୦୦ ବର୍ଷ ପୁରୁଣା ବୋଲି ବିଶ୍ୱାସ କରାଯାଏ ଏବଂ ଏହା ଦୁନିଆର ସର୍ବ ପୁରାତନ ନାଟ୍ୟ ପରମ୍ପରା ମଧ୍ୟରୁ ଅନ୍ୟତମ । ଏକ ଥିଏଟର ନିର୍ମାଣ ପାଇଁ ଆବଶ୍ୟକ ଚାରୋଟି ଉପାଦାନ ହେଉଛି - ସ୍କ୍ରିପ୍ଟ, ପ୍ରକ୍ରିୟା, ଉତ୍ପାଦ ଏବଂ ଦର୍ଶକ । କ୍ଲାସିକ୍ ଡ୍ରାମା ୫ ପ୍ରକାରର ଯାହା ପରସ୍ପରଠାରୁ ଅଲଗା: କମେଡି, ଟ୍ରାଜେଡି, ଫାର୍ସ, ମେଲୋଡ୍ରାମା ଏବଂ ମ୍ୟୁଜିକାଲ୍ ଡ୍ରାମା । ଥିଏଟର ଏଇଥିପାଇଁ ଦର୍ଶକ ମାନଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରେ, କାରଣ କଳାକାର ମଞ୍ଚରେ ଯାହା କରନ୍ତି ତାହା ଦର୍ଶକଙ୍କ ସାମ୍ନାରେ କରାଯାଇଥାଏ । ଏହା ସିନେମା ପରି ରିଟେକ୍ ହୋଇପାରିବ ନାହିଁ । ଯଦି ତୁମେ ଭୁଲ୍ କର, ଏହା ତୁରନ୍ତ ମଞ୍ଚରେ ଦୃଶ୍ୟମାନ ହୁଏ । ଏହି କାରଣରୁ କଳାକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥାନ୍ତି । ସେ ଜାଣନ୍ତି ଯେ ଯଦି କୌଣସି ଭୁଲ ହୁଏ, ତେବେ ଏହା ସମଗ୍ର ବିଷୟ ଉପରେ ପ୍ରଭାବ ପକାଇବ । ସିନେମାରେ ଦେଖାଯାଉଥିବା ଅନେକ ଭେଟେରାନ୍ ଅଭିନେତା ପ୍ରକୃତରେ ଥିଏଟରରୁ ଏବଂ ମଞ୍ଚ କଳାକାର ଅଧ୍ୟୟନ କରିବା ପରେ ହିଁ ସିନେମା ରେ ଆସିଥାନ୍ତି । ସେହି ହିସାବରେ ରଙ୍ଗମଞ୍ଚ କଳା ଏକ ବିଜ୍ଞାନ । କାରଣ ଏହି କଳାରେ କେହି କିଛି କାଳ୍ପନିକ ଜିନିଷ ଭର୍ତ୍ତି କରିପାରିବେ ନାହିଁ । ବାସ୍ତବରେ ଏହି କଳା ମାଧ୍ୟମରେ ଯାହା କିଛି ସତ୍ୟ ତାକୁ ହିଁ ଦର୍ଶକ ସମ୍ମୁଖରେ ରଖିବାକୁ ହୁଏ ଏବଂ ସେସବୁକୁ ଦେଖି ଦର୍ଶକ ଭାବ ବିହ୍ୱଳ ହୋଇ ସେହି ଚରିତ୍ରରେ ନିଜକୁ ଦେଖେ . ଏହି କଳା ଦ୍ୱାରା ମଞ୍ଚ କଳାକାର ନିଜର ତ୍ରୁଟି ଗୁଡିକୁ ଧରିବାର ସୁଯୋଗ ପାଇଥାନ୍ତି ଏବଂ ପରବର୍ତ୍ତୀ ସମୟରେ ସେପରି ଭୁଲ କିପରି ନହେବ ସେଥିପ୍ରତି ସଚେତନ ହୁଅନ୍ତି । ମଞ୍ଚ କଳାକାର ପାଇଁ ନିଜର କଳାକୁ ଦର୍ଶକ ପାଖରେ ପହଞ୍ଚାଇବା ଏକ କଠିନ କାର୍ଯ୍ୟ, ଅର୍ଥାତ ଏହା ଏକ ଚ୍ୟାଲେଞ୍ଜ । ଏହି ସ୍ଥିତିରେ ଯଦି ଜଣେ କଳାକାର ସଫଳ ହୁଏ ତେବେ ଏହା ହିଁ ହେଉଛି ତାହାର ସେହି କାର୍ଯ୍ୟ ପାଇଁ ସଫଳତା । ତେଣୁ ସେଥିପାଇଁ କୁହାଯାଏ ଯେ ଜଣେ ଚଳଚିତ୍ର ତାରକା ହେବା ସହଜ, କିନ୍ତୁ ଜଣେ ମଞ୍ଚ କଳାକାର ହେବା ନିଶ୍ଚିତ ଭାବେ କଠିନ ।

ଆବାହକ,ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ପ୍ରିୟାଗୋ ମୋର



ପ୍ରଶାନ୍ତ କୁମାର ଦାଶ

ବାହୁଡ଼ିଗଲାଣି ଦିନର ସୁରୁଜ
ନଇଁ ଆସିଲାଣି ସଞ୍ଜ
ପ୍ରିୟାଗୋ ତୁମର ଫୁଲସମ ତନୁ
ମୋ ସାଥେ ଲଗାଏ ଖଞ୍ଜ ।।

ନିରବ ହେଲାଣି ମୋ ଗାଆଁ ସହର
ଅନ୍ଧାର ଆସୁଛି ମାଡି
ଫେରିଲେଣି ନୀଡେ ପକ୍ଷୀ ଦଳ ଦଳ
ଆହାର ଖୋଜିବା ଛାଡି ।।

ତୁମ ପ୍ରତୀକ୍ଷାରେ ରହିଚି ପ୍ରିୟାଗୋ
ଦେଖାଦିଅ ମୋତେ ଥରେ
ମୋତେ ଦେଇ ସ୍ନେହ ପ୍ରେମ ପ୍ରୀତି ଶ୍ରଦ୍ଧା
ଡାକିନିଅ ତୁମଘରେ ।।

ଜଳେ ଫୁଟିଲାଣି କଇଁ ତ ଏଥର
ଦେଖିବ ଜହ୍ନର ମୁହଁ
ତୁମକୁ ନେଇ ମୁ ଦେଖୁଚି ସପନ

ISSN NO.
2582-208X

ଛୁଟେ ପ୍ରେମ ପ୍ରୀତି ସୁଅ ।।

ଗୋଲାପ ଫୁଲର ନରମ ଶେଯରେ
ଶୋଇଯିବା ଆମେ ଦୁହେଁ
ଚୁମା ଦେବି ଆଙ୍କି ତୁମରି ଗାଲରେ
ହସ ହସ ଭରା ମୁହେଁ ।।

ଚାତକ ପରାଏ ରହିଚି ନିରବେ
ଦେଖିବାର ଇଛା ନେଇ
ମୋତେ ଆପଣାର କରିନିଅ ପ୍ରିୟା
ତୁମ ତନୁ ମନ ଦେଇ ।।

ଜୀବନର ଏଇ ପଶା ଖେଳେ ମୋତେ
ହରାଇ ଦିଅନା ପ୍ରିୟା
ଜିଇଁଥିବା ଯାଏ ଚାଲିଥାଉ ଆମ
ମନ ପ୍ରାଣ ଦିଆ ନିଆ ।।

ଫେରିଯିବା ପାଇଁ ପ୍ରତୀକ୍ଷା କଲେଣି
ସୁରୁଜ ପଶ୍ଚିମଦିଗେ
ଆସ ପ୍ରିୟା ଥରେ ଛାତିରେ ଜଡାଇ
ପ୍ରେମ ପ୍ରୀତି ଦିଅ ମାଗେ ।।

କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
Mobile -9668822190

ISSN NO.
2582-208X

# ବସନ୍ତର କଢ଼ ଲେଉଟାଣି

ଦୀନବନ୍ଧୁ ବେଜ

ଅନେକ ଦିନ ପରେ ବତୁରି ଥିବା
ମନ ଆଜି କାତି ଛାଡିଛି ସାପ ପରି,
ନୈସର୍ଗିକ ସୌନ୍ଦର୍ଯ୍ୟ ସନ୍ଧାନରେ
ମଲା ଜହ୍ନ ଓ କ୍ଷତାକ୍ତ ହୃଦୟ
ଆଜି ହୋଇଛି ପୂର୍ଣ୍ଣ ସମର୍ପିତ
ଏକ ସାଧାରଣ ଯକ୍ଷୀଣି ପାଖରେ !

ଜୀବନ ସତ୍ତା ଶୂନଶାନ ବେଳେ
ଶ୍ମଶାନରେ ହେଉନି ଆତ୍ମାର ମିଳନ
ଘାଟୁଆଙ୍କ ସହ ହେଉଛି ତଲ୍ଲିନ,
ମିତ୍ରର ପ୍ରଗଲ୍ଭତାରେ
ସମୟକୁ ଦୋଷ ଦେଉଛି ବେତାଳ,
ରାଜା ବିକ୍ରମ ଏବେ ନିରବ ନିଶ୍ଚଳ
ପତ୍ର ପତିତ ହେବାର ଶବ୍ଦ
କରିଦେଉଛି ସଂସାରର ମୋହଭଙ୍ଗ ।

ଝିଂକାରୀର ଝିଂ ଝିଂ ଶବ୍ଦ ନିନାଦିତ
ସମୀରଣ ମଧ୍ୟ ହୋଇଛି ମୃଦୁ ମନ୍ଦ
ବସନ୍ତ ଆଗମନରେ ଫୁଲ,ଫଳ,ପତ୍ର
ରୂପମତୀ ପ୍ରକୃତୀ ରାଣୀ ଶ୍ରୀଙ୍ଗାରରେ

ISSN NO.
2582-208X

ସ୍ୱାଭାବିକ ଭାବରେ ମୂକକୁ କରିଛି
ପ୍ରକୃତି ପାଇଁ ଭିତରୁ ବାଚାଳ।

ଢେରେ ବଢିଛି ସବୁଜ ରଙ୍ଗ ଗାଢ଼ତା
ଜଡ଼ ପରି ଭିତରକୁ ପ୍ରବେଶ ଥିବା
କାଠୁରୀଆ ମାନେ ଏବେ ସାୟାହ୍ନିତ
ବାଷ୍ପରୁଦ୍ଧ କୋକିଳ କଣ୍ଠ ନିନାଦିତ ।

ବାସ୍ନା ଶୂନ୍ୟ କିଆ, କେତକୀ ପଲ୍ଲବିତ
ଅଭିବାଦନ ଗ୍ରହଣ କରୁଛି କୁମ୍ପାଟୁଆ
ସ୍ଥଗିତକୁ ରଦ୍ଦ କରି ମୟୂର ନୃତ୍ୟରତ
କାହିଁକିନା କଡ଼ ଲେଉଟେଇଛି ବସନ୍ତ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ହରି ବୋଲ ଭାଇ ହରି ହରି ବୋଲ



ବିଜୟ କୁମାର ସାହୁ

କାହ୍ନା ଆଜି କି ସୁନ୍ଦର ଦିଶୁଅଛି ।
ନନ୍ଦ କୋଳେ ବସି କୃଷ୍ଣ ହସୁଅଛି ॥ ୧
ପାଖରେ  ଥାଇଣ ମା ଯଶୋଦା ରାଣୀ ।
କାହ୍ନା ଗାଲେ ଚୁମ୍ବନ ଦେଉଅଛନ୍ତି ॥ ୨
ନନ୍ଦ ନନ୍ଦନ ଶ୍ୟାମ ବଡ ସୁନ୍ଦର ।
କରୁଥାଏ ସେ ନିତି କେତେ ହୁନ୍ଦର ॥ ୩
ଧନ୍ୟ ସେ ନନ୍ଦ ଧନ୍ୟ ଯଶୋଦା ରାଣୀ ।
ପରଂବ୍ରହ୍ମଙ୍କୁ କଲେ ଦୁଃଖୀ ସଙ୍ଖାଳୀ ॥ ୪
ସେ ନନ୍ଦର ସୁତ ସବୁଠୁଁ ଚତୁର ।
ମନ ନିଏ କିଣି ସେ ରାଧା ମନର ॥ ୫
ଅଷ୍ଟପାଟବଂଶୀ ହେଲେ ତା'ର ରାଣୀ ।
ତଥାପି ତା (ର) ମନ ବୁଝିଲା ନାହିଁ ॥ ୬
କେତେ କପଟିଆ ସେ ଗୋପ ନାଗର ।
ତାକୁ ଝୁରନ୍ତି ଗୋପେ ଗୋପୀ ଗୋପାଳ ॥ ୭
ଷୋଳ ସହସ୍ର ଗୋପ ରମଣୀ ମେଳେ ।
ରାସ ରଚିଲା କୃଷ୍ଣ ଯମୁନା କୂଳେ ॥ ୮
ନଭ ଦେଶେ ଥାଇଣ ବିବୁଧ ଗଣ ।
ଦେଖୁଥାନ୍ତି କାହ୍ନାର ବିଟପ ପଣ ॥ ୯

ISSN NO.
2582-208X

ବ୍ରହ୍ମା ଆଦି ଶଙ୍କର ଏମନ୍ତ ଲୀଳା ।
ଦେଖି ଧୈର୍ଯ୍ୟଚ୍ୟୁତ କଲେ ନୀରାଜନା ॥ ୧୦
ଜୟ ଶ୍ରୀକୃଷ୍ଣ କୃଷ୍ଣ ଉଚ୍ଚେ ଗାଇଲେ ।
ବିଟପୀ ଗୋବିନ୍ଦର ଲୀଳା ଦେଖିଲେ ॥ ୧୧
ବେଦ ଯାହାର ଆଦି ଅନ୍ତ ନ ପାଏ ।
ତେଣୁ କୃଷ୍ଣଙ୍କୁ ନେତି ନେତି କହିଲେ ॥ ୧୨
ସେ ମଧୁସୂଦନ ଆଜି ଶ୍ରୀକ୍ଷେତ୍ରରେ ।
ଚକାଆଖି ମେଲି ଦୁନିଆକୁ ଦେଖେ ॥ ୧୩
ଊର୍ଦ୍ଧ୍ୱବାହୁ ହୋଇ କ୍ଷେତ୍ରେ ବିରାଜିତ ।
କଳୁଷ ନାଶିବାରେ ସେ ଯେ ସିଦ୍ଧହସ୍ତ । ୧୪
ଖଳଜନ ପାଇଁ ସେ ଯେ କାଳର କାଳ ॥
କଳିଯୁଗେ କର ନାମ ସଙ୍କୀର୍ତ୍ତନ । ୧୫
ଭବାଗ୍ନି ଦାଉରୁ ଯେବେ ହେବୁ ପାର ॥
ହରିବୋଲ ଭାଇ ହରି ହରି ବୋଲ ॥

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୭୩୧୪୮୭୨୩

ISSN NO.
2582-208X

# ଫେରି ଆସନ୍ତା କି ପିଲାଦିନ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଚଳତ ବର୍ଷ ମାର୍ଚ୍ଚ ମାସ ଆସୁ ଆସୁ ଗ୍ରୀଷ୍ମର ପ୍ରକୋପ ବଢ଼ିଗଲାଣି । ଅସହ୍ୟ ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଉଠିଲାଣି । ସୂଚନା ମିଳୁଛି ଆଗକୁ ତାତି ଆହୁରି ବଢ଼ିବ । ତା'ହେଲେ ଅବସ୍ଥା ଯେ କ'ଣ ହେବ; ଏ କଥା ଭାବି ବସିଲାବେଳକୁ କାନରେ ବାଜିଲା- ମଲେଇ ନେବ ମଲେଇ...

ଏ କ'ଣ ! ଏ ଉଦୁଉଦିଆ ଖରାବେଳଟାରେ କଏ ପୁଣି ଡାକୁଛି-ମଲେଇ ନେବ ମଲେଇ । ଏ ମଲେଇ ଡାକଟି କାହିଁ କେତେ ବର୍ଷ ପରେ କାନରେ ପଡ଼ିଲା । ଏବେ ତ କେବଳ ନାନା କସମର ଆଇସ୍‌କ୍ରିମ୍ । ଏ ମଲେଇ ଡାକ ହଜିଯିବାକୁ ବସିଲାଣି । ଆଜି ହଠାତ୍ ଏ ମଲେଇ... ମଲେଇ... ଡାକରେ ବାହାରକୁ ଯାଇ ଦେଖେ ତ- ଏ ଉଦୁଉଦିଆ ଖରାବେଳଟାରେ ହାପ୍ ପ୍ୟାଣ୍ଟ ଓ ସାର୍ଟ ପିନ୍ଧା ବୃଦ୍ଧ ଲୋକଟିଏ ମୁଣ୍ଡରେ ଗାମୁଛା ବାନ୍ଧି; ସାଇକେଲ୍ ପଛରେ କାଠ ବକ୍ସଟିଏ ରଖି ମଲେଇ ମଲେଇ ଡାକ ଦେଇ ଯାଉଛି । ଇଚ୍ଛା ହେଉଥିଲା ସେ ମଲେଇବାଲାକୁ ଡାକି ଦୁଇ ଗ୍ଲାସ୍‌ଟି ମଲେଇ ଏକା ସଙ୍ଗେ ଖାଇଯିବାକୁ କିନ୍ତୁ ମନେ ପଡ଼ିଗଲା ବାବା ବୋଉଙ୍କ ଠାରୁ ପିଲାଦିନେ ଶୁଣିଥିବା ତାଗିଦ୍- 'ମଲେଇ ଖାଇବୁନି; ଏସବୁ ଗାଡ଼ିଆ, ପୋଖରୀ, ନାଳ ଆଦିର ଅପରିଷ୍କାର ପାଣିରେ ହୋଇଥାଏ ।' ତେଣୁ ମଲେଇବାଲାକୁ ଡାକି ନ ପାରି ଅଗତ୍ୟା ଘର ଭିତରକୁ ପଶି ଆସିଲା ବେଳକୁ; ବୋଉ ସତେ ଯେପରି ମୋ ମନକଥା ଛଡ଼ାଇ ନେଲା ଭଳି କହି ଉଠିଲା- ମଲେଇବାଲାକୁ ଡାକିଲୁନି; ସମସ୍ତେ ମିଶି ମଲେଇ ଖାଇଥାନ୍ତେ ।

ISSN NO.
2582-208X

ତେଣୁ ଆଉ ଡେରି ନ କରି ମଲେଇବାଲାକୁ ଡାକଦେଲି । ଆଉ ତା' କାଠ ବକ୍ସରେ ଥିବା କଦଳୀ ମିଶା, ନଡ଼ିଆ କୋରା ମିଶା, ସିମେଇ ଓ ଶାଗୁଦାନା ମିଶା, କମଳା ଓ ଅଙ୍ଗୁର ମିଶା ଆଦି ନାନା କସମର ଦଶଟି ମଲେଇ ନେଇ ଆସିଲି । ବାବା ଘରେ ନଥାନ୍ତି । ଭଉଣୀ ତ ଏବେ ତା' ଶାଶୁଘରେ । ତେଣୁ ଆମେ ଦୁଇଭାଇ ଆଉ ବୋଉ ମିଶି ବସିଲୁ ମଲେଇ ଖାଇବାକୁ । କି ଆନନ୍ଦ ସଭିଙ୍କ ମନରେ । ଏ ଉଦୁଉଦିଆ ଖରାବେଳଟାରେ କୋଟିନିଧି ପାଇଗଲା ଭଳି ମନେ ହେଉଥିଲା । କିନ୍ତୁ ଏ କ'ଣ ? ଏହି ମଲେଇ ଖାଇବା ପାଇଁ ତ ଜିଦ୍ କରି ପିଲାବେଳେ ଆମେ ଭାଇଭଉଣୀ ତିନିଜଣ ବାବାବୋଉଙ୍କ ଠାରୁ ଅନେକ ଗାଳି ମାଡ଼ ଖାଇଛୁ । ବିଶେଷ କରି ମୋ ସାନଭଉଣୀ ମଲେଇ ଆସିଲା ମାନେ ତା'ର ଏକା ଜିଦ୍ ସେ ମଲେଇ ଖାଇବ । ତେଣୁ ମଲେଇବାଲାକୁ ସେ ହିଁ ଆଗ ଡାକ ପକାଏ । ଆଜିର ଘଟଣା କିନ୍ତୁ ଭିନ୍ନ ପ୍ରକାର ଥିଲା । ଯେଉଁ ବୋଉ ଦିନେ ଆମ ତିନିଜଣକୁ ମଲେଇ ଖାଇବାକୁ ବାରଣ କରି କହୁଥିଲା- "ଏସବୁ ମଲେଇ ପଚା କଦଳୀ, କମଳା, ଅଙ୍ଗୁର ଓ ନଡ଼ିଆ ଆଦି ସହ ଗାଡ଼ିଆ, ପୋଖରୀ ପାଣିରେ ତିଆରି ହେଉଛି" ।

ସେ ପୁଣି ଆଜି ନିଜେ କହିଛି- ମଲେଇ ଆଣିବାକୁ । ଆଉ ନିଜେ ପୁଣି ଆମ ସହ ବସି ବଡ଼ ଆନନ୍ଦରେ ମଲେଇ ଖାଉଛି । ତେଣୁ ଆମେ ଦୁଇଭାଇ ବି ଅତ୍ୟନ୍ତ ଖୁସି । କାରଣ ଯେଉଁ ମଲେଇ ଖାଇବାକୁ ପିଲାଦିନେ ଅନେକ ବାରଣ ଥିଲା । ଆଉ ଆମର ବି ମଲେଇ ଖାଇବାକୁ ନାନା ବାହାନା ଥିଲା । କିନ୍ତୁ ଆଜି ଅନାୟାସରେ ସେ ମଲେଇ ଖାଇବାର ସୁଯୋଗ ବୋଉ ନିଜେ ଦେଇଛି । ନା' ଅଛି ବାରଣ- ନା' ଅଛି ବାହାନା । କିନ୍ତୁ ଭୟ ଏତିକି ଯେ, ବାବା ଆସିଗଲେ କାଳେ ମଲେଇ ଖାଉଥିବା ଦେଖି ଗାଳିଦେବେ । ତେଣୁ ବାବା ଆସିବା ପୂର୍ବରୁ ମଲେଇ ସାରିବାକୁ ପଡ଼ିବ । ଆଉ ସରିଯାଇଥିଲା ମଧ୍ୟ ଆମ ଦୁଇଭାଇଙ୍କର ମଲେଇ । କିନ୍ତୁ ବୋଉ ହାତରେ ଥିବା ମଲେଇର କିଛି ଅଂଶ ବାକି ଥିଲା । ହଠାତ୍ ବାବା ଘରକୁ ଚାଲିଆସିଲେ । ବାବାଙ୍କୁ ଦେଖି ବୋଉ ମଲେଇଟି ଫିଙ୍ଗିଦେଇ ଚୁପ୍ ହୋଇ ବସିଗଲା ।

ବାବା କିନ୍ତୁ କହିଲେ- ଆରେ ପିଲାମାନେ ଗାଁ ଶେଷ ମୁଣ୍ଡରେ ମୁଁ ମଲେଇବାଲାକୁ ଦେଖିଲି । ତାକୁ ଡାକିଲନି ସମସ୍ତେ ମିଶି ମଲେଇ ଖାଇଥାନ୍ତେ ।

ISSN NO.
2582-208X

ଆମମାନଙ୍କ କାନକୁ କଥାଟା ବିଶ୍ୱାସ ନହେଲେ ବି ସତ । ଏ କ'ଣ ! ବାବାଙ୍କର ବି ଆଜି ମଲେଇ ଖାଇବାକୁ ମନ ବଳଛି । ମନେହେଲା ସତରେ କ'ଣ ଆଜି ଆମମାନଙ୍କ ପିଲାଦିନ ଫେରିଆସିଛି ?

କିନ୍ତୁ ବାବା କହିଥିବା - 'ମଲେଇବାଲାକୁ ଡାକଲନ' କଥାର ପ୍ରତ୍ୟୁତର ନ ଦେଇ ଆମେମାନେ ଚୁପ୍ ରହିଲୁ । ବାପା କିନ୍ତୁ ଆମମାନଙ୍କ ପାଟି ଓ ଓଠକୁ ଦେଖି ଠିକ୍ ରୂପେ ଠଉରାଇ ପାରିଥିଲେ । ତେଣୁ ସେ ଆଉ କିଛି ନ କହି କେବଳ ମୁରୁକି ହସଟିଏ ଦେଇ ନିଜ କାମରେ ଚାଲିଗଲେ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର/ମୋ:୮୮୯୫୧୪୧୭୨୭

ISSN NO.
2582-208X

# ସନ୍ଥକବି ଭୀମ ଭୋଇ



ପ୍ରଶାନ୍ତ କୁମାର ନାଥ

ଜୀବନ ଯାହାର ଅନ୍ଧକାର ମୟ
ଦେଖିନି ଆଲୋକ ଜ୍ୟୋତି
ସମାଜ ହିତରେ ଜୀବନ ସମର୍ପି
ଜାଳିଲ ଆଲୋକ ବତୀ।

ଛୁଇଁ ପାରିନାହିଁ ଘନ ଅନ୍ଧକାର
ତାଙ୍କ ମନ ମସ୍ତିଷ୍କ କୁ
ହୃଦୟ ତାଙ୍କର ପରଂବ୍ରହ୍ମେ ଲୀନ
ବ୍ରହ୍ମାଣ୍ଡ ଦିଶଇ ତାକୁ।

ଅନ୍ଧ ହୋଇ ନିଜେ ଆଲୋକର ଧାର
ଅଖଣ୍ଡର ଦୀପ ପରି
ଅହର୍ନିଃଶ ଜଳି ପ୍ରାଣୀଙ୍କ ହିତରେ
ଅନ୍ଧାରକୁ ଥିଲେ ହାରି।

ପାର୍ଥିବ ପଥରେ ନଥିଲାଟି ମତି
ଦିବ୍ୟ ପଥ ଅନୁସରି
ଜନ ହିତ ପାଇଁ ଲେଖିଲେ କବିତା
ହାତରେ ଲେଖନୀ ଧରି।

ସନ୍ଥ ଭୀମ ଭୋଇ ଶାନ୍ତିର ପ୍ରତୀକ
ପ୍ରଭୁ ଅନୁରାଗି ହୋଇ
ମହିମା ଧର୍ମର ପ୍ରଚାର କରିଲେ
ଅଲେଖର ନାମ ଗାଇ।

ସେ ସନ୍ଥ ଚରଣେ କୋଟି ପ୍ରଣିପାତ
ଆଜି ଏ ପୂଣ୍ୟ ତିଥିରେ
ବାନା ତଳେ ତୁମ ସରଣ ଦିଅ ହେ
ଅପ୍ରମିତ ଦୁଃଖ ଭାରେ।।

(ଜୁଣଗଡି) ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଆତ୍ମଲିପି



ଦୀପଙ୍କର ଜେନା

ମୋ ଜନ୍ମ ସମୟ ଓ ତାରିଖ ଟା
ମୋ ପକ୍ଷେ ଜାଣିବାର ଅବକାଶ ନ ଥିଲା,
ବୋଧେ ବାପା ମନେ ରଖିଥିଲେ,
ଆଉ ବୁଢ଼ୀମା କୁଳ ଅବଧାନ କୁ
ଡକେଇ ତାଳପତ୍ରରେ ଲେଖେଇଥିଲା
ମୋ ଅବଶିଷ୍ଟ ଆୟୁଷ ର
ହଲପ୍ ନାମା ।

ହେତୁ ପାଇବା ଦିନ ଠାରୁ
ମୁଁ କେବଳ ସଜାଡି ଚାଲିଥିଲି
ଦୂରେଇ ଦେବାକୁ ଚେଷ୍ଟା କରୁଥିଲି
ମୋ ଲକ୍ଷ୍ୟ ସ୍ଥଳ ଯାଏ ଲମ୍ବିଥିବା
ରାସ୍ତାରେ ଥିବା ସବୁ ବାଧାବିଘ୍ନ,
ସ୍ୱପ୍ନ ବୁଣି ବୁଣି ଲଟେଇ ସୂତାକୁ
ଲମ୍ବାଉଥିଲି ମୋ ଆକାଂକ୍ଷା ର
ଗୁଡ଼ି ଉଡୁଥିବା ଉଚ୍ଚତା ଯାଏ,
କେବେ କେବେ ଝୁଣ୍ଟି ପଡୁଥିଲି

କ୍ଷତାକ୍ତ, ରକ୍ତାକ୍ତ ହେଲେ ବି
ଖାତିର ନ ଥିଲା ମୋର,
ଚେଷ୍ଟା ଥିଲା ପ୍ରତିଦ୍ୱନ୍ଦୀ ଙ୍କ
ଠାରୁ ଆଗରେ ରହିବି,
ଜଣା ପଡିଲାନି କେତେ ବେଳେ
ନିଜ ଭିତ୍ତିଭୂମି ସଜାଡୁ ସଜାଡୁ
କଟିଗଲା ଜୀବନର ଅର୍ଦ୍ଧେକ
ଆୟୁଷ ।

ସେଇ ଭିତ୍ତିଭୂମି ଉପରେ ଠିଆ ହୋଇ
ଅଣ୍ଟା ସଳଖିଲା ବେଳକୁ
ଦେଖୁଛି ମୁଁ ଦିନ ନଇଁଲାଣି
ସମୟ ର ଆହ୍ୱାନ କେବଳ,
ଦିଗ୍ ବଳୟ ସେପଟୁ ଶୁଭୁଛି
ଶୀଘ୍ର ଶୀଘ୍ର ଅବଶିଷ୍ଟ ଦାୟିତ୍ୱ କୁ
ସାରି ଦେବାର ନୀରବ ନିର୍ଦ୍ଦେଶ,

ISSN NO.
2582-208X

ବଳ ହଟିଲାଣି, ସାହସ ବି ଆଉ ନାହିଁ
ଅପ୍ରାପ୍ତି ର ଦୀର୍ଘଶ୍ୱାସ,
ଅଣନିଶ୍ୱାସୀ ହୋଇ ଧାଉଁଛି
ପୁଣି ସେଇ ପ୍ରତିଦ୍ୱନ୍ଦୀ ମାନଙ୍କ ସହିତ
କେବେ ଆଗରେ, କେବେ ପଛରେ
ଆୟୁଷ ର ବାଲିଘଡି ରେ ବଳକା
କେଇ ମୁଠା ବାଲି, କେବେ ସୁସ୍ପଷ୍ଟ
ପୁଣି କେବେ ଅସ୍ପଷ୍ଟ ବି ଦିଶୁଛି
ମୁଁ ଏବେ ବି ସନ୍ଦିହାନ,
ମୋର ଏ ଦୌଡ ମୋତେ
କେଉଁଠି ପହଞ୍ଚାଉଛି,
ଲକ୍ଷ୍ୟସ୍ଥଳ ରେ ଟଣା ଯାଇଥିବା
ଶେଷ ଗାରକୁ ଛୁଉଁଛି
କି କକ୍ଷ୍ୟଚ୍ୟୁତ ଉଲ୍ କାଟେ
ପରି ଶୂନ୍ୟତା ରେ
ବିଲୀନ ହେଉଛି ।।

ଜଗତସିଂହପୁର, ଓଡିଶା - ୭୫୪୧୦୩

ISSN NO.
2582-208X

# ନିଶିଥିନୀର ନାୟିକା

ବିଶ୍ୱଜିତା ବରାଳ

ନୁହେଁ ସେ କଳିକା
ସେ ଏକ ବାଳିକା
ଗଣିକା ହେବା
ନଥିଲା ତା'ର ଅଭିଳାଷ
ଏ ସଭ୍ୟ ସମାଜ କ'ଣ ମୂଲ ଦେଲା
ତା ଏକେଲା ପଣର ...
ଭାବିଲା ବେଳକୁ ନୟନ କୋଣରେ
ଜମାଟ ବାନ୍ଧେ କୁହ୍ଢ କୁହ୍ଢ ଅନ୍ଧାର
ବିସ୍ମୃତ ଅତୀତ ବିସ୍ତୃତ ପରିଚୟ..

ଝୁଣି ଝୁଣି ଖାଇଗଲେ
ଶ୍ୱାନ ଶୃଗାଳ ପରି
ଖଣ୍ଡ ଖଣ୍ଡ ମାଂସ
ଦଳ ଦଳ ଚିଲ ,ଶାଗୁଣା ପଲ
ଚଞ୍ଚୁରେ ବିଦାରି ଫିଙ୍ଗିଦେଲେ
ପରିତ୍ୟକ୍ତ ତାର ନିର୍ଜୀବ ଶରୀର
ସଭ୍ୟ ସମାଜର
ଅଳିଆ ଗଦାରେ .....

ପେଟର ଭୋକ ମରିଥାଏ
କିଛି ଖାଦ୍ୟରେ....
ଦେହର ଭୋକ ମରିଯାଏ କି
ଏଇ କ୍ଷୁଧାତୁର
ନର ମାଂସ ଲୋଭୀଙ୍କର...??
ଅସୁମାରୀ କାମନାର ବହ୍ନି
ପ୍ରଜ୍ୱଳିତ ହୁଏ ଲେଲିହାନ ଶିଖା ନେଇ
ଦେହ ଭୋଗ ଉତ୍ତାରେ
ଅନ୍ତହୀନ କ୍ଷୁଧା
ପ୍ରଶମିତ ଆଳେ
ଗ୍ରାସିଯାଏ ସମଗ୍ର ଜୀବନ ସତ୍ତା...

ସେ ଏକ ନାୟିକା
କାହା ପାଇଁ ପୁଣି
ନିଶାମୁଖର ପ୍ରେମିକା
କେବେ ସାଜିଥାଏ
ରାତ୍ରର ଶଯ୍ୟାସଙ୍ଗିନୀ
ଆବଦ୍ଧ କୋଠରୀର
ଛିନ୍ନ ପାଖୁଡ଼ା ବିଛୁରିତ
ଶଯ୍ୟାପରେ....

ISSN NO.
2582-208X

ଆସ, ଆସ ଦେଖିଯାଅ ଥରେ
ବେଦନାର ଅନ୍ତର୍ଦାହରେ ବିଗଳିତା
ଖୋଜୁଥାଏ
ଜୀବନ ପରିଚୟ ଅହରହ
ରାତିରେ ମରେ ବାରମ୍ବାର ପୁଣି
ସକାଳେ ବଞ୍ଚିଥାଏ ନୂଆ ଏକ
ପଲ୍ଲବିତ ଆଶା ନେଇ...

ମୃତ୍ୟୁ ବି ତା ପାଇଁ ସାତପର
ମାତ୍ର ପ୍ରତିକ୍ଷଣ
ଅନିଚ୍ଛା ସତ୍ତ୍ୱେ ପିଉଥାଏ
ଜୀବନର ଜହର
ସେ କ'ଣ ଏକ ମଞ୍ଚସ୍ଥ ନାଟକର
ଭୁଲ୍ ସଂଳାପିତ ଦୃଶ୍ୟଟିଏ..... ?
ଏ କ'ଣ ତା'ର ପ୍ରାପ୍ତି ...??
ନିର୍ବାସିନ ନିଏ ନବବଧୂର
ସିନ୍ଦୁରିତ ଲାଲିମାରୁ
ଜୀବନର ଅସୁମାରୀ ସୁଖରୁ,
ଅଶାନ୍ତ ପରାହତ ନାୟିକା ଟେ
ଜୀବନ ସଂଗ୍ରାମରେ ....

କେହି ତ ଜଣେ ରାମଚନ୍ଦ୍ର ଜନ୍ମନିଅ
ନିସ୍ତରି ଯାଉ ପାଷାଣୀ ଅହଲ୍ୟା
ପ୍ରକଟିତ ହେଉ ଦେବୀ ରୂପରେ...

ପୁରୀ

ISSN NO.
2582-208X

# ସହଧର୍ମିଣୀ



ପ୍ରଦୀପ୍ତ କୁମାର ମିଶ୍ର

କେବେ କେବେ ମଣିଷ ଏକାରୁ ଅନେକ ହୋଇଯାଏ କେତେବେଳେ ଅନେକ ରୁ ପୁଣି ଏକା ହେବାର ପ୍ରୟାସ କରେ କାରଣ ଭିଡ଼ବି କଷ୍ଟଦିଏ ପୁଣି ଏକଲା ପଣ ବି କଷ୍ଟଦିଏ। ଜୀବନର ପ୍ରାରମ୍ଭ ହୁଏ ପରିବାର ବାପାମଆ ଙ୍କ ସଂସ୍କାରରୁ। ଯେଉଁ ସଂସ୍କାର ପରମ୍ପରା କେତେଯେ ଆନନ୍ଦ ଦିଏ ଯାହା ପ୍ରତିମୁହୂର୍ତ୍ତ ରେ ଗୋଟିଏ ଗୋଟିଏ ଜୀବନ୍ତ ସ୍ମୃତି। କିନ୍ତୁ ସମୟ ଅନୁସାରେ ସେହି ସଂସ୍କୃତି ପରମ୍ପରା ଅନ୍ୟ ନିକଟରେ ବନ୍ଧା ପଡ଼ିଯାଏ ଭାବିବା ବି ନାଚାର ହୋଇଯାଏ ।

ମୋର ବିବାହ ପରେ ମୁଁ କେବଳ ଭାବୁଥିଲି ମୋପାରିବାରର ଖୁସି ଓ ସୁଖ ସବୁବେଳେ ଦେଖିବି ମୋ ସହ ମୋର ପତ୍ନୀବି ନିଶ୍ଚିତ ସାଥ ଦେବ। ମୋ ପତ୍ନୀ ପ୍ରତି ମୋ ଭଲପାଇବା ଓ ତାର ଶ୍ରଦ୍ଧା ମୋତେ ଏହା ଦାବି କରିବାର ସୂଚଉ ଥିଲା ସର୍ବଦା। କିନ୍ତୁ ସେ ପରେ ସହରରେ ରହିବାର ଜିଦ ମୋତେ ବିବ୍ରତ କଲାପରେ ବି ମୁଁ ତାର ଯୁକ୍ତି ନିକଟରେ ସର୍ବଦା ନୀରବତା ଅବଲମ୍ବନ କରିବାକୁ ବାଧ୍ୟହେଲି।

ବାପା ମାଆ ଘର ଛାଡ଼ି ଗାଁ ସାଙ୍ଗ ସାଥି ଛାଡି ମୋତେ ମୋର ଘର ନିର୍ମାଣ କଲି କେବଳ ମୋ ପରିବାର କୁ ନେଇ। ମୋ ଅଫିସ ମୋ ଘର ମୋ ସଂସ୍ପର୍ଶରେ ଆସୁଥିବା ସମସ୍ତ ବ୍ୟକ୍ତି ହୋଇଗଲେ ମୋର ଏକାନ୍ତ ନିଜର। ମୋ ବୋଉର ଦୁଃଖ ଓ ଦୁର୍ବଳ ଶରୀର ମୋତେ ଦେଖାଯାଉନଥିଲା। ମୁଁ ମୋ ସ୍ତ୍ରୀ ର ନିର୍ଦ୍ଦେଶନାରେ ଏକ କଳାକାର ବନିଯାଉଥିଲି। କ୍ରମେ ମୋର ଗାଁ ମୋଠାରୁ ଦୁରେଇଗଲା। ମୋ ବାପା ବୋଉ କେବଳ ମୋବାଇଲର ବନ୍ଧୁ ଭଳି

ISSN NO.
2582-208X

ହୋଇଗଲେ। ଗାଁ କୁ ଗଲେ କେମିତି ବହୁଶିଘ୍ର ଫେରିବା ମୋର ଲକ୍ଷ୍ୟ ରହୁଥିଲା। ମୋ ପତ୍ନୀଙ୍କ ଚଳଣି ବଦଳିଯିବାର ଲକ୍ଷ୍ୟ କଲି। ଯିଏ ଘରେ ସମସ୍ତଙ୍କୁ ଏକ କରିପାରିନଥିଲା ସେ ବାହାର ଲୋକଙ୍କ ସହ ବେଶ ମିଶିବାର କଳା ଆହରଣ କରିଗଲା। ନିଜର ରୂପ ସଂସ୍କାର ସବୁର ଆହେତୁକ ପରିବର୍ତ୍ତନ ମୋତେ କିଛି ସମୟପାଇଁ ଆନନ୍ଦ ଦେଉଥିଲା। ମୋପିଲା କେବଳ ମୋର ଏଦୁନିଆ ରେ ଆଉ କେହି ମୋ ନିଜର ନାହିଁ ମୋତେ ଲାଗିଲା। ମୁଁ ଭୁଲିଗଲି ମୋ ବୋଉର ଦିନରାତି ଖଟଣି ମୁଁ ଭୁଲିଗଲି ବାପାଙ୍କର ସ୍ନେହ, ଭୁଲିଗଲି ଶିକ୍ଷକ ଙ୍କର ଅକପଟ ଭଲପାଇବାର। ଭୁଲିଗଲି ମୋ ପିଲାବେଳର ସାଙ୍ଗସାଥି ଧୁଳିଖେଳ ଗାଁ ନଦୀ ବିଲ ପାହାଡ଼ । କେବଳ ତେଲ ଲୁଣ ଦୁନିଆରେ ପଇସା ସଞ୍ଚି ନିଜର ଫାଇଦା ମୋ କାନପାଖରେ ଶୁଣା ଯାଉଥିଲା ମାତ୍ର ।

କିଛି ଦିନ ପରେ ବାପାଙ୍କର ଫୋନ ଆସିଲା ତୁ ଯଦି ଆସନ୍ତୁ ଭଲହୁଅନ୍ତା ବୋଉ ତୋର ଆଜି କୋଉ କାମକୁ ପାରୁନି। ବେଶ ରୋଗୀଣା ହୋଇଗଲାଣି ଭଉଣୀ ତାଘର ଛାଡି ସବୁବେଳେ ଆସିପାରୁନି। ତେଣୁ ତୋର ତା ନିକଟରେ ଆବଶ୍ୟକତା ଅଛି। ଅବଶ୍ୟ ତୁ ତୋର କାର୍ଯ୍ୟ କୁଦେଖିଲାପରେ ଅବଶିଷ୍ଟ କିଛି ସମୟ ଏଘର ନିମିତ୍ତ ବିନିଯୋଗ କରିବାର ଅଛି। ମୁଁ ତୋଠାରୁ ଅନେକ କିଛି ଆଶାକରେ। ମୁଁ ବାପାଙ୍କୁ କିଛି କହିବା ପୂର୍ବରୁ ସେ ଫୋନ କାଟିଦେଲେ। ମୁଁ ଜାଣେ ମୋ ବାପା ପୁରା ରୋକଠୋକ ସେ ସମସ୍ତଙ୍କୁ ତାଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇ ଦେଇଥାନ୍ତି । ଏକଥା ମୋ ସ୍ତ୍ରୀ କୁ କହିଲା ପରେ ତାର ପିଲାଙ୍କ ଭବିଷ୍ୟତ ସମ୍ପର୍କରେ ପୁଣି କହିଲା। ମୁଁ ଯାଇ ପାରିବିନି ଏଠି ସବୁକୁ ଚାବିପକାଇ। ମୁଁ ବୋଉ ର ଏ ଅବସ୍ଥା ରେ ବ୍ୟସ୍ତ ଥିବାବେଳେ ସେ ନିର୍ବିକାର ଜଣାହେଉଥିଲା।।

ମୁଁ ସକାଳୁ ଛୁଟି ସମ୍ପର୍କରେ ମୋ ଅଫିସକୁଫୋନରେ କହିଦେଇ ଗାଁକୁ ବହାରିଗଲି। ମୋତେ କେବଳ ମୋବୋଉର ମୁହଁ ହିଁ ଦେଖାଯାଉଥିଲା। ପଛରେ କିଛି ବି ମୁଁ ଭାବିପାରୁନଥିଲି। ଗାଁରେ ବୋଉ ମୋତେ ଦେଖି ତାର ରୋଗ ଭଲହୋଇଗଲା। ବାପାବି ଆଶ୍ୱସ୍ତ ହେଲେ।

କିଛିଦିନ ପରେ ମୋ ସ୍ତ୍ରୀ ଫୋନ କଲାରୁ ମୁଁ ଏଠାରେ କିଛିଦିନ ରହିବାକୁ ମନସ୍ଥ କରିନେଇଛି ବୋଲି କହିଲି, ଏହି ସମୟରେ ମୋର ତାଙ୍କପାଖରେ ରହିବା ଆବଶ୍ୟକତା ଅବଶ୍ୟ ଅଛି, ତମେ ଆସିପାର ନଚେତ ମୁଁ ଇଏଲ ନେଇ ସେମାନଙ୍କ ସୁସ୍ଥତା ଦେଖିବି ।

ISSN NO.
2582-208X

କିଛି ଦିନ ପରେ ମୋର ସ୍ତ୍ରୀ ତାର ପିଲାଙ୍କୁ ନେଇ ବାଧ୍ୟହୋଇ ଘରକୁ ଆସିଲା। ମୁଁ କିନ୍ତୁ ତାକୁ ମୋ ବାପାମାଆଙ୍କ ପାଖରେ ରହିବାକୁ କହି ମୋ ଅଫିସ ରୁ ଏଠିକୁ ପ୍ରାୟ ଯିବା ଆସିବା କରିବି ବୋଲି ଶେଷ କଥା ଶୁଣେଇ ଦେଲି। ମୋ ବୋଉର ଆଖିରେ ପୁଣି ଚମକ ଦେଖୁଥିଲି ତାର ନାତି ନାତୁଣୀ ଙ୍କୁ ଦେଖି ।

ଅରେଇ, ଯାଜପୁର, 9658614728

ISSN NO.
2582-208X

# ପାରିବ କି କହି ?



ଝରଣା ବାରିକ

ଧମନୀକୁ ଯଦି ପଚାରେ ରକ୍ତଟି
ତୁ କାହିଁକି ଭଲ ପାଉଛୁ,
ନିଃଶ୍ୱାସକୁ ଯଦି ଶରୀର ପଚାରେ
ତୁ କାହିଁକି ଆସି ଯାଉଛୁ।

ହୃଦୟକୁ ଯଦି ଦେହଟି ପଚାରେ
ଏମିତି କାହିଁକି ଥରୁଛୁ,
ମସ୍ତିଷ୍କକୁ ଯଦି ପଚାରେ ଶରୀର
ତୁ କାହିଁ ଇଙ୍ଗିତ କରୁଛୁ।

କାହାକୁ ଆମେ ଏ ଉତ୍ତର ମାଗିବା
କିଏ ସେ ପାରିବ କହି,
ଜଣକର ବିନା ଅନ୍ୟ ଜଣେ ଏଠି
ବଞ୍ଚିକି ପାରିବ ରହି !!

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ରାଜଧାନୀରେ ବର୍ଷା



କୁଞ୍ଜ ବିହାରୀ ସାହୁ

(କ)

ସକାଳର ପାଣିପାଗ ନିରବି ଥିଲା । ତା ଓଠରେ ମେଘୁଆ ରଙ୍ଗ ଲାଖିଥିଲା । ଓଠ ଖୋଲି ହସିଲାବେଳକୁ ବାଟଘାଟ, ପରିବେଶ ଶାନ୍ତିମୟ ଦିଶୁଥିଲା ।

ସକାଳକୁ ପଚାରିଲି, ସତରେ ତୁ ଆଜି ବହୁତ ସୁନ୍ଦର ଦିଶୁଛୁ । ସଫେଦ ମୁହଁରେ ତୁ ହସୁଛୁ ନା !

ହସିଦେଲା ଖିଲିଖିଲି ।

ହଠାତ୍ ବିଗିଡ଼ିଗଲା ପାଣିପାଗ । ଅପରାହ୍ନ ବେଳ ଦରାଣ୍ଡୁଥିଲା । ବେଙ୍ଗ ରାବୁନଥିଲା ।

ବିଜୁଳିର ଚମକରେ ଚମକିଗଲା ସୁସ୍ଥ ପରିବେଶ । ପହ୍ନେଇଲା ଗାଈ ପରି ଆକାଶରୁ ଝରିଗଲା ବର୍ଷା । ନିରଳସ ଢଙ୍ଗରେ ଅଜାଡି ପଡ଼ିଲା ଟୋପା ଟୋପା ପାଣି । ମେଘ ଆଖିରୁ ଝରିଗଲା ଲୁହ । ରାଜଧାନୀ ଆହୁରି ଶାନ୍ତ ପଡ଼ିଗଲା । ପାଣିର ସୁଅ ଛୁଟିଗଲା ଅବିଚଳିତ ଭାବେ । ଖାଲଖମାରେ ଅସରନ୍ତି ପାଣି । ବୈଶାଖ ହାତଠାରି ଡାକୁଥିଲା - ମୁଁ ଯେ ଅଦିନ ମେଘ ଆଣିଛି ଖାସ ତୁମପାଇଁ । ତୁମେ ରାଜଧାନୀଆ ।

ରାଜଧାନୀର ଦେହସାରା ବର୍ଷା । ଛାତିରୁ ବୋହିପଡୁଥିଲା ବୈଶାଖି ସ୍ୱେଦ । ଅସଜଡା ଲାଗୁଥିଲାବେଳେ ଏ ଅଦିନ ମେଘ ମିଠା ସ୍ପର୍ଶ ଦେହ ମନକୁ ଆମୋଦିତ କରିଦେଲା ।

ଓଃ କି ଆଶ୍ୱସ୍ତି !!

ISSN NO.
2582-208X

(ଖ)

କବାଟ ଠକ ଠକ୍ ଶବ୍ଦ ଶୁଣି ଚମକିଗଲା ନୂଆ ଭଡ଼ାଟିଆ । ନିଦ ମଳ ମଳ ଆଖିରେ ପ୍ରଶ୍ନଟିଏ ଥୋଇଦେଲା ଆଗନ୍ତୁକର ସାମ୍ନାରେ । କିଏ ? ମୁଁ ଚିହ୍ନିନି ଆପଣଙ୍କୁ ?

ଲେଡି ଭଡ଼ାଟିଆର ମନରେ ଭୟର ବୁଢିଆଣି ବସା । ଓଦା ସରସର ଆଗନ୍ତୁକକୁ ଦେଖି ପଚାରିବାକୁ ବାଧ୍ୟହେଲା- ବର୍ଷାରେ ଭିଜିଗଲେ କି ?

ନା..

ତେବେ...

ସାଇକେଲରେ ଆସିଲାବେଳେ ଖସିପଡ଼ିଲି । ଖାଲୁଆ ସ୍ଥାନରେ ବର୍ଷାପାଣିର ସୀମା ଜାଣିପାରିଲିନି । ସାଇକେଲ ଅଧବାଟ ଯାଏଁ ଭାସିଗଲା । ଗୋଟେଇ ଆଣିଲି ଅଥଚ ଜୁଡୁବୁଡୁ ହୋଇଗଲି ଗୋଟାପଣେ ବର୍ଷାରେ । ଟିକେ ଆଶ୍ରୟ ମିଳିବ କି ।

ହଁ ନାହିଁର ଦୋ ଛକିରେ ଭଡାଟିଆ ଆଶ୍ୱାସନା ଦେଲା - ଏ ରାଜଧାନୀରେ ଏମିତିକା ବର୍ଷା ହୁଏ ବୈଶାଖରେ !

ଆସନ୍ତୁ ଘର ଭିତରକୁ । କିଛି ସମୟ ପରେ ଚିହ୍ନିପାରିଲା ଭଡାଟିଆ । ଆଗନ୍ତୁକ ତା ଗାଁର ଲୋକା ମାଷ୍ଟର ।

ଆଗନ୍ତୁକ ପଚାରିଲା - ତୁ କ'ଣ ସୀମାରାଣୀର ଝିଅ ରୁନୁ । ପିଲାବେଳେ ମୋ ପାଖରେ ଟିଉସନ ହେଉଥିଲୁ ।

ହଁ, ମୁଁ ରୁନୁ। ରାଜଧାନୀରେ ଜବ୍ କରୁଛି । ଏଇଠି ଭଡାଘରେ ରହୁଛି । ସାରଙ୍କୁ ନମସ୍କାର କଲା । ଥଙ୍ଗେଇଗଲା କ୍ଷଣିକ। ଗଣିତ ଓ ଇଁରାଜୀରେ ଭଲ ହେଉନଥିଲା ବୋଲି ବହୁତ ମାଡ ଖାଇଛି । ଗୋରା ପିଠିରେ ନୋଳା ବସିଛି । ମନେପଡିଗଲା ଆଜି ।

ସାର୍, ଚାହା ଟିକେ ବନେଇଦେଉଛି । ହଁ, କଡା ଚାହା । ଚିନି ପକେଇବୁନି ।

ହଉ ସାର୍ ।

ISSN NO.
2582-208X

ରୋଷେଇଘରକୁ ପାଦ ବଢେଇଦେଲା ସାରଙ୍କ ପାଇଁ ଚାହା ବନେଇବାକୁ । କ୍ଷୀର ଛିଣ୍ଡିଯାଇଛି ସାର, । ନାଲି ଚାହା ଚଳିବ । ଅନୁନୟରେ କହିଲା ରୁନୁ ।

ଠିକ୍ ଅଛି । ଲୋକା ମାଷ୍ଟର କହିଲେ । ନାଲି ଚାହା ପ୍ରିପେୟାର କଲା ରୁନୁ ।

ଇତ୍ୟବସରରେ ଆଖି ପହଁରେଇନେଲା ଲୋକା ମାଷ୍ଟର କାନ୍ଥବାଡକୁ । ଘରଭିତରକୁ ବି ଅନେଇଦେଲା ଆଖିର ବାଇସ୍କୋପରେ । ସୁନ୍ଦର ସାଜସଜ୍ଜା । ଅହେତୁକ ଆକର୍ଷଣୀୟ। ନିବିଡ଼ ଆତ୍ମୀୟତା ଉଙ୍କିମାରୁଛି । ରୁନୁ ଏକୁଟିଆ କି ନା ପଚାରିବାକୁ ସାହସ କରିପାରିଲାନି। କାହିଁକି ବା ପଚାରିବ ସେ । ଆଶ୍ରୟ ମିଳିଛି ଯେଣୁ ବର୍ଷା ଥମିଗଲେ ଘର ଫେରନ୍ତା ହେବ ସେ । ନାଲି ଚାହା କପ୍ ବଢାଇଦେଲା ଆତିଥ୍ୟତାର ସହ । ରୁନୁ ପଚାରିଲା - ସାର୍ ଆପଣ ଏଇ ରାଜଧାନୀରେ ।

ଚାହା ଢୋକେ ପି'ଦେଇ ରସିକିଆ ଲୋକା ମାଷ୍ଟର କହିଦେଲା - ବାପା ଚାଲିଯିବାଦିନ ପରେ ଏକ ଷଡଯନ୍ତ୍ର ମୋ ଉପରେ ଲଦି ହୋଇଗଲା । ଚାକିରି ହରାଇ ନିରୂପାୟ ହୋଇଗଲି । ରୋଜଗାର ଉଦ୍ଦେଶ୍ୟରେ ରାଜଧାନୀକୁ ଆସିଗଲି ମା' କୁ ସାଥିରେ ଧରି । ପାସପୋର୍ଟ ଆଫିସ ପାଖାପାଖି ଏକ ଭଡାଘରେ ରହୁଛି । ହାଇସ୍କୁଲ ପିଲାମାନଙ୍କୁ ଟିଉସନ କରୁଛି । ପେଟପାଟଣା କଥା ।

ଏମିତି ଅଚାନକ ବର୍ଷା ହେଇଯିବ ବୋଲି ଭାବି ନଥିଲି । ବାହାରେ ଫର୍ଚ୍ଚା । ଗୋଧୂଳି ପାଖେଇ ଆସିଗଲାଣି । ଚା କପଟିକୁ ରୁନୁ ହାତକୁ ଦେଇଦେଲା ଲୋକା ମାଷ୍ଟର । ରୁନୁର କାଣୀ ଆଙ୍ଗୁଠିକୁ ଛୁଇଁଦେଲା । ଅଭଶୋସର ଭଗ୍ନାଂଶ ଗଣିତ ଠିକ୍ ଠାକ୍ ଲାଗିଗଲା ଅକସ୍ମାତ୍ । ପ୍ରଜାପତିଆ ନିଶକୁ ଦେଖେଇ ନିଜ ସାଇକେଲ ଧରି ଆପଣା ବାଟରେ ଫେରିଗଲା ରସିକିଆ ଲୋକା ମାଷ୍ଟର । ରୁନୁ ଦୀର୍ଘଶ୍ୱାସ ମାରିଲା କିଛି ଗୋଟିଏ ଅଘଟଣ ଘଟିନାହିଁ ବୋଲି ।

(ଗ)

କୋଚିଂ କ୍ଲାସରୁ ଫେରିଲାବେଳକୁ ଆଚାର୍ଯ୍ୟ ବିହାର ଛକରେ ପ୍ରବଳମାତ୍ରାରେ ବର୍ଷା ଆରମ୍ଭ ହୋଇଗଲା । ଓଦା ସର ସର ନ ହେଲେ ବି ପାଣି ଛିଟିକା ଲାଗିଥିଲା ଦେହରେ । ଶାଳିନୀ ମନରେ ଶଙ୍କା, ଏଇ କେତେ ଦିନ ତଳୁ ଥଣ୍ଡା ଜ୍ୱରରୁ ଉଠିଛି । କ୍ଲାସରେ

ISSN NO.
2582-208X

ଏଗଜାମ୍ ଥିବାରୁ ବାଧ୍ୟ ହୋଇଥିଲା ଯିବାକୁ । ଏବେ କରିବ କଣ ? ଅଟକିରହିଲା କିଛି ସମୟ ।

ଦେହରେ ଥଣ୍ଡା ପବନ ଗୁଡ଼େଇତୁଡ଼େଇ ହେଇ ଶୀତୁଆ ଲାଗୁଛି । ଶାଲଓ୍ୱାର ପଞ୍ଜାବୀରେ ବର୍ଷା ଅଝଟ ପଣରେ ଲାଗିଯାଇଛି । ଛାତି ଉପରଟା ସ୍ୱଷ୍ଟ ବାରି ହୋଇପଡୁଛି । ଅଚିହ୍ନା ପୁଅଟିଏ ସାହାଯ୍ୟର ହାତ ପ୍ରସାରି କହିଦେଲା - ଭଉଣୀ, କୁଆଡେ ଯାଇଥାନ୍ତ କି ? କିଛି ଭାବିବନି ଯଦି ଛତାଟି ଦେଇଥାନ୍ତି । ମୋ ଘର ଏ ପାଖରେ । ମୁଁ ଆଉ ଗୋଟିଏ ଛତା ଆଣି ତୁମକୁ ଘରେ ଛାଡ଼ିଦେଇ ଆସନ୍ତି । ଯଦି ମୋ ସହ ଯିବାକୁ ଅରାଜି, ଏ ଛତା ନିଅ, ମେତେ ରିଂ କଲେ ଘରୁ ଛତା ନେଇଆସିବି ।

ଶାଳିନୀ ନିଜକୁ ନିଜେ ଅନେକ ପ୍ରଶ୍ନ ଉପସ୍ଥାପନା କଲା । ଗାଁରୁ ଆସିବାର ଛଅମାସ ହେଇଗଲା । ଆଜି ହିଁ କେବଳ ଆସୁବିଧାକୁ ସାମ୍ନା କରିବାକୁ ପଡ଼ିଲା । ଏ ରାଜଧାନୀରେ ବି ଏଭଳି ମଣିଷ ଅଛନ୍ତି ସମ୍ବୋଧନରେ ଭଉଣୀ କହି ଅଯାଚିତ ସାହାଯ୍ୟ କରିବାକୁ ମନସ୍ଥ କରିଛନ୍ତି । ବୋଧହୁଏ ସେ ଠିକ୍ ବୁଝିପାରିଛି ଭାଇ ଭଉଣୀର ପବିତ୍ର ସମ୍ପର୍କ ଅତୁଟ ଓ ଅମଳିନ । କାହିକି କେଜାଣି ମୋ ମନରେ ଭାଇ ବୋଲି ଡାକିବାକୁ ଇଛା ହେଉଛି ।

ଶାଳିନୀ ପଚାରିଲା - ତୁମ ଘର ଏ ପାଖରେ ? ନାଁ କଣ । ପଢାପଢି କରୁଛ । ମୋର ଭାଇ ଭଲ ପଢୁଥିଲା । ପାଠ ହେଉ କି ଖେଳକୁଦ, ସବୁଥିରେ ଆଗୁଆ ଥିଲା । ଟିକେ ଲାଜକୁଳା ବୋଲି ତା ସାଥୀମାନେ ଥଟ୍ଟା କରନ୍ତି । ଆମ ଘରକୁ ଆସି ତା ସହ ଗେଲ ହୁଅନ୍ତି । କିଏ ତା ଛାତିରେ ଶୋଇପଡେ ତ କିଏ ମଜାଳିଆ ଗପ କହି ହସାଏ । ସ୍କୁଲରେ ପଢୁଥିଲାବେଳେ କିଏ ଲୁଚେଇ ନେଇଗଲା । ଆଜି ପର୍ଯ୍ୟନ୍ତ ଖୋଜିପାଇଲିନି । ମୁଁ ତ ଗାଉଁଲି ଝିଅ । ହଉ ଯଦି କହୁଛ, ମୋତେ ଛତାଟି ଦିଅ । ମୋ ଫୋନ ନଂ ରଖ । ସାହାଯ୍ୟ ପାଇଁ ବିଶେଷ ଧନ୍ୟବାଦ ।

ଶାଳିନୀ ଅଳ୍ପ ବର୍ଷାରେ ଛତା ଧରି ଘରକୁ ଫେରିଲା ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଦାଦନର ଦୁଃଖ

ବେଣୁଧର ସୂତାର

ଆଖିରେ ସପନ ହୃଦୟେ କଂପନ
ମନରେ ଅଜଣା ଭୀତି
ଆଜି କିଆଁ ଏତେ ମନେ ପଡୁଅଛି
ମାନମୟୀ ପ୍ରିୟା ପ୍ରୀତି
ତାରୁଣ୍ୟ ତନୁର ତାତି
ଦୂର ଅତୀତ ସେ ସାଇତା ସ୍ୱପ୍ନର
ଜୀବନର ମଧୁ ସ୍ମୃତି ।।

ଅପ ଦେବତାର ଅଭିସଂପାତରେ
ଭାଗ୍ୟ ମୋ ଦେଲାନି ସାହା
ଅଭାବ ରାହୁର ଜଠରେ ହଜିଲା
ବଂଚିବାର ଶେଷ ରାହା
ଜୀବନ ଜୀବିକା ବୃତ୍ତି
ଅର୍ଥପାଇଁ ଆଜି ବିଦେଶ ମାଟିରେ
ଖଟୁଛି ଦାଦନ ଗୋତି ।।

କିଏବା ବୁଝିବ ଦାଦନର ଦୁଃଖ
ଆକୁଳ ପ୍ରାଣର ତୃଷା
ଅଭାବ ଯାହାର ଜୀବନ ଲିପିର
ନୈରାଶ୍ୟ ର ପରିଭାଷା
ଭଗ୍ନ ବୁକୁର କୋହ

ISSN NO.
2582-208X

ଭାଗ୍ୟ ଭୂଗୋଳର
ବେଦନା ବଳୟେ
ଉଜୁଡିଛି ପ୍ରାଣ ମୋହ ।।

ଅଭାବି ସଂସାର ଯାତନା ଯନ୍ତର
ଲେଲିହାନ ଅଗ୍ନି ଶିଖା
ଭାଗ୍ୟ ଭବିଷ୍ୟର ଅଜଣା ଆତଙ୍କ
ଲଙ୍ଘିଛି ଲକ୍ଷ୍ମଣ ରେଖା
ଲଗାଇ ଜୀବନ ବାଜି
ଦାଦନ ଶ୍ରମିକ ଶୋଷଣ ଜୁଇରେ
ବୟସ ଯାଇଛି ହଜି ।।

ଉଜୁଡା କ୍ଷେତରେ ଲହଡ଼ି ମାରୁଛି
ଭଙ୍ଗା ସପନର ଢେଉ
ଯନ୍ତ୍ରଣା ଅନଳେ ନିତି ମୁହିଁ ଜଳେ
ସହି ନିୟତିର ଦାଉ
ବିଧାତା ଦେଇଛି ଦୁଃଖ
କିଏବା ପଢ଼ିବ ଦାଦନ ପ୍ରାଣର
ବେଦନାର ଅଭିଲେଖ ।।

କେଣଦୁର୍ପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X



# ଇଚ୍ଛାଭିଷାର

ଇଂ. ଆଶୋକ କୁମାର ପଟ୍ଟନାୟକ

ଆ....ତୁ ଆ ଆକାଶକୁ ଛୁଇଁବା
ଚାଲିଯିବା ଦୂର ଦିଗ୍ ବଳୟକୁ
ନଦୀ, ବନ, ଗିରୀ ପର୍ବତର
ସୀମା ଲଂଘିଯିବା।
ଆ... ତୁ ଆ ଆକାଶକୁ ଛୁଇଁବା
ଶୂନ୍ୟରେ ପହଁରିବା।
ଦୂରେଇଯିବା ଆମେ
ଜନ୍ମ ମୃତ୍ୟୁର ନିରାଟ
ସତ୍ୟତା ଠାରୁ ।
ସହସ୍ର ଯୋଜନ କୋଷ ଯାଇ  ମେଘକୁ ଛୁଇଁବା
ଢେର୍ ଦୂରକୁ ଚାଲିଯିବା।

ଆ... ତୁ ଆ ଆକାଶକୁ ଛୁଇଁବା
ମିଛ ସମ୍ପର୍କ ରେ ଉବୁଟୁବୁ
ପୃଥିବୀର ମାୟାପୁରିରୁ
ଛିର୍ଣ୍ଣ ହୋଇ ଜହ୍ନରେ
ଘର କରିବା ।

ISSN NO.
2582-208X

ଆ.. ତୁ ଆ ଆକାଶକୁ ଛୁଇଁବା।
ଏଠି ସ୍ୱାର୍ଥର ହାଟରେ ରିତିମତ୍ ସ୍ନେହର ମୂଲ ଚାଲ ଚାଲେ।
ଏଠି ଛନ୍ଦିହୁଏ ଭଲ ପାଇବାର ତମାମ୍ ବିଶ୍ୱାସ।
ସମ୍ପର୍କର ଏକ ନିରୋଳା ପଣରେ ଦୁହେଁ ଅଦୃଶ୍ୟ ହୋଇଯିବା

ଆ... ତୁ ଆ ହୃଦୟ ଖୋଲି ଆ
ଆକାଶକୁ ଛୁଇଁବା

ତୁ କବିତାଟିଏ ହୋଇ ବଞ୍ଚିବୁ
ଯୁଗରୁ ଯୁଗାନ୍ତର
ମୋ ଶବ୍ଦର ଗମ୍ଭୀରତାରେ
ପ୍ରେମର ଡେଣା ନାଇ
ବିରହର ସୀମା ଲଙ୍ଘି
ଦୁହେଁ ନିଜ ଭିତରେ ହଜିଯିବା
ଆ.... ତୁ ଆ ଆକାଶକୁ ଛୁଇଁବା

ଏମ୍ ଆଇ - ୨୬୩, କଳିଙ୍ଗ ବିହାର
ଛେଣ୍ଡ, ଫେଜ୍ - II, ରାଉରକେଲା - ୭୬୯୦୧୫
ଓଡ଼ିଶା

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ରାତିର ଗଭୀର ଅନ୍ଧାରରେ ବିକଟାଳ ଚିତ୍କାର । ଦେହସବୁ ଶୀତେଇ ଉଠୁଥାଏ । ସୁନନ୍ଦା ଏମିତି କାହିଁକି ମତେ ଡକାଇଲା ବହୁତ ବଡ ଗିଫ୍ଟଦେବ ବୋଲି କହୁଥିଲା, ସେ କଣ ଦେବ? ଫୋନ ରଖିବା ପୂର୍ବରୁ ଭୋ ଭୋ କାନ୍ଦି ପକାଇଲା । ବେଳେବେଳେ ଦେହ ଥରି ଉଠୁଥାଏ ଭୟଙ୍କର ଛୁଆଁରେ । ସୁନନ୍ଦା ପୁଣି କହିଛି ହସପିଟାଲ୍ କୁ ଯିବାକୁ । କଣ ହୋଇପାରେ ଉଦ୍ଦେଶ୍ୟ? ଗାଡିରୁ ଓହ୍ଲାଇପଡି ଅଟୋରେ ହସପିଟାଲ ଅଭିମୁଖେ ଚାଲିଲା ଜଗନ । ସେଠାରଏ ପହଞ୍ଚି ସିଧା ସୁନନ୍ଦା କେଉଁଠି ଅଛି ପଚାରିବାରୁ ଅଞ୍ଜନା ତାଙ୍କ ହାତ ଧରି ସୁନନ୍ଦାଙ୍କ ରୁମ୍ କୁ ନେଇଗଲା । ସୁନନ୍ଦ୍ ବାପ ଝିଅକୁ ଏକା ସାଙ୍ଗରେ ଦେଖି ଆନନ୍ଦରେ ଲୁହ ଝରିଯାଉଥାଏ ।

ଜଗନ, ମୋ ପାଖକୁ ଆସ? ବହୁତ ଇଚ୍ଛା ହେଉଛି । ତୁମ କୋଳରେ ଶୋଇଯିବାକୁ । ଜଗନ ସୁନନ୍ଦାକୁ ନିଜ କୋଳକୁ ନେଇ କହିଲା, ଏମିତି କଣ ହୋଇଛି ତୁମେ ଏମିତି ପାଗଳୀ ପରି କାହିଁକି ହେଉଛ?

ହଁ, ହଁ ଜଗନ, ମୁଁ ପାଗଳୀ ହୋଇଯିଛି । ଜାଣିଛ ଏ ଝିଅ କିଏ?

ନା... ।

ତୁମ ଝିଅ ଜଗନ । ଗୀତା ଦିଦି ଓ ତୁମର ଝିଅ, ସୁନନ୍ଦା କହିଲା । ଚମକି ପଡିଲା ଜଗନ କିଛି ବୁଝିପାରିଲାନାହିଁ । ତାସ୍ଲ୍ୟଭାବି ଅଞ୍ଜନାକୁ କହିଲା ସୁନନ୍ଦାର କଣ ହୋଇଛି? ଅଞ୍ଜନା କହିଲା ସେ ସବୁ ରକ୍ତ ମୋ ମାଆକୁ ଦେଇ ଦେଇଛନ୍ତି । ଯାହା ଫଳରେ .. .. ଆଉ କିଛି

ISSN NO.
2582-208X

କହିପାରିଲାନି ଅଞ୍ଜନା ।ସେତେବେଳକୁ ହାତକୁ ଗୋଟେ ଚିଠିଟେ ଧରେଇ ଜଗନର କୋଳରେ ସୁନନ୍ଦା ଚିର ନିଦ୍ରାରେ ଶୋଇଯାଇଥିଲା ।

ଅମନ ବି ଆସି ପହଞ୍ଚିଗଲା । ସବୁ ବ୍ୟବସ୍ଥାରେ ଲାଇଗଲା । ସୁନନ୍ଦା ମାଈଁର ଶବ ଘରକୁ ଯିବ । ଅଜା ଆଇ ବି ବହୁତ ଦୁଃଖରେ ଭାଙ୍ଗି ପଡିଥାନ୍ତି । ଅଞ୍ଜନା, ଆର ରୁମ୍ ରୁ ଗୀତାକୁ ଧରିଧରି ସମସ୍ତିଙ୍କ ପାଖରେ ପହଞ୍ଚିଲା । ଜଗନ ସୁନନ୍ଦାର ଚିଠିଟି ଖୋଲି ଦେଖିଲା । ସେଥିରେ ଲେଖାଥିଲା ଆଖି ଦୁଇଟି ମାଆଙ୍କୁ ଦେଇଦେବ ଜଗନ । ମତେ କ୍ଷମା କରିଦେବ । ଆଶ୍ଚର୍ଯ୍ୟ ହୋଇଗଲେ, ଗୀତା ଜଗନକୁ ଦେଖି.. ! ! ! ଜଗନ ଉଠିପଡିଲା, ତୁମେ ... ଆଉ କିଛି ନ କହି ଚୁପ୍ ହୋଇଗଲା । ଅଞ୍ଜନା କହିଲା ହଁ ଗୀତା ମୋ ମାମା । କଣ ଆପଣ ଆଗରୁ ଜାଣିଛନ୍ତି କି? ଭୋ ଭୋ ହୋଇ କାନ୍ଦି ଉଠିଲା ଜଗନ ।

ଜବାବ ଦିଅ ଜଗନ ?? ବାହାରୁ କହ୍ନେଇ ଚିତ୍କାର କରି କହି ରୁମ୍ କୁ ପଶିଆସିଲା । ଜଗନ ଚୁପ୍ ଥାଏ । ସିଦ୍ଧେଶ୍ୱରବାବୁ କିଛି ବୁଝି ପାରିଲେନାହିଁ । କଣ ହୋଇଛି ମତେ କହ କହ୍ନେଇ? ତୁମେ ତ ଗୀତାକୁ ଧରି କଲିକତା ଚାଲି ଆସିଲ, ପୁଣି କଣ ହେଲା? ଜଗନ ସବୁ ଜାଣିଛି ସାର୍ ଗୀତା ସମ୍ପୂର୍ଣ୍ଣ ପବିତ୍ର । ଗଙ୍ଗା ପରି, ଶ୍ରୀକୃଷ୍ଣଙ୍କ ଗୀତା ପରି ପବିତ୍ର ଆଜିଯାଏ । ଜଗନର ପାପକୁ ଲୁଚାଇବାକୁ ଗୀତାକୁ ଧରି କଲିକତା ଚାଲିଆସିଥିଲି । ଏଇ ଅଞ୍ଜନା ହେଉଛି ଜଗନର ଝିଅ ।

କହ୍ନେଇର କଥାକୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଗପ ପରି ଶୁଣୁଥିଲେ । ତା ଭିତରେ ଅମନ ଇନ୍ଦୁମତୀଙ୍କୁ ନେଇ ସୁନନ୍ଦାଙ୍କ ଆଖି ଲଗାଇବାର ବ୍ୟବସ୍ଥା କରୁଥାନ୍ତି । କହ୍ନେଇ ସବୁ କଥା କହି ଚାଲିଥାଏ । ଜଗନ ଚୁପଚାପ୍ ଶୁଣୁଥାନ୍ତି । ଗୀତାଙ୍କ ଆଖିରୁ ଲୁହର ଶ୍ରାବଣ ଝରୁଥାଏ । ସିଦ୍ଧେଶ୍ୱରବାବୁ ତ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ପଥର ହୃଦୟ ହୋଇ ଅବିଶ୍ୱାସର ଅଭିଶପ୍ତ ତିଆରି କରିଦେଲେ ଗୀତାକୁ । ସମୁଦ୍ରର ଶେଷହୀନ ଶୋଷ ଭଳି ତୃଷାର ଅନଳରେ ଜାଳି ଦେଇଥିଲା ଗୀତାର ପ୍ରେମକୁ । କୁହନ୍ତୁ ବାପା, ଜଗନ କଣ ଠିକ୍ କରିଥିଲା ଗୀତା ପାଇଁ? ବାପା ଡାକରେ ଆଶ୍ଚର୍ଯ୍ୟ ହୋଇ ସିଦ୍ଧେଶ୍ୱରବାବୁ କହିଲେ, କେମିତି ଠିକ୍ କହିବି ବାବା? ଯେତେବେଳେ ସ୍ୱପ୍ନର ସାମ୍ରାଜ୍ୟ ଖରାବେଳେ କରଂଜ ଗଛ ତଳେ କପୋତୀ କଣ୍ଠରେ ଜଳିଯାଏ ଇହକାଳ ଆଉ ପରକାଳ ପାଇଁ । ସେତ ସତ ମିଛରେ ଖେଳ ସୃଷ୍ଟି ହୋଇଯେ । ଯାହାକୁ ସିଦ୍ଧାନ୍ତ କରିବା ଅସମାନ୍ୟ ହୋଇଉଠେ ।

ISSN NO.
2582-208X

କହ୍ନେଇ କହିଲ, ଅଭିଶପ୍ତ ଯୋଗୀ ପରି ଅନ୍ଧାର, ଅନ୍ଧବିଶ୍ୱାସକୁ ସାଥିକରି ଦେଇଥିଲା। ଭାଇ ଓ ଭାଉଜଙ୍କର ଅତ୍ୟାଚାର ସହି ନପାରି, ବାପାଙ୍କର ଦୁଃଖକୁ ଦେଖି ନପାରି ଆତ୍ମହତ୍ୟାର ପଥ ବାଛି ନେଇଥିଲା।

ସିଦ୍ଧେଶ୍ୱରବାବୁ କହିଲେ, ଅଧୁଆ ହେଁସ ହୋଇ ଅନ୍ଧରି ଶାସନ ସାଥେ ସେ ଆଉ କଣ ବି କରିପାରିଥାନ୍ତା। ଶୂନଶାନ୍, ସତ୍ୟ, ଧର୍ମ, ନ୍ୟାୟ ଆଉ ପ୍ରେମର ମନ୍ଦିର ଗଢ଼ିବା ଯେମିତି ଏମାନଙ୍କର ତପସ୍ୟା। ପାପ, ପ୍ରଲୋଭନ,ଭ୍ରଷ୍ଟାଚାରୀଙ୍କୁ ଦଣ୍ଡ ଦେବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କ ଭଲପାଇବାକୁ ମହାପ୍ରସାଦ ଭାବିଦିଅନ୍ତି।

ଜଗନ କହିଲା, ମତେ କ୍ଷମା କରିଦିଅନ୍ତୁ କହ୍ନେଇ ଭାଇ ମୋ ପାପ ପାଇଁ ମୁଁ ଆଜି ଯାଏ ବହୁତ ଦୁଃଖ ପାଇସାରିଲାଣି। ମୋ ଚାକିରି ଚାଲିଯିବା ଭୟରେ ସୁନନ୍ଦାଙ୍କ ଭାଇଙ୍କ ଡରରେ ସୁନନ୍ଦାକୁ ବିବାହ କରିଦେଲି। ହେଲେ କାଳେ ଗୀତାର ସମ୍ପର୍କ ଜାଣି ସୁନନ୍ଦାର ଭାଇ ମତେ ହଇରାଣ କରିବ ସେଥିପାଇଁ ଜାଣିଜାଣି ମୋ ପ୍ରେମରେ ସବୁ ବିଷକୁ ପିଇ ପିଇ ବଞ୍ଚିଛି। ତୁମେମାନେ ଯାହା ଦଣ୍ଡଦେବ ମୁଁ ସହିଯିବି। କହିବ ଯଦି ଆତ୍ମହତ୍ୟା କରିଦେବି।

ଛି ଜଗନ ... । ଏମିତି କାହିଁକି ଭାବୁଛ? ଗୀତା କହିଲା। ତୁମର ଯଦି, କିଛି ଦୁଃଖ ଅଛି, ତେବେ ମୁଁ ମୋ ଝିଅକୁ ସବୁଦିନ ପାଇଁ ନେଇ ଚାଲିଯିବି। ସିଦ୍ଧେଶ୍ୱରବାବୁ କହିଲେ, ନିରୀହ, ନିଷ୍କପଟ ସମୁଦ୍ର କିପରି ଭୟଙ୍କର ହୋଇଗଲା, ମୁଁ ତ ତତେ ଏମିତି ସଂସ୍କାର ଦେଇ ନଥିଲି। ଯଶ, ଅର୍ଥ, ପ୍ରତିମୂର୍ତ୍ତି ଲାଳସାର ବନ୍ଦୀଶାଳରେ ଆତ୍ମବନ୍ଦୀ ଅହଙ୍କାରଠାରୁ ଆଉ କିଏ ବେଶୀ ଅସହାୟ ହୋଇପାରେ। ତୋର ଏହି ପାପ ପାଇଁ ଦୁଇ ଦୁଇଟା ଝିଅର ଜୀବନ ନଷ୍ଟ ହୋଇଗଲା। ମୋ ପୂଜାକୁ ଦେଖିଲେ ଆମର ଛାତି ଜଳିଉଠେ ଦରଦରେ। ସେ କହ୍ନେଇକୁ ନେଇ ଯେଉଁ ରାଜ୍ୟ ତିଆରି କରିଥିଲା ତାହା ଆଜିଯାଏ ଲୁହରେ ଭିଜେଇବାର ମୁଁ ଦେଖିଛି। ସେଦିନ ଆଗେ କହ୍ନେଇକୁ ବହୁତ ଘୃଣା କରିଥିଲୁ। ଜାଣି ନଥିଲୁ ସେ ଏତେ ମହାନ୍ ଚରିତ୍ର ବୋଲି। ଆମକୁ କ୍ଷମା କରିଦେବ କହ୍ନେଇ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ

ISSN NO.
2582-208X

# ସକଳ ସମ୍ପଦ



ଅଭିଳାଶ ବାରିକ୍

ସକଳ ସମ୍ପଦ ପରା ମୋ ଗୋବିନ୍ଦ
ନୀଳମଣି ଆଦିକନ୍ଦ ।
ଗୋବିନ୍ଦ ମୋହର ସକଳ ସୁଭଦ
ବରଦ ଆଉ ସୁଖଦ ।
ସର୍ବ ସମ୍ପଦର ଆକର ଶ୍ରୀଧର
ତାବିନେ କିଛି ନଥାଇ ।
ଅତି ଆପଣାର ସେ ପରା ମୋହର
ନରହରି ଭାବଗ୍ରାହୀ ।
ସେ ପରମ ଧନ ଆନେ କାର୍ଯ୍ୟ ନାହିଁ
ସେ ଥିଲେ ସବୁ ଅଛଇ।
କଳା ଗୋରା ଭାଇ ଯାର ଥିବ ରହି
ଆନେ ତାର କାର୍ଯ୍ୟ ନାହିଁ ।
ମୁଁ ତାହାର ଭୃତ୍ୟ ସେ ମୋର ସାମନ୍ତ
ମୋ ଭାର ତାକୁ ଲାଗଇ ।
ମୋର ହାନି ଲାଭ ମାନ ତାକୁ ଜଣା
ସେ ପରା ସବୁ ଜାନଇ ।

କାମଧେନୁ ମୋର ସେ ନନ୍ଦ କୁମର
ମୁଁ ପରା ସନ୍ତାନ ତାର ।
ସେ ମୋ କଳ୍ପଦ୍ରୁମ ପୁରୁଷ ଉତ୍ତମ
ଘନଶ୍ୟାମ ସୁରେଶ୍ୱର ।
କଳ୍ପବଟ ମୋର ବସୁଦେବ ଚାଟ
ଯାହା ବାଞ୍ଛିଲେ ଦିଅଇ ।
ମମ ପିଅର ସେ ଦେବକୀ କୁମର
ତାବିନା ମୋ ଅନ୍ୟ ନାହିଁ ।
ମନ ମୋର ଜାଣି ଦିଏ ଅନ୍ନ ପାଣି
ଯାହା ମୁଁ ମନେ ଇଛଇ ।
ସେ ମୋ ଭାବର ଠାକୁର ବେଣୁଧର
ଶ୍ରିହରି ଜଗତ ସାଇଁ ।

ନମତର୍ ଶାଖା ଡାକଘର
ରାଜକନକା,
କେନ୍ଦ୍ରାପଡା/୭୮୦୯୮୮୨୯୦୫

ISSN NO.
2582-208X

# ବନ୍ଧୁ



ସନାତନ ଦାସ

ବନ୍ଧୁ ସେ ତ,
ଇଶ୍ବରଙ୍କ ଦିଆ ଉପହାର ଟିଏ!!
ସଦା ସାଥେ ରହୁଥିବା ଛାଇଟିଏ,
ବିପଦେ ଆପଦେ ସାଥ ଦେଉଥିବା
ଅଭୟ ର ପ୍ରତିଛବି ଟିଏ!!

ବନ୍ଧୁ ସେ ତ,
ଲୁହର ବନ୍ୟାରେ ଧରେ ହସର ତରୀ ଟିଏ,
ଦୁଃଖ ଗଣିତରେ ସମାଧାନର ସୂତ୍ର ଟିଏ,
ବନ୍ଧୁ ସେ ତ,
ଇଶ୍ବରଙ୍କ ଦିଆ ଉପହାର ଟିଏ!!

ବନ୍ଧୁ ସେ ତ,
ନିଃସ୍ବାର୍ଥ ପ୍ରେମର କପୋତ ଟିଏ,
ଅନ୍ଧାର ଗଳିରେ ଭରସାର ଛୋଟ ଦୀପଟିଏ,
ବନ୍ଧୁ ସେ ତ,
ଇଶ୍ବରଙ୍କ ଦିଅ ଉପହାର ଟିଏ!!

ବନ୍ଧୁ ସେ ତ,
ବାଲ୍ୟକାଳ ଠାରୁ ବୃଦ୍ଧ କାଳ ଯାଏ
ଜୀବନର ଶେଷ ଆଶା ଟିଏ,
ଦେହ ଚାଲିଯିବ, ବୟସ ବି ଯିବ
ହେଲେ ବନ୍ଧୁ ହୋଇଯାଏ ମଧୁର ସ୍ମୃତି ଟିଏ,

ବନ୍ଧୁ ସେ ତ,
ଇଶ୍ବରଙ୍କ ଦିଆ ଉପହାର ଟିଏ!!

ସମ୍ପାଦକ, ସାହିତ୍ୟ ସୃଜନୀ
ସଅଁଗ୍ର, ଜଗତସିଂହପୁର
ମୋ - ୯୭୭୬୪୧୪୮୦୫

ISSN NO.
2582-208X

# ଭଲ ଲାଗେ



ଆଶିଷ କୁମାର ବଣିଆଁ

ଚାନ୍ଦିନୀ ରାତିଟି, ବର୍ଷା ଭିଜାଟି
ଝରଣା ତଟରେ, ଶୀତଳ ସମୀରେ
ସାନ୍ଧ୍ୟ ସମୟେ ଏକୁଟିଆ ଥିଲେ ।
ଶୀତୁଆ ସକାଳେ, କୁହୁଡି କାକରେ
ବସନ୍ତ ମଳୟେ, ଶରତ ମଉଜେ,
ଏକା ଥିଲେ ମୁଁ ଯେ ତୁମକୁ ଖୋଜେ
ତୁମ ସାଥେ ସମୟ ବିତାଇବା ପାଇଁ
ମତେ ଭାରି ଭଲ ଲାଗେ ।।
ମନ ଭାବନାରେ, ରାତି ସପନରେ
ହୃଦୟ ଭିତରେ, ଆଖି ପଲକରେ
ସୂର୍ଯ୍ୟ ରଶ୍ମିରେ, ଜହ୍ନ ଜୋଛନାରେ
ବର୍ଷା କଳାବାଦଲେ, ଇନ୍ଦ୍ରଧନୁ ସାତରଙ୍ଗେ
ତୁମ ଛବି ଦେଖି ମତେ ଭାରି ଭଲ ଲାଗେ ।।
ଆଖି ବୁଜି ଦେଲେ,ଆଖି ଖୋଲି ଦେଲେ
ତୁମ ଛବି ମତେ ଦିଶେ,
ତୁମ ସ୍ମୃତି ସବୁ ଭାବି
ମତେ ଭାରି ଭଲ ଲାଗେ ।।

ବଲାଙ୍ଗୀର

ISSN NO.
2582-208X

# ଇର୍ମେ

ବୈଶାଖୀ ଦୀପ

ବୈଶାଖର ଝାଞ୍ଜି ଖରାରେ ମୁଣ୍ଡରୁ ଟୋପା ଟୋପା ଝାଳ ବୋହି ଆସି ଛାତି ଉପରେ ପଡୁଥାଏ । ଠେଲା ପେଲା ମଧ୍ୟରେ ବସ୍ ର ଆଗ ଭାଗରୁ କେତେବେଳେ ଯେ ଶେଷ ଭାଗକୁ ଚାଲି ଆସିଛି ତା ମଧ୍ୟ ଜାଣିପାରିଲିନି । ପାଖରେ ଶୁଖୁଆ ବୋଝେଇ ଟାଙ୍ଗୁଡ଼ି ମଧ୍ୟରୁ କେତେଯେ ସୁଗନ୍ଧ ଚାଲି ଆସୁଥାଏ, ତାକୁ ମଧ୍ୟ ନାକରେ ହାତ ଜାବୁଡିବାକୁ ହାତ ଟି ନାକ ପାଖକୁ ଆସିବା ଅସମ୍ଭବ । ଧକଡଚକଡ ରାସ୍ତାରେ ଝରକା କାଚ ଧଡ୍ କିନା ରାସ୍ତାରେ ପଡି ଚୂନା । ହଠାତ୍ ବ୍ରେକ....... ଓ ହେଲପର ର ଜୋରରେ ଡାକ ପଡିଲା ବାପନପଲ୍ଲୀ.... ଠେଲିକି ବସ୍ ରୁ ଓଲ୍ହାଇବା ଜୋଶ୍ ରେ ବ୍ୟାଗ୍ ଟି ଛିଡିପଡିଲା, କିନ୍ତୁ ଅଣନିସ୍ୱାଶୀରୁ ମୁଁ ଏବେ ମୁକ୍ତ । ବାମପାର୍ଶ୍ୱ ରେ ଥିବା ଅଣଓସାରିଆ ରାସ୍ତାରେ ଚାଲିଲି । ପାଖରେ ବଡ଼ ବଡ଼ ତେନ୍ତୁଳି ଗଛ ଗୁଡାକ ଲଗାଲଗି ହୋଇ ରହିଛନ୍ତି । ଖରାଦାଉରୁ ଟିକେ ଆରାମ ଲାଗୁଥିଲା ସତ କିନ୍ତୁ ଗରମ ପବନଟି ବିରକ୍ତ କରୁଥାଏ । ସେହି ଗରମ ପବନ ମଧ୍ୟରେ ଏକ ଅପୂର୍ବ ବାସନା ତା ଥିଲା ମହୁଲ ଫୁଲ । ବାସ୍ନା ଭିତରେ ହଜିଯାଇ କେତେବେଳେ ଯାଇ ବାଳିକା ଆଶ୍ରମରେ ପହଁଚିଗଲି ତା ମଧ୍ୟ ଜାଣିପାରିଲିନାହିଁ । ବାଳିକା ଆଶ୍ରମରେ ମୋର ଜଣେ ସମ୍ପର୍କୀୟ ଚାକିରୀ କରନ୍ତି ଚାରି ବର୍ଷ ପୂର୍ବେ ଗୀତା ବାହାଘରରେ ଖୁବ୍ ମଜା କରିଥିଲୁ । ଗୀତା ମୋ ମାଉସୀ ଝିଅ, ତା ପରେ ଆଉ ଦେଖାନାହିଁ ।

ନୀଳିମା ସବୁଥର ଡାକେ ଆସି ବୁଲିଦେଇ ଯିବା ପାଇଁ କିନ୍ତୁ ଯାଇପାରେ ନାହିଁ । ଏଥର ବଡଯାତ୍ରା ଦେଖିବା ପାଇଁ ବହୁତ ଇଚ୍ଛା ଏଣେ ଘରର ଚାରି କାନ୍ଥରେ ମୁଁ ମଧ୍ୟ ବିରକ୍ତ । ତେଣୁ ଏଥର ସ୍ଥିର କଲି ଯେ ଏହି ଫାଲ୍ଗୁନରେ ବଡ଼ଯାତ୍ରା ଦେଖିବା ସହ ମାଲକାନଗିରି ବୁଲା ମଧ୍ୟ ହୋଇଯିବ । ମହୁଲ, ପଳାସ, କେନ୍ଦୁଗଛ ଘେରା ମଧ୍ୟରେ ଏହି ଆଶ୍ରମ । ଆଶ୍ରମଟି ବେଶ୍ ସ୍ୱଚ୍ଛ ଓ ସେଠାର ଛୋଟ ଛୋଟ ପିଲାଙ୍କ ହସ ମତେ ଯେମିତି ବାନ୍ଧି ନେଇଛି ତାଙ୍କ ଆଡକୁ । ଆଶ୍ରମ ରେ ପ୍ରାୟ ପାଞ୍ଚଶହ ପିଲା ସେମାନଙ୍କ ଭଲ ପାଇବା ଭିତରେ କେବେ ଯେ ସାତ ଦିନ ବିତିଗଲା ଜାଣି ପାରିଲିନାହିଁ । ଯେତେ ଦିନ ଗଡି

ISSN NO.
2582-208X

ଚାଲୁଥାଏ ସେତେ ପାଖେଇ ଆସୁଥାଏ ବଡଯାତ୍ରା ମନରେ ମୋର ଉତ୍ସାହ ବଢ଼ିଚାଲୁଥାଏ, କେବଳ ଯେ ମୋର କାହିଁକି ପ୍ରତ୍ୟେକ ମାଲକାନଗିରିବାସୀ ମନରେ ଏହିପରି ଆନନ୍ଦ ଉଲ୍ଲାସ ଭରିଯାଏ ।

ଭୋର ସକାଳୁ ହଠାତ୍ ଅନେକ ଲୋକଙ୍କ ପାଟି, ଉଠି ଝରକା ଖୋଲି ଚାହିଁଲା ବେଳକୁ ପଛ ପାଚେରୀ କୁ ଲାଗି ବୁଧୁବାର ହାଟ ଚାଲିଛି । ମୋର ବି ଏବେ ହାଟ ବୁଲା ହେବ, ହାଟରେ ଯାହା ଦେଖୁଥାଏ ତାହା ମୋପାଇଁ ପ୍ରଥମ । ହାଟର ଶେଷ ରେ ଗଞ୍ଜା ଲଢେଇ ତା ପାଖକୁ ମହୁଲି, ତାଡି, ପେଣ୍ଡାମ ରେ ଲୋକ ମାତିଛନ୍ତି । ମଝିରେ ବଙ୍ଗାଳୀ ମାନଙ୍କ ମାଛ ଛଣା ସହ ବଙ୍ଗାଳୀ କପଡାର ଢେର ପଡିଛି, ଆଦିବାସୀ ସଂଖ୍ୟା କମ୍ ଲାଗୁଥିଲା ସତେ ଯେପରି ଏହା ଏକ ବଙ୍ଗାଳୀ ହାଟ । ବୁଲୁ ବୁଲୁ ହଠାତ୍ ଦେଖିଲି ଗୋଟିଏ ବାର ତେର ବର୍ଷର ଝିଅ, ଦେହଟି ମାଟି ଧୂଳି, ଅସଜଡ଼ା ତେଲିଆ କେଶ, ତଳେ ପେଣ୍ଟ ନାହିଁ, ଦେହରେ ହଳଦୀ ରଙ୍ଗର ଫଟା ସାଲଓ୍ୱାର ଟି ଆଣ୍ଠୁ ଯାଏ ପଡୁଥାଏ । ନାକରେ ଦଣ୍ଡୀ(ନାକ ଫୁଲ), ଓଠରେ ତାର ଖିଲି ଖିଲି ହସ, ଆଖିରେ ତାର ଅସୁମାରୀ ସ୍ୱପ୍ନ, ଓ ଥିଲା ଅନେକ କାହାଣୀ । ପାଖରେ ଥାଏ ଆଉ ଏକ ଝିଅ ବୟସ ପ୍ରାୟ ସତର ରୁ ଅଠର ହେବ ରଙ୍ଗ ଟି ଟିକେ ଶ୍ୟାମଳ ସାଲଓ୍ୱାର ଟି ପିନ୍ଧିଥାଏ ଓଢଣୀଟି କାନ୍ଧ ରୁ ନେଇ ଅଣ୍ଟାରେ ଭିଡିଥାଏ । ପାଖରେ ତିନୋଟି ହାଣ୍ଡି ଗୋଟେ ରେ ପାଣି ଓ ଅନ୍ୟ ଦୁଇଟିରେ ହାଣ୍ଡିଆ, ଦୁଇଟି ଇଟା ଉପରେ ବସି ବିକୁଥାଏ । ସେହି ଛୋଟ ଝିଅଟି ର ଆଖିରେ ମୁ ବନ୍ଧା ତା ହସ ମୋତେ ତା ଆଡକୁ ଟାଣି ନେଲା... । ପାଖକୁ ଯାଇ ପଚାରିଲି ତୋ ନା? ପଚାରିବା ବେଳକୁ ସେ ଦୌଡ଼ି ଚାଲିଗଲା ଏଣେ ମତେ ପଛରୁ ଡାକ ପଡିଲା ଏପଟେ ଆସେ........ । ବୁଲି ବୁଲି ପଛକୁ ବାର ବାର ଚାହିଁ ଖୋଜୁଥିଲି କିନ୍ତୁ ଆଉ ଦେଖି ପାରିଲି ନାହିଁ । ସେଠାରୁ ଆସି ଆଶ୍ରମରେ ପହଞ୍ଚି ଗଲି, କିନ୍ତୁ ସେହି ଝିଅଟିର ମୁହଁ ବାର ବାର ମୋ ଆଖି ସାମ୍ନାକୁ ଆସିଯାଉଥିଲା । ଦୁଇ ଦିନ ପରେ ବଡଯାତ୍ରା ମୋର ଆଶା ଯେ ଯାତ୍ରା ରେ ନିଶ୍ଚୟ ଦେଖାହେବ ମୋର ତାରି ସାଥିରେ । ଯାତ୍ରାରେ ମୁଁ ଅବା କେଉଁଠି ତାକୁ ଖୋଜିବି, ଏଠାରେ ତ ମୋ କଳନା ଠାରୁ ମଧ୍ୟ ଅଧିକ ଲୋକ । ଯାତ୍ରା ଦେଖା ଲୋଭ ଥିଲେ ମଧ୍ୟ ମୋ ଆଖି କାଇଁ ଚାରିଆଡେ ବୁଲି ପଡୁଥାଏ । କାଳେ ତାକୁ ଦେଖିଦେବି କି? ଯାତ୍ରା ମୋ ମନ ଛୁଆଁ ହୋଇଥିଲେ ମଧ୍ୟ, ଝିଅଟିକୁ ଦେଖିନପାରି ଥିବାରୁ ମୋତେ ହତାଶ କରୁଥାଏ ।

ISSN NO.
2582-208X

ଏଣୁ ଦେଖୁ ଦେଖୁ ବିତିଗଲା ଚାରିଦିନ, କିନ୍ତୁ ଝିଅଟି ସହ ଆଉ ଦେଖା ହେଲାନାହିଁ । ଆଖିରୁ ତା ଚେହେରା ହଜିଗଲା ସତ, ମନରେ ତାର ନିରୀହ ହସଟି ବାନ୍ଧି ହୋଇ ଯାଇଥିଲା । କିନ୍ତୁ ତାକୁ ଏବେ ଭୁଲିବାକୁ ପଡିବ ଆଉ ତା ସହ ମୋର ଦେଖା ନାହିଁ । ଏହା ହିଁ ସତ ବୋଲି ଏବେ ଆପଣାଇବାକୁ ପଡିବ ।

ସନ୍ଧ୍ୟା ସମୟ ପିଲାଙ୍କ ସହ ଖେଳୁ ଖେଳୁ କାହିଁ ସେ ଜଙ୍ଗଲ ଆଡକୁ ବୁଲି ଆସିବା ପାଇଁ ମନ ହେଲା । ବର୍ଷା, ସୁମି, ଜୟା ଆଉ ମୁ ବାହାରିଲୁ ବୁଲିବା ପାଇଁ । ଚାରିପଟ ଚାହିଁ ଦେଲା ବେଳକୁ ମହୁଲ, ବାହାଡା ଆଦି ଗଛର ଧାଡି ଲମ୍ବିଛି । ଅଳ୍ପ ଚାଲିବା ପରେ ହଠାତ ଦୁଇ ତିନୋଟି ଲୋକ ବଡ଼ ବଙ୍କା ଟାଙ୍ଗିଆ ଧରି ଠିଆ ହୋଇଛନ୍ତି । ଆଗକୁ ପାଦ ଥାପିବା ପାଇଁ ଡର ଲାଗୁଥାଏ, କିନ୍ତୁ ପିଲା ଆଗକୁ ଚାଲୁଥାନ୍ତି । ସେହି ଲୋକ ଭିତରୁ ଜଣେ ଟାଙ୍ଗିଆଟି କୁ ଧଡ଼କରି ତଳେ ପକେଇ ପାଖରେ ଥିବା ତାଳଗଛରେ ଆଖିପିଛୁଳାକେ ଚଢିପକାଇଲେ ଓ ତାଡି ପାଇଁ ତାର ପ୍ରସ୍ତୁତି ଚଲାଇଲେ । ମୁ ଏବେ ଆରାମ ରେ ଆଗକୁ ବଢ଼ିଲି । ଦୂରରୁ କିଛି ଗୋଟେ ଶବ୍ଦ ଶୁଣାଯାଉଥାଏ ମୁଁ ନଚାହିଁବା ସତ୍ୱେ ମଧ୍ୟ ଶୁଣିବାକୁ ବାଧ୍ୟ ହଉଥାଏ । ନିଜକୁ ରୋକି ନ ପାରି ସେହି ଧ୍ୱନି ଆଡ଼କୁ ଆଗେଇବାକୁ ଲାଗିଲି, ପହଞ୍ଚି ଦେଖିଲା ବେଳକୁ ତାହା ଏକ ଅଟୋରେ ବାଜୁଥିବା କୋୟାଗୀତ ର ଧ୍ୱନି ଥିଲା । ଧ୍ୱନି ଶୁଣି ଶୁଣି ଆସିବା ଭିତରେ ମୁଁ କେଉଁଠାକୁ ଆସି ପହଞ୍ଚିଗଲି ତା ମଧ୍ୟ ଜାଣିପାରିଲି ନାହିଁ । ଆଖିବୁଲାଇଲା ବେଳକୁ ସବୁଆଡେ ଧୂଳି ଉଡୁଥାଏ ଘର ଗୁଡାକର ମାଟି ଝଡି ବାଡ଼ି ଦେଖାଯାଉଥାଏ । କେଉଁ କେଉଁ ଘର ଉପର ଛଣ ଗୁଡାକ ଅଧା ଅଛି ତ କେଉଁଠାରେ ନାହିଁ। କାହା କାହା ଘର ଆଗରେ ଚୂଲିଟିଏ ତ କାହା ଘର ଆଗରେ ଛିଡା ଦୌଡ଼ି ଖଟଟିଏ ରହିଛି । ଆଗକୁ ଟିକେ ଚାଲିଲା ବେଳକୁ ଦୁଇଟି ଅର୍ଦ୍ଧନଗ୍ନ ଶିଶୁ, ଗୋଡ ହାତ ସରୁ ସରୁ, ମୁଣ୍ଡଟି ବଡ଼ ଓ ପେଟଟି ଆଗକୁ ବଢିଆସିଥାଏ, ଦୁହେଁ ଏକାଠି ବସି ଭାତ ଆଉ ଲଙ୍କା ବଟା ଖାଉଥାନ୍ତି । ପାଖରେ ଗୋଟିଏ କାଦୁଅ ଘୁଷୁରିଟି ଖାଦ୍ୟ ଖାଇବା ପାଇଁ ଆସୁଥାଏ ପିଲା ଦୁହେଁ ଯେତେ ଘୋଡେଇବା ପାଇଁ ଉଦ୍ୟମ ଚଲାଇଥିଲେ ମଧ୍ୟ ସେମାନେ ଅସଫଳ । ମୁଁ ଦେଖିବା ବେଳକୁ ଘୁଷୁରିଟି ଆସି ଦୁଇଥର ଭାତରେ ମୁହଁ ମାରିଲାଣି । ଆଗକୁ ଟିକେ ଗଲାବେଳକୁ ଜଣେ ବୃଦ୍ଧାଟି ଅଧା ଛିଡା ଲୁଗାଟିକୁ କାନ୍ଧରେ ଗଣ୍ଠି ମାରି ପିନ୍ଧିଥାଏ ବାର ବାର ତଳେ ପଡିଯାଉଥାନ୍ତି, ପୁଣି ଠିଆ ହୋଇ ଚାଲିବାକୁ ଉଦ୍ୟମ କରୁଥାନ୍ତି । ତା ପାଖରେ ଜଣେ ମହିଳାଟି ଯେତେ ଚେଷ୍ଟା ଚଲାଇଲେ ମଧ୍ୟ ନଳକୂଅରୁ ବୁନ୍ଦାଏ ପାଣି ମଧ୍ୟ ହାଣ୍ଡି

ISSN NO.
2582-208X

ଭିତରକୁ ଯାଇପାରିଲା ନାହିଁ । ଏତେ ବଡ ଗାଁ ମଧ୍ୟରେ ଗୋଟିଏ ବି ଗଛ ଦେଖିବାକୁ ମିଳିଲାନି, ଯାହା ଗୋଟେ ଦୁଇଟି ଥିଲା ତା ମଧ୍ୟ ଲଣ୍ଡା । ସବୁ ଆଡେ ଧୂଳି ଓ ଧୂଆଁ । ସୁମି କୁ ପଚାରିଲି ଏହା କେଉଁ ଗାଁ ସୁମି କହିଲା ଦିଦି ଏଇଟା କୁଞ୍ଜଗୁଡା ।

ଗାଁରୁ ଫେରିକି ଗଲାବେଳେ ବାଟରେ ଚାରି ଜଣ ପିଲା ମାଟି ଖେଳୁଥାନ୍ତି । ସେଥି ମଧ୍ୟରେ ହାଟରେ ଦେଖା ହୋଇଥିବା ସେହି ଝିଅଟି ମଧ୍ୟ ଥାଏ । ଝିଅଟିକୁ ତା ନା ପଚାରିଲାରୁ କିଛି ନକହି ସାମ୍ନାରେ ଥିବା ଚାଳ ଘର ଆଡକୁ ହାତ ଦେଖାଉଥିଲା । ଯେତେ ପଚାରୁଥିଲେ ମଧ୍ୟ ଉଁ ଉଁ କରୁଥାଏ । ଏପଟେ ପିଲା ମଧ୍ୟ ବାର ବାର ଡାକୁଥାନ୍ତି hostel ଯିବା ସମୟ ହେଲାଣି, ବାଧ୍ୟ ହୋଇ ମତେ ଯିବାକୁ ପଡିଲା ।

ଆଖିରେ ମୋ ନିଦ ନାହିଁ କେବଳ ପାହାନ୍ତିଆ କୁ ମୋର ଅପେକ୍ଷା, ସୂର୍ଯ୍ୟର ପ୍ରଥମ କିରଣ କୁଞ୍ଜଗୁଡାରେ ସ୍ପର୍ଶ ହେବା ପୂର୍ବରୁ ମୁଁ ଯାଇ କୁଞ୍ଜଗୁଡାରେ ପହଞ୍ଚିଗଲି । ଝିଅଟି ଦେଖେଇ ଥିବା ଘର ଆଡକୁ ଆଗେଇଲି, ଘରେ ଭଙ୍ଗା କବାଟ ଟି ଲାଗିଛି ଏଠାରେ ସେଠାରେ ପାଞ୍ଚ ସାତଟି ବାସନ ପଡିଛି । କେଉଁଠାରେ ଲଙ୍କା ତ କେଉଁଠାରେ ମହୁଲ ଶୁଖୁଛି । ଏଣେ ଘର ମୁହଁକୁ ଚୂଲାରେ ମହିଳାଟି ହାଣ୍ଡିଆ ରାନ୍ଧୁଛି । ପାଖକୁ ଯାଇ ପଚାରିଲି ତୁମ ନା..... ଉତ୍ତରରେ ସେ କଣ କହିଲେ ତାହା ମଧ୍ୟ ଜାଣିପାରିଲି ନାହିଁ । ଠିକ୍ ସେତିକି ବେଳକୁ ପଛରୁ ଡାକ ପଡିଲା କଣ .....? ସେହି ଝିଅଟି ସେ ହାଟରେ ହାଣ୍ଡିଆ ବିକ୍ରି କରୁଥିବା ଝିଅ । ତାକୁ ମୋ ପରିଚୟ ଦେଇ ତାକୁ ତା ନା ପଚାରିଲି, କହିଲା...........ଦୁଲେ
ମା ନା......ମାଙ୍ଗୁଳି
ପାଖରେ ବସି ପଚାରିଲି ଘରେ କିଏ କିଏ ରୁହ

ଝିଅଟି ମତେ ସବୁ କଥା ବୁଝାଉଥାଏ । ଝିଅଟିକୁ ପଚାରିଲି ତୋର କେତେ କ୍ଲାସ, ମା କହିଲା, ତାର ସାତ କ୍ଲାସ ଯେ ସେ ଆଉ ସ୍କୁଲ ଯାଉ ନାହିଁ । କାଲି ସେ ମରିଚ ତୋଳା ଲାଗି ଆନ୍ଧ୍ର କୁ ଯିବ, ତା ସହ ଆମ ଗାଁ ର ପ୍ରାୟ କୋଡିଏ ବାଇସି ଗାଁ ଲୋକ ମିଶି କି ଯିବେ । ସେଠାରୁ ତାଙ୍କୁ ଦିନକୁ ଚାରିଶ ରୁ ପାଞ୍ଚସହ ଲେଖାଏଁ ମିଳେ । ଏହି ସମୟରେ କେବଳ ସ୍କୁଲ ନୁହଁ ବରଂ ଗାଁ ମଧ୍ୟ ଖାଁ ପଡ଼ିଯାଏ ସମସ୍ତେ ଆନ୍ଧ୍ର କୁ ଯାଇଥାନ୍ତି ପିଲାଙ୍କ ସଂଖ୍ୟା ଅଧିକ ।

ISSN NO.
2582-208X

ଏହି ପରି ଧୂଆଁ ପତ୍ର ତୋଳା, ହାଣ୍ଡିଆ ରନ୍ଧା ରେ ଯାହା ରୋଜଗାର ହୁଏ ସେଥିରେ ଚାରିପ୍ରାଣୀ ଙ୍କ ଜୀବନ ବଞ୍ଚେ । କେବେ ଜଳ ତ କେବେ ସାର ଅସୁବିଧା ହେତୁ ଧାନ ମଧ୍ୟ ବର୍ଷକୁ ଦୁଇ ବସ୍ତାରୁ ତିନିବସ୍ତା ହେଉନାହିଁ । ତେଣୁ ଗାଁ ର କେତେଜଣ ଯୁବକ ଓ ଦେବେ ମଧ୍ୟ ଚାଷ ଛାଡି ଅନ୍ୟ ରାଜ୍ୟକୁ ଗଲେଣି ଖଟିବାକୁ । ଠିକ ଏହି ସମୟରେ ଇର୍ମେ ମା ମା କହି ଦୌଡ଼ି ଆସିଛି ଓଠରେ ତାର ସେହି ଖିଲି ଖିଲି ହସ, ଓ ଆଖିରେ ତାର ଅନେକ ସ୍ୱପ୍ନ । ପିଲାଟି ଦିନୁ ଇର୍ମେ କୋୟା ପରିବେଶ ତଥା ଅବହେଳିତ ପରିବେଶ ମଧ୍ୟରେ ବଢିଥିଲେ ମଧ୍ୟ ପାଠ ପଢିବାକୁ ତାର ବେଶ୍ ଆଗ୍ରହ । ରାଣୀ ଗୁରୁମା ଦିନେ ପାଠ ପଢେଇବା ସମୟରେ କାଳିଆ ଘୋଡାରେ ଚଢ଼ିବ ମଧୁବାବୁ ପରି ଲଢ଼ିବ କଥା କହିଥିଲେ । ସେହି ଦିନ ଠାରୁ ଇର୍ମେ କୁ ଆଉ ନିଦ ନାହିଁ । ଇର୍ମେ ସେହିଦିନଠାରୁ ପ୍ରତ୍ୟକ ଦିନ ସ୍କୁଲ ଯାଉଛି ଓ ସ୍ୱଷ୍ଟ ଭାବେ ବହି ମଧ୍ୟ ପଢୁଛି

ଏଥି ମଧ୍ୟରେ ବିତିଛି ଅନେକ ବର୍ଷ ଆଗେଇ ଚାଲିଛି ସମୟ, କିନ୍ତୁ ଆଗେଇ ପାରିନି ଇର୍ମେ । ଇର୍ମେ ପାଇଁ ବଦଳିଛି ସମୟ । ବାପା ଦେବେ ଗାଁ କୁ ଫେରିବା ଦିନଠାରୁ ଝାଡା ବାନ୍ତି ରେ ପଡି ଆରପାରିକୁ ଚାଲିଗଲେ । ଏଣେ ଦୁଲେ ବାପା ଗଲା ଦିନ ଠାରୁ ପକ୍ଷାଘାତ ର ଶିକାର ହୋଇଛି । ଯାହା ରୋଜଗାର ହୁଏ ସେଥିରେ ଦିନକୁ ଦୁଇଓଳା ଖାଇବା ମଧ୍ୟ କଷ୍ଟ ହୋଇଗଲାଣି । ଇର୍ମେ ଉପରେ ଏବେ ଦୁଇ ପ୍ରାଣୀଙ୍କ ବୋଝେ । ଟୋଲ, ମହୁଲ ଗୋଟାଇବା ସହ ଇର୍ମେ ଏବେ ଲଙ୍ଗଳ ମଧ୍ୟ ଧରୁଛି । ଯାହା ଅଳ୍ପ ବହୁତ କରି ସଞ୍ଚିଛି ତହିଁରେ ଏହି ବର୍ଷ ପଡିଆ ମହାବିଦ୍ୟାଳୟ ରେ ଦ୍ୱାଦଶ ରେ ନାମ ଲେଖାଇଛି । କିନ୍ତୁ ଏଥି ସହ ସେ ବହୁ ଅଭାବ ଅସୁବିଧା ର ସାମ୍ନା କରିଛି । ଏହି ସବୁ ମଧ୍ୟରେ କାଳିଆ ଘୋଡାରେ ଚଢିବା କଥାଟି ମନେ ପଡିଗଲେ ସବୁ ଭୁଲିଯାଇ ପାଠ ପଢିବାକୁ ଲାଗୁଛି । ଦିନକୁ ଦିନ ଯେମିତି ବଢୁଛି ସେମିତି ଇର୍ମେ ପାଇଁ ମଧ୍ୟ ପରିସ୍ଥିତି ଜଟିଳ ହେବାକୁ ଲାଗିଛି ଓ ବଢ଼ି ଚାଲିଛି ଦୁଃଖ । ଏବେ ଘରେ ଖୁଦ ମୁଠାଏ ପାଇବା ମଧ୍ୟ କଷ୍ଟ ହୋଇଗଲାଣି, ଯାହା ରୋଜଗାର ହେଉଛି ତହିଁରେ ଚଳିବା ମଧ୍ୟ କଷ୍ଟ । ତେଣୁ ଇର୍ମେ ସ୍ଥିର କରିଛି ଯେ,ସେ ମଧ୍ୟ ବାହାରକୁ ଯିବ ଓ ଟଙ୍କା ରୋଜଗାର କରିବ । ଏବେ ତାକୁ ପାଠ ଛାଡିବାକୁ ପଡିବ, ପରୀକ୍ଷା ସରିବା ପରେ କେତେଜଣ ଗାଁ ଝିଅଙ୍କ ସହ ମିଶି ଆନ୍ଧ୍ର କୁ ଯିବ ବୋଲି ସ୍ଥିର କରିଛି ।

ISSN NO.
2582-208X

ଏବେ ଯାହା ରୋଜଗାର ହଉଛି ତହିଁରେ ଆରାମ ରେ  ଚଳୁଥିଲେ ମଧ୍ୟ, ଇର୍ମେ କୁ ରାତି ରାତି ଶୁଆଇଦେଉନି କାଳିଆ ଘୋଡାରେ ଚଢ଼ିବା କଥାଟି  । କାମରେ ମଧ୍ୟ ତାର ଆଉ ମନ ଲାଗୁନାହିଁ, କିନ୍ତୁ ଘର କଥା ଭାବି ସେ ବାଧ୍ୟ ହୋଇପଡୁଛି  ।  ଦିନେ ତାଙ୍କ ମ୍ୟାଡ଼ାମ କାହା ସହ ଫୋନ ରେ ବୃତ୍ତି ବିଷୟରେ କଥା ହଉଥିବ ଶୁଣି, ମ୍ୟାଡ଼ାମ ଙ୍କ ଠାରୁ ବୃତ୍ତି ବିଷୟରେ ସବୁ ବୁଝିଛି ଓ  ମା କୁ ଯାଇ ମଧ୍ୟ ବୁଝାଇଛି  । ଓ ପାଠ ପଢିବାକୁ ଚାଲିଯାଇଛି ରାଜ୍ୟ ବାହାରେ  । ଏଥି ମଧ୍ୟରେ ବିତିଛି ଅନେକ ବର୍ଷ ଇର୍ମେ ର ପାଠ ପଢା ସରିବା ସହ କାଳିଆ ଘୋଡାରେ ଚଢ଼ିବ ମଧୁବାବୁ ସହ ଲଢ଼ିବା,ସ୍ୱପ୍ନ କୁ ମଧ୍ୟ ପୂରା କରିଛି  ।କିନ୍ତୁ ଝିଅର ପୂରା ହୋଇଥିବା ସ୍ୱପ୍ନ ଦେଖିବା ପୂର୍ବରୁ ସବୁଦିନ ପାଇଁ ଗଭୀର ନିଦରେ ଶୋଇପଡିଛି ମଙ୍ଗୁଳି  ।

ସୁନାବେଡା, କୋରାପୁଟ

ISSN NO.
2582-208X

# ପ୍ରେମ



ନମିତା ସା

ପ୍ରେମ କଣ ?
ପ୍ରେମ ଅଢ଼େଇ ଅକ୍ଷର ଶବ୍ଦ,
ପ୍ରେମ କଣ ?
ପ୍ରେମ ଚିର ଶାଶ୍ୱତ
ପ୍ରେମ ଅମର! ବିଶ୍ୱାସ, ନିଃସ ଓ ତ୍ୟାଗ ।
ପ୍ରେମ ବ୍ୟକ୍ତିର ସୁନ୍ଦର ରୂପ ନୁହେଁ,
ପ୍ରେମ ଯୌବନ ର ଲାଳସା ନୁହେଁ,
ପ୍ରେମ ଆକର୍ଷଣୀୟ କଥାଭାଷା ନୁହେଁ ।
ପ୍ରେମ ଆତ୍ମ ର ମିଳନ
ମନ ସହ ମନର ମିଳନ,
ଆଜିକାଲି ର ପ୍ରେମ
ରାକ୍ଷସ ମନବୃତ୍ତି ପ୍ରେମ ।
ପ୍ରେମୀ ଭଲପାଏ,
ପ୍ରେମିକ ର ସୁନ୍ଦର ରୂପକୁ,
ପ୍ରେମୀ ଭଲପାଏ,
ପ୍ରେମିକା ସୁନ୍ଦର ଯୌବନକୁ ।

ISSN NO.
2582-208X

ପ୍ରେମୀ ଭଲପାଏ ପ୍ରେମିକ ର ନୀଳ ଆଖିକୁ,
ପ୍ରେମୀ ଭଲପାଏ ପ୍ରେମିକା ର ଗୋରା ଦେହକୁ,
ପ୍ରେମ କଣ ଏଇଆ ??
ବାସ୍ତବ ରେ ପ୍ରେମ ହେଉଛି,
ଶାଶ୍ଵତ, ଚିରନ୍ତନ ଓ ସ୍ଵତନ୍ତ୍ର,
ପ୍ରେମ ମଙ୍ଗଳକାରୀ, କ୍ଷମାଦାୟୀ, ଓ ପ୍ରଶଂସାକାରି,
ପ୍ରେମ ସ୍ଵାର୍ଥହୀନ,
ପ୍ରେମ ଶାଶ୍ଵତ ଚରିତ୍ର ସ୍ଵତନ୍ତ୍ର ପରିକଳ୍ପନା।

ଯୁକ୍ତତିନ ଦ୍ଵିତୀୟବର୍ଷ (ଓଡିଆ ବିଭାଗ)
ଜବାହରଲାଲ ମହାବିଦ୍ୟାଳୟ ପାଟଣାଗଡ଼, ବଲାଙ୍ଗୀର
ମୋ.୯୮୨୭୭୦୫୯୮୮

ISSN NO.
2582-208X

# ବସୁନ୍ଧରା ର ସ୍ୱର

ସୁଶ୍ରୀ ଶୁଭସ୍ମିତା ମହାନ୍ତ

ସୃଷ୍ଟି କର୍ତ୍ତା ଙ୍କର ସୃଷ୍ଟି ମଧ୍ୟରେ ମୁଁ
ଅଟେ ସ୍ୱୟଂ ବସୁନ୍ଧରା,
ସଭିଙ୍କୁ ମୋହର ନିଜର କରିଛି
ସହି ଅଛି ବର୍ଷା ଖରା ।

ଦ୍ୱିତୀୟ ଜନନୀ ଅଟେ ସଭିଙ୍କ ର
ବାଛେନି ଆପଣା ପର,
ନାନା ବୃକ୍ଷ ଲତା ଧରି ମୁଁ ରଖିଛି
ପାଉଛ ତୁମେ ଆହାର ।

ବକ୍ଷ ରେ ମୋହରବହି ଯେ ଯାଇଛି
କ୍ଷାର ଓ ମଧୁର ଜଳ,
ତୃଷା ହେଲେ ପିଅ ,ଚାଷ ରେ ଲଗାଅ
ଶରୀର ରେ ପାଅ ବଳ ।

କୋଳ ରେ ମୋହର କେତେ ଜ୍ଞାନୀ ଗୁଣୀ
ହୋଇଥିଲେ ଯେ ଜନମ,
ଏଇ ଦେଶ ପାଇଁ ନାନା କାର୍ଯ୍ୟ କରି
ରଖିଗଲେ ତାଙ୍କ ନାମ ।

ଧିରେଧିରେ ବିଜ୍ଞାନ ଆଗମନରେ
ତୋଳିଲ ଯେ କାରଖାନା,
ବୃକ୍ଷ ଲତା ସବୁ ଛେଦନ କରି ତୁମେ
ଗଢ଼ାଇଲ ଘର ନାନା।

ଖୋଳି ଖୋଳି ମୋତେ ଯନ୍ତ୍ରଣା ଦେଉଛ
କାନ୍ଦୁଛି ମୁଁ ମନେ ମନେ,
ତୁମ ପାଇଁ ଆଜି କ୍ଲେଶ ମୁଁ ସହୁଛି,
ଶୁଣୁନ କି ତୁମେ କାନେ ?

ଏ ସମାଜର ଅବିବେକୀ ମାନବ
ଶୁଣ ତୁମେ କାନ ଦେଇ,
ମୋର କ୍ଷତି ତୁମେ କରୁଥିବ ଯଦି
ରହିବେନି ଆଉ କେହି ।

ନବରଙ୍ଗପୁର

ISSN NO.
2582-208X

# ମାଆଙ୍କ ପାଇଁ ପଦେ



ମନୋଜ କୁମାର ଅଦା

ଗଣି ଆସେନି ମାଆକୁ ମୋହର
ଗୋଟିଏ ମାଗିଲେ ଦୁଇଟି ଦିଅଇ
ନ ଖାଇଲେ ଖୁଆଇ ଦିଅଇ ।।

ହିସାବକରି ଆସେନି ମାଆକୁ ମୋହର
ସାତବାର କେବଳ ପୂଜା କରୁଥାଇ
ମୋ ପାଇଁ କେତେ ଦିଅଁ ସେବୁଥାଇ ।।

ପଢି ଆସେନି ମାଆକୁ ମୋହର
ନିତି ଆଦର୍ଶର କଥା ସବୁ ଜାଣଇ
ଅବାଟରେ ଗଲେ ବାଟକୁ ଟାଣିଆଣଇ ।।

ମାଆଟି ମୋହର ପ୍ରେମ ପସରା
କାଶୀ, ବୃନ୍ଦାବନ ତୀର୍ଥ ଅଟେ ସେ ପରା
ସେ ତୀର୍ଥେ ଧୌତ ହେଉ ପାପ ସାରା ।।

କ୍ରିଷ୍ଣା ପବ୍ଲିକ ସ୍କୁଲ, କୋମନା

ISSN NO.
2582-208X

# ଲୋକସଂସ୍କୃତି ପରମ୍ପରାରେ ପାରାଦ୍ୱୀପର କଳିଙ୍ଗ ବାଲିଯାତ୍ରା



ଆର୍ଯ୍ୟରଶ୍ମି ଦଳାଇ

ପ୍ରକୃତିର ଏକ ମନୋରମ ରାଜ୍ୟରୂପେ ଓଡ଼ିଶା ସମଗ୍ର ବିଶ୍ୱରେ ପ୍ରସିଦ୍ଧ । ବିପୁଳ ଖଣିଜ ସମ୍ପଦ, ଉଚ୍ଚ ଉଚ୍ଚ ଗିରିଶୃଙ୍ଗ, ଘଞ୍ଚ ଅରଣ୍ୟ ଘେରା ଚିରସ୍ରୋତା ନଦୀ ସମେତ ଚାରିଶହ ଅଶୀ କିଲୋମିଟର ପରିବ୍ୟାପ୍ତ ସାମୁଦ୍ରିକ ବେଳାଭୂମି ଯୋଗୁ ପ୍ରାଚୀନ ଯୁଗରୁ ଓଡ଼ିଶା ଏକ ସମୃଦ୍ଧିଶାଳୀ ରାଜ୍ୟ ଭାବରେ ପରିଚିତ । କଳା ସଂସ୍କୃତିର କ୍ଷେତ୍ର ଆମ କଳିଙ୍ଗ, ଶିଳ୍ପ, କଳା, ସଙ୍ଗୀତ, ନୃତ୍ୟ, ଭାସ୍କର୍ଯ୍ୟ ଓ ନୌବାଣିଜ୍ୟ କ୍ଷେତ୍ରରେ ବିଶ୍ୱରେ ଅଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି । ସେହି ମହାର୍ଘ୍ୟ କଳା ଗର୍ଭରୁ ଜନ୍ମ ନେଇଛି ପାରାଦ୍ୱୀପର କଳିଙ୍ଗ ବାଲିଯାତ୍ରା ।

ଓଡ଼ିଶା ଉପକୂଳରେ ବନ୍ଦରଗୁଡ଼ିକର ଅବସ୍ଥିତ ଓ ଭାରତ ବାହାରେ ବଙ୍ଗୋପସାଗର ଅପର ପାର୍ଶ୍ୱରେ ଥିବା ବନ୍ଦରମାନଙ୍କୁ ଅନୁଧ୍ୟାନ କାଲେ ଜଣାଯାଏ ଯେ ସେତେବେଳେ ବଙ୍ଗୋପସାଗର ଥିଲା ଦରିଆ ପାରିର ବାଣିଜ୍ୟର ପ୍ରକୃଷ୍ଟ କ୍ଷେତ୍ର । କଥାରେ ଅଛି ‘ବାଣିଜ୍ୟେ ବସତି ଲକ୍ଷ୍ମୀ’ । ଏହି ପୌରାଣିକ ତଥ୍ୟଟି ଆମ ସମାଜରେ ଯେତିକି ପରିଚିତ, ଆମ ବ୍ୟବହାରିକ ଜୀବନରେ ମଧ୍ୟ ତା’ର ପ୍ରଭାବ ଅଧିକତର ଅନୁଭୂତ ହୋଇଥାଏ । ସମ୍ପଦ, ସୌଭାଗ୍ୟ ଓ ବାଣିଜ୍ୟିକ ବିକାଶ ସମୁଦ୍ରକୁ ଆଧାର କରି ବିସ୍ତାରିତ । କଳିଙ୍ଗ ଉପକୂଳ ଦୀର୍ଘ ବାଣିଜ୍ୟ ପଥ ଭାବରେ ଅତି ପ୍ରାଚୀନ କାଳରୁ ସାଗର ସାନିଧ୍ୟ ଯୋଗୁ ସମ୍ଭବପର ହୋପାରିଛି । ଜଳପଥ ସ୍ଥଳପଥ ଠାରୁ କମ୍ ବିପଦ ଓ ଆଶଙ୍କା ମୁକ୍ତ ଥିବାରୁ ବାଣିଜ୍ୟିକ ବିକାଶ ଜଳପଥକୁ ଆଧାରକରି ଅଗ୍ରଗତି କରିବା ସ୍ୱାଭାବିକ । ଅତୀତର

ISSN NO.
2582-208X

ସାଧକମାନେ ପଣ୍ୟଦ୍ରବ୍ୟ ଏକତ୍ରିତ କରିବାକୁ ନଦୀତୀର ବା ସମୁଦ୍ର ତଟକୁ ବ୍ୟବହାର କରୁଥିଲେ ଏବଂ ସମୁଦ୍ରର ବିସ୍ତୃତ ଜଳରାଶିକୁ ଭେଦକରି ନିଜ ବାଣିଜ୍ୟର ପ୍ରସାର କରିପାରିଥିଲେ । ସ୍ୱଦେଶର ସାମାଜିକ, ସାଂସ୍କୃତିକ, ବାଣିଜ୍ୟିକ ପରମ୍ପରା ବର୍ତ୍ତମାନ ରୋମ, ଆଫ୍ରିକା, ଜାଭା, ସୁମାତ୍ରା, ଚୀନ, ଜାପାନ, ସିଂହଳ, ଥାଇଲାଣ୍ଡ ପ୍ରଭୃତି ସ୍ଥାନମାନଙ୍କରେ ପ୍ରଚଳିତ । ବାଣିଜ୍ୟିକମାନେ ସମୁଦ୍ର ବକ୍ଷରେ ଦୀର୍ଘଦିନ ଜଳଯାତ୍ରା ସମୟରେ ବ୍ୟବହାର ନିମିତ୍ତ ଖାଦ୍ୟ ସାମଗ୍ରୀ, ପାନୀୟ ଜଳ ସଂଗ୍ରହକରି ସାଥିରେ ନେଉଥିଲେ । ସମୁଦ୍ର ତଟରେ ଥିବା ନଦୀମୁହାଣ ଦେଇ ସାଧବ ପୁଅମାନେ ନଦୀ ତୀରରେ ଥିବା ବନ୍ଦରରେ ପହଞ୍ଚୁଥିଲେ ଏବଂ ସେଠାରୁ ଆଣୁଥିବା ପଣ୍ୟଦ୍ରବ୍ୟର ବିକ୍ରୟ ପାଇଁ ଗଚ୍ଛିତକରି ରଖୁଥିଲେ । ଓଡ଼ିଆ ସାଧବ ପୁଅର ଏହି ଗାରିମାମୟ ଅଧ୍ୟାୟ ସାରା ବିଶ୍ୱ ଦରବାରରେ ଓଡ଼ିଆ ଜାତିପାଇଁ ମହତ୍ୱ ପ୍ରତିପାଦନ କରିପାରିଛି । ଯେଉଁ ପୁରାତନ ଯୁଗରୁ ଏହି ନୌବାଣିଜ୍ୟ ପରମ୍ପରାର ଉଦୟ ହୋଇଛି ସେହି ଯୁଗର ମହାମହିମମାନଙ୍କ ପାଇଁ ଆଜି ଆମ ଓଡ଼ିଆ ଜାତି ଗର୍ବିତ ।

ଐତିହାସିକ ଯୁଗରେ କଳିଙ୍ଗ ଅଞ୍ଚଳର ନୌଚାଳନା ଓ ନୌବାଣିଜ୍ୟ ପରମ୍ପରା ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ । ଭାରତୀୟ ଧର୍ମ ଓ ସଂସ୍କୃତିର ପରିପ୍ରସାର ସଙ୍ଗେ ସଙ୍ଗେ ଭରତ ଓ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବିକକାଶ କରିବା ଥିଲା କଳିଙ୍ଗର ନାବିକ ଓ ବନିକର ବିଶିଷ୍ଟ ଅବଦାନ ।

ଏହି ମଧୁର ଗର୍ବ ଓ ଗୌରବମଣ୍ଡିତ ଓଡ଼ିଆ ଜାତିର ଇତିହାସକୁ ମନେପକାଇବା ପାଇଁ କାର୍ତ୍ତିକ ପୂର୍ଣ୍ଣିମିରେ ଓଡ଼ିଆ ପୁଅ ବୋଇତା ବନ୍ଦାଣ ମାଧ୍ୟମରେ ଧର୍ମୀୟ ପରମ୍ପରାକୁ ବଜାଇ ରଖିଥାଏ । ଏହି କାର୍ତ୍ତିକ ମାସରେ ଓଡ଼ିଶାର ଘରେ ଘରେ ମହାକାର୍ତ୍ତିକ ଭାବରେ ପରିଚିତ। କାର୍ତ୍ତିକ ପୂର୍ଣ୍ଣିମା ଦିନ ପାରାଦ୍ୱୀପ ଠାରେ କଳିଙ୍ଗ ବାଲିଯାତ୍ରା ଅନୁଷ୍ଠିତ ହୁଏ । ନୌବାଣିଜ୍ୟର ଗୌରବମୟ ଅତୀତ ସଂପର୍କରେ ବହୁ କାହାଣୀ ଏବଂ କିମ୍ବଦନ୍ତୀ ମଧ୍ୟ ରହିଛି । ଓଡିଆଣୀ ବୋହୂ ତା'ର କର୍ମଫଳକୁ ଗଣ୍ଠିଲି କରି ଓଡ଼ିଶାର ଧର୍ମୀୟ ପରମ୍ପରାକୁ ଆଗରେ ରଖି ନିଜର ସ୍ୱାମୀକୁ ସାତ ଦରିଆ ପାରିକୁ ବାଣିଜ୍ୟ ପାଇଁ ପଠାଇ ଦିଏ । ଓଡ଼ିଶାର କୁଳବଧୂମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ କଦଳୀ ଗଛର ବାହୁଙ୍ଗାରେ ଡଙ୍ଗାଟିଏ ଭସାଇ ହୁଳ ହୁଳି ଦେଇ କୁହେ, -

ISSN NO.
2582-208X

"ଆ – କା – ମା –ବୈ, ପାନ ଗୁଆ ଦେଇ
ଗୁଆ, ପାନ ଯାକ ତୋର, ମାସକ ଧରମ ମୋର ।"

ଓଡ଼ିଆ କବି ଶିଶୁଶଙ୍କର ଦାସ ତାଙ୍କ ସ୍ୱରଚିତ ବାରମାସୀ କୋଇଲିରେ ଅତି ଚମତ୍କାର ଭାବରେ କାର୍ତ୍ତିକ ମାସର କଥା ବର୍ଣ୍ଣନା କରାଯାଇଛି ।

"ଏ ମହା କାର୍ତ୍ତିକ ମାସ
ଭଣିଲେ ଶଙ୍କର ଦାସ
ସୀତା ସଙ୍ଗେ ଘେନି ରଘୁ କୁଳମଣି
ଭୋଗ କଲେ ବାରମାସ ।"

କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ ଉତ୍ସବ ଓଡ଼ିଆ ସାଧବ ପୁଅମାନଙ୍କର ଥିଲା ଧର୍ମୀୟ ପରମ୍ପରାର ଧାରା ଓ ବାହକ । ଯେଉଁଥିପାଇଁ ଆଧୁନିକ ସମୟରେ ପ୍ରତ୍ୟେକ ଓଡ଼ିଆ କାର୍ତ୍ତିକ ପୂର୍ଣ୍ଣମୀ ଦିନ ବୋଇତ ବନ୍ଦାଣ ଉତ୍ସବ ବଡ ଆଦରରେ ପାଳନ କରିଥାନ୍ତି । ଗଭୀର ଆବେଗ ଓ ଉତ୍କଣ୍ଠାର ସହ ସାଧବ ପୁଅମାନଙ୍କର ଫେରିବା ବାଟକୁ ଚାହିଁ ରହିଥାନ୍ତି କୁଳବଧୂମାନେ । ଅସୁମାରି ଧନରତ୍ନ ଧରି ସାଧବ ପୁଅ ଫେରିଆସନ୍ତି ନିଜ ନିଜ ଦେଶକୁ । ହାତରେ ବନ୍ଦାପନା ଥାଳି ଧରି ବୋଇତ ବନ୍ଦାଣ କରିଥାନ୍ତି ସାଧବାଣୀମାନେ । ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରାକୁ ମନେପକେଇବା ପାଇଁ ପ୍ରତ୍ୟେକ ଓଡ଼ିଆ ଘରର ଝିଅ ବୋହୂମାନେ ଖୁଦୁରୁକୁଣୀ ଓଷାରେ ମା' ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି ।

ଉତ୍କଳର ବାଣିଜ୍ୟିକ ପରମ୍ପରା ବହୁ ପୁରାତନ । ଏହି ବାଣିଜ୍ୟିକ ପରମ୍ପରାର ପ୍ରସାର କରିବାପାଇଁ ଓଡ଼ିଶାର ପୂର୍ବତମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ନିର୍ମାଣ କରିଥିଲେ ପାରାଦ୍ୱୀପ ବନ୍ଦର । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାର ଲାଲ ନେହେରୁଙ୍କ କମନୀୟ କରସ୍ପର୍ଶରେ ଆଜି ପାରାଦ୍ୱୀପ ବନ୍ଦର ଉତ୍ସବମୁଖର । ପାରାଦ୍ୱୀପରେ ପାଳିତ ହେଉଥିବା କଳିଙ୍ଗ ବାଲିଯାତ୍ରା ଆଜି ସାରା ଭାରତ ବର୍ଷରେ ଇତିହାସ ପ୍ରସିଦ୍ଧ ହୋଇପାରିଛି । ଏହି ଦୃଷ୍ଟିରୁ ପ୍ରାଚୀନ କଳିଙ୍ଗ ଧର୍ମଧାରା ପରମ୍ପରାର ମାନ୍ୟତା ପ୍ରଦାନ କରୁଛି । ଏହି ନୌବାଣିଜ୍ୟ ପରମ୍ପରା ଉଦ୍ଦେଶ୍ୟରେ ପ୍ରତି ବର୍ଷ ପାରାଦ୍ୱୀପ ଠାରେ କଳିଙ୍ଗ ବାଲିଯାତ୍ରା

ISSN NO.
2582-208X

ଉତ୍ସବ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହେଉଛି । କାର୍ତ୍ତିକ ପୂର୍ଣ୍ଣମୀରେ ଅନୁଷ୍ଠିତ ଏହି ପ୍ରସିଦ୍ଧ ବାଲିଯାତ୍ରା ମାଧ୍ୟମରେ ଅତୀତର ଗୌରବମୟ ସଂସ୍କୃତିର ସ୍ମୃତିଚାରଣ କରାଯାଉଛି । ସେହିପରି ଲୋକସଂସ୍କୃତିରେ ଅତୀତର ଗୌରବମୟ ନୌବାଣିଜ୍ୟର କାହାଣୀ ନାନା ରୂପରେ ଆଜି ମଧ୍ୟ ଜୀବିତ ହୋଇ ରହିଅଛି ।

ସହାୟକ ଗ୍ରନ୍ଥସୂଚୀ

୧) ଯୋଷି, ଅର୍ଜୁନ, ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି, ବାଣୀଶ୍ରୀ, ବାଲୁବଜାର, କଟକ, ୧୯୭୮ ।

୨) ରାଉତ, ଭୋଳାନାଥ, ଜଗତସିଂହପୁରର ଅତୀତ ଓ ବର୍ତ୍ତମାନ, ଜିଲ୍ଲା ସଂସ୍କୃତି ପରିଷଦ, ୨୦୦୮ ।

ପତ୍ରପତ୍ରିକା

୧) ଉତ୍କଳ ପ୍ରସଙ୍ଗ, ଫେବୃଆରୀ - ମାର୍ଚ୍ଚ, ୨୦୧୭ ।

୨) କଳିଙ୍ଗ ବାଲିଯାତ୍ରା - ୨୦୦୭, କଳିଙ୍ଗ ବାଲିଯାତ୍ରା କମିଟି, ପାରାଦ୍ୱୀପ ।

୩) କଳିଙ୍ଗ ବାଲିଯାତ୍ରା - ୨୦୦୮, କଳିଙ୍ଗ ବାଲିଯାତ୍ରା କମିଟି, ପାରାଦ୍ୱୀପ ।

୪) ଜିଲ୍ଲା ମହୋତ୍ସବ ଆଦିପତ୍ର କଲ୍ଲୋଳ -୨୦୦୮, ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର ।

ଗବେଷକ, ବ୍ରହ୍ମପୁର
ବିଶ୍ୱବିଦ୍ୟାଳୟ

Email - aryarashmidalai60@gmail.com

ISSN NO.
2582-208X

# ପୂର୍ଣ୍ଣତା ଆଡକୁ ଗୋଟିଏ ପାଦ



ଶୁଭେନ୍ଦୁ ମେହେର

ସେଦିନ ବିଭୋର ହେଲି
ବିଦାୟୀ ସୂର୍ଯ୍ୟଙ୍କ କୋମଳ କିରଣର
ଶୀତୁଆ ସଂଜରେ !
ଭାରି ଏକା ଏକା ଲାଗେ
ତାର ଆବର୍ତ୍ତମାନରେ ।
ଯିଏ !
ମୋ ଠାରୁ ମୋତେ ଛଡେଇ ନେଲା
ବାସ୍ତବରେ ସେ
ମୋ ପ୍ରେମିକା ଥିଲା ।
ଯାହାର ମୃଦୁ ଛୁଆଁ ପାଇ
ପୁଲକିତ ହୁଏ ମୋର ଜୀବନ ସକଳ ।
ପ୍ରକମ୍ପିତ ହୁଏ ସ୍ୱର୍ଗ ମର୍ତ୍ତ୍ୟ ପାତାଳ
ହୃଦୟକୁ ହୃଦୟରେ ମିଶାଇ
କରେ ଅସମ୍ଭାଳ ।
ଝୁରୁଛି ତାକୁ ସଞ୍ଜ ରୁ ସକାଳ
ଯାହାକୁ ନେଇ ଜୀବନ ଜିଇଁବାର
ନୂତନ କୌଶଳ ।

ଫୁଲ ଠୁ କୋମଳ ଜହ୍ନ ଠୁ ଶୀତଳ
ନବଯୌବନା ସେ କରେ ଆନମନା
ତା ହୃଦୟରେ ସ୍ପନ୍ଦିତ
ମୋ ଜୀବନର ବେସୁରା ସଙ୍ଗୀତ ।
ସତରେ !
ଆଦିମ କାଳରୁ
ସଞ୍ଚିତ ଥିଲା ସେ ମୋ ପାଇଁ !
ମୁକୁଳାଇ କେଶ,
ଓଠରେ ମୃଦୁ ହାସ
ଚହଟାଇ ବାସ
ମୋ ସର୍ବାଙ୍ଗରେ
ଭରିଥିଲା ମିଳନରେ ଦିବ୍ୟରାସ ।
ସର୍ଜନା ର ଅନନ୍ୟ ସେ ଈଶ୍ୱରଙ୍କର
ମୋ ହୃଦୟର ସ୍ପନ୍ଦିତ ଉଚ୍ଚାରଣ
ଭାବନାର ଉଦ୍ଗିରଣ
ଜୀବନର ଅଙ୍କ ଖାତା
କାମନାର କାମିନୀ କାଞ୍ଚନ

ISSN NO.
2582-208X

ଶୂନ୍ୟତାର ପୂର୍ଣ୍ଣତା ପାଇବାରେ
ଆୟୁଷ ର ଅମରତ୍ୱ ପଥରେ
ସଦ୍ୟ ଉଦ୍ଭାସିତ ସିଏ ମୋର
ପ୍ରତିଟି ଉଚ୍ଛାଙ୍ଗର ସ୍ୱପ୍ନିଳ ଉପବନରେ
ପ୍ରତିଟି ଆଶ୍ୱାସନାରେ ଆଉ
କାମନାର ମଧୁଶାଳାରେ
ଅନୁଭବ କରେ ତାକୁ ପ୍ରଣୟର ଅନୁଭବରେ
ବିଭୋର କରେ ମୋତେ ସେ,
ପ୍ରତିଟି ସ୍ପନ୍ଦନରେ ।

ମୋ ଆହତ ଅନାହତରେ
ଆବଦ୍ଧ କରେ ଭାବନାର ଉନ୍ମୁକ୍ତ ପଥରେ
ପ୍ରତିଟି ତପ୍ତ କାମନା ମଧ୍ୟରେ
ଛଳନା ହୀନ ବାସ୍ତବତାର ମାର୍ଗରେ
ମୋର ହୃଦୟର ନିବେଦ୍ୟ ନିବେଦନରେ
ସମୁଦ୍ରର ବିଶାଳତା,
ବାଲିର କ୍ଷୁଦ୍ରତାରେ
ସର୍ବତ୍ର ଉଜ୍ଜୀବିତ ମୋ ପ୍ରେମ
ତା ସ୍ୱପ୍ନର ଅନ୍ଧାରି ଇଲାକାରେ
ସତରେ ସେ ଛୁଆଁ ଛୁଆଁ ନ ଥିଲା
ଥିଲା ଏକ ପୂର୍ଣ୍ଣତା ଜୀବନର
ଯାହାକୁ ନେଇ ଲେଖା ଯାଇପାରେ
ପୂର୍ଣ୍ଣତା ଇତିହାସର ।

ଯାଲେ୍ଏ, ସୁବର୍ଣ୍ଣପୁର

ISSN NO.
2582-208X

# ବ୍ୟାସକବି



ଅମରନାଥ ବାରିକ

ଓଡ଼ିଆ ଜାତିର ଅପୂର୍ବ ବିନ୍ଧାଣୀ
ସ୍ୱତନ୍ତ୍ର ଭାଷାର ଜୀବନ୍ୟାସ ଆଣି
ଓଡ଼ିଶାକୁ କଲ ତୁମେ ମହାନ
କଥା ସମରାଟ ହେ ମହାନାୟକ
ବ୍ୟାସ ଉପାଧିକୁ କଲ ଧାରଣ ।

ଗଳ୍ପ ଉପନ୍ୟାସ ସୃଜନର ସ୍ରଷ୍ଟା
ତୁମେ କରିଥିଲ ଭାଷାପ୍ରତି ନିଷ୍ଠା
ଉତ୍କଳ ଭାଗରେ ଲେଖି କାବ୍ୟ କାହାଣୀ
ଯୁଗଯୁଗ ପାଇଁ ହୋଇଲ ଅମର
ଉତ୍କଳ ମାଟିର ମଉଡ଼ମଣି ।

ଲକ୍ଷ୍ମଣ ତୁଳସୀ ସେନାପତି କୋଳେ
ଜାତ ହୋଇଥିଲ ମାହେନ୍ଦ୍ର ବେଳେ
ମଲ୍ଲିକାଶପୁର ବୀର ନରେଶ
ଗୀତା ଭାଗବତ ଲେଖା ଅନୁବାଦ
କରିଲ ଉଜ୍ଜ୍ୱଳ ଏ ଉତ୍ର ଦେଶ

ରେବତୀ ଛମାଣ ଆଠଗୁଣ୍ଠ ପୁଣି
ମାମୁଁ ଲଛମା ଓ ପୂଜାଫୁଲ ବାଣୀ
ଅବସର ବାସ ବୌଦ୍ଧବତାର
ରମ୍ୟରଚନାରେ ପ୍ରକାଶିତ କଲ
ରାଣ୍ଡିପୁଅ ଅନ୍ତା ବାସ୍ତବ ଚିତ୍ର ।

ସର୍ବେ ଜାଣିଥିଲେ ଫକୀର ମୋହନ
ବାଲେଶ୍ୱର ଜିଲ୍ଲା ତୁମରି ଧାମ
ସଂକ୍ରାନ୍ତିରେ ତୁମେ ଜନ୍ମ ହୋଇଥିଲ
ସଂକ୍ରାନ୍ତିରେ ପୁଣି ବାହୁଡ଼ି ଗଲ
ସଂକ୍ରାନ୍ତି ପୁରୁଷ ସାର୍ଥକ ନାମ ।

କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ମାନବ ଧର୍ମ



ଦେବଦତ୍ତା ଦେବୀ

ସକାଳୁ ସକାଳୁ ପାଟି ଶୁଭୁଚି ଶାଶୁଙ୍କର ଆଲୋ ମୁଁ ଗାଧୋଇ ଆସିଲିଣି ଚାହାଟିକିଏ ଦେ ପୂଜା ସାରି ମୁଁ ମୋର ଉପରକୁ ପଳାଏ। ତୋର ସେ ଖିରସ୍ଥାନୀ ଚାକରାଣୀ ଆସିବା ପୂର୍ବରୁ। ମାନି ଧଡପଡ ହେଇ ଦିଅଁଙ୍କ ସାମନାରୁ ଉଠିଆସିଲା। ନିତା ମେଡ୍ ର ନା ଟି ଖ୍ରୀଷ୍ଟିଆନ ସିନା ସେ ଧର୍ମରେ କିନ୍ତୁ ତା କାମ ଦେଖିଲେ କେହିବି ବିଶ୍ୱାସ କରି ପାରିବେନି ସେ ଓଡିଆ ବ୍ରାହ୍ମଣ ଘରର କାମ ଜାଣିନି ବୋଲି। ପରିଷ୍କାର ପରିଚ୍ଛନ କାମ। ଘର ପୋଛିଥିବ ଯେ ଚଟାଣ ଚକ ଚକ କରୁଥିବ, ବାସନ ମାଜିଥିବ ଯେ ବାସନରେ ମୁହଁ ଦିଶୁଥିବ। ଭୁଲରେ ବି ମା ଙ୍କ ପାଖ ମାଡିବନି କି ତାଙ୍କ ଜିନିଷରେ ହାତ ଲଗେଇବନି। ତଥାପି ମାଙ୍କ ର ତା ପ୍ରତି ଅସୂୟା ଭାବ କମ ହୁଏନାହିଁ। କଥା କଥାରେଖିରସ୍ଥାନୀ ବୋଲି ଖୁଣ୍ଟା ଦେବାକୁ ପଛେଇଯାନ୍ତି ନାହିଁ। ନିତା କିନ୍ତୁ ମା ଙ୍କ କଥାରେ କେବେ ବି ପ୍ରତିଉତ୍ତର ଦିଏନାହିଁ। ଖାଲି ଫିକ୍ କରି ହସିଦିଏ ମା ଙ୍କ ଆଡକୁ ଚାହିଁ।

ସୁନିତା ଶାଶୁଙ୍କର ନିତାକୁ ନେଇ ଏ ମନୋଭାବକୁ ଏତେ ଟା ଗୁରୁତ୍ୱ ଦିଏନାହିଁ। ଚାରି ବର୍ଷ ତଳୁ ଏ ଅଣ୍ଟା ପ୍ରୋବ୍ଲେମ ଯୋଗୁ ତଳେ ବସିକରି କି ନଇଁକରି କିଛି କାମ କରିପାରନ୍ତିନି। ନିତା ଭଳି ବିଶ୍ୱସ୍ତ, ଭଦ୍ର, କାମିକା ସ୍ତ୍ରୀ ଲୋକଟିକୁ ଏ ଧର୍ମର ଦ୍ୱାହି ଦେଇ ଛାଡିବାକୁ ମନ ଡାକେନାହିଁ। ତା ଛଡା ସୁନିତାର ନିଜସ୍ୱ ମତ ଅନୁସାରେ ସବୁ ମଣିଷ ସମାନ ଏ ଧର୍ମ, ଜାତି ତାଙ୍କ ଭିତରେ କିଛି ବି ପ୍ରଭେଦ ଆଣି ପାରିବନି। ନିତାର ବ୍ୟବହାର କାମ ସୁନିତାର ଅତି ମାତ୍ରାରେ ଗ୍ରହଣିୟ । ନିତା ପେଟ ପୋଷିବା ପାଇଁ ତ ଏ ଚାକିରୀ କରୁଛି। ମାତ୍ର

ISSN NO.
2582-208X

ସୁନିତାର ଶାଶୁ ଘର ଲୋକ କିଏ ବି ଏ ଅସମୟରେ ସାହାଯ୍ୟ କଲେ କି? ନିଜର ଦରକାର ବେଳେ ବିନା ଦ୍ୱିଧା ରେ ଠିଆ ହୋଇଯିବେ ଟଙ୍କାତକ ପାଇଗଲା ପରେ ତୁମକୁ ଆଉ ଚିହ୍ନି ନାହାନ୍ତି । ଏସବୁ ଦେଖି ଦେଖି ସୁନିତା ଭାବେ ମଣିଷ ହିସାବରେ ନିତାକୁ ବାରିବାର କିଛି କାରଣ ନାହିଁ ।

ସକାଳୁ ସକାଳୁ ବେଲ୍ ବାଜିବା ଶବ୍ଦରେ ସୁନିତା ଦୁଆର ଖୋଲିଲା ବେଳକୁ ଦେଖିଲା ନିତା ଠିଆ ହେଉଚି । ପ୍ରଶ୍ନ ପଚାରିବା ଆଖିରେ ନିତା ଠାରୁ ଉତ୍ତର ଆଶା କଲେ ସୁନିତା । ନିତା କେବଳ କହିଲା ଟିକିଏ କାମ ଅଛି ତ ଆଗୁଆ ଆସିଗଲି । ନିତିଦିନିଆ କାମରେ କିଛି ଅବହେଳା ନାହିଁ, କାମ ସାରିଦେଇ ନିରବ ରେ ଚାଲିଗଲା ନିତା । ସେ ଗଲାପରେ ଶାଶୁ ଆଉ ସ୍ୱାମୀ ଦୁଇଜଣଯାକ ଏକା ଅଭିଯୋଗ ଆଣିଲେ ଭିଆଇପି ତ ମୁଁହ ଏଡେ କରି ଚାଲିଗଲା । ମନ ଭିତରେ ନିତାର ଖ୍ରୀଷ୍ଟିଆନ ଧର୍ମ ପ୍ରତି ଥିବା ବିତୃଷ୍ଣାକୁ ବିନା କାରଣରେ ନିତାକୁ ଆପେକ୍ଷ କରିବାକୁ ମା ପୁଅ ପଛାଇ ନାହାନ୍ତି । ସୁନିତା କିନ୍ତୁ ମନେମନେ ନିତା ମନଦୁଃଖର କାରଣ ଖୋଜିବାକୁ ଚେଷ୍ଟା କରିଚାଲିଛନ୍ତି । ଏପରି ଦୁଇ ତିନିଦିନ ଚାଲିଗଲା । ଚତୁର୍ଥ ଦିନ ସୁନିତା ଆଉ ସଂଭାଳି ପାରିଲେନି । ନିତାକୁ ପଚାରିଲେ କଣ ଅସୁବିଧା ହେଉଚି, କଣ ପାଇଁ ମନ ଭାରି ଅଛି । ନିତା ବଡ କଷ୍ଟରେ ଧୀରେ ଉତ୍ତର ଦେଲା – ମା ଝିଅକୁ ଦେଖିବା ପାଇଁ ପୁଅ ଘର ଆସିଥିଲେ, ଝିଅ ତାଙ୍କର ପସନ୍ଦ ହେଇଚି । ପୁଣି କିଛି ବି ଡିମାଣ୍ଡ ନାହିଁ, କିନ୍ତୁ ମୋ ଝିଅ କହୁଛି ବାର ବର୍ଷା ତା ଠୁ ପୁଅ ବଡ । ବୁଢାଟେ ବୋଲି ମୋଟେ ରାଜି ହେଉନି । ମା କହିଲେ ମୁଁ ତ ଏକୁଟିଆ ଲୋକ । ଆପଣ ତ ଜାଣିଛନ୍ତି ଝିଅ ର ବାପା ତ କେମିତି ପିଇ ପିଇ ସବୁ ଉଡେଇ ଦେଲା । ଶେଷରେ ଆଖି ବୁଜିଲା ଆଉ ମୋ ଉପରେ ସବୁ ବୋଝ ଲଦିଦେଇ ସେପାରିକୁ ଚାଲିଗଲା ।

ନିତାର ସ୍ୱାମୀ ମରିଗଲା ପରେ ସେ ଭୁବନେଶ୍ୱର ପୁଅ ଝିଅ ଶାଶୁ ଶଶୁରଙ୍କୁ ଧରି ପଳେଇ ଆସିଲା । ସକାଳୁ ସାଇକେଲ ଧରି ବାହାରି ପଡେ ଆଠ ଘର କାମ ଆରି ଘରକୁ ଫେରିଲା ବେଳକୁ ଦିନ ଗୋଟେ । ତରତରରେ ରାନ୍ଧି ମା ଝିଅ ସମସ୍ତଙ୍କୁ ଖାଇବାକୁ ଦେଇ ସାରିଲା ବେଳକୁ ଅଢେଇଟା ବାଜିଯାଏ । ପୁଣି ଦିନ ତିନିଟା ବେଳକୁ କାମକୁ ବାହାରିଯାଏ ଘରକୁ

ISSN NO.
2582-208X

ଫେରିଲା ବେଳକୁ ପ୍ରାୟ ସାତଟା ବାଜିଯାଏ । ସ୍ୱାମୀର କଂଟ୍ରାକଟର ବ୍ୟବସାୟ ଭଲ ଚାଲୁଥିଲା ବେଳେ ନିତାର କିଛି ବି ଭାବିବାକୁ ନଥିଲା । ଜୀବନ କି ସୁନ୍ଦର ଗଡି ଚାଲିଥିଲା । ଘରେ ଅଭାବ ଶବ୍ଦ ଗୋଟେ ମୋଟେ ଉଚ୍ଚାରଣ କରିବାକୁ ପଡୁ ନଥିଲା । ପୁଅ ଝିଅ ଦୁଇଜଣଯାକ କଲେଜ ଯାଉଥିଲେ ପାଠ ପଢି ଚାକିରୀ କରିବାର ଆଶା ରଖିଥିଲେ । କିନ୍ତୁ ନିତାର ଘର ଗ୍ରହସ୍ତିରେ କାହାର ନଜର ଲାଗିଗଲା ବୋଧେ । କୁସାଙ୍ଗରେ ପଡିଗଲେ ନିତାର ସ୍ୱାମୀ । ଥରେ ଯିଏ ମଦ କବଳରେ ପଡିଯାଏ ସେଠୁ ମୁକୁଳିବା ଅସମ୍ଭବ ହୋଇଯାଏ । ନିତାର ସ୍ୱାମୀ ମଦ କବଳରୁ ତ ମୁକୁଳି ପାରିଲେନି ବରଂ ଲିଭର ଟା ପୁରା ନଷ୍ଟ ହୋଇଗଲା । ଘରେ ଆର୍ଥିକ ଦୁର୍ଗତି ଦେଖାଗଲା । ଅବଶେଷରେ ସେ ଆଖି ମୁଜିଲେ ତ ନିତାକୁ ଏକୁଟିଆ ଛାଡିଦେଇ ଗଲେ ।

ଶାଶୁଙ୍କର ସବୁ କଥା ମନଦେଇ ବୁଝିଥାଏ ନିତା । ଗୁରୁବାର ଉଜୁଆଁ ପରେ ମଣ୍ଡା, କାକରା, ସିଝା ମଣ୍ଡା, ଚକୁଳି ପିଠା ଯାହା ବି ଦେଲେ ଅତି ଆଗ୍ରହରେ ନେଇଯାଏ ନିତା । କହିବ ଏଗୁଡାକ ମୋ ଶାଶୁଙ୍କର ଅତି ପ୍ରିୟ । ବ୍ରାହ୍ମଣ ଘରର ପିଠା ପଣାରେ ତାଙ୍କର ଭାରି ଶ୍ରଦ୍ଧା । ଖ୍ରୀଷ୍ଟିଆନ ହେଇ ଆମ ଖାଦ୍ୟକୁ ସେମାନେ ବିନା ଦ୍ୱିଧାରେ ଆଗ୍ରହରେ ଗ୍ରହଣ କରନ୍ତି । କିନ୍ତୁ ଯେତେବେଳେ ଖ୍ରୀଷ୍ଟମାସ ସେଲେବ୍ରେସନ ବେଳେ ସେ ଅତି ଆଗ୍ରହରେ କେକ ଆଣେ ତାକୁ ଖାଇବାକୁ କେତେ ଦ୍ୱିଧା । ସତରେ ଯେମିତି ଜଗନ୍ନାଥେ ଯୀଶୁଙ୍କର ପ୍ରସାଦ ପାଇବାକୁ ପୁରା ବାରଣ କରିଛନ୍ତି । ମଣିଷ ବେଳେବେଳେ ମଣିଷ ମଣିଷ ଭିତରେ ପ୍ରଭେଦ ଦେଖେନାହିଁ । କିନ୍ତୁ ମୋ ଠାକୁର ତୋ ଠାକୁର ଭିତରେ ଧର୍ମର ଦ୍ୱାହି ଦେଇ କେତେ ଯେ ଅସୂୟା ଭାବ କେତେ ବାରଣ ତାର ହିସାବ ନାହିଁ ।

ସିଦିନ ବଡ ମନ ଖୁସିରେ ନିତା ଘରକୁ ଆସିଲା କାମ କରିବା ପାଇଁ । ମନକୁ ମନ କହିଲା ମା, ମୋ ଝିଅର ବାହାଘର ଠିକ୍ ହେଇଗଲା । ପିଲାଟି ମୁନିସିପାଲଟିରେ କ୍ଲର୍କ ଅଛି, ମା ନାହିଁ, ବାପା ଗାଁରେ ଭାଇମାନଙ୍କ ସାଙ୍ଗରେ ରହୁଛି । ପିଲାଟି ତା ସାନଭାଇ ସାଙ୍ଗଏ ଏକାଠି ଭୁବନେଶ୍ୱରରେ ଘରଭଡା ନେଇ ରହୁଛି । ତାଙ୍କର ଡିମାଣ୍ଡ କିଛି ନାହିଁ । ମୋ ଝିଅକୁ ଦେଖି ପସନ୍ଦ ହେଇଛି । ତା ଛଡା ମୋ ଝିଅ ଗ୍ରାଜୁଏଟ ଏବଂ କୋମ୍ପୁଟର କୋର୍ସ କରିଛି ତ,

ISSN NO.
2582-208X

ସେଥିପାଇଁ ତାର ରାଜି । ନିତା ଠୁ ଶୁଣି ସିନିତାର ଭାରି ମନ ହେଲା ନିତାର ଝିଅକୁ ଦେଖିବା ପାଇଁ। ଚାରି ବର୍ଷ ହେଲା ନିତା କାମ କଲାଣି କିନ୍ତୁ ଥରେ ବି ଝିଅକୁ ସୁନିତା ଘରକୁ ଆଣି ନାହିଁ। ହଠାତ୍ ସୁନିତା କହିଲା ନିତା ତୁମ ଝିଅକୁ ଟିକିଏ ଦେଖିବାକୁ ଇଚ୍ଛା ହେଉଛି । ସାଙ୍ଗେ ସାଙ୍ଗେ ନିତା ତା ଫୋନ୍ ଟି ଆଣି ଗୋଟେ ଫାମିଲି ଫୋଟୋ ଦେଖାଇ ତା ଝିଅକୁ ଦେଖେଇଲା । ସତରେ ଭଲ ଦେଖିବାକୁ ନିତାର ଝିଅ । ଫୋଟୋରେ ଥିବା ଅନ୍ୟମାନଙ୍କ ଭିତରେ ଶାଶୁଙ୍କୁ ଦେଖିଦେଲା ନିତା । ଶାଶୁଙ୍କର ବେଶ ପରିପାଟୀ ଦେଖି ସିଏ ଖ୍ରୀଷ୍ଟିଆନ ବୋଲି ଜଣା ପଡୁନଥିଲା । ସେ ଘର କାନ୍ଥରେ ଗୋଟିଏ ମହାଲକ୍ଷ୍ମୀ ଫୋଟୋ ଝୁଲୁଥିବାର ଦୃଶ୍ୟ ବି ଲକ୍ଷ୍ୟ କଲା ସୁନିତା । କିନ୍ତୁ ସାହସ ପାଇଲାନି ପଚାରିବାକୁ ତମ ଖ୍ରୀଷ୍ଟିଆନ ଘରେ ମହାଲକ୍ଷ୍ମୀ କଣ କରୁଛନ୍ତି । କାଳି ନିତା ଉତ୍ତର ଦେବ ମହାଲକ୍ଷ୍ମୀ କଣ ଏକା ତୁମର, କି ଆଉ କଣ ଇଆଡୁ ସିଆଡୁ ଉତ୍ତରଦେବ ଡରରେ ଚୁପ୍ ରହିଲେ । ତିନିଚାରି ଦିନ ପରେ ନିତା ପନ୍ଦର ଦିନ ଛୁଟି ଆଉ କୋଡିଏ ହଜାର ଟଙ୍କା ଆଡଭାନ୍ସ ମାଗିଲା । ସେ ଗଲାପରେ ସ୍ୱାମୀଙ୍କର ଏକା ଜିଦି ନିତାକୁ ଆଡଭାନ୍ସ ଦିଆହବନି । ବେଶିପାଟି କଲେ ତା କାମ ବନ୍ଦ କରି ଆମ ହିନ୍ଦୁ ଲୋକଟିଏ ଦେଖିବା । ସ୍ୱାମୀଙ୍କର କଥାରେ ଶାଶୁବି ପାଳି ଧରିଲେ । ସେ ଯାହା ବି ହେଉ, ସ୍ୱାମୀ କିମ୍ବା ଶାଶୁଙ୍କୁ ବୁଝେଇ ଛୁଟି ଦେଇ ଟଙ୍କା ଦେଇ ନିତାକୁ ଶୁଭକାମନା ଓ କିଛି ଟଙ୍କା ଝିଅପାଇଁ ଦେଇ ଛାଡିଲା ସୁନିତା । ପନ୍ଦ୍ର ଦିନ ପରେ ହସି ହସି ନିତା ଫେରିଲା ।

କଥାରେ କଥାରେ ବାହାଘର ବିଷୟରେ କହୁ କହୁ ନିତା ତା ଫୋନ ରେ ସାଇତି ରଖିଥିବା ଭିଡିଓ ଦେଖାଇଲେ । ଏ କଣ ଦେଖୁଛନ୍ତି ସୁନିତା, ନିତା ଜୁଆଇଁ ଘରେ ତ ପୁରା ଆମରୀ ରୀତି ନୀତିରେ ବାହାଘର ହେଉଛି । ସ୍ତ୍ରୀ ଲୋକମାନେ ହୁଳହୁଳି ପକେଇ ପୁଅକୁ ହଳଦୀ ଲଗାଉଛତି, ପୁଣି ଦୀପ ଜାଳି ବନ୍ଦାପନା ହେଉଛି । ତପରେ କାରରେ ବସି ବର ଯାଉଛି । ତା ପରେ ଚର୍ଚ୍ଚ ଯାଇ ପୁଣି ପୁରା ଖ୍ରୀଷ୍ଟିଆନ୍ ରୀତିନୀତିରେ ବାହାଘରେ ହେଉଛି ଦୁଇପଟଙ୍କର ଉପସ୍ଥିତିରେ । ନିତା ଘରପଟୁ କିଛି ଲୋକ ଓ ବର ଘର ପଟୁ କିଛି ଲୋକ ଚର୍ଚ୍ଚ ବାହାରେ ଠିଆ ହୋଇ ଗପଶପ କରି ବିଭିନ୍ନ ପୋଜ୍ ରେ ଫୋଟୋ ଉଠାଉଥାନ୍ତି ।

ISSN NO.
2582-208X

କେଡେ ସୁରୁଖୁରୁରେ ବିନା ବାଦ ବିବାଦରେ ହିନ୍ଦୁ ଖ୍ରୀଷ୍ଟିଆନଙ୍କର ସହଯୋଗରେ ବାହାଘରଟି ହୋଇଗଲା । ଫୁଲବାଣୀର କୋଉ ପଲ୍ଲୀରେ ମାନବ ଧର୍ମକୁ ଆପଣେଇ ଏମାନେ ଆଗେଇଛନ୍ତି ସତେ ଯେମିତି । ଏସବୁ ଫୋଟୋ ଦେଖିସାରିବା ପରେ ଅସ୍ଥିର ସୁନିତାର ମନ ପଚାରିବସିଲା ନିତା ତୁମର ଓ ତୁମ ଜୁଆଇଁଙ୍କର ବନ୍ଧୁବାନ୍ଧବ କଣ ହିନ୍ଦୁ ବି ଅଛନ୍ତିକି? ଉତ୍ତର ନିତାଠାରୁ ଶୁଣି କାନକୁ ବିଶ୍ୱାସ କରିପାରିଲେନି ନିତା । ଆଜି ସାରା ବିଶ୍ୱ ଯୋଉଠି ଜାତି, ଧର୍ମ, ବର୍ଣ୍ଣକୁ ନେଇ ରାଜନୀତି, ଗଣ୍ଡୋଗୋଳ କରିବାକୁ ପଛାଉନାହାନ୍ତି, ସେଠି ନିତାର ଗାଁ ଭଳି ଗୋଟିଏ ଧର୍ମ ଯାହାକି ମାନବ ଧର୍ମ, ଯାହାର କି ସ୍ୱର ଖୁସିର ଗୋଟିଏ ମାତ୍ର ସ୍ୱର, ଏକଥାକୁ ବିଶ୍ୱାସ କରିବାକୁ ସୁନିତାକୁ କଷ୍ଟ ଲାଗୁଥିଲା ।

ଏତିକିବେଳେ ନିତାର ଉତ୍ତର ଶୁଣି ତା ଆଡକୁ ଚାହିଁଲା । ନିତା କହିଚାଲିଲା ମା, ମୁଁ ଯେତେବେଳେ ମୋ ଶାଶୁଘରକୁ ଗଲି ସେତେବେଳେ ଏକା ମୋ ସ୍ୱାମୀଙ୍କୁ ଛାଡି ତାଙ୍କ ଘରେ ଆଉ କେହି ଖ୍ରୀଷ୍ଟିଆନ ନଥିଲେ । ମୋର ତାଙ୍କର ବାହାଘର ଡୁବନ ନେଇ ଚର୍ଚ୍ଚରେ ହେଉଥିଲା । ମୋ ସ୍ୱାମୀ ଚର୍ଚ୍ଚରେ ଥିବା ପାଦ୍ରୀଙ୍କର ବୋଲହାକ କରୁକରୁ କେତେବେଳେ ଯେ ଖ୍ରୀଷ୍ଟିଆନ ଧର୍ମ ନେଇଯାଇଛି ତା ଘର ଲୋକ ଜାଣି ନଥିଲେ । ଜାଣିବା ପରେ ମୋ ସାଙ୍ଗରେ ବାହାଘର କଲେ । ମୋ ବାପାଘର ମୋ ଜେଜେବାପାଙ୍କର ବାପା ମାନେ ବ୍ରିଟିଶ ଅମଳରୁ ଖ୍ରୀଷ୍ଟିଆନ । ସୁନିତା ପୁଣି ପଚାରି ବସିଲା ନିତା ତୁମର ଶାଶୁଘରେ କିଛି ଅସୁବିଧା ହୁଏନାହିଁ । ନିତା କହିଲା ନାହିଁ ମା, ଆମ ଘରେ ଗୋଟେ ଜାଗାରେ ଶାଶୁଙ୍କର ଜଗନ୍ନାଥ ମହାଲକ୍ଷ୍ମୀ, ରାମ ସୀତା, ହନୁମାନ, ଓ ମୋର ଯେସସ୍ ଙ୍କର ଏକାଠି ପୂଜା କରାଯାଏ । ମୋର ଓ ମୋ ସ୍ୱାମୀ ଯୀଶୁଙ୍କୁ ଗୋଲାପ ଫୁଲ ଓ କାଣ୍ଡେଲ୍ ଜାଳୁ ଆଉ ମୋ ଶାଶୁ ତାଙ୍କ ଠାକୁରଙ୍କୁ ଭୋଗ ରାଗ ଧୂପଦୀପ ଦିଅନ୍ତି । ଗେଣ୍ଡୁ ଫୁଲରେ ଦିଅଁଙ୍କୁ ସଜେଇ ଶଙ୍ଖ ହୁଳହୁଳି ଦେଇ ପୂଜା ସାରନ୍ତି । ଆମେ କେହି କାହା ଦିଅଁଙ୍କୁ ଆକ୍ଷେପ ବା ଥଟ୍ଟା ବି କରୁନା । ମା, କାହା ବିଶ୍ୱାସକୁ କଣ ପ୍ରଶ୍ନ ବା ଆକ୍ଷେପ କରିବା କଥା ବିଶ୍ୱାସ ମୂଳେ ଭଗବାନ ଥାଆନ୍ତି ପରା । ପ୍ରକୃତରେ ମା ଆଜିଯାଏ ଆମ ଘରେ, ପରିବାରରେ, ବା ଗାଁରେ ଏ ଧର୍ମ ଅନେଇ କେବେ ବି କିଛି ଦ୍ୱନ୍ଦ୍ୱ ଉପୁଜିନାହିଁ । ମୋ ଦିଅରଙ୍କର ବାହାଗର ତ ଶିବ ମନ୍ଦିରରେ

ISSN NO.
2582-208X

ହୋଇଥିଲା, ଆମେମାନେ ମନ୍ଦିର ବାହାରେ ଅପେକ୍ଷା କଲୁ । ବାହାଘର ସରିଲା ପରେ ଆମେ ବରବୋହୁଙ୍କୁ ଧରି ଘରକୁ ଗଲୁ । ଆମ ଘରେ ଖ୍ରୀଷ୍ଟିଆନ ମାନଙ୍କ ପର୍ବ ସାଙ୍ଗରେ ହିନ୍ଦୁ ପର୍ବ ବି ପାଳୁ । ମୋ ଝିଅର ଦିଅର ତ ହିନ୍ଦୁ, ଦୁଇ ଭାଇ ଏକାଠି ରହୁଛନ୍ତି କିଛି ଅସୁବିଧା ହେଉନି ।

ଏମିତି ଗାଁରେ ହିନ୍ଦୁ ହେଉ କି ଖ୍ରୀଷ୍ଟିଆନ ହେଉ ଯାହା ଘରେ କିଏ ବେମାର ପଇଲେ ବା ମରିଗଲେ ଗାଁ ଯାକ ଏକାଠି ହେଇ ସେବା କରନ୍ତି ଓ ଶୁଦ୍ଧିକ୍ରିୟା ସୁରୁଖୁରୁରେ ହେବାରେ ସାହାଯ୍ୟ କରନ୍ତି । ମା, ସମସ୍ତେ ମଣିଷତ । କିଏ କାହାକୁ ଅବେଳରେ ସାହାଯ୍ୟ କରିଦେଲେ ଜାତି ଚାଲିଗଲେ ବି ମଣିଷ ଜାତି ତ ମାନବ ଧର୍ମକୁ ନେଇ ବଞ୍ଚି ରହିବ ।

ନିତାଠୁ ଶୁଣିଲା ପରେ ସୁନିତା ଭାବିଲା ଏମାନେ ତ ସେଲିବ୍ରେଟି ହୁଅନ୍ତୁ, ଯେଉଁମାନେ କି ଘରେ ଦୀପାବଳି କି ଗଣେଶ ପୂଜା କରନ୍ତି । ତାଙ୍କଠାରୁ କେଉଁ ଗୁଣରୁ କମ୍ ନୁହନ୍ତି । ଆକବର ସିନା ଯୋଦ୍ଧାବାଇଙ୍କ ପାଇଁ ନିଜର ମହଲରେ କୃଷ୍ଣଙ୍କୁ ପୂଜା କରିବା ଅନୁମତି ଦେଇଥିଲେ, ଏଠିତ ଗ୍ରାମବାସୀମାନେ ଏକତାର ପ୍ରତୀକ ସ୍ୱରୂପ ବିଶ୍ୱାସକୁ ହିଁ ପୂଜା କରୁଛନ୍ତି । ମନେ ମନେ ପ୍ରଣାମ କଲା ନିତା ଓ ତା ପରିବାରକୁ ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର - ୩ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ଶ୍ରୀୟା ବର



ଡକ୍ଟର ଅଭିମନ୍ୟୁ କାନୁନଗୋ

ଶ୍ରୀୟାବର ଚକ୍ରଧର କ୍ଷିରସିନ୍ଧୁ ଶାୟୀ
ପତିତପାବନ କୃଷ୍ଣ ସେ କଳା କହ୍ନାଇ
ତିନି ଏକାଦଶ ପୁରେ ସେହି ଏକା ଶ୍ରେଷ୍ଠ।
ଶ୍ରୀମନ୍ଦିର ଯାର ଘର ହଳୀ ର କନିଷ୍ଠ ।
ମକରନ୍ଦ ସ୍ରବୁଅଛି ନାମୁଁ ଯା ଅବଶ୍ୟ ।
ତୀର୍ଥ ସକଳ ଯା ପଦ ତଳେ କରେ ବାସ ।
ପଲକ ମାତରେ ଘୋଟି ପାରଇ ତ୍ରିପୁର ।
ତିନି ଲୋକ ଅଧିପତି ବିଷ୍ଣୁ ବିଶ୍ଵମ୍ବର ।
ହରଣ କରଇ ଭବ କଷଣ ଶ୍ରିହରି ।
ରୀଷ୍ଟ ନାଶକାରୀ ହରି ବୈକୁଣ୍ଠ ବିହାରୀ ।
ଯଦା ଧର୍ମର ପ୍ରଭାବ ଭବେ ହୁଏ ହାନି ।
ଦୁନିଆଁ ହିତରେ ଅବତରନ୍ତି ଧରଣୀ ।
ପକ୍ୱ ବିମ୍ବ ଫଳ ଜିଣି ରଙ୍ଗୀମା ଅଧର ।
ତିନି ଗୁଣରୁ ଅନ୍ତର ସେ ମୁରଲୀ ଧର ।

ପ୍ରସାର ଭାରତୀ,ପୁରୀ
ମୋ:୮୮୯୫୪୫୦୧୧୭

ISSN NO.
2582-208X

# ଜିଲିପି

ଅଜୟ କୁମାର ମହାନ୍ତ

ଜିଲାପି ବା ଜିଲିପି ଆମ ଦେଶର ଏକ ପ୍ରିୟ ମିଠା । ରସଭର୍ତ୍ତି ରଙ୍ଗୀନ କଡା ଜିଲିପି ଦେଖିଲେ ଖାଇବାକୁ ମନ ହାଇଁପାଇଁ ହୁଏ । ଜିଲିପିକୁ କ୍ଷୀର ସାଙ୍ଗରେ ଖାଇଲେ ଏହାରେ ସ୍ୱାଦ ଦୁଇଗୁଣ ବଢିଯାଏ । ଜିଲିପି କୁ ସଂସ୍କୃତ ରେ ସୁଧା କୁଣ୍ଡଳିକା କୁହାଯାଏ । କେତେକ ଏହାକୁ ଜଳ ବଲ୍ଲିକା କହନ୍ତି । ଜୈନମାନେ ଏହାକୁ ଭଗବାନ ଭୋଗ ବୋଲି ମାନ୍ୟତା ଦିଅନ୍ତି । ରବି ସ୍ମୃତି ଚାରଣ କରୁଥିଲା ତାର ଶୈଶବ ସହିତ ଯୋଡି ହେଇଥିବା ଗଳି ମୁଣ୍ଡରେ ଥିବା ନିମା ସାହୁର ମିଠା ଦୋକାନ ଓ ଜିଲିପି ।

ଆଲିସା ବଜାରରେ ରବିର ଘର । ରବି, ଛବି ଦୁଇଭାଇ । ବାପା ହାଇକୋର୍ଟରେ ଚାକିରୀ କରନ୍ତି । ସବୁଦିନ ନଅ ଟା ବେଳେ ସାଇକେଲ ଚଢି ଧଳା ଫର ଫର ଧୋତି ପିନ୍ଧି ଅଫିସ ବାହାରି ଯାଆନ୍ତି । ବାପା ଗଲାପରେ ଦୁଇଭାଇଙ୍କର ଆରମ୍ଭ ହୁଏ ଗୁଳି ଦଣ୍ଡା ଖେଳ । ସ୍କୁଲ ଯିବା ପୂର୍ବରୁ ଅଧାଘଣ୍ଟା ହେଉ ପଛେ ଖେଳିବେ । ବାଟରେ ଯିବାବେଳେ ପଡେ ନିମା ସାହୁଙ୍କ ଜଳଖିଆ ଦୋକାନ । ଦେଖନ୍ତି ବିରାଟ ବପୁ ବିଶିଷ୍ଟ କୃଷ୍ଣକାୟ୍ ସନା ବେହେରା ଜିଲିପି ଛାଣୁଥିବ । ଜିଲିପି ଗୁଡିକ ଲାଲ ଓ ହଳଦିଆ ରଙ୍ଗର । ଅନ୍ୟ ଦୋକାନ ଠାରୁ ନିମାସାହୁ ଦୋକାନରେ ଜିଲିପ୍ ଟିକିଏ ବଡ ସାଇଜର । ଦୁଇଭାଇଙ୍କ ପାଟିରୁ ଲାଳ ବାହାରି ଆସେ । କଥାବାର୍ତ୍ତା ହୁଅନ୍ତି ସ୍କୁଲରୁ ଫେରି ମାଙ୍କ ପାଖରୁ ପଇସା ନେଇ ଅନ୍ତତଃ ଗୋଟେ ଜିଲିପି ଖାଇବେ । ସ୍କୁଲରୁ ଫେରିଲା ପରେ କୌଣସି କଥାରେ ମନ ନଥାଏ । ସନା ବେହେରା ହାତର ଜିଲିପି ଖାଇବା ପାଇଁ ମୋ ପାଖରୁ ପଇସା ନେଇ ଦୁଇଭାଇ ବାହାରି ଯାଆନ୍ତି । ସନା ହେବେରା ବଡ କଡେଇରେ ଜିଲିପି ଛାଣୁଥିବ ଓ ରାଜୁ ଲୋକଙ୍କୁ ଦବାନବା କରୁଥାଏ । ଏମାନେ ପହଞ୍ଚିବା ମାତ୍ରେ ରାଜୁ ଆଗ ଏମାନଙ୍କୁ ଦିଏ ।

ଓଃ କି ସ୍ୱାଦ । ଦୁଇଭାଇ ଜିଲିପି ଖାଇ ଖେଳିବାକୁ ଚାଲି ଯାଆନ୍ତି । ଏହିପରି ବର୍ଷ ବର୍ଷ ବିତିଯାଏ । ସନା ବେହେରା ସେହିପରି ଜିଲିପି ଛାଣୁଥାଏ ଓ ରାଜୁ ଦବାନବା କରୁଥାଏ । ସବୁବେଳେ ଗହଳି ଲାଗିଥାଏ ଦୋକାନରେ । କଲେଜ ପଢା ଶେଷ ହେବା ପର୍ଯ୍ୟନ୍ତ

ISSN NO.
2582-208X

ଦୁଇଭାଇ ସନା ବେହେରା ଜିଲିପି ମଜା ନିଅନ୍ତି । ରାଜୁ ତାଙ୍କର ସାଙ୍ଗ ଭଳି ହେଇଯିଥାଏ । ଦୋକାନକୁ କେତେ ଦିନ ନଗଲେ, ଅନ୍ୟମାନଙ୍କୁ ତାଙ୍କ ବିଷୟରେ ପଚାରେ ।

ପାଠ ସରିବା ପରେ ଦୁଇଭାଇ କଟକ ସହର ଛାଡି ଅନ୍ୟ ସହରକୁ ଚାଲିଗଲେ ଚାକିରୀ ପାଇ । ଅନେକ ବର୍ଷ ପରେ ରବି ଘରକୁ ଆସିଛି । ନିମା ସାହୁ ଦୋକାନ କଥା ମନେ ପଡିଲା । ଚାଲିଲା ଚାଲିଲା ହୋଇ ଦୋକାନରେ ପହଞ୍ଚିଗଲା । ସନା ବେହେରା ଓ ରାଜୁ ତାକୁ ଦେଖି ଖୁବ୍ ଖାତିରଦାରି କଲେ ।

ଦେଖିଲା ସନା ବେହେରା ସେହିପରି ଜିଲିପି ଛାଣୁଛି । ପେଟ ଆଗ ଅପେକ୍ଷା ଆଉ ଟିକିଏ ବଡ ହେଇ ଯାଇଛି । ତାର ଚିରାଚରିତ ନିଳ ଲୁଙ୍ଗୀ ପେଟ ତଳକୁ ପିନ୍ଧିଛି । ରାଜୁ ଆଗରୁ ପିନ୍ଧୁଥିବା କମ୍ ଦାମ୍ ର ହାପ୍ ପେଣ୍ଟ ବଦଳରେ ଜିନ୍ସ ପ୍ୟାଣ୍ଟ ଓ ଦାମୀ ଟି ସାର୍ଟ ପିନ୍ଧିଛି । ଏ ଭିତରେ ରାଜୁ ଦୋକାନ ମାଲିକ ହେଇଯାଇଛି । ନିମା ସାହୁ ଜଳଖିଆ ଦୋକାନ ଜାଗାରେ ରାଜୁ ସିଂ ଜଳଖିଆ ଦୋକାନ ଲେଖିଛି । ବଡବଡ ଅକ୍ଷରରେ ପ୍ରୋପାଇଟର ରାଜୁ ସିଂ ଲେଖାହେଉଛି । ଦବାନବା ପାଇଁ ପିଲା ରଖିଛି ।

ଆଶ୍ଚର୍ଯ୍ୟ ହେଲା ସେ । ଦୁଇଜଣଙ୍କୁ ପରଖୁଥିଲା । ଜଣେ ବୁଦ୍ଧି ପ୍ରୟୋଗ କରି ଦୋକାନ ମାଲିକ ହେଇଯାଉଛି ଓ ଅନ୍ୟ ଜଣକ ଉଦଯୋଗ୍ ଅଭାବରୁ ଯେପରି ଥିଲା ସେହିପରି ରହିଯାଇଛି । ସନା ବେହେରା, ରାଜୁ ସିଂ ଓ ନିମା ସାହୁ ମାନେ ଜଗତିକରଣର ଏକ ଛୋଟ ଉଦାହରଣ ବୋଲି ବୁଝିପାରିଲା । ଅତି ଆଗ୍ରହର ସହିତ ସେମାନେ ଦେଇଥିବା ଜିଲାପି ପ୍ୟାକେଟ୍ ଧରି ଘରକୁ ଫେରି ଆସିଲା । ଫେରିଲା ବେଳେ ଭାବୁଥିଲା ନିମା ସାହୁ କଥା । ନିମା ସାହୁ ଏବଂ କେଉଁଠି ? ଦୋକାନ ହାତରୁ ଚାଲିଗଲା ପରେ ସେ କଣ କରୁଥିବ ? ଭଲରେ ଥିବ କିମ୍ବା ଆର୍ଥିକ ଅଟାଟନରେ ଥିବ, ଏ ପ୍ରଶ୍ନ ତା ମନରେ ବାରମ୍ବାର ଆନ୍ଦୋଳିତ ହେଉଥିଲା ।

କୋଅପରେଟିଭ କଲୋନ, ଛେଣ୍ଡ
ରାଉରକେଲା

ISSN NO.
2582-208X

# ସମ୍ମୋହନ



ଅମୃତନାରାୟଣ ଶତପଥୀ

ସମ୍ମୋହନ ଅଟେ ସେହି ମୋହ ମାୟା ବ୍ୟକ୍ତି ହୁଏ ସମ୍ମୋହିତ

ଏହା ସହ ପୁଣି ହୋଇ ଯାଇପାରେ ଜ୍ଞାନ ବିବେକ ରହିତ । (୧)

ଅସାର ସଂସାର ନର୍କ ସମ ହୁଏ ପ୍ରାଣୀଯେ ହୁଅଇ ଘାଣ୍ଟି,

ସେଥିରୁ ମୁକ୍ତି ପାଇବାକୁ କିଏ ବିଲେଇ ବେକରେ ବାନ୍ଧିବ ଘଣ୍ଟି । (୨)

ଶାଶ୍ୱତ ଈଶ୍ୱରଙ୍କ ଭଜନ କୀର୍ତ୍ତନ ଛାଡି ଦିଏ ଯେବେ ମନ,

ଧୀରେ ଧୀରେ ଏହି ନଶ୍ୱର ସଂସାର ଭରିଦିଏ ସମ୍ମୋହନ । (୩)

ସେହି ସମ୍ମୋହିତ ମୁକ୍ତି ପାଇବାକୁ ଏକମାତ୍ର ଅଛି ପନ୍ଥା,

ସମର୍ପିତ ନିଜ ଆତ୍ମା ପରମାତ୍ମା ଅଟନ୍ତି ସେ ମାତା ପିତା। (୪)

ଜନ୍ମ ନିଜର ସର୍ବେ ସାର୍ଥକ କର ହେ ପାଳି ମାନବ ଧର୍ମ,

ମୋହ ମାୟା ଭରା ସଂସାରରୁ ମୁକ୍ତ ତ୍ୟାଗକର ସମ୍ମୋହନ । (୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ନଟବର



ଦେବଯାନୀ ବାରିକ୍

ନଟବର ହରି ବିଶ୍ୱ ପରାଣ । ମନମୋହନ କେଶବ ବାମନ ।
ଇନ୍ଦିରା ଧବ ସେ ଦୀନ ବାନ୍ଧବ । ନୃହରୀ ବାରିଜ ନୟନ ଭାବ ।
ସିଂହ ଅର୍ଦ୍ଧେକ ଅର୍ଦ୍ଧେକ ମନୁଷ୍ୟ । ହରଇ ଭବ ଦୂରୀତ ଅବଶ୍ୟ ।
ଚରାଚର ଯାର ମାୟାରେ ବଶ । ରହସ୍ୟମୟ ସେ ଦିବ୍ୟ ପୁରୁଷ ।
ନମାମି ନରହରି ଆଦିକନ୍ଦ । ଅଚ୍ୟୁତ ଅନନ୍ତ ପରମାନନ୍ଦ ।
ନାରାୟଣ ନାମେ ବିଶ୍ୱ ପାବନ । ଦୀନ ଜନ ବନ୍ଧୁ ମଧୁସୂଦନ ।
ପତିତ ତାରଣ ଦେବାଧିରାଜ । ରମାରମଣ ବ୍ରଜ ଯୁବରାଜ ।
ମକର କୁଣ୍ଡଳ ଲୋଳଇ ଗଣ୍ଡ । କାଳ ରୂପେ ବିହରଇ ବ୍ରହ୍ମାଣ୍ଡ ।
ରସ ସାଗର ସେ ଶ୍ରୀରାଧା କାନ୍ତ । ନବଗୁଞ୍ଜର ପାର୍ଥ ସଖା ସେତ ।

ମହୁ, ଆଲି,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ମୋ ଗାଁ ଭୁଷଲାଡ



ଟିକେରାଜ ସାହୁ

ସହର ଠାରୁ ଟିକିଏ ଦୁର
ରାଜ ରାସ୍ତାରୁ ନିକଟତର
ଅଟଇ ମୋର ଗାଁଆଟି
ସାତଟି ସାହି ଚାରିଶଃ ଘର
ଭୁଷଲାଡ ତାର ନାଆଟି
ଅଟଇ ମୋର ଗାଆଁଟି ।

ଗାଁଆରେ ମୋର କେତେ ଠାକୁର
ଯାନିଯାତ୍ରା ରେ କମ୍ପଇ ପୁର
ସବୁ ଜାତିର ଲୋକବି ଏଠି
ରହିଥାଏ ଦାଦା ଭାଇ ଟି...
ଭୁଷଲାଡ ତାର ନାଆଟି
ଅଟଇ ମୋର ଗାଆଁଟି ।

ଗାଁଆ ଆଗରେ ମାଁ ଟି ମୋର
ଦ୍ୱାରସେନୀ ବୋଲି ନାଁଆଟି ତାର
ମଝିରେ ଅଛନ୍ତି ତିନି ଠାକୁର
ଶେଷରେ ମୋର ଭୋଲାଶଙ୍କର
ଭୁଷଲାଡ ତାର ନାଆଟି
ଅଟଇ ମୋର ଗାଆଁଟି ।

ପ୍ରାଇମେରି ରୁ ହାଇସ୍କୁଲ
ଟିକିଏ ଦୁର କଲେଜ ମୋର
ଗାଁଆରେ ସବୁ ଶିକ୍ଷିତ ଭାଇ
ନାହିଁ କେହି ଏଠି ବେକାରି
ଭୁଷଲାଡ ତାର ନାଆଟି
ଅଟଇ ମୋର ଗାଆଁଟି ।

ପିଲାଙ୍କ ମସ୍ତି ଖେଳ ପଢାରେ
ଯୁବା ଯାଆନ୍ତି ନିଜ କର୍ମରେ
ବୁଢା ବୁଢୀଙ୍କ ସକାଳେ ସଞ୍ଜେ
ଅଛି ଭାଗବତ ଟୁଙ୍ଗୀ ଟି...
ଭୁଷଲାଡ ତାର ନାଆଟି
ଅଟଇ ମୋର ଗାଆଁଟି ।

ଦୋଳ ଯାତରା ଅବା ଦଶରା
କି ହଉ ମୋର ଘୋଷଯାତରା
ସଭିଏଁ ମିଶି ଏକାଠି ହୋଇ
ଖୁସିରେ ଆମ ଦିନ ବିତଇ
ଭୁଷଲାଡ ତାର ନାଆଟି
ଅଟଇ ମୋର ଗାଆଁଟି ।

ISSN NO.
2582-208X

ସାତ ଦିନରେ ଯେ ଶନିବାର
ବସେ ଏଠି ସାପ୍ତାହିକ ବଜାର
ଉଦେର ନଦୀ ଜାଉଛି ବହି
ଗାଁଆ ପାଦ ଦେଇ କି…
ଭୂଷଲାଡ ତାର ନାଆଟି
ଅଟଇ ମୋର ଗାଆଁଟି ।
ଥାଉ ନଥାଉ ପରିଚୟ ତା
ଆମରି ପାଇଁ ଅଟଇ ମାତା
ଜନମ ଲଭି ତାହାରି କୋଳେ
ଜୀବନ ମୋର ଧନ୍ୟ ଟି…
ଭୂଷଲାଡ ତାର ନାଆଟି
ଅଟଇ ମୋର ଗାଆଁଟି ।

ISSN NO.
2582-208X

# ଅତୀତର ରଜ



ଅମ୍ବିକା ସ୍ୱାଇଁ

କାହିଁଗଲା ସେ ରଜ !!!! ଅତୀତର ପେଡି ଖୋଲି ବସିଲେ । ଗୋଟି ଗୋଟି ମନେ ପଡି ଯାଉଛି, ସେହି ପୁରୁଣା କଥା । ଭୁଲି ହେବ ନାହିଁ ସାରା ଜୀବନ । ହୃଦୟର ଚିତ୍ରପଟରେ ଆଙ୍କି ହୋଇ ରହିଛି କେତେ କେତେ ମିଠା ମିଠା ସ୍ମୃତି, ମଧୁର ଅନୁଭବ । ସଜଳ ନୟନରେ ଦିଶିଯାଉଛି ପିଲା ଦିନର ରଜ । ମନରେ କେତେ ଉତ୍କଣ୍ଠା କେତେ ପୁଲକ ରଜ ଆସୁଛି ।ରଜଦୋଳି ପାଇଁ ବାଉଁଶ କଟା, ଦଉଡ଼ି ବଳା ମାସକ ଆଗରୁ କେତେ ସଜବାଜ । ବେଶି ନାହିଁ ତିନି ଦଶନ୍ଧି ତଳର କଥା, କାଲିପରି ଲାଗୁଛି, ଓଃ କି ଖୁସି !

ରଜ ଆସୁଛି, ମନରେ ଅସରନ୍ତି ଆବେଗ, ଗାଆଁ ଗାଆଁ, ଘରେ ଘରେ ସାପୁଆ ଗୋବର ଆଉ ବନମାଟିରେ ମାଟି କାନ୍ଥ ଲିପା ହୁଏ । ଘରର ମା"ଖୁଡି ମିଶି ଅତି ଯତ୍ନରେ ଲିପୁଥାନ୍ତି ଘର ବାହାରର କାନ୍ଥ ଆଉ ଦୁଆର । ଏହା ଏକାଦିନେ ସରେନି, ସବୁ ଖଞ୍ଜା ଘର, ଓ ଗୁହାଳ ଘର ସବୁ ହୁଏ ଲିପା ପୋଛା ହୁଏ ଅତି ଯତ୍ନରେ ।

ଓଦା ବନମାଟିର ମହ ମହ ବାସ୍ନାରେ ଚଉଦିଗ ମହକି ଉଠେ । ବିଶ୍ୱାସ ଅଛି ଗୋବର ବନ ମାଟି ରେ ଘରେ ଲିପା ପୋଛା କଲେ ମୌସୁମୀ ର ଆଗମନ ରେ ବର୍ଷା ଦିନେ ସାପ ଆସିବାର ଭୟ ନଥାଏ ।ଯେ ଯାହା ବି ହେଉ ଏହି ପରମ୍ପରା ସେତେବେଳେ ଥିଲା, ଏବେ ବି ରହିଛି, କିନ୍ତୁ ସେହି ଉନ୍ମାଦନା ସେହି ପୁଲକ ନାହିଁ । ଏବେ ତ ଗାଁ ବି ସହର ପାଲଟି

ISSN NO.
2582-208X

ଯାଇଛି । ଚାରିଆଡ଼େ କୋଠା ଘର ତେଣୁ ଗୋବର ବନ ମାଟିରେ ଘର ଲିପପୋଛା କରିବାର ଦରକାର ପଡ଼ୁ ନାହିଁ । ଧିରେ ଧିରେ ସବୁ ବଦଳି ଚାଲିଛି ।

ଆମ ଓଡ଼ିଶା ର କୃଷି ଭିତ୍ତିକ ଗଣ ପର୍ବ ରଜ । ମୌସୁମୀ ର ଆଗମନ ରେ ଧରିତ୍ରୀ ମା ରଜସ୍ୱଳା ହୁଏ । ଭୂମି ମାତା କୁ ବିଶ୍ରାମ ଦିଆ ଯାଏ ରଜ ରେ କୃଷକ ମାନେ ଚାଷ କାମରୁ ତିନି ଦିନ ବିରତି ନିଅନ୍ତି, ଭୂମି କର୍ଷଣ କରନ୍ତି ନାହିଁ, ଭୂମି ମାତା କୁ କୌଣସୀ କଷ୍ଟ ନ ହେବ ସେଥି ପ୍ରତି ସମସ୍ତେ ସଜାଗ ରହି ରଜପର୍ବ କୁ ଖୁବ୍ ଆଡମ୍ବର ରେ ପାଳନ୍ତି । କୃଷକ ମାନେ ବର୍ଷ କ ଯାକ ଖଟଣି କରି ଥକି ଯାଇ ଥାନ୍ତି । ସେ ମଧ୍ୟ ବିଶ୍ରାମ ନିଅନ୍ତି । ରଜ ରେ କେବଳ ତାସ୍, ଲୁଡୁ ପାଲି, ବାଗୁଡ଼ି, କିତି କିତି ଖେଳ ଖେଳି ପିଠାପଣା ଖାଇ, ବନ୍ଧୁ ଘର ବୁଲି ସମୟ କାଟନ୍ତି । କୃଷକ ଭାଇ ମନରେ ଏହି ରଜ ତିନି ଦିନ ଅପୂର୍ବ ଆନନ୍ଦ ଖେଳି ଯାଏ । ବସୁମତୀ ସ୍ନାନ ପରେ ପୁଣି ନିଜ ଚାଷ କାର୍ଯ୍ୟରେ ଲାଗି ପଡନ୍ତି । ସୁନାର ଫସଲ ଫଳାନ୍ତି,ସବୁଜ ଧରଣୀ ମା କୃଷକ ର ହାତ ଯାଦୁ ର ସ୍ପର୍ଶ ରେ ହସି ଉଠେ ।

ହଁ ଆମ ର ସବୁ ଠୁ ବଡ଼ ପରମ୍ପରା ରଜ ପୋଡ଼ ପିଠା ଅନେକ ପିଠା ପଣା, ମୁଆଁ ପିଠା, ଚକୁଳି ପିଠା, କାକରା ପିଠା ଏମିତି ଅନେକ ପ୍ରକାର ର ପିଠା । କିନ୍ତୁ ବେଶୀ ଗୁରୁତ୍ୱ ବହନ କରେ ପୋଡ଼ ପିଠା । ଏହି ପିଠା ହେବାର ପ୍ରସ୍ତୁତି ପର୍ବ ବେଶ୍ ଉତ୍ସାହପୂର୍ଣ୍ଣ । ରଜ ର କିଛି ଦିନ ପୂର୍ବରୁ ଚାଉଳ କୁ ଭଲ ଭାବେ ଧୋଇ ଶୁଖାଇ ତାକୁ ଚକି ରେ ପେଶି ସାଇତି ରଖି ଦିଆ ଯାଏ । ଚକି ରେ ଘୁରାଇବାକୁ ଜଣେ ନୁହେଁ ବେଳେବେଳେ ଦୁଇ ଜଣ ଙ୍କ ର ଆବଶ୍ୟକ ପଡେ । ସେମିତି ଚକୁଳି ପିଠା, ମୁଆଁ ପିଠା ପାଇଁ ବିରି କୁ ରଗଡ଼ି ପାଣି ରେ ଭିଜାଇ ଚୋପା ଛଡ଼ାଇ ଖରା ରେ ଭଲ ଭାବରେ ଶୁଖାଇ ତାକୁ ମଧ୍ୟ ଚକି ରେ ପେଶି ଚୁନା କରି ରଖା ଯଇଥାଏ । ହଳଦୀ ଗୁଣ୍ଡ, ଜିରା ଲଙ୍କା ଗୁଣ୍ଡ, ଏହା ସହିତ ଗୋଟା ମୁଗ କୁ ଭାଜି ଜାଇ ରଗଡ଼ି କି ରଖା ଯାଏ । ଏମିତି କି ଧାନ ଉଁସା, ସୁଖା, ଚାଉଳ କୁଟା, ବିରି ରେ ବଡି ପ୍ରସ୍ତୁତି ହୋଇ ରହି ଥାଏ । ଏମିତି କି ନିଜ ପୋଖରୀ ବା ସଜା ରେ ଥିବା ବଡ଼ ଗାଡିଆ ରୁ କିମ୍ବା ବଡ଼ ପୋଖରୀ ଭିତରେ ଥିବା ଛୋଟ ଛୋଟ ଚୁଆ ରୁ, ମାଗୁର, ରତା, ଶୀଙ୍ଗି, ଶେଉଳ, କଉ ଇତ୍ୟାଦି ମାଛ ଧରା ହୋଇ ମାଟି ରେ ତିଆରି ବଡ଼, ବଡ଼ ଯାହାଲା ରେ ପାଣି ପୁରାଇ ରଖା ଯାଇ ଥାଏ । ରଜ ରେ ତରକାରୀ ହେବା ପାଇଁ । ଖାଲି ରଜ କଣ ଏହି ମାଛ ପନ୍ଦର ଦିନ ମାସକ ପର୍ଯ୍ୟନ୍ତ ମଧ୍ୟ ସେହି ଜାହଲା ବା ମାଟି ହାଣ୍ଡିରେ ସୁରକ୍ଷିତ ରହେ । ସେ ଭିତରେ ମାଛ ମାନେ ଆନନ୍ଦ ରେ ଖେଳା ବୁଲା

ISSN NO.
2582-208X

କରନ୍ତି । ଯେତେବେଳେ ଇଚ୍ଛା ସେଥିରେ ପାଚିଆ ପୁରାଇ ଧରି ଆଣନ୍ତି ମା, ବୋଉ ମାନେ ରୋଷେଇ କରି ପରଷି ଦିଅନ୍ତି ଘର ଲୋକଙ୍କୁ ବନ୍ଧୁ ବାନ୍ଧବ ଙ୍କୁ ।

ବେଶି ମଜା କଥା ହେଲା ରଜ ପୂର୍ବ ଦିନ ସଜବାଜ । ଆଗରୁ ଦାନ୍ତ କାଠି କଟା, ହଳଦୀ ବଟା, ମୁଣ୍ଡରେ ବନ ମାଟି ଲଗାଇ ଝିଅ ବୋହୂ ମାନଙ୍କର ମୁଣ୍ଡ ସଫା । ଘର ଚଟାଣ ଲିପା ପୋଛା, ସଜବାଜ ର ପୂର୍ବ ରାତିରେ ପୋଡ଼ ପିଠା ର ପ୍ରସ୍ତୁତି, ଚାଉଳ ଚୂନା ରେ ଗୁଡ଼, ନଡ଼ିଆ, ଛେନା, କ୍ଷୀର, ତେଜ ପତ୍ର, ଅଦା, ଗୋଲ୍ ମରିଚ, କାଜୁ, କିସମିସ ଯିଏ ଯାହା ଦରକାର୍ ଅନୁଯାୟୀ ପକାଇ ସବୁ କୁ ଜନ୍ତୁଣୀ କରି ମାଟି ପଲମ ରେ ନଚେତ୍ ଲୁହା କରେଇରେ, ଉପର କଦଳୀ ପତ୍ର ରେ ଜନ୍ତୁଣି କୁ ରଖି ଚୁଲିରେ ବସାଇ ତା ଉପରେ ପତ୍ର ରଖି କାଠ ଓ ଘଷି ନିଆଁ ର ରଡ ଦେଇ ରାତି ସାରା ବସାଇ ଦିଆ ଯାଏ । ସକାଳୁ ଉଠି ପ୍ରଥମେ ଜେଜେ ମା' ବା ଘର ର ବୟୋ ଜେଷ୍ଠ ବ୍ୟକ୍ତି ପିଠା କାଟି ସମସ୍ତ ଙ୍କୁ ଖାଇବାକୁ ଦିଅନ୍ତି । କିନ୍ତୁ ରଜ ପୂର୍ବ ଦିନ ରାତିରେ ହଳଦୀ ବଟା ରେ ନଡିଆ ତେଲ ମିଶାଇ ଦେହରେ ଘର ର ସମସ୍ତ ଝିଅ, ବୋହୂ ଭୁଆସୁଣୀ, ମା, ଜେଜେ ମା" ମାନେ ବହଳ କରି ଦେହରେ ହଳଦୀ ମାଖନ୍ତି ।

ମୁଣ୍ଡ କୁଣ୍ଡେଇ ରିବନ୍ ଫିତା ରେ ବେଣୀ ବାନ୍ଧନ୍ତି, କାରଣ ରଜ ଦିନ ଆଉ ମୁଣ୍ଡ କୁଣ୍ଡା ହୁଏ ନାହିଁ । ପରସ୍ପର ହଳଦୀ ଲଗାଇବା ପାଇଁ ସ୍ୱତନ୍ତ୍ର ପୁରୁଣା ବସ୍ତ୍ର ବ୍ୟବହାର କରା ଯାଏ,ଏତେ ବହଳ ହଳଦୀ ଲଗା ଯାଏ ଯେ ପରବର୍ତ୍ତୀ ସମୟ ରେ ହଳଦୀ ବସ୍ତ୍ର ରୁ ଛାଡେ ନାହିଁ ।

ପାହାନ୍ତିଆ ରୁ ସୂର୍ଯ୍ୟ ଉଦୟ ପୂର୍ବରୁ ସମସ୍ତେ ଉଠି କୂଅ, ପୋଖରୀ, ନଦୀ ଯାହାର ଯେଉଁଠି ସୁବିଧା ଅନୁସାରେ ଗାଧାନ୍ତି । ତା ପରେ ଆରମ୍ଭ ହୁଏ ନୂଆ ଲୁଗା ପୋଷାକ ପତ୍ର ପରିଧାନ ବିଭିନ୍ନ, ଗହଣା ର ଆଭୂଷଣ, ଅଳତା ପଟି, ନୂଆ ଚୁଡି, ମଥାରେ ଚନ୍ଦନ ଟିପା, ହଳଦୀ ଗରଗର ଦେହ ସହ ଏସବୁ ସଜ ସତେ କି ଅନୁଭବ ହୁଏ ସ୍ୱର୍ଗରୁ ଓହ୍ଲାଇ ଆସିଛନ୍ତି ଅପସରା ଗଣ । ଭାରି ସୁନ୍ଦର ଦିଶନ୍ତି ଝିଅ ବୋହୂ ମାନେ । ଘର ଘର ବୁଲି, ଏ ସାହି, ସେ ସାହି ଝିଅ ମାନେ ଏମିତି କି ପାଖ ଗାଁ କୁ ବୁଲି ଯାନ୍ତି ରଜ ପୋଡ଼ ପିଠା ରଜ ପାନ ଖାଇ ସମସ୍ତେ ପାଟି ନାଲି କରି ଥାନ୍ତି ଗାଆଁ ଆମ୍ବ ତୋଟା ରେ କିମ୍ବା ବରଗଛ ଓହଳ ରେ ବାଉଁଶ ସହ ସଂଯୁକ୍ତ ଦଉଡ଼ି ଓ ପଟା ରେ ରଜ ଦୋଳି ଖେଳନ୍ତି । ବେଶ୍

ISSN NO.
2582-208X

ମଜା। ସମସ୍ତଙ୍କ ଘରକୁ କୁଣିଆ ଆସନ୍ତି, ଖାସି ମାଂସ ର ଝୋଳ ସମସ୍ତ ଙ୍କ ଘରେ ବାସି ମହକୁ ଥାଏ । ନୂଆ ବୋହୂ ଘରୁ ଭାର ଆସେ, ଉଖୁଡା କଦଳୀ,ଆମ୍ବ ପଣସ, ମିଠେଇ ଏମିତି କେତେ କଣ । ପ୍ରତ୍ୟେକ ଝିଅ ଘର କୁ ନୂଆ ଶାଢ଼ୀ, ଚୁଡି, ଶଙ୍ଖ, ସିନ୍ଦୂର ଅଳତା ସହ ଚିତ ବିଚିତ୍ର ହୋଇ ଥିବା ଉଖୁଡା ହାଣ୍ଡି ବାରିକ ପିଠିରେ ଲଦି ପାଦରେ ଚାଲି ଚାଲି ବାପ ଘରୁ ଆସି ଝିଅ ର ଶାଶୁ ଘରେ ପହଞ୍ଚେଇ ଦିଏ । ଉଖୁଡା ହାଣ୍ଡି ନ ଆସିବା ଯାଏ ବୋହୂ ଟି ଚାତକ ପରି ଚାହିଁ ରହି ଥାଏ । ଭାର ପହଞ୍ଚିଲେ ଝିଅଟିର ମନ ଖୁସିରେ କୁରୁଳି ଉଠେ । ଶାଶୁ ଘର ଲୋକ ବି ଖୁବ୍ ଖୁସି ହୁଅନ୍ତି, ଏସବୁ ସେତେବେଳେ ଥିଲା ବନ୍ଧୁତ୍ୱ ର ସ୍ନେହ, ଶ୍ରଦ୍ଧା, ପ୍ରେମ, ପରମ୍ପରା ର ନିଛକ ନିଦର୍ଶନ । ଏସବୁ ତ ଅନେକ କଥା । ସେତବେଳ ର ପରମ୍ପରା ବଦଳି ଗଲାଣି । ଯୁଗକୁ ତାଳ ଦେଇ ସବୁ କିଛି ବଦଳି ଚାଲିଛି ।

ଆଜି କାଲି ସେ ଭାର ଥୋର ଆଉ ନାହିଁ, ଗାଁ ପରିବେଶ ବି ବଦଳି ଗଲାଣି । ଏବେ ଅନେକ ପିତା ମାତା ଝିଅ ଆକାଉଣ୍ଟ କୁ ଟଙ୍କା ପଠାଇ ଦେଇ ପରମ୍ପରା କୁ ନୂତନ ଢଙ୍ଗରେ ବଜାଇ ରଖିଛନ୍ତି । ଯାହା ବି ହେଉ ଯୁଗ ବଦଳୁଛି । ବଦଳୁଛି ଜୀବନ ଚଳନି ର ଧାରା । କିନ୍ତୁ ଆମ ଓଡ଼ିଶା ର ଗଣପର୍ବ ରଜପର୍ବ ର ସଂଜ୍ଞା ବଦଳିନି। ଆମ ସଂସ୍କୃତି, ପରମ୍ପରା ରେ ସର୍ବଦା ଚିର ସବୁଜ, ଚିର ଜୀବିତ ହୋଇ ରହି ଥିବ ଚିରକାଳ ଆମ ଓଡ଼ିଶା ର ସ୍ୱତନ୍ତ୍ର ରଜ ପର୍ବ ...ଏହି ବିଶ୍ୱାସ ରହିଛି.!!!!!

ଭୁବନେଶ୍ୱର
୯୭୭୭୫୯୯୭୯୫

ISSN NO.
2582-208X

# ପ୍ରେମ

ରଜନୀ ନାୟକ

ତୁମେ ମୋ ଭାଲେଣ୍ଟାଇନ
ମୋ ଶାରୋଣର ଗୋଲାପ, ଅଳ୍ପ ଗୀତର ଆଳାପ
ଖତରାଶିରୁ ଉଠାଇ ତୁମ ଉଷ୍ମ ଛାତିର ଆଲିଙ୍ଗନରେ
ଛନ୍ଦି ରଖିଥିବା ପ୍ରେମିକ
ତୁମ ପ୍ରେମ ମୋ ପାଇଁ ପରମଗୀତ ଟିଏ ।

ସଜାଡ଼ିଛି ତୁମ ପାଇଁ
ନିଭୃତ ରାତ୍ରିର ପଲଙ୍କ
ଗନ୍ଧରଶ ଓ ଅଗୁରୁରେ ସୁବାସିତ ଶେଜ
ଆସ ମୋର ପ୍ରୀୟତମ
ତୁମ ପ୍ରେମରେ ମୋତେ ଶିକ୍ତ କର, ରିକ୍ତ କର, ଅନୁରକ୍ତ କର ।

ଯାହାଙ୍କୁ ମୋ ପ୍ରାଣ ପ୍ରେମ କରେ,
ମୁଁ ତାଙ୍କୁ ରାତ୍ରୀକାଳେ ଆପଣା ଶଯ୍ୟାରେ ଖୋଜିଲି
ନଗରେ ନଗରେ, ଗଳି ଗଳି, ଛକେ ଛକେ ଖୋଜିଲି
ପ୍ରହରୀମାନେ ମୋତେ ଦେଖିଲେ,
ପଚାରିଲି.....
ଯାହାଙ୍କୁ ମୋ ପ୍ରାଣ ପ୍ରେମ କରେ ତାଙ୍କୁ ତୁମ୍ଭେ ଦେଖିଛ ?

ISSN NO.
2582-208X

ମୁଁ ନିଦ୍ରିତା ଥିଲି, ମାତ୍ର ମୋ ହୃଦୟ ଜାଗ୍ରତ ଥିଲା
ଏ ତ ମୋ ପ୍ରିୟତମଙ୍କ ରବ....
ସେ ଦ୍ୱାରରେ ଆଘାତ କରି କହୁଅଛନ୍ତି...
ଗୋ ପ୍ରିୟେ, ମୋହର କପୋତୀ, ଶୁଦ୍ଧମତେ
ଦ୍ୱାର ଫିଟାଅ ....
ମୁଁ ଉଚ୍ଚାଟହୋଇ ଫିଟାଇ ଦେଲି
ମାତ୍ର ସେ ସ୍ଥାନାନ୍ତରେ ଚାଲିଯାଇଥିଲେ ।

ମୋହର ପ୍ରାଣ ଉଡିଗଲା...
ମୁଁ ବ୍ୟାକୁଳ ହୋଇ ଖୋଜିଲି ମାତ୍ର ପାଇଲି ନାହିଁ
ପ୍ରହରୀମାନେ ମୋତେ ଧରି ପ୍ରହାର କଲେ ଓ କ୍ଷତବିକ୍ଷତ କଲେ
ମୁଁ ନିସ୍ତେଜ ହେଲି .... ।

ଆଗୋ କନ୍ୟାଗଣ...
ଶପଥ ଦେଇ କହୁଅଛି
ମୁଁ ପ୍ରେମ ପୀଡ଼ିତା ବୋଲି ତାଙ୍କୁ କହିବ..... ।

ଭୁବନେଶ୍ୱର

ISSN NO.
2582-208X

# ମାଆ ମୋର ଅଟେ ସିଏ



ପ୍ରକାଶ କୁମାର ଚାନ୍ଦ

ଆହାକି ସୁନ୍ଦର ଦୁଇଟି ଅକ୍ଷର
ମହୁଠୁ ମଧୁର ସିଏ
ଛାତିତଳେ ଯାର ସ୍ନେହର ଝରଣା
ଅବିରତ ଝରୁଥାଏ
ମାଆ ସିଏ ଅଟେ ମୋର
ମୋ ପାଇଁକି ସିଏ କଥାକୁହା ଦେବୀ
ନାହିଁ ଯାର ପଟ୍ଟାନ୍ତର ।।

ଜଠରୁ ତାହାର ଜନମ ହୋଇ ମୁଁ
ଛୁଇଁଲି ଯେବେରେ ମାଟି
ଛାତିରୁ ତାହାର ଅମୃତ ଦେଇକି
ତୁନି କରେଇଲା ପାଟି
ମମତା ଅମୂଲ ମୂଲ
ପରଶରେ ତାର ପାଦ ତଳ କଣ୍ଟା
ହୋଇଯାଏ ପରା ଫୁଲ ।।

ଟାଣ ଖରାବେଳେ ପଣତ ତାହାର
ବରଗଛ ଛାଇ ପରି
ରୁଷିଗଲେ ଟିକେ ଜହ୍ନମାମୁଁ ଟିକୁ
ଡାକିଦିଏ ହାତ ଠାରି
ତା ପରି ହେବ କିଏ
ଯେତେ ଚାହିଁଲେବି ସୁଝି ହୁଏ ନାହିଁ
ଏମିତିକା ଋଣ ସିଏ ।।

ଜୟପୁରଶାସନ ପିପିଲି ପୁରୀ
ମୋ-୭୦୦୮୯୨୫୯୫୪

ISSN NO.
2582-208X

# ବିଜ୍ଞାନ ଯୁଗ ରେ ଆଧ୍ୟାତ୍ମିକତା ର ଭୂମିକା



ବିଶ୍ୱଜିତ୍ ନାଥ

ଆଜିର ଉତ୍ତର ଆଧୁନିକ ଯୁଗ ରେ ଆମେ ବିଜ୍ଞାନ ପଥ ର ପଥିକ। ବିଜ୍ଞାନ ସହ ଆମେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଆମର ଦୈନନ୍ଦିନ ଜୀବନ ରେ ବିଜ୍ଞାନ ର ଆବଶ୍ୟକତା ରହିଛି। ଅଣୁ ରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ବିଜ୍ଞାନ ଆମର ବ୍ୟବହାର ର ଆସୁଛି। ସୁତରାଂ ବିଜ୍ଞାନ ଆଜିର ଦିନ ରେ ଆମର ଜଣେ ଉତ୍ତମ ବନ୍ଧୁ କହିଲେ ବି ଭୁଲ ହେବ ନାହିଁ। ଆମେ ଆଜି ସମଗ୍ର ବ୍ରହ୍ମାଣ୍ଡ କୁ କୃତ୍ରିମ ଉପଗ୍ରହ ମାଧ୍ୟମ ରେ ଦେଖିପାରୁଛୁ। ପୌରାଣିକ କଥା ବସ୍ତୁ ଅନୁସାରେ ଚନ୍ଦ୍ରଦେବ ଯାହାଙ୍କୁ ଆମେ ପୂଜା କରୁ ତାଙ୍କର ପୃଷ୍ଠଦେଶ ରେ ମଧ୍ୟ ପାଦଥାପି ପାରିଛୁ। ରାବଣ ର ପୁଷ୍ପକ ବିମାନ ପରି ଆମେ ଆଜି ବ୍ୟୋମଯାନ ରେ ଉଡ଼ିପାରୁଛୁ। ମହାମାରୀ ଓ ଭୟଙ୍କର ବିପଦ କୁ ଆମେ ଅତି ସହଜ ରେ ନିୟନ୍ତ୍ରଣ କରିପାରୁଛୁ । ଆମେ ଆଜି ବିଜ୍ଞାନ ବଳରେ ଅସାଧ୍ୟ ସାଧନ କରି ନୂଆ ଇତିହାସ ରଚିଛୁ। ତେବେ ଆଜିର ଏହି ବିଜ୍ଞାନ ଯୁଗ ରେ ଦେବୀ, ଦେବତା, ଈଶ୍ୱର ଆଦି ଙ୍କୁ ବିଶ୍ୱାସ କରିବା ଉଚିତ୍ କି ?" ଆମେ ବିଜ୍ଞାନ ବଳରେ ବିଶ୍ୱାସ ଓ ଅନ୍ଧବିଶ୍ୱାସ ର ପାର୍ଥକ୍ୟ କୁ ଜାଣିପାରିଛୁ ତେବେ ଆମେ କାହିଁକି କୌଣଷି ନୀତି, ନିୟମ ପାଖଣ୍ଡବାଦ କୁ ବିଶ୍ୱାସ କରିବା"। ଏହି ଉକ୍ତି ଟି ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରେ । ତେବେ ତାହାର ଉତ୍ତର ଏହି ସ୍ତମ୍ଭ ମାଧ୍ୟମ ରେ ଉପସ୍ଥାପନ କରାଯାଉଅଛି। ବିଜ୍ଞାନ ବିଶ୍ୱାସ ଏବଂ ଅନ୍ଧବିଶ୍ୱାସ ସେ ସବୁ ଆମ ଜ୍ଞାନ ଏବଂ ବିବେକ ଓ ନୈତିକଜ୍ଞାନ ଉପରେ ନିର୍ଭର କରେ। ସବୁ ବିଶ୍ୱାସ ଅନ୍ଧବିଶ୍ୱାସ ନୁହେଁ। ବିଶ୍ୱାସ ରେ ବି ବିଜ୍ଞାନ ର ଗୁଢ଼ ରହସ୍ୟ ରହିଛି। କିଛି ସ୍ୱାର୍ଥବାଦି ଅନ୍ଧବିଶ୍ୱାସ ସୃଷ୍ଟି କରନ୍ତି । କିନ୍ତୁ ସମୟ ଆସିଲେ ଦିନର ଆଲୋକ ପରି ତାହା ସ୍ୱଚ୍ଛ ହୋଇଯାଏ। ଯଥା, ଜାତିପ୍ରଥା, ସତୀଦାହ, ଗୁଣି ଗାରେଡ଼ି, ଇତ୍ୟାଦି କୁ ଆମେ ଅନ୍ଧବିଶ୍ୱାସ ବୋଲି କହିପାରିବା। କିନ୍ତୁ ଅଧ୍ୟାତ୍ମିକତା ଅନ୍ଧବିଶ୍ୱାସ ନୁହେଁ। ଏହା ଆସ୍ଥା ଓ

ISSN NO.
2582-208X

ବିଶ୍ୱାସ ର ପ୍ରତୀକ। ଏହା ଆମ ସଂସ୍କୃତି ର ପ୍ରତୀକ ଅଟେ। ଆମ ଜୀବନଧାରା ର ସ୍ୱରୂପ। ଶାନ୍ତିପୂର୍ଣ୍ଣ ଭାବେ ଜୀବନ ଯାପନ କରିବାର ମୂଳମନ୍ତ୍ର ହିଁ ଆଧ୍ୟାତ୍ମିକତା। ଆଜି ର ବିଜ୍ଞାନ ଯୁଗ ରେ ମଣିଷ ନୈଶ୍ୱରବାଦ ଆଡ଼କୁ ଅଗ୍ରସର ହେଉଛି। ଅନ୍ଧବିଶ୍ୱାସ ଭାବି ଆଧ୍ୟାତ୍ମିକତା ଠୁ ଦୂରେଇ ରହୁଛି। ଯାହାର ଫଳ ବହୁତ ଭୟାନକ ହେଉଛି। କାରଣ ବିଜ୍ଞାନ ଓ ସାମ୍ୟବାଦ କେବଳ ଭୌତିକବସ୍ତୁ ଉପରେ ଦୃଷ୍ଟି ଆକର୍ଷଣ କରନ୍ତି। ନିଜର ସ୍ୱାର୍ଥ କୁ ହିଁ ପ୍ରଥମେ ଦେଖନ୍ତି। ନିଜର ଲାଳସା ରେ ବିଜ୍ଞାନ ଆମକୁ ଅନ୍ଧ କରାଏ। ହେଲେ ଏହା ହିଁ ଆମ ପାଇଁ ସବୁଠୁ ବିପଦପୂର୍ଣ୍ଣ ଅଟେ। ଆଜିର ସମାଜ ରେ ମଧ୍ୟପ୍ରାଚ୍ୟ ରେ ସୃଷ୍ଟି ହୋଇଛି ବିଶୃଙ୍ଖଳା। ମହାମାରୀ ର କରାଳକାୟା ରେ ସମଗ୍ର ବିଶ୍ୱ ଆଜି ଜର୍ଜରିତ। ଆତଙ୍କବାଦ, ର ମହା ଆତଙ୍କ ରେ ସମ୍ପୂର୍ଣ ବିଶ୍ୱ ଆଜି ଭୟଭୀତ। ପାରିବାରିକ ଜୀବନ ରେ ବି ଶାନ୍ତି କି ଖୁସି ଏଠି କାହାପଖରେ ନାହିଁ। ଏଠି ପୁଅ ସହ ବାପା ମାଆଙ୍କ ସମ୍ପର୍କ ଭାଙ୍ଗିଯାଉଛି। ବିବାହବନ୍ଧନ ତ ବହୁତ କମ ଦିନ ପର୍ଯ୍ୟନ୍ତ ତିଷ୍ଠି ରହିଛି। ଛାଡପତ୍ର ଆଜିର ସମାଜ ର ଏକ ଆଭିଜାତ୍ୟ କହିଲେ ଚଳେ। ନାରୀ ନିର୍ଯାତନା ତ ଏବେ ଶିଖର ରେ ପହଞ୍ଚିଛି। କେତେ ଯେ ନାରୀ ଙ୍କୁ ପ୍ରତିଦିନ ଧର୍ଷଣ କରାଯାଉଛି ତାର ହିସାବ ନାହିଁ। ପ୍ରେମ ନାମରେ ଛଳନା କରି ଲଭ୍ ଜିହାଦ ମାଧ୍ୟମ ରେ ନାରୀ ଙ୍କୁ ଆତଙ୍କବାଦ୍ ଭଳି କାର୍ଯ୍ୟରେ ନିୟୋଜିତ କରାଯାଉଅଛି। ଆଉ ଶାସକ ଏଠି ରକ୍ଷକ ଭାବେ ଶପଥ ନେଇ ଭକ୍ଷକ ସାଜିଛି। ସାଧାରଣ ଜନତା ବି ଏଠି ପଥଭ୍ରଷ୍ଟ । ନିଜର ରାଷ୍ଟ୍ର ଓ ସମାଜ ପାଇଁ ମୌଳିକ କର୍ତ୍ତବ୍ୟ କୁ ସମସ୍ତେ ଭୁଲିଯାଇଛନ୍ତି। ଏବେ ମାନସିକ ଅଶାନ୍ତି ସବୁଠି ଦେଖାଯାଉଛି। ଅନେକ ଯୁବପିଢ଼ି ତ ଏବେ ମାନସିକ ରୋଗୀ ହୋଇ ଆତ୍ମହତ୍ୟା କରୁଛନ୍ତି । ହତ୍ୟା, ଚୋରୀ, ଲୁଣ୍ଠନ, ରାହାଜାନୀ, ଧର୍ଷଣ, ନିଶା କାରବାର, ଗୋଚାଲାଣ, ଯୁବତୀ ଚାଲାଣ, ଭଳି ଅପରାଧ ଏ ଅସୁସ୍ଥ ସମାଜ କୁ ଆହୁରି ରୋଗଗ୍ରସ୍ତ କରିଛି। ଧର୍ମ ଧର୍ମ ନାମରେ ଏଠି ମଣିଷ ମଣିଷ ଭିତରେ ମଧୁର ସମ୍ପର୍କ ରହୁନି। ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ତିକ୍ତ ସମ୍ପର୍କ ରେ ବାଜିମାତ କରୁଛି ବିଜ୍ଞାନ ଦ୍ୱାରା ସୃଷ୍ଟି ହୋଇଥିବା ଅସ୍ତ୍ର, ଶସ୍ତ୍ର। ପରମାଣୁ ବୋମାର ପ୍ରଚଣ୍ଡ ଆକ୍ରମଣ ରେ ଏ ଧରିତ୍ରୀ ଆଜି ଧ୍ୱଂସମୁଖି ହୋଇଯାଇଛି ।

ଏ ସବୁ ବିଜ୍ଞାନ ର କୁଫଳ। ଏହା ବିଜ୍ଞାନ ର ଭୌତିକ ଦ୍ରବ୍ୟ ପ୍ରତି ରହିଥିବା ଅହେତୁକ ଆନୁଗତ୍ୟ ର ଫଳାଫଳ। ଏଠି ସଂପୂର୍ଣ୍ଣ ମାନବ ସମାଜ ନୈତିକଜ୍ଞାନ ଓ ମାନବିକତା ର ଗୁଣ କୁ ହରାଇବସିଛି।

ISSN NO.
2582-208X

ପୁଣି ଥରେ ଏ ଅସୁସ୍ଥ ମାନବସମାଜ ସୁସ୍ଥ ହେବା ନିମନ୍ତେ ଏକ ସମନ୍ୱୟ ଶକ୍ତି ର ଆବଶ୍ୟକତା ରହିଛି। ଯେଉଁ ଶକ୍ତି ବିଜ୍ଞାନ ର ବ୍ୟବହାର କୁ ସୀମିତ ଓ ସଠିକ୍ କରାଇବା ସହିତ ମାନବଜୀବନ ରେ ଶାନ୍ତି ଆଣିପାରିବ । ସେ ଶକ୍ତି ହିଁ ଆଧ୍ୟାତ୍ମିକ ଶକ୍ତି। ସେ ଶକ୍ତି ବଳ ରେ ଏ ଅସୁସ୍ଥ ସମାଜ ରେ ପ୍ରତିଷ୍ଠିତ ହୋଇପାରିବ ସମତା ଓ ମମତା। ଏହା ଅନ୍ଧବିଶ୍ୱାସ ନୁହେଁ । ଏହା ଆମର ବଞ୍ଚିବାର ଶ୍ରେଷ୍ଠ ଶୈଳୀ। ଏହା ଆମର ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ ଅଟେ। ବିଜ୍ଞାନ ସମ୍ମତ ଏବଂ ବିଜ୍ଞାନ ର ଏକ ସାଥୀ ଭାବେ ଏହା କାର୍ଯ୍ୟକାରୀ ହୁଏ। ଯଥା ପ୍ରତିଦିନ ଯୋଗ କଲେ ସେଥିରେ ଅନ୍ଧବିଶ୍ୱାସ ନଥାଏ ଆମ ଶରୀର ସୁସ୍ଥ ରହେ। ପ୍ରାଣାୟମ କଲେ ଆମ ମନ ଓ ଆତ୍ମା ଶୁଦ୍ଧି ରହେ। ଧ୍ୟାନ ବଳରେ ଆମ ମନରେ ଥିବା କାମନା ର ବିନାଶ ହୁଏ। ଧିଶକ୍ତି ର ଉତ୍ପନ୍ନ ହୁଏ। ଏବଂ ପ୍ରତିଦିନ ଗୀତା ଓ ଭାଗବତ ପାଠ କରିବା ସହ ତାର ଔଚିତ୍ୟ ଅର୍ଥ କୁ ବୁଝିଲେ ଆମେ ଜୀବନ ର ପ୍ରକୃତ ଅର୍ଥ କୁ ବୁଝିପାରିବା। ପ୍ରତିଦିନ ଆମେ ଇଶ୍ୱରଙ୍କ ନାମ ସ୍ମରଣ କଲେ ସେଥିରେ ଅନ୍ଧବିଶ୍ୱାସ ଜନ୍ମ ହୁଏ ନାହିଁ। ଆମର ମାନସିକ ସ୍ଥିତ ସନ୍ତୁଳିତ ରହେ। କାରଣ ଏ ସମଗ୍ର ସଂସାର କୁ ସୃଷ୍ଟି କରିପାରିଥିବା କେହିତ ଜଣେ ସ୍ରଷ୍ଟା ଅଛନ୍ତି। ସେ ସ୍ରଷ୍ଟା ଙ୍କ ଇଙ୍ଗିତ ରେ ଏଠି ଋତୁ ଫଗୁଣ ହୁଏ। ମୌସୁମୀ ର ଧାରା ରେ ଭିଜାମାଟି ମହକି ଉଠେ। ଆମେ ସେହି 'ପରମାତ୍ମା ଙ୍କ ପାଇଁ ତ କିଛି ଧ୍ୟାନ ଓ ଜପ କରିପାରିବା। ଆମ ପାଟିର ଲାଳସା ପାଇଁ ଆମେ ଆମିଷ ଭକ୍ଷଣ କରିବା। ଆମିଷ ର ବି ସ୍ୱଳ୍ପ ଆବଶ୍ୟକତା ଆମ ଦେହ ପାଇଁ ରହିଛି। କିନ୍ତୁ ବିଜ୍ଞାନ ସମ୍ମତ ତତ୍ତ୍ୱ ହେଲା ଆମିଷ ଖାଇଲେ ଦେହ ରେ ପିତ୍ତ ସୃଷ୍ଟି ହୁଏ। ରୋଗ ପ୍ରତିରୋଧକ ଶକ୍ତି ଏଠି କମିଯାଏ। ମନରେ ଏକ ଅସୁସ୍ଥ ଭାବନା ସୃଷ୍ଟି ହୁଏ। ତେଣୁ ଆମେ ସଂପୂର୍ଣ୍ଣ ଆମିଷ କୁ କମାଇ ନପାରିଲେ ବି ତ ସ୍ୱଳ୍ପ କିଞ୍ଚିତ ମାତ୍ରାରେ ଯାକୁ ସେବନ କରିପାରିବା।

ପ୍ରତିଦିନ ଘରେ ଶଙ୍ଖ ଫୁଙ୍କିଲେ ଆମ ଫୁସଫୁସ କାର୍ଯ୍ୟକ୍ଷମ ହୁଏ। ଆମ ଶରୀର ରୁ ଦୂଷିତ ନିଃଶ୍ୱାସ ଶଙ୍ଖ ମାଧ୍ୟମ ରେ ନିର୍ଗତ ହୁଏ। ଏଥିରେ ମଧ୍ୟ ବିଜ୍ଞାନ ର ପ୍ରମାଣିତ ତତ୍ତ୍ୱ ରହିଛି। ପ୍ରଦୀପ ପ୍ରଜ୍ୱଳନ କଲେ ଅଗ୍ନୀର ଶିଖା ଆମର ଆତ୍ମ ଜ୍ୟୋତି କୁ ଉନ୍ମୁକ୍ତ କରାଏ। ମସ୍ତକ ରେ ଚନ୍ଦନ ଓ ସିନ୍ଦୁର ଧାରଣ କଲେ ମନ ପବିତ୍ରତା ରହେ।

ଏବଂ ସବୁଠାରୁ ବଡ ସମସ୍ୟା ଏବେ ହେଲା ସୂର୍ଯ୍ୟୋପରାଗ ଓ ଚନ୍ଦ୍ର ଗ୍ରହଣ ରେ ଖାଦ୍ୟ ଗ୍ରହଣ କରିବା ଉଚିତ୍ କି ନୁହେଁ। ଏବେ କିଛିଦିନ ତଳେ ଏହାକୁ ନେଇ ଏକ ବଡ ସମସ୍ୟା

ISSN NO.
2582-208X

ସୃଷ୍ଟି ହୋଇଥିଲା। ରାହୁ ସୂର୍ଯ୍ୟ ଙ୍କୁ ଗିଳିବା ଏହା ହୁଏତ ଅନ୍ଧ ବିଶ୍ୱାସ ହୋଇଥାଇପାରେ। କିନ୍ତୁ ଆମେରିକା ର ନାଶା ର ସ୍ୱଷ୍ଟ ସୂଚନା ଅନୁସାରେ ପୃଥିବୀ ରେ ଚୁମ୍ବକୀୟ ଶକ୍ତି ର ପ୍ରଭାବ ଦେଖାଯାଏ । ତେଣୁ ଏହି ସମୟ ରେ ଆମେ ଯଦି ଗରିଷ୍ଠ ଖାଦ୍ୟ ଗ୍ରହଣ କରିବା ତେବେ ଏହାର କୁ ପ୍ରଭାବ ଆମ ଉପରେ ନିହାତି ପଡିବ। ଯାହା ସଂପୂର୍ଣ୍ଣ ବିଜ୍ଞାନ ସମ୍ମତ ଅଟେ । ଯଜ୍ଞ କରିବା ଦ୍ୱାରା ମଧ୍ୟ ଆମେ ଦେବତା ଙ୍କୁ ଖାଲି ଶାନ୍ତ କରିନଥାଉ। ଯେପର୍ଯ୍ୟନ୍ତ ଯଜ୍ଞ ର ଧୂଆଁ ଯାଏ ସେ ସମସ୍ତ ଅଞ୍ଚଳ ରେ ରହୁଥିବା କ୍ଷତିକାରକ, ଅଣୁଜୀବ ର ଅନ୍ତ ଘଟିଥାଏ ।

ବିଜ୍ଞାନ କୁ ଉଚିତ୍ ଦିଗ ରେ କାର୍ଯ୍ୟକ୍ଷମ କରାଇବା ପାଇଁ ଏକ ଆଧ୍ୟାତ୍ମିକ ଭିତ୍ତିଭୂମି ର ଆବଶ୍ୟକତା ରହିଛି। ଯାହା ଭେଦଭାବ ରହିତ ହେବା ଆବଶ୍ୟକ। ଏହା କର୍ମକାଣ୍ଡ ଅପେକ୍ଷା କର୍ମଯୋଗ ଏବଂ ଜ୍ଞାନଯୋଗ ଉପରେ ଅଧିକ କ୍ରିୟାଶୀଳ ହେଉଥିବା ଆବଶ୍ୟକ। ଏକ ସୁସ୍ଥ ସମାଜ ର ଗଠନ ଦିଗରେ ଉଭୟ ବିଜ୍ଞାନ ଓ ଆଧ୍ୟାତ୍ମିକତା ର ସହଯୋଗ, ଓ ସମନ୍ୱୟ ମିଳିତ ଭାବେ ରହିବା ଆବଶ୍ୟକ। ଯାହା ସାମୁହିକ ଓ ସାମଗ୍ରୀକ ପ୍ରଗତି ସହ ଶାନ୍ତି, ସହୁଷ୍ଣୁତା ଓ ପ୍ରେମ, ଭକ୍ତିର ଏକ ସର୍ବଶ୍ରେଷ୍ଠ ସମାଜ କୁ ଗଠନ କରିପାରିବ ।

ପୂର୍ବତନ ଗୁରୁଛାତ୍ର
ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦୁଝର
ଘଷିପୁର୍, କେନ୍ଦୁଝର/9437594359

ISSN NO.
2582-208X

# ଶ୍ରୀ ଜଗନ୍ନାଥ



ସଙ୍ଗୀତା ମହାନ୍ତ

ଜଗନ୍ନାଥଙ୍କ ରୋଷେଇ ଘରେ ଯେଉଁ ଚାଉଳ ରହିଥାଏ

ତାକୁ ଅମଣିଆ ଅନ୍ନ କୁହାଯାଏ

ସେହି ଅମଣିଆ ଅନ୍ନକୁ ରୋଷ ଶାଳାରେ ରୋଷେଇ କରିଲେ ତାହାକୁ ଅନ୍ନ କୁହାଯାଏ

ସେହି ଅନ୍ନକୁ ରୋଷେଇ ଘରୁ ବାହାର କରିଦେଲେ ତାହାକୁ ଛେକ କୁହାଯାଏ

ସେଇ ଛେକକୁ ଭୈରବୀ ଚକ୍ରରେ ରଖିଦେଲେ ତାହାକୁ ଭୋଗ କୁହାଯାଏ

ସେହି ଭୋଗକୁ ତିନି ଠାକୁରଙ୍କ ପାଖରେ ଭୋଗ ଲଗାଇଲେ ତାକୁ ନୈବେଦ୍ୟ କୁହାଯାଏ

ସେହି ନୈବେଦ୍ୟକୁ ବିମଳା ମା ଙ୍କ ପାଖରେ ଲାଗି କଲେ ତାକୁ ମହାପ୍ରସାଦ କୁହାଯାଏ

ସେହି ମହାପ୍ରସାଦକୁ ପଞ୍ଚ ପରମେଶ୍ୱରଙ୍କ ପାଖରେ ଲଗାଇଲେ

ତାହାକୁ କୈବଲ୍ୟ କୁହାଯାଏ

ସେହି କୈବଲ୍ୟକୁ ଭକ୍ତମାନଙ୍କୁ ବାଣ୍ଟିଲେ ତାହାକୁ ଅବଢା କୁହାଯାଏ ॥

ତୁଳସୀପୁର, ମଠସାହି

ISSN NO.
2582-208X

# ଆତ୍ମଜୀବନୀ



ନରଞ୍ଜନ ସାହୁ

ଆତ୍ମଜୀବନୀର ପୃଷ୍ଠା ଓଲଟାଇ
ଯେତେବେଳେ ମୁହିଁ ପଢେ
ବିବେକ ସହିତ ବେଳେବେଳେ ମୁହିଁ
ସଂଗ୍ରାମୀ ଭଳିଆ ଲଢେ ।

ଯେତେ କଥା ମୁହିଁ ଲେଖିଛି ତହିଁରେ
ସେତିକି ଦେଇଛି ଛାଡି
ଛାଡି ଦେଇଅଛି ଜାଣିଜାଣି ସିନା
ହୃଦୟୁ ପାରିନି କାଢି
ଅନେକ ସତ୍ୟକୁ ଗୋପନ ରଖିକି
ଲେଖନୀ ଆଗକୁ ବଢେ ।

ପ୍ରଶଂସା ପାଇବି ଯେଉଁ ଘଟଣାରେ
ଲେଖିଛି ଲଗାଇ ମନ
ଭୁଲ କର୍ମ ଯାହା କରିଛି ଜୀବନେ
ରଖିଛି ସବୁ ଗୋପନ
ବିବେକ ପାଖରେ ହାରିଯାଏ ମୁହିଁ
ଆଖିରୁ ଲୋତକ ଗଡେ ।

ନିହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ଆମ ଭାଷା ଆମ ଅଦାଲତ ଆମ ଦେଶ



ଗଜାନନ ମିଶ୍ର

ଆମ ଭାଷା ଆଭ ପରିଚୟ, ଆମ ଅଦାଲତ ଆମ ରକ୍ଷକ, ଆମ ଦେଶ ଆମ ସ୍ୱାଭିମାନ ଆମ ଜୀବନ ପ୍ରବାହ। ଦେଶକୁ ଠିକ୍ ଭାବରେ ଚଳେଇବାକୁ ପ୍ରସ୍ତୁତ କରାଯାଇଛି ଜ୍ଞାନୀଗୁଣିଙ୍କ ଦାରା ଏକ ସମ୍ବିଧାନ। ସମ୍ବିଧାନର ପ୍ରଥମରେ ହିଁ କୁହାଯାଇଛି ଦେଶର ସାର୍ବଭୌମ କ୍ଷମତା ରହିଛି ଲୋକଙ୍କ ପାଖରେ। ଲୋକପ୍ରତିନିଧିଗଣ ଲୋକଙ୍କ ମଙ୍ଗଳ ନିମନ୍ତେ ଆଇନ ତିଆରି କରିବେ, ଯାହାକୁ କାର୍ଯ୍ୟକାରୀ କରିବେ କାର୍ଯ୍ୟପାଳିକା ସୁଚାରୁ ରୂପରେ ଲୋକଙ୍କ ପାଇଁ। ସମ୍ବିଧାନମତେ ସବୁ ଠିକ୍ ଚାଲିଛି କି ନାହିଁ ଦେଖିବାକୁ ରହିଛି ବିଚାରବିଭାଗ, ନ୍ୟାୟିକ ଅଦାଲତ। ଲୋକାଭିମୁଖି ଆମର ସକଳ ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ବ୍ୟକ୍ତିଗତ ସୁବିଧା ଅସୁବିଧା ପାଇଁ ଲୋକ ସମୂହ ବା ଦେଶ କ୍ଷତିଗ୍ରସ୍ତ ହେବେ ନାହିଁ। ସତ୍ୟମେବ ଜୟତେ ବଜାୟ ରହିବ। ଲୋକବିରୋଧୀ କୌଣସି କାର୍ଯ୍ୟ କେହି କରିପାରିବେ ନାହିଁ। ଯଦି କରିବେ, ତାହା ହେବ ଦଣ୍ଡନୀୟ। ଚିରନ୍ତନ ଆମ ଦେଶ, ଏହି ଦେଶର ସଂସ୍କୃତି ପରଂପରା ସମଗ୍ର ବିଶ୍ୱକୁ ଶାନ୍ତି ପଥରେ ପ୍ରଗତିରଥକୁ ଆଗେଇନେବାକୁ ଯୁଗେ ଯୁଗେ ଚେଷ୍ଟା କରି ଚାଲିଛି। ବସୁଧୈବ କୁଟୁମ୍ବକମ୍ ଆମ ଡାକରା ଓ ଲକ୍ଷ୍ୟ । ସନ୍ଥକବି ଭୀମଭୋଇଙ୍କ ଭାଷାରେ - ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।

ISSN NO.
2582-208X

ଆମ ଅଦାଲତ ରକ୍ଷକ ଭୂମିକାରେ ଥିଲେ ମଧ୍ୟ ଆମ ସମ୍ବିଧାନର ଉପରେ ନୁହେଁ । ସମ୍ବିଧାନ ଲାଗୁ ହୋଇଛି 1950ରୁ। ସମୟର ଡାକରାରେ ସଂଶୋଧିତ ହେଉଛି ଥରକୁ ଥର ଲୋକଙ୍କ ବା ଦେଶର ହିତ ପାଇଁ। ସମ୍ବିଧାନର ଆଧାରରେ ବିଭିନ୍ନ ରାଜ୍ୟରେ ଓ କେନ୍ଦ୍ରରେ ଆଇନ ତିଆରି ଚାଲିଛି। ଦୁଃଖ ଓ ପରିତାପର ବିଷୟ ଯେ ଏ ଯାଏ ଆମ ପାଇଁ ରହିଛି ସେହି ପୁରୁଣା ଦଣ୍ଡ ସଂହିତା, ଦେବାନୀ ଓ ଫୌଜଦାରୀ କାର୍ଯ୍ୟବିଧି ସହିତ ଅନେକାନେକ ଆଇନ। ସେହି ପୁରୁଣାଢାଂଚାରେ ପଢା ଚାଲିଛି ଆଇନ ପାଠ। ସ୍ୱାଧୀନତାର ଅମୃତମହୋତ୍ସବ ପାଳନ ପରେ ବି ବିଚାର ପ୍ରକ୍ରିୟାରେ ବିଲାତି ଭାଷା ପ୍ରୟୋଗ ହେଉଛି, ଅଦାଲତକୁ ଭଲ ଭାବରେ ଜଣା ଏହା ଠିକ୍ ହେଉ ନାହିଁ । ଆଉ ଏଇଥିପାଇଁ ସାଧାରଣ ଲୋକେ କ୍ଷତିଗ୍ରସ୍ତ ନ ହେଉଛନ୍ତି ନୁହେଁ। ଆମ ଭାରତୀୟ ଭାଷା ସବୁ ଅଦାଲତରେ ଏ ଯାଏ କାହିଁକି ବ୍ୟବହାର କରାଯାଉ ନାହିଁ! ଆମ ଭାରତୀୟ ସମ୍ବିଧାନ କୌଣସି ବିଦେଶୀ ଭାଷାକୁ ସ୍ୱୀକୃତି ପ୍ରଦାନ କରି ନାହିଁ, ଅଷ୍ଟମ ସୂଚୀରେ ସ୍ଥାନୀତ କରି ନାହିଁ। ଆମ ନ୍ୟାୟିକ ଅଦାଲତଗୁଡିକ, ସମ୍ବିଧାନ ରକ୍ଷକ ହିସାବରେ ଦେଶର ଭାଷାକୁ ଗୁରୁତ୍ୱ ଦେବା ସମୟ ଆସିଛି। ଖୁସିର କଥା, ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟରେ ଆପଣା ଆପଣା ରାୟ/ଆଦେଶାଦି ଭାରତୀୟ ଭାଷାରେ ଦେବା ଆରମ୍ଭ କଲେଣି। କିନ୍ତୁ ଆମ ଓଡିଶାର ଅଧସ୍ତନ ଅଦାଲତଗୁଡିକ ଏ ଯାଏ ଓଡିଆ ନକଲ ଦେଉ ନାହାନ୍ତି, ଫଳରେ ଓଡିଆ ମହକିଲଗୁଡିକ ଅନ୍ଧାରରେ ରହୁଛନ୍ତି। ଦୁର୍ଭାଗ୍ୟ, ଓଡିଆ ନକଲ ଯୋଗାଇଦେବାକୁ ପ୍ରାର୍ଥନା କଲେ ମଧ୍ୟ ନାକଚ ହେଉଛି ।

ବିଦେଶୀ ଶାସନାଧୀନ ବେଳେ ଓଡିଶା ଏକ ରାଜ୍ୟ ନ ଥିଲା। ଆଜିର ଏ ଓଡିଶାର କିଛି କିଛି ଅଂଶ ମାଡ୍ରାସ ପ୍ରେସିଡେନ୍ସି, କଲିକତା ଓ ମଧ୍ୟ ପ୍ରଦେଶ ସହିତ ମିଶି ରହିଥିଲା । ଆଉ ବଲାଙ୍ଗିର ଭଳି ଅଂଚଳ ଗଡଜାତ ରାଜାଙ୍କ ଶାସନରେ ଥିଲା। ଓଡିଆ ଯେ ଏକ ଭାଷା, ଏଇଟାକୁ ପଡୋଶୀ ଲୋକେ ଗ୍ରହଣ କରି ପାରୁ ନ ଥିଲେ। ବ୍ୟଙ୍ଗ ବିଦ୍ରୁପ ଶବ୍ଦ ଉଚ୍ଚାରଣ କରୁଥିଲେ। ଆମ ସ୍ୱାଭିମାନ ଜାଗ୍ରତ ହେଲା, ଓ ଆମେ ଭାଷାର ଅସ୍ତିତ୍ୱ ପାଇଁ ଆନ୍ଦୋଳନମୁଖୀ ହେଲେ। 1902ରେ ଉତ୍କଳ ସମ୍ମିଳନୀ ଗଠନ ହେଲା ମଧୁସୂଦନ ଦାସ, କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ। ଏହି ଉତ୍କଳ ସମ୍ମିଳନୀ ଦାବୀ କରିବାରୁ ବ୍ରିଟିଶ

ISSN NO.
2582-208X

ସରକାର ଓଡିଆ ଭାଷାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କଲେ 1936 ମସିହା ଏପ୍ରିଲ 1 ରେ। ଓଡିଆ ଭାଷା ହେଲା ରାଜ୍ୟର ଆତ୍ମା, ବିଭିନ୍ନ ଅଂଚଳ ପାଇଁ ଯୋଗସୂତ୍ର, ମାନକ। ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ଓଡିଆ ଭାଷା ପ୍ରଥମରୁ ସ୍ଥାନ ପାଇଲା। ଭାରତୀୟ ସମ୍ବିଧାନକୁ ଅନୁସରଣ କରି ଓଡିଶା ସରକାର 1954ରେ ଏକ ଭାଷା ଆଇନ ତିଆରି କଲେ ଯୋଉଥିରେ ଲେଖାଗଲା ସବୁ ବା ଯେ କୌଣସି ଉଦ୍ଦେଶ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ। 1972 ମସିହାରେ ଅଦାଲତର ଭାଷା ଓଡିଆ ବୋଲି ଓଡିଶା ଗେଜେଟରେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କଲେ। ଆମ ମାନ୍ୟବର ଅଦାଲତଗୁଡିକ ଏସବୁକୁ ନଜର ଅନ୍ଦାଜ କରି ପାରିବେ ନାହିଁ।

ଓଡିଶାର ଉଚ୍ଚ ନ୍ୟାୟାଳୟ ଜୁଲାଇ 26 ତାରିଖ 1948ରୁ ଆରମ୍ଭ ହେଲା। ଉଚ୍ଚ ନ୍ୟାୟାଳୟକୁ ଭଲଭାବରେ ଜଣା ଯେ ଓଡିଆ ଭାଷାକୁ ନେଇ ଓଡିଶା ଗଠିତ। ବଲାଙ୍ଗୀର ସମେତ ଆଉ କେତେକ ରାଜୁଡା ଶାସନାଂଚଳ ମିଶିଲା 1948 ଜାନୁଆରୀରେ ଓଡିଶା ସହିତ। ତେଣୁ କୁହାଯାଇପାରେ ଓଡିଆ ଭାଷା ହେଉଛି ସଂଯୋଗକାରୀ। ନ୍ୟାୟିକ ଅଦାଲତ ଏଇ ଘଟଣାକୁ ଧ୍ୟାନରେ ରଖିଲେ ରାଜ୍ୟର ମଙ୍ଗଳ ହେବ। ଅପରପକ୍ଷରେ ଗୁଜରାଟ ଉଚ୍ଚ ନ୍ୟାୟାଳୟ 1960, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ 1966, କେରଳ ଉଚ୍ଚ ନ୍ୟାୟାଳୟ 1956ରେ ଚାଲି ବି ସେଠାକାର ସ୍ଥାନୀୟ ଭାଷାରେ ଅଧସ୍ତନ ନ୍ୟାୟାଳୟ ସବୁ କାର୍ଯ୍ୟରତ। ଆମ ଓଡିଶା ଉଚ୍ଚ ନ୍ୟାୟାଳୟ ନିଜ ପ୍ରଣୀତ ଫୌଜଦାରୀ ଓ ଦେବାନୀ ସାଧାରଣ ନିୟମ ଓ ନିର୍ଦ୍ଦେଶାବଳୀରେ କେମିତି କାହା ସ୍ୱାର୍ଥରେ ପୂରେଇଲେ ବୁଝି ହେଉ ନାହିଁ । ଏମିତି କରିବା ଦ୍ୱାରା ଏହା ସମ୍ବିଧାନ ବିରୋଧୀ ଓ ଓଡିଶାର ସ୍ୱାଭିମାନ, ସ୍ୱତନ୍ତ୍ରତା ତଥା ଲୋକବିରୋଧୀ ନିର୍ଦ୍ଦେଶ। ସନ୍ଥକବି ଭୀମଭୋଇ ବହୁତ ଆଗରୁ କହି ସାରିଛନ୍ତି- ରାଜାର ପରଜା ନୋହୁ ସିନା ଆମ୍ଭେ ନୋହୁ ସାହୁର ଖାତକ ଯହିଁ ଗୁରୁ ନେବେ ତହିଁ ଯାଉ ଆମ୍ଭେ କେ ଅବା କରୁ ଅଟକ? ଓଡିଆ ଲୋକଟିଏକୁ କିନ୍ତୁ ଓଡିଆ ଭାଷାରେ ଅର୍ଜୀଦତଖଲ କରିବାକୁ, ଓଡିଆ ଭାଷାରେ ନକଲ ଯୋଗାଣକୁ ଏଠାକାର ନ୍ୟାୟାଳୟ ଅଟକ ରଖୁଛନ୍ତି ଲୋକଙ୍କୁ ଯେଉଁ ଲୋକ ସାର୍ବଭୌମ। ନ୍ୟାୟାଳୟ ଓଡିଶା ଲୋକଙ୍କ ପାଇଁ ନୁହଁ କି! ଓଡିଶାର ଅଦାଲତରେ ସବୁ କାର୍ଯ୍ୟ ଓଡିଆରେ ନ ଚାଲିବା ଯାଏ, ଆଇନ ପାଠ ଓଡିଆ ଭାଷାରେ ପଢା ନ ଯିବା

ISSN NO.
2582-208X

ଯାଏ ଏଠି ଗଣତନ୍ତ୍ର ଚାଲିଛି, ଜନଗଣର ସରକାର ରହିଛି ବୋଲି କୁହାଯାଇ ପାରିବ ନାହିଁ।

ଆମ ଦେଶର ସମ୍ବିଧାନକୁ ଆହୁରି ଗଭୀର ଭାବରେ ଅଧ୍ୟୟନ କରିବାକୁ ହେବ ଜନସାଧାରଣ ସ୍ୱାର୍ଥକୁ ଆଖିଆଗରେ ରଖି । ଏପଟେ ଆମେ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଥିବାବେଳେ ନିଜ ଦେଶର ଭାଷାକୁ ବ୍ୟବହାର କରିବାକୁ ଆମେ କୁଣ୍ଠାବୋଧ କରୁଛୁଁ, ଏହାଠୁ ବଳି ଲଜ୍ଜାକର ଘଟଣା ଆଉ କିଛି ନାହିଁ। ନିଜ ଭାଷା ନିଜ ଅଦାଲତ ନିଜ ଦେଶ ସବୁ ସବୁ ଆମର ମାନ ମର୍ଯ୍ୟାଦାର ପ୍ରତୀକ।ଏସବୁର ମାଧ୍ୟମରେ ଆମେ ବିଶ୍ୱ ଦାଣ୍ଡରେ ସଗର୍ବେ ଚାଲି ପାରିବା ଯୋଉଥିରେ ଝଲସି ଉଠୁଥିବ ଆମ ପ୍ରିୟ ଭାରତବର୍ଷ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ନାରୀ



ସ୍ମୃତି ରେଖା ନାୟକ

ପିଲାଟି ଦିନରୁ
ଶୁଣିଅଛୁ ଆମେ
ନାରୀ ଶକ୍ତିସ୍ୱରୁପିଣୀ
କେବେ ଭାର୍ଯ୍ୟା ସାଜେ
କେବେ ତ ଭଗିନୀ
କେବେ ପୁଣି ସେ ଜନନୀ ।
ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର
ଦୁଇଟି ପାର୍ଶ୍ୱ ପରି
ଗୋଟିଏ ପାର୍ଶ୍ୱ ପୁରୁଷ ହେଲେ
ଅନ୍ୟ ପାର୍ଶ୍ୱଟି ନାରୀ ।
ନାରୀ ସାଜିପାରେ
ସରଳ ସୁଶୀଳା
ମଧୁ ନିର୍ଝରିଣୀ ନୀର
କେବେ ପୁଣି ସିଏ
ବନ୍ୟା ଜଳ ସାଜି
ଭାଙ୍ଗିପାରେ ଘରଦ୍ୱାର ।
ଯୁଦ୍ଧ କ୍ଷେତ୍ରେ ରାଣୀ
ଲକ୍ଷ୍ମୀବାଇ ସାଜି
ଉତ୍ସର୍ଗୀ ପାରେ ସେ ପ୍ରାଣ
ଦୁର୍ଗାସାଜି ପୁଣି ମହିଷାସୁର ର
ନେଇ ପାରେ ସେ ଜୀବନ ।
କେବେ ସାଜିପାରେ
କରୁଣା ର ବାରି
କେବେ ପୁଣି ବନ୍ୟାଜଳ
କେବେ ମୃଦୁ ମୃଦୁ
ସମୀରଣ  ସମ
କେବେ ସେ ରୌଦ୍ର ଅନଳ ।
ଯାଜ୍ଞସେନୀ ଦ୍ରୌପଦୀ ସାଜି
ସେ ଧ୍ୱଂସିପାରେ କୁରୁବଂଶ
ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରୂପେ
ଶାସନ କରେ ସ୍ୱଦେଶ ।
ନାରୀ ର ମହିମା ନାହିଁ ଗୁଣସୀମା
କିଏ ବା ପାରିବ କହି
କାଗଜ କଲମେ ଏସବୁ ଲେଖିଲେ
କେବେବି ସରିବ ନାହିଁ ।

ତୋରା୍ ବରଗଡ଼

ISSN NO.
2582-208X



# ନାରୀ



ଦେବାର୍ଚ୍ଚନ ମେହେର

ନାରୀ ତୁମେ ମହାନ୍,
ନାରୀ ତୁମେ ମହାନ୍।।
ତୁମକୁ କରୁଛି ମୁଁ ସଲାମ୍,
ତୁମକୁ କରୁଛି ମୁଁ ସଲାମ୍।।

ନାରୀ ତୁମେ ହିଁ ଶକ୍ତିମୟୀ
ନାରୀ ତୁମେ ହିଁ ଦୟାମୟୀ,
ନାରୀ ତୁମେ ହିଁ କରୁଣାମୟୀ
ନାରୀ ତୁମେ ହିଁ ସ୍ନେହମୟୀ।।

ନାରୀ ତୁମେ ହିଁ ନାରାୟଣୀ
ନାରୀ ଜଗତ ଉଦ୍ଧାର କାରିଣୀ,
ନାରୀ ଘରର ଘରଣୀ ଲକ୍ଷ୍ମୀ ଠାକୁରାଣୀ
ନାରୀ ତୁମେ ହିଁ ବିନାଶ କାରିଣୀ।।

ଫୁଲଠୁ ବି ଅଧିକ କୋମଳ ନାରୀ ର ହୃଦୟ
ଆବଶ୍ୟକ ପଡିଲେ ହୋଇଯାଏ
ସେ ବଜ୍ର ପରି,
ବିପଦେ ଆପଦେ ମହା କାଳୀ ରୂପ
ଧାରଣ କରେ
ନାରୀ ସବୁବେଳେ
ପରିବାରର ରକ୍ଷାକାରୀ।।
ଯୁଗେ ଯୁଗେ ତୁମର
ରହିଅଛି ଯଶ,
ସବୁ କ୍ଷେତ୍ରରେ
ଆଗେଇ ଆସ।।

ଝିଅ ଜନ୍ମ ହୋଇ ବାପା ଘରେ
ରାଜ କୁମାରୀ ପରି ଥାଏ,
ଅଚିହ୍ନା ବ୍ୟକ୍ତିକୁ ବିବାହ କରି
କେତେ ଦୁଃଖ କଷ୍ଟ ସହି ନିଏ।।

ନିଜର ଆଶା ଅସୁମାରୀ ଜଳାଞ୍ଜଳି ଦେଇ
ଚାପି ରଖ ତୁମେ ବେଦନା,
କୋହ ଭରା ଲୁହ,
ଶାଶୁ ଘରେ ଉତ୍ତମ ବୋହୂ ହେବା ପାଇଁ

ISSN NO.
2582-208X

ନିଜେ ଯେତେ ଦୁଃଖ,
କଷ୍ଟେ ଥିଲେ କାହାକୁ ନ କୁହ।।
ମାଆ ହୋଇ ତୁମେ
ସନ୍ତାନକୁ ଦିଅ ସ୍ନେହ, ମମତା,
ସୁବିଧା ଅସୁବିଧା ବୁଝିବା ପାଇଁ
ମାଆ ଟିଏ ଦେଇଛି ତ ଗଢ଼ି ବିଧାତା।।

ସ୍ତ୍ରୀ ହୋଇ ତୁମେ
ଶାଶୁ, ଶଶୁରଙ୍କ ସେବା କରୁଛ,
ନଣନ୍ଦ, ଦିଅର, ସ୍ୱାମୀଙ୍କୁ
ଭଲ ପାଇବା ଦେଉଛ।।

କେବେ ମାଆ ତ
ପୁଣି କେବେ ଭଉଣୀ,
ନାରୀ ତୁମେ ତ
ସୃଷ୍ଟି ସର୍ଜନା କାରିଣୀ।।

ନାରୀ ତୁମେ
ପ୍ରେମିକର ପ୍ରେମିକା,
ହିତ କାର୍ଯ୍ୟ ପାଇଁ ତୁମେ
ସମାଜର ସେବିକା।।

ନାରୀ ତୁମ ଚାହାଣି
କଥା ରେ ଅଛି ମୋହନି,
ତୁମ ମାୟା ପାଇବା
କେବେ ସହଜ ହେଲାଣି।।

ଛନ୍ଦ, କପଟ, ଛଳନା,
ଈର୍ଷା ପଣ ମନରେ ଥାଏ ତୁମରି,
ତୁମ ହୃଦୟ ପବିତ୍ର
ଗଙ୍ଗା ଜଳ ପରି।।

ରାମାୟଣେ ସତୀ ସୀତା
ମହାଭାରତେ ଦ୍ରୌପଦୀ,
ରଖି ଗଲେ ଯଶ କୀର୍ତ୍ତି
ରହିଛନ୍ତି ହୋଇ ମୂର୍ତ୍ତି।।

ନାରୀ ତୁମେ ଅସୀମ ତ୍ୟାଗ,
ସହନଶୀଳତାର ଅଧିକାରିଣୀ,
ନାରୀ ତୁମେ ସତୀ ସାବିତ୍ରୀ,
ସତ୍ୟବତୀ, ମଧୁରଭାଷିଣୀ ।।

ଜନମ ରୁ ମରଣ ଯାଏ
କେତେ ଦୁଃଖ କଷ୍ଟ ସହି ନିଏ,
ମୋର ନାରୀ ଜନମ ବୋଲି
ଏତେ ଯନ୍ତ୍ରଣା ପାଏ।।

ଆଉ କି ଭାବେ କରିବି
ବର୍ଣ୍ଣନା ନାରୀର ଗୁଣଗାନ,
ଯେତେ ଗାଇଲେ ଗୁଣ
ନ ସରି ଜାଣ।।

ଗ୍ରାମ - ବାପୁଜୀନଗର,ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ରାଜନୈତିକ ପଶାପାଲି ରେ ଚାଉଳ



ଅଳକା ରାୟ

ଚାଉଳ ଜୀବନ ଶସ୍ୟ। ଚାଉଳ ଗରିବ, ଖଟିଖିଆ ଓ ଦିନମଜୁରିଆଙ୍କ ଭାତ ହାଣ୍ଡି। ପ୍ରତି ଦିନ ମୂଲଲାଗି ଭୋକ ମେଣ୍ଟାଉ ଥିବା ଙ୍କ ପାଇଁ ବରଦାନ ସଦୃଶ । ଦିନେ କାମକୁ ନ ଗଲେ ଦି ଓଳି ଖାଇବା ଯେଉଁ ମାନଙ୍କ ପାଇଁ କଷ୍ଟକର, ସରକାରଙ୍କ ମାଗଣା ଚାଉଳ ବଣ୍ଟନ ଯୋଗୁଁ ସେମାନଙ୍କର କଷ୍ଟ କିଛି ମାତ୍ରାରେ ଲାଘବ ହେବା ଓ ବଞ୍ଚିତ ଅର୍ଥ କୁ ଅନ୍ୟତ୍ର ବିନିଯୋଗ କରିବା ଦ୍ୱାରା ସେମାନଙ୍କ ର ଆର୍ଥିକ ସ୍ଥିତି ସୁଦୃଢ଼ ହେବାରୁ ସେମାନେ ଖୁସି ହେବା ଓ ସରକାର ଙ୍କ ଗୁଣଗାନ କରିବା। ସ୍ୱାଭାବିକ ।

ମାଗଣା ଚାଉଳ ପାଇ ଲୋକମାନେ ଖୁସି ତ ହେଲେ, ତେବେ କଥାରେ ମୋଡ଼ ସେତେବେଳେ ଆସିଲା ଯେତେବେଳେ ଚାଉଳ କୁ ନେଇ ରାଜନୀତି ଆରମ୍ଭ ହେଲା । କେନ୍ଦ୍ର ଓ ରାଜ୍ୟ ର ଉଭୟ ଦଳର ନେତାମାନେ ବଣ୍ଟନ ହେଉଥିବା ଚାଉଳ କୁ ମୋଦି ଜୀ ଙ୍କ ଚାଉଳ ଓ ନବୀନ ଜୀଙ୍କ ଚାଉଳ କହି ଟଣା ଓଟରା ହେଲେ। ରାଜନୀତି ର ବୈତରଣି କୁ ପାର କରିବା ପାଇଁ "ଚାଉଳ" କୁ ଆୟୁଧ କରି ସଫଳ ମଧ୍ୟ ହେଲେ। ରାଜ୍ୟ ର ବିଜେଡି ସରକାର ନିର୍ବାଚନ ଜିତିବା ରୁ କେନ୍ଦ୍ର ର ବିଜେପି ସରକାର ଏହା କୁ ହଜମ କରିପାରିଲା ନାହିଁ। ଫଳରେ ବର୍ତ୍ତମାନ ରାଜନୈତିକ ପଶାପାଲି ରେ "ଚାଉଳ"ଘାଣ୍ଟି ହେଉଛି। ତେବେ ଏହି ମାଗଣା ଚାଉଳ ଉପରେ ଏକ ବିସ୍ତୃତ ଆଲୋଚନା ଆଜିର ଆଲେଖ୍ୟ ର ମୁଖ୍ୟ ବିଷୟ ।

ISSN NO.
2582-208X

୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ୨୦୦୮ ମସିହାରେ ରାଜ୍ୟ ସ୍ତରରେ ନବୀନ ସରକାର ଙ୍କ ତରଫରୁ ୨ଟଙ୍କା ରେ ମାଗଣା ଚାଉଳ ବଣ୍ଟନ ବ୍ୟବସ୍ଥା କରାଗଲା। ଏହା ଦ୍ୱାରା ଗରିବ ମାନେ ଉପକୃତ ହେଲେ ଓ ନବୀନ ସରକାର ଙ୍କୁ ସାଧୁବାଦ ଜଣାଇଲେ। ନିର୍ବାଚନ ସମୟରେ ବିଜେଡ଼ି ର ନେତାମାନେ ଏହାକୁ ନବୀନ ଚାଉଳ କହି ବହୁଳ ପ୍ରଚାର ଓ ପ୍ରସାର କରି ନିର୍ବାଚନ ଜିତିପାରିଲେ ।

୨୦୧୪ ମସିହାରେ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ରରେ ମନମୋହନ ସିଂ ଙ୍କ ସରକାର ମଧ୍ୟ ଚାଉଳ କୁ ନେଇ ରାଜନୀତି ଆରମ୍ଭ କରିଦେଲେ। ୨୦୧୩ ରେ କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରତ୍ୟେକ ବ୍ୟକ୍ତି ଙ୍କ ପାଇଁ ୫କେଜି ମାଗଣା ଚାଉଳ ବ୍ୟବସ୍ଥା କରାଗଲା। ଏ ପରେ ପରେ ୨୦୧୩ ଜାନୁଆରୀ ୨୬ରିଖ ରେ ରାଜ୍ୟ ରେ ନବୀନ ସରକାର ୨ଟଙ୍କା ବଦଳରେ ୧ଟଙ୍କା ରେ ମାଗଣା ଚାଉଳ ର ଘୋଷଣା କଲେ ।

୨୦୧୪ ସାଧାରଣ ନିର୍ବାଚନ ରେ କେନ୍ଦ୍ର ରେ ବିଜେପି ଓ ରାଜ୍ୟ ରେ ବିଜେଡି ସରକାର ଗଠନ କଲେ। କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭେଡକର ଓଡ଼ିଶା ଗସ୍ତ ରେ ଆସି ମିଳୁଥିବା ମାଗଣା ଚାଉଳ କୁ କେନ୍ଦ୍ର ଚାଉଳ ବୋଲି କହିଲେ। ୨୦୧୫ ମସିହାରେ ଦେଶରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁମୋଦିତ ହେଲା। କେନ୍ଦ୍ର ସରକାର ଙ୍କ ପରାମର୍ଶ ଅନୁସାରେ ରାଜ୍ୟ ସରକାର ମୋଟ୍ ୪.୫କୋଟି ଜନସଂଖ୍ୟା ରୁ ୩ କୋଟି ୨୬ ଲକ୍ଷ ହିତାଧିକାରୀ ଙ୍କୁ ମାଗଣା ଚାଉଳ ବଣ୍ଟନ ବ୍ୟବସ୍ଥା ରେ ଅନ୍ତର୍ଭୁକ୍ତ କଲେ। ଏଥିରେ ଗ୍ରାମାଞ୍ଚଳ ରୁ ୮୦ ପରସେଣ୍ଟ ଓ ସହରାଞ୍ଚଳ ରୁ ୬୦ପରସେଣ୍ଟ ଲୋକ ଯୋଡ଼ି ହେଲେ। ବଳକା ଥିବା ଲୋକେ ଙ୍କ ମଧ୍ୟ ରୁ ୨୦ରୁ୨୨ ଲକ୍ଷ ହିତାଧିକାରୀ ଙ୍କୁ ରାଜ୍ୟ ସରକାର ୨୦୧୮ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରି ମାଗଣା ଚାଉଳ ବଣ୍ଟନ କଲେ ।

ଉପରୋକ୍ତ ତଥ୍ୟ ରୁ ଏହା ସ୍ପଷ୍ଟ ଯେ ଚାଉଳ କୁ ନେଇ ରାଜ୍ୟ ତଥା କେନ୍ଦ୍ର ସରକାର ଯାହା ବି ଯୋଜନା କରିଛନ୍ତି ତାହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଅବଶ୍ୟ ଏହା ଦ୍ୱାରା ଗରିବ ଜନତା ଉପକୃତ ହୋଇଛନ୍ତି, କିନ୍ତୁ ଜନସାଧାରଣ ଜାଣିବା ଉଚିତ୍ ଯେ ସାମ୍ବିଧାନିକ ପ୍ରଣାଳୀ ରେ ଚାଉଳ ଦେଇ ରାଜ୍ୟ କିମ୍ବା କେନ୍ଦ୍ର ସରକାର ଦୟାକରୁ ନାହାନ୍ତି। କେହିବି ନିଜ ପକେଟ୍ ରୁ କାଢି କାହାକୁ ବାଣ୍ଟୁ ନାହାନ୍ତି। ଜନସାଧାରଣ ଙ୍କ ଟିକସ ରୁ ଆଦାୟ ଅର୍ଥ ରୁ ହିଁ

ISSN NO.
2582-208X

ଗରିବ ଜନତା ଙ୍କୁ ଦିଆ ହଉଛି। ତେଣୁ ମୋଦ ଚାଉଳ କିମ୍ବା ନବୀନ ଚାଉଳ କହିବା ଲଜ୍ୟା ଜନକ । ଗଣତନ୍ତ୍ର ରାଷ୍ଟ୍ରରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ସରକାର ବ୍ୟକ୍ତିଗତ ଭାବରେ ରାଷ୍ଟ୍ରର ଦ୍ରବ୍ୟ କୁ ନିଜ ନାମରେ ନାମିତ କରିବା ଅନୁଚିତ ।

୨୦୨୦ କରୋନା ସମୟରେ ଲୋକମାନେ ବନ୍ଦିପ୍ରାୟ ଜିବନ ଯାପନ କଲେ। ସାଧାରଣ ଲୋକ କାମକୁ ଯାଇ ନପାରିବାରୁ ଗରିବି ବଢି ଚାଲିଲା। ସେହି ସମୟରେ କେନ୍ଦ୍ର ସରକାର ଙ୍କ ଦ୍ଵାରା ଗରିବି କଲ୍ୟାଣ ଯୋଜନା ଲାଗୁକରାଯାଇ ପୂର୍ବ ରୁ ଦିଆଯାଉଥିବା ଚାଉଳ ସହ ଆଉ ୫କେଜି ଚାଉଳ ଯୁକ୍ତ କରି ସମଗ୍ର ଦେଶରେ ୮୦ କୋଟି ଜନତାଙ୍କୁ ମାଗଣା ଚାଉଳ ଦିଆଗଲା। ଏହା ପରେ ୨୦୨୩ ଜାନୁଆରୀ ୧ରୁ "ଗରିବି କଲ୍ୟାଣ ଯୋଜନା" ବନ୍ଦ କରି ଦିଆଗଲା, ଏକ ନୂତନ ଯୋଜନା "ସମନ୍ଵିତ ଖାଦ୍ୟ ସୁରକ୍ଷା ଯୋଜନା"( Integrated Food Security Act or National food security act) ଅନୁଯାଇ ପୂର୍ବର ୧ଟଙ୍କା ରେ ମିଳୁଥିବା ୫ କେଜି ଚାଉଳ କୁ ବନ୍ଦ କରାଯାଇ ୫ କେଜି ଚାଉଳ ସମ୍ପୁର୍ଣ୍ଣ ମାଗଣା ମିଳିବ ବୋଲି ଘୋଷଣା କରାଗଲା ଜବତ ଏଥିରେ କେନ୍ଦ୍ର ସରକାରଙ୍କ ଷ୍ଟିକର ଲାଗିବ ବୋଲି ଘୋଷଣା କରାଗଲା। ଏହି ଘୋଷଣା ଦ୍ଵାରା ଦେଶରେ ୮୧ କୋଟି ୩୫ ଲକ୍ଷ ଓ ରାଜ୍ୟ ରେ ୩ କୋଟି ୨୬ ଲକ୍ଷ ହିତାଧିକାରୀ ମାଗଣା ରେ ଚାଉଳ ପାଇଲେ । ଏଭଳି ବ୍ୟବସ୍ଥା ଲାଗୁ ହେବା ଦ୍ଵାରା ରାଜ୍ୟ ସରକାର ଅଡୁଆରେ ପଡିଲେ ଓ ବଳକାଥିବା ୯ ଲକ୍ଷ ଲୋକଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରି ସମ୍ପୁର୍ଣ୍ଣ ଭାବରେ ମାଗଣା ଚାଉଳ ପ୍ରଦାନ କଲେ। ବର୍ତ୍ତମାନ ସମୟରେ ଫେବୃଆରୀ ୧୧ରିଖ, କେନ୍ଦ୍ର ସରକାର ଙ୍କ ଷ୍ଟିକର ଲାଗିଥିବା ଚାଉଳ ର ବଣ୍ଟନ ସମଗ୍ର ଦେଶରେ ତଥା ରାଜ୍ୟ ରେ ଆରମ୍ଭ ହୋଇଯାଇଛି ଓ ରାଜ୍ୟ ସରକାର କେନ୍ଦ୍ର ବନ୍ଦ କରିଦେଇଥିବା ୫ କିଲୋ ଚାଉଳ କୁ ଯୁକ୍ତ କରି ସମ୍ପୁର୍ଣ୍ଣ ୧୦ କିଲୋ ଚାଉଳ ହିତାଧିକାରୀଂକୁ ଦିଆଯାଉ ବୋଲି ଦାବି କରି ଧାରଣାରତ । ଆଗକୁ ଆସୁଛି ୨୦୨୪ ସାଧାରଣ ନିର୍ବାଚନ........ଦେଖାଯାଉ "ଚାଉଳ" ଆଉ କେତେ ଘାଣ୍ଟି ହେଉଛି ରାଜନୈତିକ ପଶାପାଲି ରେ ।

ନୟାପଲ୍ଲୀ ଭୁବନେଶ୍ୱର
୭୯୭୮୩୩୨୦୬୧

ISSN NO.
2582-208X

# ନାସ୍ତିକ ଉବାଚ



ସିଦ୍ଧେଶ୍ୱର ତ୍ରିପାଠୀ

ପଥର ମୂର୍ତ୍ତିକୁ ଜହ୍ନ ତାରାକୁ ମୁଁ ପୂଜେନି
ଈଶ୍ୱରକୁ ଖୋଜେନାହିଁ କେବେ
ନାଁ ସାକାର ନାଁ ନିରାକାର
କୋଉଠି ନଥିଲେ ନାହାନ୍ତିବି ଏବେ ।

ଗୁଡାଏ ନିଶୁଆ ଦାଢିଆଙ୍କୁ
ଫଟୋ କରି ଝୁଲାଇନି ଘରେ
କେବେବି ମୁଁ ପଡ଼ିନାହିଁ
ମିଛ ସେଇ ଧର୍ମ ଭିନ୍ନତାରେ ।

ଗ୍ରହ କୋପ ଜାତକ ଓ ଭାଗ୍ୟ
ପେଟୁଆଙ୍କୁ ହାଣ୍ଡି ହାଣ୍ଡି ଭୋଗ
ବାସ୍ତୁ ଫାସ୍ତୁ ଯେତେ କର ଓ କପାଳ
ସେଥିରେ ମୋ ନାହିଁ ଅନୁରାଗ ।

ହଁ ରେ ବନ୍ଧୁ ହବ ଯଦି ମଣିଷଟଟେ ହୁଅ
ଜାତି ଧର୍ମ ବିଚାରକୁ ଛାଡି

ISSN NO.
2582-208X

ଗଛ ତୁମେ ଲଗାଅ ଲଗାଅ
ଯେତେପାର ସେତେ ଧାଡି ଧାଡି ।

ଭୋକିଲାକୁ ଭାତ ଦିଅ ଶୋଷିଲାକୁ ପାଣି
ଲଙ୍ଗଳା ଫୁଙ୍ଗୁଳାଙ୍କୁ ଦିଅ ଦିଅ ଜାମା ଖଣ୍ଡେ କିଣି ।
ବାସ ଟିକେ ଦିଅ ନିଆଶ୍ରୀକୁ
ପୂଜିବ ତ ପୂଜା କର ସେବାପା ମାଆଙ୍କୁ ।

ମୋ ମୁଣ୍ଡରେ ନଲାଗୁସେ ପଗଡ଼ି କି ଟୋପି
ଚିତା ତିଳକ ମାଳ ଯେ ମିଛ ଶିଖା ଗୋଟି
ଧଳା ନାଲି କଳା ଧର୍ମ ରଙ୍ଗ କାଢ଼ିଡ଼ିଆ କାଢ଼ିଦିଅ
ଆସ ହେବା ସାଙ୍ଗ ।

ମୋତେ ଦେଖି ଏ ସମାଜ କହୁ
ମଣିଷ ଟେ ଯାଉଛି ଯାଉଛି
ହେ ଭାଇ ଭଗ୍ନୀ ବନ୍ଧୁ ସର୍ବ ଜନ
ଯୋଡ଼ ନାହିଁ ମୋ ସାଥିରେ
ଜାତି ଧର୍ମ କିଛି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ସ୍ମୃତି ଚିହ୍ନ....



ସୁହଂସ ଭୋଇ

ଏକାନ୍ତରେ ଦିନେ ସାଉଁଟିଲି କିଛି
ଅତୀତର ସ୍ମୃତି ଚିହ୍ନ
ଏବେବି ଅମ୍ଳାନ ଅଛି ଚିହ୍ନ ମାନ
ସତେ ପୌର୍ଣ୍ଣମାସୀ ଜହ୍ନ.....

ମନ ଗହନରେ ନୟନ ଆଗରେ
ଝଲସି ଉଠେତା ବର୍ଣ୍ଣ
ସୁରୁ ସୁରୁ ବହି ଛୁଏଁ ରହି ରହି
ପୁଲକିତ ହୁଏ ପ୍ରାଣ.....

ଜୀବନ ପୋଥିର ଅନୁଚ୍ଛେଦ ଅନ୍ତ
କିଛି ପୂର୍ଣ୍ଣ କିଛି ଭଗ୍ନ
ପୂର୍ଣ୍ଣତାରେ ମନ ହୁଅଇ ତଲ୍ଲୀନ
ଅପୂର୍ଣ୍ଣ ଦିଏ କଷଣ....

ସ୍ମୃତି ଅଙ୍ଗଦେଶ ତା ଉଷୁମ ସ୍ପର୍ଶ
ଉଲ୍ଲସିତ କରେ ମନ
ସ୍ମୃତିର ଲୁହରେ ଭିଜିଗଲେ ଥରେ
ତୃପ୍ତି ରେ ଭରେ ଆନନ...

ବିଜନ ବେଳାରେ ଘୁରେ ବେଳେ ବେଳେ
ଆମ୍ବତୋଟା ନଈ ବଣ
ଚାଲୁଛି ଆଗକୁ ଆହୁରି ଆଗକୁ
ଦେଖି ତାର ପାଦ ଚିହ୍ନ.....

ଇଶାରାର ତୀର ମାରେ ବାରମ୍ବାର
ହୃଦୟ କରେ ଦହନ...
ନିଶାର୍ଦ୍ଧରେ ପଶି ନିତି ଭାଙ୍ଗୁଥାଏ
ମନ ମଧୁର ସପନ...

ଜୀବନ ନଈରେ ପଡିଅଛି କେତେ
ସ୍ମୃତି ଶିଳା ଖଣ୍ଡ ମାନ
ଯେତିକି ଘସିଲେ ସେତିକି ଚିକ୍କଣ
ଅମଳିନ ସ୍ମୃତି ଚିହ୍ନ....

ବିଜେପୁର, ବରଗଡ

ISSN NO.
2582-208X

# ଛତରା ପ୍ରଫେସର



ଅରୁଣ କୁମାର ତ୍ରିପାଠୀ

ବୟସର ଅପରାହ୍ନରେ ପୋଲିସ୍ ନିର୍ଯ୍ୟାତନା ବହୁତ କମ ଲୋକଙ୍କୁ ହିଁ ମିଳେ । ସେୟା ପୁଣି ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଟିଏ ଯଦି ହେଇଥା'ନ୍ତି ତେବେ ଭାରି କଷ୍ଟ ହୁଏ । ଜୀବନ ନୁହଁଇ ଜୀବନ୍ତ ମରଣ କହିଲେ ଅତ୍ୟୁକ୍ତି ହେଉନଥିବା ଏହି ନିର୍ଯ୍ୟାତନା ଲେଖାଥିଲା ପ୍ରଫେସର ହେମନ୍ତଙ୍କ ଭାଗ୍ୟରେ । କେତେଯେ ଯୁବତୀଙ୍କ କୁମାରୀତ୍ୱ ୟାଙ୍କ ଖଟରେ ନାଶ ଯାଇଛି, ତାର ଇୟତ୍ତା ନଥିଲା, କିନ୍ତୁ ଆଜି ହିମାଂଶୀଙ୍କ ଅଭିଯୋଗ ସେହି ସବୁର ହିସାବ ମାଗିନେଲା । ଥାନାରେ ଯେତେବେଳେ ପଚାରା ଉଚରା କରିବାକୁ ନେଲେ, ସେହି ସମୟରେ ଥାନାବାବୁ ହାବିଲଦାରଙ୍କୁ ବାଡେଇବାକୁ ଆଦେଶ ଦିଅନ୍ତେ, ସେ କହିଲା ସାର୍ ଆମ ହାତ ଯାଉନି । ଯିଏ ଆମକୁ ଆଦ୍ୟଯୌବନରେ ପାଠ ପଢେଇ ଅଛନ୍ତି, ଆମେ ତାଙ୍କୁ ବାଡେଇ ପାରିବୁନି । ଜଣଙ୍କ ପରେ ଜଣେ ସମସ୍ତେ ନିରାଶ କଲେ । ଶେଷରେ ଥାନାବାବୁ ନିଜେ ବାଡ଼ି ଧରି ଉଦ୍ୟନ୍ତ ହୁଅନ୍ତେ, ହେମନ୍ତଙ୍କର ଜମା ଭ୍ରୁକ୍ଷେପ ନଥାଏ । ନାଦି ଦେଇଗଲେ ଏକାବେଳକେ ୨୫ ରୁ ଅଧିକ ପାହାର; କିନ୍ତୁ ଉଁ କି ଚୁଁ ହେଉନଥିଲେ ପ୍ରଫେସର ହେମନ୍ତ । ତାଙ୍କ ନାମରେ ଅଭିଯୋଗ ଥିଲା, ତାଙ୍କ ସ୍କଲାରଙ୍କୁ ସେ ନିଜ ଘରକୁ ଡାକି ଦୁଷ୍କର୍ମ ଉଦ୍ୟମ କରିଥିଲେ । ବାଡେଇ ଚାଲୁଥା'ନ୍ତି ଥାନା ବାବୁ, କିନ୍ତୁ ଯିଏ ବିଦ୍ୟାର୍ଥିଙ୍କୁ ଧୈର୍ଯ୍ୟର କଥା ଶିଖାଏ, ତା'ର ଧୈର୍ଯ୍ୟ ଭାଙ୍ଗିବା କ'ଣ ଏତେ ସହଜ କଥା ! ପ୍ରଶ୍ନ ବାଣରେ ଥାନା ବାବୁ ନିଜେ ହାଲିଆ ହେଇଗଲେ କିନ୍ତୁ ପ୍ରଫେସରଙ୍କ ମୁଖରୁ ଶବ୍ଦଟିଏ ବାହାରିଲା ନାହିଁ ।

ISSN NO.
2582-208X

ପିଲାଙ୍କୁ ପାଠ ପଢେଇ ପଢେଇ ପ୍ରଫେସର ଯେତେବେଳେ ବନିଛନ୍ତି, ଥାନା ବାବୁଙ୍କୁ କିଛି ତ ଶିଖେଇବେ । ବାଡିଆ ବାଡି, ଗାଳି, ଅପମାନ ସବୁ ସରିଗଲା ପରେ, ପ୍ରଫେସର ମୁହଁ ଖୋଲିଲେ । କହିଲେ, ତୁମେ ଜାଣିଥା ଇନିସ୍ପେକ୍ଟର, ସବୁ ପ୍ରୟାସ ସରିଗଲେ, ଭଗବାନଙ୍କ ଦୟା ହୁଏ; ଆଉ ସେହି ଦୟାକୁ ମୁଁ ପାଥେୟ କରି ମୁଁ କହୁଚି ମୋ ଜୀବନ କାହାଣୀ । କିନ୍ତୁ ମୋର ଏୟା ସର୍ତ୍ତ ଯେ, ମୁଁ କହୁଥିବା କଥା ସବୁ ଜଣେ ଲିପିବଦ୍ଧ କରିବେ । ମୋତେ ତ ଅଦାଲତ ସଜା ଶୁଣେଇବେ, କିନ୍ତୁ ତା ପୂର୍ବରୁ ମୁଁ ଚାହେଁ ମୋ ଜୀବନ କାହାଣୀ ଲିପିବଦ୍ଧ ହେଉ । ହଉ ସାର୍ କହି ସେ ନିଜ ଥାନାର ଲେଖାଳିଙ୍କୁ ଆଦେଶ ଦେଲେ, ସାର୍ ଯାହା କହୁଛନ୍ତି ଲେଖିପକେଇବ । ତା'କୁ ପରୋକ୍ଷରେ ପ୍ରକାଶ କରିବା ଦାୟିତ୍ୱ ମୋର । ପୁଣି ପ୍ରଫେସର ହେମନ୍ତ କହିଲେ, ମୋତେ କିଛି ସମୟ ଏକଲା ଛାଡ଼ି ଦିଅନ୍ତୁ । ୧୦ ମିନିଟ ପରେ ଆପଣ ଆସିବେ, ଲେଖାଳିକୁ ଧରି, ବାସ୍ ମୋତେ ଗହଳି ପସନ୍ଦ ନାହିଁ । ପାଣି ଗିଲାସେ ଦିଅନ୍ତୁ । ଆପଣ କିଛି ସମୟ ପରେ ଆସନ୍ତୁ ।

ସବୁ ସେମିତି ହେଲା । କିଛି ସମୟ ପରେ ପ୍ରଫେସର ଙ୍କ ନିକଟକୁ ଦି ଜଣ ଗଲେ । ସେତେବେଳୁ ପ୍ରଫେସରଙ୍କ ଆଖିରୁ ଲୁହ ସରିଯାଇଥାଏ । ସେ କହିଲେ, ମୋ ଘର ବିହାର ଓଡ଼ିଶା ସୀମାନ୍ତ ଜିଲ୍ଲାରେ । ଜନ୍ମ ମୋର ନିତାନ୍ତ ମଫସଲ ଗାଁ ରେ, ମୋ ମାତୃଭାଷା ହିନ୍ଦି, କିନ୍ତୁ ଓଡ଼ିଶାରେ ଚାକିରି କରିବି ବୋଲି ମୋ ଜନ୍ମ ପ୍ରମାଣପତ୍ରରେ ଓଡ଼ିଆ ଲେଖାଗଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ହେଇଥିଲି, କିନ୍ତୁ ପିତାମାତା ସେତେଟା ଶିକ୍ଷିତ ନଥିବାରୁ ପୋଲିଓ ଖୁଆଇ ନଥିଲେ । ଏଣୁ ମୋର ବାମ ଗୋଡ଼ଟି ଅକାମୀ ହେଇଯାଇଥିଲା । ଯେଉଁ ସମୟରେ ମୁଁ ବୁଦ୍ଧି ଜାଣିଲି, ଗୋଟିଏ ଶବ୍ଦ ବାରମ୍ବାର ମୋ କାନରେ ଆକାଶବାଣୀ ବଜାଉଥିଲା । ଜୀବନ ଗୋଟିଏ କାରଣ ପାଇଁ କନ୍ଦେଇଲେ ତାକୁ କହିଦିଅ ହସିବା ପାଇଁ ହଜାରେ କାରଣ ରହିଅଛି । ପୁନଶ୍ଚ ମୋର ଗୋଟିଏ ଇନ୍ଦ୍ରିୟ କମ୍ କାମ କରୁଥିବାରୁ ଅନ୍ୟ ଇନ୍ଦ୍ରିୟ ମାନ ସୁପର ଆକ୍ଟିଭ୍ ଥିଲା । ମୁଁ ପାଠ ବି ଭଲ ପଢୁଥିଲି, ଆଉ ଝିଅଙ୍କୁ ମଧ୍ୟ ଖୁବ୍ ଉପଭୋଗ କରୁଥିଲି । ଆମ ପାଖ ପଡ଼ିଶାରେ କାହାର ଛୁଆ ପିଲା ହେଉନଥିଲେ ମଧ୍ୟ, ସଂପୃକ୍ତ ମହିଳା ଗଣ ମୋରେ ପରୋକ୍ଷରେ ଆମନ୍ତ୍ରିତ କରନ୍ତି । ସେହି ବାବଦକୁ ମୁଁ ବହୁତ ସାରା ପଇସା ନିଏ ଏବଂ ଉପଭୋଗ ଅଲଗା କରେ । ଏମିତି ବିଳାସବ୍ୟସନରେ ମୋ ସ୍ନାତକୋତ୍ତର ପରୀକ୍ଷା ଆସି ଉପଗତ ହେଇଥାଏ । ଯେନତେନ ପ୍ରକାରେଣ ମୁଁ ପରୀକ୍ଷାରେ ୫୫.୬ ପ୍ରତିଶତ ରଖ ଉତ୍ତୀର୍ଣ୍ଣ ହେଲି । ଆମ ସମୟରେ ଏମଏସସି ପଢିଲେ ସବୁ ପୋଷ୍ଟ

ISSN NO.
2582-208X

ନିମନ୍ତେ ଦରଖାସ୍ତ ଦିଆହେଇପାରୁଥିଲା, କିନ୍ତୁ ମୁଁ ତାଇୱାନ ବିଶ୍ୱବିଦ୍ୟାଳୟରୁ ସେହି ସମୟର ୩୨ ହଜାର ଦେଇ ବିଦ୍ୟାବାରିଧି (ପିଏଚଡ଼ି) ହାସଲ କଲି । ସେଥିପାଇଁ ସମସ୍ତଙ୍କ ଗହଣରେ ମୁଁ ଜହ୍ନମାମୁଁ ହେଇ ରହିଗଲି । ସଂଯୋଗକୁ ସେହି ବର୍ଷ ହିଁ ରାଜ୍ୟ ଲୋକସେବା ଆୟୋଗ ତରଫରୁ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଇଥାଏ । ବର୍ତ୍ତମାନ ନିଯୁକ୍ତି ପ୍ରକ୍ରିୟା ଛଅମାସ ଲାଗୁଥିବା ବେଳେ, ଆମ ସମୟରେ ପ୍ରାୟତଃ ବର୍ଷେକାଳ ସଂଘର୍ଷ କରିବାକୁ ପଡୁଥିଲା । ସମସ୍ତ ପ୍ରତ୍ୟାଶୀ ପାଠପଢୁଥିବା ବେଳେ ମୁଁ ଅନ୍ୟକିଛି କରିବସିଲି, ଯେଉଁଥିପାଇଁ ସେହି ବର୍ଷ ମୁଁ ପିଏସସି ଟପ୍ପର ରହିଲି । ସେହି ସମୟରେ ଏମଏଲଏ, ଏମପି ମାନଙ୍କ ଖାତିରି ବହୁତ । ପ୍ରତି ନିଯୁକ୍ତିରେ ପ୍ରତ୍ୟାଶୀଙ୍କ ଠାରୁ ମୋଟା ଅଙ୍କର ପଇସା ନେଇ ନିଯୁକ୍ତି ନିଶ୍ଚିତ କରାଉଥିଲେ । ଆମ ଘରତ ଗରିବ ଘର, କିନ୍ତୁ ମୁଁ ଦେଖିବାକୁ ସୁନ୍ଦର ଥିଲି, ଭଲ ଗୀତ ମଧ୍ୟ ଗାଉଥିଲି । ସହଜରେ ତ ମୋ ଗୋଟିଏ ଗୋଡ଼ ଅକାମୀ, ତେଣୁ ଅନାୟାସରେ ସହାନୁଭୂତି ହାସଲ କରିପାରେ । ଚୟନ କମିଟିରେ ଥିବା ସଦସ୍ୟଙ୍କ ଝିଅଙ୍କୁ ପଟେଇ ବିବାହ କରି, ନିଯୁକ୍ତି ନିମନ୍ତେ ଦାବି କରିବା ମୋ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା । " ତୁମ ଆଖିରେ ଲୁହ ହେଇ ଝରୁଥିବି, ତୁମ ଛାତିରେ କୋହ ହେଇ ଲୁଚିଥିବି, ତୁମ ହୃଦୟର ସ୍ପନ୍ଦନ ହେଇ ନିତି ଧଡ଼ୁକୁଥିବି, ସକାଳର ସୁରୁଯ ରୂପେ ତୁମ ନିଦ ଭାଙ୍ଗୁଥିବି । ପୁଣି, "ତୁମେତ ଦୂର ଗଗନର ତାରା, ଆତୁରେ ଝୁରିଲେ କି ଦବ ମୋ ହାତରେ ଧରା, ତୁମେ ଦେଇଥିବା କୋହ ସବୁ ହୃଦୟେ ବତୁରି, ସୃଜେ ବିରହର ଚଇତାଳି ଧାରା । ଏମିତି କେତେ କଣ କବିତା ଝରିପଡିଥିଲା, ସୁଷମାଙ୍କ ପାଇଁ । ପୁଣି ଝାପ୍ସା ମନେ ପଡୁଛି, ଯେଉଁ ଧାଡ଼ି କହି ଗୋଲାପ ଫୁଲଟି ଧରେଇ ଥିଲି, "ମଉଳିଆ ଚମ୍ପାତମେ ଦୂରବନେ ରାଣୀ, ଚହଟିବା ଛନ୍ଦେ ତୁମ ହେଲି ମୁହିଁ ଋଣୀ ।"

ସେ ଯାହା ହେଉ, ଅନେକ ପାମ୍ପଡ଼ ବେଲିଲା ପରେ, ସୁଷମା ଶେଷରେ ରାଜି ହେଲେ । ମୁଁ ଗାଁ ଠାକୁରାଣୀଙ୍କ ନିକଟରେ ବୋଦାଟେ ସହିଥିଲି, ଯଦି ସୁଶମା ରାଜି ହେଇଯାଏ, ତେବେ ତୁମକୁ ନୈବେଦ୍ୟ ଅର୍ପଣ କରିବି ଏକ କୃଷ୍ଣକାୟ ଛାଗଳ । ଏହି ନ୍ୟାୟରେ ଚୟନ କମିଟିରେ ଥିବା ପ୍ରଫେସରଙ୍କୁ ହାତର କରି ପୋଷ୍ଟ ପାଇବା ମୋ ପକ୍ଷରେ ସହଜ ହେଇଗଲା । ଏମିତିରେ ପ୍ରାରମ୍ଭ ହେଇଗଲା ମୋ ସରକାରୀ ଚାକିରି ଜୀବନ । ଏହି ଭିତରେ ମୋର ଦୁଇଟି ଛୁଆ ମଧ୍ୟ ହେଇସାରିଥାଏ । କିନ୍ତୁ ଦେହ ଆଉ ଅର୍ଥର ଭୋକ ମୋତେ ପ୍ରବଳ ହେଉଥାଏ । ଛୁଆଙ୍କୁ ନିତି କ୍ଲାସ ରେ କୁହେ, କାମନାର ବିନାଶରେ

ISSN NO.
2582-208X

ଦୁଃଖର ବିନାଶ ଓ ମୋକ୍ଷପ୍ରାପ୍ତି, କିନ୍ତୁ ନିରୋଳାରେ ବୁଝାଉଥାଏ, କାମ କୁ ବିନାଶ କରି ଜୈବିକ ଗର୍ତ୍ତରେ ନିଜକୁ ନିକ୍ଷେପ କଲେ ହିଁ ମୋକ୍ଷ ପ୍ରାପ୍ତି ହେବ । ପୁଅ ଛୁଆଙ୍କୁ ପ୍ରାକ୍ଟିକାଲ ନିମନ୍ତେ ଅର୍ଥ ମାଗୁଥିବା ସ୍ଥଳେ ଝିଅଙ୍କ ଦେଇ କଳେ ବଳେ କୌଶଳେ ଦେହସୁଖ ପ୍ରାପ୍ତ କରିଥିଲି । ଏପରିକି ସେହି ସମୟରେ ମିଳୁଥିବା ଗୋଲ୍ଡ ମେଡାଲ୍ ନିମିତ୍ତ ମଧ୍ୟ ମୁଁ ଜଣଙ୍କୁ ବିଶ୍ୱବିଦ୍ୟାଳୟ ଉନ୍ନୟନ ଅଧିକାରୀଙ୍କ ସଯ୍ୟାସଙ୍ଗିନୀ ମଧ୍ୟ ସଜାଇଦେଇଥିଲି । ସେହି ଝିଅ ଆଜି ବି ବର୍ଷକୁ ଅନୁନ୍ୟ ଥରେ ଆସି ମୋତେ ଖୁସି କରାଏ । ଗବେଷଣା ଅଧିକାରୀ ହୋଇଥିବାରୁ ସେ ମୋତେ ପୁଳା ପୁଳା ଟଙ୍କା ଏବଂ ଉପହାର ବି ଦିଏ । କିନ୍ତୁ ମୋର କି ଯାଦୁ ଅଛି କେଜାଣି, ଥରେ ମୋ ସାନ୍ନିଧ୍ୟ ପାଇଥିବା ମହିଳା, ବାରମ୍ବାର ମୋତେ ଅନୁରୋଧ କରନ୍ତି । ଏତେ ସବୁ ମଧ୍ୟରେ ମୋ ପ୍ରଥମ ପସନ୍ଦ ଥା'ନ୍ତି ପ୍ରଥମ ବର୍ଷର କଅଁଳ ଅନୁଢା ସବୁ । ଏମିତି ଜୀବନ ବିତୁଥାଏ । ସୁଯୋଗକୁ ସେହି ସମୟରେ ଓଡ଼ିଶାର ଉପାନ୍ତ ଅଞ୍ଚଳରେ ବିଶ୍ୱବିଦ୍ୟାଳୟଟେ ଖୋଲିଲା । ସୁଯୋଗକୁ ପ୍ରଫେସର ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଇଥାଏ । ଓଡ଼ିଶା ପୁଣି ସେଥିରେ ଉପାନ୍ତ ଅଞ୍ଚଳ । ମୋର ପ୍ରଫେସର ହେବାକୁ ଯୋଗ୍ୟତା ନଥିଲା, କିନ୍ତୁ ସେଟିଂ କରିକି ମୁଁ ସେହି ପଦବୀ ହାତେଇଲି। ସୁଯୋଗ ହେଉ ଅବା ଦୁର୍ଯୋଗ ଆଜିପର୍ଯ୍ୟନ୍ତ ସେଠି ଗୋଟିଏ ବି ନିୟମିତ ପ୍ରଫେସର ନିଯୁକ୍ତ ହେଇପାରିଲେ ନାହିଁ ।

ଏହି କ୍ରମରେ ଭାଇସ ଚାନସେଲର ଛୁଟିରେ ଗଲେ ମୁଁ ଭିସି ଚାର୍ଜ ରେ ରହେ । ଏମିତି କି କୌଣସି କାରଣ ବଶତଃ ଭିସି ଚୌକିଟି ଖାଲି ପଡ଼ିଲେ ସେହି ସମୟରେ ମୁଁ ସର୍ବେସର୍ବା । କେତେଯେ ଦୁର୍ନୀତି ସେହି ସମୟରେ କରିଛି ତାହାର ଇୟତ୍ତା ନାହିଁ । ବିଇଡ଼ି ଜଏନିଂ ରେ ପ୍ରଶ୍ନ ପତ୍ର ନିମନ୍ତେ ଆମ ଅନୁଷ୍ଠାର ସେକ୍ସନ ଅଫିସରଙ୍କ ସହ ମିଶି ଏକଲକ୍ଷ ମୂଲ୍ୟ ଧାର୍ଯ୍ୟ ନତୁବା ଦଶରାତିର ଦୈହିକ ସୁଖ, ପିଏଚଡ଼ି ଜଏନିଂ ରେ ମଧ୍ୟ ସମାନ ସର୍ତ୍ତାବଳୀ, ଏଭଳିକି ସ୍ଥାନୀୟ ନେତୃବୃନ୍ଦଙ୍କ ସ୍ତ୍ରୀ ଏବଂ ଦୁହିତାଙ୍କ ପାଇଁ ମୁଁ ଥେସିସ୍ ମଧ୍ୟ ଲେଖିଛି । ପଇସାରେ ସେମାନେ ମୋତେ ପୋତି ପକାନ୍ତି ତଥା ଭିଜିଲାନ୍ସ ଜାଲରୁ ସେହିମାନେ ହିଁ ସୁରକ୍ଷା ଦିଅନ୍ତି । ମୁଁ ଏହି ଯେଉଁ ବିଏମଡବ୍ଲୁ କାର୍ ରେ ବୁଲୁଛି, ସେୟା କ'ଣ ସରକାରୀ ଦରମାରେ ସମ୍ଭବ ? ଆପଣ ମାନେ ଶୁଣି ଆଶ୍ଚର୍ଯ୍ୟ ହେବେ ମୁଁ ତନ୍ତ୍ର ସାଧନା ମଧ୍ୟ କରେ। ଯୌନଆସନରେ ମୁଁ କୁଣ୍ଡଳିନୀ ପ୍ରାପ୍ତକରେ । ଏଭଳିକି ଜଣେ ପୂର୍ବତନ ଭିସିଙ୍କୁ ମୁଁ ଏହି ତନ୍ତ୍ର ସାଧନା ବଳରେ ହତ୍ୟା କରିଛି । ମୋ ରିଟାୟରମେଣ୍ଟ ଆଉ ୪ ବର୍ଷ, ଏହି ବୟସରେ

ISSN NO.
2582-208X

ମୋତେ ମିଳିଥିବା ଶାସନ ତନ୍ତ୍ରକୁ ଆଉ କେହି ବ୍ୟବହାର କରୁ ସେୟା ମୋତେ ହଜମ ହେଉନଥିଲା । ବର୍ତ୍ତମାନ ମୋ ଗ୍ରହଦଶା ଖରାପ ଚାଲିଥିଲା । ମୁଁ ଜାଣିଥିଲି ଏମିତି କିଛି ହେବ, କିନ୍ତୁ ମୁଁ ଜାଣିନଥିଲି ମୋତେ ଷୋହଳଖାଡ଼ିର ଦର୍ଶନ କରିବାକୁ ହେବ । ଅନେକ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ମୁଁ ଚାକିରି ଖାଇଦେଇଛି, ବୋଧେ ତାଙ୍କର ନିଶ୍ୱାସ ଆଜି ମୋ ଉପରେ ପଡ଼ିଗଲା ।

ସେହି ଝିଅ ଯେଉଁ ଅଭିଯୋଗ କରିଛି ସେୟା ସତ, କିନ୍ତୁ କୌଣସି ପୁଅ ନାହିଁ ତାହାକୁ ଅଦାଲତରେ ସାବ୍ୟସ୍ତ କରିପାରିବ । ମୁଁ ବୟାନ ଏଥିପାଇଁ ଦେଉଛି, ମୋ ଘଟଣାବଳୀ ଉପଯୁକ୍ତ ଭାବେ ଲିପିବଦ୍ଧ ହେଉ କିନ୍ତୁ ଆପଣ ମାନେ ମୋର କୌଣସି କ୍ଷତି କରିପାରିବେ ନାହିଁ । ସେ ଝିଅ ଯେଉଁ ଅଭିଯୋଗ କରିଛି, ସେୟା ସମ୍ପୂର୍ଣ୍ଣ ସତ୍ୟ । ସିନୋପସିସ୍ ବନେଇବା ବାହାନାରେ ତାକୁ ମୁଁ ଘରକୁ ଡାକିଥିଲି, ଥରେ ନୁହଁ ବହୁତ ଥର ସେ ମୋ ଶଯ୍ୟାସଙ୍ଗୀନି ହେଇସାରିଛି, କିନ୍ତୁ ଗୋଟିଏ ଘଟଣା ନିମନ୍ତେ ସେ ଇର୍ଷାନ୍ୱିତ ହେଇ ଏମିତି କରିଅଛି; ଅତିଶୀଘ୍ର ସେ ତା ଅଭିଯୋଗ ମଧ୍ୟ ଫେରେଇ ନବ । କଥାଟି କିଛି ଏହିଭଳି, ଜଣେ ସିନିୟର ଗବେଷିକାଙ୍କୁ ସ୍ଥାନୀୟ ଜଳାଶୟରେ ବର୍ଷେ ପୂର୍ବେ ମୁଁ ଆକ୍ୱାୟିରମ ର ମାଛଟେ ନେଇ ଛାଡିବାକୁ କହିଥିଲି, କାରଣ ସେ ମୋ ମାଛକୁ ବହୁତ ଭଲ ସାନ୍ତ୍ୱନା ଦେଇଥିଲେ । ବର୍ଷକ ପରେ ଗବେଷଣା ବାବଦରେ ସେହି ବିଦେଶୀ ମାଛକୁ ବାହାର କରି ଆନ୍ତର୍ଜାତୀୟ ସ୍ତର ରେ ତାକୁ ପ୍ରସିଦ୍ଧି କରେଇଥିବାରୁ ଏହିଭଳି ସେ କରିଅଛି । କିନ୍ତୁ ମୋର ଚିନ୍ତା ନାହିଁ, ଯାହା କରିବା କଥା କରିଦେଇଛି, ଯାହା କହିବାର ଥିଲା କହିଦେଇଛି ,ଏଣିକି ଆପଣଙ୍କ ଇଚ୍ଛା । ଶରୀର ଥିଲେ ରୋଗ ଆସେ, ସମାଜରେ ବଞ୍ଚିଲେ ମାନ ଅପମାନ ଆସିବା ସାଧାରଣ କଥା । ଆମ ଜାତିରେ ଲାଜ ଟିକିଏ କମ୍ ତ !

ଇନିସପେକ୍ଟର ଶୁଣି ହତବାକ୍ । କଣ କହିବେ କିଛି ଭାବି ପାରୁନଥିଲେ । ଜୀବନରେ କେତେ ଆସାମୀ ଦେଖିଛନ୍ତି, କିନ୍ତୁ ଏହିଭଳି ତଳସ୍ତର ଚିନ୍ତାଧାରା ରଖୁଥିବା ଗୁରୁ ଆଜି ଯାଏଁ ଦେଖି ନାହାନ୍ତି । ବୋଧେ ଛୁଆ ସମୟରେ ପଢିଥିବା ଗୁରୁ ଚଣ୍ଡାଳ ଦୋଷ ଯୁକ୍ତ ମନୁଷ୍ୟ ଏହିମାନେ ହିଁ । ସକାଳୁ ପ୍ରଫେସର ହେମନ୍ତଙ୍କୁ କୋର୍ଟ ଫରୱାର୍ଡ଼ କରାଗଲା ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
କଥା ହୁଅନ୍ତୁ : ୯୦୭୮୮୩୮୬୨୭

ISSN NO.
2582-208X

# ଶ୍ରିଭୂଜେ ଦୟଣା



ମାଳତୀ ଦେବୀ

ଶ୍ରୀଭୂଜେ ଦୟଣା ଶୋହେ କେରି କେରି କଟିତଟେ ପୀତାମ୍ବର ।
ଅନନ୍ତ ମୂରତି ହରି ଯଦୁପତି କେଶବ କୃପା ସାଗର ।
ଭବ ସାଗରକୁ ନାବ ପଦ୍ମନାଭ ବାସୁଦେବ ସୁରେଶ୍ୱର ।
ଯମୁନା କୂଳିଆ ବରଜ ଧୂଳିଆ ଶିରେ ଶିଖି ପୁଚ୍ଛ ପର ।
ପତିତ ପାବନ ଯାହାର କେତନ ଉଡ଼େ ନୀଳ ଚକ୍ର ପର ।
ରିପୁ ବିନାଶନ ଗରୁଡ଼ ଆସନ ନୀଳ କନ୍ଦର ସୁନ୍ଦର ।
ଡାକୁ ସରଦାର ନନ୍ଦର କୁମର ଯଶୋମତି ହୃଦ ହାର ।
ସାର୍ବଭୌମ ହରି ମାଧବ ମୁରାରୀ କୃଷ୍ଣ ନବନିତ ଚୋର ।
ଆନନ୍ଦ କନ୍ଦ ମୁକୁନ୍ଦ କଳାଚାନ୍ଦ ଗୋବିନ୍ଦ ପରମେଶ୍ୱର ।
ଲିଟ ସାଜ ମନ ତା କଂଜ ଚରଣ ଭବ ଭୟ ହେବ ଦୂର ।

ପୁରୁଣା ବଜାର, ଲୋକାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ହେଲି ମୁଁ ହଟ ହଟା



ବିକାଶ କୁମାର ହୋତା

ଯାଇଥିଲି ମୋର ସାଙ୍ଗର ଘରକୁ
ଥିଲା ରିସେପ୍ସନ ପାର୍ଟି
ପାର୍ଟି ଚାଲିଥିଲା ଲେଏଟ ନାଇଟି ।
ଚାଲୁଥିଲା ଆମ ଖଟି ।।(୧)

ଖଟି ସରିଗଲା ରାତି ବାରଟା ରେ
ହୋଇଥିଲା ବହୁ ଢ଼େରି
ଘରଣୀ କଥା ମୋ ମନେ ପଡିଗଲା
ଆସିଲି ଘରକୁ ଫେରି ।।(୨)

ମୁଣ୍ଡରେ ନଥିଲା ହେଲେମେଟ ମୋର
ନଥିଲା ଗାଡିର ନଥି
ପାର୍ଟି ଥିଲା ବୋଲି ବନ୍ଧୁ ମହଲରେ
ପଢ଼ିଥିଲା ଟିକେ ପଥି ।।(୩)

ପଥି ସହ ପୁଣି ଚିକେନ କଷା ର
ହୋଇଥିଲା ହେଭି ଡୋଜ

ISSN NO.
2582-208X

ମାମୁ ଜଗିଥିଲେ ହାଇୱେ ଉପରେ
କଲେ ନାହିଁ ଏକ୍ସକ୍ୟୁଜ ।।(୪)

ଗାଡ଼ିକୁ ମୋହରି ଅଟକାଇ ଦେଲେ
ଦେଖେଇ ରୋଓଲୋ ବାଡ଼ି
ମାମୁ ଙ୍କୁ ଦେଖିକି ଗାଡ଼ି ରଖେଇଲି
ଚାବି ନେଲେ ମୋର ଭିଡ଼ି ।।(୫)

ଦୁଇ ଡେଣା ଧରି ଭିଡ଼ି ନେଇଗଲେ
ମାମୁ ଆସି ଚାରିଜଣ
ପାଟିରୁ ମୋହରି ନାଲି ପାଣି ଗନ୍ଧ
ଆସୁଥିଲା ଭଣ ଭଣ ।।(୬)

ପାଇପି ପୂରେଇ ମାପିଦେଲେ ମୋର
ପଥି ଥିଲା ହେଭି ଡୋଜ
ଫାଇନି ପକେଇ ମନ ଇଚ୍ଛା ତାଙ୍କ
କରିଦେଲେ ମତେ ଫ୍ୟୁଜ ।।(୭)

ଏତିକି ରେ କିବା ମୋ ଦୁଃଖ ସରିଲା
ମାଗିଲେ ଗାଡ଼ିର ନଥି
ହେଲେମେଟ ମୁଣ୍ଡେ ପିନ୍ଧି ନାହିଁ ବୋଲି
ଭୁଲିଗଲେ ମତି ଗତି ।।(୮)

ମୁଣ୍ଡରେ ମୋହରି ବୁଦ୍ଧି ପଶିଗଲା
ଗଲି ବଡ଼ ବାବୁ ପାଶେ
ହାତ ଗୁଞ୍ଜା କିଛି ଦେଇଦେଲି ତାଙ୍କୁ
ଦେଖି ମୁଚୁକୁନ୍ଦା ହସେ ।।(୯)

ISSN NO.
2582-208X

ରଫା ଦଫା ମୋର ହୋଇଗଲା ସବୁ
ଚିରି ଦେଲେ ମୋ ଫାଇନି
ହାଣ୍ଡସେକ କରି ସେଠୁ ବାହାରିଲି
କରିଦେଇ ମୁଁ ସାଇନି ।।(୧୦)

ଘରେ ପହଞ୍ଚିକି ଘରଣୀ କୁ ମୋର
ବଖାଣିଲି ସବୁ କଥା
କହିଲି ତୁମର ଶୁଭ ଦୃଷ୍ଟି ଯୋଗୁଁ
ଦୂର ହେଲା ବଡ଼ ବ୍ୟଥା ।।(୧୧)

ଦୁଃଖ କଥା ଶୁଣି ଘରଣୀ ମୋହର
ସେକି ଦେଇଗଲା ଖାଲି
ଜାଗା ଅଜାଗା ସେ କିଛି ମାନିଲାନି
ଭୁଲିଗଲା ସ୍ୱାମୀ ବୋଲି ।।(୧୨)

ଶୁଣ ଶୁଣ ମୁହିଁ କହୁଛି ବନ୍ଧୁ ହେ
କରନି ମୋ ପରି ଭୁଲ
ଉଣିଶ ବିଇଶି ଟିକିଏ ହୋଇଲେ
ହଟ ହଟା ହେବ ଫୁଲ ।।(୧୩)

ଦକ୍ଷିଣକାଳୀ ରୋଡ଼,ବିଦ୍ୟାନଗର,
ଢେଙ୍କାନାଳ,୮୭୫୮୨୯୨୦୫୧

ISSN NO.
2582-208X

# ବିଲେଇର ବିଶ୍ୱରୂପ



ପ୍ରଦୀପ କୁମାର ପଣ୍ଡା

ବହୁଦିନ ତଳର କଥା। ସେଦିନ ଥିଲା ରବିବାର । ପିଲା ମାନଙ୍କର ଛୁଟି ଥିବାରୁ ସେମାନେ ଘରେ ଥାଆନ୍ତି । ମାଆଙ୍କ ନିକଟରେ ତାଙ୍କର ବରାଦ ଥିଲା ମେହେର ହୋଟେଲରୁ ମଞ୍ଚୁରିଆନ୍ ଖାଇବା ପାଇଁ । ମେହେର ହୋଟେଲ କହିଲେ ଗାଁ ମୁଣ୍ଡରେ ଥିବା ଛୋଟିଆ ହୋଟେଲ । ଦୋକାନର ମାଲିକ ହେଉଛନ୍ତି କୃପାଳୁ ମେହେର । ନାମ ଯେପରି କାମଟି ମଧ୍ୟ ସେପରି । ପିଲା ମାନଙ୍କର ମନଲାଖି ଚାଉମିନ୍ ମଞ୍ଚୁରିଆନ୍ ଆଦି ପାଷ୍ଟଫୁଡ ବନାଇବାରେ ଓସ୍ତାଦ । କୃପାଳୁ ପିଲାମାନଙ୍କୁ କୃପା କରିବାରେ ମଧ୍ୟ ବେଶ ପାରଙ୍ଗମ । ପିଲାମାନେ ଖାଇବା ସମୟରେ ପିଲାମାନଙ୍କର ମନ ଜାଣି ଖାଦ୍ୟ ପରଷିବାରେ କୃପଣତା ଦେଖାଏ ନାହିଁ । ଏପରିକି କାହାର ଖାଇବା ସମୟରେ ପଇସାର ଅଭାବ ହେଲେ ନାହିଁ ନାହିଁ କହି ମନା କରୁଥିଲେ ବି ସମୟ ସୁବିଧା ଦେଖି କେତେବେଳେ ଦେଇ ଦେବ କହି ମନଲାଖି ଖାଦ୍ୟକୁ ପରଷି ଦିଏ ।

ମାଆଙ୍କ ଅନୁରୋଧ କ୍ରମେ ସାଇକେଲ ଧରି ବାପା ମେହେର ହୋଟେଲ ଅଭିମୁଖେ ବାହାରିଲେ। ବାଟରେ ଗଲାବେଳେ ପଦ୍ମଲୋଚନ ମାମୁଁଙ୍କୁ ଭେଟିବାରୁ ନମସ୍କାର କଲେ । ପଦ୍ମଲୋଚନ ମାମୁଁଙ୍କ ପରିଚୟ ହେଉଛି ଗାଆଁଟା ଯାକର ସେ ହେଉଛନ୍ତି ମାମୁଁ । ଗାଆଁଟା ଯାକର ଯାବତୀୟ ମାମଲତକାର ନ୍ୟାୟ ନିଷାପ କରିବାରେ ବେଶ ପାରଙ୍ଗମ । କାହା ଘରେ ସୋରିଷ ଫୁଟିବା ଠାରୁ ଆରମ୍ଭ କରି କାହା ଝିଅ ବାହାଘରେ କ'ଣ କ'ଣ ଯୌତୁକ ଦିଆଯିବ କି ପୁଅ ବାହା ବେଳେ କେମିତି ଭୋଜିଭାତ ହେବ ସବୁଥିରେ ତାଙ୍କର ଅବାଧ ପ୍ରବେଶ । ସେ ପଚାରିଲେ କୁଆଡେ ବାହାରିଛ । ବାପା ମେହେର ହୋଟେଲ କହିବାପରେ ସେ ହସି ହସି କହିଲେ ଖାଲି ପୁଅ ମାନଙ୍କ ପାଇଁ ଆଣିବ ନା ମୋ ପାଇଁ ବି ଟିକିଏ ଚିନ୍ତା

ISSN NO.
2582-208X

କରିବ । କିଛି ଦୂର ଗଲାପରେ ସାହୁ ବାବାଙ୍କ ଡାକ ଶୁଣି ଅଟକି ଗଲେ । ସାହୁ ବାବା ଗାଆଁର ଗାନ୍ଧୀ ନାମରେ ପରିଚିତ।

ପୋଷାକ କହିଲେ ଖଦଡ଼ ପିନ୍ଧି ଗାନ୍ଧୀ ମୁଣାଟେ ଧରି ସେ ଅଞ୍ଚଳର ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କ ସହିତ ଆଲୋଚନା ପାଇଁ ପ୍ରୟାସ ଜାରି ରଖିଥାନ୍ତି । ବର୍ଷାରେ ଯେଉଁଦିନ ପଦ୍ମଚରଣ ଟିଉସନରୁ ଫେରିଲା ବେଳେ ପାଣି ଭର୍ତ୍ତି ଗାତରେ ପଡ଼ି ତା'ର ଗୋଡ଼ ଭାଙ୍ଗି ଗଲା । ତାକୁ ହସ୍ପିଟାଲ ନେବା ପାଇଁ ବ୍ୟବସ୍ଥା କରି ବହେ କାନ୍ଦି ଥିଲେ ସେ । ଶୋଚନୀୟ ରାସ୍ତାର ମରାମତି ପାଇଁ ଜିଲ୍ଲା ସାହେବଙ୍କ ଅଫିସ ଆଗରେ ଦୀର୍ଘ ୧୦୮ ଦିନର ଏକାକୀ ସତ୍ୟାଗ୍ରହ କରି କଂକ୍ରିଟ ରୋଡ ତିଆରି ପାଇଁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ଫେରିଥିଲେ।

ଏହା ପରେ ପରେ ଆସିବା ସମୟରେ ପେଣ୍ଟ ସାର୍ଟ ପିନ୍ଧି ସାମଲ ମଉସା କାହାକୁ ଅପେକ୍ଷା କରିଥିବା ମୁଦ୍ରାରେ ଦଣ୍ଡାୟମାନ ହୋଇଥିବା ଦେଖିଲି । ମଉସାଙ୍କୁ ନମସ୍କାର କରିବା ପରେ ପ୍ରତି ନମସ୍କାର ଜଣାଇ କହିଲେ ଯେ ତୁମ ମାଉସୀ ଗତ କାଲି ବାଥରୁମରେ ପଡ଼ିଯିବାରୁ ଆଣ୍ଠୁ ଫୁଲି ଯାଇ ଦରଦ ହେଉଛି । ସେଥିପାଇଁ ଡାକ୍ତରଙ୍କ ପାଖକୁ ଯାଉଛୁ। ଏ ସମୟରେ ଟିୟୁସନରୁ ଫେରି ଯାଜ୍ଞସେନୀ ମୋତେ କହିଲେ "ଅଙ୍କଲ ଅଙ୍କଲ ଗୋଟିଏ ନୂଆ କଥା ।" ପଛରେ ଆସୁଥିବା ହରିପାଲ କହିଲେ ହଁ ଅଙ୍କଲ ଗୋଟିଏ ଅଦ୍ଭୁତ କଥା । ତା'ପଛରେ ଥିବା ଚିନୁ କହିଲେ, "ହଁ ଲଢ଼େଇ ଲାଗିଛି। ଖାଲି ଲଢ଼େଇ ତ ନୁହେଁ ଖଣ୍ଡଯୁଦ୍ଧ ଲାଗିଛି । ଦେଖିବ ହେଲେ ଶୀଘ୍ର ଯାଅ।" ଆଗ୍ରହୋଦ୍ଦିପକ ଭାବରେ ମୁଁ ଆଗକୁ ବଢ଼ିଲି। ହଠାତ୍ ବିକଟାଳ ରଡ଼ି କରି ବାମ ପାର୍ଶ୍ୱରୁ ବାହାରି ଡାହାଣ ପାଖକୁ ବିଜୁଳି ବେଗରେ ଅତିକ୍ରମ କଲା କଳା ରଙ୍ଗର ବିରାଡିଟିଏ । ମନରେ ଆଗ୍ରହୋଦ୍ଦିପକ ଭାବ ନେଇ ତଡ଼ିତ ବେଗରେ ଯାଉଥିବା ବେଳେ ହଠାତ୍ ଯେମିତି ବ୍ରେକ ଲାଗିଗଲା। ବିରାଡ଼ି ବାଟ କାଟିବା ଦେଖି ମନରେ ଭୟ ଉଦ୍ରେକ ହେଲା । ଅଜଣା ଭୟର କଳା ବାଦଲ ମନରେ ଛାଇ ଗଲା । କ'ଣ ପୁଣି ଦଙ୍ଗା ଆରମ୍ଭ ହୋଇଗଲା କି ! ରାସ୍ତା ଉପରେ କେଉଁ ମାନେ ବାଡ଼ିଆପିଟା ହେଉଛନ୍ତି କି ! ଏହିପରି ଅନେକଗୁଡ଼ିଏ ପ୍ରଶ୍ନ ଭାତହାଣ୍ଡିରେ ଭାତ ଫୁଟିଲା ପରି ଟକମକ ଟକମକ ହୋଇ ମନ ମଧ୍ୟରେ ଫୁଟିବାକୁ ଲାଗିଲେ । ଏହିପରି ଦ୍ୱନ୍ଦାତ୍ମକ ପରିସ୍ଥିତିରେ ଆଗକୁ ବଢ଼ି ଯାହା ଦେଖିଲି ମୋ ବିସ୍ମୟର ସୀମା ରହିଲା ନାହିଁ । ଅନେକ ଲୋକ ଠିଆ ହୋଇଥାନ୍ତି, ଛକ ଜାଗା, ସମସ୍ତେ ଗାଡ଼ି ମଟର ବନ୍ଦ କରି ରୁଣ୍ଡ ହୋଇ କ'ଣ ଦେଖୁଥାନ୍ତି । ଭିଡ଼ ଠେଲି

ISSN NO.
2582-208X

ଘଟଣା ସମ୍ପର୍କରେ ଜାଣିବା ପାଇଁ ଯେତେବେଳେ ଆଗକୁ ବଢ଼ିଲି, ସେଠାରେ ଅପେକ୍ଷା କରିଥିଲା ମୋ ପାଇଁ ଆଉ ଏକ ଆଶ୍ଚର୍ଯ୍ୟ । ମୁଁ ବିଶ୍ୱାସ କରି ପାରିଲି ନାହିଁ ମୁଁ ସତ ଦେଖୁଛି କି ସ୍ୱପ୍ନ । ନିଜ ଦୁଇ ହାତରେ ଆଖି ଦୁଇଟିକୁ ମଳି ଯେତେବେଳେ ପୁନର୍ବାର ଦେଖିଲି ଆଶ୍ଚର୍ଯ୍ୟାଭିଭୁତ ହୋଇଗଲି । ଦୁଇଟି କଳା ଧଳା ଭୁଆଁ ବିରାଡ଼ି ରାସ୍ତା ଉପରେ ଲଢ଼େଇରେ ବ୍ୟସ୍ତ ଅଛନ୍ତି । ତାଙ୍କ ଦେହର ରୋମସବୁ ଟାଙ୍କୁରି ଉଠିଥିଲା । କ୍ରୋଧରେ ଆଖି ରକ୍ତାଭ ବର୍ଣ୍ଣ ଧାରଣ କରି ସେମାନଙ୍କ ଚେହେରା ଭୟଙ୍କର ଦୃଶ୍ୟମାନ ହେଉଥିଲା। ଯୁଦ୍ଧ ମଝିରେ ସେମାନଙ୍କ ବିକଟାଳ ଶବ୍ଦ ଭୟଙ୍କର ପରିବେଶକୁ ଆହୁରି ଭୟଙ୍କର କରି ଗଢ଼ି ତୋଳୁଥିଲା। ଏମାନଙ୍କୁ ଘେରି ସପ୍ତରଥି ପରି ଠିଆ ହୋଇଥିଲେ ସାତଟି ବଳିଷ୍ଠ କୁକୁର । ମହାଭାରତରେ ସିନା ସପ୍ତରଥି ଆକ୍ରମଣ କରି ଅଭିମନ୍ୟୁକୁ ବଦ୍ଧ କରିଥିଲେ । ଏମାନେ ତ କୌଣସି ସ୍କୁଲକୁ ଯାଇ ନ ଥିଲେ, କାହା ପାଖରେ ଟିଉସନ ହୋଇ ନ ଥିଲେ, ସେ ଅତୀତ ଇତିହାସ ଜାଣନ୍ତି ବା କିପରି ? ସେମାନେ ବା ଜାଣନ୍ତି କିପରି କେଉଁ କୌଶଳ ଅବଲମ୍ବନ କରି ସପ୍ତରଥି ସେଦିନ ବୀର ଅଭିମନ୍ୟୁଙ୍କୁ ବଦ୍ଧ କରିଥିଲେ । ଦେହରେ ବଳ ଥାଇ ମଧ୍ୟ ଆକ୍ରମଣ କରିବା ପାଇଁ ସାହସ ଜୁଟାଇପାରୁ ନ ଥିଲେ ସେମାନେ । ଯୁଦ୍ଧ ସମୟରେ ଯେତେବେଳେ ବିରାଡ଼ି ଦ୍ୱୟ ମଲ୍ଲ ଯୁଦ୍ଧ କରି ଗୋଟିଏ ପାଖକୁ ଗଡ଼ି ଗଲେ ଏପଟେ ଆକ୍ରମଣ ପାଇଁ ଅପେକ୍ଷା କରିଥିବା ବଳିଷ୍ଠ ଶ୍ୱାନ ମୁଖରୁ ହଠାତ୍ ବାହାରି ଆସୁଥିଲା ଭୟବ୍ୟାକୁଳିତ ଆର୍ତ୍ତ ଚିତ୍କାର । ଏହା ସହିତ ପଶ୍ଚାତ୍‌ଭାଗକୁ ଶୂନ୍ୟ ମାର୍ଗରେ ଲମ୍ଫ ପ୍ରଦାନ କରୁଥିଲେ। ଯୁଦ୍ଧର ପରିଣତି ବିଷୟରେ କିଛି ଜଣା ପଡୁ ନ ଥିଲା । ଉଭୟ ପକ୍ଷ ଆକ୍ରମଣ ପ୍ରତିଆକ୍ରମଣରେ ଶରୀରକୁ କ୍ଷତବିକ୍ଷତ କରି ଯୁଦ୍ଧ ଭୂମିରେ ରକ୍ତର ପ୍ଳାବନ ସୃଷ୍ଟି କରୁଥିଲେ। ଲୋକାରଣ୍ୟ ବଢ଼ିବାରେ ଲାଗିଥିଲା । ଟ୍ରାଫିକ ସମସ୍ୟା ଉତ୍କଟ ହେବାରୁ ପୋଲିସ ଦମକଳ ବାହିନୀ ସହିତ ରଣକ୍ଷେତ୍ରରେ ପହଞ୍ଚିଲେ । ଟ୍ରାଫିକ ସମସ୍ୟା ପାଇଁ ଲୋକମାନଙ୍କ ଉପରେ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଥିଲା। ଏହା ସହିତ ଯୁଦ୍ଧରତ ବିରାଡ଼ିଙ୍କ ଉପରେ ଦମକଳ ବାହୀନି ସହାୟତାରେ ଜଳ ବର୍ଷା କରାଯାଇଥିଲା । ପାଣିରେ ଓଦା ହୋଇ ମଧ୍ୟ ବେଶ କିଛି ସମୟ ଧରି ଯୁଦ୍ଧ କରୁଥିଲେ ସେମାନେ । ଜନୈକ ପୋଲିସ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଉଚ୍ଚ ସ୍ୱରରେ ବିକଟାଳ ଶବ୍ଦ କରି ସାବଧାନ କହିବାର ଶବ୍ଦ ଏତେ ପାଖରୁ ଶୁଣି ଦୁହେଁ ହଡ଼ବଡ଼େଇ ଯାଇ ଉଭୟେ ଉଭୟଙ୍କ ବିପରୀତ ଦିଗକୁ ଡିଆଁ ମାରି ପଳାୟନ କଲେ । ପରବର୍ତ୍ତୀ ଦିନ ଏହି ସମସ୍ୟା ପାଇଁ ବିରାଡ଼ି ବିଶେଷଜ୍ଞ ଓ ପୋଲିସକୁ ନେଇ ଏକ କମିଶନ୍ ଗଠନ କରାଯାଇଥିଲା । ସେହି ତଦନ୍ତ

ISSN NO.
2582-208X

କମିଶନ ତାଙ୍କ ରିପୋର୍ଟରେ ଯାହା ଉଲ୍ଲେଖ କରିଥିଲେ ପାଠକଙ୍କ ଅବଗତି ନିମନ୍ତେ ତାହାର ଅବିକଳ ନକଲ ନିମ୍ନ ରେ ଉପସ୍ଥାପନ କରାଗଲା ।

"ଆମ୍ଭେ ତଦନ୍ତ କରିବା ଦ୍ୱାରା ଏହା ଅବଗତ ହେଲୁ ଯେ, ଛକ ନିକଟରେ ଥିବା ମେହେର ହୋଟେଲରେ ସେଦିନ ମାଛ ଛଣା ଯାଇଥିଲା। ମାଛ ଛଣା ସରିବା ପରେ ଦୋକାନୀ ଗୁଡ଼ାଖୁ କରିବା ପାଇଁ କିଛି ସମୟ ବାହାରକୁ ଯାଇଥିଲେ । ଏହି ସମୟରେ ଗୋଟିଏ ବିରାଡ଼ି ଖଣ୍ଡିଏ ମାଛମୁଣ୍ଡ ଚୋରି କରି ନେଇ ଛକର ଗୋଟିଏ ନିଭୃତ ସ୍ଥାନରେ ଭୋଜନ ପାଇଁ ଉଦ୍ୟତ ହୁଅନ୍ତେ ଅନ୍ୟ ଏକ ବିରାଡ଼ି ତା'ଉପରକୁ ତଡ଼ିତ ବେଗରେ ଲମ୍ଫ ପ୍ରଦାନ କରି ମାଛ ଖଣ୍ଡିକ ଅପହରଣ କରିନେଲା । ମାଛ ଚୋରି ସମୟରେ ପାଟିରୁ ଲାଳ ଗଡ଼ି ଯେଉଁ ଆନନ୍ଦ ସୃଷ୍ଟି ହୋଇଥିଲା କିଛି କ୍ଷଣ ମଧ୍ୟରେ ତାହା ଭୀଷଣ କ୍ରୋଧରେ ରୂପାନ୍ତରିତ ହେଲା। ଫଳ ସ୍ୱରୂପ ମରଣାନ୍ତକ ଆକ୍ରମଣ ପ୍ରତିଆକ୍ରମଣରେ ଛକ ରୂପକ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ଦୁଇ ଭୁଆ ବିରାଡ଼ି । କ୍ରୋଧର ସୀମା ଅତିକ୍ରମ କରିଥିବାରୁ ସେ ସମୟରେ କାହାକୁ ଭ୍ରୂକ୍ଷେପ କରୁ ନ ଥିଲେ । ସେଥିପାଇଁ ସେଦିନ ଜନତାଜନାର୍ଦ୍ଦନ ଏପରି ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।"

ସରକାରଙ୍କୁ ପରାମର୍ଶ, "ମେହେର ହୋଟେଲ ଲେନରେ ଆଇଁଷପ୍ରିୟ ବିରାଡ଼ିମାନଙ୍କର ଦୌରାତ୍ମ ବୃଦ୍ଧି ପାଉଥିବାରୁ ସେହି ଅଞ୍ଚଳର ସମସ୍ତ ହୋଟେଲ ଏବଂ ଜନସାଧାରଣଙ୍କର ଆଇଁଷ ବ୍ୟବହାର ଉପରେ କଟକଣା ଲାଗୁ କରାଯାଉ । ଅନ୍ତତଃ ପକ୍ଷେ ବିରାଡ଼ିମାନଙ୍କର ଦୌରାତ୍ମ ଉପରେ ସଫଳ ପ୍ରତିରୋଧର ପନ୍ଥା ନ ବାହାରିବା ପର୍ଯ୍ୟନ୍ତ।"

ନୂଆଁ ବରଙ୍ଗାମାଲ, ଯୁଯୋମୁରା,
ସମ୍ବଲପୁର - ୭୬୮୧୧୨,
ଦୂରଭାଷ-୯୯୩୭୩୯୬୭୬୮
ମେଲ panda.pradipkumar75@gmail.com

ISSN NO.
2582-208X

# ଭଗାରୀ

ଅପର୍ତ୍ତି ସେଠୀ

(ରମ୍ୟ ରଚନା)

ନିଶାପ ବସିଛି ଗାଁ ଚାନ୍ଦିନୀରେ
ଜମିଛି ଲୋକଙ୍କ ଭିଡ଼,
ଭାଇ ଭାଇ ମଧ୍ୟେ ଲାଗିଛି ଝଗଡ଼ା
ଭାଗବଣ୍ଟା ହୁଏ ଘର ।
ଦୁଇହଳ ବଳଦକୁ ପାଞ୍ଚମାଣେ
ସମ୍ପତ୍ତି ହୋଇଲା ବାଣ୍ଟ,
ଢ଼ିଙ୍କି ଚକି ଶୀଳ ବାକ୍ସ ଆଲମାରୀ
ଆବର ସିନ୍ଧୁକ ଖଟ ।
ଧାନ ଦଶମାଣ ଦୁଇଭାଇ ମଧ୍ୟେ
ଅଧାଅଧା ହୋଇଗଲା,
ମାଆ ବୁଢ଼ିଟାକୁ କେମିତି ବାଣ୍ଟିବେ
ସେ କଥା ପୁଣି ଉଠିଲା ।
ତିରିଶ ଦିନିଆ ମାସଗୁଡାକରେ
ବୁଢ଼ିବାଣ୍ଟ ହୋଇଗଲା,
ଯେଉଁ ମାସ ଏକ ତିରିଶ ପଡ଼ିବ
ସେଇଠି କଥା ରହିଲା ।
ଭଦ୍ରଲୋକ ଯାହା ସମାଧାନ କଲେ
ବଳିଲା ଲଣ୍ଠନଟିଏ,
ସାମାନ୍ୟ ଲଣ୍ଠନ ପାଇଁ ସେଠି ପୁଣି
କଥା କଟାକଟି ହୁଏ ।

କଥା ବଢ଼ିଗଲା ବାଡାପିଟା ହେଲା
ମୁଣ୍ଡ ଫଟାଫଟି ହେଲା,
ଗାଁ ର ନିଶାପ ଥାନା ପୁଲିସରେ
ପୁଣି ଯାଇ ପହଞ୍ଚିଲା ।
ଏଇତ ଦୁନିଆଁ ସ୍ୱାର୍ଥ ଦିଆ ନିଆ
ସାମାନ୍ୟ ସମ୍ପତ୍ତି ପାଇଁ,
ଭାଇ ତଣ୍ଟି ଭାଇ କାଟୁଅଛି ଏଠି
ଅବଶ୍ୟ ଭଗାରୀ ହୋଇ ।
ବିନାଯୁଦ୍ଧେ ସୂଚୀ ଅଗ୍ରେ ମେଦିନୀ ମୁଁ
କେବେହେଲେ ଦେବିନାହିଁ,
ମହାଭାରତର କଥା ଏହା ସତ
ଭଗାରୀ ସାଜୁଛି ଭାଇ ।
ସବୁ କ୍ଷେତ୍ରେ ଏଠି ଭଗାରୀଙ୍କ ଭିଡ଼
କେ ଶିରୀ କାର ଦେଖୁନି,
ଜଣେ ପ୍ରବଚକ ଅନ୍ୟ ବକ୍ତାଟିର
କଥାକୁ ସହି ପାରୁନି ।
କାରୀଗରଟିଏ କାରୀଗର ପାଇଁ
ଭଗାରୀ ଭାବ ରଖୁଛି ।
ଗୋଟେ ଏରିଆରେ ଷଣ୍ଢଟିଏ ଯେବେ
ଅନ୍ୟ ଷଣ୍ଢଟିଏ ଦେଖେ,

ISSN NO.
2582-208X

ଭଗାରୀ ପଣରେ ଏ ଷଣ୍ଢ ଲଢେଇ
ଦେଖ ଭାଇ ନିଜ ନେତ୍ରେ ।
ପାଲା ଗାୟକଙ୍କ ଭଳି ଦେଖ ଏଠି
ଭଗାରୀ ଭାବ ଉଠୁଛି,
ଜାତିଆଗେ ହାତୀ ଯାଇ ତ ପାରେନା
ସ୍ୱଜାତି ପର ହିଂସୁକ,
କବି ସମାଜରେ ଭଗାରୀ ଶବ୍ଦଟା
ବେଶୀ ହୁଏ ଅନୁଭୂତ ।
ଜଣେ ଯେବେ ଏଠି ପ୍ରଶଂସା ପାଉଛି
ଅନ୍ୟ ଦେହେ ଯାଉନାହିଁ,
ପ୍ରେମ ପାଇଁ କିଏ ଭଗାରୀ ସାଜୁଛି
କାମନା ପୂରଣ ପାଇଁ ।
ପଡୋଶୀଟି ଯଦି ଆଗେଇ ଯାଉଛି
ପଡୋଶୀ ଟାଣୁଛି ଗୋଡ,
ଠିକ୍ ଯେମିତି ଖାଳେଇ ଭିତରେ
କଙ୍କଡ଼ାମାନଙ୍କ ଭିଡ଼ ।
ନେତାଟିଏ ଏଠି ନେତାର ଭଗାରୀ
ନାରୀଟିଏ ନାରୀଟିର,
ପ୍ରେମିକାଟି ଏଠି ଭଗାରୀ ହୋଇକି
ଭାଙ୍ଗୁଛି ସୁନା ସଂସାର ।
ଭାଇ ଶବ୍ଦ ମାନେ ସମ୍ପର୍କର ଉତ୍ସ
ଯେଉଁଠି ମାୟା ରହେନା,
ଭାଇ ଶବ୍ଦ ସଙ୍ଗେ ଭଗାରୀ ଶବ୍ଦଟି
ଯୋଡିଲେ ଶୋଭା ପାଏନା ।

ଯେତେ ଭାଇ ସେତେ ଘର କୁହାଯାଏ
ସେତେ କନ୍ୟା ସେତେବର,
ଆଜିକା ବେଳରେ ଲୋକେ ଭାବୁଛନ୍ତି
ଏହାକୁ ବେଦର ଗାର ।
ଭାଇ କେବେ ଭାଇ ଭଗାରୀଟି ନୁହେଁ
ଗୋଟିଏ ରକ୍ତ ସ୍ୱାକ୍ଷର,
ଗାଈ କ୍ଷୀର ପାଇଁ ଭାଇ ଯୁଦ୍ଧ ପାଇଁ
କହନ୍ତି ପୁରୁଖା ନର ।
ପଞ୍ଚୁପାଣ୍ଡବଠୁଁ ଶ୍ରୀରାମ ଭରତ
ଯେଉଁ ଶିକ୍ଷା ଦେଇଛନ୍ତି,
ଭାଇ ଆଜି କିନ୍ତୁ ଏସବୁ ଭୁଲୁଛି
ଭଗାରୀ ହୋଇଯାଉଛି ।
ଭଗାରୀ ଶବ୍ଦକୁ ଦେଇ ଅପସରି
ଯଦି କୋଳାକୋଳି ହେବା,
ସଂସାରେ ସଦ୍ଭାବ ସ୍ଥାପନ ହୋଇବ
ସୁଖରେ ଦିନ କାଟିବା ।

ପାଳକଣା, କୋଟ୍ରେ,
କେନ୍ଦ୍ରାପଡ଼ା ମୋ – ୭୮୯୪୩୯୮୫୦୦

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ-୧୩

ପରଦିନ ପ୍ରଭାତଟା ବେଶି ଦୁଃଖଦାୟକ ଓ ବିଳମ୍ବରେ ଆସିଥିଲା ଭଳି ମନେ ହେଲା ସତ୍ୟକୁ। ନିତ୍ୟକର୍ମ ସାରି ବାହାରିଲା ପ୍ରଶିକ୍ଷଣ ଅଭିମୁଖେ। ମାଳତିର ଆଜି ଦେଖା ହେବ କି ନାହିଁ ଏଇ ଚିନ୍ତା। ଭାବିଲା, "ନିଶ୍ଚୟ ସେ ମାଠିଆ କି ବାଲଟି ଧରି ନଳକୂପ ଆସିଥିବ। ମୁଁ ବସଷ୍ଟାଣ୍ଡରେ ତା'କୁ ଦେଖିବି। ଆଖିର ଇଙ୍ଗିତ କରି ପଚାରିବି କେମିତି ଅଛ ବୋଲି। ଜନଗହଳି ଭିତରେ ସେ ମୋତେ ନଦେଖିଲା ଭଳି ଚାହିଁ ସ୍ମିତହାସ୍ୟ ପ୍ରକାଶ କରିଦେବ। ପାଖରେ ଥିବା ଲୋକମାନେ ଆମ ଦୁହିଁଙ୍କ କଥା ଜାଣିବା ଭୟରେ ସେ ଇସାରା କରିବ। ଅନ୍ୟ ଏକ ସାଙ୍ଗର ଆଢୁଆଳରେ ରହି ନିରେଖି ଚାହୁଁଥିବ । ବସରେ ବସିବା ବେଳେ ହାତ ହଲାଇ ତା' ଠାରୁ ବିଦାୟ ନେବି। ସେ ଲୋକଲଜ୍ଜା ଭୟରେ ହାତ ତ ଉଠାଇବ ନାହିଁ ହେଲେ ମନେ ମନେ ବିଦାୟ ଦେଇ ଚାହିଁ ରହିବ ବସକୁ। ଝରକା ଦେଇ ଥରେ ତା'କୁ ଚାହିଁ ବିଦାୟ ନେବି। ଖୁସିରେ ଖୁସିରେ ଯିବି ପ୍ରଶିକ୍ଷଣକୁ।" ଏମିତି ଅନେକ କଥା ଭାବି ବେଗ ଧରି ବାହାରିଲା ସତ୍ୟ। ବସଷ୍ଟାଣ୍ଡରେ ଯାଇ ଉଭୟ ବସ ଓ ମାଳତିର ଅପେକ୍ଷାରେ ରହିଲା। ବେଳେ ବେଳେ ନଳକୂପ,ମାଳତିର ଘର ପଟେ ବ୍ୟାକୁଳ ଚିତ୍ତେ ଚାହୁଁଥିଲା। ଏପଟେ ବସର ପ୍ରତୀକ୍ଷାରେ ବାରମ୍ବାର ହାତଘଣ୍ଟାକୁ ଦେଖୁଥିଲା। କିନ୍ତୁ ମାଳତିର ଦେଖା ନାହିଁ।

ISSN NO.
2582-208X

ମାଳତିର ସ୍ମୃତିକୁ ନେଇ ସତ୍ୟ ଚାଲିଗଲା ତାଲିମ୍ ଶିବିରକୁ। ଦୁଇ ଦିନ ବେଶି ମନେ ପଡିଲା ମାଳତି। ଧୀରେ ଧୀରେ ଏଥିରୁ ନିଜକୁ ନିୟନ୍ତ୍ରଣ କରିନେଇ ସାଙ୍ଗ ମେଳରେ ଦିନ ବିତାଇଲା। କେବେକେବେ ସ୍ମୃତି ଚାରଣ ପୂର୍ବକ ଦୁଃଖରେ ଭାଙ୍ଗିପଡିଲେ ନିଜକୁ ନିଜେ କହୁଥିଲା, "ଦୁଃଖ କରି ଲାଭ ନାହିଁ। ବୋଧହୁଏ ମାଳତି ସହିତ ମୋର ଏତିକି ଦିନ ହିଁ ବିତାଇବାର ଥିଲା। ତେଣୁ ଅଯଥାରେ ତା' ପାଇଁ ଦୁଃଖ କରି ମୋର ପ୍ରଶିକ୍ଷଣକୁ ଅସଫଳ କରିବା ଠିକ୍ ହେବ ନାହିଁ। ଦୁଃଖ କଲେ ସେ ଯଦି ମନ୍ତ୍ର ବଳରେ ମୋ ସମ୍ମୁଖରେ ଉପସ୍ଥିତ ହୋଇ ଯାଆନ୍ତା କିମ୍ବା ଦିବ୍ୟ ଦୃଷ୍ଟିରେ ତା'କୁ ଦର୍ଶନ କରି ପାରନ୍ତି ତେବେ ତାହା ଭିନ୍ନ କଥା। କ'ଣ ଆଉ କରିବି! କପାଳ ଲିଖନକୁ କିଏ ବା ବଦଳାଇ ଦେବ? ଯଦି ମୋ ଭାଗ୍ୟରେ ଯନ୍ତ୍ରଣା ହିଁ ଲେଖା ଅଛି ତେବେ ଏହା ନିଶ୍ଚିତ ଅଟେ। ଯେତେ ପୂଜାପାଠ କି ହୋମଯଜ୍ଞ କଲେ ମଧ୍ୟ ଭାଗ୍ୟ ରେଖା ପରିବର୍ତ୍ତନ ହେବ ନାହିଁ। ହେଇପାରେ ତାହା ସୁକର୍ମ। ପୁନଶ୍ଚ ମୁଁ ତ ସ୍ୱୟଂ ବ୍ରହ୍ମା ନୁହେଁ ଯେ ମୋ ହସ୍ତରେଖାକୁ ନିମିଷକେ ବଦଳାଇ ଦେବି। ଯାହା ହେବାର ଅଛି ହେଉ।" କୁହାଯାଏ "ନୈରାଶ୍ୟ ମୂର୍ଖମାନଙ୍କ ସିଦ୍ଧାନ୍ତ ଅଟେ।" ଆଜି ସତ୍ୟର ସେଇ ଅବସ୍ଥା।

କୌଣସି ମତେ ତାଲିମ ଶିବିରର ଅର୍ଦ୍ଧେକ ଦିନ ଅତିକ୍ରାନ୍ତ ହେଲା। ଦୁଇ ଦିନର ଛୁଟି ନେଇ ଘରକୁ ଫେରି ଆସିଲା ସତ୍ୟ। ମାଳତିକୁ ତ ମନରୁ ଭୁଲି ନଥିଲା। ମନେ ପଡ଼ିଲା ମାଳତି, ମନେ ପଡିଲା ତା' ସହିତ ବିତେଇଥିବା ପ୍ରତିଟି ମୁହୂର୍ତ୍ତ। ତା'ର ହସ, ରାଗ, ଅଭିମାନ ମାନସ ପଟରେ ଉଙ୍କି ଆସିଲା। ହସି ଦେଇ ସଲାଜରେ ମୁହଁ ପୋତିଦେବା ଦୃଶ୍ୟ ମନେ ପଡିଲା। ମନେ ପଡ଼ିଲା ପ୍ରଶିକ୍ଷଣ ପାଇଁ ଆସିବା ବେଳେ ତା' ସହ ଦେଖା ନହେବାର ଦିନ। ଭାବିଲା, "ତା'କୁ ଛାଡିଯିବା ଅଭିମାନରେ ଦେଖା କରିନି ବୋଧେ। ସତ କଥା, କିଏ କେବେ ନିଜର ପ୍ରିୟପାତ୍ରକୁ ଏମିତି ହଠାତ୍ ଛାଡି ଚାଲିଯାଏ କି? ଛାଡିବା ଉଚିତ୍ ନଥିଲା। କିନ୍ତୁ ପ୍ରଶିକ୍ଷଣ ତ ଅନିବାର୍ଯ୍ୟ, ବାଧ୍ୟତାମୂଳକ,ଯେମିତି ବି ଯିବାକୁ ହେବ। ତେବେ ପ୍ରଥମେ ସେ ମାଳତି ନିକଟକୁ ଯାଇ କ୍ଷମା ମାଗିବ। କାନ ଧରିବ, ଭୁଲ ପାଇଁ ସମୁଚିତ ଦଣ୍ଡ ଦେବାକୁ

ISSN NO.
2582-208X

ଅନୁରୋଧ କରିବ। ପୁଣି କହିବ କଦାପି ଏପରି ଭୁଲ ଆଉ କରିବ ନାହିଁ । ଏଥର କ୍ଷମା କରିଦିଅ।" ଅନେକ କିଛି ଭାବିଗଲା ସତ୍ୟ।

ଦୀର୍ଘ ଦିନର ଅନୁପସ୍ଥିତିରେ ମାଳତି କେମିତି ଥିବ ଦେଖିବା ପାଇଁ ସତ୍ୟର ଭାରି ଇଚ୍ଛା ହେଲା। ମନରେ ଜାଗ୍ରତ ହେଲା ଅଶେଷ ଉତ୍କଣ୍ଠା। ନାଚି ଉଠିଲା ଅଜଣା ଆନନ୍ଦରେ। ଭାବିଲା, "ମାଳତି ଏବେ ଝଡି ଯାଇଥିବ କି ମୋଟି ହେଇ ଯାଇଥିବ!  ଛାୟା ତଳେ ସର୍ବଦା ରହିଥିବା ଶରୀରର ରଙ୍ଗ ଟିକିଏ ଗୋରା ହୋଇଥିବ କି ପ୍ରଚଣ୍ଡ ରୌଦ୍ର ତାପରେ କାମ କରି କରି କଳା ପଡି ଯାଇଥିବ! ମୋତେ ଦେଖିଲେ ବହୁତ ଖୁସି ହେବ କି ଲାଜେଇ ଯିବ! କେବେ ଆସିଲ, କେମିତି ଅଛ,ସବୁ ଠିକ୍ ତ ବୋଲି ପଚାରିବ ନା? " ଏମିତି ଅସଂଖ୍ୟ ଦ୍ୱନ୍ଦାତ୍ମକ ପ୍ରଶ୍ନ ସତ୍ୟର ମନରେ ଉଙ୍କି ମାରୁଥିଲା। ଶଙ୍କା ସନ୍ଦେହ ଭିତରେ ଗତି କରୁଥିଲା ସିଏ। ଭେଟିବା ପାଇଁ ଗଲା ତା'ର ମନର ମାନସୀ ମାଳତିକୁ।

ସାଙ୍ଗଜଣକ ସହିତ ମାଳତିର ଘର ଅଭିମୁଖେ ଗଲେ ମଧ୍ୟାହ୍ନରେ। ମନରେ ଥିଲା ଅନେକ ଆଶା, ଆକାଂକ୍ଷା, ସ୍ୱପ୍ନ, ବ୍ୟଗ୍ରତା। ନିକଟସ୍ଥ ନବ ନିର୍ମିତ ଗୃହର ଗବାକ୍ଷରୁ ଦୃଷ୍ଟି ନିକ୍ଷେପ କଲା ବାହାରକୁ। ନିଦାଘର ଜନ ଶୂନ୍ୟ ରାସ୍ତା ନିସ୍ତବ୍ଧ ଜଣା ପଡୁଥିଲା। କେବଳ ବହୁଥିଲା ଝାଞ୍ଜି ପବନ। ଏହି ସମୟରେ ମାଳତି ନାରଙ୍ଗୀ ରଙ୍ଗର ଶାଢ଼ୀଟି ପରିଧାନ କରି ଘରୁ ବାହାରିଲା। ମରାଳ ଗାମିନୀ ଅଗ୍ରସର ହେଉ ହେଉ ଡାହାଣ ହସ୍ତରେ ଅମାନିଆ ଅଞ୍ଚଳଟିକୁ ଧରି ବାମ କାନ୍ଧରେ ପକାଉଥିଲା। ସେ ଶାଢୀର ପଣତକୁ କାନ୍ଧରେ ପକାଇ ଡାହାଣ ହାତକୁ ନେଇ ଆସିଲା ପୂର୍ବ ସ୍ଥାନକୁ। ମାତ୍ର ରସିକ ପବନଟା ପଣତକୁ ଉଡେଇ ନେଲା ବାମ କାନ୍ଧରେ ପଡିବା ଆଗରୁ। ଯ'ଦ୍ୱାରା ସାହେଦ୍ରୀ ଓ ମହେନ୍ଦ୍ର ପର୍ବତ ଭଳି ପ୍ରତୀୟମାନ ହେଲା ତା'ର ବକ୍ଷଦେଶ। ଠିକ୍ ଏତିକି ବେଳେ ଦୁର୍ଯୋଗକୁ ସତ୍ୟବ୍ୟତର ନୟନ ଯାଇ ପଡିଲା ମାଳତିର ନେତ୍ର ଯୁଗଳରେ। ବିଚାରୀ,ବକ୍ଷ ଦ୍ୱୟରେ ହସ୍ତ ଆବରଣ ପକାଇ ସଲାଜେ ଦୌଡି ଚାଲିଗଲା ଆଗକୁ।

ISSN NO.
2582-208X

ଅପରାହ୍ନ ତିନିଟା ବେଳେ ପୁନର୍ବାର ଦେଖା ହେଲା ମାଳତି ସହିତ। ସାଥୀ ପରିତ୍ୟକ୍ତା ବିରହୀ ହୃଦୟ ତା'କୁ ଦେଖି ତରଳି ଗଲା। ହର୍ଷୋଲାଷେ ପୁରି ଉଠିଲା ମନଟି। ତା'ର ମାଧୁର୍ଯ୍ୟ କଥା ଆଉ କୋମଳ ହସ୍ତ ସ୍ପର୍ଶରେ ଖେଳିଗଲା ଶରୀରରେ କମ୍ପନ। ଦୁହେଁ କଥାବାର୍ତ୍ତା କରୁ କରୁ ପଚାରି ଦେଲା ସତ୍ୟ, " ଆଚ୍ଛା ତୁମର କ'ଣ ଆଜି ହିଁ ଦେଖାଇବାର ଥିଲା ---- ?" ସରଳା ମାଳତି ଅର୍ଥହୀନ ଅସମ୍ପୂର୍ଣ୍ଣ ଧାଡିଟି ସତ୍ୟ ଠାରୁ ଶୁଣି ବୁଝି ପାରିଲା ନାହିଁ। କଥାର ଦିଗ ବଦଳାଇ ସତ୍ୟ କହିଲା, "ପବନ ମଧ୍ୟ ସତେ କେଡେ ରସିକ! ମୋ ସମ୍ମୁଖରେ ତୁମକୁ ଅପହରଣ କରି ନେବାର ଦୁଃସାହସ ତା'ର କିଛି କମ୍ ନୁହେଁ। ବୋଧହୁଏ ସେ ତୁମ ବକ୍ଷରେ ଥରେ ଆଲିଙ୍ଗନ ହେବାକୁ ଚାହୁଁଥିଲା। ସେଥିପାଇଁ ସେ ଟାଣି ନେଲା ତୁମର ପଣତ। ଏ, ତୁମେ ତ ସେହି ଅସଜଡା ପୋଷାକରେ ମଧ୍ୟ ବେଶି ଭଲ ଦିଶୁଥିଲ। ମୋତେ ଲାଗୁଥିଲା ----।" ଏତକ କହି ମାଳତିର ଡାହାଣ କାନ୍ଧରେ ବାମ ହାତ ରଖି ଅତି ନିକଟ ହେଲା ସତ୍ୟ। ଆଲିଙ୍ଗନ ପୂର୍ବକ ତା'ରି ଭିତରେ ନିଜକୁ ହଜେଇ ଦେଲା। କିଛି କ୍ଷଣ ପରେ ପ୍ରକୃତିସ୍ଥ ହୋଇ ଦେଖେ ତ ପାଚେରୀର ଆର ପାରୀରେ ପଡିଥିବା ଘନକୃଷ୍ଣ ସର୍ପିଲ ପଥ ଦେଇ ଲୋକେ ଯିବା ଆସିବା କରୁଛନ୍ତି। ମାଳତି ଧୀର କଣ୍ଠରେ କହିଲା,"ଏବେ ଛାଡ, ମୁଁ ପୁଣି ଆସିବି। ଡେରି ହେଲେ ଘରେ କହିବେ ଯେ ପାଣି ଆଣିବାକୁ ଯାଇ ଏତେ ଡେରି! " ପ୍ରିୟତମାର ବିନମ୍ର ଅନୁରୋଧକୁ ରକ୍ଷା କରି ତା'କୁ ବାହୁ ବନ୍ଧନରୁ ମୁକ୍ତ କରିଦେଲା। ସଲାଜରେ ସଂକ୍ଷିପ୍ତ ହସଟି ଫୁଟାଇ ନିଜ ନିଜ ଲକ୍ଷ୍ୟ ପଥରେ ଫେରିଗଲେ ଦୁହେଁ।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# କ୍ରାନ୍ତି



ଅଜିତ ପାଢ଼ି

ଶିକ୍ଷକ ଦିବସେ କ୍ରାନ୍ତିର ଡାକରା
ଲେଖନ୍ତି ସେ ରାଷ୍ଟ୍ରହିତେ
କୋରା କାଗଜରେ ନରେନ୍ଦ୍ର ବାରତା
ଶୁଭେତ ବିଶ୍ୱଜଗତେ । ୧)
ବ୍ରହ୍ମାଣ୍ଡ ଭିତରେ ଓ ଶାନ୍ତିର ସ୍ୱର
ଦିଅନ୍ତି ସେ ଆଜି କ୍ରାନ୍ତି
ପିଣ୍ଡ ବ୍ରହ୍ମାଣ୍ଡ ତ ଭୀତତ୍ରସ୍ତ ଆଜି
ନକର ତୁମେ ବିଭ୍ରାନ୍ତି ।୨।
କୁହୁଡି ପରାୟେ କରୋନାର ମାୟା
ଜଗତେ ଦିଏ ଅଶାନ୍ତି
ସଚେତନ ମନେ ଦୂର ବ୍ୟବଧାନେ
ଭରିଦିଅ ଜନେ କ୍ରାନ୍ତି ।୩।
କ୍ରାନ୍ତି ଡାକରାରେ ଶ୍ରୀରାମ ମନ୍ଦିର
କରିଛ ତୁମେ ନିର୍ମାଣ
ଜାତି ଧର୍ମ ଗୋତ୍ର ନିରପେକ୍ଷ ରଖି
ରାମଙ୍କୁ କର ସ୍ମରଣ ।୪।

ଚାଇନା ଦରବ ପରିତ୍ୟାଗ କରି
ମନେ ଭରିଦିଅ କ୍ରାନ୍ତି
ଚାଇନା ହଟିବ କରୋନା ମରିବ
ଆସିଯିବ ଓଁ ଶାନ୍ତି ।୫।
ଗୁରୁବ୍ରହ୍ମ ନାମେ ଉତ୍କଳ ବାରତା
ନବୀନ ସ୍ମରନ୍ତି ହିତେ
କୋରାକାଗଜରେ ନରେନ୍ଦ୍ର ବାରତା
ଶୁଭେତ ବିଶ୍ୱ ଜଗତେ ।
ଶିକ୍ଷକ ଦିବସେ କ୍ରାନ୍ତିର ଡାକରା
ଲେଖନ୍ତି ସେ ରାଷ୍ଟ୍ର ହିତେ ।

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

ISSN NO.
2582-208X

# କର୍ତ୍ତବ୍ୟ



ଦୁଷ୍ମନ୍ତ ବେହେରା

କର୍ତ୍ତବ୍ୟ ଭିତରେ ହଜି ମୁଁ ଯାଉଛି
କର୍ତ୍ତବ୍ୟ ଦୁଃଖ ଧରି
ଦୁଃଖ ଦେଖେଇବି କି ସୁଖ ଦେଖେଇବି
ଦେଖେଇବି ଜୀବନ କୁ

ଜୀବନ ଜ୍ୟୋସ୍ନା ରେ ଭିଜେଇ ଦଉଛି
ମୋ ଦେହ ଶରୀର କୁ
ଜୀବନ କର୍ତ୍ତବ୍ୟ ଲୁହରେ ଭିଜେଇ
ସ୍ୱପ୍ନ ଦୁନିଆ ମଝିରେ

କି ପେଡି ଦେଖେଇ ବା ବାନ୍ଧିବି
ଫିଟି ଯାଉଛି ମୋ କର୍ତ୍ତବ୍ୟ ଡୋରି
ପଡିଲା ବେଳକୁ କର୍ମ ଗୋଟେଇ
ଲୁହରେ ଭାସି ଯାଉଛି

କର୍ତ୍ତବ୍ୟ ଟିକକ ଶୁଆଇ ଦଉନି
ସ୍ୱପ୍ନ ଦେଖେଇ ନୂଆ
କର୍ମ ନିଷ୍ଠା ଟି ଆସିଲା ବେଳକୁ
ଅଳସ ଲାଗୁଛି ମୋ ଶରୀର

ଅଳସ ମନ ଟି ଧରି
ସଂସାରର କି କର୍ତ୍ତବ୍ୟ କରିବି
ସଂସାର ଭାସୁଛି ମୋ ଆଖି ଆଗରେ
ଛାଣିଲା ବେଳକୁ ଅଳସ ଲାଗୁଛି

କର୍ମକରିନାହିଁ ବୋଲି କର୍ମଠହୋଇଲି
ସଂସାର ରେ ପାଉଛି ଦୁଃଖ
ସଭିଏ କହିଲେ ଅଳସୁଆ ଟିଏ
ଜୀବନେ ପାଇବ ଦୁଃଖ

ଗ୍ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ପଲ୍ଲୀର ସୁରଭି
# "ସିଲି"



ରାମ ଚନ୍ଦ୍ର ପ୍ରଧାନ

ବୟସ ମାତ୍ର ପନ୍ଦର । ହେଲେ ପ୍ରତିଭା ଆଶା ଠୁ ଅଧିକା । ପ୍ରତିକୂଳ ପରିବେଶରେ ବି ତା'ର ପ୍ରତିଭାର ଚମକ କିଛି ଫିକା ପଡ଼ିନି । ପରିବାରର ଦୟନୀୟ ଆର୍ଥିକ ପରିସ୍ଥିତି ଆଗରେ ହାର୍ ନ ମାନି ସେ ବଢ଼ିଛନ୍ତି ଆଗକୁ । ପାଠ ପଢ଼ା ହେଉ କି ଖେଳକୁଦ ହେଉଅବା ଗୀତ ଗାଇବା ହେଉ ସବୁଥିରେ ନିଜ ଦକ୍ଷତା ପ୍ରତିପାଦନ କରି ଆଖପାଖ ଅଂଚଳ ସମେତ ନିକଟସ୍ଥ ବିଦ୍ୟାଳୟଗୁଡିକରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ହେଉଛନ୍ତି ସିଲି ବିଶ୍ୱାଳ । ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ରାମଚନ୍ଦ୍ର ପୁର ଭଳି ଏକ ମଫସଲି ଗାଆଁରେ ତାଙ୍କ ଜନ୍ମ । ତାଙ୍କ ବାପାଙ୍କ ନାମ ସୁଗ୍ରୀବ ବିଶ୍ୱାଳ ଓ ମାତାଙ୍କ ନାମ ନମିତା ବିଶ୍ୱାଳ । ବର୍ତ୍ତମାନ ସେ ଆସିକା କଲେଜ ଛକ ସ୍ଥିତ ଟେକ୍ନିକାଲ ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନରତ । ପରିବାରର ଆର୍ଥିକ ସ୍ଥିତି ଜମାରୁ ଭଲ ନୁହଁ । ତେଣୁ ସେ ଓଡିଶା ସରକାରଙ୍କ ଜନ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଟେକ୍ନିକାଲ ହାଇସ୍କୁଲ ହରିଜନ ବାଳିକା ଛାତ୍ରବାସରେ ରହି ପାଠ ପଢୁଛନ୍ତି, ଯେଉଁଠି ଖାଇବା, ପିଇବା, ରହିବା ସବୁ ମାଗଣା । ବାପା ଗାଆଁରେ ଭାଗ ଚାଷ ସହ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲା ବେଳେ ମାଆ ସ୍ଥାନୀୟ ଅଂଚଳରେ ମୂଳପାତି କରି କଷ୍ଟେମଷ୍ଟେ ଘର ଚଳାନ୍ତି । ଏଭଳି ପରିସ୍ଥିତିରେ ମାଆ ନମିତା ଜମାରୁ ହାର୍ ମାନି ନାହାନ୍ତି । ସେ ଅନେକ କଷ୍ଟ ସହି ଝିଅ ସିଲିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶା ରଖିଛନ୍ତି ।

ପିଲାଟିବେଳୁ ଖେଳକୁଦ ପ୍ରତି ସିଲିଙ୍କ ରହିଛି ଅହେତୁକ ଆଗ୍ରହ । କ୍ରୀଡ଼ା କ୍ଷେତ୍ରରେ ବିଦ୍ୟାଳୟସ୍ତରୀୟ ହେଉ କି ପଂଚାୟତସ୍ତରୀୟ ହେଉ ସବୁଥିରେ ସିଲିଙ୍କ ସଫଳତା ତାଲିକା ବେଶ୍ ଲମ୍ବା । ଆଥଲେଟରେ ରୁଚି ରଖୁଥିବା ସିଲି କବାଡିରେ କିନ୍ତୁ ବେଶି ସଫଳତା ପାଇ

ISSN NO.
2582-208X

ପାରିଛନ୍ତି । ଟିଭିରୁ ପ୍ରୋ କବାଡି ଦେଖି କବାଡି ଖେଳ ପ୍ରତି ତାଙ୍କ ଆଗ୍ରହ ଜନ୍ମିଥିଲା । ଏଥିରେ ପୁଣି ଇନ୍ଧନ ଯୋଗାଇଥିଲା ଆସିକା କବାଡି ଆସୋସିଏସନ୍ । ତା ସାଙ୍ଗକୁ ଟେକ୍ନିକାଲ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ କୈଳାଶ ଗୌଡ଼ଙ୍କ ଆର୍ଥିକ ସହଯୋଗ ଆଉ ଉଚିତ ମାର୍ଗଦର୍ଶନରେ ଆଜି ସିଲି ସ୍ଥାନୀୟ ଅଞ୍ଚଳରେ ଜଣେ ପରିଚିତ କବାଡି ଖେଳାଳୀ । ଆସିକା କବାଡି ଆସୋସିଏସନ୍ ତରଫରୁ ସେ ବିଭିନ୍ନ କବାଡି ପ୍ରତିଯୋଗିତାରେ ଭାଗ ନେଇ ଢେର ସାରା ପ୍ରଶଂସା ସାଉଁଟିବା ସହ ଅନେକ ମେଡ଼ାଲ ହାତେଇ ପାରିଛନ୍ତି । ଯାହା ତାଙ୍କୁ କବାଡି ଖେଳିବା ପାଇଁ ଆହୁରି ଉତ୍ସାହିତ କରି ପାରିଛି । ଆଉ ସେବଠୁ ସେ ପଛକୁ ଫେରି ନାହାଁନ୍ତି ।

ସିଲିଙ୍କ ଏଇ ସଫଳତା ପଛରେ ଅନେକ ଲୋକଙ୍କ ପ୍ରେରଣାଦାୟୀ ହାତ ରହିଛି । ଏ କ୍ଷେତ୍ରରେ ବାଳିକା ଛାତ୍ରବାସର ଉପ ଅଧ୍ୟକ୍ଷା ଶ୍ରୀମତୀ ପ୍ରଜ୍ଞା ପାରମିତା ପଣ୍ଡା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ମହାପାତ୍ରଙ୍କ ବଳିଷ୍ଠ ପ୍ରେରଣାରେ ସେ ନିଜ ଖେଳକୁ ଖୁବ ଶାଣିତ ଆଉ ମଜବୁତ୍ କରିପାରିଛନ୍ତି । ଏହାଛଡ଼ା ଆସିକା କବାଡ଼ି ଆସୋସିଏସନର ବରିଷ୍ଠ ଖେଳାଳୀ ଲିଜା ପାତ୍ର, ବର୍ଷା ନାହାକ, ଦୀପାଞ୍ଜଳି ବେହେରା, ଅନିଲ୍ ସ୍ୱାଇଁ, ଦିଲ୍ଲୀପ ନାୟକ ଓ କାର୍ତ୍ତିକ ପଟ୍ଟନାୟକ ଠାରୁ ନିୟମିତ ତାଲିମ ପାଇ କବାଡ଼ି ଖେଳରେ ଆଶାତୀତ ସଫଳତା ପ୍ରାପ୍ତ କରିପାରିଛନ୍ତି । ସେ 2022 ଡିସେମ୍ବର 15 ତାରିଖରେ ଟେକ୍ନିକାଲ ହାଇସ୍କୁଲ, ଆସିକା ଠାରେ ଅନୁଷ୍ଠିତ ବ୍ଲକ୍ ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରି ଟେକ୍ନିକାଲ ହାଇସ୍କୁଲକୁ ଚମ୍ପିୟାନ କରାଇବା ସହ ଜୋନ୍ ସ୍ତରରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ତାପରେ ଡ଼ିସେମ୍ବର 17 ରୁ 20 ମଧ୍ୟରେ ଅନୁଷ୍ଠିତ ଜୋନ୍ ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଆସିକା ବ୍ଲକ ତରଫରୁ ଉନ୍ନତ ଖେଳ ପ୍ରଦର୍ଶନ କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ । ଏତିକିରେ ତାଙ୍କ ସଫଳତା ଯାତ୍ରା ସରି ନ ଥିଲା । ସେ ପୁଣି 2023 ଜାନୁଆରୀ ୫ ତାରିଖରେ ଛତ୍ରପୁର ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ମନୋନୟନକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଇ ସଫଳତା ପାଇଁ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ବିନିତା ସେନାପତି ଛାତ୍ରପୁର ଅନଶ୍ଲୋ ଠାରେ ସିଲିଙ୍କୁ ଫୁଲ ତୋଡ଼ା ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଫଳ ସ୍ୱରୂପ ସିଲିଙ୍କୁ ନିଜ ଉନ୍ନତ ଖେଳ ପାଇଁ କବାଡ଼ିରେ ରାଜ୍ୟ ସ୍ତରକୁ ଚୟନ କରାଯାଇଥିଲା । ଯେଉଁଥି ପାଇଁ ସେ ଜୋରଶୋର ଅଭ୍ୟାସ ଆରମ୍ଭ କରି ଦେଇଥିଲେ । ଏହି ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳି ଯାଇଥିଲା । ଯାହା ପାଇଁ ସିଲିଙ୍କୁ ଆସିକା କବାଡ଼ି ଆସୋସିଏସନ୍ ତରଫରୁ ବରିଷ୍ଠ

ISSN NO.
2582-208X

ଆଇନଜୀବି ଦିଲୀପ କୁମାର ପାଣିଗ୍ରାହୀ ମହୋଦୟ ସମ୍ମାନିତ କରିଥିଲେ । ଏତଦ ବ୍ୟତୀତ ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଢେଙ୍କାନାଳ କାମାକ୍ଷ ନଗର ସ୍ଥିତ ଏସ୍. ଡ଼ି ହାଇସ୍କୁଲ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସ୍କୁଲସ କବାଡ଼ି ଚମ୍ପିୟାନ 2022-23 ରେ ଉନ୍ନତ ଖେଳ ପ୍ରଦର୍ଶନ କରି ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପୁଣି ଓଡିଶା କବାଡ଼ି ଆସୋସିଏସନ୍ ତରଫରୁ 17 ବର୍ଷରୁ କମ୍ ବାଳିକା ବିଭାଗରେ ମନୋନୀତ ହୋଇ ଝାଡଖଣ୍ଡର ବୁକାରେ ଷ୍ଟିଲପ୍ଲାଣ୍ଟ ଷ୍ଟାଡିଅମରେ ଖେଳି କ୍ୱାଟର ଫାଇନାଲରେ ପରାଜୟ ବରଣ କରିଥିଲେ । ହେଲେ ସଭିଙ୍କ ହୃଦୟ ଜିତି ପାରିଥିଲେ । ସିଲିଙ୍କ ଏଇ ନିଆରା ସଫଳତାରେ ବାପାମା, ବିଦ୍ୟାଳୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକମାନେ ବି ବହୁତ ଖୁସି ।

ନିଜକୁ କବାଡ଼ି ଖେଳରେ ସମର୍ପିତ କରିଥିବା ସିଲି ଜଣେ ମେଧାବୀ ଛାତ୍ରୀ । ସେ ଜଣେ ଭଦ୍ର, ନମ୍ର ଆଉ ମିଷ୍ଟଭାଷୀ । ପାଠପଢ଼ା ସହ ଖେଳକୁଦକୁ ସେ ଠିକ ପରିଚାଳନା କରିପାରିଛନ୍ତି । ଖାଲି ଏତିକି ନୁହେଁ ସିଲି ଜଣେ ଭଲ ଗାୟିକା ମଧ୍ୟ । ସେ ନିଜ ସୁରିଲା କଣ୍ଠରେ ବିଭିନ୍ନ ଭଜନ ଗାଇ ଢେର ସାରା ପ୍ରଶଂସା ସାଉଁଟି ପାରିଛନ୍ତି । ସେଥିପାଇଁ ସଭିଏଁ ତାଙ୍କୁ ଖୁବ୍ ଭଲ ପାଆନ୍ତି । ଭବିଷ୍ୟତରେ ସେ ଭାରତୀୟ ଜାତୀୟ କବାଡ଼ି ଦଳ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ଏଥିପାଇଁ ସେ ଦୃଢ଼ ପ୍ରତିଶ୍ରୁତିବଦ୍ଧ ।

ଶିକ୍ଷକ
ସାନ୍ତର୍‌ପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

## ଚତୁର୍ଥ ଅଧ୍ୟାୟ

### ରାଗ-ଶଙ୍କରାଭରଣ

ଉଙ୍କି ମାରୁଅଛି ଆମ ଅନ୍ତରେ ପ୍ରଶନ
କୃପାପର ବଶେ କରନ୍ତୁ ହେ ସମାଧାନ
ମୃତ୍ୟୁ ଦ୍ୱାରେ ଉପସ୍ଥିତ
ଏପରି ମାନବ କିସ କରିବା ଉଚିତ ।୧୧ ।
ଅବନୀ ବକ୍ଷରେ ଜୀବ ଜନ୍ମନେବା କ୍ଷଣି
ମୃତ୍ୟୁ ଦ୍ୱାରେ ଛିଡା ହୋଇଥାଏ ସେ ନଜାଣି
ପ୍ରଶ୍ନ ଏହିକି ତୁମର
ମୃତ୍ୟୁ ସମୀପରେ ଥାଇ କି କରିବ ନର ।୧୨ ।
ଶୁଣ ହେ ରାଜନ ଏବେ ଏହାର ଉତ୍ତର
ସ୍ମିତହାସ୍ୟେ ବଳଗିଲେ ସିଦ୍ଧ ତପୀବର
ଶୁକଦେବ ମହାମୁନି
ବ୍ୟାସଦେବଙ୍କ ତନୟ ମହାବ୍ରହ୍ମ ଜ୍ଞାନୀ ।୧୩ ।
ମୃତ୍ୟୁକୁ ଶଙ୍କିତ ହେବା ଉଚିତ ନୁହେଁଟି
ବୈରାଗ୍ୟ କଟୁରୀ ଧରି ମମତାକୁ କାଟି
ସଦା ରଟିବା ଓଁକାର
ରଖିବ ଆୟତ୍ତ ପ୍ରାଣ-ବାୟୁକୁ ନିଜର ।୧୪ ।
କରିବ ଦମନ ନିଜ ଚଞ୍ଚଳ ମନକୁ
ହଟାଇବ ଇନ୍ଦ୍ରିୟରୁ ସର୍ବ ବିଷୟାକୁ
ବୁଦ୍ଧି ସହାୟ ଲଉଡି
କରିବ କର୍ତ୍ତନ ମୋହ
ମମତା ଦଉଡି ।୧୫ ।

କ୍ରମଶଃ.....

-:ଟୀକା:-
କର୍ତ୍ତନ - କାଟିବା
ଲଉଡି - ଜ୍ଞାନବାଡି

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# କ୍ରାନ୍ତିସୂର୍ଯ୍ୟ ଗୁରୁ ମହାତ୍ମା ଫୁଲେ



ବେଣୁଧର ସୁରୁଜାଳ

ଚିର ନମସ୍ୟ ହେ ମହାମାନବ
ଚରଣାର ବିନ୍ଦେ ତୁମ,
ଭାବନେତ୍ର ନୀରେ ପ୍ରଖ୍ୟାଳନ କରି
ଅରପେ ଶ୍ରଦ୍ଧା ସୁମନ ।

ଶିକ୍ଷା ଆକାଶରେ ଧୃବତାରା ତୁମେ
ନାହିଁ କେହି ତୁମ ସମ,
ଏପ୍ରିଲ ମାସ ଏଗାର ତାରିଖେ
ଲଭିଲ ତୁମେ ଜନମ ।

ଅତିଶୁଦ୍ର, ନିଷ୍ପୀଡିତ ସମାଜର
ସାମାଜିକ ଅଧିକାର ପାଇଁ,
ତୁମ କ୍ରାନ୍ତି, ତ୍ୟାଗ ଓ ସାଧନାର
ଫଟାନ୍ତର ନାହିଁ ଆଉ କେହି ।

ପଛୁଆ ଜାତିର କର୍ଣ୍ଣଧାର ହୋଇ
ସତ୍ୟଶୋଧକ ସମାଜ ଗଢ଼ିଲ ।
ମନୁବାଦ, କର୍ମକାଣ୍ଡ, ବିସମତା
ବିରୁଦ୍ଧରେ ସ୍ୱର ତୁମେ ଉଠାଇଲ ।।

ଘୃଣ୍ୟ ଅମାନବୀୟ ଜାତିବ୍ୟବସ୍ଥା,
ଅସ୍ପୃଶ୍ୟତା ନିବାରଣ ପାଇଁ,
ଗୋଲମଗିରି ପୁସ୍ତକ ରଚିଲ
କ୍ରାନ୍ତିର ଅଗ୍ରଦୂତ ହୋଇ ।।

କର୍ମଯୋଗୀ ହେ ! ଗ୍ୟାନର ପୂଜାରୀ
ଜାତିର ପ୍ରାଣ ମହକ ।
ନାରୀଜାତି ପାଇଁ ତୁମେ ଗଢ଼ିଥିଲ
ଶିକ୍ଷାର ନୂଆ କୋଣାର୍କ ।।

ପ୍ରଥମେ ବାଳିକା ବିଦ୍ୟାଳୟ
ଭାରତେ କଲ ପ୍ରତିଷ୍ଠା ।
ନାରୀ ସଶକ୍ତିକରଣର ପାଇଁ
କରିଲ ବିବିଧ ବ୍ୟବସ୍ଥା ।।

ଆଜି ଶୁଭଦିନେ ସ୍ମୃତି ପଖାଳୁଛି
ତୁମରି ମହିମା ଯଶ ।
କର୍ମର ମନ୍ତ୍ର ଶିଖାଇ ଦିଅ ହେ
ସଂଗ୍ରାମ ନହେଉ ଶେଷ ।।

ସହକାରୀ ଶିକ୍ଷକ, ଉଲୁଣ୍ଡା,
ସୁବର୍ଣ୍ଣପୁର
ଦୂରଭାଷ-9778881774

ISSN NO.
2582-208X

# ଆଧୁନିକ କବିତା ଲିଖନ- ଏକ ଅନୁଶୀଳନ



ପ୍ରତାପ ଚନ୍ଦ୍ର ସାହୁ

କୌଣସି କଥାକୁ ତଳ କୁ ତଳ ଧାଡି ଧାଡି ଲେଖିଦେଲେ ଯେ କବିତା ହୋଇଯିବ ଏହା ଭାବିବା ଭୂଲ। ସେହିପରି କିଛି ଶବ୍ଦ କୁ ନେଇ ତଳ କୁ ତଳ ଧାଡି ଧାଡି କରି ଲେଖିଦେଲେ କବିତା ହୋଇଯାଏନି। କିଛି କବିତାରେ ଦେଖାଯାଏ ଯେ କବିତା ର ଶୀର୍ଷକ ସହିତ କବିତା ର କିଛି ସାମଞ୍ଜସ୍ୟ ନ ଥିଲା ପରି ମନେହୁଏ। ତାକୁ ଆମେ କବିତା ର ମାନ୍ୟତା କିପରି ଦେବା କହିଲେ ? କବିତା ଲେଖିବାକୁ ହେଲେ କବିତାର ଛନ୍ଦ, ଲାଳିତ୍ୟ, ପରିଭାଷା, ଏବଂ ଶୈଳି ରହିବା ଆବଶ୍ୟକ। କେତେକ କ୍ଷେତ୍ରରେ କବିତା ଲେଖା ହୋଇଥିବ ଗୋଟେ ପ୍ରକାର କିନ୍ତୁ କବିଙ୍କର ଜୀବନ ଶୈଳୀ ଥିବ ଅନ୍ୟ ଏକ ପ୍ରକାରର। ଏଇ ଯେମିତି କବିତା ରେ ଲେଖିଥିବେ ଫିଙ୍ଗିଦିଆ ଯାଉ ଭୀକାରୀ ର ଭିକ୍ଷା ଥାଳି, ଏପଟେ ବାସ୍ତବ ଜୀବନ ରେ ଭିକାରୀ କୁ ଦେଖିଲେ ସେଇ ଲୋକ ମୁଂହ ମୋଡୁ ଥିବ ଆଉ ଭର୍ତ୍ସନା କରୁଥିବ ଏଇଟା କି ପ୍ରକାର କବିତା ଲେଖା ? ସେହି ଭଳିଆ କବିତା ର ମାନେ କଣ ? ଭାବଶୂନ୍ୟ ମଣିଷ ଟିଏ କବିତା ସହ ସମ୍ପୃକ୍ତି ହୋଇପାରିନଥାଏ। କେବଳ ଭାବବାଦୀ ଏବଂ ଅନ୍ୟକୁ ଆନ୍ତରିକତା ର ସହ ଭଲ ପାଉଥିବା ବ୍ୟକ୍ତି ବିଶେଷ ହିଂ କବିତା ସହ ଯୋଡି ହୋଇପାରେ।କବିତା ବର୍ଣ୍ଣନା ଧର୍ମୀ ନ ହୋଇ ଗବେଷଣା ଧର୍ମୀ ହେବା ଆବଶ୍ୟକ।କାରଣ ଗବେଷଣା ଧର୍ମୀ କବିତା ହିଁ ପାଠକୁ କିଛି ତଥ୍ୟ ପ୍ରଦାନ କରିଥାଏ ଓ ଅନୁଭବି ହେବାକୁ ବାଟ ଦେଖାଏ। ଜଣେ ବ୍ୟକ୍ତି ଯେତେବେଳେ କିଛି କହିପାରି ନ ଥାଏ ସେତେବେଳେ ସେ ସାହିତ୍ୟ ତଥା କବିତା ମାଧ୍ୟମ ରେ ତାହା ପ୍ରକାଶ କରିଥାଏ। କବି ଙ୍କୁ ଶୃଙ୍ଖଳିତ ସୈନିକ କୁହାଯାଇଥାଏ। ଯଦି ସବୁ କଥା କହି ହେଉଥାନ୍ତା, ତାହାହେଲେ କବିତା କି ସାହିତ୍ୟ ଲେଖିବାର ଆବଶ୍ୟକ ବୋଧେ ପଡିନ ଥାନ୍ତା।ପ୍ରକୃତି କୁ ଅନୁଧ୍ୟାନ କରି, ଜାତୀୟ ଚରିତ୍ର ତଥା ସ୍ଥାନୀୟ ସମସ୍ୟାକୁ ନେଇ କବି

ISSN NO.
2582-208X

କବିତା ଲେଖିଥାଏ। ଶବ୍ଦ କୁ ଶବ୍ଦ ଯୋଡି ଛନ୍ଦ, ରାଗ, ଲୟ, ଅଳଙ୍କାର ଦେଇ କବି କବିତା ଲେଖିଥାଏ।

କବି କବିତା ଲେଖିବା ଭିତରେ ସବୁତକ ଭଲ ପାଇବା ଅଜାଡି ଦେଇଥାଏ। କବିତା କେବେହେଲେ ସମୀକ୍ଷା କୁ ଅପେକ୍ଷା ନ କରି ଅପେକ୍ଷା କରିଥାଏ ମୌଳିକ ଭାବାବେଗକୁ। ସମୀକ୍ଷା କରିବା ଅର୍ଥ ନୁହେଁ କବିତାରେ ଥିବା ଭୁଲ ଖୋଜି ବାହାର କରିବା। କବି ଙ୍କୁ ଉତ୍ସାହିତ କରିବା ଆହୁରି ଉଚ୍ଚ କୋଟୀର କବିତା ଲେଖିବା ପାଇଁ। କବି ଯଦି ତା'ର କବିତା ମାଧ୍ୟମରେ ସମାଜ ର ଯାବତୀୟ ଅସାମାଜିକତା କୁ ବଦଳେଇ ଦେବାର ଧାର ଧରେନା କି ସମର୍ଥ ରଖି ପାରେନା ସେଇ କବିତା କବିତା ବାଚ୍ୟ ନୁହେଂ। ଚଳନ୍ତି ସମସ୍ୟା, ମୂଲ୍ୟବୋଧ, ଅର୍ଥନୀତି, ଅନୈତିକତା, ରାଜନୀତି ଓ ସାଂସ୍କୃତିକ ଅବକ୍ଷୟ ଓ ମଣିଷ ପଣିଆ କୁ ନେଇ କବି କବିତା ଲେଖେ। ସେ ଚେଷ୍ଟା କରେ ତା'କବିତା ମାଧ୍ୟମ ରେ ସମାଜରେ କିଛି ସଂସ୍କାର ଆଣିବା ପାଇଁ। କବିତା କୁ ଯେତେ ଖିନ୍ ଭିନ୍ କରି ବ୍ୟବଛେଦ କରାଯିବ, କବିତା ସେତିକି ଜୀବନ୍ତ ହେବା ସହ ତା'ର ଆୟୁଷ ବଢ଼ିବ ଓ ସତ୍ୟ ପ୍ରକଟ କରିବାରେ ସହାୟକ ହେବ। ଏବେ କିନ୍ତୁ କବିତା ର ଢାଞ୍ଚା ବଦଳି ଗଲାଣି। ମଣିଷର ରୁଚି ତଥା ବଞ୍ଚିବାର ଶୈଳି ବି ବଦଳି ଗଲାଣି। ଆଗ ସମୟର ଖ୍ୟାତି ସାଉଁଟି ଥିବା କବି ମାନଙ୍କ ହାତରେ କଥା ଯେତିକି ବେଶି ଅଧିକ ପରି ମନେହେଉଛି । କବିତା ସେତେ ବେଶି କମ୍ ପରି ମନେ ହେଉଛି। କବିତା କୁ ଯଦି କଥାଠାରୁ ପୃଥକ ନ କରାଯିବ, ଆମେ କେଉଁ ସ୍ୱତନ୍ତ୍ରତା କୁ ଭିତ୍ତିକରି କବିତା କୁ "କବିତା" ମାନ୍ୟତା ଦେବା? ସାଙ୍ଗୀତିକତା ବିହୀନ ଗୁଡାଏ ଜଟିଳ କଥା ଓ କେତୋଟି ଶବ୍ଦ ର ସମାହାର କୁ ଯଦି କବିତା କୁହାଯିବ, ତାହା ନିଶ୍ଚିତ ଭାବେ ଲୋକପ୍ରିୟତା ହରାଇବ ତା ସଙ୍ଗେ ସଙ୍ଗେ ମୌଳିକତା ବି ହରାଇ ବସିବ। ସେଥିପାଇଁ କିଛି ଲୋକ ପରିହାସ ଛଳରେ ଅଭିଯୋଗ କରିଥାନ୍ତି ଯେ କିଛି କବି କଥା ତଥା ପ୍ରବନ୍ଧ କୁ ଖଣ୍ଡ ଖଣ୍ଡ କରି କାଟି ପୁଣି ଯୋଡି ଆଧୁନିକ କବିତା ଲେଖିଥାନ୍ତି। ଏଣୁ ଆମକୁ ଅଭିନବ ଢାଞ୍ଚା ରେ କବିତା ଲେଖିବାକୁ ପଡିବ ଯେଉଁଥିରେ ରାମ ରାବଣ ଯୁଦ୍ଧ ରେ ସାମିଲ ହୋଇଥିବା ନୀରିହ ମୃତ ସୈନିକ ଙ୍କର କଣ ଇଛା ଥିଲା? କବିତା ରେ ସ୍ଥାନିତ କରିବା ବାଂଛନୀୟ। କବିତା ଯଦି ଅନ୍ତର୍ମୁଖି ନ ହୋଇ କେବଳ ବିଳାସ ସାମଗ୍ରୀ ହୋଇଯିବ, ସେ ଭଳି କବିତା କବିତା ପଦ ବାଚ୍ୟ ନୁହେଁ। ସମାଜ ର କିଛିବି ଉପକାର ରେ ସେ ଭଳି ଲାଗିପାରିବନି। ତେଣୁ କବିତା ରେ ନିଃସଙ୍ଗତା, କି କ୍ଷୋଭ, କି ଦୁର୍ଭାଗ୍ୟ କି ଦୁଃଖ ର ସ୍ଥାନ

ISSN NO.
2582-208X

ନାହିଁ। କବିତା କୁ ଯୁକ୍ତି କରାଯାଇ ନ ପାରେ। କବିତା ସବୁବେଳେ ଅନୁଭବ ଓ ଉପଲବ୍ଧିର ବିଷୟ ବସ୍ତୁ ଅଟେ। କେବେ ନା କେବେ, କୋଉଠି ନା କୋଉଠି କାହାକୁ ନା କାହାକୁ ଜୀବନ ର ଅସଲ ମଞ୍ଜ କଥା କହିବାର ସୁଯୋଗ ଆସିଥିଲେ ମଧ୍ୟ ସେ କହିପାରି ନଥାଏ। ଏହାକୁ କିନ୍ତୁ ଜୀବନ ର ବିଡମ୍ବନା ଭାବିବା ଅନୁଚିତ। ଏହା ହେଉଛି ଜଣେ କବି ପାଇଁ ନିରୁତା ସୃଜନଶୀଳତା। ଯଦି ସବୁ କଥା କହିହେଉଥାନ୍ତା, ସାହିତ୍ୟ କି କବିତା ସୃଷ୍ଟି ହେବାର ଆବଶ୍ୟକତା ଦେଖାଦେଇନଥାନ୍ତା। ବିଷାଦ ଓ ଅବଶୋଷ ଯଦି ଜୀବନ ରେ ନଥାନ୍ତା ଜୀବନ ର ସ୍ୱାଦ ବୋଲି କିଛି ଅନୁଭବ କରିହୋଇ ନ ଥାନ୍ତା କି  ସଙ୍ଗୀତ ସୃଷ୍ଟି ହେବାର ଆବଶ୍ୟକ ପଡି ନ ଥାନ୍ତା। ସାଧାରଣତଃ ସାହିତ୍ୟ ସଭାରେ ସମୀକ୍ଷକ କବି ଙ୍କୁ ଅଧିକ ପ୍ରଶଂସା କରିଥାନ୍ତି କିନ୍ତୁ ଯେଉଁ କବିତା ପାଇଁ ସେ ଉଚ୍ଚ ପ୍ରଶଂସିତ ସେହି କବିତା କୁ ମଧ୍ୟ ସମାନ ଗୁରୁତ୍ୱ ଦେବା କଥା।କବି କବିତା ଲେଖିନଥାଏ, କବିତା ଆପେ ଆପେ କବି ଙ୍କ ଦ୍ୱାରା ଲେଖି ହୋଇଯାଏ। ଶସ୍ତା ପ୍ରଶଂସା ତଥା ଲୋକପ୍ରିୟତା ଅର୍ଜନ ପାଇଁ ଏମିତି ଶସ୍ତା କବିତା ମାନ ନ ଲେଖନ୍ତୁ ବୋଲି ବୁଦ୍ଧିଜୀବି ମହଲରେ ଦାବି ହେଉଛି ।

ନବରଙ୍ଗପୁର/୯୪୩୭୭୮୮୮୭୦

ISSN NO.
2582-208X

# ନେତାଜୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ହେ ବୀର ତୁମ କରଚରଣରେ
କରୁଛୁ ଶତ ପ୍ରଣାମ
ତୁମ ନିର୍ଭୀକତା ଅଦମ୍ୟ ବୀରତା
ଓଡିଆ ଜାତିର ମାନ ।
ତୁମରି ଆହ୍ୱାନ ଦିଲ୍ଲୀ ଚଲୋହେ
ଏବେବି ଗୁଞ୍ଜରି କହେ
ପ୍ରତି ଭାରତୀୟ ପ୍ରାଣକୁ ସତେକି
ଆଜିବି ଛୁଇଁ ଯାଏ ।
ତୁମେ କହିଥିଲ ରକ୍ତ ଦିଅ ମତେ
ସ୍ୱାଧିନତା ମୁହିଁ ଦେବି
ନିଜ ହକ୍ ପାଇଁ ଭିକ ଭାବେ ନୁହେଁ
ଲଢେଇ କରିକି ନେବି ।
ହେ ବୀର ତୁମ ଜନ୍ମଦିନେ ଆଜି
ମନେପଡେ ତୁମ କଥା
ଇତିହାସେ ସ୍ୱାର୍ଣ୍ଣାକ୍ଷରେ ରହିଛି
ତୁମରି ବୀରତ୍ୱଗାଥା ।
ଆଜି ବି ଏ ମାଟି ଝୁରୁଛି ତୁମକୁ
କେଉଁଆଡେ ଗଲ ଚାଲି

ଆଜି ବି ଖୋଜୁଛି ତୁମରି ଦାୟଦ
ହେଉ ଦିଲ୍ଲୀ ଅବା ପଲ୍ଲୀ ।
ଓଡିଆ ବଜାରେ କଟକ ସହରେ
ଆଉଥରେ ନିଅ ଜନ୍ମ
ଓଡିଶାରଏ ନୁହେଁ ଭାରତରେ ପୁଣି
ହେଉ ତୁମ ଗୁଣ ଗାନ ।
ହେ ବୀର ତୁମ କର ଚରଣରେ
କରୁଛି ଶତ ପ୍ରଣାମ
ତୁମ ନିର୍ଭୀକତା ଅଦମ୍ୟ ବୀରତା
ଓଡିଆ ଜାତିର ମାନ ....

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

..

ISSN NO.
2582-208X

# ପ୍ରେମକୁ କିଣନ୍ତି ବାଗ



ତାର୍‌ପ୍ରସାଦ ଜେନା

ଲୁହ ବିକିଦେଇ ହସ ମିଳୁଥିଲେ ଲୁହକୁ ବିକନ୍ତି ଆଗ
ଘୃଣା ବିକିଦେଇ ପ୍ରେମ ମିଳୁଥିଲେ ପ୍ରେମକୁ କିଣନ୍ତି ବାଗ
...... ଲୁହ ବିକିଦେଇ ହସ ମିଳୁଥିଲେ.... ! ୦ !

କୋହ ବିକିଦେଇ ମୋହ ମିଳୁଥିଲେ କୋହକୁ ବିକନ୍ତି ସତ
ଆଶା ବିକିଦେଇ ଭାଷା ମିଳୁଥିଲେ ଆଶାରେ ଗାଆନ୍ତି ଗୀତ,
ରାଣ ବିକିଦେଇ ପଣ ମିଳୁଥିଲେ ମୁଣ୍ଡରେ ଭିଡ଼ନ୍ତି ପାଗ
...... ଲୁହ ବିକିଦେଇ ହସ ମିଳୁଥିଲେ.... ! ୧ !

ମନ ବିକିଦେଇ ବୋଳ ମିଳୁଥିଲେ ମନକୁ ବିକନ୍ତି ସତ
ରାତି ବିକିଦେଇ ପ୍ରୀତି ମିଳୁଥିଲେ ରାତିକୁ ହରଷ ଚିତ୍ତ,
ସ୍ୱପ୍ନ ବିକିଦେଇ ଶାନ୍ତି ମିଳୁଥିଲେ ଶାନ୍ତିରେ ପାଆନ୍ତି ସ୍ୱର୍ଗ
...... ଲୁହ ବିକିଦେଇ ହସ ମିଳୁଥିଲେ.... ! ୨ !

ପାଠ ବିକିଦେଇ ବୁଦ୍ଧି ମିଳୁଥିଲେ ବୁଦ୍ଧିରେ ରହନ୍ତି ରତ
ଛଳ ବିକିଦେଇ ଖେଳ ମିଳୁଥିଲେ ଖେଳକୁ କରନ୍ତି ମିତ,
ଜହ୍ନ ବିକିଦେଇ ଚିହ୍ନ ମିଳୁଥିଲେ ଜହ୍ନରେ ଶୁଝାନ୍ତି ରାଗ
...... ଲୁହ ବିକିଦେଇ ହସ ମିଳୁଥିଲେ.... ! ୦ !

ର୍‌ଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ମୁଁ ଥୁଣ୍ଟା ବରଗଛ ଟିଏ



ଦ୍ରୌପଦୀ ମିଶ୍ର

ସୁରୁଜ ଉଇଁ ଉଇଁ ଆସୁଥାଏ । ସକାଳୁ ସକାଳୁ ମୁଁ ଗୋଟିଏ ମାଲୁଣି ହାତରେ ଥିଲି । ମାଳି ଓ ମାଲୁଣୀ ମୋତେ ଗୋଟିଏ ସୁନ୍ଦର ବଗିଚା ମଧ୍ୟରେ ଲଗାଇ ଦେଲେ । ତାପରେ ମୁଁ ଏତେ ଖୁସି ହୋଇଗଲି ଯେ ମୋ ଖୁସି କହିଲେ ନସରେ । ଭାବିନେଲି ମୋ ଜୀବନରେ ଯାହା ହେଉ ମୁଁ ଆଉ କେବେ ଦୁଃଖ ପାଇବି ନାହିଁ । କିଛିଦିନ ଏ ସୁନ୍ଦର ବଗିଚା ମଧ୍ୟରେ ବେଶ୍ ଅୟସରେ ମୋ ଦିନ ଗୁଡିକ କଟିଯାଉଥାଏ । କାରଣ ଏ ବଗିଚାରେ ମୋ ଚାରିପଟେ ନାନା ରଙ୍ଗ ବେରଙ୍ଗର ଫୁଲ ଗଛ ମଧ୍ୟରେ ପ୍ରଜାପତି ମାନେ ଗୁଣୁଗୁଣୁ ହୋଇ ଗୀତ ଗାଇ ବସି ଯାଉଥାନ୍ତି । ତ ଆଉ କେଉଁ ଫଳ ଗଛରେ ଲାଲ୍ ଟୁକ୍ ଟୁକ୍ ଫଳମାନଙ୍କୁ ତୋଳି ମାଇ, ମାଲୁଣୀ ଖୁସି ହେଉଥାନ୍ତି । ଏସବୁ ଦେଖି ଦେଖି ମତେ ସତେ ବହୁତ ଆନନ୍ଦ ଆସିଥାଏ । ଏ ସବୁ ସୁଖ ମଧ୍ୟରେ ମୁଁ ଭାବିନଥିଲି କେବେ ଯେ ମୋ ଜୀବନରେ ପୁଣି ସୂର୍ଯ୍ୟ ଅସ୍ତ ହୋଇଯିବେ । ଯେବେ ଟିକେ ବଡ ହେଲି ତାପରେ ମତେ ମାଲୁଣୀ ନେଇ ଏକ ରାସ୍ତା କଡରେ ଲଗାଇ ଦେଲେ । ପ୍ରଥମ ଥର ପାଇଁ ମୁଁ ସେଠାରେ ନିରାଶ ଜୀବନ ଅନୁଭବ କଲି । ଖାଲି ପାରିପାର୍ଶ୍ୱରେ ମୋର ଦୁଃଖ ଓ ଜାତନା ଦେଖିବାକୁ ପାଇଲି ଓ ନିଜେ ଅନୁଭବ ମଧ୍ୟ କଲି । କାରଣ ମୋ ଚାରିପଟରେ ଖାଲି କଦାକାର ଦେଖିବାକୁ ପାଇଲି । ମୃତ ଲୋକଙ୍କର ଜୀବନ ଦଗ୍ଧ କରାଗଲାଣିତ ମୃତ ପଶୁପକ୍ଷୀଙ୍କର ଶରୀରକୁ ଆଣି ମୋ କଡରେ ପକାଇ ଦିଆଗଲାଣି ତ କେହି ପାଗଳ ମୋ ମୂଳରେ ବସି କଞ୍ଚା ମାଂସ ଚୋବାଇ ଖାଇଲାଣି ତ ଏମିତି ଅନେକ କିଛି ଦେଖି ଦେଖି ମୋ ମନ ବହୁତ କଷ୍ଟ ଲାଗୁଥାଏ ।

କାହିଁ କେଜାଣି ୟା ମଧ୍ୟରେ ବହୁତ ବର୍ଷ ବିତିଗଲାଣି । କେବଳ ମୋ ଜୀବନରେ ଦୁଃଖ ହିଁ ଦୁଃଖ । କେତେବେଳେ ଗାଇଗୋରୁ ଆସି ମୋ ଶରୀରରୁ ଡାଳଭାଙ୍ଗି ଖାଇଗଲେଣି ତ

ISSN NO.
2582-208X

କେତେବେଳେ କାଠୁରିଆ ଆସି ମୋତେ ହାଣି ମୋ ଠାରୁ କାଠ ନେଇଗଲାଣି । ମତେ ବହୁତ କଷ୍ଟ ଲାଗିଥାଏ ସିନା, ହେଲେ ତା ଭିତରେ ବି ମୁଁ ସମସ୍ତଙ୍କୁ ଆନନ୍ଦ ମଧ୍ୟ ଦେଇଥାଏ । କାରଣ ମୋ ଉପରେ ଆସି କେତେକେତେ ପକ୍ଷୀ ବସା ବାନ୍ଧି ରହି କୁଳୁକୁଳୁ ନାଦ କରିଥାନ୍ତି । କେତେକ ଲୋକେ ଖରାଦିନେ ଆସି ମୋ ଗଛ ଛାଇରେ ମୁଣ୍ଡ ତଳେ ଗାମୁଛା ଖଣ୍ଡେ ଦେଇ ମହା ଆନନ୍ଦରେ ଆଶ୍ରୟ ନେଇଥାନ୍ତି । ବିଲରୁ କାମ ସାରି ମୋ ପାଖରେ ବସି ପଖାଳ ଖାଇ ଆନନ୍ଦ ଅନୁଭବ କର୍ନ୍ତି । ସେତେବେଳେ ମତେ ବହୁତ ଆନନ୍ଦ ଲାଗିଥାଏ । ଯେତେବେଳେ ମୋ ଆଶ୍ରୟରେ ଆଶ୍ରିତ ହୋଇପାରନ୍ତି, ମୋରି ଗଛରୁ ଜାଳେଣୀ ନେଇ କାମରେ ଲଗାନ୍ତି, ପତ୍ରକୁ ଜାଳେଣି ଭାବରେ ବ୍ୟବହାର କରି ଉପକୃତ ହୋଇଥାନ୍ତି । ହେଲେ କେହି କେବେ ମୋ କଥା ଟିକେ ବି ଭାବି ନଥାନ୍ତି । ମୋର ଯତ୍ନ ମଧ୍ୟ ନେଇ ନଥାନ୍ତି । ମୁଁ କେତେକେତେ ଅମ୍ଳଜାନ  ମଧ୍ୟ ଏ ମାନବ ସମାଜକୁ ଦେଇଥାଏ । ହେଲେ ଏ ମାନବ ସମାଜ ମୋ କଥା କେବେବି ଭାବିନି କି ଭାବିବ ନାହିଁ । କାରଣ ଆଜିର ଦୁନିଆରେ ଏ ମାନବ ତ କେବଳ ଗଛ ମାନଙ୍କୁ କାଟି କିପରି କୋଠାବାଡି କରି ଚାଲିବ ସେହିକଥା ହିଁ ଚିନ୍ତା କରିଥାଏ । ସେ କୋଠାବାଡି ପଛେ ଗୋଟିଏ ଭୂମିକମ୍ପରେ ମାଟିରେ ମିଶିଯାଉ, ହେଲେକଳା ପଇସାର ଗୋଲାମ ଗିରିକୁ ସେ କରି ଆତ୍ମ ବଡିମା ଦେଖାଇବା ପାଇଁ କୋଠାବାଡି କରି ଚାଲିଥାଏ । ମୋ ଯତ୍ନକଥା କିଏ ବା ଭାବୁଛି । ମୋ ପାଖରେ ପାଣି ଟିକେ କିଏ ବା କାହିଁକି ଦେବ, ତାହା ସ୍ୱପ୍ନ ହୋଇଯାଇଥାଏ ।

ମୋର ଯେତେବେଳେ ବୟସ ଅଧିକ ହୋଇଗଲା, ପତ୍ରଟିଏ ମଧ୍ୟ ଆଉ କଅଁଳିଲା ନାହିଁ । ସେତେବେଳେ ମୁଁ ଥୁଣ୍ଟା ବରଗଛଟିଏ ପାଲଟିଗଲି । ମୋତେ ଆଉ କେଉଁ ଆଢୁ ଆଖିରେ ମଧ୍ୟ ଚାହିଁଲେନି । ତାପରେ ମୁନିସପାଲଟି ତାର ଡୋଜର ଗାଡି ଆଣି ମୂଳରୁ ଉପାଡି ଫିଙ୍ଗି ଦେଇଗଲା ରାସ୍ତାକଡରେ । ସେହିଠାରୁ ସରିଗଲା ମୋର ଥୁଣ୍ଟା ବରଗଛର କାହାଣୀ । ଏହି ଥୁଣ୍ଟା ବରଗଛ ତା ଜୀବନ କାଳ ମଧ୍ୟରେ ଲୋକମାନଙ୍କୁ କେବଳ ସାହାଯ୍ୟ କରିଛି ସେତିକି ତ ମୋ ପାଇଁ ଯଥେଷ୍ଟ ଅଟେ । ଏମାନବ ସମାଜ ଯେତେବେଳେ ଏହି ସବୁ କଥା ବୁଝିଯିବ, ସେତେବେଳେ ଆମ ଦେଶ ସୁନାର ଦେଶ ହୋଇଯିବ ।

"ଜୀବନ ପଥରେ ଆମେ କେବେ ହାରିଯିବା ନାହିଁ ।
ଜିଇଥିବାଯାଏ ପରୋପକାର ଆଉ ସୁଖ ବାଣ୍ଟୁଥିବା ରହି"

ଭୁବନେଶ୍ୱର

ISSN NO.
2582-208X

# ସ୍ମୃତିର ଆଇନା



ପୂଜା ଷାଣ୍ଡ

ସ୍ମୃତିର ଆଇନା କିଛି ବି କହେନା
ଦେଖେ ଦିଏ ସେଇ ଚିତ୍ର
ଯେଉଁ ଛବି ଦେଖି ଥରିଯାଏ ଛାତି
ବନ୍ଦ ହୋଇଯାଏ ନେତ୍ର

ଦେଖିବାକୁ ଚାହେଁନା ସେଇ ଆଇନା
ଯେଉଁଠି ଅତୀତ ଅଛି
ମନେ ପକାଇବାକୁ ସାହସ ନାହିଁ
ଯାହା କିଛି ବି ହୋଇଛି

ଯେବେ ଯେବେ ସବୁକିଛି ଭୁଲିବାକୁ
ଚେଷ୍ଟା ଯେତେ ବି କରିଛି
କେବଳ ହିଁ ବିତିଯାଇଥିବା ସେଇ
ଅତୀତକୁ ମୁଁ ପାଇଛି

ଚାହେଁ କି ନ ଚାହେଁ ଆଇନା ଦେଖିଲେ
ଅତୀତ ଝଲସି ଯାଏ
ମନରେ ଅନେକ ପ୍ରଶ୍ନ ହୁଙ୍କିମାରେ
ହେଲେ ଉତ୍ତର ନ ପାଏ

ଜିଲ୍ଲା-ବରଗଡ଼
ବିଜେପୁର ଡୀଗ୍ରୀ କଲେଜ
ଓଡ଼ିଆ ସମ୍ମାନ ୨ୟ ବର୍ଷ

ISSN NO.
2582-208X

# ପଟେ ପାଉଁଜି ଭିନ୍ନ ଏକ ପ୍ରେମ କାହାଣୀ



ଅନନ୍ତ କୁମାର

ମୋ ଗାଁ ଶେଷ ମୁଣ୍ଡେ ଏକ ଛୋଟ ଜଙ୍ଗଲ ଦେଇ ଏକ ନଈ ବହି ଯାଇଛି ଅଙ୍କେଇ ବଙ୍କେଇ ହେଇ । ଏହି ନଈ ରେ ପ୍ରତି ଦିନ ଛୁଆ ଠାରୁ ବୁଢା ଯାଏଁ, ସକାଳୁ ସଂନ୍ଧ୍ୟା ଯାଏଁ ଗାଧୋଇବାକୁ ଯାଆନ୍ତି। ମୋ ଗାଁ ଲୋକ, ଏଇ ନଈ ଏପଟେ ଗୋଟିଏ ଗାଁ, ନଈ ଆରପଟେ ଗୋଟେ ଗାଁ ଅଛି। ଦୁଇ ପାରିରୁ ଲୋକ ଆସି ନଈରେ ଗାଧାନ୍ତି। ଦିନେ ନଈ ପାଖରେ କୁନୁ ଗାଧୋଇବାକୁ ଯାଇ ବସିଥାଏ ନଈ ତୁଠରେ, ସେହି ସମୟରେ ନଈ ସେପାରିରୁ କିଛି ଝିଅ ଗାଧେଇବାକୁ ଆସିଲେ। ଗୋଧେଇଲା ଭିତରେ ଜଣଙ୍କର ରୂପା ପାଉଁଜି ପଟିଏ ହଜିଗଲା। ସେ ଝିଅ ଆଉ ଝିଅର ସାଙ୍ଗ ମାନେ ବହୁତ ଖୋଜା ଖୋଜି କଲେ, ହେଲେ ପାଇଲେ ନାହିଁ। ସେହି ସମୟରେ କୁନୁ ଯାଇ ପଚାରିଲା କଣ ଖୋଜୁଛ ତୁମେ ମାନେ ? ଝିଅ ମାନେ କହିଲେ ଆମ କୁନୁମୁନ୍ ର ପଟେ ପାଉଁଜି ହଜି ଯାଇଛି, ଖୋଜି ଖୋଜି ନୟାନ୍ତ ହେଲୁଣି ହେଲେ ପାଉ ନାହୁଁ। କୁନୁ ନଈ ତୁଠ ଆଡେ ଯାଇ ପାଉଁଜି ଖୋଜୁ ଖୋଜୁ କୁନୁମୁନ୍ ପାଉଁଜି ପଟିଏ କୁନୁ ପାଇଗଲା । କୁନମୁନ୍ ହାତକୁ ସେ ପାଉଁଜି ପଟିଏ କୁନୁ ବଢାଇ ଦେଲା, କୁନୁ ମୁନ ଟିକେ ଲାଜେଇ ହସି ହସି ଦଉଡି ଘରକୁ ଫେରି ଗଲା। ତା ପର ଦିନ ଠିକ୍ ସେହି ସମୟରେ କୁନୁମୁନ ଏବଂ ତାର ସାଙ୍ଗ ମାନେ ନଈକୁ ଗାଧେଇବାକୁ ଆସିଲା ବେଳକୁ କୁନୁ ନଈ ଏପାରି ରେ ବସି ଗୁଣୁ ଗୁଣୁ ଗୀତ ଗାଉଛି। କୁନୁମୁନ ର ସାଙ୍ଗ ମାନେ ଦେଖି, କୁନୁମୁନ କୁ ଥଟ୍ଟା ମଜା କଲେ, "କହିଲେ ଦେଖ ତ ହିରୋ ଆସିଛି।" କୁନୁ ମୁନ ଲାଜେଇ ହସି ଦିଏ। ଏମିତି ପ୍ରତିଦିନ ନଈ କୁ କୁନୁମୁନ ଆସୁ ଥାଏ, କୁନୁ ବି ଆସୁ ଥାଏ ଧୀରେ ଧୀରେ କୁନୁମୁନ ଓ କୁନୁ ମଧ୍ୟରେ ବନ୍ଧୁ ସମ୍ପର୍କ ଗଢ଼ି ଉଠିଲା। କୁନୁ ଏହି ନିବିଡ ସମ୍ପର୍କକୁ ପ୍ରେମ ସମ୍ପର୍କ ଭାବି

ISSN NO.
2582-208X

ମନେ ମନେ କୁନୁମୁନ କୁ ଭଲ ପାଇ ବସି ସାରିଛି। ସେଦିନ କୁନୁମୁନ ନଇ ତୁଠରେ ଦେହରେ ହଳଦୀ ମାଖିବା ସମୟରେ କୁନୁ ଯାଇ କୁନୁ ମୁନ କୁ କହିଲା, " କୁନୁମୁନ ତୁମ ସ୍ପର୍ଶରେ ଆମ ଗାଁ ନଇ ତୁଠ ହଳଦୀ ହଳଦୀ ବାସୁଛି, ତୁମେ ବି ବହୁତ ସୁନ୍ଦର, ତୁମକୁ ମୁଁ ଭଲ ପାଉଛି। କୁନୁମୁନ ମୁଁ ତୁମକୁ ନଇ ଏ ପାରିରୁ ଆର ପାରିକୁ ରାଣୀ କରି ନେଇ ଯିବି।" କୁନୁ ମୁନ କୁନୁ ପାଟିରୁ ଏହା ଶୁଣି କୁନୁ ଗାଲକୁ ଜୋରରେ ଚାପୁଡା ମାରି କହିଲା, "ଏଇ କେଇ ଦିନର ନଇ କୂଳରେ ଦେଖା ସାକ୍ଷାତରେ ମୁଁ ତୁମ ସହ ମିଶି ଗଲି ବୋଲି କଣ ଭଲ ପାଇବା ହେଇଗଲା ? ନା' କୁନୁ କେବେ ମୁଁ ତୁମକୁ ଭଲ ପାଇ ପାରିବିନି। ଏତିକି କହି କୁନୁମୁନ କାନ୍ଦି କାନ୍ଦି ନଇ ତୁଠରୁ ଘରକୁ ଚାଲିଗଲା। ଦୁଇ ତିନି ଦିନ ନଇ କୁ ଗାଧେଇବାକୁ ଆସିଲା ନାହିଁ। କୁନୁ ପ୍ରତିଦିନ ଆସି ନଇ ତୁଠକୁ ଦେଖି ବହୁତ ମନ ଦୁଃଖ କରି ଚାଲି ଯାଏ, ମନେ ମନେ କହି ହୁଏ, କେଡେ ସୁନ୍ଦର ନଇ ତୁଠ ହଳଦୀ ହଳଦୀ ବାସୁ ଥିଲା ମୋ ପାଇଁ ଗାଁ ନଇ ସ୍ଥିର ହେଇ ଯାଇଛି। ତୁଠ ବି ଖାଁ ଖାଁ ଲାଗୁଛି କୁନୁ ମୁନ ବିନା। ପ୍ରାୟ ୯ ଦିନ ପରେ କୁନୁ ମୁନ ର ସାଙ୍ଗ ମାନେ ନଇରେ ଗାଧୋଉଥିବା ସମୟରେ କୁନୁ ଯାଇ କୁନୁମୁନ ର ସାଙ୍ଗ ମାନଙ୍କୁ ଡାକି କହିଲା, "କୁନୁମୁନ କାହିଁକି ଆସୁ ନାହିଁ, କୁନୁ ମୁନ କୁ କହିବ ମୋର ଭୁଲ ହେଇ ଯାଇଛି, ମୁଁ କେବେ ତା ମନରେ ଦୁଃଖ ଦେବିନି।" କୁନୁମୁନ ର ସାଙ୍ଗ ମାନେ କୁନୁମୁନ କୁ ଯାଇ ସବୁ କଥା କହିଲେ। କୁନୁମୁନ କୁନୁ କଥା ଭାବି ଭାବି ତା ପର ଦିନ ନଇକୁ ଗାଧୋଇବାକୁ ଆସିଲା। କୁନୁ ମୁନ ଠିକ୍ ତୁଠରେ ବସି ହଳଦୀ ମାଖିବା ସମୟରେ କୁନୁମୁନ ର ରୁଣ ଝୁଣ ପାଉଁଜି ଶବ୍ଦ ଶୁଣି କୁନୁ ଆନନ୍ଦ ହେଇ ଗଲା। କହିଲା ଯାହା ହେଉ, ମୋ କୁନୁମୁନ ମୋ କଥା ରଖି ପୁଣି ନଇ କୁ ଆସିଛି। ଏମିତି କୁନୁ ମୁନ ଏବଂ କୁନୁ ମଧ୍ୟରେ ସମ୍ପର୍କ ଗଢି ଉଠିବାକୁ ଲାଗିଲା। କୁନୁମୁନ ଦିନେ ଭାବିଲା, "କୁନୁ କୁ ଚାପୁଡା ସେ ଦିନ ମାରି ଥିଲି ଯାଇ ଭୁଲ ମାଗିବି"। ଏବଂ ଭଲ ପାଉଛି ବୋଲି କହି ଦେବି। ଏହା ଭାବି ଭାବି ରାତି ସାରା ନିଦ ନାହିଁ , କେମିତି ରାତି ପାହି ସକାଳ ହେବ, କୁନୁମୁନ ହଳଦୀ ନେଇ ନଇ ତୁଠକୁ ଯିବ। ରାତି ପାହି ସକାଳ ହେଲା, କୁନୁମୁନ ଦୁଇ ସାଙ୍ଗ କୁ ଧରି ନଇକୁ ଗାଧେଇବାକୁ ଗଲା। କୁନୁ ନଇ ଆର ପାରିରେ ବସି କୁନୁମୁନ କୁ ଅପେକ୍ଷା କରି ଥାଏ। ଠିକ୍ କୁନୁମୁନ ଏହି ସମୟରେ ରୁଣୁ ଝୁଣୁ ପାଉଁଜି ବଜେଇ ନଇ ତୁଠକୁ ଗାଧେଇବାକୁ

ISSN NO.
2582-208X

ଆସିଲା। ଏବଂ ନଈରେ ଗୋଧୋଇବା ସମୟରେ କୁନୁ କୁ ଚାହିଁ ମୁରୁକି ମୁରୁକି ଲାଜେଇ ହସୁଥାଏ,ଖାଲି କେମିତି କହିବ କୁନୁ କୁ ଭଲ ପାଏ ବୋଲି। ହଠାତ୍ ଏହି ସମୟରେ କୁନୁମୁନ ଅନ୍ୟ ମନସ୍କ ଟିକେ ହେଇ ଗଲା। ନଈ ତୁଠରୁ କୁନୁମୁନ ପାଦ ଖସିଗଲା, ସୁଅରେ ଆଗକୁ ଆଗକୁ କୁନ ମୁନ ଭାସିବାକୁ ଲାଗିଲା। ଚିତ୍କାର କରି କହିଲା ବଞ୍ଚାଅ, ବଞ୍ଚାଅ। କୁନୁ ଶୁଣି ନଈ ଭିତରକୁ ଡିଆଁ ମାରି କୁନୁମୁନ କୁ ବହୁ କଷ୍ଟରେ ନଈ ତୁଠ ଆଡକୁ ଠେଲି ଦେଲା। କିନ୍ତୁ କୁନୁ ସେଇ ସୁଅ ରେ କେଉଁ ଆଡେ ଭାସି ଗଲା ଆଉ ମିଳିଲା ନାହିଁ। କୁନୁମୁନ ଡାକି ଡାକି ତଣ୍ଟି ଶୁଖି ଗଲାଣି, କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖି ଗଲାଣି, ହେଲେ କୁନୁ କୁ ପାଉ ନାହିଁ। ପ୍ରାୟ ୩ ଘଣ୍ଟା ପରେ ବହୁ ଖୋଜା ଖୋଜି ପରେ କୁନୁର ମୃତ ଦେହ ଏକ ନଈ କୂଳରୁ ଉଦ୍ଧାର ହେଲା। କୁନୁମୁନ କୁନୁ ର ମର ଶରୀରକୁ ଦେଖି ଦେଇ ହଠାତ୍ ଅଚେତ ହେଇ ପଡିଗଲା। ଚେତା ଫେରିଲା ପରେ କୁନୁ ମୁନ ପୂରା କାନ୍ଦି କାନ୍ଦି ପାଗଳି ହେଇ ଗଲା, ଭାବିଲା ଯାହା ପାଇଁ ଏତେ ସ୍ୱପ୍ନ ଦେଖିଥିଲି ଆଜି, ଯାହା କୁ ମନ ର କଥା ଆଜି କହି ଥାନ୍ତି, ଯାହା ପାଇଁ ଆଜି ଏ ନଈ ତୁଠ ହଳଦୀ ହଳଦୀ ବାସୁଥିଲା,ଶେଷରେ ସବୁ ସ୍ୱପ୍ନ କାଚର ଟୁକୁରା ପରି ଚୁର ମାର ହେଇ ଗଲା । ସବୁ ମନର କଥା ମନରେ ସାରା ଜୀବନ ପାଇଁ ରହିଗଲା। ଖୁସିର ପାହାଚ ଚଢିବା ଆଗରୁ ସବୁ ପାହାଚ ଭାଙ୍ଗି ଗଲା କ୍ଷଣି କରେ। କୁନୁମୁନ ନିଜକୁ ଦୋଷି ମନେ କଲା କହିଲା , "ଆଜି ଯଦି କୁନୁ ର ଜୀବନ ଚାଲି ଗଲା, କେବଳ ମୋ ପାଇଁ, ଏ ଜୀବନ ରଖିକି କିଛି ଲାଭ ନାହିଁ, କହି ନଈ ତୁଠରେ ବସି ଭାବୁ ଥାଏ।" ଆଉ ଚାହୁଁଥାଏ ନଈ ଆର ପାରିକୁ କାଳେ କୁନୁ ଆସି ଚାହୁଁଛି ଯେମିତି। କୁନୁମୁନ ର ସବୁ ଅଧୁରା ସ୍ୱପ୍ନ ଆରମ୍ଭ ହେବା ପୂର୍ବରୁ ସମାପ୍ତ ହେଇ ଗଲା। ଆଜି ବି ଗାଁ ନଈ ଅଛି, ତୁଠ ଅଛି, କୁନମୁନ ଅଛି ହେଲେ ତୁଠ ଆଜି ଖାଁ, ଖାଁ ପଡି ରହିଛି। ନଈ ବି ଆଜି ସ୍ଥିର ହୋଇ ଯାଇଛି। ଆଉ କୁନମୁନ କୁନୁ କୁ ଝୁରି ଝୁରି ପାଗେଳି ପାଲଟି ଯାଇଛି।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ, ଜାତୀୟ କବି ଲେଖକ ସଂଗଠନ

ISSN NO.
2582-208X

# ମଣିଷ ଓ ଭୂତର ବନ୍ଧୁତ୍ୱ



ଲକ୍ଷ୍ମଣ ଭୋଇ

ଯିବାର ଅଛି କୁମ୍ଭେଶ୍ୱର ଏଠୁ ପ୍ରାୟ ଚାରି କିଲୋମିଟର। ସମୟ ପ୍ରାୟ ରାତ୍ରି ଏଗାରଟା, ଅଛି ଏକୁଟିଆ, ମନରେ କେତେ ଯେ ଡର ମାତ୍ର ସାହସ କରି ଆଗକୁ ଯାଉଛି । ହଠାତ୍ ଶୁଣିବାକୁ ପାଇଲି ହେଲୋ, ହେଲୋ ଶୁଣିଲା ମାତ୍ରେ ଦେହ ଶୀତେଇ ଗଲା, ଭାବିଲି ଏତେ ରାତ୍ରୀରେ ଏଠି ପୁଣି ଝିଅ । କିଛି ନ ଶୁଣି ନ ଦେଖି ଆଗକୁ ବଢ଼ି ଚାଲିଛି ମନରେ କେତେ ଯେ ପ୍ରଶ୍ନ ତା ସହ କେତେ ଯେ ଡର। ପୁଣି ଶୁଣିବାକୁ ପାଇଲି ହେଲୋ, ମାତ୍ର ଏ ଥର ଆଗକୁ ନ ବଢ଼ି ପଛକୁ ଦେଖିଲି ଛିଡା ହୋଇଛି ଏକ ସୁନ୍ଦରୀ ଯୁବତୀ। ଦେଖିବାକୁ ବହୁତ ସୁନ୍ଦରୀ। ପାଖକୁ ଗଲି । କହିଲି କିଏ ତମେ ? ଏତେ ରାତ୍ରିରେ ଏଠି ଏକୁଟିଆ ? ଯୁବତିଟି କିଛି ଉତ୍ତର ଦେଲା ନାହିଁ କେବଳ ହାତଟି ବଢ଼େଇ ଦେଲା ଆଗକୁ । ମୁଁ ବୁଝି ଗଲି ଯେ ତାକୁ ମଧ୍ୟ ଯିବାର ଅଛି ଆଗକୁ । ପଚାରିଲି ଆଗକୁ ଯିବ କି ? କିଛି ନ କହି ମୁଣ୍ଡଟିକୁ ହଲେଇଦେଲା । ମନେ ଭାବୁଥିଲି କାଳେ ସେ ଏକୁଟିଆ ଅଛି ଡରୁଥିବ, କହିଲି ତାକୁ ଯେ ସାଙ୍ଗରେ ଯିବା ସେ ମୁଣ୍ଡଟିକୁ ପୁଣି ହଲେଇଦେଲା। ଦୁହେଁ ଅନ୍ଧାର ରାତ୍ରୀରେ ଆଗକୁ ବଢ଼ିବାରେ ଲାଗିଲୁ ହେଲେ ସେ ଗୋଟିଏ ଶବ୍ଦ ବି ଖୋଲିକି କହିଲା ନାହିଁ । ମୁଁ କହି ଚାଲିଛି ଅନେକ କଥା ସେ କେବଳ ହସି ଚାଲିଛି । ତା ହସ ଏମିତି ଥିଲା ସତେ ଟିଭିରେ ଦେଖିଥିବା ଭୂତ ଭଳି । ତା ହସ ଶୁଣି ମୋ ଦେହ ଥରିବାକୁ ଲାଗିଲା । କହିଲି ଚୁପ୍ କର ଡର ଲାଗୁଛି ସେ ଚୁପ୍ ହେଇ ଗଲା । ମନରେ ଡର ଥିଲେ ମଧ୍ୟ ଯିବାର ଅଛି ଆଉ ଦୁଇ କିଲୋମିଟର ବାଟ । ଭାବୁଥାଏ କେତେ ବେଳେ ସରିବ ଏ ଯାତ୍ରା ଟି। ଅଚାନକ ତା ଡ୍ରେସ୍ ର ରଙ୍ଗ ପରିବର୍ତ୍ତନ ହୋଇଛି ଲାଲ୍ ରୁ ହୋଇଛି ଧଳା, ଏ ରାତ୍ରୀରେ ଏ ରଙ୍ଗ ପୁଣି ଗୋଟିଏ

ISSN NO.
2582-208X

ଝିଅର ଡ୍ରେସ୍ । ଏହା ଦେଖି ଆଉ ସାହସ ହେଲା ନାହିଁ ଆଗକୁ ବଢ଼ିଇବା ପାଇଁ। କହିଲି ତମେ ଯାଅ ଆଗକୁ ମୁଁ ଏଠି ରହିଯିବି ମାତ୍ର ସେ ଆଗକୁ ଯିବାର ନା ନେଲା ନାହିଁ । ପୁଣି ଦୁହେଁ ମିଶି ଆଗକୁ ବଢ଼ିବାରେ ଲାଗିଲୁ ମୁଁ ଡରୁଥାଏ କାଳେ ସେ ଭୂତ ହୋଇଥିବ ମତେ ମାରି ଦେବ, ମାତ୍ର ସେମିତି କିଛି ହେଲା ନାହିଁ ଆମେ କୁମ୍ଭେଶ୍ୱର ପାଖକୁ ଆସିଲୁ ହେଲେ ସେ ଆଉ ଆଗକୁ ଗଲା ନାହିଁ । ପଚାରିଲି କଣ ହେଲା ଚାଲ ଆଗକୁ । ସେ ଉତ୍ତର ଦେଇଛି ଯେ ମୁଁ ଆଗକୁ ଯାଇ ପାରିବି ନାହିଁ ତମେ ଯାଅ। ତା ଉତ୍ତର ଶୁଣି ମୁଁ ଚମକି ପଡିଲି ଯିଏ ଏତେ ସମୟ ଧରି କିଛି କହି ନ ଥିଲା ଏବେ ସେ କହୁଛି । ସେ କହିଲା ଯେ ମୁଁ ଗୀତା ଆଉ ତମ ନା ? ମୁଁ କିଛି ସମୟ ଚୁପ୍ ହେଇ କି ରହି ଗଲି ! ପୁଣି କହିଲା ଯେ ତମ ନା? ଉତ୍ତର ଦେଲି ଯେ ଲକ୍ଷ୍ମଣ । ସେ ପୁଣି କହିଲା ଯେ ଲକ୍ଷ୍ମଣ ତମେ ଡରୁଥିଲ ନା ? କହିଲି ନା ନା । ସେ କହିଲା ଯେ ମୋର ମୃତ୍ୟୁ ହୋଇ ସାରିଛି, ଏହା ଶୁଣି ମୁଁ କିଛି କହି ପାରିଲି ନାହିଁ ରହିଲି ତ ରହିଲି ଏକଦମ୍ ଚୁପ୍ ହୋଇ ! ସେ କହିଲା ଡର ନାହିଁ ଏବେ, ତମେ ରାସ୍ତାରେ ଏକା ଆସୁଥିଲ ଡରି ଡରି କି ତ ଭାବିଲି ତମକୁ ସାହାସ ଦେବି । ଏହା ଶୁଣି ମୁଁ ଚୁପ୍ । ମୋ ପାଟି ପୁରା ଚୁପ୍ ।କହି ଚାଲିଛି ତ କେବଳ ସେ ଚୁପ୍ ହେବାର ନା ନାହିଁ । ସମୟ ହେଇଗଲା ରାତ୍ରି ଦୁଇଟା ହେଲେ ତା କଥା ସରୁ ନାହିଁ । କିଛି ସମୟ ଗଲା ପରେ ସେ କହିଲା ଯେ, ଏବେ ତମେ ଯାଅ ମୁଁ ବି ଯାଉଛି କେବେ ଯଦି ଦରକାର ପଡ଼େ ତ ମତେ ମନେ ପକେଇବ ନ ହେଲେ ଗୀତା କହିକି ଡାକିବ ମୁଁ ଆସିବି କହି ସେ ଚାଲି ଗଲା । ମୁଁ କିଛି ସମୟ ସେଠି ଛିଡା ହେବା ପରେ ଭାବିଲି ଯେ ଯେଉଁ ଭୂତ କୁ ମୁଁ ଡରୁଥିଲି ଆଜି ସେ ମତେ ସାହାଯ୍ୟ କରିଛି । ଏ ସବୁ ଘଟଣା ଲାଗୁଥାଏ କାଳ୍ପନିକ ମାତ୍ର ଏହା ସତ। ଭାବୁଥାଏ ଯେ ସତେ କଣ ଏକ ମଣିଷ ଓ ଭୂତ ବନ୍ଧୁ ହୋଇପାରିବେ । ଭାବି ଭାବି ସମୟ ହୋଇ ଗଲା ତିନିଟା । ଏବେ ଆଉ ନ ଭାବି କି ମନରେ ତାକୁ ଧନ୍ୟବାଦ କହି ହସି କି ସୋଇ ପଡିଲି ।

ଠାକୁର ମାଳ, ସମ୍ବଲପୁର
ମୋ - ୭୩୮୧୮୫୬୮୪୭

ISSN NO.
2582-208X

ବେଦାନ୍ତି

# ମୁଁ ଏକ ଅନାଥ ଟିଏ



ରାଧାରାଣୀ ରାଉଳ

ରାସ୍ତା କଡର ମୁଁ ବାଟ ଭିକାରୀଟେ
ବାଟ ଘାଟ ମୋର ବନ୍ଧୁ..
ସୁଖ ନୁହେଁ ମୋର ଚିର ସହଚର
ଦୁଃଖ ମୋର ମହାସିନ୍ଧୁ ।
ଜୀବନଟା ମୋର ଅସ୍ଥାୟୀ ଠିକଣା
ପାଣିର ଫୋଟୋକା ପରି..
ଝୁଣ୍ଟିଲେ ପଡିଲେ କଷ୍ଟ ବି ଆସିଲେ
ଯାଏନାହିଁ କେବେ ଡରି ।
ରାସ୍ତାର ସେଇ ଦୁଇ କଡେ ଚାଲେ
ଜୀବନର ଗୀତ ଗାଇ..
କଷ୍ଟ ମୋହର ନୀରବ ଭାବନା
ଦେହ ମୋର ଯାଏ ସହି ।
ସବୁ ଜାଣି ପୁଣି ଚାଲେ ଏକା ଏକା
ବାଟ ବତାଇବ କିଏ..
ବାପା ମାଆ ମୋର କେହି ତ ନାହାଁନ୍ତି
ମୁଁ ଏକ ଅନାଥ ଟିଏ ।

ରାସ୍ତା କଡର ଧୂଳି ସାଥେ ମିଶି
ଜୀବନକୁ ବୋଧ ଦିଏ..
ଜୀବନ କେବେ ମୋ ଧୂଳିରେ ମିଶିବ
ସେଇ ବାଟ ଚାହିଁ ଥାଏ ।
ଏଇ ମୋ ଜୀବନ ଯନ୍ତ୍ରଣା ଭରା
ଆଶା ମୋର ଦୀପ ଟିଏ..
ନିରାଶା ଅନ୍ଧାରେ ପ୍ରଭୁ ଏକା ସାହା
ଆଉ ମୋର ଅଛି କିଏ ॥

କଟିକଟା, ଯାଜପୁର

ISSN NO.
2582-208X



# ଜୀମୂତବାହନ - ମଳୟବତୀ ବିବାହ



ନରେନ୍ଦ୍ର ପ୍ରସାଦ ବେହେରା

ମହାଧନ ବିଦ୍ୟାଧରଙ୍କ ବଧୂ ରୂପରେ ପାଇ ଅତ୍ୟନ୍ତ ଆନନ୍ଦ ହେଲେ । ପୁଲିନ୍ଦକଙ୍କର ବନ୍ଧୁ ପ୍ରିତି ଓ ଚରିତ୍ରବତ୍ତା ସମଗ୍ର ରାଜ୍ୟରେ ପ୍ରଶଂସିତ ହେବାକୁ ଲାଗିଲା । ମହାଧନଙ୍କ ଅନୁରୋଧ କ୍ରମେ ବଲ୍ଲଭୀର ରାଜା ସମଗ୍ର ଅରଣ୍ୟ ରାଜ୍ୟ ପୁଲିନ୍ଦକଙ୍କୁ ପ୍ରଦାନ କଲେ । ବସୁଦତ୍ତ ଏହା ପରଠାରୁ ମନୋହରୀଣି ପତ୍ନୀ ଓ ଅଭିନ୍ନ ହୃଦୟ ମିତ୍ରଙ୍କ ସହିତ ଆନନ୍ଦରେ ବାସ କରିବାକୁ ଲାଗିଲେ । ବସୁଦତ୍ତଙ୍କ ପତ୍ନୀଙ୍କ ନାମ ମନୋବତୀ ଥିଲା । ସେହି ମନୋବତୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା । ମହାଧନ ନାତିର ନାମକରଣ କଲେ ହିରଣ୍ୟଦତ୍ତା । ମହାଧନ ଜୀବନରେ ଅନ୍ତିମ ଫଳ ଲାଭକଲେ ବୋଲି ଭାବି ଶରୀର ତ୍ୟାଗ କରିବା ନିମନ୍ତେ ଗଙ୍ଗାତଟକୁ ଚାଲିଗଲେ ।

ପିତୃ ଶୋକରେ ଅଧୀର ହେଲେ ବସୁଦତ୍ତା । ଶେଷରେ ପୁଲିନ୍ଦକ ଜୀମୂତବାହନ ମିତ୍ରାବସୁଙ୍କୁ କହିଲେ, ମୋର ଶିବ ଶଙ୍କରଙ୍କ ଅଭିଶାପ ମନରେ ଉଦିତ ହେଲା । ବସୁଦତ୍ତ ପୁତ୍ରର ବୟୋପ୍ରାପ୍ତ ଦେଖି ତାକୁ ବିବାହ କରାଇ ପତ୍ନୀ ଓ ମିତ୍ରଙ୍କୁ ନେଇ କାଳଞ୍ଜର ପର୍ବତକୁ ଗମନ କଲି । ସେହି ପର୍ବତ ଉପରେ ପତ୍ନୀ ଓ ମିତ୍ରଙ୍କୁ ଶିବଙ୍କର ଅଭିଶାପ ବିଷୟ କହିଲି। ଶିବ ମନ୍ଦିରକୁ ଯାଇ ତୁମ୍ଭଙ୍କୁ ମିତ୍ର ରୂପେ ପରଜନ୍ମରେ ଯେପରି ପାଇବି ବୋଲି ପ୍ରାର୍ଥନା କଲି । ପ୍ରଭୁ ଶିବଶଙ୍କର ଦୟା କଲେ । ସେହି ଗୌରିପତିଙ୍କୁ ସ୍ମରଣ କରି ଗିରିଶିଖରୁ ଲମ୍ଫ ପ୍ରଦାନ ପୂର୍ବକ ପ୍ରାଣତ୍ୟାଗ କଲି । ମୁଁ ସେହି ଜାତିସ୍ମର ବସୁଦତ୍ତ । କଳ୍ପବୃକ୍ଷଙ୍କ ଦୟାରୁ ରାଜକୁଳରେ ଜୀମୂତବାହନ ରୂପରେ ଜନ୍ମଗ୍ରହଣ କରିଛି । ତୁମେ ସେହି ମିତ୍ର ପୁଲିନ୍ଦକ ଓ ତୁମ ଭଗନୀ ମଳୟବତୀ ହେଉଛନ୍ତି ମନୋବତୀ ।

ISSN NO.
2582-208X

ତେଣୁ ହେ ମିତ୍ର ତୁମ୍ଭେ ମୋର ପିତା- ମାତାଙ୍କୁ  ଜଣାଅ ସେମାନେ ଅନୁମତି ପ୍ରଦାନ କଲେ ତୁମର ଅଭିଷ୍ଟ ପୂରଣ ହେବ । ଜୀମୂତବାହନଙ୍କ ନିକଟରୁ ଏପରି ଶ୍ରବଣ କରି ମିତ୍ରାବସୁ ନିଜ ପିତା- ମାତାଙ୍କୁ ଜଣାଇଲେ । ମିତ୍ରାବସୁଙ୍କୁ ସାଦରେ ଆଦେଶ ପ୍ରଦାନ କଲେ, ତା ପରେ ମିତ୍ରାବସୁ ଜୀମୂତକେତୁ ଓ ତାଙ୍କ ପତ୍ନୀଙ୍କୁ ଜୀମୂତବାହନ ଓ ଭଗନୀ ମଳୟବତୀଙ୍କର ବିବାହ ସମ୍ବନ୍ଧ କରିବାକୁ ଅନୁମତି ଲୋଡିଲେ । ରାଜା ଜୀମୂତକେତୁ ଓ ରାଣୀ ଆନନ୍ଦରେ ସମର୍ଥନ କଲେ । ଏହାପରେ ମିତ୍ରାବସୁ ଭଗନୀର ବିବାହର ଆୟୋଜନ କଲେ । ଜୀମୂତବାହନ ଓ ମଳୟବତୀଙ୍କର ବିବାହ ଶେଷ ହେଲା । ସେହି ପର୍ବତରେ ରହି ପିତା-ମାତାଙ୍କ ସେବା କରିବାକୁ ଲାଗିଲେ ।

ଆଳଦା, ଖଇର୍‌ , ବାଲେଶ୍ୱର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଗ୍ରୀଷ୍ମ ଋତୁ ରେ ସ୍ୱାସ୍ଥ୍ୟ ର ଯତ୍ନ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ସାର୍ା ବିଶ୍ୱ ରେ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନ ହେତୁ ଧର୍ା ପୃଷ୍ଠ ରେ ୬ଟି ଋତୁ ପ୍ରତୀୟମାନ ହୋଇଥାଏ I ପ୍ରତ୍ୟେକ ଋତୁ ରେ ବର୍ଷା, ଶୀତ ଓ ଗ୍ରୀଷ୍ମ ର ପ୍ରଭାବ ବାୟୁମଣ୍ଡଳରେ ଅନୁଭୂତ ହୋଇଥାଏ I ଆମ ଭାରତ ବର୍ଷରେ ପ୍ରତିବର୍ଷ ଜାନୁୟାରୀ 14 ତାରିଖ (ମକର ସଂକ୍ରାନ୍ତି) ଠାରୁ ଜୁନ ମାସ 21 ତାରିଖ ପର୍ଯନ୍ତ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି I ଗ୍ରୀଷ୍ମ ଋତୁରେ ଦିନ ବଡ଼ ହୋଇ ରାତି ଛୋଟ ହୋଇଥାଏ I ପ୍ରାୟତଃ ଦିନ 11 ଟାରୁ 3 ଟା ଯାଏଁ ପ୍ରବଳ ଗରମ ଅନୁଭୂତ ହେତୁ, ଉକ୍ତ ସମୟ ରେ ପଦାକୁ ବାହାରିବ ଅନୁଚତ। ପୃଥିବୀ ଓ ସୂର୍ଯ୍ୟଙ୍କ ମଧ୍ୟରେ କିଛି ଦୂରତା ହ୍ରାସ ପାଉଥିବାରୁ ପୃଥିବୀ ପୃଷ୍ଠରେ ସୌର ରଶ୍ମୀ ରେ ତାପମାତ୍ରା ବୃଦ୍ଧି ପାଇ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେତୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ବେଳେ ବେଳେ ମନୁଷ୍ୟ ଅଂଶୁଘାତ (SUNSTROKE) ର ଶିକାର ହେବାର ଆଶଙ୍କା ରହିଥାଏ ।   ସୂର୍ଯ୍ୟ ରଶ୍ମୀ ସକଳ ଶକ୍ତିର ଆଧାର I ଯିବ ଜନ୍ତୁ, କୀଟପତଙ୍ଗ, ବୃକ୍ଷ ଲତା ଆଦି ସମଗ୍ର ଯିବ ଜଗତ ନିମନ୍ତେ ସୂର୍ଯ୍ୟ ରଶ୍ମୀର ନିହାତି ଆବଶ୍ୟକତା ରହିଥିବା ବେଳେ, ଗ୍ରୀଷ୍ମ ଋତୁରେ ହିଁ ସୌର ରଶ୍ମୀ ର ପ୍ରଖରତା ହେତୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦ୍ୱାରା ଜୀବଜଗତ ପାଇଁ ଏହା ବେଳେ ବେଳେ କ୍ଷତି ପହଞ୍ଚାଇଥାଏ I

## *ଗ୍ରୀଷ୍ମ ଋତୁରେ ତାପମାତ୍ର ବୃଦ୍ଧି ର କାରଣ*

ପୃଥିବୀ ସୃଷ୍ଟି ସମୟରୁ ଖରା, ବର୍ଷା, ଶୀତ ର ପ୍ରକୋପ, ଉପକାରିତା ଓ  ପ୍ରଭାବ ହେତୁ ମନୁଷ୍ୟ ସମାଜ ଓତଃ ପ୍ରତଃ ଭାବେ ଜଡିତ ହୋଇ ଏହାର ସାମ୍ନା କରି ଆସୁଅଛି, ଯାହାକି ପ୍ରକୃତି ଦତ୍ତ ତଥା ସ୍ୱାଭାବିକ ଋତୁଚକ୍ର ର ପ୍ରକ୍ରୟା ଅଟେ I ସାମ୍ପ୍ରତିକ ପରିସ୍ଥିତି ରେ

ISSN NO.
2582-208X

ମନୁଷ୍ୟକୃତ କେତକ କୃତ୍ରିମ କାରଣ ହେତୁ ଗ୍ରୀଷ୍ମ ଦିନେ ଜଳବାୟୁରେ ତାପମାତ୍ରା ପ୍ରବଳରୁ ଅତିପ୍ରବଳ ବୃଦ୍ଧି ପାଇ ବୃକ୍ଷଲତା, ଜୀବଜଗତ ଓ ମନୁଷ୍ୟ ଜାତି ନିମନ୍ତେ ମୃତ୍ୟୁ ସଦୃଶ୍ୟ ଯନ୍ତ୍ରଣା ଦାୟକ ପରିସ୍ଥିତି ସୃଷ୍ଟି ହେଉଛି ।

ସୂର୍ଯ୍ୟରଶ୍ମି ର ତାପମାତ୍ରା ସହ ଜଙ୍ଗଲରେ ମନୁଷ୍ୟ ଦ୍ୱାରା ଅଗ୍ନି ସଂଯୋଗ ହେତୁ, ଗ୍ରାମ ମାନଙ୍କରେ ବହୁଳ ପରିମାଣରେ ଇଟା ଭାଟି ରେ ଅଗ୍ନି ସଂଯୋଗ ହେତୁ, ବିଭିନ୍ନ କଳକାରଖାନା ରୁ ନିର୍ଗତ ଗରମ ବାଷ୍ପ, ଜଙ୍ଗଲରୁ ଦୀର୍ଘ ବର୍ଷ ଧରି ତିଷ୍ଠି ରହିଥିବା ବୃକ୍ଷ ଗୁଡିକୁ କାଟିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ରେ ବହୁଳ ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ, ସିମେଣ୍ଟ ଦ୍ୱାରା ବଡ଼ ବଡ଼ ଅଟାଳିକା ନିର୍ମାଣ ସହ ଜଙ୍ଗଲ, ଗ୍ରାମାଞ୍ଚଳ ମାନଙ୍କରେ ରେ ବୃକ୍ଷର ପରିମାଣ ହ୍ରାସ ଆଦି କାରଣ ହେତୁ ଗ୍ରୀଷ୍ମ ଦିନେ ସୂର୍ଯ୍ୟଙ୍କ ତାପମାତ୍ରା ବାୟୁମଣ୍ଡଳରେ ଦ୍ୱିଗୁଣିତ ହୋଇଥାଏ । ଯଦ୍ୱାରା ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଇବେଳେ ବେଳେ 40 ଡ଼ିଗ୍ରୀ ସେଲସିୟସ ରୁ ଅଧିକ ହୋଇ, ବାୟୁମଣ୍ଡଳରୁ ଉତ୍ତାପ ହ୍ରାସ ପାଇବାରେ ବିଳମ୍ବ ହୋଇଥାଏ ।

*ପ୍ରାକୃତିକ ଉପାୟରେ ଗ୍ରୀଷ୍ମତାପ ର ପ୍ରତିରୋଧ*

ଭାରତୀୟ ପାରମ୍ପରିକ ଚିକିତ୍ସା ଶାସ୍ତ୍ର ରେ ଗ୍ରୀଷ୍ମଋତୁ ରେ ପ୍ରବଳ ତାପମାତ୍ରାକୁ ପ୍ରତିରୋଧ ନିମନ୍ତେ କେତେକ ପ୍ରାକୃତିକ ପଦ୍ଧତି ବର୍ଣ୍ଣନା କରାଯାଇଅଛି । ଖରାଦିନେ ପ୍ରବଳ ଉତ୍ତାପ ଅନୁଭୂତ ହେଉଥିବା (ଦିବା 11ଘଣ୍ଟା ଠାରୁ 3 ଘଣ୍ଟା ପର୍ଯ୍ୟନ୍ତ) ସମୟରେ ଯାତାୟାତ ନକରିବା, ବାସଗୃହ ନିକଟରେ ଥିବା ବୃକ୍ଷ ର ଛାଇ ରେ ବିଶ୍ରାମ ନେବା, ଜରୁରୀ କିମ୍ବା ନିହାତି ଦରକାର ପଡିଲେ ହିଁ ପଦାକୁ ବାହାରିବା ବେଳେ ତୁଳାରେ ପ୍ରସ୍ତୁତି ସୂତାରେ ନିର୍ମିତ ଧଳା ଟୋପି, ଗାମୁଛା, ଲୁଗା ବା ବସ୍ତ୍ର ପରିଧାନ କରିବା ସହ କଳା ଚଷମା ଓ ଛତା ଧରି ଯାତାୟତ କରିବା ଉଚିତ ।

ବାସ ଗୃହରେ ଝରକା ଓ ଦୁଆରବନ୍ଧ ରେ ସୂତା ନିର୍ମିତ ବହଳିଆ କପଡା କିମ୍ବା ବେଣା ଘାସର ଚେର ରେ ନିର୍ମିତ ପଟି ଟାଙ୍ଗିବା ଦ୍ୱାରା ଶୀତଳ ପବନ ମିଳିବା, ଗରମ ରୁ ଆରାମ ମିଳିବା ସହ ଶାନ୍ତ ଦାୟକ ହୋଇଥାଏ । ଏତଦ ସହ ଗ୍ରୀଷ୍ମ ଋତୁରେ ମାଟି ପାତ୍ରରେ ପାଣି ରଖି ପାନୀୟ ଜଳ ରୂପେ ବ୍ୟବହାର କରିବା ସହ ପଇଡ଼ ପାଣି, ଆଖୁ ରସ ପିଇବା ସହ ସ୍ୱାସ୍ଥ୍ୟପ୍ରଦ ପାଇଁ ପଖାଳ ଭାତ, ଦହି, ଲେମ୍ବୁ, ଆଦି ନିରାମିଷ ଖାଦ୍ୟ ଓ ଅଧିକା ମାତ୍ରାରେ

ISSN NO.
2582-208X

ଜଳୀୟଅଂଶ ଥିବା ରଙ୍ଗତରଭୁଜ, କାକୁଡି, ଲସି,ଅଙ୍ଗୁର,କମଳା ଆଦି ଜୁସ କୁ ପାନୀୟ ରୂପେ ସେବନ କରିବା ଦ୍ୱାରା ଏହା ପେଟକୁ ଥଣ୍ଡା ରଖିବା ସହ ଶାନ୍ତ ଦାୟକ ଓ ସ୍ୱାସ୍ଥ୍ୟ ହିତକାରି ଅଟେ ।

*ମନୁଷ୍ୟ ଅଂଶୁଘାତ ରେ ଶିକାର ହେବାର କାରଣ*

ଆମ ଶରୀର ବର୍ଷା, ଖରା ଓ ଶୀତ ର ପ୍ରଭାବ କୁ ଖାପ ଖୁଆଇ ଚଳବା ସହ ଆମ ଶରୀରରେ ତାପମାତ୍ରା ହ୍ରାସ ପାଇବା ଓ ବୃଦ୍ଧି ପାଇବା କୁ ସନ୍ତୁଳତ ରଖିବା ପାଇଁ ଆମ ଶରୀରର ମସ୍ତିଷ୍କ ରେ "ହାଇପୋଥାଲମସ" ନାମକ ଏକ ଗ୍ରନ୍ଥ ରହିଛି । ଶରୀରରେ ଯେତେବେଳେ ଉକ୍ତ ସନ୍ତୁଳତ ପ୍ରକ୍ରୟା ହୋଇପାରିନଥାଏ ବା ନୟନ୍ତ୍ରଣ ପ୍ରକ୍ରୟା ଶରୀରରେ ଠିକ ଭାବେ ହୋଇପାରିନଥାଏ ସେତେବେଳ ମନୁଷ୍ୟ ସୌର ତାପ ସହ୍ୟ କରିନପାରି "ଅଂଶୁଘାତ" ର ଶିକାର ହୋଇଥାଏ ।

ଜଳବାୟୁରେ ତାପମାତ୍ରା ଅଧିକ ଥିବା ସମୟରେ ମନୁଷ୍ୟ ଯାତାୟତ କରିବା ଦ୍ୱାରା ଶରୀରରେ ତାପମାତ୍ରା ବୃଦ୍ଧି ପାଇବା ସହ ଶାରୀରିକ ଓ ମାନସିକ ସ୍ତରରେ ଆସନ୍ତୁଳତ ଅବସ୍ଥା ସୃଷ୍ଟି ହୋଇଥାଏ । ବେଳେ ବେଳେ ଏହା ନୟନ୍ତ୍ରଣ ବାହାରକୁ ଚ୍ଲିଯାଇ ମନୁଷ୍ୟ ଚେତା ଶୂନ୍ୟ ହେବା ସହ ଶରୀରରେ ବାତ ମାରିବା ପରି ଲକ୍ଷଣ ଦେଖାଯାଏ। ଶରୀରର ବାହ୍ୟ ଚର୍ମ ଉତ୍ତାପ ଯୁକ୍ତ ଓ ଶୁଷ୍କ ହେବାସହ ଶରୀରରୁ ବେଳେ ବେଳେ ଝାଳ ନର୍ଗତ ହୁଏ, ଏହାଦ୍ୱାରା ଦୁର୍ବଳ ଲାଗିବା ସହ ବାନ୍ତ ଲାଗିବା, ମୁଣ୍ଡ ଘୁରାଇବା ଆଦି ଲକ୍ଷଣ ଦେଖାଯାଏ । ଏହି ସମୟରେ ରୋଗୀଙ୍କୁ ତତକ୍ଷଣାତ ନକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେବା ଉଚତ ନଚେତ ରୋଗୀ ମୃତ୍ୟୁ ମୁଖରେ ପଡ଼ିବାର ଆଶଙ୍କା ରହିଥାଏ । ମୋଟାମୋଟି ଭାବେ ପ୍ରକୃତିର ଜଳବାୟୁ ପରିବର୍ତ୍ତନ ଅନୁଯାଇ ଆମ ଶରୀରର ତାପମାତ୍ରା ବୃଦ୍ଧି ପାଇବା ଓ ହ୍ରାସ ପାଇବା ନୟନ୍ତ୍ରଣ ପ୍ରକ୍ରୟା ସାଧାରଣତଃ ସ୍ୱତଃ ପ୍ରବୃତ୍ତ ବା ସ୍ୱାଭାବିକ ଭାବରେ ହୋଇଥାଏ । ଏହି ପ୍ରକ୍ରୟାରେ ବ୍ୟତିକ୍ରମ ହେଲେ ଆମ ଶରୀର ଅଧିକ ତାପମାତ୍ରା କୁ ସହ୍ୟ କରିନପାରି ଆମେ ଅଂଶୁଘାତର ଶିକାର ହୋଇଥାଉ ।

ଚକତ୍ସା ଶାସ୍ତ୍ର ମତାନୁଯାଇ ଛୋଟ ପିଲାମାନଙ୍କ ଶରୀରରେ ହାରାହାରି ତାପମାତ୍ରା ୨୭.୨ ଡିଗ୍ରୀ ଫାରେନାଇଟ (36.6ଡିଗ୍ରୀ ସେଲସିୟସ) ରୁ ୨୨ ଡିଗ୍ରୀ ଫାରେନାଇଟ (37.2ଡିଗ୍ରୀ ସେଲସିୟସ) ଏବଂ ପ୍ରାପ୍ତ ବୟସ୍କ (65 ବର୍ଷ ରୁ ଅଧିକ) ଲୋକଙ୍କ ଠାରେ ହାରାହାରି

ISSN NO.
2582-208X

ତାପମାତ୍ରା ୨୮.7 ଡିଗ୍ରୀ ଫାରେନାଇଟ(37 ଡିଗ୍ରୀ ସେଲସିୟସ) ରହିବା ଉଚତ I ଜଳବାୟୁର ପରିବର୍ତ୍ତନ ହେତୁ ତାପମାତ୍ରା ବୃଦ୍ଧି ପାଇବା ସହ ଶରୀରରେ ସ୍ୱାଭାବିକ ସ୍ଥିତି ବିଗିଡି ଯାଇ ବେଳେ ବେଳେ ସୁସ୍ଥ ବ୍ୟକ୍ତି ନମ୍ନ ରକ୍ତଗ୍ଚପ, ନିଃଶ୍ୱାସ ପ୍ରଶ୍ୱାସରେ ପ୍ରଖରତା, ନାଡିର ଗତି ବୃଦ୍ଧି ପାଇବା, ପରିସ୍ରା ର ପରିମାଣ କମି ହଳଦିଆ ବର୍ଣ ହେବା ସହ ଶରୀରର ମାଂସପେଶି ଅକୁଞ୍ଚନ ହେବା ସହ ଯନ୍ତ୍ରଣା ଅନୁଭବ ହେବା, ମୁଣ୍ଡ ବିନ୍ଧିବା, ଦୁର୍ବଳ ଲାଗିବା ଆଦି ଅଂଶୁଘାତର ଲକ୍ଷଣ ଦେଖା ଦେଇଥାଏ I ରୋଗୀର ପରିସ୍ଥିତିକୁ ନିୟନ୍ତ୍ରଣ ନିମନ୍ତେ ତୁରନ୍ତ ଚିକିତ୍ସା କେନ୍ଦ୍ରକୁ ନେଇ ଡାକ୍ତରଙ୍କ ପରାମର୍ଶ ରେ ରୋଗୀର ଉପଶମ କରାଇବା ଆବଶ୍ୟକ ଅଟେ I

ସାଧାରଣତଃ ନମ୍ନ ରକ୍ତଗ୍ଚପ ଓ ଉଚ୍ଚ ରକ୍ତଗ୍ଚପ ରେ ପୀଡିତ ବ୍ୟକ୍ତି, ମଧୁମେହ, ଯକ୍ଷ୍ମା ରେ ସଂକ୍ରମିତ ରୋଗୀ, ଦୁର୍ବଳ ବ୍ୟକ୍ତି, ଛୋଟ ପିଲା ବୃଦ୍ଧ, ବୃଦ୍ଧା, ଗର୍ଭବତୀ ମହିଳା, ଖରାରେ ଅଧିକ ସମୟ ରହି କାର୍ଯ୍ୟ କରୁଥିବା ବ୍ୟକ୍ତି, ଅଧିକ ମୋଟା ଥିବା ବ୍ୟକ୍ତି, ଦୀର୍ଘଦିନ ଧରି ରୋଗରେ ପୀଡିତ ବ୍ୟକ୍ତି ମାନେ ଗ୍ରୀଷ୍ମ ଋତୁରେ ଅଧିକ ସତର୍କତା ଅବଲମ୍ବନ କରିବା ନହାତି ଜରୁରୀ ଅଟେ, ନଚେତ ଅଂଶୁଘାତ ହେବାର ଅଧିକ ସମ୍ଭାବନା ରହିଥାଏ I

ସାମ୍ପ୍ରତିକ ପରିସ୍ଥିତି ରେ ଦିନକୁ ଦିନ ପ୍ରତିବର୍ଷ ସୂର୍ଯ୍ୟଙ୍କ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାର ପରିଲିକ୍ଷିତ ହେଉଛି I ଜଙ୍ଗଲ ରୁ ବୃକ୍ଷ ହ୍ରାସ ପାଇବା, କଳକାରଖାନା ଏବଂ ଗାଡ଼ିମଟର ଆଦିରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦ୍ୱାରା ଜଳବାୟୁରେ ଉତ୍ତାପ ବୃଦ୍ଧି ଘଟିଥାଏ I ଯଦ୍ୱାରା ଜଳବାୟୁରେ ଅସ୍ୱାଭାବିକ ଗରମ ଅନୁଭୂତ ହୋଇ ମନୁଷ୍ୟ ଅଂଶୁଘାତ ରେ ଶିକାର ହେବାର ଆଶଙ୍କା ଅଧିକ ରହିଥାଏ I ଏହି ସମସ୍ତ ବିଷୟକୁ ଆମେ ଅନୁଭବ କରି ଅଂଶୁଘାତ ଠାରୁ ଦୁରେଇ ରହିବା ପାଇଁ ନିଜେ ସତର୍କତା ଅବଲମ୍ବନ କରିବା ସହ ନିଜ ପରିବାର ତଥା ସମାଜର ସବୁ ସ୍ତରରେ "ଅଂଶୁଘାତ" ର ସତର୍କତା ଓ ସଚେତନତା ର ବାର୍ତ୍ତା ଜାରିରଖିବା ଆବଶ୍ୟକ ଅଟେ I

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

ISSN NO.
2582-208X

# ଅଣ୍ଡା ଠାରୁ ଅଧିକ ପୁଷ୍ଟିସାର ଏହି ତିନୋଟି ଖାଦ୍ୟ - ସ୍ୱାସ୍ଥ୍ୟ ପାଇଁ ହିତକର



ଡାକ୍ତର ଅଭିମନ୍ୟୁ କାନୁନଗୋ

ସୁସ୍ଥ ଶରୀର ପାଇଁ ସଠିକ ପରିମାଣରେ ପ୍ରୋଟିନ୍ ଯୁକ୍ତ ଜିନିଷର ସେବନ କରିବା ଉଚିତ୍ । ନଚେତ୍ ଶରୀର ଦୁର୍ବଳ ଓ ଅନ୍ୟ ସମସ୍ୟା ସୃଷ୍ଟି ହୋଇଥାଏ । ସେହିପରି ଅନେକଙ୍କ ଧାରଣା ଅଣ୍ଡା ଏବଂ ଆମିଷ ଜିନିଷରେ ହିଁ ଅଧିକ ପ୍ରୋଟିନ୍ ରହିଥାଏ । ମାତ୍ର ଏଭଳି କେତେକ ପନିପରିବା ରହିଛି, ଯେଉଁଥିରେ ଅଣ୍ଡା ଠାରୁ ଅଧିକ ପ୍ରୋଟିନ୍ ରହିଛି । ଏହି ସମସ୍ତ ପନିପରିବାକୁ ଆପଣ ନିଜର ଦୈନନ୍ଦିନ ଖାଦ୍ୟରେ ସାମିଲ କରିପାରିବେ । ଏହା ଶରୀରକୁ ଅନେକ ରୋଗରୁ ଦୂରେଇ ରଖିଥାଏ । ଜାଣନ୍ତୁ ସେହି ୩ଟି ପନିପରିବା ବିଷୟରେ..

ଯଦି ଆପଣ ଆମିଷ ସେବନ କରୁନଥିବେ, ତେବେ ଫୁଲ କୋବି ନିଜ ଖାଦ୍ୟରେ ନିଶ୍ଚୟ ସାମିଲ କରନ୍ତୁ । ଫୁଲକୋବି ଓ ବ୍ରୋକଲି ପ୍ରୋଟିନ ରେ ଭରପୁର । ଏହାର ସେବନ ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ । ଏଥିରେ ଅଳ୍ପ ଫ୍ୟାଟ୍ ଓ କ୍ୟାଲୋରୀ ଥିବାରୁ ଓଜନ ବୃଦ୍ଧିର ମଧ୍ୟ ସମ୍ଭାବନା ନଥାଏ । କୋବିରେ ମାଗ୍ନେସିୟମ, ପୋଟାସିୟମ, ଭିଟାମିନ କେ ଓ ଅନ୍ୟ ଭିଟାମିନ୍ ମଧ୍ୟ ରହିଛି । ଏହା କର୍କଟ ଭଳି ମାରାତ୍ମକ ରୋଗ ସହ ଲଢେଇ କରିବାରେ ମଧ୍ୟ ସହାୟକ ହୋଇଥାଏ ।

ISSN NO.
2582-208X

ସବୁଜ ମଟରେ ମଧ୍ୟ ଆବଶ୍ୟକୀୟ ମିନେରାଲ୍ସ, ମାଗ୍ନେସିୟମ୍, ଫୋଲେଟ, ଜିଙ୍କ ଓ ଆଇରନ ରହିଛି । ଏହା ଫ୍ୟାଟ୍ ଓ କୋଲେଷ୍ଟେରୋଲ୍ ସ୍ତରକୁ ହ୍ରାସ କରିଥାଏ । ଖରାଦିନେ ଏଥିରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପିଲାଙ୍କୁ ଖୁଆଇବା ନିତ୍ୟାନ୍ତ ଆବଶ୍ୟକ ।

ପୋଷକ ତତ୍ତ୍ୱରେ ଭରପୁର ପାଳଙ୍ଗ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ । ଏଥିରେ ଭିଟାମିନ ଏ, ସି ରହିଛି । ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏଥିରେ ପ୍ରୋଟିନ୍ ବ୍ୟତୀତ ଆଇରନ ରହିଥାଏ । ଏହା ଶରୀରରେ ରକ୍ତର ଅଭାବକୁ ଦୂର କରିଥାଏ ।

ପ୍ରସାରଭାରତି, ପୁରୀ

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# କର୍ଣ୍ଣ କଟଲେଟ୍



ଜୟନ୍ତୀ ଦେବୀ

## ଆବଶ୍ୟକ ସାମଗ୍ରୀ:

ମକା ଦାନା ସିଝା - ୨ କପ୍, ଅରୁଆ ଭାତ - ଅଧାକପ୍, କଞ୍ଚାଲଙ୍କା - ୩ଟି, କଟା ଧନିଆ ପତ୍ର - ୨ ଚାମଚ୍, ପାଉଁରୁଟି ଗୁଣ୍ଡ - ୨ କପ୍, ଅଧଚାମଚ ଗୋଲମରିଚ ଗୁଣ୍ଡ, ୧ ଚାମଚ କୋରା ଛେନା, ଆବଶ୍ୟକାନୁସାରେ ଲୁଣ

## ପ୍ରସ୍ତୁତି ପ୍ରଣାଳୀ:

ତାୱାରେ ବଟର ଦେଇ ମକା ସିଝାକୁ ଭାଜି ଦିଅନ୍ତୁ । ସେଥିରେ ଅରୁଆ ଭାତ, କଞ୍ଚା ଲଙ୍କା ଏବଂ କଟା ଧନିଆ ପତ୍ର ମିଶାନ୍ତୁ । ୧ ମିନିଟ୍ ଭାଜି କାଢି ଦିଅନ୍ତୁ । କ୍ଷୀରରେ କର୍ଣ୍ଣ ଫ୍ଲୋର୍ ମିଶାଇ ଭଲ ଭାବେ ଘାଣ୍ଟନ୍ତୁ ଯେପରିକି ଟେଳା ରହିବ ନାହିଁ । ଏଥର ତାକୁ ବହଳିଆ ହେବା ପର୍ଯ୍ୟନ୍ତ ଗରମ କରନ୍ତୁ ଓ ପରେ ଗ୍ୟାସରୁ କାଢି ଥଣ୍ଡା କରନ୍ତୁ । ମକା ଭାତର ମିଶ୍ରଣରେ ଏହାକୁ ଢାଳନ୍ତୁ । ଏହାପରେ କୋରା ଛେନା, ଲୁଣ ଓ ଗୋଲମରିଚ ଗୁଣ୍ଡ ମିଶାନ୍ତୁ । ହାତରେ ଚାପି ନିଜର ମନ ମୁତାବକ ଡିଜାଇନ୍ ର କଟଲେଟ୍ ଗଢନ୍ତୁ । ଏଥର ମଇଦାରେ ଅଳ୍ପ ପାଣି ମିଶାଇ ଘୋଳ ପ୍ରସ୍ତୁତ କରନ୍ତୁ । କଟଲେଟ୍ କୁ ସେହି ଘୋଳରେ ବୁଡାଇ ପାଉଁରୁଟି ଗୁଣ୍ଡରେ ଗଡାଇ ଛାଣନ୍ତୁ । ଟମାଟୋ ସସ୍ ସହ ପରିବେଷଣ କରନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଭେଜିଟେରିଆନ୍
# କମା



ଅଧାପିକା ରୋଜାଲିନ୍ ବାରିକ୍

**ଆବଶ୍ୟକ ସାମଗ୍ରୀ:**

କଞ୍ଚା ମଟର, ଆଳୁ, ବିଲାତି ବାଇଗଣ, ପିଆଜି, ଅଦା-ରସୁଣ ବଟା,
ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଜପତ୍ର,
ଧନିଆ ପତ୍ର, ଲହୁଣୀ, ସୋରିଷ ତେଲ ଓ ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ କଞ୍ଚା ମଟରରୁ ଦାନାକୁ କାଢି ନେଇ ଅଧାବଟା କରି କଡେଇରେ ଗରମ ତେଲରେ ତେଜପତ୍ର ପକାଇ ଭଲଭାବରେ ଭାଜନ୍ତୁ । ଭାଜି ହୋଇଯିବା ପରେ କଡେଇରୁ ବାହାର କରି ବଳକା ତେଲରେ ପିଆଜ ରସୁଣ ଓ ଅଦା ବଟାକୁ ପକାଇ କଷି ହୋଇଗଲା ପରେ ଟମାଟୋ କୋର୍, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡା ଓ ଲୁଣ ପକାଇ ମିଶାନ୍ତୁ । ଆଳୁକୁ ଛୋଟ ଛୋଟ କରି କାଟି ଭଲଭାବରେ ଧୋଇ ମସଲା କଷି ଅଧାବଟା ମଟର ଭଜାକୁ ପକାଇ କଷନ୍ତୁ । ସେଥିରେ ୨ କପ୍ ପାଣି ଦେଇ, ପ୍ରେସର କୁକରରେ ୨ଟି ସିଟି ଦେବା ପର୍ଯ୍ୟନ୍ତ ସିଝାନ୍ତୁ । ଧନିଆ ପତ୍ର ଓ ଲହୁଣୀକୁ ତା ଉପରେ ବିଞ୍ଚି ଭଲ ଭାବରେ ଗୋଳାଇ ଦେଇ ପରିବେଷଣ କରନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ସାହି ଟୁକୁଡା



ଅଳକା ବାରିକ୍

**ଆବଶ୍ୟକ ସାମଗ୍ରୀ:**

ପାଉଁରୁଟି ୪ ପିସ୍, କ୍ଷୀର ଅଧ ଲିଟର, ଚିନି ୧/୪ କପ୍, ଘିଅ-ଅଳ୍ପ, ୨ ଗ୍ରାମଚ ଗୁଣ୍ଡା କାଜୁ, ୨-୩ଟି ଗୋଟା କାଜୁ, କର୍ଣ୍ଣ ଫ୍ଲୋର୍ ୧ ଗ୍ରାମଚ, ଟିପେ ସାଫ୍ରାନ୍, ରୋଜ୍ ଏସନ୍ସ ୨-୩ ବୁନ୍ଦା ।

**ପ୍ରସ୍ତୁତି ପ୍ରଣାଳୀ:**

କ୍ଷୀର ଗରମ କରନ୍ତୁ । ସେଥିରୁ ଅଳ୍ପ କାଢି ସାଫ୍ରାନ୍ ଏବଂ କର୍ଣ୍ଣ ଫ୍ଲୋର୍ ମିଶାଇ ପୁଣି କ୍ଷୀରରେ ଢାଳ ଦିଅନ୍ତୁ । ଧିର ଆଞ୍ଚରେ ବହଳିଆ ହେବା ପର୍ଯ୍ୟନ୍ତ ଫୁଟାନ୍ତୁ । ସେଥିରେ କାଜୁ ଖଣ୍ଡକୁ ମିଶାନ୍ତୁ । ଏହି ରାବିଡିକୁ ଅଲଗା ରଖି ଦିଅନ୍ତୁ । ଏଥର ପାଉଁରୁଟିକୁ ତ୍ରିକୋଣିଆ ଆକାରରେ କାଟି ଲାଲ ହେବା ଯାଏଁ ଭାଜନ୍ତୁ । ଚିନିରେ ପାଣି ମିଶାଇ ସିରା ପ୍ରସ୍ତୁତ କରନ୍ତୁ । ଭଜା ପାଉଁରୁଟିକୁ ସିରାରେ ୧ ମିନଟ୍ ପାଇଁ ବୁଡାଇ ଆଣନ୍ତୁ । ଏହାପରେ ପାଉଁରୁଟି ପିସ୍ ଗୁଡିକୁ ପ୍ଲେଟ୍ ରେ ସଜାଇ ଦିଅନ୍ତୁ । ଉପରେ ରାବିଡି ଢାଳ ରଖି ୩/୪ ମିନଟ୍ ପରେ ପରଷନ୍ତୁ । ଏହାଦ୍ୱାରା ପାଉଁରୁଟି ଖଣ୍ଡ ଗୁଡିକ ରାବିଡିକୁ ଶୋଇଷିନେବ । ଉଭୟ ଗରମ ଓ ଥଣ୍ଡା ଅବସ୍ଥାରେ ଇଚ୍ଛାନୁସାରେ ଖାଇ ପାରିବେ ।

ମହୁ, ଆଳି, କେନ୍ଦ୍ରପଡା

ISSN NO.
2582-208X

# ଆଚାରି ଆଳୁ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ (ପୂଜା)

**ଆବଶ୍ୟକ ସାମଗ୍ରୀ:**

ବଡ ଆଳୁ ୪/୫ ଟି, ଟମାଟୋ-୨ଟା, ସୋରିଷ- ୧ ଗ୍ରାମଚ, ହିଙ୍ଗୁ-ଅଧ ଗ୍ରାମଚ ଜିର୍‌ଗ୍ - ୧ ଗ୍ରାମଚ, ଅଦା ରସୁଣ ପେଷ୍ଟ-୧ ଗ୍ରାମଚ, ହଳଦୀ-୧ ଗ୍ରାମଚ, ଲଙ୍କା ଗୁଣ୍ଡା-୨ ଗ୍ରାମଚ, ମିକ୍ସଡ୍ ଭେଜ୍ ଆଗ୍ରର - ୨ ଟେବୁଲ୍ ଗ୍ରାମଚ, ଧନିଆଁ, ପୁଦିନା ପତ୍ର ଅଳ୍ପ, କସ୍ତୁରୀ ମେଥି - ୧ ଗ୍ରାମଚ, ରିଫାଇନ୍ ତେଲ - ୨ ଟେବୁଲ୍ ଗ୍ରାମଚ ।

**ପ୍ରସ୍ତୁତି ପ୍ରଣାଳୀ:**

କଡେଇରେ ତେଲ ତରମ କରି ସେଥିରେ ଜୀର୍‌ଗ୍, ସୋରିଷ, ହିଙ୍ଗୁ, ଅଦାରସୁଣ ପେଷ୍ଟ ଓ କଟା ଟମାଟୋ ପକାଇ କଷନ୍ତୁ । ଏହାପରେ ସେଥିରେ ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡା, ହଳଦୀ ଗୁଣ୍ଡ ଏବଂ ଲୁଣ ମିଶାନ୍ତୁ । ହାଲକା ଆଞ୍ଚରେ ୫ ମିନଟ୍ ଏପଟ ସେପଟ କରିବା ପରେ ସେଥିରେ ଆଳୁ ମିଶାନ୍ତୁ । ତା ପରେ ଆଗ୍ରର, କସ୍ତୁରୀ ମେଥି, କଟା କଞ୍ଚା ଲଙ୍କା ମିଶାଇ ଢାଙ୍କୁଣି ଘୋଡାଇ ୫ ମିନଟ୍ ରଖନ୍ତୁ । ଏଥର ଢାଙ୍କୁଣି କାଢି ଉପରେ କଟା ଧନିଆ ଓ ପୁଦିନା ପତ୍ର ଛିଞ୍ଚି ଦିଅନ୍ତୁ । ଏହାକୁ ରୁଟି ବା ପରଟା ସହ ପରିବେଷଣ କରନ୍ତୁ ।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ନୀଲମାଧବ ସାହିତ୍ୟ : ଗୁଟେ ଆଲୋଚନା



ବ୍ରଜମୋହନ ମେହେର

ସାନେମାଡ଼େ ଆମେ ତାହଁକେ କୋସଲବ୍ୟାସ ବଲି ନେଇଁ କହୁଁ, ହେନତି ତାହଁକର ସାହିତିଅ ଅଛେ ବଲି ସିନା! କୋସଲି ଭାଷାନେ 'ମାହାଭାରତ କଥା' ଲେଖିଛନ ବଲି କୋସଲବ୍ୟାସ ଭାବେ ନାଁ ପେଇଛନ ବଲବାରଟା ସତ ଆଏ, ମାତର ହେ' ମହାଭାରତ ଠାନୁ ଆରୁ ଯେ କେତେଗୁରି ଲେଖିଛନ ହେଟାକେ ନେଇଁଦେଖୁଁ ବନେକରି ।

ତାହଁକର ବାବଦେ ଆରୁ କେନ୍ ନେଇଁଜାନି ! ତେନେପି ଆରଥରେ କହେଲେ, ସମଲପୁର ଜିଲାର ଗୁଲୁଣ୍ଡା ଠାନେ ତାରିଖ ୧୪/୧୧/୧୯୧୯ ମସିହାନେ କବି ନୀଲମାଧବ ପାଣିଗ୍ରାହୀ କଁର ଜନମ । ୨୮/୧୧/୨୦୧୨ ତକ୍ ଜୀବନ ଧାରନ କରସନ । ସାହିତିଅ ଆର ଗବେଷଣା ଭିତରେ କେତନିକେତେ ଅଛେ ତାହାଁକର ଯୋଗଦାନ । ୧୯୪୬ ମସିହାନୁ ମାସିକ ପତରିକା 'ଶଂଖ' ନୁ ମୁଂଦଲ କରିକରି ୧୯୯୭ ପତେ ଉଡ଼ିଆ ପତରିକାମନଥି କେତନିକେତେ ପ୍ରବଂଧ ଆରୁ କବିତା ଲେଖସନ। ସଂପାଦନା ଭିତରେ ରହିଛେ ସଂଗୀତ ବିଷଏଥି ଉଡ଼ଶାର ଛ' ଖଁଡ଼ ସଁସ୍କୁରୁତ ପୁଥି ଆରକେତେ ଉଡ଼ିଆ ସ୍ମରଣିକା । ଉଡ଼ିଶା ବାହାରେ ବାହିଛେ ତାକର କେତେ ଇଂଗ୍ଲିଶ୍ ପ୍ରବଂଧ। କୋସଲି ଭାଷାନେ ଅଛେ 'ସମଲପୁରର କଥା' କାବ୍ୟ ଆରୁ କେତେ ଉଡ଼ିଆ କବିତାର ଅନୁବାଦ, 'କୋଶଲିକା' ବଲି କବିତା ସଁକଲା, ପତରିକାମନଥି ବାହାରିଥିବାର କେତେ କୋସଲି ପ୍ରବଂଧ ଆର କବିତା । ଆରୁ ସବେ ଜାନିଛୁଁ, 'ମାହାଭାରତ କଥା'। 'ମହାଭାରତ କଥା' ବାହାରିଛେ ସମଲପୁର ୟୁନିଭରସିଟିନୁ। ସଁପୂରନ ହେଇନେଇଁପାରି ମାତର । ୨୦୦୫ ମସିହାନେ ବାହାରିଛେ 'ପାଣିଗ୍ରାହୀ ପଦ୍ୟାବଳୀ'। ୨୦୧୮ ମସିହାନେ ଓଡ଼ିଶା ସାହିତ୍ୟ ଏକାଡେମୀ ନୁ ବାହାରିଛେ

ISSN NO.
2582-208X

ଗ୍ରଂଥାବଲୀ— 'ନୀଲମାଧବ ପାଣିଗ୍ରାହୀ ରଚନାବଲୀ'। ମାତର ଇଥି 'ମାହାଭାରତ କଥା' କି ଇଂଲିଶ୍ ର ପ୍ରବଂଧମନେ ଠାନପେଇ ନେଇଁପାରି। ହେନତି ନେଇଁନା ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ କଁର ସଂଗେ ମେସିକରି ଲେଖିଥିବାର ଆରୁ ୨୦୦୧ ମସିହାନେ ସମଲପୁର ୟୁନିଭରସିଟିନୁ ବାହାରିଥିବାର 'ସମଲ୍‌ପୁରି କୋସଲି ବ୍ୟାକରଣ' ।

ଆରୁ ପୁରସ୍କାର କି ସନମାନ ଭିତରେ ଦେଖଲେ, 'ଭାରତୀୟ ସଙ୍ଗୀତ' ବହି ଲାଗି ୧୯୬୫ ମସିହାନେ ପୁରସ୍କାର ପାଏସନ । ୧୯୬୦ ନୁ ୧୯୯୯ ଭିତରେ ତାହାଁକର ଉନଜା ଉନଜା ସନମାନ ଭିତରେ ଅଛେ ସଂଗୀତ ନାଟକ ଏକାଡେମୀ ପୁରସ୍କାର ଆର ସଂବର୍ଧନା, ସମଲପୁର ୟୁନିଭରସିଟିର ଭରତଚଂଦ୍ର ନାୟକ ସ୍ମାରକ ପୁରସ୍କାର ମାନପତର, ରଜତ ଜୟଂତୀ ବେଲେ ମାନପତର । ୧୯୯୯ ମସିହାନେ ପାଏସନ ସନମାନ ସୂଚକ ଡି. ଲିଟ୍ ଉପାଧି । ଜୀବନସାରା ସାହିତ୍ୟ ସାଧନା ଲାଗି ସରଗବାସର ଚାଏରମାସ ଆଘୁନ୍ କେଂଦ୍ର ସଂଗୀତ ନାଟକ ଏକାଡେମୀ ତରଫୁନ ଗଉରବମଏ 'ଟାଗୋର ସନମାନ' ପାଏସନ ନୀଲମାଧବ ପାଣିଗ୍ରାହୀ ମହାଶଏ। ଆରୁ ସବୁଠାନୁ ବଡ଼ ସରଦା-ଭରା ପଦବୀ 'କୋସଲ ବ୍ୟାସ' ବଲିକରି - ସବୁଦିନେ କହୁଥିବେ ସାରା କୋସଲବାସୀ । ଯେତେଦିନ ପତେ କୋସଲି ଭାଷା ଥିବା, ଯେତେଦିନତକ୍ କୋସଲି ଅସ୍ମିତା ଥିବା, ହେତେଦିନ ନୀଲମାଧବ ପାଣିଗ୍ରାହୀକଁର ନାଁ ଉଜୁଥିବାବ୍।

ଗବେଷଣା ଦିଗେ ତ ତାହାଁକର କେତନିକେତେ ନାଁ ଅଛେ— ଓଡ଼ିଶା ସାହିତ୍ୟ ଏକାଡେମୀନୁ ବାହାରିଥିବାର 'ନୀଲମାଧବ ପାଣିଗ୍ରାହୀ ରଚନାବଲୀ'(୨୦୧୮) ଇଥିର ପରମାଣ ଦେସି । ଓଡ଼ିଆ, ହିଂଦୀ, ଇଂଗଲିଶ୍, ବଂଗଲା, ସଁସ୍‌କୁରୁତନେ କେତନିକେତେ ଗିଆନ ଥିଲା ତାହାଁକର। ହେତକି ଗିଆନ ନେଇଁଥିଲେ ଏତକି ତତ୍ତ୍ୱଭରତି ପ୍ରବଂଧ ସବୁ କାହିଁର ହେଇପାରିଥିତା ! 'ପ୍ରବନ୍ଧ ପାହାଚ', 'ଭାରତୀୟ ସଙ୍ଗୀତ', 'ଶ୍ରୀ ଗୀତଗୋବିନ୍ଦ ଓ ଜୟଦେବ, ଗୀତଗୋବିନ୍ଦ', 'ସଙ୍ଗୀତ କୌମୁଦୀ', 'ଗୀତଗୋବିନ୍ଦରେ ସାଙ୍ଗୀତିକ ଦର୍ଶନ' ଭଲିଆ ସାହିତିଅ ଆରୁ ସଂଗୀତ ଦିଗେ ସମାଲୋଚନା ପ୍ରବଂଧ ବହି ସଂଗେ ସଂଗେ ଆମର କୋସଲ ମାଟିର ସପଖିଆ ହେଇ ଲେଖିଥିବାର 'ଓଡ଼ିଶାରେ ଉପକୂଳି ପ୍ରଦେଶ କେବେ ଓ କାହିଁକି?', ଓଡ଼ିଶା ସହିତ ସମ୍ବଲପୁର ମିଶ୍ରଣର ଅଜ୍ଞାତ ଦିଗନ୍ତ' ପ୍ରବଂଧ ତାହାଁକର ବାରିକ ସଁପୁର ନଜରର କାରିଗରିକେ ଦେଖେଇ ଦେସି । ହେନତି ତାହାଁକର ଯୁକ୍ତି, ହେନତି ତାହାଁକର ତର୍କ ।

ISSN NO.
2582-208X

ମାତର ବଡ଼ା ଦୁଖର କଥା, ଉଡ଼ିଆ ସମାଲୋଚନା ସାହିତିଅର ଇତିହାସନେ ତାହାଁକର ନାଁ ଗଂଧ ନେଇଁ ।

ଆମର ଭାଷାର ଲାଗି ଅପନେ ପତରିକା ଗୁଟେ ବି ସଂପାଦନା କରୁଥିଲେ । ପତ୍ରିକାର ନାଁ ଥିଲା : ନିସାନ୍ । ଆରୁ ଜାନିଛନ ? ଆମର ଭାଷାର ନାଁକେ ନେଇକରି ବିବାଦ ହେତକିବେଲେ ବି ଥିଲା । ପଂଡିତ ପ୍ରୟାଗଦତ୍ତ ଜୋଷୀ ଯେତେବେଲେ ଆମର ଭାଷାର ନାଁକେ 'କୋଶଲୀ' ବଲି ଚିହ୍ନେଇ ବସଲେ, ହେତକିବେଲେ ପହେଲେ ପହେଲେ ଆମର ନୀଲମାଧବ ଆଗିଆଁ କଡ଼ା ପରତିବାଦ କରିଥିଲେ 'ଆମର ଭାଷା ସମଲପୁରୀ ଆଏ କୋଶଲୀ ନାଇଁସେ' ବଲି । ମାତର ପଂଡିତ ପ୍ରୟାଗଦତ୍ତ ଜୋଷୀକଁର ସଂଗେ ଗୁଟେସଂଗେ ଯେତେବେଲେ ଚର୍ଚାକଲେ, ସବୁଦିଗକେ ଉହାଟଲେ, ହେତକିବେଲେ କୋସଲ ମାଟିର କୋସଲି ପହେଚାନ ସଂଗେ ସଂଗେ ଭାଷାର ନାଁ ବି କୋଶଲୀ (କୋସଲି) ହେବା ବଲି ମାନିନେଲେ । ସମଲପୁରୀକେ ବିରୋଧ କରି କରି କୋସଲୀ ପହେଚାନ ନେଇଁଉଠି, କୋସଲୀର ଅଂଗୀଭୂତ ଯେ ସମଲପୁରୀ - ଇଟା ସବେ ଜାନବାର କଥା। କଟକୀ ଆରୁ ଉଡ଼ିଆ କହେଲେ ଯେନତା, ସମଲପୁରୀ ଆରୁ କୋଶଲୀ ଭିତରେ ଯେ ହେନତା- ଆମେ ଭାବବାର ସମିଆ ଆସିଛେ। ଆରୁ ଦେଖ ହେତକିବେଲେ, ସମଲପୁରୁନ୍ ଏକା ହେମନକର ଉଜୁଗ୍‌ନେ ବାହାରିଥିଲା ଆମର ଏକତାର ରାହା 'ହାମେ କୋଶଲୀ ହାମର୍ ଭାଷା କୋଶଲୀ' ବହି। ମାତର ଆମେ ମାର ବାଜୁଛୁଁ ଇଛନ ।

ତାରପଛେ ଭାଷା ଛୁମକେ ଆସୁଁ ଇଛନ । କେନସି ସଁକରିଆ ଭାବ ନେଇଁଛିଇ ନୀଲମାଧବ ପାଣିଗ୍ରାହୀକଁର ଠାନେ । ହୁରୁଦକେ କରିନେଇଛନ ଉସାର ପିସାର । ଅପନେ ଜାନିଥିଲେ ଯେ ଆଧୁନିକ ଭାରତୀୟ ଭାଷାମନେ ଯେତେବେଲେ ଶିଷ୍ଟ ଭାଷା ଭାବେ ପରିଚିତ ହେଲେ ହେତକିବେଲକେ ସବକେସବ ସଂସ୍କୃତ ଭାଷା ଦିଗକେ ମୁହେଇଛନ । ପରାକୃତ ଭାଷାନେ ଯେନ୍ ବନାନ ଥିଲା ହେନୁ ମୁହୁଁ ଆଡ଼ିକରି ଯେନତା ସଁସ୍‌କୁରୁତ୍‌କେ କୁଲେ ଆନି ବସେଇଛନ- ନିଜର ମର୍ଯ୍ୟାଦା ବଢ଼ାବାକେ। ହେନତି ନୀଲମାଧବ ପାଣିଗ୍ରାହୀ କଁର ସାହିତ୍ୟକେ ଦେଖଲେ ହେ ପଏଗୁନ ଫଟିକ୍ ହେଇଯାଏସି। ତାହାଁକର ଭାଷା ସଂସ୍କୃତ ଶବଦର ବହଲ ବେଭାର ଦେଖିପାରମୁ । ହେନତି ଆମର ଭାଷାର ଅସଲ ପଏଗୁନ(ଲକ୍ଷଣ) ଦେଖିକରି ତଦ୍‌ଭବ ଶବଦର ବନାନ କଲାବେଲକେ ଉଡ଼ିଆ ଭାଷିର

ISSN NO.
2582-208X

ଅଂଧା ଅନୁସରନ ନେଇଁକରିକରି ହିଂଦୀଭାଷାର ବନାନକରାକେ ଉହାଟିଛନ ଠାନ ଜାନି। ତତ୍‌ସମ ଶବଦନେ ସିନେ ସଂସ୍କୃତ ଛୁମେ ବାଂଧିହେବା, ତଦ୍‌ଭବ ବେଲକେ କାଏଁଯେ ହେ' ନିଅମନୁ ବାହାରିକରି ନିଜର ହିସାବେ ଢ଼ିଲି ହେଇକରି ରୂପ ନେଇଁ ଧରବା, ହେ' ଦିଗକେ ନଜର ପକେଇଛନ କୋସଲବ୍ୟାସ। ହେନତି ଭାଷାର ମାନକୀକରନ ଦିଗେ ଯେନତା ଅଧିକ ଧିଆନ ଦେଇଛନ- ହେତିର ଲାଗି ସମଲପୁରର ସମଲପୁରୀକେ ଯେତକି ନଜର ଦେଇଛନ, ହେତକି ତାକ୍‌ତିଆର୍ ହେଇଛନ କଲାହାଁଡ଼ିର କଲାହାଁଡ଼ିଆ ଶବଦର ବେଭାର ଉପରେ। କଲାହାଁଡ଼ିଆ ଆରୁ ସମଲପୁରୀ ଶବଦର ମଧୁର ମିଲନନେ ଯେ କୋସଲି ଭାଷାର ବରକସ ରୂପ ଚହଟବା ହେ' ଦିଗକେ ତଖିଏତ କରିଛନ ସଦା ସରବଦା । ତାଁକର ଲେଖାନେ ଦେଖି ପାରମୁ ସମଲପୁର ଫାଲର ଶବଦ ସଂଗେ କଲାହାଁଡ଼ି କଂଧାନ ଇଲାକାର ଶବଦର ମାରସାତବସା କାରବାର । ତାରପଛେ ପଛେ ବ୍ୟାକରଣିକ ଦିଗେ ସଫଲ ହେଇପାରୁଥିବାର ଭାଷାର ସୂତ୍ର ଯେନତାକି ଇନେ ଭରତି। ତକେ, ମକେ, ଛୁମେ, ଲକେ, ସେମନକେ, ହେମନକେ, ଇଛନ, ହେଲାନେ, ଗଲାନେ ଭଲିଆ ବେଭାର କଲାହଁଡ଼ିଆ ଭାସିର ଅସଲ ପଏଗୁନ,ଇ'ସବୁ ଦେଖିପାରମୁ ନୀଲମାଧବ ସାହିତ୍ୟନେ । ଏନତିକି ଆଝିର କାଲିର ଦିନେ ଅସଲି କଲାହଁଡ଼ିଆ (ଆରୁ ବି ନୁଆଁପଡ଼ିଆ+ ବଲାଂଗେରିଆ )ମନକର ଲେଖାନେ ଇ ଭାଷାର ଲାଗତି ଏତକି ଯତନ ଦୁକାଲ ଆଏ। ମାତର 'ମାହାଭାରତ କଥା'ନେ ହଉକି 'ପାଣିଗ୍ରାହୀ ପଦ୍ୟାବଲୀ'ନେ ଯେନସି ପାଠକ ଫୁନି ଇ'ଦିଗକେ ଅନୁମାନ କରି ପାରବା।

ନୀଲମାଧବ ପାଣିଗ୍ରାହୀ ସାହିତ୍ୟର ସବୁଠାନୁ ଅସଲ ପଏଚାନ ହଉଛେ 'କୋସଲ ମାଟିର ପୀରତି ଆରୁ କୋସଲି ଭାଷା ଚେତନା' । 'ମାହାଭାରତ କଥା'ତୋ ଅନୁବାଦ,ସଁସ୍‌କ୍ରୁତନେ ଯେନ୍‌ଟା ଅଛେ ହେଟାକେ କୋସଲି ଭାଷାକେ ଆନିଛନ ଖାଲି । ମାତର ତାହାଁକର ଅସଲ ପରିଚଏ ଅଛେ ଇ କୋସଲ ମାଟିର ପୀରତି ଆରୁ କୋସଲି ଭାଷାର ଚେତନା ଭିତରେ । ଗ୍ରଂଥାବଲୀର ସଂପାଦନା-କରୁ ଶ୍ୟାମସୁଂଦର ଧର ଆରୁ ଦୀପ୍ତିରଂଜନ ଶେଠ୍ ଆଗିଆଁ କବିକଁର ବାବଦେ ଲେଖୁଛନ ମୁହୁଁସାଲେ, "କବିଙ୍କ ଲେଖନୀରେ ମାତୃରୂପୀ କୋଶଳର ବର୍ଣ୍ଣନା ଏକ ମୌଳିକ ସୃଷ୍ଟି । ଏହାର ଭାବ ଯେତେ ମହାନ୍ ଏହାର ଆବେଗ ସେତିକି ବଳିଷ୍ଠ । ଅବଶ୍ୟ, କେତେକ ସ୍ଥଳରେ ଭାଷା ସଂସ୍କୃତାନୁକୂଳ ହେଉଛି ସତ୍ୟ, କିନ୍ତୁ ଏଥିରେ ଗର୍ଭିତ କୋଶଳ ରାଜ୍ୟର ପ୍ରାଚୀନ ବିଭବ ତଥା ଅରଣ୍ୟ ପ୍ରକୃତିର ଯେଉଁ ନିଟୋଳ ଚିତ୍ର ପ୍ରଦାନ କରାଯାଇଛି ତାହା ଅପୂର୍ବ ।" (ଗ୍ରନ୍ଥାବଳୀ ସମ୍ପାଦନା ସମ୍ପର୍କରେ)

ISSN NO.
2582-208X

ଆମେ କହେମୁ, ଇଥିର ଲାଗି ତାହାଁକର 'କୋସଲବ୍ୟାସ' ନାଁ'ଟା ସାର୍ଥକ ଆଏ। ଇତିହାସକେ ବିକୃତ କଲେ ବଲି କବିବର ରାଧାନାଥ କଁର ସାହିତ୍ୟକେ ସହିଦେଖି ନେଇଁପାରି ନୀଲମାଧବ ପାଣିଗ୍ରାହୀ। ନିଂଦା କରିଛନ କୋଶଲୀ ବୀର ଯଯାତି କେଶରୀ ମାହରାଜକେ ମଗଧର ରାଏଜର ପଲାଂତକ ରାଜପୁତର ଭାବେ ଆରୁ ଉତ୍କଲର ରାଜକୁଆଁରୀ ଲଲିତାର ପୀରତି ଲାଗି ଗୁପତଭେସ ସଜେଇ ଥିବାରଟା ଦେଖିକରି। ରାଧାନାଥ କଁର 'ଯଯାତିକେଶରୀ' କାବ୍ୟକେ ଆପଣମନେ ପଢ଼ିଛନ ବେଲେ ଜାନିଥିବେ ରାଧାନାଥ ରାୟ୍ କେନତା କୋଶଲର ଇତିହାସକେ ଲାତ ମାରିଦେଇଛନ ଯେ। ଇତିହାସ କହେସି କୋଶଲର ସୋମବଂଶୀ ରଜାମନେ ଉଡ୍ର ଆରୁ ଉତ୍କଲକେ ଅଧିକାର କରି ନିଜର ଅକ୍ତିଆରକେ ଆନସନ। ସୋନପୁର, ବିନକା, ଜାକତି - ଏନତିକି ଉତ୍କଲର ଯଯାତିନଗର(ଯାଜପୁର) ରାଜଧାନୀ କରସନ। ଲିଂଗରାଜ ମଂଦିର ବନେଇକରି ପୁରୀନେ ଜଗନ୍ନାଥ ମଂଦିର ବି ବନାସନ ।(ପାଠକ ନେଇଁ ବହଁଢ଼ବେ, ଇଛନର ଜଗନ୍ନାଥ ମଂଦିର ଗଂଗବଂଶୀ କୀରତି ଆଏ। କେଶରୀ ବଁଶର ମଂଦିର ପୁରନାଟା ଥିଲା। )। ଯଯାତିକେଶରୀ ଲୁକିଛପି କରି ପେରେମ୍ ନେଇଁକରି କି ଯଉତୁକ ସୂତ୍ରେ ଉତ୍କଲ ରାଏଜ୍ ନେଇଁପେଇ। ବାହାଁବଲେ ଏକା କୋଶଲ ସଂଗେ ସଂଗେ ଉତ୍କଲକେ ଶାସନ କରିଥିଲେ। ତାରପଛେ ଉତ୍କଲ ହେଇଥିଲା ତାହାଁକର ମୁଖିଆ ରାଜଗାଦି।

ହେତିର ଲାଗି 'ଝାଁରେ ଝାରେଁ ଫୁଟୁ ଝାର୍‌ମଲୀ ଭାର୍ ଭାର୍' କବିତାନେ କବି ରାଧାନାଥକେ କଡ଼ା ସମାଲୋଚନା କରିଛନ କବି କୋସଲବ୍ୟାସ।

"କାଗଜ୍-କେସରୀ ଏଭେଁ ହେଇକରି
ଉତ୍କୂଲୀ କେତେଝନ୍
'ହାମେ ସିଂ' ବଲି ରଡ଼ିରୁଡ଼ା କରି
ଜାର୍ ନାଁ ଧରସନ୍,
ସେହି ମାହ୍‌ରାଜ୍ କୋସ୍‌ଲି ଯଯାତି
'ମଗଧ୍ ନିବାସୀ' ବଲି
ଉଡ଼ିଆ କାବେଁ୍ୟ ଲେଖା ଅଛେ ଦେଖି
ରିସ୍‌ମି ଜାୟ୍‌ସି ଜଲି।

ISSN NO.
2582-208X

କୋସଲ୍ ଦେଶର୍ ଯଶ୍ ଗୌରବ୍
ଉଡ଼ିଆ-ଶବଦ୍-ଜାଲେଁ
ଫସେଇ ଦେସନ୍ ଅନେକ୍ ଲେଖକ୍,
କବି ଉପକୂଲ୍ ଫାଲେଁ।
କେଡ଼େ ବଡ୍ କବି କେଡ଼େ କୌଶଲେ
କେତେ ମିଛ୍ ଲେଖିଛନ୍
କୋସଲର୍ ରଜା ଯଯାତି ନାଆଁଥି,
ସୁନ ସୁଧୀ ସଜ୍ଜନ୍।
× × × × × × ×
ଶହେ ସାଲ୍ ଆଘେଁ ସେହି କବିବର୍
ଉପ୍କୂଲୀ ରାଧାନାଥ୍
ପର୍ଘେଇ ଥିଲେ କୋସଲ୍-ଚୁଟ୍ଲେଁ
ଐତିହାସିକ୍-ଲାତ୍।
ନିହେ ମେଟେ, ନାଇଁ ମେଟେ ବି ସୁହ୍ଜେଁ
ଲାତର୍ କଜ୍ଲା-ଚିନ୍ହ୍
ମେଟ୍ବା ସାୟତ୍ କୋସଲ୍-ଉଡ଼ଶା
ଯଦି ହେବେ ଭିନ୍ ଭିନ୍,
ଯଦି କୋସଲ୍ନେଁ ଉଡ଼ିଆ କାବ୍ୟ-
କବିତା, ଉଡ଼ିଆ ଭାଷା
ପଢ଼ାହେବା ଶେଷ୍, ଇ କୋସଲ୍ ଦେଶ୍
କର୍ବା ତେନେ ସେ ଆଶା।"

କୋସଲ ମାଟିର କବି ଗଂଗାଧର ମେହେର ତାହାଁକର ଉଡ଼ିଆ କବିତାନେ କେତେଟା କୋସଲି ଶବଦ ଭିରେଇ ଥିଲେ ବଲି ଆଂଚଲିକ ଶବଦ ଭାବେ ହାତଲେଖା ବହିନେ ଗାର ପଡ଼ଲା। ହେଟାକେ ବି ସହି ନେଇଁପାରି କବି ନୀଲମାଧବ ପାଣିଗ୍ରାହୀ। ଉପରର କବିତାନେ କବିତାନେ ଏକା କହିପକାଲେ-

ISSN NO.
2582-208X

"ମେହେର୍ କବିର୍ କୋସ୍‌ଲୀ-ଶବଦ୍
ଗଁଧ୍‌ଲା ସମଲ୍‌ପୁରୁଁ
'କୀଚକ୍ ବଧ'ର୍ 'ଛିନୁ' ବଲିକରି
କଲେ ଜେ ଛୁଛେଇ ଛିଛି
କୋସ୍‌ଲୀ ଶବଦ୍ ଅରଥ୍ ରଁଚେ ବି
ନାଇଁ ଜାନିକରି କିଛି ।
('ତପସ୍ୱିନୀ'ର 'ନିଛି' ଦେଖି କରି-
ଥିତେ ଛିଛି ମିଛାମିଛି । )"

ହେନତି ସମିଆଁ ଥିଲା, କବି ଗଂଗାଧର ମେହେର କଁର ହାତେ ଯେ ସମଲପୁରେ 'ଉତ୍କଳ ଭାରତୀ ରୋଦନ' କରୁଥିବାର କବିତା ଲେଖାଗଲା । ହେ'ଥିର କେତେପଦକେ ବି ଚର୍ଚା କରିଛନ କବି ପାଣିଗ୍ରାହୀ ତାହାଁକର ଗୁଟେ ପ୍ରବଂଧଥି। ଆମେ ବି ଜାନସୁଁ, ସ୍ୱଭାବ କବିକଁର ଟୁଁଡ଼େ କୋସଲ ବଲବାରଥି ଜିଭ୍ୟା ନେଇଁଖେଲି। ଖାଲି ଉତ୍‌କଲ ଉତ୍‌କଲ ବଲିଛନ । ହେସବୁଥିର ଥିତିକେ ଦେଖେଇଛନ ପ୍ରାବଂଧିକ ପାଣିଗ୍ରାହୀ 'ଓଡ଼ିଶା ସହିତ ସମ୍ବଲପୁର ମିଶ୍ରଣର ଅଜ୍ଞାତ ଦିଗନ୍ତ' ପ୍ରବଂଧଥି। ସତକଥା, ସୁରଗୁଜା, ରାୟଗଡ଼, ଶକ୍ତି, ସାରଂଗଗଡ଼ ଭଲିଆ ହିଂଦୀ ଚଲୁଥିବାର ସାମଂତ ରାଏଜକେ ନେଇକରି ତୋ ସମ୍ବଲପୁର ରାଏଜର ପତାକା ଫର୍ ଫର୍ ଉଡୁଥିଲା । ୧୭୮୨ନେ ସମଲପୁରର ରଜା ସାରଂଗଗଡ଼ ରଜାକେ ହିଂଦୀଭାଷାନେ ତମାପଟା ଲେଖା ହେଇଥିଲା। ଇନେ ହିଂଦୀ ଚଲବାରଟା ରାଜଭାଷା ପଛେ ଥିଲା, ମାରୁକା ନେଇଁ କରୁଥେଇ। ଆରୁ ସମଲପୁର ଇଲାକାର ଅସଲି ଚଲତି ଭାଷା କାଏଁଟା ଯେ ଉତ୍କଲ ଭାରତୀ ଇନେ ରୁଦନ କରତା! ଇ' ଫାଲକେ ଦେଖଲେ ଆଧୁନିକ ଭାରତର ରାଷ୍ଟ୍ରଭାଷା ହିଂଦୀ ହେଇଛେ ଇଛନ। ଏଭର ବାଗି ହେଲେ ଗଂଗାଧର ପସ୍ତେଇ ଥିତେ ବଲି ଭାବିଛନ ପ୍ରାବଂଧିକ। ସତକଥା, କୋସଲି ଭାଷାର ଟଁଟିକେ ମାଡ଼ିଛେ ଇଛନ ଉପମାତା ଉଡ଼ିଆ ଭାଷା। ଉଡ଼ିଆ ପାଲେ ପଡ଼ିକରି ହେତକିବେଲେ ସବୁ ହଲି ବହଁଡ଼ି ଯେଇଛେ ।

ଖାଲି ବାଖନି କରି କି ସମାଲୋଚନା କରିକରି ତୁମ ନେଇଁପରି ନୀଲମାଧବ ପାଣିଗ୍ରାହୀ । କବି ଗଂଗାଧର ସିନେ କୋସଲର ଚିନ-ବରନ ନେଇଁ ପାଏଲେ, ଉତ୍କଲ ଜନନୀ ଆରୁ ଉତ୍କଲ-ଭାରତୀର ରୁଦନକେ ସୁନଲେ — ମାତର କୋସଲ ମାତାର ନସଲା ସପନକେ

ISSN NO.
2582-208X

ଦେଖିକରି କୋସଲ ମାଟିର ଅସଲି କୋସଲିଆମନକେ ତାକ୍‌ତିଆର କରବାକେ ଲାଗଲେ ନୀଲମାଧବ ପାଣିଗ୍ରାହୀ। ଲେଖଲେ କବିତା 'କୋସ୍‌ଲା ମାଆଁର୍ ନସ୍‌ଲା ରୂପ୍'। ଦେଖିପାରୁଛନ କୋସଲ ମାଟିମାଁର ଗୁଲଗୁଲା:

"କେଡ଼େ ଖୟଖିନା ହେଇଛେ ମାଁ ତୋର୍ ଗୋଡ଼୍ ହାତ୍ ମୁହୁଁ କାନ୍
କାହିଁଗଲା ତୋର୍ ସୁନା ରୁପା ହୀରା ଆୟ୍ ଅଲଁକାର୍‌ମାନ୍
କେନ୍‌ନୁ ଆୟ୍‌ଲେ ପାର୍ କରିନେଲେ ଚୋର୍
ପିଁଧନ୍ ଉଢ଼ନର ପାଟ ପୀତାମର୍ ମଠା ବସ୍‌ତର୍ ତୋର୍।

ସୋନ୍‌ପୁରୁଁ ସୁନା ପନିଆଁ ଝଲ୍‌କା ବେଁଟ୍‌ଲା ଚାଆଁରି ମୁଡ଼ି
ପାଇଥିଲୁ ଜାହା ପିଁଧିଥିଲେ ତକେ କିଏ ବଲୁଥିତା ବୁଢ଼ୀ?
ଦେଖିଥିତେଁ ହେଲେ ଲୋକ୍ ସେ ବେଲର ଠାନି
ଘାୟ୍‌କେ ଜାନ୍‌ତେ ଆୟ୍ ହୋ ଇଟା ସେ ସୁଁଦ୍‌ରୀ କଁସ୍‌ଲା ରାନୀ।"

କୋସଲ ମାଟିର ଅସଲି ଶିରୀ ଯେ ଟୁଟି ଯେଇଛେ, ଅନୁଭବ କରି ପାରିଛନ କବି। ଠିକ୍ ଦୋଲଗୋବିଂଦ ବିଶିକଁର 'କୋଶଲ ଭାରତୀ' କବିତା ମନେ ପଡ଼ସି ଇ କବିତାକେ ଦେଖିକରି। ମାଟିର ଲାଗି ଆରୁ ମାଟିର ଭାଷାର ଲାଗି ତାହାଁକର ହୁରୁଦର ଦରଦ୍ ବାରିହେଇ ପଡ଼ସି। ଚାହେଁସନ୍ ପାରବାର ପତେ ତାର ସେବା କରବାକେ। କହୁଛନ କବି ନୀଲମାଧବ-

" ଆନ୍‌ତ ମାଆଁ ଗୋ ପୁଛିଦେମି ତୋର ବୁହ୍‌ତି ଆଖିର୍ ପାନି।
ଆନ୍‌ତ ରଗ୍‌ଡ଼ି ଦେମି ତୋର୍ ଗୋଡ଼୍ ଉଶାସ୍ ଲାଗବା ଟିକେ
ଗୋଡ଼୍ ଧୁଇଲ୍ ମୁଣେଁ ନେମି ଆର୍ ଜିମି ଲଢ଼େଇ ପଦର୍ ନିକେ,
ସୁଁଦର୍ ସାୟେର୍ ରଡ଼ି ଦେଇକରି ଲଡ଼ିଜିମି ଜଂଗ୍ ମାଆଁ
ଝଡ଼ିଜିମି ହେଲେଁ ଜିମି, ତୁଇ ନାଇଁ କରବୁ ଘାୟ୍ ବି ଆହା ।"

ISSN NO.
2582-208X

ହେନତି କବିକଁର ସଁସ୍କୁରୁତ ଭାଷିଥି ଲେଖିଥିବାର 'କୋସଲ-ଗୀତିକା' କବିତାନେ କୋସଲମାଏଟର ଗୁଲଗୁଲା ଅବସ୍ତା ସଂଗେ ସଂଗେ କୋସଲ ମାତାର ବଂଦନା ଦେଖି ପାରସୁଁ।

ନିଜର ଗାଁ ମାଏଟ୍ ନିଜର ସରଗ । ନିଜର ମାଁ ନିଜକେ ସୁଂଦର, ହଉ ହେଲେ କାଲି ବିଟବିଟା । ହେନତି ନିଜର ମାତୃଭାଷା । ରାମ ମାହାପୁରୁ ବି ତୋ କହିଦେଇଛନ ମାଁ ଆରୁ ମାତରୁଭୁଇଁ ସରଗଠାନୁ ବଡ଼ ବଲିକରି । କୋସଲ ମାଟିର ଅସଲ ପୋ' ନୀଲମାଧବ ପାଣିଗ୍ରାହୀକଁର ମନ ଭିତରେ ବି ହେ ଭାବନା । ନିଜର ଗାହାଁର ଜୋର୍ 'ମାଲତୀ' ସବୁନୁ ସୁଂଦର, ପରଛଲ , ଆରୁ ପବିତର । ଅତି ନିଜର । ହେନତି ନିଜର ମାଏଟ୍ ମାଁ ସମଲପୁର କି କୋସଲ ରାଏଜ୍ । 'ମାଲତୀ ନୁହେଁ ସୁରୁସାରି ଜୋର୍, ମାଲତୀ ମାଆଁ ମୋର୍' କବିତାନେ ଫୁଟି ଉଠିଛେ ହେ' ଭାବଧାରା। ହେ କବିତାନେ କବି ଲେଖୁଛନ-

"ସରଗ୍-ସୁଖର୍ ଲାଗି ଲାଲଚ୍
        ମୋର୍ ହୁର୍ଦେଁ ଠୋ' ନାଇଁନ ଲେଶ୍
ସରଗ୍ନୁଁ ବଡ଼୍ ପୁର୍ଥି-ଭୂଇଁ,
        ମୋର୍ ଗାଆଁଟା ମୋର୍ ଇ' ସମଲ୍ପୁର୍
        ମୋର୍ ଇ ଜୁନ୍ହାଁ-ପୁର୍ନା କୋସଲ୍ ଦେଶ୍ । ୨୧।"

ଖାଲି ଟୁଁଡ଼େ ଟୁଁଡ଼େ ତୋ ଆମର ମାଏଟ୍,ଆମର ଦେଶ ବଲି କହିଦେଲେ ତୋ ନେଇଁହୁଏନା- ଇ ମାଟି କାଏଁଟା ଅଛେ, କାଏଁ ଇତିହାସ ଅଛେ, କାଏଁ କିଂବଦଂତି ଅଛେ, ହେ'ଦିଗକେ ଦେଖାବାକେ ହେବା କବିକେ। କବିର କବିତାନେ ଉଘରିଛେ ସମଲପୁର କବାଟ - କୋସଲ ମାଟିର ଇତିହାସ। ଜନମ୍ ନେଇଛେ କବିର କଲମୁ 'ସମଲ୍ପୁରର୍ କଥା' ବଲି କାଏବ। ସମଲପୁରର ରଜା ବଲୀୟାର ସିଂହ କଁର ସମିଆଁନେ ଥିଲେ ପରେ ରାଜଦରବାର ର କବି ଗଂଗାଧର ମିଶ୍ର! ଲେଖିଛନ 'କୋଶଲାନଂଦ କାବ୍ୟ' ସଁସ୍କୁରୁତନେ। ସାରଂଗଗଡ଼ର ସଭାକବି ପ୍ରହଲାଦ ଦୁବେ ଲେଖିଛନ 'ଜୟଚଂଦ୍ରିକା' ଲରିୟା( ହିଂଦୀ?) ଭାସିନେ। ଉଡ଼ିଆନେ ଲେଖଲେ ଗଂଗାଧର ମେହେର 'ବଲରାମ ଦେବ' କାଏବ ଆରୁ କବିତା । ଇଛନ କୋସଲି ଭାଷାନେ ଲେଖବାର ପାଲି ନୀଲମାଧବ ପାଣିଗ୍ରାହୀକଁର । ଖୁଜିଛନ ଇତିହାସକେ,

ISSN NO.
2582-208X

କିଂବଦଂତିକେ। ନୁରିଛନ କାଏବ ଶାସ୍ତରକେ। ଅନୁଭବ କରିଛନ କୋସଲର ଅବସ୍ତାକେ- ଭାସିର ଥିତିକେ- ଆରୁ ନିଜର କାଏବ-କଲା-କଉଶଲନେ ଲେଖିଛନ 'ସମଲପୁରର କଥା' କାଏବକେ। ରମାଇଁ ଦେବ କଁର ଠାନୁ ମୁଂଦଲ ସନେ ପାଟନାଗଡ଼େ ଚଉହାନ ରାଜର ଥାପନା- ବଲରାମ ଦେବର ସମିଆଁନେ ରାଏଜ୍ ଭାଗ ଆରୁ ସମଲପୁର-ହୀରାଖଁଡ଼ ଗଠନ । କବି ଇ ଭିତରେ ସମିଛନ ପୁରନା ସଂବଲକକେ, ଭେଁଟିଛନ ଇଂଦ୍ରଭୂତିକେ।( ଅବଶ୍ୟ ଇ' କଥା ସମଲେଇ କଁର ମୁହେଁ କହିଛନ ସପନଥି )। ଉପରର ଯେତେ ସବୁକାଏବ ଅଛେ ସବୁନୁ ଛିଂଗଲିକରି ଗମିଛନ ଆରୁ ଗହୀରକେ। ବଏଜଲ ଦେବ କଁର ସମିଆଁନେ ସଂସ୍କୃତ ଭାଷାର ଚର୍ଚା ହେଇକରି 'ବୈଜଲ କାରିକା' ଲେଖାହେଲା ବେଲକେ ବଲରାମ ଦେବକଁର ସପନାନେ ମାଁ ସମଲେଇ ସୁନାସନ ଆମର ଫାଲର ଅସଲି ଭାସିର କଥା। ଦେବୀ କହୁଛନ-

" ଇନିର୍ ଲୁକର୍ କଥା କେନ୍‌ନେ କଅଁଲ୍, କେନ୍‌ନେ ଟାନ୍,
ଯାହା ହଉ, ନୁହେ ମହୁ ମେସାଲା ବିଷାନ୍। ୩୯।
ଇନିର୍ ଭାଷି ଅଲଗ୍ ଭାଷି, ନୁହେଁ ଫକତ୍ ବୁଲି
ଇଟା ଇନିର୍ ଲୁକେ ନିଜେଁ ଯାଉଥିବେ ଭୁଲି। ୪୦।
ପଢ଼ି ପଢ଼ି ଉଡ଼ିଆ ଆର୍ ଶୁନି ଶୁନି କାନେଁ
ଅଜାନ୍‌ତିକେଁ ଇନିର୍ ସରଲ୍ କବି ଲେଖକ୍‌ମାନେ।। ୪୩।
କରୁଥିବେ ଉଡ଼ିଆ ମାଇଁକେ ମାଆଁ ଜ୍ଞାନ୍
ମାଆଁର୍ କଥା ଆଡ୍‌କେ କିଲି ଦଉଥିବେ କାନ୍। ୪୪।"
((ଚ )-ଚାୟର୍ )

କାହିଁର୍ ଏନତି ବାହାରିଥିତା ଯେ ଗଂଗାଧର ମିଶ୍ର କି ପ୍ରହଲାଦ ଦୁବେ କି ଗଂଗାଧର କଁର ଲେଖାନେ? ମାତର ଗଂଗାଧରକଁର କଥା ବି କହିଦେଇଛନ ମାଁ ସମଲେଇ ବଲରାମ କଁର ଠାନେ। ଦେଖଉଛନ କୋସଲି ଭାଷାର ଭବିଷତକେ।

"ଉଁଚା ହେବାର୍ ଲାଗି ଯଦି ଆଶା ଅଛେ ମନେଁ,
ଉଁଚା କର ଆଘ ମାତ୍‌ରୁଭାଷା ବଲି ଝନେ। ୫୦।

ISSN NO.
2582-208X

ଇନିର୍ ମାହାନ୍ କବି ଦିନେ ଗାୟ୍‌ବେ ନିଜର୍ ଗୀତେଁ
ସେନୁ ଚେତା ପଶ୍‌ବା ଇନିର୍ ଶିକ୍ଷିତ୍ ଲୁକର ଚିତେଁ।୫୧।
ଇନିର୍ କବି ଲେଖକ୍‌ମାନେ କଛା ଭିଡ଼ିକରି
ବାହାର୍‌ବେ ମାଁର୍ ଲାଗି ମେଛା ମୁଡ଼ିମୁଡ଼ି କରି।୫୨।
ଲିଖିତ୍ ରୂପେଁ ଆପ୍‌ନା ମାତ୍‌ରୁଭାଷା କରବେ ଠିଆ
ଉସ୍‌କି ଯିବା ଅନାମେତ୍ ଇ ଭୂଇଁନୁ ଓଡ଼ିଆ। ୫୩।
ଜାନ୍‌ବା ସେଭେଁ ଇନିର୍ ଭାଷାର୍ ଅଛେ କେତେ ଜୋର୍,
ପସ୍‌ତାବା ତାର୍ ଆଘର୍ ବେଭାର୍ କରି କରି ସୋର୍। ୫୪।
ପସ୍‌ତାବା ସେ କାଁଜେ ହେଲା ହେତେ ଜିଦ୍‌ଦିଖୋର୍,
ମାଫି ମାଗିକରି ମାନ୍‌ବା,'ତମ୍‌ହେଁ ନାନୀ ମୋର'। ୫୫।"
(ଛ-ଚାୟର୍)

ସମିଆ ଅଛେ ତାଲି। କିଛୁ ସତ ହେଇଛେ, ଆରକିଛୁ ବାକି ଅଛେ। ଇ' ଭବିଷତ ବାଣୀ କହିକରି କୋସଲିଭାଷା ପ୍ରେମୀକେ ତହଁକେଇଛନ କବି ନୀଲମାଧବ। ଓଡ଼ିଆଲୋକର ଜିଦ୍‌ଦିପନକେ ହାର ମାନବାର ବାଟ ଦେଖୁଛନ କୋସଲି ଭାଷାର ଅସଲି ପହେଚାନ ଠାନେ।

ହେନତି ସମଲେଇ ଗୁଡ଼ି ବନାବାରଥି ବଲୀରାମ୍ ଆରୁ ତାର ମେହେଜିର ନିଜର ଇଛାନେ ବଲିଦାନର କଥା, 'ବୁରଲା' ଆରୁ 'ସରଲା' ଗାଁର ନାଁ ପଡ଼ବାର କଥା କବିକଁର 'ସମଲପୁରର କଥା' କାଏବନେ ହୁରୁଦ୍‌କେ ଛି' ଯଉଛେ।

କବି ଇ 'ସମଲପୁରର କଥା' କାଏବ ଛଡ଼ା ଆରୁ କେତନିକେତେ କବିତା ଲେଖିଛନ। 'ମାଆଁ ପାର୍ବତୀ ଗିରି'କେ ହେତେଇଛନ, ଗଂଗାଧର ମେହେରକଁର ଜନମଦିନକେ ସୋର କରିକରି 'ସାବନ ପୁନି' ମନେଇଛନ । ଆର ବି ଲେଖିଛନ 'ଋଷି ଜନାର୍ଦ୍ଦନ, ଶ୍ରଦ୍ଧାକର ସୁପକାର ଭଲିଆ ମାଟିର ସୁଯୋଗ ପୋ'ମନକେ ହେତେଇ କରି। ହେନତି ବିଶ୍ୱକବି ରବୀଂଦ୍ର ନାଥ କଁରଠାନେ ଶରଧାର ବତି ଜାଲିଛନ । ଉନଜା ଭାଷାର ଭିନ ଭିନ କବିତା ଅନୁବାଦ କରିଛନ । ପୁରାନ ଆର ଭିନ ଭିନ ଚରିତକେ ନେଇକରି ସାରେସାର କବିତା ଲେଖିଛନ ।

ISSN NO.
2582-208X

କୋସଲି ଚେତନା ସଂଗେ ସଂଗେ ବିଶୁଅ-ଚେତନାନେ ଭିରେଇ ଦେଇଛନ କବି । ପାଠକମନେ ତାହାଁକର ସାହିତିଅ ପଢ଼ଲେ ଆରକେତେ କଥା ଉହାଟି ପାରବେ ।

ଆସୁଁ, ଆରୁଥରେ ଗୁନଗୁନେଇ ଦଉଁ କବିକଁର 'ମାଆଁର୍ ମାଟି ପାନି ହାମର୍ ଗୟା ଗଁଗା କାଶୀ' କବିତା ସୁରେ-

"ମାଆଁଠାନୁ ଉନା ନୁହେଁ ମାଆଁ ମୁହଁର୍ ଭାଷି
ଦୁହେଁ ମାଆଁ, ତାକର୍ ସେବା କର କୋସଲ୍‌ବାସୀ!
× × × × × ×

ଜାହା ହେବାର୍ ଥିଲା ହେଲା
ଇଛନ୍ ମିସେ ଅଛେ ବେଲା
ଉଠ, ଲଢ଼, ବିଜାର୍ ତମ୍‌ହେଁ ନାଇଁ ହୁଅ ଖାସି ।

ଲଢ଼ି ଲଢ଼ି ଭୂଇଁ ତଲେଁ
ଝଡ଼ି ଗଲେଁ ପୁଇନ୍ ବଲେଁ
ମାଆଁର୍ ମାଟି ପାନି ହେବା ଗୟା ଗଁଗା କାଶୀ ।

କୋସଲିବସା, ମାଲପଗ୍, ତୁକଲ୍
ଜି-ନୁଆଁପଗ୍, ପିନ୍-୭୬୬୧୦୭
ମୋ.ନଂ-୯୮୬୧୮୬୫୬
ବ୍ଲଗର୍: http://bmmeher.blogspot.com/

ISSN NO.
2582-208X

# ଚାଷୀ' କୋଟି ମୁଡିଆ



ସୁନୀଲ କୁମାର ଅଗସ୍ତି

ମୁଁଇଁ ଯେନ୍ ହଁସୁଛେଁ
ତମେ ଯେନ୍ ମୁଲକି ହଁସି ମାରୁ'ଛ
କାହାର୍ ଲାଗତି ?
ନିଜର୍ ଚେହେରା କେ
ହରମିସା ଦିନଗୁଲା ରାଏତ୍ ଗୁଲା
ଦରପନ୍ ଥିଁ ଦେଖୁଛ ନ' ଯେ
କାହାର୍ ଲାଗତି ?
ତମେ ଯେନ୍ 'ସେର୍' ପାଲଟିଛ
ତମେ ଯେନ୍ ସାଁକାର୍ ସାଜିଛ
କାହାର୍ ଲାଗତି ?
ତମେ ଯେନ୍ ତୁଡେ ଅଁଟା
ମଲକେଇ ଦେଉଛ
ତମର୍ କାନେ ଯେନ୍ ତାଲିମାଡ୍ ର
ଶବଦ୍ ବରଷୁଛେ ହରମିସା
କାହାର୍ ଲାଗତି ?
ତମର୍ ମିସ୍ 'ଇଉନିଭର୍ସ'
ତମର୍ ମିସ୍ 'ୱର୍ଲଡ'
କାହାର୍ ଲାଗତି ?
ଅଲମ୍ପିକ୍ ଥିଁ ମେଡାଲ୍

ISSN NO.
2582-208X

ଦେଶ୍ ରାଏଜର୍ ଗରବ୍
କାହାର୍ ଲାଗତି ?
ତମେ ଯେନ୍, ଦେଶର୍ ସାଁକାର୍ ପାଲଟିଛ
ତମେ ଯେନ୍,ରାଏଜର୍ ସାଁକାର୍ ପାଲଟିଛ
କାହାର୍ ଲାଗତି କାହାର୍ ଧରମୁ ?
ଦେଶର୍ ସୀମାନେ ଅଠି ପହର୍
ଆମର୍ ଶତ୍ରୁ କେ ଜୁଗିଛ
କାହାର୍ ଲାଗତି ?
ଆଁଖି ଦେଖୁଛ କାନେ ଶୁନୁଛ
ପେଟ୍ ଚଲୁଛେ ମୁଡ୍ କାମ୍ କରୁଛେ
କାହାର୍ ଲାଗତି ?
ତମର୍ ଗାଗରେ ବଫୁ ଲହଡା ମାରୁଛେ
କାହାର୍ ଲାଗତି ?
ତମର୍ ବିଜ୍ଞାନ ର ଗରବ୍
କାହାର୍ ଲାଗତି ?
ଆର୍ କେତନି କେତେ ଅଛେ
କାଏଁଟା କେ ବଲି ହାସାବ୍ ଦେଇ ହେବା ?
ଜୀବନର୍ ଆଧାର୍ ଆଏ ଚାଷ୍ ଆର୍ ଚାଷୀ
ତବଭି ଚାଷୀର୍ ଜୀବନ୍ ହେଲ୍ ହେକାନ୍
ହରମିସା ଗୁଲା ଜୀବନ୍ ବାକି ଆର୍ ବାକି
ତାର୍ ବେଁକେ କାଁ' ଯେ ଲାଗୁଛେ ଫାଶୀ ?
ଇ'ଫାଲେ ଚାଷୀର୍ ଧରମୁ
'ମଝାର୍' ଲୋକ୍ କରୋଡ୍ ପତି,
ଫିରଭି 'ଚାଷୀ' ତମକେ କୋଟି ମୁଡିଆ ମାରି
ଆ'ଦେ ତ' ମୋର୍ କବାର୍ ଦେଲିଁ ସାରି,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

ISSN NO.
2582-208X

# ଖରା ମାସର୍ ଗୁଲ୍ ଗୁଲା
# ଇଟା ତ ଖରାମାସର୍ ଗୁଲ୍ ଗୁଲା



ମାନସ ରଂଜନ ସାହୁ

ଇଟା ତ ଖରା ମାସର୍ ଗୁଲ୍ ଗୁଲା ....।
ମୁନସ୍ କେ ଲାଗିଜଉଛେ ଡହକ୍ ବିକଲ୍
ବାକି ଜୀବ କେ ବିତ ଲାଗୁଥିବା କଲ୍ ବଲ୍
ମୁନୁସ୍ ସୁଶେହେଲେ ପି ବାର୍ ଲାଗି ଜଲ୍ ଛତର୍
ନିଜର୍ ଲାଗିଦେଖ କେନ୍ତା କରିଛେ ବତର୍
ଜୀବ୍ ଜନ୍ତୁ ଆରୁ ଗଛଲତା
ପାଏନ୍ ଦେଲେ ଧରମ୍ ଲାଗ୍ ତା
ଏତ୍ କି ବି ନେଇ କଲେ ମୁନୁ ସ୍ ଜୀବନ୍ ଗଲା (୧)

ଯେତ୍ କି ଖରା ହେଲେ ହେତ୍ କି ମାର୍ ସି ଝାଏନ୍
ପିଲାମନେ ଯୋଟ୍ ହେଇ ଉଧେଇ ଜାଏସନ୍ ପାଏନ୍
ଛାଦେଙ୍ଗ ମରା,ଛିଆନି ମୁଡ୍ ତଲ୍ ଗୋଡ ଉପର୍
କିଏ କେତେ ମିନିଟ୍ ବୁଡି ପାର୍ ବା ହେଜି କରି ସୋର୍
ଛୁଆପୂତା କେ ରଖ ଧିଆନ୍
ଦିଅ ତାକେ ସତ୍ ଜ୍ଞାନ୍
ଛୁଆ ମନ୍ କେ ତମେ ଆରୁ ନେଇକର ଅବହେଲା....(୨)

ISSN NO.
2582-208X

ବିହାଘର୍ ମନେହେସି, କାଡ୍ ଦେସନ୍ କେତେ
ଟିଭିଟେବୁଲ୍ ଉପ୍ ରେ କାଡ୍ ଗଦା ଯାହାକେ ଯେତେ
ଗାଡ଼ି ଫାଡ଼ି ଥି ଯାଆସ୍ କଲେ ନେଇ ପିଇବ ମଦ୍
ଦେଖି ଚେହିଁ ଧିରେ ଗଲେ ନେଇ ହୁଏ ବିପଦ୍
ଖାଏ ବାର୍ ଥି ନେଇ ଲାଜ୍ ବ
ଜେତ୍ କି ଖାଏବ ହେତ୍ କି ମାଗ୍ ବ
ଟୁଣ ଫୁଟେଇକରି ନେଇମାଗ୍ ଲେ ଖରାତପେ ନିଜରପେଟ୍ ମଲା....(୩)

ମୋ ୮୪୫୬୮୭୩୦୫୩

ISSN NO.
2582-208X

# ସତ କେଭେଁ ନାଇଁ ଲୁକେ



ସତ୍ୟନାରାୟଣ ମିଶ୍ର

କେତେ ଉସତ୍ ମନେ ବରବେଶେ ଘୁଡା ଥି ବସି କରି ବଜା ଗଜା ଫଟକା ରୋଶନି ସଂଗେ ବରାତି ଆସୁଛେ ନିହାର । ନାଚି ଦେଗି କରି ସାଙ୍ଗ ମାନେ ରୁଢ଼୍ ର୍ ଧୁଇଲ ଉଡେଇ ଦଉଛନ୍ । ଯେନ୍ତା କନିଆଁ ଘର କେ ପହଁଚିଲେ ଶଶୁର ବାଟ କେ ଆସବାର୍ ନି ବରନି ନେବାକେ। ବର ର୍ ଲୁକେ ଅକାଭୁତ ହେଇ କରି ଦେଖଲା ବେଲେ କନିଆଁ ଟୁକେଲ୍ ଭୁଆସେନ ଭେଶଥି ନରଦି ଆସଲା ବର ର୍ ପାସ କେ । କହେଲା " ଉତୁର ଘୁଡା ଥୁ " । ନିହାର ଯେନ୍ତା ଉତୁରିଛେ କିଛୁକୁହା ନାଇଁ ବୁଲା ନାଇଁ କନିଆଁ (ନିଶା) ଲଗଲା ଦୁଇ ଚାପଡ଼ ନିହାର ର୍ ଦୁହି ଗାଲେ । କଥା କାଣା ବୋଲି ସଭେ ପଚରଲା ବେଲେ ନିଶା କହେଲା " ଇ ପିଲା ମୋର୍ ବା କେ ଦୁଇ ଲକ୍ଷ ଟଙ୍କା ଦେଲେ ଯେଇ ବେଦୀ କେ ଯିମି ବୋଲି ଦାବି କରିଛେ, ଅଗତରିଆ ଦାମ୍ କିଆ ଟିଭି ଲୁଗା ଧୁଆ ମସିନ୍ ଫ୍ରିଜ ବାଇକ୍ ସୁନା ଚେନ୍ ସବୁ ନେଇ କରି ଇଛେନ୍ ଟଙ୍କା ସୁନା ନେବାକେ ବରାତି ଆସିଛେ, ମୁଇ ଇତାକେ ବିହା ନାଇଁ ହୁଏଁ ,ଇଟା ତ ଗୁଟେ ମନୁଷ୍ ରୂପେ ଅସୁରଟେ, ସେ ଠନକେ କାଁ ଝାମେଲା ଚାଲିଚେ ବୋଲି ପୁଲିସ ପହଁଚି ଆସଲା ସେ ଘଡି । ସବୁ ବିଷେ ଜାନିକରି ଯୌତୁକ୍ କେସ ଥି ଆରେଷ୍ଟ କଲା ନିହାରକେ, ସେ ଯେତେ ନାଇଁ ନାଇଁ, ମୁଇ ନିର୍ଦୋଷ, ମୋତେ ଇମାନେ ନିଜେ ସାମାନ୍ ସବୁ ଦେଲେ ,ଟଙ୍କା ନାଇଁ ମାଗି ବୋଲି ଯେତେ କହେଲା ସୁନୁଲା ନାଇଁପୁଲିସ, ଇଆଡ଼େ ନିଶା ଫିରି ଆସଲା ତାର ସୁଇଲା ଘର୍କେ ଜେନେ ତାକେ ବରବେଶେ ଟାକି କରି ବସିଛେ ଆସିକ ରିସୀ । ନିଶା ର୍ ବୁଆ ମହାଜନ୍ ଛବିଲ ତାର୍ ଝି ର୍ ଜିଦି ନେ ହାରି କରି ଗରିବ ରିସୀ ର୍ ସଂଗେନିଶା କେ ଘରେଏକଲା ବିହାକଲା । ଜୁଏଁ ହିସାବେ ରିସୀ କେ ଘରେ ରଖଲା । ଇଜତ ବଞ୍ଚାବା କେ ଇସବୁ ଜୁଜନା ନିଜେ ନିଶା କରିଛେ । ନିହାର କେ ଦୁଷି ବନେଇ କରି ତାର୍ ବା ଦେଇଥିବା ର୍ ସବୁ ଜିନିଷ ପୁଲିସ ହାତେ ବରାମତ କରେଇଛେ । ହେଲେ, କେସ କେ ଫିରେଇ ନାଇଁ । ସେଆଡ଼େ ଇ ମାମଲା ଥି ନିହାର ର୍ ଚାକିରୀ ଛାଡ଼ିଗଲା । ବିଚରା କେତେ

ISSN NO.
2582-208X

ଗୁଲଗୁଲା ହେଇକରି ନିଶା ର୍ ପାଖେ ଅର୍ଦ୍ ଲି କଲା ହାତ ଜୁରି କରି । ହେଲେ, ନିଶା ନାଇଁ ମାନି। କହେଲା" ଲୋକର ର୍ ସାମନେ ମୁଇ ଟଂକା ଦିଲକ୍ଷ ଦାବି କରିଥିଲି ବୋଲି ମାନଲେ ଇଥିର ସମାଧାନ ହେବା"। ବିନାଦୁଷେ ନିହାର କାହିଁ ମାନବା ଇନ୍ଟା ଗୁଟେ ସର୍ତ୍ କେ ,ରିଷେ ପଲେଇ ଆସଲା ସେନୁ ।

ରିସୀ ର୍ ମନେ ଦୟା ଆସଲା ଇ ସବୁ ଦେଖିକରି , ନିଶା କେ ବୁଝାଲା ନିହାର ର୍ କେସ କେ ଫିରେଇ ନିଅ ବୋଲି ,ହେଲେ ନିଶା ନଛୋଡ ବନ୍ଧା, ନିହାର ର୍ ବଦନାମ ସଂଗେ ସଂଗେ ନିଶା କେଗୁଟେ ହିମ୍ମତ ବାଲି ଟୁକେଲ ,ଯୌତୁକ୍ ବିରୁଧେ ଯାହା କଲା ଠିକ କଲା ବୋଲି ଜୋର ସୋର ପ୍ରଚାର ହେଇଗଲା ସବୁଆଡେ ।ଭାଇରଲ୍ ହେଇଗଲା ମିଡିଆ ମାନ କେ । ସଭେ ତାକେ ଧଏନ୍ କହିକରି ସଭା ମାନ କୁ ଦେଇ ଚାଲଲେ ପୁରସ୍କାର ସନମାନ୍ । କମ୍ପାନୀ ମାଲିକ ମୁକେଶ ଚାହେଲା ସେ ନିଶା ବାଗିର ଗୁଟେ ସୁନରି ଗୁନ୍ ମତି କେ ବିହା ହେବା । ପ୍ରସ୍ତାବପଠାଲା ନିଶା ର୍ ବୁଆ ପାସକେ । କୋଟି କୋଟି ଟଙ୍କା ଦେବା କେ ବି ଲୋଭ ଦେଖଲା, ନିଶା ଆରୁ ତାର ବା ଇ' ପ୍ରସ୍ତାବ ଥି ରାଜି ହେବର୍ ଟା ବେଲ୍ ନାଇଁ ଲାଗି । ରିସୀ କେ ଗରିବ ବେକାରୀ ଅପାରଗ କହି କରି ଅପମାନ ଦେଲେ । ଘରୁ ବାହାର କରି ଦେଲେ ତାକେ । ଦୁଃଖ ଆରୁ ଅପମାନ ର୍ ରିଷେ ରିସୀ ପଲେଇ ଆସିକରି ଦୋସ୍ତି ଜମାଲା ନିହାର ସଂଗେ । ସୁଯୋଗ ନୁରୁ ଥିଲେ ଦୁହେଁ ଯାକ କେନ୍ତା କରି ମାୟାବିନୀ ନିଶା କେ ଫନ୍ଦେ ପକାବେ ।

ଶୁଭ ର୍ ଦିନ ଦେଖିକରି ମୁକେଶ ଆରୁ ନିଶା ର୍ ବିହା କୋର୍ଟ ନେ କରବା କେ ଦୁହି ଆଡ଼ ର୍ ଲୁକେ ଠୋଲ୍ । କୋର୍ଟ ନେ ଲେଖା ଲେଖି ସରିଛେ। ମୁକେଶ ନିଶା ମାଲା ପିନ୍ଧା ପିନ୍ଧି ବି ହେଇଗଲେ । ଠିକ୍ ସିନ୍ଦୁର ମଖାଲା ବେଲେ ପୁଲିସ ଧରି କରି ପହଁଚି ଗଲେ ନିହାର ଆର ରିସୀ। ରିସୀ ର୍ ପାଖେ ନିଶା ର୍ ସବୁ କଥା ବାର୍ତା ଜୁଜନା ଯେତେ ର୍ ରେକଡିଙ୍ଗ ରହିଥିଲା । ତହିଁର ବଲେ ଧରା ପଡିଗଲା ତିନଥରିଆ ବିହା ହେଇ ନାଗେନ୍ । ସଭେ ଯାକ ଥୁ ଥୁ କଲେ ତାକେ । ଯେ ଯେନ୍ତା ଫଟା ଚପଲ ତାର ଉପୁରେ ଫିକିବାକେ ନାଇଁ ଘୁଂଚି । କଥା ଥି କହେସନ୍ ସତ କେଭେଁ ନାଇଁ ଲୁକେ । ସାତ ତାଲ୍ କାଦୋ ଥି ତୁପି ଥିଲେ ବି ଉଖୁରେଇ କରି ବାହାରି ପଡ଼ସି ।

ସିନ୍ଧେକେଲ୍ ବଲାଙ୍ଗୀର/9583605915

ISSN NO.
2582-208X

# ପେରେମ୍ କଥାନୀ



ପ୍ରତିମା ମେହେର

କେଜାନି ତମର୍ ଗାଁ ନଏଦ୍ ପାନି
ଖଲ୍ ଖଲ୍ ବୁହୁଛେ କିନି
ତମର୍ ଆମ୍ ବୁରେଇ ଥିନ
କୁଇଲି କୁହୁ କୁହୁ କରୁଛେ କି ନାଇଁ
କେତେ ଯୁଗ୍ ହେଲା
ତମର୍ ମୋର୍, ଭେଟ୍ ପଡ଼ବାର୍

ଇନ୍ତା ଖରା ଦିନେ ବୁହେଇ ଦେଲ
ପିରତୀ ର୍ ଝରନ୍ ଟେ ଯେ
ଆଏଜ୍ ବି ମୋର ହୁରୁଦ୍ ଥି
ଅମୃତର୍ ଝର୍ ଟେ ହେଇ
ଖଲ ଖଲେଇ ଯଉଛେ

ଗାଇ ଦେଲ ଗୀତ ଗୁଟେ ତମର ମୋର୍
ପେରେମ୍ କଥାନୀ ର ଯେ
ହରମିଶା ମୋର୍ କାନେ
ଶୁଭୁଛେ ଯେ ଶୁଭୁଛେ

କେଭେଁ ଆର୍ ଅଲଗା ହେଲା !
ଏହେଦେ ବି ତମେ ମୋର୍ ଭିତରେ
ମୁଇଁ ତମର୍ ଭିତରେ
ପେରେମ୍ କଥାନି ଟେ ଲିଖୁଛୁ...

ନାଇ ଭେଟ୍ ପଡଲେ ନାଇ
ସୁରତା କରି କରି
ଇ ଛୁଛା ଜୀବନର୍
ବୟସ୍ ଟା ତ ସରୁଛେ
ଧନ, ତମେ କେନ ଅଛ
ଗୁରଦୁ ଟେ ମନେ ପଡୁଛେ..

ପାଟଣାଗଡ଼
ଜି.ବଲାଙ୍ଗିର

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ବେଲ ପଣାର ମଜା



ଡ଼ଃ ରଞ୍ଜିତ କୁମାର ସାହୁ


ଏଥର ଓଡ଼ିଆ ନୂଆ ବର୍ଷ ଗାଆଁରେ ପାଳନ ହେବ ବୋଲି ପୀୟୁଷ ମନରେ ଯେତିକି ଉତ୍ସାହ ସେତିକି କୌତୁହଳ ଭରିଛି I ସୁଦୂର ବାଙ୍ଗାଲୋରରୁ ଆସି ପ୍ରଥମ ଥର ପାଇଁ ଓଡ଼ିଶାର ଗାଆଁରେ ଚୈତ୍ର ମାସର ପାର୍ବଣର ଅନୁଭବ ପାଇଁ ଖୁସି ହେଇଯାଇଛି I ଏଥର କକା ମଧ୍ୟ ଆସିଛନ୍ତି ତାଙ୍କର ପରିବାର ସହ I କକା ପୁଅ ଭାଇ କୁନା ସହ ବେଶ ମଜାରେ ସମୟ କଟି ଯାଉଛି I ବଡ ବାପାଙ୍କ ପୁଅ ଟୁକୁନା ମଧ୍ୟ ବେଳେ ବେଳେ ସେମାନଙ୍କୁ ତା ସହ ସାଥିରେ ନେଇ ଯାଏ ଆଉ ଗାଆଁର ବିଷୟରେ ବହୁତ କିଛି ଜଣାଏ ଆଉ ଦେଖାଏ I ପଣା ସଂକ୍ରାନ୍ତି ବୋଲି ଘରେ ଆଜି ବୋଉ ଆଉ ଖୁଡି ବହୁତ ବ୍ୟସ୍ତ I ସହରରେ ରହୁଥିବାରୁ ପୀୟୂଷ ଏତେ ପାରମ୍ପରିକ ଭାବରେ ହନୁମାନ ଜୟନ୍ତୀ ପାଳନ କରିନି I କିନ୍ତୁ ଗାଁଆରେ ବଡ ବାପା ଏବେ ମଧ୍ୟ ପରମ୍ପରା କୁ ବଜାୟ ରଖିଛନ୍ତି I ତେଣୁ ଏଥର ସିଏ ମଧ୍ୟ ଗାଁଆରେ ପର୍ବ ପାଳନ କରିବାର ସୁଯୋଗ ପାଇଛି I

"ଆଜି ବେଲ ପଣା ହେବ ଆଉ ପୂଜା ପରେ ସମସ୍ତଙ୍କୁ ମିଳିବ I ସାଥିରେ ଆମ୍ବ ଆଉ ନିମ୍ବ ଫୁଲର ଖଟା ମଧ୍ୟ ହେଇଛି ଖାଇବା ଲାଗି I ନୂଆ ବର୍ଷରେ ଆମ୍ବ ଆଉ ନିମ ଫୁଲ ଖାଇବାର ଆମର ପୁରୁଣା ପରମ୍ପରା," ଟୁକୁନା କହିଲା I

"ଏଇଟା ହେଲା ପାଚିଲା ବେଲ I ପାଖ ଗାଆଁର ମଉସା ପଠେଇଛନ୍ତି I ବାପା ବହୁତ ଚେଷ୍ଟା କରୁଛନ୍ତି ଏହାକୁ ଲଗେଇବାକୁ କିନ୍ତୁ ଆଜି ଯାଏଁ ହେଇନି," କହି ଟୁକୁନା ଗୋଟିଏ ଗୋଲାକାର ଫଳ ପୀୟୂଷ ହାତରେ ଧରେଇଦେଲା I

ISSN NO.
2582-208X

"ବେଲରେ ପ୍ରଚୁର ମାତ୍ରାରେ ଭିଟାମିନ ସି ଥାଏ ଏବଂ ତନ୍ତୁ ମଧ୍ୟ I ଏହାର ଛେରା, ଛାଲି, ପତ୍ର ଏବଂ ଫଳକୁ ଔଷଧ ରୂପରେ ବ୍ୟବହାର କରା ଯାଏ I କିଛି ଲୋକ ଏହାର କଅଁଳିଆ ପତ୍ରକୁ ସାଲାଡ଼ ଭଳି ମଧ୍ୟ ବ୍ୟବହାର କରନ୍ତି I ଏଥିରେ ପ୍ରଚୁର ତନ୍ତୁ ଅଛି ତେଣୁ ଏହା ପାଚନରେ ମଧ୍ୟ ସହାୟକ ହୁଏ I ଗୋଟିଏ ପାଚିଲା ବେଲରୁ ପାଞ୍ଚ ଲିଟର ପଣା ତିଆରି ହେଇ ପାରିବ I ଉତ୍ତର ଭାରତରେ ଅଅଁଳା ଭଳି ବେଲରୁ ମଧ୍ୟ ମୂରାବା ତିଆରି ହୁଏ I ଏହାକୁ ଶୁଖେଇ ଦେଲେ ଏହା ଚମଡା ଭଳି ହୋଇ ଯାଏ ଏବଂ ପରେ ତାହାକୁ ଭିଜେଇ ସେଥିରୁ ମଧ୍ୟ ସର୍ବତ ତିଆରି କରି ହୁଏ I ଆଜି କାଲି ଏଥିରୁ କ୍ୟାଣ୍ଡି ମଧ୍ୟ ତିଆରି ହେଲାଣି ଯାହା ଦ୍ଵାରା ବର୍ଷ ସାରା ଏହାକୁ ଖାଇବାର ସୁଯୋଗ ମିଳୁଛି I ଏହା ଅଧିକ ଉତ୍ତାପ ସହି ପାରୁଥିବାରୁ ଏବଂ ଗ୍ରୀଷ୍ମ ଋତୁରେ ପାଚୁଥିବାରୁ, ମରୁଭୂମି ଏବଂ ଅଳ୍ପ ବୃଷ୍ଟି ହେଉଥିବା ସ୍ଥାନରେ ରୋପଣ ପାଇଁ ଉପଯୁକ୍ତ I ଜଙ୍ଗଲରେ ଏହାକୁ ହାତୀ ଖାଇ ଥାଏ ତେଣୁ ଯେଉଁ ଅଞ୍ଚଳରେ ହାତୀ ରୁହେ ସେହି ଜଙ୍ଗଲରୁ ଏହାକୁ ସଂଗ୍ରହ କରିବା ଉଚିତ ନୁହେଁ," ଟୁକୁନା କହିଲା I





ପୀୟୂଷ ମନ ଦେଇ ଶୁଣୁଥିଲା I ଟୁକୁନାକୁ ପଚାରିଲା, " ଏହି ଫଳଟି ଏତେ ଟାଣ ? ଏହାକୁ କେମିତି ବ୍ୟବହାର କରା ହେବ ?"

ISSN NO.
2582-208X

"ବେଳେ ବେଳେ ଏହା ଗଛରୁ ପଡ଼ିଲାବେଳେ ଫାଟି ଯାଏ, ନ ହେଲେ ଏହାକୁ ବାଡ଼େଇକି ଫଟା ଯାଏ । କୁହା ଯାଏ ହାତୀ ଏହାକୁ ଗୋଟା ମଧ୍ୟ ଗିଳିଦେଇ ଜୀର୍ଣ୍ଣ କରି ପାରେ," ଟୁକୁନା ଉତ୍ତର ଦେଲା ।

ଛୋଟିଆ ଖଟ ଉପରେ ବସି କଥା ହେଉ ହେଉ ବଡ ବାପା ଅକସ୍ମାତ ଉଠି ଆଗେଇ ଗଲେ ପାକହରେ ଥିବା ଜାମୁ ଗଛ ପାଖକୁ ।

ବେଲ ଚାରାଟିଏ କଅଁଳି ଥିବା ଦେଖି ବଡବାପା ବହୁତ ଖୁସି । "ସହଜରେ ହୁଏ ନାହିଁ ଏହି ଗଛ । କେମିତି କେଜାଣି ହେଇଯାଇଛି, ଏହାର ଯତ୍ନ ନିଅ । ଗଛ ଟିକିଏ ବଡ ହେଇଗଲେ ଏହାର ପତ୍ରକୁ ଆମେ ପୂଜାରେ ଲଗେଇବା ଏବଂ, ଔଷଧ ଭଳି ମଧ୍ୟ ବ୍ୟବହାର ହୋଇ ପାରିବ," ବଡ ବାପା କହିଲେ ।

ଏତିକି ବେଳକୁ, ଖୁଡ଼ୀ ବଡ ହାଣ୍ଡିରେ ହାଣ୍ଡିଏ ଗୁଡ଼ରେ ତିଆରି ବେଳ ପଣା ଆଣି ଥୋଇ ଦେଲେ ସମସ୍ତଙ୍କ ଆଗରେ । ତହିଁରେ ଛେନା, ନଡ଼ିଆ ଆଉ ଗୋଲ ମରିଚ ମଧ୍ୟ ପଡିଛି ।

ବେଲ ପଣା ଗିଲାସଟିଏ ପିଉ ପିଉ ପୀୟୂଷ ଭାବିବାକୁ ଲାଗିଲା, "ଏତେ ସୁଆଦିଆ ଫଳଟିକୁ କାହିଁକି ସମସ୍ତେ ନିଜ ବାଡ଼ିରେ ଲଗାଉ ନାହାନ୍ତି ? ବୋଧ ହୁଏ ସହଜରେ ହୁଏ ନାହିଁ ବୋଲି ?"

"କେମିତି ଲାଗିଲା ?" ବଡ ବାପା ପଚାରିଲେ ପୀୟୂଷ ଆଡକୁ ଚାହିଁ ।

"ବହୁତ ମଜା ଲାଗିଲା ଆଉ ଟିକିଏ ଗରମରୁ ତ୍ରାହି ମଧ୍ୟ ମିଳିଲା,"ପୀୟୂଷ ଉତ୍ତର ଦେଲା ।

"ଯାହା ହେଉ ଠିକ ସମୟରେ ପଣାଟି ଆସି ଗଲା । ସମସ୍ତେ ଗରମରେ ଛଟପଟ ହେଉଥିଲେ," ବଡ ବାପା କହିଲେ ଆଉ ଗୋଟିଏ ଗ୍ଲାସ ପଣା ଭରୁ ଭରୁ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଗପ ହେଲେ ବି ସତ



ଅମରନାଥ ବାରିକ

ଆମେମାନେ ସମସ୍ତେ ଜାଣିଛନ୍ତି ସୁଖ ଓ ଦୁଃଖକୁ ନେଇ ଜୀବନର ନାଟକ ଆରମ୍ଭ ହୋଇଥାଏ । କିଛି ଯନ୍ତ୍ରଣାକୁ ଭୁଲି ଯାଆନ୍ତି ତ କିଛି ଯନ୍ତ୍ରଣାକୁ ଛାତି ତଳେ ଚାପି ରଖନ୍ତି । ଆଉ କିଛି ସ୍ମୃତି ଓ ଅନୁଭୂତି ହୋଇଯାଏ କିନ୍ତୁ ମୁଁ ଜଣେ ଏମିତି ମହିୟସୀ ମହିଳାଙ୍କ ବିଷୟରେ କହୁଛି ଯାହା କେଉଁ ଗ୍ରନ୍ଥ ଉପନ୍ୟାସରେ ନଥିବ ଏବଂ ତାଙ୍କ ପାଖରେ ସଂସାରର ସବୁ ଦୁଃଖ ହାର୍ ମାନିଛି ।

ସାତ ବର୍ଷ ଓ ପାଞ୍ଚ ବର୍ଷ ବୟସର ଦୁଇଟି ଅବୋଧ ଶିଶୁଙ୍କୁ ସମ୍ଭାଳିବା, ତାଙ୍କର ପିନ୍ଧିବା ନାଇବା ଖାଇବା ଏମିତି ଅଳି ଅର୍ଦ୍ଦଳି ସାମନା କରିବା ଓ ତା' ସହିତ ଘରଟା ଯାକର କାମଧନ୍ଦା ସବୁ ନିଜେ କରୁଥାଏ ଅରୁନ୍ଧତୀ । ଦୁଃଖ ସହି ନପାରି କେତେବେଳେ କେମିତି ପଡ଼ୋଶୀ ମାନେ ଆସି ସାହାଯ୍ୟ କରିଦିଅନ୍ତି । ନହେଲେ ଅରୁନ୍ଧତୀକୁ ସବୁ କରିବାକୁ ପଡ଼େ। ସୂର୍ଯ୍ୟଙ୍କ ଉଦୟ ହେବା ପୂର୍ବରୁ ଶେଯ ତ୍ୟାଗ କରି ଯାବତୀୟ କାମ ସାରିଥାଏ । ବେଳେବେଳେ ନିଜେ ଭୋକ ଓପାସରେ ରହି ଆଖିର ଲୁହକୁ ପିଇ ରାତି ବିତାଇ ଦିଏ ସିନା, ସେ ପିଲା ଦୁଇଟିଙ୍କୁ କିଛି ଦୁଃଖ ଜାଣିବାକୁ ଦିଏନି। ସେମାନେ ବା କ'ଣ ଜାଣନ୍ତି ଅଭାବ ଅନାଟନର ଅର୍ଥ ! ତାଙ୍କୁ ଯେମିତି ଯାହା ହେଉ ବାରିଘରରୁ ଶାଗ ମାରିଚ ଆଣି ଏଣୁ ତେଣୁ କରି ଖୁଆଇ ଦିଏ । ଗାଁକୁ କେହି ଜଣେ ଫେରିବାଲା ଆସିଲେ, ଗାଁ ପିଲାମାନେ ତାଙ୍କ ଘରୁ ପଇସା ଆଣି ଚୁଟୁରୁ ମୁଟୁରୁ ଖାଇଥାନ୍ତି । ସେତେବେଳେ ଏ ଦୁଇଟି ବାଳକ ଅଝଟ କରିଥାନ୍ତି ଅରୁନ୍ଧତୀ ପାଖରେ । ହେଲେ ଟଙ୍କେ ଆଠଣା ସବୁ ପୁରୁଣା ବାକ୍ସ ଆଟାଚି ଟିଣା

ISSN NO.
2582-208X


ପର୍ଯ୍ୟନ୍ତ ଅଣ୍ଟାଳି ଥାଏ ଅରୁନ୍ଧତୀ । କାଳେ ବାପା ବୋଉ କିଛି ରଖି ଯାଇଥିବେ । ହେଲେ କିଛି ମିଳେନାହିଁ । ସେ ପିଲା ଦୁଇଙ୍କର ବିକଳ ମୁହଁକୁ ଚାହିଁଆଖିରୁ ଦୁଇ ଟୋପା ଲୁହ ଝରାଇ ଦିଏ ଅରୁନ୍ଧତୀ ।

ବାପାଙ୍କ ଯିବାର ଛଅ ମାସ ଭିତରେ ମା' ବି ଛାଡ଼ି ଚାଲି ଯାଇଥିଲେ ଆରପାରିକୁ । ମାତ୍ର ଏଗାର ବର୍ଷ ବୟସର କୁନି ଝିଅ ଅରୁନ୍ଧତୀ ଦୁଃଖର ବୋଝକୁ ମୁଣ୍ଡେଇ ଚାଲିଥିଲା । ତା'ର ଛୋଟ ଛୋଟ ଦୁଇ ଭାଇଙ୍କୁ ମଣିଷ କରିବା ପାଇଁ ଆପଣେଇ ନେଲା ଦୁଃଖକୁ । ସପ୍ତମ ଶ୍ରେଣୀରେ ପଢିବା ସମୟରେ ପୂର୍ଣ୍ଣଛେଦ ପଡ଼ିଥିଲା ତା'ର ପାଠ ପଢ଼ାରେ । ଦୁଇ ଭାଇଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଆରମ୍ଭ କରିଥିଲା ଛୋଟ ଏକ ବ୍ୟବସାୟ । ଗାଁ ଠାରୁ ଅଳ୍ପ କିଛି ଦୂରରେ ଥିଲା ଏକ ବଜାର । ସେଠାରୁ କିଛି ସଉଦା ବାକିରେ ଆଣି ବିକ୍ରିକରେ ଗାଁରେ । ସେଥିରୁ କିଛି ଲାଭ ରଖି ବାକି ପଇସା ସୁଝି ଦିଏ । ଏମିତି କରି ସେ ପରିବାର ସମ୍ଭାଳି ଥିଲା । ତା' ସଙ୍ଗେ ସଙ୍ଗେ ପିଲାମାନଙ୍କୁ ପାଠ ପଢ଼ାଇ ଉଚିତ୍ ମାର୍ଗ ଦେଖାଇ ଥିଲା । ତା'ର ଏମିତିକା ସ୍ୱଭାବ ଦେଖି ଗ୍ରାମବାସୀ ମାନେ ବଡ଼ ଆଦର କରୁଥିଲେ । ବଡ଼ ହେବା ପରେ ପରବର୍ତ୍ତୀ ସମୟରେ, ସେହି ଗାଁର ନିକଟବର୍ତ୍ତୀ ବସ୍ତିରୁ ଆସିଥିଲେ ଜଣେ ଧନି ଲୋକ ଅରୁନ୍ଧତୀକୁ ବୋହୂ କରି ନେବା ପାଇଁ । କାରଣ ତାଙ୍କୁ ଜଣା ଥିଲା ଯେ ଅରୁନ୍ଧତୀ ଜଣେ ଝିଅ ନୁହେଁ ସେ ହୀରାଟିଏ । କାହିଁକି ନା ଯାହା ସେ କରି ଦେଖାଇଛି ହୁଏ ତ କେଉଁ ମା' ଏମିତି କରି ପାରିବ ନାହିଁ । ମାଛି କୁ ମ ବୋଲି କେବେ କୁହେ ନାହିଁ । ଚିରା ଫଟା ଅଛି ନାହିଁରେ ଦିନ ବିତାଇ, ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ପାରିଛି । ଜୀବନର ପ୍ରକୃତ ଅର୍ଥ କ'ଣ ତାହା ଅରୁନ୍ଧତୀ ଜାଣିଛି । ଦୁଃଖ ଯନ୍ତ୍ରଣା କୋହକୁ ସାମନା କରିପାରିଛି । ଶେଷରେ ଶାଶୂଘରକୁ ଯାଇ ଏହା ପ୍ରମାଣିତ କରି ପାରିଛି କି "ଦୁହିତା ଦୁଇ କୁଳକୁ ହିତା" ।

ସତରେ ଅରୁନ୍ଧତୀର ଏହି ଜୀବନ କାହାଣୀଟି କେଉଁ କାହାଣୀ କି ଗଳ୍ପ ନଥିଲା, ଥିଲା ଏକ ସତ୍ୟ ଘଟଣା, ଯାହାକୁ ଲୋକଲୋଚନକୁ ଆଣିବା କର୍ତ୍ତବ୍ୟ ଭାବିଲି ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଦୋଳି ପରବ



ନୀଳମଣି ଗୃନ୍ଧ

ଏଇଠି ପଡ଼ିଛି ଦୋଳି
ପଟା, ଖାଇ, ଚକିରି
ଝୁଲୁଛି ଦଉଡି ଦୋଳି
ଆ ଖେଳିବୁ ଶଙ୍କିରୀ
ରଜ ପାନ ଖାଇଦେ
ଅଳତାଟି ନାଇଦେ
ତୋ ସାଙ୍ଗ ସଞ୍ଜୁକୁ କହ
ଦୋଳି ଟିକେ ବାହିଦେ।

ବେଗିବେଗି ପିନ୍ଧିଦିଅ
ନୂଆ ଜାମାଯୋଡରେ
ଖୁସିରେ ତ ନ ପଡୁରେ
ଭୂଇଁପରେ ଗୋଡରେ
କାମଧନ୍ଦା ଭୁଲିବ
ସାଇ ଯାଇ ବୁଲିବ
ବନସ୍ତେ ଡାକିଲା ଗଜ
ରଜଗୀତ ବୋଲିବ।

ତିନିଦିନପାଇଁ ଆସେ
ଏଇ ଦୋଳି ପରବ
ଘରେ ହୁଏ ପୋଡ଼ପିଠା
ଛଣାଛଣି ଦରବ
ପଶାପାଲି ପଡ଼ଇ
ଗାଆଁ ମୁଣ୍ଡେ ଡୁଡୁ ଖେଳ
ମେଳଟି ତ ବଢଇ।

ପ୍ରବାସୀ ଫେରିଛି ଗାଆଁ
ଏଇ ରଜ ପାଇଁଟି
ମନେଇବାକୁ  ସରବେ
ରହିଥାନ୍ତି ଚାହିଁଟି
ଏ ପରବ ରଜାରେ
ଅଜା କହିବେ ତା ଗାଥା
ଲାଗିବଟି ମଜାରେ।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଆଇସକ୍ରମ ବାଲା



ମୀନାକ୍ଷି ପାଢ଼ୀ

ଉଦୁଉଦିଆ ଖରାବେଳ ଟା ରେ ଡାକ ଶୁଭିଲା,
'ମଲେଇ', 'ମଲେଇ' ଶବଦେ ମନ ଉଚ୍ଛନ୍ନ ହେଲା ।

ସାଇକେଲଟିକୁ ଗଡ଼ାଇ ଗଡ଼ାଇ ବାଆଁ ହାତରେ,
ପେଏଁ ପେଏଁ କରି ପେଁକାଳୀ ଫୁଙ୍କେ ଡାହାଣ କରେ।

ଅଝଟିଆ ପିଲା କରନ୍ତି ଅଳି ବୋଉ ପାଖରେ,
ଦୁଇ ଟଙ୍କା ଦେଏ କିଣିବି ଗୋଟେ ମନା ନକରେ।

କାଠ ବାକସକୁ ବାନ୍ଧିଛି ସାଇକେଲ ପଛରେ,
ସୋଲ ପେଡ଼ିଟିକୁ ଯତନେ ଖଞ୍ଜି ତାହା ଭିତରେ।

ଭିତରେ ରଖିଛି ସଜାଇ କେତେ ଭଳିକି ଭଳି,
ରଙ୍ଗ, ହଳଦିଆ, ନାରଙ୍ଗୀ, ଆମ୍ବ, ମିଠା କଦଳୀ।

ISSN NO.
2582-208X

ସିମେଇ, ରାବିଡି, ମଧୁର ପୁଣି କମଳା ରସ,
ଭାରୀ ସୁଆଦିଆ ଲାଗଇ ପିଲା ମୁହଁରେ ହସ।

ଖଞ୍ଜିଛି ଯତନେ ପୁରାଇ କାଠି ଭିତରେ ନେଇ,
ରସୁଆଳ ଖଣ୍ଡ ବରଫ କାଗଜରେ ଗୁଡ଼ାଇ।

ପ୍ରଚଣ୍ଡ ଗ୍ରୀଷମ କାଳରେ ବଢ଼ିବା ବେଳେ ଶୋଷ,
ଆଇସକ୍ରିମ ଖିଆ ମଉଜ କରେ ମନ ହରଷ।

ସଭିଙ୍କର ଶୋଷ ମେଣ୍ଟାଏ ସେ ଆଇସକ୍ରିମ ବାଲା,
ନିଜେ କେବେ ଗୋଟେ ଖାଇଛି କେହି ଦେଖିଛ ଭଲା ?

ଶିକ୍ଷୟିତ୍ରୀ, ଚକଟୀ, ଗଂଜାମ

ISSN NO.
2582-208X

# ଚାଲ ଆମେ ଇସ୍କୁଲ ଯିମା



ଆଲୋକ କୁମାର ପଣ୍ଡା

ଚାଲ ଆମେ ଇସ୍କୁଲ୍ ଯିମା(୨ ଥର)
ଚାଲ ମୋର୍ ମୁନା ମାମୁନି ରେ
ପାଠ୍ ପଢ଼ି ମୁନୁସ୍ ହେମା
ଚାଲ ମୋର୍ ମୁନା ମାମୁନିରେ ।
******
ଆଜ୍ଞା ଦିଦି କେତେ ଭଲ ରେ
ନାଇ ପିଟନ୍ କର୍ଶନ ଗେଲ
କେତେ ଗିତ୍ କେତେ କଥାନିରେ
ସବୁ ଆମେ ଯିମା ଜାନି ।
ଏ ମା ଖୁଲି ଯିବା ପତା ଜାନମା
ସବୁ କଥା ହେମା ଗୁନୀ ଆରୁ ମାନୀ
ମୋର୍ ମୁନା ମାମୁନି ରେ ।

ଚାଲ ଆମେ ଇସ୍କୁଲ୍ ଯିମା(୨ ଥର)
ଚାଲ ମୋର୍ ମୁନା ମାମୁନି ରେ
ପାଠ୍ ପଢ଼ି ମୁନୁସ୍ ହେମା
ଚାଲ ମୋର୍ ମୁନା ମାମୁନିରେ ।

ନୂଆ ଜାମା ନୂଆ ବହିରେ
ସବୁ ଦିନ ଭାତ ଭୂଜି
ନାଚି ଡେଗି ପଢମା ପାଠରେ
ପଢ଼ିଲେ ଦିଶିବା ବାଟ ।
ଏ ମା ପାଠ ପଢି ଆମେ ଦୁନିଆ
ଜିତିମା
ଅଜ୍ଞାନ ଯିବା ଦୂରେଇ
ମୋର୍ ମୁନା ମାମୁନିରେ ।

ଚାଲ ଆମେ ଇସ୍କୁଲ୍ ଯିମା(୨ ଥର)
ଚାଲ ମୋର୍ ମୁନା ମାମୁନି ରେ
ପାଠ୍ ପଢ଼ି ମୁନୁସ୍ ହେମା
ଚାଲ ମୋର୍ ମୁନା ମାମୁନିରେ ।

ଶିକ୍ଷକ, କପସିପାଲି ଆଶ୍ରମ
ବିଦ୍ୟାଳୟ,ବଲାଙ୍ଗିର

ISSN NO.
2582-208X

# ପେଟ



କାଳପ୍ରସାଦ ମହାପାତ୍ର

ଥଂତଲ ପେଟର ଅଜବ କାହାଣୀ
ମନରେ ଆସଇ ଯେବେ
ଅଜା ଓ ଜେଜେଙ୍କ କଥା ମନେପଡେ
ଭାବଇ ମୁଁ କେବେକେବେ ।।

ନିଦରେ ଘୁଘୁଁଡି ମାରିଲେ ସେମାନେ
ଉଠଇ ପଡଇ ପେଟ
ପେଟର ଉପରେ ଖଡି ଥୋଇଦେଇ
ଦେଖନ୍ତି ତାହାର ନାଟ ।।

ଉଠିଆସି ଅଜା ନିଶକୁ ଫୁଲାଇ
ବଙ୍କୁଲି ବାଡିଟା ଧରି
ଦେଖିକରି ତାଙ୍କ ବିରାଟ ମୁରତି
ପିଲାଏ ପଳାନ୍ତି ଡରି ।।

ପଛରେ ଗୋଡାନ୍ତି ପେଟକୁ ଝୁଲାଇ
ଆଖି ଲାଲଲାଲ କରି
ପଛରୁ ପିଲାଏ କଛାକୁ ତାଙ୍କର
ମଜାରେ ଦିଅନ୍ତି ଧରି ।।

ଅଜା ତ ଆମର ବଡ ମଜାଳିଆ
ପେଟରେ ବସାଇ ମୋତେ
ଉପର ତଳକୁ ନଚାଇ ନଚାଇ
ହସାଇ ଥାଆନ୍ତି ମୋତେ । ।

ଆଇ ଥୋଇଦେଇ ପାନର ବଟୁଆ
ଅଜାଙ୍କ ପାଖରେ ନେଇ
ପାନଖିଆ ଅଜାଆଇ ଦୁଇଜଣ
ହସନ୍ତି ମୁରୁକି ଚାହିଁ ।।

ISSN NO.
2582-208X

ଅଜାଆଈଙ୍କର ଭଲପାଇବାର
ପାନଖିଆ ମୁକସାଖି
ଆମେ ଯଦି କେବେ ପାନଖଣ୍ଡେ ମାଗୁ
ଡରାଇ ଦେଖାନ୍ତି ଆଖି ।।

ଥଂତଲପେଟଟି ଅଡୁଆ ନଲାଗେ
ଅଜାଙ୍କୁ ଆମର କେବେ
ସକାଳଚଲା ସେ ନକରନ୍ତି କେବେ
କାମରେ ଥାଆନ୍ତି ଯେବେ ।।

ଆଜିକାଲିର ସେ ପେଟାପେଟିଙ୍କର
ପେଟର ଚିନ୍ତାଟି ବେଶି
ସକାଳସଂଜରେ ଚାଲନ୍ତି ରାସ୍ତାରେ
ପେଟକୁ ଦେଖାଇ ବେଶି ।।

ପେଟଟି ଆମର ଅତି ଆପଣାର
ଶରୀରର ମୂଖ୍ୟ ଅଂଗ
ଗୋଡ ହାତ ଆମ ଚାଲି ନ ପାରିବ
ଛାଡ଼ିଲେ ତାହାର ସାଙ୍ଗ । ।

ଶିକ୍ଷକ,ବନ୍ଧୁଗାଁ,କୋରାପୁଟ

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ – ମଇ ସମୀକ୍ଷା



ଦେବଯାନୀ ସ୍ୱାଇଁ

ଶ୍ରଦ୍ଧା ଓ ପବିତ୍ରର ପ୍ରତୀକ ସହିତ ସୌନ୍ଦର୍ଯ୍ୟରେ ଭରା ଆମ ଜାତୀୟ ପୁଷ୍ପ - ପଦ୍ମ। ସେଇ ଲାବଣ୍ୟମୟୀ ପଦ୍ମ କଢ଼ିର ଏକ ଲଳିତ ସୁନ୍ଦର ପ୍ରତିଛବି ନେଇ ଏଥର ଆସିଛି ଆମ ପ୍ରିୟ "ବେଦାନ୍ତୀ" ।

ସମ୍ପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଶିଶୁ ମାନଙ୍କ ଭବିଷ୍ୟତ ଗଠନକୁ କେନ୍ଦ୍ରକରି କହିଛନ୍ତି - କେବଳ ଡାକ୍ତର, ଇଂଜିନିୟର୍ ବନିବାର ଭାର ପିଲା ମାନଙ୍କ ଉପରେ ଲଦି ନ ଦେଇ, ଏକ ଦକ୍ଷ ପିତା ମାତା ତଥା ଅଭିଭାବକ ହିସାବରେ ଆମେ ଆମ ପିଲାର ଅନ୍ତଃର୍ନିହିତ ଶକ୍ତିକୁ ଚିହ୍ନି ତାର ଇଚ୍ଛା ଓ ଆଗ୍ରହକୁ ଧ୍ୟାନ ଦେଇ ତାକୁ ସେହି ଦିଗରେ ଆଗେଇବାକୁ ପ୍ରୋତ୍ସାହନ ଦେବା ଉଚିତ୍।

ଭିତର ପୃଷ୍ଠାରେ ସବୁଥର ଭଳି "ସ୍ୱାସ୍ଥ୍ୟବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ସହିତ ଭରି ରହିଛି ବିଭିନ୍ନ ପ୍ରସଙ୍ଗ ଉପରେ ଗଳ୍ପ ଓ କବିତାର ବିଷୟବସ୍ତୁ। ଶେଷ ପୃଷ୍ଠା ଗୁଡିକରେ ରହିଚି ସବୁଠୁ ଉପଯୋଗୀ "ଚଳିତ ମାସରେ ପଡୁଥିବା ପର୍ବପର୍ବାଣୀ" ଏବଂ ଆକର୍ଷଣୀୟ "ଚିତ୍ର କଥା କହେ" ।

ISSN NO.
2582-208X

ଆମେ ସମସ୍ତେ ଜଣେ ନା ଜଣେ ବ୍ୟକ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହେଇଥାଉ ଯାହା ଆମକୁ କିଛି ଭଲ ଅଭ୍ୟାସ ଗଠନ କରିବାରେ ପ୍ରେରଣା ଦେଇଥାଏ। ସେମିତି କେତେ ଜଣ ଆଦରଣୀୟ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ପରିଚିତ ହେଇଛନ୍ତି ଅସୀମ ଓ ଶୋଭନା, ଧାରାବାହିକ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ। "ଉଠ୍ ପୁଟୁର୍" ରେ ଅଭିର, ସୂର୍ଯ୍ୟ ସହିତ ଘନିଷ୍ଠ ବନ୍ଧୁତା, ସ୍କୁଲ୍ ଛୁଟି ପରେ ଘରକୁ ଯିବାର ବ୍ୟାକୁଳତା, ଛାତ୍ରାବାସର କୋଠରୀ ଭିତରେ ଅଭିକୁ ବିଷର୍ଣ୍ଣ ଓ ବିବ୍ରତ କରିପକାଉ ଥିବା ଗାଁ ର ଚିତ୍ର ଆଉ ମା' ପଣତ କାନିର ଉଷ୍ମତା। ଗାଳ୍ପିକାଙ୍କ "ଘୋଡା ଦୌଡ" ଗଳ୍ପ ଟି ବେଶ୍ ଶିକ୍ଷଣୀୟ। ସତରେ ଆମେ ସମସ୍ତେ ଜୀବନରେ ସୁଖ, ସଫଳତା ପାଇବା ପାଇଁ ଘୋଡା ଦୌଡ ପ୍ରତିଯୋଗିତାରେ ଭାଗ ନେବା ଭଳି ଦୌଡୁଛେ, ହେଲେ ଜୀବନରେ ପ୍ରକୃତ ସୁଖ କିଛି ଅଲଗା। ଏହା ଅଟେ ଚିରନ୍ତନ ସତ୍ୟ - କର୍ମ ହିଁ ପ୍ରକୃତ "ପୂଜା" ଓ "ଏକ ସମୃଦ୍ଧ ଭାଷା ଏକ ସମୃଦ୍ଧ ରାଜ୍ୟର ପରିଚୟ" । ଲୋକ କାହାଣୀ ଓ ଆଲୋଚନାରେ ରହିଚି, "ମା ହିଙ୍ଗୁଳା ଙ୍କ ପୂଜାରେ ନିଶାଣ" ଏବଂ "ମା ଏକ ସଶ୍ରଦ୍ଧ ଉଚ୍ଚାରଣ" । ଏମିତି ରହିଚି ଅନେକ ତଥ୍ୟ ଆଉ ରଚି ସମ୍ପନ୍ନ ଗଳ୍ପ।

କବିତା ଗୁଡିକ ସବୁବେଳେ ମତେ କରନ୍ତି ବାଇଆ। କାହାକୁ ଗାଇବି କାହାଠୁ ଶିଖିବି ହେଉଥାଏ ମୁଁ ବାଉଳା। ହେ ମହାବାହୁ !! ଆନନ୍ଦ ବଜାରେ ଅବଢା ହାଟରେ ସରିଯାଉ ସବୁ ଭୋକ, ବଡଦାଣ୍ଡ ଧୂଳି ଦେହେ ହୋଇ ବୋଲି "ପାଇଯାଏ ମୁହିଁ ମୋକ୍ଷ" । "ଜାଣି ବି ଅଜଣା" ଆଜି ନିର୍ବୋଧ ମାନବ, "ଯୁଦ୍ଧ" ର ମୁହାଣେ ଖୋଜେ ସୁଖର ସନ୍ଧାନ! ସଂସାରେ ସମସ୍ତେ ତ ଦୁଃଖି, "ଆମେ ସୁଖେ ରହିବା", "ଓଡିଶା ଆମ ରାଇଜ ନାଆଁ" । ବରଷା ବାଦଲ, ଧରିତ୍ରୀ ସହିତ "ଗୁନ୍ଥା ଏକ ସୂତ୍ରେ", ଦୁଃଖ ବଢିଲେ କି କମିଲେ "ବାୟାର କି ଯାଏ ଆସେ"।

"କବି ଓ କବିତା", "ଗୋଟେ ଆବେଗର କଥା" । "ଅବୁଝା ଏ ମନ", ଭୁଲି ପାରି ନାହିଁ ତୁମ "ପ୍ରେମ ପ୍ରଲେପ" । "ପ୍ରିୟା ଆଉ ତୁମେ", "ଫଗୁଣେ କପୋତଟିଏ" । "ତୁମ ବିନା ପ୍ରିୟ", କେମିତି ବଞ୍ଚିବି ନେଇ ଏ "ଭଙ୍ଗା ହୃଦୟ"!! "ମୁଁ ଓ ତୁ", ଦୁର୍ଗମ ଜୀବନ ପଥରେ "ଏକ ବାଟୋଇ" । "ମୌସୁମୀ" ତୁମେ ତ ଯାଇଚ ବଦଳି, "ମୁଁ ଯେବେ ଯାଆନ୍ତି ସୁଧୁରି"!! "ମିଛେ ଗର୍ବ କର ନାହିଁ", ଦୁନିଆ ଦାଣ୍ଡରେ ସମସ୍ତେ ଜଣେ ଜଣେ "ଭିକାରୀ"। "ମନ",

ISSN NO.
2582-208X

"ଗାଁ ବରଗଛ", "ମହାନ୍ ଓଡିଶା", "ବିଦେଶେ ସ୍ୱଦେଶ ସ୍ମୃତି" ଭଳି ରହିଚି ଅନେକ ସୁନ୍ଦର କବିତା।

ସ୍ୱାସ୍ଥ୍ୟ ବିଭାଗରେ "ବିଶ୍ୱ ମ୍ୟାଲେରିଆ ଦିବସ ଉପଲକ୍ଷେ ବାର୍ତ୍ତା" ଏବଂ "ଶରୀର ପାଇଁ ଜଳର ଉପାଦେୟତା" ।

ଆମ ହାଣ୍ଡିଶାଳରେ ଗରମା ଗରମ "ଛେନା ପଲାଉ" ଓ "ପିପର ମସରୁମ୍", ତା ସାଥୀରେ ଖାଇବାକୁ "ଦହି ପନିର୍" ।

ସବୁଥର ଭଳି "ଶିଶୁ ବିଭାଗ" ଶିକ୍ଷଣୀୟ ଓ ମଜାଦାର୍। ହେଲେ ଏଥରକ ଶିଶୁବିଭାଗର ମୁଖ୍ୟ ଶିକ୍ଷକ "ଡା.ରଞ୍ଜିତ କୁମାର ସାହୁ" ଙ୍କ ଅନୁପସ୍ଥିତି ଶିଶୁବିଭାଗକୁ ଟିକେ ନିସ୍ତେଜ, ନିରସ କରିଦେଇଛି।

କୁନି ଆଦବିକା ତା ଚିତ୍ରରେ ଆଙ୍କି ଦେଇଛି, ଶୁଭ୍ର ଆକାଶ, ଉଜ୍ଜ୍ୱଳ ସୂର୍ଯ୍ୟ, ଉତ୍ତୋଳିତ ପର୍ବତ, ନୀଳ ସାଗର ପାର୍ଶ୍ୱରେ ସବୁଜ ଲହରୀ। ପ୍ରକୃତିର ଏଇ ଅସାଧାରଣ ସୌନ୍ଦର୍ଯ୍ୟକୁ ଦେଖି ମୋର ମନେ ପଡି ଯାଉଛି କେଉଁଠି ଥରେ ପଢିଥିବା ଇଂରାଜୀର ଦୁଇ ଧାଡି– Nature is the art of God, always take time to stop and smell the rose. ଆଜିର ବ୍ୟସ୍ତବହୁଳ ଜୀବନ ଭିତରେ ଆମ ସମସ୍ତଙ୍କୁ କିଛି ସମୟ ଦେବାକୁ ପଡିବ ସୌନ୍ଦର୍ଯ୍ୟଭରା ପ୍ରକୃତିକୁ ଉପଭୋଗ ତଥା ତଦାରଖ କରିବା ପାଇଁ, ହେଲେ ମନୁଷ୍ୟର ଅତ୍ୟଧିକ ଲୋଭ, ଲାଳସା ପ୍ରକୃତିର ସୌନ୍ଦର୍ଯ୍ୟକୁ ଛାରଖାର କରିବାରେ ଲାଗିଚି।

ଶେଷରେ ଏଇ ମାସରେ ପଡୁଥିବା ସମସ୍ତ ପର୍ବପବାଣୀ ମଧ୍ୟରେ ଲୋକପ୍ରିୟ ପର୍ବ ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀର ଶୁଭେଚ୍ଛା ଓ ଶୁଭକାମନା।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୬/୨୦୨୩ | ଚମ୍ପକ ଦ୍ୱାଦଶୀ |
| ୦୨/୦୬/୨୦୨୩ | ଶିବଚତୁର୍ଦ୍ଦଶୀ ଉପବାସ |
| ୦୩/୦୬/୨୦୨୩ | ପୂର୍ଣ୍ଣିମାର ଚନ୍ଦ୍ରପୂଜା |
| ୦୪/୦୬/୨୦୨୩ | ଦେବସ୍ନାନ ପୂର୍ଣ୍ଣିମା |
| ୧୪/୦୬/୨୦୨୩ | ପହିଲି ରଜ, ଖଳିଲାଗି ଏକାଦଶୀ,<br>ପଠାଣି ସାମନ୍ତଙ୍କ ତିରୋଧାନ ଦିବସ |
| ୧୫/୦୬/୨୦୨୩ | ମିଥୁନ(ରଜ) ସଂକ୍ରାନ୍ତି |
| ୧୬/୦୬/୨୦୨୩ | ଭୂଦାହ, ଶେଷ ରଜ, ଅଣସର ତ୍ରୟୋଦଶୀ |
| ୧୮/୦୬/୨୦୨୩ | ମାବାସ୍ୟା ଓ ନେତ୍ରୋତ୍ସବ |
| ୧୯/୦୬/୨୦୨୩ | ଉଭାଯାତ୍ରା, ନବଯୌବନ ଦର୍ଶନ |
| ୨୦/୦୬/୨୦୨୩ | ଶ୍ରୀଗୁଣ୍ଡିଚା (ରଥଯାତ୍ରା) |
| ୨୪/୦୬/୨୦୨୩ | ହେରା ପଞ୍ଚମୀ |
| ୨୬/୦୬/୨୦୨୩ | ପର୍ଶୁରାମାଷ୍ଟମୀ |
| ୨୭/୦୬/୨୦୨୩ | ବିପତ୍ତାରିଣୀ ବ୍ରତ ଓ ନବମୀର ସନ୍ଧ୍ୟା ଦର୍ଶନ |
| ୨୮/୦୬/୨୦୨୩ | ବାହୁଡା ଯାତ୍ରା |
| ୨୯/୦୬/୨୦୨୩ | ସୁନାବେଶ, ଲକ୍ଷ୍ମୀନାରାୟଣ ବ୍ରତ, ଇଦୁଜଜୁହା |
| ୩୦/୦୬/୨୦୨୩ | ଗରୁଡ ଶୟନ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ମଇ ମାସର ବିଜେତାଙ୍କ ନାମ



ISSN NO.
2582-208X

ଘର ଘର ବୁଲି ବିକ୍ରି କରେ କ୍ଷୀର
କୁଟୁମ୍ବ ପୋଷିବା ପାଇଁ
ନିଜର କରମ କରିବାକୁ ଭଲା
କୁଣ୍ଠାବୋଧ ହେବି କାହିଁ,
କର୍ମ ମୋର ଭଗବାନ...
ସାଇକେଲ ଥିଲା, ଏବେ ମୁଁ କିଣିଛି
ନୂଆଟେ ମୋଟର ଯାନ ।।

ରୋହିତ ସେଠୀ, ଖଜୁରୀପଡ଼ା, କନ୍ଧମାଳ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**